

କେନ୍ଦ୍ରମନ୍ତ୍ରୀଙ୍କୁ ଭେଟିଲେ ବିଷ୍ଣୁଦେବ | ୬

# ଓଡ଼ିଶା ଭାସ୍କର

ODISHA BHASKAR

ଯାହା ଆପଣଙ୍କ କଥା କହେ

facebook.com/odishabhaskar
twitter.com/odishabhaskar
GET IT ON Google Play | Download on the App Store



ଚିଲିରେ ସୁଟିଂ ହେବ ଶାହାରୁଖଙ୍କ 'ପଠାନ ୨' | ୮

RNI Regd. No.ORI ORI 2004/12956 Postal Regd. No. BN/294/21-232 Published Simultaneously from Bhubaneswar, Angul & Berhampur. www.odishabhaskar.com

ଦ୍ୱାବିଂଶତମ ବର୍ଷ ସଂଖ୍ୟା-୪୨ Vol. 22 No-42 13 MAY 2025 TUESDAY, BHUBANESWAR ମଙ୍ଗଳବାର, ୧୩ ମଇ ୨୦୨୫ ପୃଷ୍ଠା-୮ ମୂଲ୍ୟ: ୬.୦୦

## ସଂକ୍ଷେପରେ...

### ଓଡ଼ିଶାରେ ମୋହନ ଭାଗବତ

ଭୁବନେଶ୍ୱର,୧୨।୫(ଭାସ୍କର ନ୍ୟୁଜ): ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ସରସଂଘ ଚାଳକ ମୋହନ ଭାଗବତ ଏକ ୩ ଦିନିଆ ଓଡ଼ିଶା ଗସ୍ତରେ ଆସି ଭୁବନେଶ୍ୱରରେ ପହଞ୍ଚିବା ପରେ କଟକ ଯାଇଛନ୍ତି। ସେଠାରେ ଆରଏସଏସ ପ୍ରଶିକ୍ଷଣ ଶିବିରରେ ସେ ଯୋଗଦେବେ ବୋଲି ସୂଚନା ଦିଆଯାଇଛି।

### ୮୫ ଆଇପିଏସ୍‌ଙ୍କୁ କେନ୍ଦ୍ରୀୟ ଆଇଜି ର୍ୟାଙ୍କ୍

ନୂଆଦିଲ୍ଲୀ,୧୨।୫: ଦେଶର ୮୫ଜଣ ଆଇପିଏସ୍ ଅଧିକାରୀଙ୍କୁ କେନ୍ଦ୍ରୀୟ ଆଇଜି ର୍ୟାଙ୍କ ପ୍ରଦାନ କରାଯାଇଛି। ୧୯୯୮ରୁ ୨୦୦୭ ବ୍ୟାଚ୍‌ର ଅଧିକାରୀଙ୍କୁ ଏହା ପ୍ରଦାନ କରାଯାଇଛି। ଓଡ଼ିଶାରୁ ଆଇପିଏସ୍ ରାଜେଶ କୁମାର ଏବଂ ଆଇପିଏସ୍ ଅନୁପ ସାହୁ ସେମାନଙ୍କ ମଧ୍ୟରେ ସ୍ଥାନ ପାଇଛନ୍ତି।

### ଆଜିଠୁ ବିଜେପିର ତ୍ରିରଙ୍ଗା ଯାତ୍ରା

ଭୁବନେଶ୍ୱର,୧୨।୫(ଭାସ୍କର ନ୍ୟୁଜ): ଅପରେସନ ସିନ୍ଦୂର ସଫଳ ହେବାପରେ ବିଜେପି ପକ୍ଷରୁ ମଙ୍ଗଳବାରଠାରୁ ଆସନ୍ତା ୨୩ ତାରିଖ ପର୍ଯ୍ୟନ୍ତ ଦେଶର ବିଭିନ୍ନ ସ୍ଥାନରେ ତ୍ରିରଙ୍ଗା ଯାତ୍ରା ଆୟୋଜନ କରାଯାଉଛି। ଏଥିରେ ମନ୍ତ୍ରୀ, ସାଂସଦ ଓ ନିର୍ବାଚିତ ପ୍ରତିନିଧି ଯୋଗଦେବେ।


### ଆଜି ସିବିଏସ୍‌ଇ ୧୦ମ-ଦ୍ୱାଦଶ ପରୀକ୍ଷାଫଳ!

ନୂଆଦିଲ୍ଲୀ,୧୨।୫: ମଙ୍ଗଳବାର କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷାବୋର୍ଡ-ସିବିଏସ୍‌ଇ ୧୦ମ ଓ ଦ୍ୱାଦଶ ଶ୍ରେଣୀ ପରୀକ୍ଷାଫଳ ପ୍ରକାଶ ପାଇବାର ସମ୍ଭାବନା ରହିଛି।

ସେନ୍‌ସେକ୍ସ: ୮୨,୪୨୯.୯୦
ସର୍ବାଧିକ: ୩୮.୪ ଡିଗ୍ରୀ
ସର୍ବନିମ୍ନ: ୨୮.୮ ଡିଗ୍ରୀ

**୧୨।୫।୨୦୨୫ ର ମତାମତ**

ବ୍ରହ୍ମୋସ ମିସାଇଲ ଶତ୍ରୁପକ୍ଷକୁ ଚକ୍‌ମା ଦେବାରେ ସମର୍ଥ ହେବ କି?




**ଆଜିର ପ୍ରସଙ୍ଗ**

ବିଜେପିର ତ୍ରିରଙ୍ଗା ଯାତ୍ରା ଜାତୀୟ ଏକତାକୁ ସଂଗଠିତ କରିବ କି?

ମତାମତ ଦେବା ପାଇଁ ଲଗ୍‌ଅନ୍ କରନ୍ତୁ www.odishabhaskar.com

## ଅସ୍ତ୍ରବିରତି ପରେ ଦେଶବାସୀଙ୍କୁ ପ୍ରଧାନମନ୍ତ୍ରୀଙ୍କ ସମ୍ବୋଧନ

# 'ଅପରେସନ ସିନ୍ଦୂର' ନ୍ୟାୟର ଅଖଣ୍ଡ ପ୍ରତିଜ୍ଞା



- ସାରା ବିଶ୍ୱ ଦେଖିଲା ଭାରତର ଯୁଦ୍ଧକୌଶଳ
- ସେନାର ବୀରତ୍ୱ ଓ ଏକତା ଆମର ଗର୍ବ
- ଆତଙ୍କବାଦ ବିରୋଧରେ ଜାରି ରହିବ ଲଢେଇ
- ୧୦୦ରୁ ଊର୍ଦ୍ଧ୍ୱ ଆତଙ୍କବାଦୀ ନିପାତ
- ପରମାଣୁ ଧମକକୁ ଡରିବନି ଭାରତ
- ପୁନଃ ଆକ୍ରମଣ ହେଲେ ଦୃଢ଼ ଜବାବ

ନୂଆଦିଲ୍ଲୀ,୧୨।୫: 'ଅପରେସନ ସିନ୍ଦୂର' କେବଳ ଏକ ନାମ ନୁହେଁ, ଏହା କୋଟି କୋଟି ଭାରତୀୟଙ୍କ ଭାବନା ଓ ଆକ୍ରୋଶର ପ୍ରତିଫଳନ। ଅପରେସନ ସିନ୍ଦୂର ହେଉଛି ନ୍ୟାୟର ଅଖଣ୍ଡ ପ୍ରତୀକ। ଏହା ଭାରତର ଦୃଢ଼ ନିଷ୍ପତ୍ତି ଓ ଶକ୍ତିର ପ୍ରମାଣ। ଗତ ଏପ୍ରିଲ ୨୨ରେ ଜାମ୍ମୁକାଶ୍ମୀର ପହଲଗାମରେ ହୋଇଥିବା ଆତଙ୍କୀ ଆକ୍ରମଣ ବର୍ବର ଓ ଜଘନ୍ୟ। ଏଥିରେ ୨୬ଜଣ ନିରୀହ ନାଗରିକଙ୍କ ଜୀବନଦୀପ ଲିଭି ଯାଇଥିଲା। ତାହାର ଜବାବରେ ଭାରତୀୟ ସେନା ପାକିସ୍ତାନ ଓ ପାକିସ୍ତାନ ଅଧିକୃତ କାଶ୍ମୀରରେ ଥିବା ଆତଙ୍କବାଦୀ ଶିବିର ଉପରେ ଗତ ୭ ତାରିଖ ଭୋର୍ ସମୟରେ ଅପରେସନ ସିନ୍ଦୂର ଜରିଆରେ ଆକ୍ରମଣ କରିଥିଲା। ଏହି ଅପରେସନରେ ୯ଟି ଆତଙ୍କୀ ଶିବିର ଧ୍ୱଂସ ହୋଇଯାଇଥିଲା। ଏହି ଅବସରରେ ମୋଦୀ ଭାରତୀୟ ସେନାର ଅଦମ୍ୟ ସାହସ ଓ ବୀରତ୍ୱକୁ ସାଲ୍ୟୁଟ କରିବା ସହ ଭାରତର ପରାକ୍ରମୀ ସେନା, ସଶସ୍ତ୍ରବଳ, ବୈଜ୍ଞାନିକ, ଗୁଇନ୍ଦା ସଂସ୍ଥା ଓ ଭାରତବାସୀଙ୍କ ଏକତାକୁ ସାଲ୍ୟୁଟ୍ କରିଥିଲେ। ମୋଦୀ କହିଥିଲେ, ପହଲଗାମକୁ ଛୁଟି କାଟିବାକୁ ଯାଇଥିବା ନିର୍ଦ୍ଦୋଷଙ୍କୁ ଆତଙ୍କବାଦୀମାନେ ପରିବାର ସଦସ୍ୟଙ୍କ ଆଗରେ ଧର୍ମ ପଚାରି ବୀଭତ୍ସଭାବେ ହତ୍ୟା କରିଥିଲେ। ଏହା ସବୁଠୁ ଅତି ଜଘନ୍ୟ ଓ କ୍ରୁର ଥିଲା। ସେତେବେଳେ ସାରା ଦେଶରୁ ଆତଙ୍କବାଦ ବିରୁଦ୍ଧରେ ଲଢେଇ ପାଇଁ ସ୍ୱର ଉଠିଥିଲା। ଆମର ସେନା ତିନିଦିନ ଧରି ଯେଉଁ ସଂଘର୍ଷ ଓ ଅସୀମ ବୀରତ୍ୱ ପ୍ରଦର୍ଶନ କଲେ, ତାହା ମା'ଭଉଣୀଙ୍କ ମୁଣ୍ଡରୁ ଯେଉଁ ସିନ୍ଦୂର ଲିଭିଥିଲା ତାହାର ପ୍ରତିଶୋଧ ବୋଲି କୁହାଯାଇପାରେ। ମୋଦୀ କହିଥିଲେ, ଭାରତୀୟ ସେନା ପାକିସ୍ତାନର ଅନେକ ସାମରିକ ଘାଟି ଏବଂ ବାୟୁସେନା ଘାଟିକୁ କ୍ଷତି କରିବା ପରେ ପାକିସ୍ତାନ ହତାଶ ହୋଇ ବିଶ୍ୱ ସମୁଦାୟଙ୍କୁ ଉତ୍ତେଜନା ହ୍ରାସ ପାଇଁ ନିବେଦନ କରିଥିଲା। ଏହାସହ ପାକିସ୍ତାନ ସେନା ଭାରତ ସହ ମଧ୍ୟ ସିଧାସଳଖ ଯୋଗାଯୋଗ କରିଥିଲା। ପ୍ରଧାନମନ୍ତ୍ରୀ ଆହୁରି କହିଥିଲେ ଯେ ଆମେ ଶାନ୍ତି ଚାହୁଁ, କିନ୍ତୁ ଆତଙ୍କବାଦକୁ କେବେ ବି ବରଦାସ୍ତ କରିବୁ ନାହିଁ। ପାକିସ୍ତାନର ଏହି ନିବେଦନ ସେମାନଙ୍କ ଦୁର୍ବଳତା ଓ ଆତଙ୍କବାଦୀ ସମର୍ଥନର ପରାଜୟକୁ ଦର୍ଶାଉଥିବା ସେ କହିଥିଲେ। ବୈଦେଶିକ ସଚିବ ବିକ୍ରମ ମିଶ୍ରି ଅନ୍ତର୍ଜାତୀୟ ମଞ୍ଚରେ ଭାରତର ଏହି କାର୍ଯ୍ୟକୁ ନ୍ୟାୟସଂଗତ ବୋଲି ପ୍ରମାଣିତ କରିଥିବାବେଳେ ଜାତୀୟ ସୁରକ୍ଷା ଉପଦେଷ୍ଟା ଅଜିତ ଡୋଭାଲଙ୍କ ନେତୃତ୍ୱରେ ଏହି ଅପରେସନ ସଫଳ ହୋଇଥିଲା। ସେ କହିଥିଲେ, ବୈଜ୍ଞାନିକଙ୍କ ଅଭିନବ ଗବେଷଣା ଓ ପ୍ରଯୁକ୍ତିବିଦ୍ୟା ଦେଶର ପ୍ରତିରକ୍ଷା ଶକ୍ତିକୁ ଅଧିକ ସୁଦୃଢ଼ କରିଛି। ଏହି ଅବସରରେ ଦେଶବାସୀଙ୍କୁ ଏକତା ଓ ସମର୍ପଣର ବାର୍ତ୍ତା ଦେଇ ମୋଦୀ କହିଥିଲେ ଯେ ସମସ୍ତେ ମିଳିମିଶି ଭାରତକୁ ଏକ ଶକ୍ତିଶାଳୀ ରାଷ୍ଟ୍ରଭାବେ ଗଢି ତୋଳିବା ଆମର ଲକ୍ଷ୍ୟ। ଏହି ଅବସରରେ ମୋଦୀ କହିଥିଲେ ଯେ ଯଦି ପାକିସ୍ତାନ ପୁଣିଥରେ • ପୃଷ୍ଠା ୫ ଦେଖନ୍ତୁ

## କ୍ରିକେଟ୍‌ରେ ବିରାଟ ଶୂନ୍ୟସ୍ଥାନ

# ଟେଷ୍ଟକୁ କୋହଲିଙ୍କ ବାଏ ବାଏ



ନୂଆଦିଲ୍ଲୀ,୧୨।୫: ଟେଷ୍ଟ କ୍ରିକେଟକୁ ବିରାଟ କୋହଲିଙ୍କ ବାଏ ବାଏ। ଭାରତୀୟ କ୍ରିକେଟର ସୁପରଷ୍ଟାର ବିରାଟ କୋହଲି ସୋମବାର ଅନ୍ତର୍ଜାତୀୟ ଟେଷ୍ଟ କ୍ରିକେଟରୁ ଅବସର ଘୋଷଣା କରିଛନ୍ତି। ଏକ ଇନଷ୍ଟାଗାମ ପୋଷ୍ଟ ଜରିଆରେ କୋହଲି ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି, ୧୪ବର୍ଷ ତଳେ ମୁଁ ପ୍ରଥମ ଥର ବ୍ୟାଗି ବ୍ଲୁ ଜର୍ସି ପିନ୍ଧିଥିଲି। ଟେଷ୍ଟ କ୍ରିକେଟ ସର୍ବଦା ମୋତେ କିଛି ନୂଆ ଶିଖିବାରେ ସାହାଯ୍ୟ କରିଛି, ଯାହା ମୋ ଜୀବନଭରି ମନେ ରହିବ। ଭାରତ ପାଇଁ ହ୍ୱାଇଟ୍ସରେ ଖେଳିବା ବା ଟେଷ୍ଟ ଜର୍ସି ପିନ୍ଧିବା ମୋ ପାଇଁ ସର୍ବଦା ସ୍ୱତନ୍ତ୍ର ରହିବ ବୋଲି ମଧ୍ୟ ସେ ଲେଖିଛନ୍ତି। ଏହି ଫର୍ମାଟରୁ ଓହରିବା ଯଦିଓ ମୋ ପାଇଁ କଠିନ ନିଷ୍ପତ୍ତି, ତେବେ ବର୍ତ୍ତମାନ ଅବସର ନେବା ହେଉଛି ସଠିକ ସମୟ। ଟେଷ୍ଟ କ୍ରିକେଟକୁ ମୁଁ ସଦାସର୍ବଦା ଶ୍ରେଷ୍ଠ ଦେବାକୁ ପ୍ରୟାସ କରିଛି। ସେହିପରି କ୍ରିକେଟକୁ ମୁଁ ଯେତିକି ଦେଇଛି, ତାଠାରୁ ଅଧିକ ମଧ୍ୟ ପାଇଛି। ଯେଉଁ କ୍ରିକେଟରମାନଙ୍କ ସହ ପଡ଼ିଆ ଓ ଡ୍ରେସିଂ ରୁମ୍‌ରେ ସେୟାର କରିଛି, ସେମାନଙ୍କ ନିକଟରେ • ପୃଷ୍ଠା ୫ ଦେଖନ୍ତୁ

## ପଣ୍ଡିତ ରଘୁନାଥ ମୁର୍ମୁଙ୍କ ଜନ୍ମବାର୍ଷିକୀରେ ମୁଖ୍ୟମନ୍ତ୍ରୀ

# ସାନ୍ତାଳୀ ଭାଷାର ପ୍ରସାର ପାଇଁ ପଦକ୍ଷେପ ନିଆଯିବ




- ୧୦୦ବର୍ଷ ପୂର୍ତ୍ତି ସମାରୋହ ରାଜ୍ୟବ୍ୟାପୀ ପାଳିତ ହେବ
- ବାରିପଦାରେ ପ୍ରତିଷ୍ଠା ହେବ ଅଲଚିକି ଲାଇବ୍ରେରୀ
- ୫୦ କୋଟି ଟଙ୍କାର ପ୍ୟାକେଜ ଘୋଷଣା କଲେ ମୁଖ୍ୟମନ୍ତ୍ରୀ
- ସ୍ମୃତିପୀଠ ହେବ ବାସଭବନ, ସମାଧିପୀଠ

ଭୁବନେଶ୍ୱର/ରାଇରଙ୍ଗପୁର,୧୨।୫(ଭାସ୍କର ନ୍ୟୁଜ): ସାନ୍ତାଳୀ ଭାଷାର ଅଲଚିକି ଲିପି ଉଦ୍ଭାବନର ଶତବାର୍ଷିକୀ ଏବଂ ଗୁରୁ ଗୋମକେ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ୧୨୦ ତମ ରାଜ୍ୟସ୍ତରୀୟ ଜନ୍ମବାର୍ଷିକୀ ଉତ୍ସବ ସୋମବାର ମୟୂରଭଞ୍ଜ ଜିଲ୍ଲା ରାଇରଙ୍ଗପୁର ଅନ୍ତର୍ଗତ ମହୁଲଡିହା ଅଂଚଳରେ ମହାସମାରୋହରେ ପାଳିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ, ଦାଣ୍ଡବୋଷ ଅଞ୍ଚଳରେ ଥିବା ପଣ୍ଡିତ ମୁର୍ମୁଙ୍କ ବାସଭବନକୁ ସ୍ମାରକୀ ତୀର୍ଥସ୍ଥଳୀ ଓ ତାଙ୍କ ସମାଧି ପୀଠକୁ ଐତିହ୍ୟ ସ୍ମୃତି ପୀଠ ଭାବେ ପରିଣତ କରିବାକୁ ଘୋଷଣା କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଏହା ମଧ ଘୋଷଣା କରିଛନ୍ତି ଯେ, ଅଲଚିକି ଲିପିର ୧୦୦ ବର୍ଷ ପୂରଣ ସମାରୋହ ୧ ବର୍ଷ ବ୍ୟାପୀ ସାରା ରାଜ୍ୟରେ ହେବ ଓ ସାନ୍ତାଳୀ ଭାଷାର ପ୍ରଚାର ପ୍ରସାର ପାଇଁ ଏକ ଅନ୍ତର୍ଜାତୀୟ ସେମିନାର ଆୟୋଜନ ହେବ। ଏଥିସହିତ, ପଣ୍ଡିତ ମୁର୍ମୁଙ୍କ ରଚିତ ସମସ୍ତ ପୁସ୍ତକ ଗୁଡ଼ିକୁ ଜନାଦୃତ କରାଇବା ପାଇଁ, ବାରିପଦାରେ ଅଲଚିକି ଲାଇବ୍ରେରୀ ପ୍ରତିଷ୍ଠା, ପଣ୍ଡିତ ରଘୁନାଥ ମୁର୍ମୁ ଓପନ ଥିଏଟର-ସଂଗ୍ରହାଳୟ, ଏବଂ ତାଙ୍କ କର୍ମଭୂମି ଠାରେ ଐତିହ୍ୟ ଭବନ ପ୍ରତିଷ୍ଠା କରାଯିବ ବୋଲି ସେ ଘୋଷଣା କରିବା ସହିତ ଏହି ସବୁ କାର୍ଯ୍ୟ ପାଇଁ ସମୁଦାୟ ୫୦ କୋଟି ଟଙ୍କାର ପ୍ୟାକେଜ ଘୋଷଣା କରିଥିଲେ। କାର୍ଯ୍ୟକ୍ରମରେ ଉଦବୋଧନ ଦେଇ, ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ପଣ୍ଡିତ ମୁର୍ମୁଙ୍କ ଜୀବନ କେବଳ ଜଣେ ବ୍ୟକ୍ତି ଭାବେ ନୁହେଁ, ସେ ଏକ ଆନ୍ଦୋଳନ, ଏକ ଚେତନା, ଏକ ଶିଳ୍ପ ଓ ସଂସ୍କୃତିର ଅଭିଜ୍ଞାନ। ଅଲଚିକି ଲିପିର ୧୦୦ ବର୍ଷ ପୂର୍ତ୍ତି ପାଳନ କେବଳ ଜଣେ ଉଦ୍ଭାବକଙ୍କ ମାନସିକ ସୃଷ୍ଟିର ସମ୍ମାନ ନୁହେଁ, ବରଂ • ପୃଷ୍ଠା ୫ ଦେଖନ୍ତୁ

## ଅପରେସନ ସିନ୍ଦୂର ନେଇ ସେନାର ସୂଚନା

# ଆମର ଏୟାର ଡିଫେନ୍ସ ସିଷ୍ଟମ ଭେଦିବା ଅସମ୍ଭବ




ନୂଆଦିଲ୍ଲୀ,୧୨।୫: ଭାରତ ଏବଂ ପାକିସ୍ତାନ ମଧ୍ୟରେ ଅସ୍ତ୍ରବିରତି ପରେ ସୀମାରେ ଶାନ୍ତି ଦେଖିବାକୁ ମିଳିଛି। ଏହି ସମୟରେ ଅପରେସନ ସିନ୍ଦୂରକୁ ନେଇ ୩ ସେନାମୁଖ୍ୟ, ସିଡିଏସ୍ ଜେନେରାଲ ଅନୀଲ ଚୌହାନ, ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ ଡୋଭାଲ ଏବଂ ବୈଦେଶିକ ସଚିବ ବିକ୍ରମ ମିଶ୍ରିଙ୍କ ସହ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଏୟାର ମାର୍ଶାଲ ଏ.କେ.ଭାରତୀ କହିଥିଲେ ଯେ ରବିବାର ଆମେ ପାକିସ୍ତାନ ଓ ପିଓକେରେ ଥିବା ଆତଙ୍କୀ ସଂଗଠନଗୁଡ଼ିକ ବିରୋଧରେ ଅପରେସନ ସଂପର୍କରେ ବିସ୍ତୃତ ସୂଚନା ଦେଇଥିଲୁ। ଆମର ଲଢେଇ ଆତଙ୍କବାଦ ଓ ଆତଙ୍କବାଦୀଙ୍କ ବିରୁଦ୍ଧରେ ଥିଲା। ତେଣୁ ଗତ ୭ ତାରିଖରେ ଆମେ କେବଳ ଆତଙ୍କବାଦୀ ଆଡ୍ଡା ଉପରେ ଆକ୍ରମଣ କରିଥିଲୁ। କିନ୍ତୁ ଦୁର୍ଭାଗ୍ୟଜନକ କଥା ଯେ ପାକିସ୍ତାନୀ ସେନା ଆତଙ୍କବାଦୀଙ୍କୁ ସମର୍ଥନ କରିବାକୁ ଉଚିତ ମନେ କଲା ଏବଂ ଆତଙ୍କବାଦୀଙ୍କ ଲଢେଇକୁ ନିଜର ଲଢେଇ ବୋଲି ଭାବି ନେଇଗଲା। କିନ୍ତୁ ଆମେ ଆଗରୁ ସ୍ପଷ୍ଟ କରିଥିଲୁ, ପାକିସ୍ତାନୀ ସେନା କିମ୍ବା ତାଙ୍କ ଆଡ୍ଡାକୁ ଧ୍ୱଂସ କରିବା ଆମର ଉଦ୍ଦେଶ୍ୟ ନୁହେଁ। ପାକ୍ ସେନା ଆମକୁ ଜବାବ ଦେବାପାଇଁ ବାଧ୍ୟ କରିଥିଲା ଏବଂ ଆମେ ସଂପୂର୍ଣ୍ଣ ବଳ ସହିତ ଜବାବ ମଧ୍ୟ ଦେଇଛୁ। ପାକିସ୍ତାନୀ ସେନା ଆମ ଉପରେ ଆକ୍ରମଣ କରିଥିଲା। ପାକିସ୍ତାନ ପକ୍ଷରୁ ପଠାଯାଇଥିବା ତୁର୍କୀ ଓ ଚୀନର ରକେଟ ଓ ଡ୍ରୋନକୁ ଆକାଶମାର୍ଗରେ ହିଁ ଧ୍ୱଂସ କରି • ପୃଷ୍ଠା ୫ ଦେଖନ୍ତୁ

### ଡିଜିଏମ୍‌ଓସ୍ତରୀୟ ଆଲୋଚନା ଶେଷ
### ଗୋଟିଏ ବି ଗୁଳି ଫୁଟିବନି

ନୂଆଦିଲ୍ଲୀ,୧୨।୫: ଭାରତ ଓ ପାକିସ୍ତାନ ମଧ୍ୟରେ ଅସ୍ତ୍ରବିରତି ପରେ ସୋମବାର ଅପରାହ୍ନରେ ପାକିସ୍ତାନର ଡିଜିଏମ୍‌ଓ ଏବଂ ଭାରତର ଡିଜିଏମ୍‌ଓଙ୍କ ମଧ୍ୟରେ ହଟ୍‌ଲାଇନ୍ ମାଧ୍ୟମରେ ଆଲୋଚନା ହୋଇଥିଲା। ଆଲୋଚନା ସମୟରେ ସୀମାରେ ଆଉ ଗୋଟିଏ ବି ଗୁଳି ଫୁଟିବନି ବୋଲି ଉଭୟପକ୍ଷ ସହମତ ହୋଇଥିଲେ। ସେହିପରି ସୀମାରେ ଉଭୟପକ୍ଷ ସୈନ୍ୟ ହ୍ରାସ ପାଇଁ ରାଜି ହୋଇଥିବା ସୂଚନା ଦିଆଯାଇଛି। ସେହିପରି ସୀମାନ୍ତର ଫରଓ୍ୱାର୍ଡରୁ ସୈନ୍ୟ ଅପସାରଣ ପାଇଁ ବି ଆଲୋଚନା ହୋଇଥିଲା। ଏଥିପୂର୍ବରୁ ଅସ୍ତ୍ରବିରତି ନେଇ ଉଭୟପକ୍ଷ ମଧ୍ୟରେ ମଧ୍ୟ ଆଲୋଚନା ହୋଇଥିଲା।

## ତୀର୍ଯ୍ୟକ

ଅର୍ଜିତ ଅନିର୍ବାଣ



ଅପରେସନ ସେ ସିନ୍ଦୂରକୁ ନେଇ
ମୋଦୀ ଦେଲେ ସମ୍ଭାଷଣ
ଭାରତୀୟ ସେନା ଏମିତି କଷିଲା
ମୁହଁ ବାହାରିଲା ଫେଣ
ଭାଙ୍ଗିଲା ଆତଙ୍କୀ ଟାଣ
ବିଶ୍ୱ ଦରବାରେ ପାକିସ୍ତାନ ଏବେ
ଏକଲା ହୋଇଲା ଜାଣ...।


### ହାଇକୋର୍ଟ ବିଚାରପତି ଭାବେ ଶପଥ ନେଲେ ଜଷ୍ଟିସ ଦୀକ୍ଷିତ କ୍ରିଷ୍ଣା ଶ୍ରୀପଦ



କଟକ,୧୨।୫(ଭାସ୍କର ନ୍ୟୁଜ): ଓଡ଼ିଶା ହାଇକୋର୍ଟର ବିଚାରପତି ଭାବେ ସୋମବାର ଶପଥଗ୍ରହଣ କରିଛନ୍ତି ଜଷ୍ଟିସ ଦୀକ୍ଷିତ କ୍ରିଷ୍ଣା ଶ୍ରୀପଦ। ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ ହରିଶ ଟଣ୍ଡନ ତାଙ୍କୁ ପଦ ଓ ଗୋପନୀୟତାର ଶପଥପାଠ କରାଇଥିଲେ। ଜଷ୍ଟିସ ଶ୍ରୀପଦ କର୍ଣ୍ଣାଟକ ହାଇକୋର୍ଟରୁ ବଦଳି ହୋଇ ଓଡ଼ିଶା ହାଇକୋର୍ଟର ବିଚାରପତି ଭାବେ ନିଯୁକ୍ତି ପାଇଛନ୍ତି। ୧୯୮୯ ଜୁଲାଇରୁ ସେ ଆଇନଜୀବୀ ଭାବେ କାର୍ଯ୍ୟ ଆରମ୍ଭ କରିଥିଲେ। ୨୬ ବର୍ଷ ଧରି କର୍ଣ୍ଣାଟକ ଓ ମାଡ୍ରାସ ହାଇକୋର୍ଟରେ ଆଇନଜୀବୀ ଭାବେ କାର୍ଯ୍ୟ • ପୃଷ୍ଠା ୫ ଦେଖନ୍ତୁ

## ଭାରତୀୟ ପାଣିପାଗ ବିଭାଗର ବଡ଼ ସୂଚନା

# ୨୪ ଘଣ୍ଟାରେ ଆଣ୍ଡାମାନ ଛୁଇଁବ ମୌସୁମୀ



ନୂଆଦିଲ୍ଲୀ,୧୨।୫: ଭାରତୀୟ ପାଣିପାଗ ବିଭାଗ ଆଇଏମ୍‌ଡି ପକ୍ଷରୁ ସୋମବାର ଏକ ବଡ଼ ସୂଚନା ଦିଆଯାଇଛି। ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଆଣ୍ଡାମାନ ଉପକୂଳ ଛୁଇଁବ ବୋଲି ଆଇଏମ୍‌ଡି ପକ୍ଷରୁ କୁହାଯାଇଛି। ବର୍ତ୍ତମାନ ମୌସୁମୀ ବାୟୁ ଅଗ୍ରସର ପାଇଁ ପାଣିପାଗ ସଂପୂର୍ଣ୍ଣ ଅନୁକୂଳ ରହିଛି। ଆଇଏମ୍‌ଡି ଆହୁରି କହିଛି ଯେ ୩ କିମି ଉଚ୍ଚତା ପର୍ଯ୍ୟନ୍ତ ନିମ୍ନ ଟ୍ରପୋସ୍ଫେରିକ ସ୍ତରରେ ପଶ୍ଚିମପଟୁ ବାୟୁ ପ୍ରାୟ ୨୦ ନଟ୍ସ ପର୍ଯ୍ୟନ୍ତ ତୀବ୍ର ହୋଇଛି, ଯାହା • ପୃଷ୍ଠା ୫ ଦେଖନ୍ତୁ

### ଅସମ୍ଭାଳ ତାତି ଜାରି

ଭୁବନେଶ୍ୱର,୧୨।୫(ଭାସ୍କର ନ୍ୟୁଜ): ଗତ ୪ ଦିନ ହେବ ସାରା ରାଜ୍ୟରେ ତାତି ଉପରମୁହାଁ ହୋଇଛି। ତେବେ ରବିବାର ଅପେକ୍ଷା ସୋମବାର ସାରା ରାଜ୍ୟରେ ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହ ଅନୁଭୂତ ହୋଇଛି। ଉପକୂଳ ସହ ପଶ୍ଚିମ, ଦକ୍ଷିଣ ଓ ଉତ୍ତର ଓଡ଼ିଶାରେ ପ୍ରବଳ ତାତି ସହ ପ୍ରଚଣ୍ଡ ଗୁଳୁଗୁଳି ଲୋକଙ୍କ ଜୀବନକୁ ଅସ୍ତବ୍ୟସ୍ତ କରି ପକାଇଛି। ମିଳିଥିବା ସୂଚନା ଅନୁଯାୟୀ ଝାରସୁଗୁଡ଼ା, ସମ୍ବଲପୁର, ହୀରାକୁଦ, ବାଲେଶ୍ୱର, କେନ୍ଦୁଝର, ଚାନ୍ଦବାଲି, ପୁରୀ, ରାଉରକେଲା ଓ ଭୁବନେଶ୍ୱରରେ ପ୍ରବଳ ତାତି ଅନୁଭୂତ ହୋଇଛି। ଗରମ ସାଙ୍ଗକୁ ଗୁଳୁଗୁଳି ପ୍ରବଳ ହେଉଥିବାରୁ ଘରେ କିମ୍ବା ବାହାରେ ରହିବା ଅସମ୍ଭବ ହୋଇପଡ଼ିଛି। ଆସନ୍ତା ୧୫ ତାରିଖ ପର୍ଯ୍ୟନ୍ତ ତାତିରୁ ଆଶ୍ୱସ୍ତି ମିଳିବନି ବୋଲି ପାଣିପାଗ ବିଭାଗ ସୂଚନା ଦେଇଛି। ଅନ୍ୟପକ୍ଷରେ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନକେନ୍ଦ୍ର ସୂଚନା ଦେଇଛି ଯେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ୯ ଜିଲ୍ଲାପାଇଁ ଗ୍ରୀଷ୍ମପ୍ରବାହ ଓ ୧୦ ଜିଲ୍ଲାପାଇଁ ପ୍ରବଳ ଗୁଳୁଗୁଳି ହେବାକୁ ଥିବାରୁ ଏହିସବୁ ଜିଲ୍ଲାପାଇଁ ୟେଲୋ ଓ୍ୱାର୍ଣ୍ଣିଂ ଜାରି କରାଯାଇଛି। ଅନ୍ୟପକ୍ଷରେ ପ୍ରଚଣ୍ଡ ଖରାବେଳେ ଘରୁ ନ ବାହାରିବା ପାଇଁ ପାଣିପାଗ ବିଭାଗ ପରାମର୍ଶ ଦେଇଛି।

## ଶ୍ରୀମନ୍ଦିର ସୁରକ୍ଷା ବ୍ୟବସ୍ଥା ସମୀକ୍ଷା କଲେ ଡିଜିପି



ପୁରୀ,୧୨।୫(ଭାସ୍କର ନ୍ୟୁଜ): ଆଗାମୀ ସ୍ନାନଯାତ୍ର ଓ ରଥଯାତ୍ରା ସୁରକ୍ଷିତ, ଶୃଙ୍ଖଳିତ ଭାବେ କରିବା ନେଇ ପୋଲିସ ଡିଜି ୱାଇ.ବି. ଖୁରାନିଆ ପୁରୀ ଠାରେ ଆଜି ସମୀକ୍ଷା କରିଥିଲେ। ବୈଠକରେ ଦେଶରେ ବର୍ତ୍ତମାନର ସାମ୍ପ୍ରତିକ ପରିସ୍ଥିତିକୁ ନେଇ ଶ୍ରୀମନ୍ଦିର ସୁରକ୍ଷା ସହ ରଥଯାତ୍ରା ସମୟରେ ଭିଡ଼ ଓ ଟ୍ରାଫିକ ନିୟନ୍ତ୍ରଣ ବ୍ୟବସ୍ଥା ତଥା ଆଇନ ଶୃଙ୍ଖଳା ବ୍ୟବସ୍ଥା ନେଇ ଆଲୋଚନା କରାଯାଇଥିଲା। ରାଜ୍ୟ ପୋଲିସ ବିଭାଗର ବରିଷ୍ଠ ପଦାଧିକାରୀ ମାନେ ଏହି ବୈଠକରେ ଯୋଗଦାନ କରିଥିବା ବେଳେ ଶୃଙ୍ଖଳିତ ରଥଯାତ୍ରା କରିବା ନେଇ ପୋଲିସ ପକ୍ଷରୁ ବିହିତ ପଦକ୍ଷେପ ନିଆଯାଇ ଥିବା ପୋଲିସ ଡିଜି ବୈଠକ ପରେ ସୂଚନା ଦେଇଥିଲେ। ଏଥର ରଥଯାତ୍ରାରେ କଡ଼ା ସୁରକ୍ଷା ନେଇ କୋଷ୍ଟଗାର୍ଡ, ଭାରତୀୟ • ପୃଷ୍ଠା ୫ ଦେଖନ୍ତୁ




କେନ୍ଦ୍ରାପଡ଼ା(ଭାସ୍କର ନ୍ୟୁଜ୍): କେନ୍ଦ୍ରାପଡା ଟାଉନ ଥାନା, ନିକିରାଇ ଥାନା ଓ କେନ୍ଦ୍ରାପଡା ସଦର ଥାନାକୁ ବିଭିନ୍ନ ଘଟଣାର ଅଭିଯୋଗ କରିବାକୁ ଯାଉଥିବା ଅଭିଯୋଗକାରୀଙ୍କୁ ପିଇବାକୁ ପାଣି ଟୋପେ ମିଳୁନଥିବା ଅଭିଯୋଗ ହୋଇଛି। ପାଣି ଟୋପେ ନପାଇ ଅଭିଯୋଗକାରୀମାନେ ତହଳବିକଳ ହେଉଥିବା ପ୍ରକାଶ କରିଛନ୍ତି। ସେହିପରି ଥାନା ଗୁଡିକ ନିକଟରେ ପିଇବା ପାଣି ଦୋକାନ ନଥିବାରୁ ଅଭିଯୋଗକାରୀଙ୍କ ଦୁର୍ଦ୍ଦଶା ଦୁଇଗୁଣିତ ହୋଇଛି। ପ୍ରତି ଥାନାରେ ଥଣ୍ଡା ପାନୀୟ ଜଳ ଅଭିଯୋଗକାରୀଙ୍କୁ ଯୋଗାଇ ଦେବାକୁ ପୋଲିସ ମହାନିର୍ଦ୍ଦେଶକ ନିକଟରେ ନିର୍ଦ୍ଦେଶ ଦେଇଥିଲେ। ପୋଲିସ ମହାନିର୍ଦ୍ଦେଶକ କହିଥିଲେ ଗ୍ରୀଷ୍ମ ଋତୁରେ ଥାନାକୁ ଆସୁଥିବା କୌଣସି ବ୍ୟକ୍ତି ପାନୀୟ ଜଳ ସମସ୍ୟାରେ ପଡିବେ ନାହିଁ। ପ୍ରତି ଥାନାରେ ଥଣ୍ଡା ପାନୀୟ ଜଳ ମେସିନ ଲାଗିବ। ଥାନା ଅଧିକାରୀମାନେ ଏହାକୁ ସୁନିଶ୍ଚିତ କରିବେ। କିନ୍ତୁ ପୋଲିସ ମହାନିର୍ଦ୍ଦେଶକଙ୍କ ଏହି ନିର୍ଦ୍ଦେଶ ପାଣିରେ ଗାର ସଦୃଶ ହୋଇଛି। ଅଭିଯୋଗକାରୀଙ୍କୁ ଥାନାରେ ପିଇବାକୁ ପାଣି ଟୋପେ ମିଳୁନି। ଅଭିଯୋଗକାରୀଙ୍କ ସହ ଥାନାକୁ ଆସୁଥିବା ବୟସ୍କ ବ୍ୟକ୍ତି ଓ ପିଲାମାନେ ବିଶେଷକରି ପାଣି ଟୋପେ ପିଇବାକୁ ନପାଇ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଥାନାଧିକାରୀ ନଥିବାବେଳେ ଥାନାରେ ଅନ୍ୟ କର୍ମଚାରୀମାନେ ଅଭିଯୋଗକାରୀଙ୍କ ପାଇଁ ପାନୀୟ ଜଳ ବ୍ୟବସ୍ଥା କରୁନାହାନ୍ତି। ଏବେ ପ୍ରବଳ ଗ୍ରୀଷ୍ମପ୍ରବାହ ତଥା ଟାଣ ଖରାରେ ଥାନାକୁ ଯାଉଥିବା ଲୋକମାନଙ୍କୁ ପିଇବା ପାଣି ମିଳୁନଥିବାରୁ ସେମାନେ ଶୋଷରେ ତହଳବିକଳ ହେଉଥିବା ବୁଦ୍ଧିଜୀବୀମାନେ କହିଛନ୍ତି।



# ଉଗ୍ର ରୂପ ନେଉଛି ପାତି ସୋନପୁର ଗୌରା ଆମା ଯାତ୍ରା ବିବାଦ

ବ୍ରହ୍ମପୁର,(ଭାସ୍କର): ଚିକିଟି ମଣ୍ଡଳୀ ଅନ୍ତର୍ଗତ ସାମୁଦ୍ରିକ ତଟରେ ଅବସ୍ଥିତ ପାତି ସୁନାପୁର ଗ୍ରାମ । ଗ୍ରାମର ପ୍ରାୟ ଅଧିକାଂଶ ପରିବାର ମାଛ ମାରି ଜୀବିକା ନିର୍ବାହ କରନ୍ତି । ଉକ୍ତ ଗ୍ରାମଟି ବହୁତ ଶାନ୍ତ, ରୂପେ ସାରା ନିର୍ବାଚନ ମଣ୍ଡଳୀରେ ପରିଚିତ। ମାତ୍ର ବଡ ଦୁଃଖ ଏବଂ ପରିତାପର ବିଷୟ ଏହାକି ଯେ, ଗ୍ରାମରେ ହେବାକୁ ଥିବା ଗୌରା ଆମା ଯାତ୍ରାକୁ ନେଇ ଦୁଇ ଗୋଷ୍ଠୀ ମଧ୍ୟରେ ବିବାଦ ଉଗ୍ର ହେବାରେ ଲାଗିଛି। ଘଟଣା ସୂତ୍ରରୁ ପ୍ରକାଶ ଯେ ଗ୍ରାମର ପରମ୍ପରା ଅନୁଯାୟୀ ଗୋଟିଏ ଗୋଷ୍ଠୀଙ୍କ ସହ ପୂଜକ ବା ଯାନୀ ଯାତ୍ରା ପାଇଁ ଦାବି କରୁଥିବା ବେଳେ ଅନ୍ୟ ଏକ ଗୋଟିଏ ଗୋଷ୍ଠୀ ଗ୍ରାମର ପରମ୍ପରାକୁ ନ ମାନି ଯାତ୍ରା କରିବାକୁ ଅଡ଼ି ବସିଛନ୍ତି। ଗୋଟିଏ ଗୋଷ୍ଠୀ ଜିଲ୍ଲା ପ୍ରଶାସନର ବାରମ୍ବାର ଦ୍ୱାରସ୍ଥ ହୋଇ ସର୍ବସମ୍ମତି କ୍ରମେ ଗ୍ରାମର ପରମ୍ପରା ଅନୁଯାୟୀ ଯାତ୍ରା କରାଯାଉ ବୋଲି ଦାବି କରିଛନ୍ତି । ଶନିବାର ଦିନ ସୋନପୁର ସ୍ଥିତ ମେରାଇନ ଥାନାରେ ଉଭୟ ଗୋଷ୍ଠୀର ଛ' ଜଣ ଲେଖାଏଁ ବ୍ୟକ୍ତି ଉପସ୍ଥିତ ରହିବାକୁ କୁହାଯାଇଥିଲା ।ମାତ୍ର ଗ୍ରାମର ପରମ୍ପରା ଅନୁସାରେ ଯାତ୍ରା ଦାବି କରୁଥିବା ଗୋଷ୍ଠୀଙ୍କ ସହ ଶତାଧିକ ସ୍ତ୍ରୀ ଏବଂ ପୁରୁଷ ଥାନା ରେ ପହଞ୍ଚିଥିଲେ। ଶେଷରେ କିଛି ସମାଧାନ ନ ହେବାରୁ ଯାତ୍ରା ବିପକ୍ଷ ଗୋଷ୍ଠୀର ରଙ୍କନାଥ ପଳାଇ ଓ ବି.କୋଟେସୁ, ତହସିଲଦାର, ସଦର ଏସ, ଡ଼ି, ପି, ଓ ମେରାଇନ ଥାନା ଅଧିକାରୀଙ୍କୁ ନିଜ ଗ୍ରାମ ଛାଡି ଯାତ୍ରା ପର୍ଯ୍ୟନ୍ତ କୌଣସି ବନ୍ଧୁ ଘରେ ରହିବୁ ବୋଲି ଜଣାଇଥିଲେ ଏବଂ ଯଦି କୌଣସି ଅପ୍ରୀତିକାର ସୃଷ୍ଟି ହୁଏ ଆମେ ଦାୟୀ ରହିବୁ ନାହିଁ ବୋଲି ଜଣାଇଥିଲେ। ଉକ୍ତ ଅଞ୍ଚଳର ବରିଷ୍ଠ ବୁଦ୍ଧିଜୀବୀ ମାନଙ୍କ ମତରେ ଯାତ୍ରା ଯଦି କିଛି ଦିନ ବିଳମ୍ବରେ କରାଯାଇଥାନ୍ତା, ତା ହେଲେ ଉତ୍ତେଜନା କମିଥାନ୍ତା ଏବଂ ପରିସ୍ଥିତି ସ୍ୱାଭାବିକ ହୁଅନ୍ତା। ବର୍ତ୍ତମାନ ଅଞ୍ଚଳରେ ଚର୍ଚ୍ଚା ଯେ, ଚିକିଟି ବିଧାୟକ କରୁଛନ୍ତି କଣ ? ସେ ଜଣେ ଜନପ୍ରିୟ ନେତା ହିସାବରେ ଉଭୟ ଗୋଷ୍ଠୀଙ୍କୁ ଡାକି କୌଣସି ସମାଧାନର ସୂତ୍ର କାହିଁକି ବାହାର କରୁନାହାନ୍ତି ? ବୋଧେ ବିଧାୟକଙ୍କ ଇଙ୍ଗିତରେ ଏହା ସବୁ ହେଉଥିବା ବି ସାଧାରଣରେ ଚର୍ଚ୍ଚା ହେବାରେ ଲାଗିଛି, ଯାହା ଜଳ ଜଳ ଦେଖା ଗଲାଣି ।ବେଳ ଥାଉ ଥାଉ ସମାଧାନ ର ବାଟ ବାହାର କରିବାକୁ ଅଞ୍ଚଳବାସୀ ଗଞ୍ଜାମ ଜିଲ୍ଲା ପ୍ରଶାସନ ସହ ସ୍ଥାନୀୟ ବିଧାୟକ ଙ୍କୁ ନିବେଦନ କରିଛନ୍ତି ।

# ଆରଡି ରାସ୍ତା କାମ ନିମ୍ନମାନର

- ସୂଚନାଫଳକରେ ନାହିଁ ସବିଶେଷ ତଥ୍ୟ
- ଢଳେଇ ବେଳେ ଦେଖାଯାଉନାହାନ୍ତି ଯନ୍ତ୍ରୀ



ଗରଦପୁର(ଭାସ୍କର ନ୍ୟୁଜ୍): ରାଜ୍ୟ ସରକାର ଗ୍ରାମାଞ୍ଚଳର ଲୋକମାନଙ୍କର ଯିବା ଆସିବା ସୁବିଧା ଲାଗି ବିଭିନ୍ନ ଯୋଜନା ମାଧ୍ୟମରେ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି ହେଲେ ଠିକାଦାର ଭଲ କାର୍ଯ୍ୟକୁ ଖରାପ କରୁଥିବା ଦେଖିବାକୁ ମିଳୁଛି। ରାସ୍ତା ମରାମତି ନାଁରେ କୋଟି କୋଟି ଟଙ୍କା ହରିଲୁଟ ହେଉଥିବା ଅଭିଯୋଗ ହୋଇଛି । ଗ୍ରାମ୍ୟ ଉନ୍ନୟନ ବିଭାଗର ଅସାଧୁ ଅଧିକାରୀ ଠିକାଦାରଙ୍କୁ ମାଲେମାଲ କରିବା ଲକ୍ଷ୍ୟରେ ଗରଦପୁର ବ୍ଲକ ନୂଆପଡା, ପାଇଲୋ, ଦଳୁଆଣି ଠାରୁ ପଦ୍ମପୁର ଭାୟା ଗୋତ୍ରିବିଲ ଠାରୁ କିଣିଲୋ ପର୍ଯ୍ୟନ୍ତ ରାସ୍ତାର ଉନ୍ନତିକରଣ କାର୍ଯ୍ୟ କରାଯାଉଛି କି ବୋଲି ସ୍ଥାନୀୟ ଅଞ୍ଚଳବାସୀ ଆଲୋଚନା କରୁଛନ୍ତି । ଏହି ରାସ୍ତା ନିର୍ମାଣ ନିମ୍ନମାନର ହେଉଥିବାରୁ ଗାଁ ଲୋକମାନେ ଅସନ୍ତୋଷ ପ୍ରକାଶ କରିବା ସହିତ ଗ୍ରାମ୍ୟ ଉନ୍ନୟନ ବିଭାଗ କେନ୍ଦ୍ରାପଡ଼ାର ଅଧିକ୍ଷଣ ଯନ୍ତ୍ରୀ କାର୍ଯ୍ୟାଳୟରେ ଅଭିଯୋଗ କରିବେ ବୋଲି କହିଛନ୍ତି। ବିଭାଗୀୟ ତଦନ୍ତ ଲାଗି ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରାଯିବାକୁ ସ୍ଥାନୀୟ ଲୋକେ କହିଛନ୍ତି । ସୂଚନା ଅନୁସାରେ ଏହି ରାସ୍ତା ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ କିଛି ବର୍ଷ ତଳେ ନୂତନ ଭାବେ ନିର୍ମାଣ କରାଯାଇଥିଲା । ଏହି ରାସ୍ତାଟି ଭଲ ଭାବେ ଗାଁ ଲୋକମାନଙ୍କ ତତ୍ତ୍ୱାବଧାନ ହୋଇଥିବାରୁ ଏ ପର୍ଯ୍ୟନ୍ତ ରାସ୍ତାଟି କିଛି ମାତ୍ରାରେ ଭଲ ଥିଲା । କେଉଁଠି କେଉଁଠି ଢ଼ଳେଇ ରାସ୍ତା ଟିକେ ଭାଙ୍ଗି ଯାଇଥିଲା । ହେଲେ ପୂରାତନ ଢଳେଇ ଉପରେ ଢଳେଇ କରି ସରକାରୀ ନିର୍ଦ୍ଦେଶନାମାକୁ ଫୁ କରି ଠିକାଦାର କାର୍ଯ୍ୟକରୁଥିବା ଅଭିଯୋଗ ହୋଇଛି । ଯଦି ଢ଼ଳେଇ ଉପରେ ବଡ ଗୋଡିରେ କାମ କରାଯିବ ତାହାଲେ ରାସ୍ତା ଅଳ୍ପ ଦିନରେ ଢ଼ଳେଇ ବାହାରିଯିବ ବୋଲି ଅଭିଯୋଗ ହୋଇଛି। ଗାଁ ଲୋକ ମାନେ ବିଭାଗୀୟ ଯନ୍ତ୍ରୀଙ୍କୁ କାମ ଠିକ ଭାବରେ ହେଉ ବୋଲି କହିବାକୁ ଚାହୁଁଥିଲେ ମଧ୍ୟ ତାଙ୍କର ଦେଖା ମିଳୁନି । ରାସ୍ତା କାମ ହେଉଛି ହେଲେ ଫଳକରେ କିଛି ତଥ୍ୟ କାହିଁକି ଲାଗିନି ବୋଲି ବୁଦ୍ଧିଜୀବୀମାନେ ପ୍ରଶ୍ନ କରିଛନ୍ତି । ଏହି ରାସ୍ତା ନିମ୍ନମାନର ନିର୍ମାଣ କାହା ସ୍ୱାର୍ଥରେ ହେଉଛି ବୋଲି ପ୍ରଶ୍ନ ଉଠିଛି । ଏହି ରାସ୍ତାରେ ଠିକାଦାର ଆଣିଥିବା ଲୁଣା ବାଲି, ବଡ଼ ବଡ଼ ଗୋଡିରେ ଢ଼ଳେଇ ହେଉଛି । ତେବେ ଏହା ଦୁଇ ମାସ ଭିତରେ ରାସ୍ତା ଭାଙ୍ଗି ଯିବ ବୋଲି ମତପ୍ରକାଶ ପାଇଛି କ୍ଷ ତୁରନ୍ତ ବିଭାଗୀୟ ତଦନ୍ତ କରା ନ ଗଲେ ମୁଖ୍ୟମନ୍ତ୍ରୀଙ୍କ ଜନଶୁଣାଣିରେ ଅଭିଯୋଗ କରାଯିବ ବୋଲି ଗାଁ ଲୋକମାନେ କହିଛନ୍ତି।

## ୩୦ ବର୍ଷ ପରେ ଗାଁକୁ ଫେରିଲେ ଯବାନ

ଜଳେଶ୍ୱର(ଭାସ୍କର ନ୍ୟୁଜ୍): ଜଳେଶ୍ୱର ବ୍ଲକ ଅନ୍ତର୍ଗତ ସର୍ଦାରବନ୍ଧ ପଞ୍ଚାୟତର ରାଉତରାପୁର ଗ୍ରାମର ସ୍ୱର୍ଗତ ବ୍ରହ୍ମାନନ୍ଦ ଜେନାଙ୍କ ପୁଅ ରାଜେନ୍ଦ୍ର ନାଥ ଜେନା ୧୯୮୫ ମସିହାରେ ପଶ୍ଚିମବଙ୍ଗର କୋଚବିହାର ଠାରେ ବିଏସଏଫରେ ଜଣେ କନେଷ୍ଟବଳ ଭାବେ ଯୋଗ ଦେଇଥିଲେ। ପରବର୍ତ୍ତୀ ସମୟରେ ଚାକିରୀରେ ପଦୋନ୍ନତି ପାଇ ସେ କନେଷ୍ଟବଳରୁ ଇନ୍ସପେକ୍ଟର ଟେକ୍ନିକାଲ ହୋଇଥିଲେ। ଗତ ଏପ୍ରିଲ ୩୦ ତାରିଖି ଦିନ କାଶ୍ମୀର ଶ୍ରୀନଗର ବିଏସଏଫ ସେକ୍ଟର ହେଡ଼କ୍ୱାର୍ଟରରୁ ସେ ଚାକିରିରୁ ଅବସର ନେଇଥିଲେ। ସେ ଗତକାଲି ସନ୍ଧ୍ୟାରେ ନିଜ ଜନ୍ମମାଟିକୁ ଫେରୁଥିବା ଖବର ଗ୍ରାମବାସୀ ପାଇଥିଲେ। ଖବର ଜାଣିବା ପରେ ଗାଁରେ ଆନନ୍ଦର ଲହରୀ ଖେଳି ଯାଇଥିଲା ।ଘରେ ପହଂଚିବା ପରେ ଗ୍ରାମବାସୀଙ୍କ ପକ୍ଷରୁ ସର୍ଦ୍ଦାରବନ୍ଧ ପଂଚାୟତର ସଦସ୍ୟ ଗଣେଶ ସୋରେନ, ନିହାର ରଞ୍ଜନ ଦାସ, ଲକ୍ଷ୍ମଣ ହେମ୍ବ୍ରମ, ଶକ୍ତିପଦ ମହାନ୍ତ, ପୁରୁଷୋତ୍ତମ ମାନ୍ନା, ଇମାନୁଏଲ ସିଂ ଓ ଦିଲ୍ଲିପ ଜେନା ପୁଷ୍ପମାଳ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧନା କରିଥିଲେ ।ଦୀର୍ଘ ୩୦ ବର୍ଷ ଧରି ଦେଶ ମାଆର ସେବା କରି ଗାଁକୁ ଫେରି ଥିବାରୁ ଗ୍ରାମ ପାଇଁ ଗର୍ବ ବୋଲି କହିବା ସହ ଖୁସିରେ ସମସ୍ତେ କାନ୍ଦି ପକାଇଥିଲେ ଅନେକ ଗ୍ରାମବାସୀ।

# ରାମରାମ ଗଳିରୁ ଗୋଦାମଘର ଉଠାଇବାକୁ ଦାବି

**କଟକଣାକୁ ଖାତିର ନାହିଁ**

କେନ୍ଦୁଝର(ଭାସ୍କର ନ୍ୟୁଜ୍): କେନ୍ଦୁଝର ସହରରେ ଅବୈଧ କବ୍ଜା ଦିନକୁ ଦିନ ବୃଦ୍ଧି ପାଉଥିବାରୁ ଟ୍ରାଫିକ ସମସ୍ୟା ଲାଗି ରହିଛି । ପୌରପାଳିକା ଅଧିନରେ ଥିବା ବିଭିନ୍ନ ଗଳି କନ୍ଦି ଏପରିକି ସହରର ମୁଖ୍ୟରାସ୍ତା କଡ଼ଗୁଡିକୁ କେତେକ ପ୍ରଭାବଶାଳୀ ବ୍ୟକ୍ତି କବଜା କରିଥିବାରୁ ସାଧାରଣରେ ଯିବା ଆସିବା ଲାଗି ସମସ୍ୟା ଲାଗି ରହିଛି । ଯାହାରକି ଜ୍ୱଳନ୍ତ ଉଦାହରଣ ହେଉଛି ରାମରାମ ଗଳି। ଏହି ରାସ୍ତାରେ ଥିବା ଆଳୁ ଗୋଦାମ,ଫଳ ଗୋଦାମ,ଗ୍ରୋସରୀ ଗୋଦାମରେ ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ଘଣ୍ଟା ଘଣ୍ଟା ଧରି ମାଲ ବୋଝେଇ ଟ୍ରକ ଗୁଡିକ ଛିଡାହୋଇ ରହୁଥିବାରୁ ଏହି ରାସ୍ତାଦେଇ ଯା'ଆସ କରିବା ରେ ନାନା ସମସ୍ୟା ଲାଗି ରହିଛି । ଏପରିକି ଛୋଟ ବଡ ଗାଡିଗୁଡିକ ଯିବା ଆସିବା କଲାବେଳେ ଟ୍ରାଫିକ ଜାମ ହେଉଛି । ପାର୍କିଂ ବ୍ୟବସ୍ଥା ନଥାଇ ଏତେ ବଡ ଗୋଦାମ ଘର କିପରି ନିର୍ମାଣ ହେଲା ସେ ନେଇ ପୌରପାଳିକା କାର୍ଯ୍ୟପ୍ରଣାଳୀ ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଏହି ଗଳିର ଉଭୟ ପାଶ୍ୱର୍ରେ ବ୍ୟବସାୟୀ ମାନଙ୍କର ବେଆଇନ କବଜା ଯୋଗୁଁ ଗଳି ରାସ୍ତାଟି ଅଣ ଓସାରିଆ ହୋଇପଡିଛି । ଏହି ଗଳିଟି ସହରର ଏକ ବ୍ୟସ୍ତ ବହୁଳ ଗଳି ହୋଇଥିବାରୁ ଏଇ ଗଳି ଦେଇ ଡେଲି ମାର୍କେଟ,କଲେଜ ରୋଡ ରାସ୍ତା,ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ,ଉପର ସରକାରୀ ଏବଂ ବେସରକାରୀ ବସଷ୍ଟାଣ୍ଡକୁ ପ୍ରତ୍ୟେକ ଦିନ ଅଟୋ,ଶହ ଶହ ସଂଖ୍ୟକ ବାଇକ ଓ ପଥଚାରୀ ଯା'ଆସ କରିଥାନ୍ତି। ଏହି ଗଳିର ଗୁରୁତ୍ୱକୁ ଉପଲବଧି କରି ପୂର୍ବରୁ ଦୁଇ ଦୁଇଜଣ ଜିଲ୍ଲାପାଳ ଭାରିଯାନ ଯିବାଆସିବା ଉପରେ କଟକଣା କରି ଗଳିର ଉଭୟ ମୁଣ୍ଡରେ ଲୁହା ଖମ୍ବ ଲଗାଇବାକୁ ପୌର ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ । ମାତ୍ର ବ୍ୟବସାୟୀଙ୍କ ଚାପରେ ପଡି ପୌର ପ୍ରଶାସନ ସବୁ ଜାଣି ଚୁପ ହୋଇ ବସି ରହିଛି । ରାସ୍ତା ପାର୍ଶ୍ୱରେ ଥିବା ଅନେକ ଗୋଦାମ ଘର ପାର୍କିଂ ବ୍ୟବସ୍ଥା ନକରି ରାସ୍ତାକୁ ଲଗାଇ ଘର କରିଥିବାରୁ ଗୋଦାମକୁ ଆସୁଥିବା ଟ୍ରକ ରାସ୍ତା ଉପରେ ବହୁ ସମୟ ଧରି ଛିଡା ହୋଇ ରାସ୍ତା ଜାମ କରୁଛି। ଏହି ଗଳି କେନ୍ଦୁଝର ସହରର ପ୍ରମୁଖ ସଂଯୋଗକାରୀ ରାସ୍ତା ହୋଇଥିବାବେଳେ ବ୍ୟବସାୟୀଙ୍କ ମନମାନି ଯୋଗୁଁ ବର୍ଷତମାମ ରାସ୍ତା ଜାମ ରହୁଥିବା ଅଭିଯୋଗ ହୋଇଛି । ଏଥିସହ ରାମ ରାମ ଗଳି ରାସ୍ତାର ଉଭୟ ପାର୍ଶ୍ୱ ଜବର ଦଖଲ ହୋଇ ରହିଥିବାରୁ ଡ୍ରେନ ପାଣି ଏବଂ ବର୍ଷା ଜଳ ନିଷ୍କାସନ ହୋଇ ପାରୁନାହିଁ । ପୌରପାଳିକା ନିକଟରେ ବାରମ୍ବାର ଅଭିଯୋଗ ସତ୍ତ୍ୱେ କାର୍ଯ୍ୟାନୁଷ୍ଠାନ ହେଉନଥିବାରୁ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ଦେଖାଦେଇଛି। ଭାରୀଯାନ ଚଳାଚଳ ଯୋଗୁଁ ରାସ୍ତା ନଷ୍ଟ ହେବା ସହ ରାସ୍ତା ଜାମ ହେଉଛି । ବାରମ୍ବାର ଅଭିଯୋଗ ସତ୍ତ୍ୱେ ପୌରପାଳିକା ଏବଂ ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନଥିବା ଅଭିଯୋଗ ହୋଇଛି । ସକାଳ ୮ଟାରୁ ରାତି ୮ଟା ମଧ୍ୟରେ ଉକ୍ତ ରାସ୍ତାରେ ଭାରୀଯାନ ଚଳାଚଳ ନିଷିଦ୍ଧ ଥିଲେ ମଧ୍ୟ ଏହି ନିୟମକୁ ଫୁ କରି ନୋ ଏଣ୍ଟ୍ରି ସମୟରେ ଗାଡି ଚଳାଚଳ କରୁଛି । ରାମ ରାମ ଗଳିକୁ ସଂଯୋଗ କରୁଥିବା ସମସ୍ତ ରାସ୍ତା ପାର୍ଶ୍ୱରେ ଥିବା ଗୋଦାମ ଘର ସହର ନିକଟବର୍ତ୍ତୀ ସ୍ଥାନକୁ ଉଠାଇବା ପାଇଁ ଦାବି ହେଉଛି। ଏ ସଂପର୍କରେ କେନ୍ଦୁଝରଗଡ ପୌରପାଳିକା ନିର୍ବାହୀ ଅଧିକାରୀ ଲଳିତ କୁମାର ନାୟକଙ୍କ ମତାମତ ନିଆଯିବାରୁ ସେ ଏ ନେଇ ପଦକ୍ଷେପ ନେବେ ବୋଲି କହିଛନ୍ତି ।

## ପାତି ସୁନାପୁର ଗ୍ରାମରେ ପୋଲିସକୁ ପଥରମାଡ଼, ୨୨ ଗିରଫ

ଚିକିଟି(ଭାସ୍କର ନ୍ୟୁଜ୍):ପାତି ସୁନାପୁର ଠାକୁରାଣୀ ଯାତ୍ରାକୁ ନେଇ ଦୁଇ ଗୋଷ୍ଠୀମଧ୍ୟରେ ଛକାପଞ୍ଝା ଲାଗିରହିଛି । ଗୋଟିଏ ଗୋଷ୍ଠୀ ୧୧ତାରିଖ ଯାତ୍ରା କରିବାକୁ ଚାହୁଁଥିବା ବେଳେ ଅନ୍ୟ ଗୋଷ୍ଠୀ ଚଳିତମାସ ଶେଷ ଆଡୁ କରିବାକୁ ଯୋଜନା କରିଥିଲେ । ଉଭୟଙ୍କ ଗୋଷ୍ଠୀ ମୁହାଁମୁହିଁ ହେବା ୧୧ତାରିଖରେ ଯାତ୍ରା ହୋଇନଥିଲା। କିନ୍ତୁ ପୂଜାର୍ଚ୍ଚନା ହୋଇଥିଲା । ଉକ୍ତ ଗ୍ରାମରେ ଗତ କାଲି ପ୍ରଶାସନ ପକ୍ଷରୁ ୧୬୩ ଲାଗୁ ହୋଇଥିଲା ।ଏଥିପାଇଁ ବ୍ୟାପକ ପୁଲିସ ମୁତୟନ ହୋଇଥିଲେ । ହଠାତ ରାତିରେ ଗୋଟିଏ ଗୋଷ୍ଠୀର ଲୋକେମାନେ ମୁତୟନ ଥିବା ପୁଲିସ କର୍ମଚାରୀଙ୍କୁ ପଥର ଓ ବୋତଲ ମାଡ଼ କରିଥିଲେ । କିଛି ପୁଲିସ କର୍ମଚାରୀ ଆହତ ହୋଇଥିବା ଜଣାପଡିଛି । ଏହି ଘଟଣାରେ ପୁଲିସ ଗୋଟିଏ ଗୋଷ୍ଠୀର ପ୍ରାୟ ୨୨ ଜଣଙ୍କୁ ଗିରଫ କରିଥିବା ଜଣାପଡ଼ିଛି ।ଏଥିରେ କିଛି ନାବାଳକ ରହିଥିବା ଜଣାପଡିଛି ।ଘଟଣା ଘଟିବା ପରେ ପ୍ରଶାସନ ତରଫରୁ ଘନ ଘନ ବୈଠକ ଶାନ୍ତି ପ୍ରତିଷ୍ଠା କରିବା ପାଇଁ ଚେଷ୍ଟା ଚାଲିଥିବା ଦେଖିବାକୁ ମିଳୁଛି କ୍ଷ ଏହି ଜାଗାରେ ଏକ ପ୍ଲାଟୁନ ପୋଲିସ ଜଗିଥିବା ବେଳେ ସ୍ଥାନୀୟ ତହସିଲଦାର ବିଶ୍ୱରଂଜନ କହଁର,ସଦର ଏସ୍ଡ଼ିପିଓ ଉପସ୍ଥିତ ରହି ଘଟଣା କୁ ପ୍ରଶମିତ କରିବା ପାଇଁ ଚେଷ୍ଟା କରୁଥିବା ବେଳେ ଗାଁ ପୁରୁଷ ଶୂନ୍ୟ ହୋଇଯାଇଛି କ୍ଷ ପ୍ରକାଶ ଯୋଗ୍ୟ ଯେ ଗତ ଶିବରାତ୍ର ଜାଗର ଉତ୍ସବ ପାଳନ ସକାଶେ ମଧ୍ୟ ଏଭଳି ସ୍ଥିତି ଦେଖାଦେଇଥିବା ବେଳେ ସ୍ଥାନୀୟ ତହସିଲଦାର ବିଶ୍ୱରଂଜନ କହଁର ଗ୍ରାମର ଉଭୟ ଗୋଷ୍ଠି କୁ ଡାକି ଆପୋଷ ସମାଧାନ କରି ଲିଖିତ ରାଜିନାମ ପତ୍ର ରେ ଦସ୍ତଖତ କରି ଛାଡିଥିଲେ।

# ଅପରେସନ ସିନ୍ଦୁରର ସହିଦ୍ ଯବାନଙ୍କ ଲାଗି କ୍ୟାଣ୍ଡେଲ ଶୋଭାଯାତ୍ରା




ଜଳେଶ୍ୱର ୧୧/୫ (): ଭାରତର ସାର୍ବଭୌମତ୍ୱ ଓ ଅଖଣ୍ଡତା ରକ୍ଷାଲାଗି ଅପରେସନ୍ ସିନ୍ଦୁରରେ ସହିଦ୍ ହୋଇଥିବା ବୀର ଜବାନ୍ ମାନଙ୍କ ଲାଗି କ୍ୟାଣ୍ଡେଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇ ଯାଇଛି । ସୀମାନ୍ତରେ ଯୁଦ୍ଧ କରୁଥିବା ଯବାନମାନଙ୍କ ମନୋବଳ ବୃଦ୍ଧିଲାଗି ଆର୍ଟ ଅଫ ଗିଭିଙ୍ଗ ଜଳେଶ୍ୱର ଶାଖା ପକ୍ଷରୁ ଅନୁଷ୍ଠିତ 'ବୀର ଯବାନଙ୍କ ପାଇଁ ଦୀପଟିଏ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଜଳେଶ୍ୱରର ବହୁ ବୁଦ୍ଧିଜୀବୀ କାଳୀମନ୍ଦିର ନିକଟରୁ ଏକ କ୍ୟାଣ୍ଡେଲ ଶୋଭାଯାତ୍ରାରେ ବାହାରି ଷ୍ଟେସନ ସମ୍ମୁଖ ପର୍ଯ୍ୟନ୍ତ ଆସିଥିଲେ । ସଂଗଠନର ସଭାପତି ସିଦ୍ଧାର୍ଥ ଶଂକର ପାଳଙ୍କ ନେତୃତ୍ୱରେ ସଂପାଦକ ଗିରିଜା ଶଂକର ଦାସ, ସହ ସଂପାଦକ ସୁରଜ ଚୌରାସୀଆ, ସୁଶାନ୍ତ ଦାସ, ଜିଲ୍ଲା ସଂଯୋଜକ ବରିଷ୍ଠ ଆଇନ୍‌ଜୀବୀ ଅନିଲ ପରିଡା, ଚିନ୍ମୟ ଦାସ, ଓକିଲ ସଂଘ ସଭାପତି କୁଂଜବିହାରୀ ଦାସ, ଦେବକାନ୍ତ କାଷ୍ଠ, ପୌରାଧକ୍ଷ ପ୍ରତୀପ ପ୍ରଧାନ, ବଣିକ ସଂଘ ସଭାପତି ସୁଧିର ମହାନ୍ତି, ଶିକ୍ଷକ ନେତା ଡ. ଅଜିତ୍ ମହାନ୍ତି, ନରହରୀ ପ୍ରଧାନ, ତୁଷାରକାନ୍ତ ମହାନ୍ତି ପ୍ରମୁଖ ବହୁ ସମାଜସେବୀ ଓ ଜଳେଶ୍ୱରବାସୀ, ସାମ୍ବାଦିକମାନେ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ।


# ଆମେ ଆପଣଙ୍କ ସେବାରେ ସଂଗଠନର ରକ୍ତଦାନ ଶିବିର:୫୩ ୟୁନିଟ ରକ୍ତ ସଂଗ୍ରହ



ଜଳେଶ୍ୱର(ଭାସ୍କର ନ୍ୟୁଜ୍): ଜଳେଶ୍ୱର ବ୍ଲକ ଅନ୍ତର୍ଗତ ଖାଲିନା ପଞ୍ଚାୟତ ସ୍ଥିତ ଖାଲିନା ହାଇସ୍କୁଲରେ ଆମେ ଆପଣଙ୍କ ସେବାରେ ସଂଗଠନ ପକ୍ଷରୁ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି ।ଆମେ ଆପଣଙ୍କ ସେବାରେ ସଂଗଠନ ଓ ଗ୍ରାମ୍ୟ କମିଟି ସହଯୋଗରେ ଆୟୋଜିତ ଶିବିରକୁ ଗ୍ରାମ୍ୟ କମିଟିର ମୁଖ୍ୟ ନଗେନ୍ଦ୍ର ଦେ, ଆମେ ଆପଣଙ୍କ ସେବାରେ ସଂଗଠନର ସଭାପତି ଗୋପାଳ କୃଷ୍ଣ ପାତ୍ର ଓ ଜିଲ୍ଲା ରକ୍ତଦାତା ସଂଘର ସଭାପତି କମଳ କୁମାର ଚକ୍ରବର୍ତ୍ତୀ ମିଳିତ ଭାବେ ଉଦଘାଟନ କରିଥିଲେ। ସମ୍ମାନୀତ ଅତିଥି ଭାବେ ସାଙ୍ଗଠନିକ ସମ୍ପାଦକ ମନୋରଞ୍ଜନ ଦାସ, ବାଲେଶ୍ୱର ରକ୍ତ କେନ୍ଦ୍ରର ଡାକ୍ତର ମନୋରଞ୍ଜନ ବାରିକ, ସମାଜସେବୀ ଅଶୋକ କୁମାର ଦାସ ଓ ସାମ୍ବାଦିକ ସତ୍ୟବ୍ରତ ପ୍ରଧାନ ପ୍ରମୁଖ ଯୋଗଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ ।ଶିବିରରୁ ମୋଟ ୫୩ ୟୁନିଟ ରକ୍ତ ସଂଗୃହିତ ହୋଇଥିଲା ।କମିଟିର ସଦସ୍ୟ ନୟନ କୁମାର ପାଠୀ, ଜୀବନ କୁମାର ପାଠୀ, ବିଜୟ ଜେନା, ଶଙ୍କର ମହାଳିକ, ଦେବ ପାଠୀ, ସପନ କୁମାର ଦାସ, ସନ୍ତୋଷ ଦେ, ଆମେ ଆପଣଙ୍କ ସେବାରେ ସଂଗଠନର ସଦସ୍ୟ ଅରବିନ୍ଦ ଦେ, ଦେବବ୍ରତ ପାଠୀ, କାର୍ତ୍ତିକ ସିଟ, ଅମିତ ରାଉଳ, ବିନୋଦ ରାଉଳ, ଅଜିତ ଦାସ, ସରୋଜ ରାଉଳ, ବାସୁଦେବ ସିଟ, ଶଙ୍କର ସିଟ, ନିରଞ୍ଜନ ଦେ, ଅଜିତ ଦେ, ବିଶ୍ୱଜିତ ସିଟ, ବିଶ୍ୱଜିତ ଦାସ, ସତ୍ୟବ୍ରତ ଦେ, ଜୟନାରାୟଣ ସାହୁ ଓ ଲକ୍ଷ୍ମୀଧର ବାରିକ ପ୍ରମୁଖ ଶିବିରକୁ ପରିଚାଳନା କରିଥିଲେ।

# ବର୍ଷେ ହେଲା ଭାଙ୍ଗିଲାଣି ଚେକ୍ ଡ୍ୟାମ୍

## ଜଳସେଚନ ହୋଇପାରୁନଥିବାରୁ ବଢୁଛି ଚାଷୀଙ୍କ ଅସନ୍ତୋଷ



ମାଲକାନଗିରି (ଭାସ୍କର ନ୍ୟୁଜ୍): ଚେକଡ୍ୟାମ ଭାଙ୍ଗିବାକୁ ବର୍ଷେ ପୁରିଲାଣି। ମରାମତି ନ ହେବାରୁ ଜମିକୁ ହୋଇପାରୁନି ଜଳ ସେଚନ । ଜଳ ସେଚନ ହୋଇ ପାରୁ ନଥିବାରୁ ଫସଲ ପାଣି ବିନା ନଷ୍ଟ ହୋଇଛି। ଯାହାକୁ ନେଇ ଚାଷୀଙ୍କ ମଧ୍ୟରେ ଘୋର ଅସନ୍ତୋଷ ପ୍ରକାଶ ପାଇଛି । ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି ମାଲକାନଗିରି ଜିଲ୍ଲା ଖଇରପୁଟ ବ୍ଲକରେ । ଚାଷ କରି ଦୁଇ ପଇସା ପାଇବା ପାଇଁ ଆଶବାନ୍ଧି ରହୁଥିବା ଚାଷୀଙ୍କ ଆଶା ଆଶାରେ ହିଁ ରହିଯାଇଛି । ଜଳ ନପାଇ ଚାଷୀ ହାତ ବାନ୍ଧି ରହିଛନ୍ତି ଓ ଶହ ଶହ ଏକର ଚାଷ ଜମି ପଡ଼ିଆ ପଡ଼ିଛି । ଚାଷ ନ କରି ଜଳ କର କିନ୍ତୁ ବାନ୍ଧୁଛନ୍ତି ଚାଷୀ । କାଁ ଭାଁ ଅଳ୍ପ କେତେ ଜଣ ଚାଷୀ ପୋଖରୀ ହୁଡାରେ ମୋଟର ଲଗାଇ ଚାଷ କରୁଥିବା ଦେଖିବାକୁ ମିଳିଛି। ଖଇରପୁଟର ଝଡ଼ିଆଗୁଡା ଗ୍ରାମରେ ଥିବା ଚେକଡ୍ୟାମଟି ବର୍ଷେରୁ ଅଧିକ ସମୟ ହେଲା ଭାଙ୍ଗି ଯାଇଥିବାରୁ ଚାଷୀମାନେ ହଇରାଣ ହେଉଛନ୍ତି । ଚେକ୍‌ଡ୍ୟାମ ତଳେ ଶହ ଶହ ଏକର ଜମି ରହିଛି। ଲୋକେ ଚାଷ କାମ କରିବା ଆରମ୍ଭ କରିଥିଲେ । କିନ୍ତୁ ଜଳ ଅଭାବରୁ ଚାଷ କରିବା ମୁସ୍କିଲ ହୋଇପଡିଛି। ସେହି ଚେକ୍‌ଡ୍ୟାମକୁ ବାରମ୍ବାର ମରାମତି ନାମରେ ଲକ୍ଷ ଲକ୍ଷ ଟଙ୍କା ଆତ୍ମସାତ କରାଯାଇଛି। ସଠିକ୍ ଭାବରେ ନିର୍ମାଣ କରିବା ପାଇଁ ଇଚ୍ଛା ପ୍ରକାଶ କରୁନାହାନ୍ତି ବିଭାଗୀୟ ଅଧିକାରୀ । ଚାଷୀ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହାକୁ ନେଇ ଚାଷୀ ବାରମ୍ବାର ଅଭିଯୋଗ କରି ଆସୁଥିଲେ ମଧ୍ୟଚାଷୀଙ୍କ ଅଭିଯୋଗକୁ ଗୁରୁତ୍ୱ ଦିଆଯାଉ ନାହିଁ ଓ ପ୍ରଶାସନ ନିକଟରେ ଏ ନେଇ ଅନୁରୋଧ କରିଛନ୍ତି ଚାଷୀ ଶୁକ୍ରା ଖୀଲ, ରଞ୍ଜିତ ଖୀଲ ଓ ଜଗବନ୍ଧୁ ସମର୍ଥ । ସଠିକ୍ ଭାବରେ ଜଳ ଯୋଗାଇ ଦେବାକୁ ସେମାନେ ଦାବି କରିଛନ୍ତି। ଆତ୍ମସାତ କରିଥିବା ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି ଚାଷୀମାନେ। ଏ ସମ୍ପର୍କରେ ଆମେ ଖଇରପୁଟ ବ୍ଲକ ବିଡିଓ ଉମା ଶଙ୍କର କୋୟାଙ୍କୁ ଯୋଗାଯୋଗ କରାଯିବାରେ ଖୁବ୍‌ଶୀଘ୍ର ଏହି ଚେକ୍ ଡ୍ୟାମ ଭାଙ୍ଗିବା ସମ୍ପର୍କରେ ବିଭାଗ ପକ୍ଷରୁ ଅନୁଧ୍ୟାନ କରାଯାଇ ମରାମତି ପାଇଁ ବ୍ୟବସ୍ଥା ହେବ ବୋଲି ସେ କହିଛନ୍ତି।

## ପରିବହନ କାର୍ଯ୍ୟକୁ ନେଇ ଦୁଇଗୋଷ୍ଠୀ ମଧ୍ୟରେ ଉତ୍ତେଜନା

କେନ୍ଦୁଝର(ଭାସ୍କର ନ୍ୟୁଜ୍): କେନ୍ଦୁଝର ଜିଲ୍ଲା ଯୋଡା ଥାନା ଅନ୍ତର୍ଗତ ଇଙ୍ଗାଣୀ ଝରଣ ଖଣିରେ ପରିବହନ କାର୍ଯ୍ୟକୁ ନେଇ ଦୁଇ ଗୋଷ୍ଠୀ ମଧ୍ୟରେ ଶୁକ୍ରବାର ଅପରାହ୍ନ ପ୍ରାୟ ୧.୩୦ ମିନିଟ ସମୟରେ ଉତ୍ତେଜନା ଦେଖାଦେଇଛି। ପୋଲିସ ଏହି ଘଟଣାରେ ଚମ୍ପୁଆ ବିଧାୟକଙ୍କ ୬ ଜଣଙ୍କୁ ଅଟକ ରଖି ଘଟଣାର ତଦନ୍ତ ଆରମ୍ଭ କରିଛି । ମିଳିଥିବା ସୂଚନା ଅନୁଯାୟୀ, ସ୍ଥାନୀୟ ବିରି କଳା ଓ ଅନ୍ୟ କିଛି ଗ୍ରାମ ପଞ୍ଚାୟତ ର ଶାସକ ଦଳର ସମର୍ଥକମାନେ ୧୫ ଦିନ ପୂର୍ବରୁ ପରିବହନ କାର୍ଯ୍ୟ ଓ ଗ୍ରାମରେ ବିଭିନ୍ନ ମୌଳିକ ସୁବିଧା ଯୋଗାଇ ଦେବା ପାଇଁ ଖଣି କର୍ତ୍ତୃପକ୍ଷଙ୍କ ଠାରେ ଦାବି କରିଥିଲେ । ଏହି ଦାବି ପୂରଣ ସମ୍ପର୍କରେ ଶୁକ୍ରବାର ଖଣି କାର୍ଯ୍ୟାଳୟକୁ ଯିବା ସମୟରେ ଖଣିରୁ ପରିବହନ କାର୍ଯ୍ୟ କରୁଥିବା ସ୍ଥାନୀୟ ବିଧାୟକଙ୍କ ସମର୍ଥକ ମାନେ ଆକ୍ରମଣ କରିଥିଲେ ବୋଲି ବିରିକଳା ଗ୍ରାମ ପଞ୍ଚାୟତର ପୂର୍ବତନ ସମିତି ସଭ୍ୟ ତଥା ଭାଜପା ନେତ୍ରୀ ସୋମ ବାରି ମୁଣ୍ଡା ଅଭିଯୋଗ କରିଛନ୍ତି । ତାଙ୍କ ଅଭିଯୋଗ ମୁତାବକ ତିନି ଜଣ ମହିଳା ଓ ତିନି ଜଣ ପୁରୁଷ ଆହତ ହୋଇଛନ୍ତି। ପୋଲିସ ଘଟଣାସ୍ଥଳରେ ପହଞ୍ଚିବା ପରେ ଉତ୍ତେଜନା ପ୍ରଶମିତ ହୋଇଥିଲା । ଏହି ଘଟଣାକୁ କେନ୍ଦ୍ର କରି ଦୁଇଗୋଷ୍ଠୀ ମଧ୍ୟରେ ଏବେ ମଧ୍ୟ ପ୍ରବଳ ଉତ୍ତେଜନା ଲାଗି ରହିଛି । ଘଟଣା ସ୍ଥଳରେ ପୋଲିସ ମୁତୟନ ଅଛନ୍ତି ।

# ଅଧେ ଅଧେ ନୀତିରେ କାରବାର

- କାର୍ଯ୍ୟାନୁଷ୍ଠାନ ନାହିଁ କି ତଦନ୍ତ ବି ହେଉନି
- ବ୍ଲକବାସୀଙ୍କ ମଧ୍ୟରେ ବଢୁଛି ଅସନ୍ତୋଷ




ଅସ୍ତରଙ୍ଗ(ଭାସ୍କର ନ୍ୟୁଜ୍): ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅଞ୍ଚଳରେ ଥିବା ସମସ୍ତ ସରକାରୀ ବିଭାଗରେ ଦୁର୍ନୀତି ବଢ଼ିବାରେ ଲାଗିଛି। ଜନସାଧାରଣ ବାରମ୍ବାର ଏ ନେଇ ଅଭିଯୋଗ କରୁଥିବା ବେଳେ ଦୁର୍ନୀତି କମିବା ପରିବର୍ତ୍ତେ ବଢ଼ି ଚାଲୁଥିବା ଦେଖାଯାଉଛି। ଅଧିକାରୀମାନେ ସରକାରୀ ନୀତି ନିୟମକୁ ମୋଡି ମକଚି ମର୍ଜିରେ କାମ କରୁଥିବା କହି ସାଧାରଣ ଜନତା ଅସନ୍ତୋଷ ଝାଡୁଛନ୍ତି। ସାଧାରଣ ଜନତା ଦୁର୍ନୀତିଗ୍ରସ୍ତ ଅଧିକାରୀଙ୍କ ଦୌରାତ୍ମ୍ୟ ରେ ଅତିଷ୍ଠ ହୋଇ ପଡିଲେଣି। ବାରମ୍ବାର ଅଭିଯୋଗ ସତ୍ତ୍ୱେ ବରିଷ୍ଠ ପ୍ରଶାସନିକ ଅଧିକାରୀ କିମ୍ବା ଜିଲ୍ଲା ପ୍ରଶାସନ ପକ୍ଷରୁ ଏଦିଗରେ କୌଣସି ପଦକ୍ଷେପ ନିଆଯାଉନି। କାର୍ଯ୍ୟାନୁଷ୍ଠାନ ଦୂରର କଥା ଅଭିଯୋଗର ତଦନ୍ତ ମଧ୍ୟ ହେଉନି। ତଳୁ ଉପରସ୍ତର ପର୍ଯ୍ୟନ୍ତ ସମସ୍ତେ ଦୁର୍ନୀତିରେ ସମ୍ପୃକ୍ତ ରହିଥିବା ଅଭିଯୋଗ ହେଉଛି। ବିଭିନ୍ନ ଯୋଜନାରେ ଆସୁଥିବା ଟଙ୍କାକୁ ଚଞ୍ଚକତା ପୂର୍ବକ ହଡପ କରି ଅଧେ ଅଧେ ନୀତିରେ କାରବାର ଚାଲିଥିବା ଚର୍ଚ୍ଚା ହେଉଛି। ଅନ୍ୟ ପଟେ ସମସ୍ୟା ମଧ୍ୟରେ ସନ୍ତୁଳିତ ହେଉଛନ୍ତି ଅସ୍ତରଙ୍ଗ ବ୍ଲକର ବିଭିନ୍ନ ପଂଚାୟତବାସୀ। ଉଦାହରଣ ସ୍ୱରୂପ ଦୀର୍ଘ ବର୍ଷ ହେବ କାମ ହେଉଛି ପାଣି ଟାଙ୍କି କିନ୍ତୁ ଅର୍ଥ ଖର୍ଚ୍ଚ ହେଉଛି ପ୍ରତିବର୍ଷ ପାଣି ସମସ୍ୟା ଦୂର ହେଉ ନାହିଁ। ଏମିତି ଅନେକ ସମସ୍ୟାରେ ଅସ୍ତରଙ୍ଗ ବ୍ଲକ ବାସିନ୍ଦା। ଅସ୍ତରଙ୍ଗ ବ୍ଲକର ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟରେ ବ୍ୟାପକ ଦୁର୍ନୀତି ହେଉଥିବା ବିଭିନ୍ନ ଗଣମାଧ୍ୟମରେ ତଥ୍ୟ ସହ ପ୍ରକାଶ ପାଉଛି। ଯେପରିକି ପୂର୍ତ୍ତ ବିଭାଗ,ଗ୍ରାମ୍ୟ ଉନ୍ନୟନ ବିଭାଗ, ଜଳ ଓ ପରିମଳ ବିଭାଗ, ଯୋଗାଣ ବିଭାଗ, ଜଳ ସେଚନ ବିଭାଗ, ମନରେଗା ଆଦିରେ ବ୍ୟାପକ ଦୁର୍ନୀତି ହେଉଛି। ବିଭିନ୍ନ ଯୋଜନାରେ ଆସିଥିବା କୋଟି କୋଟି ଟଙ୍କା ହଡପ କରାଯାଇଛି। କେଉଁଠି ନିମ୍ନମାନର କାମ କରାଯାଉଛି ତ କେଉଁଠି ଆଦୌ କାମ ନକରି କାଗଜପତ୍ରରେ ଚଞ୍ଚକତା କରି ଅର୍ଥ ହଡପ କରାଯାଉଛି। ଲୋକଙ୍କୁ ଭୁଆଁ ବୁଲାଇ ଲୋକ ପ୍ରତିନିଧିଙ୍କୁ ଅଣଦେଖା କରି ପ୍ରାୟ ସ୍ଥାନରେ ଏ ସବୁ କାର୍ଯ୍ୟ ଚାଲିଛି। ଅଭିଯୋଗ କରି ଲୋକେ ଥକି ପଡୁଥିବାବେଳେ କାର୍ଯ୍ୟାନୁଷ୍ଠାନ ଦୂର କଥା ତଦନ୍ତ ମଧ୍ୟ ହେଉନି। ମାଳ ମାଳ ସମସ୍ୟାରେ ଲୋକେ ଛନ୍ଦି ହେଉଛନ୍ତି। ସରକାରୀ ଯୋଜନାର ସଫଳ ରୂପାୟନ ହୋଇପାରୁନି। କାରଣ ବରିଷ୍ଠ ଅଧିକାରୀ ଙ୍କ ଛତ୍ର ଛାୟା ତଳେ ରହି ଏଭଳି ବେନିୟମ କାର୍ଯ୍ୟ କରୁଛନ୍ତି। ହଡପ ଅର୍ଥକୁ ଭାଗ ବାଣ୍ଟି ନେଉଛନ୍ତି ବୋଲି ଚର୍ଚ୍ଚା ହେଉଛି। ସରକାର ବଦଳିଥିବା ବେଳେ ଅସ୍ତରଙ୍ଗ ବ୍ଲକ ଅଂଚଳରେ ବଢିଥିବା ଦୁର୍ନୀତିରେ ରୋକ ଲାଗିବ ବୋଲି ଲୋକେ ଆଶା ବାନ୍ଧିଥିଲେ। ମାତ୍ର ଦୁର୍ନୀତି ବଢୁଥିବା ଦେଖାଯାଉଛି। ଅଧିକାରୀଙ୍କ ଅର୍ଥଖୋର ମାନସିକତା ପରିବର୍ତ୍ତନ ଆସୁନି। କାର୍ଯ୍ୟାନୁଷ୍ଠାନ ଭୟ ନଥିବାରୁ ଦୁର୍ନୀତି ବଢ଼ି ଚାଲିଥିବା ବୁଦ୍ଧିଜୀବୀମାନେ ମତ ଦେଇଛନ୍ତି। କିଛି ଦିନ ପୂର୍ବେ ଅର୍ଥ ଲାଳସା ମୋହ ହୋଇ ରାଜସ୍ୱ ନିରୀକ୍ଷକ ଜଣେ ଭିଜିଲାନ୍ସ ଜାଲରେ ପଡ଼ିଥିଲେ। ଜିଲ୍ଲାପାଳ ଏ ଦିଗରେ ଦୃଷ୍ଟି ଦେଇ ପଦକ୍ଷେପ ନେବାକୁ ଦାବି ହୋଇଛି।

# ମାତୃ ଦିବସରେ ମାଆକୁ ହରେଇ ଥିବା ପରିବାରକୁ ସହାୟତା



ଜଳେଶ୍ୱର(ଭାସ୍କର ନ୍ୟୁଜ୍): ଜଳେଶ୍ୱରରେ ଗଢି ଉଠିଥିବା ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ଭାବରେ ପରିଚିତ ଉତ୍କଳ ଜନନୀ ସେବା ସଂଗଠନ ପରିବାର ତରଫରୁ ଜଳେଶ୍ୱର ବ୍ଲକ ଅନ୍ତର୍ଗତ ଆରୁହା ପଞ୍ଚାୟତର ମଙ୍ଗା ପୋଖରୀସାହିର ସ୍ୱର୍ଗତ ସୃଷ୍ଟିଧର ସିଂଙ୍କ ଧର୍ମପତ୍ନୀ ସୀମା ସିଂଙ୍କର ଅକସ୍ମାତ ମୃତ୍ୟୁ ପରେ ପରିବାରର ଦୁଇ ପୁଅ ଅନୁପ ସିଂ ଏବଂ ସନୁ ସିଂ ସମ୍ପୂର୍ଣ୍ଣ ଭାବରେ ଭାଙ୍ଗି ପଡିଛନ୍ତି ।ଏଇ ଖବର ଶୁଣିବା ପରେ ଉତ୍କଳ ଜନନୀ ସେବା ସଂଗଠନ ଉକ୍ତ ପରିବାର ପାଖରେ ପହଞ୍ଚି ମୃତ ସୀମା ସିଂଙ୍କ ଅନ୍ତେଷ୍ଟିକ୍ରିୟା ନିମନ୍ତେ ନଗଦ ପାଞ୍ଚ ହଜାର ଟଙ୍କା ଦେବା ସହିତ ଆଗାମୀ ଦିନରେ ପିଲାମାନଙ୍କ ପାଠ ପଢା ସାମଗ୍ରୀ ଓ ସବୁ ପ୍ରକାର ସୁବିଧା ଯୋଗେଇ ଦିଆଯିବ ବୋଲି ମୁଖ୍ୟ ଅତିଥି ବରିଷ୍ଠ ଆଇନଜୀବି ରାମଚନ୍ଦ୍ର ଜେନା ପ୍ରତିଶ୍ରୁତି ଦେବା ସହ ମତବ୍ୟକ୍ତ କରିଥିଲେ। ଅନ୍ୟ ଅତିଥି ଭାବେ ବରିଷ୍ଠ ସାମ୍ବାଦିକ ମନୋଜ କୁମାର ଭୂୟାଁ ଉପସ୍ଥିତ ଥିବା ବେଳେ ସଂଗଠନର ସଭାପତି ହେମନ୍ତ କୁମାର ଜେନା, ସମ୍ପାଦକ ଗଗନ ବିହାରୀ ସାହୁ, ଗୌରବ ବେହେରା, ଦୀପକ ଜେନା, ଏବଂ ଅନ୍ୟ ସଦସ୍ୟ ମାନେ ଉପସ୍ଥିତ ଥିଲେ। ସଂଗଠନର ଏତାଦୃଶ୍ୟ କାର୍ଯ୍ୟକ୍ରମକୁ ଅଞ୍ଚଳର ପ୍ରଶଂସା କରିଛନ୍ତି।

## 'ହା କୃଷ୍ଣ ବୋଲି ଯାଉ ଯିବ 'ନାଟକରେ ମୁଗ୍ଧ ହେଲେ ଦର୍ଶକ

ଅସ୍ତରଙ୍ଗ(ଭାସ୍କର ନ୍ୟୁଜ୍):ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ନଈଗୁଆଁ ଗ୍ରାମର କ୍ଲବ ରାଇଜିଂ ଷ୍ଟାରର ୩୪ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ରବିବାର ଦିନ କ୍ଲବ ତରଫରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଅବସରରେ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ତଥା କାକଟପୁର ବିଧାୟକ ତୁଷାରକାନ୍ତି ବେହେରା,ପୁରୀ ଜିଲ୍ଲାପରିଷଦ ଉପାଧ୍ୟକ୍ଷ ସ୍ୱାଧୀନ କୁମାର ନାୟକ, ପୂର୍ବତନ ଜିଲ୍ଲାପରିଷଦ ଗଦାଧର ବିଶ୍ୱାଳ, ପ୍ରଶାସନିକ ଅଧିକାରୀ ଥିବା ହୃଷିକେଶ ତ୍ରିପାଠୀ, କ୍ଲବର ସଭାପତି ସୁଶାନ୍ତ କୁମାର ତ୍ରିପାଠୀ ଓ ସମ୍ପାଦକ ବିକାଶ ରଞ୍ଜନ ତ୍ରିପାଠୀଙ୍କ ସହ ଅନ୍ୟ ମାନେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମର ମୁଖ୍ୟ ଆକର୍ଷଣ ଭାବେ ଗାଁର କଳାକାରମାନଙ୍କ ଦ୍ୱାରା ପରିବେଷିତ ଯାତ୍ରା 'ହା କୃଷ୍ଣ ବୋଲି ଯାଉ ଯିବ 'ଯାହାକୁ ଉପସ୍ଥିତ ଦର୍ଶକଙ୍କୁ ସମ୍ପୂର୍ଣ୍ଣ ମନମୁଗ୍ଧ କରିଥିଲା। ମୁଖ୍ୟ ଅଭିନୟରେ ଅନିରୁଦ୍ଧ ତ୍ରିପାଠୀ ଓ ଟୁମ୍ପୁକି ଅଭିନୟ କରିଥିଲେ। କ୍ଲବ ରାଇଜିଂ ଷ୍ଟାର ସମସ୍ତ କର୍ମକର୍ତ୍ତା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ମଇ ୮ ତାରିଖରେ ଦୂରଦର୍ଶନର ଭାଷ୍ୟକାର ଅଶୋକ ଶ୍ରୀବାସ୍ତବ କଂଗ୍ରେସ ସଭାପତି ମଲ୍ଲିକାର୍ଜ୍ଜୁନ ଖଡ଼ଗେଙ୍କୁ ଗଦ୍ଦାର ବୋଲି ଏକ ଟିଭି କାର୍ଯ୍ୟକ୍ରମରେ ଆକ୍ଷେପ କରି କହିଥିଲେ। ତାଙ୍କର ଏପରି ମିଥ୍ୟା ଆକ୍ଷେପ ଯୋଗୁଁ କଂଗ୍ରେସ ସଭାପତି ଶ୍ରୀ ଖଡ଼ଗେଙ୍କର ସମ୍ମାନହାନୀ ହୋଇଥିଲା ଓ କଂଗ୍ରେସ ଦଳର ମଧ୍ୟ ମାନହାନୀ ହୋଇଥିଲା। ଦେଶରେ ବର୍ତ୍ତମାନ ଏକ ଘଡ଼ିସନ୍ଧି ମୂହୁର୍ତ୍ତରେ ଭାଷ୍ୟକାର ଶ୍ରୀ ଶ୍ରୀବାସ୍ତବ ଘୃଣାଭାବ ପ୍ରସାର କରିବା ପାଇଁ ଜାଣିଶୁଣି ଏପରି ଏକ ମନ୍ତବ୍ୟ ଦେଇଥିଲେ। ଏହାର ପ୍ରତିବାଦରେ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସଙ୍କ ନିର୍ଦ୍ଦେଶକ୍ରମେ ଆଜି ଓଡ଼ିଶା ପ୍ରଦେଶ କଂଗ୍ରେସ ଅନୁସୂଚିତ ଜାତି ବିଭାଗ ପକ୍ଷରୁ କ୍ୟାପିଟାଲ ଥାନାରେ ବିଭାଗର ଅଧ୍ୟକ୍ଷ ବାଙ୍କନିଧି ବେହେରା ଓ ବିଭାଗର ଜାତୀୟ ଆବାହକ ମାନସ କୁମାର ମଲ୍ଲିକଙ୍କ ନେତୃତ୍ୱରେ ଏକ ଏତଲ ଦିଆଯାଇଥିଲା। କ୍ୟାପିଟାଲ ଥାନା ଅଧିକାରୀ ମାମଲାକୁ ଗ୍ରହଣକରି ଆବଶ୍ୟକୀୟ ପଦକ୍ଷେପ ନେବେ ବୋଲି ଅନୁସୂଚୀତ ଜାତି ବିଭାଗର ପ୍ରତିନିଧି ମଣ୍ଡଳୀଙ୍କୁ ପ୍ରତିଶ୍ରୁତି ଦେଇଥିଲେ।

### ରାଜଧାନୀବାସୀ ଉହଳ ବିକଳ

# ଭୟ ବଢ଼ାଉଛି ଅସହ୍ୟ ତାତି



**ତତଲା କଡ଼େଇରେ ପରିଣତ ହୋଇଛି କଂକ୍ରିଟ ସହର ରାଜଧାନୀ । ରାତି ପାହିଲେ ଅସହ୍ୟ ଗୁଳୁଗୁଳି ସାଙ୍ଗକୁ ଟାଇଁ ଟାଇଁ ଖରା । ସକାଳ ୮ଟା ସୁଦ୍ଧା ତାପମାତ୍ରା ୩୫ ଡିଗ୍ରୀ ବୃଦ୍ଧି ପାଉଛି । ଯାହାଫଳରେ ରାଜଧାନୀବାସୀ ଅସହ୍ୟ ତାତିରେ ତ୍ରାହି ତ୍ରାହି ଡାକିଲେଣି । ଗତ ଚାରିଦିନ ହେବ ସହରବାସୀଙ୍କୁ ଅତିଷ୍ଠ କରୁଛି ତାତି । ଆଗକୁ ଆହୁରି ତାପମାତ୍ରା ବୃଦ୍ଧି ପାଇବ ବୋଲି ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ସୂତ୍ରରୁ ସୂଚନା ମିଳିଛି । ତେଣୁ ଏଥିପ୍ରତି ସମସ୍ତେ ଯତ୍ନଶୀଳ ହୋଇ ଘରେ ରହିବାକୁ ପରାମର୍ଶ ଦିଆଯାଇଛି ।**

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଅସହ୍ୟ ତାତି ପାଇଁ ସୋମବାର ରାଜଧାନୀବାସୀ ଉହଳ ବିକଳ ହେଉଛନ୍ତି । କଂକ୍ରିଟ ସହର ରାଜଧାନୀରେ ରାତି ପାହିଲେ ଅସହ୍ୟ ଗୁଳୁଗୁଳି ସାଙ୍ଗକୁ ଟାଇଁ ଟାଇଁ ଖରା ସମସ୍ତଙ୍କୁ ଅତିଷ୍ଠ କଲାଣି । ଗତ ୪ ଦିନ ହେବ ସ୍ଥିତି ବେହାଲ୍ ହେବାରେ ଲାଗିଛି । ଦିନତମାମ ଝାଞ୍ଜି ପବନ ସାଙ୍ଗକୁ ଟାଣ ଖରା ଜନଜୀବନକୁ ଅସ୍ତବ୍ୟସ୍ତ କରୁଛି । ଦେହରୁ ବାହାରୁଛି ଗମ୍‌ଗମ୍ ଝାଳ । ଘର ହେଉ ଅବା ବାହାର ସବୁଠି ଗୁଳୁଗୁଳି ଅସ୍ତବ୍ୟସ୍ତ କରିପକାଉଛି । ଦିନ ୧୦ ଟା ହେବା କ୍ଷଣି ଘରୁ ପଦାକୁ ବାହାରିବାକୁ ସହରବାସୀ ନିଜକୁ ସୁରକ୍ଷିତ ମଣୁ ନାହାନ୍ତି । ଯେଉଁମାନେ ଜରୁରି କାର୍ଯ୍ୟରେ ପଦାକୁ ବାହାରୁଛନ୍ତି ସାଥିରେ ପାଣି ବୋତଲ ଓ ଛତା ନେବାକୁ ଭୁଲୁନାହାନ୍ତି । ଦିନ ଦ୍ୱିପହର ସମୟରେ ରାଜଧାନୀ ରାଜରାସ୍ତା ଖାଁ ଖାଁ ହୋଇପଡୁଛି । କାଁ ଭାଁ ଗାଡିମୋଟର ଚଳାଚଳ କରୁଥିବା ବେଳେ ଦୋକାନବଜାରଗୁଡ଼ିକ ମଧ୍ୟ ବନ୍ଦ ରହୁଛି । ତେବେ ଦୂରଦୂରାନ୍ତରୁ ଆସୁଥିବା ଯାତ୍ରୀମାନେ ଖରା ଦାଉରେ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ସେମାନେ ତାତିରୁ ତ୍ରାହି ପାଇଁ ରାଜଧାନୀ ରାସ୍ତାକଡ଼ରେ ପସରା ମେଲାଇଥିବା ଆଖୁରସ ଦୋକାନଠାରୁ ଆରମ୍ଭ କରି ତରଭୁଜ, ପୋଦିନା ପାଣି, ଦହି, ସର୍ବତ ଆଦିକୁ ସେବନ କରି ସମୟ ଅତିବାହିତ କରୁଛନ୍ତି । ସୋମବାର ରାଜଧାନୀର ତାପମାତ୍ରା ୩୮.୨ ଡିଗ୍ରୀ ରହିଥିବା ବେଳେ ଆଗକୁ ଆହୁରି ତାପମାତ୍ରାରେ ବୃଦ୍ଧି ଘଟିବ ବୋଲି ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ମିଳିଛି । ଏବେ ସ୍କୁଲକଲେଜଗୁଡ଼ିକ ବନ୍ଦ ରହିଥିବାରୁ ଛାତ୍ରଛାତ୍ରୀମାନେ ଘରେ ରହି ପାଠ ପଢୁଛନ୍ତି । ହେଲେ ଅସହ୍ୟ ଗରମ ସେମାନଙ୍କୁ ମଧ୍ୟ ଆଶ୍ୱସ୍ତି ଦେଉନାହିଁ । ରାଜଧାନୀରେ ଲକ୍ଷ ଲକ୍ଷ ଗାଡିମୋଟର ଚଳାଚଳ ତାପମାତ୍ରା ବୃଦ୍ଧିକୁ ଦ୍ୱିଗୁଣିତ କରିପକାଉଛି । ଏଥିସହ ବହୁଳ ମାତ୍ରାରେ ଏସି ବ୍ୟବହାର ପାଇଁ ମଧ୍ୟ ତାପମାତ୍ରା ବୃଦ୍ଧି ଘଟିବା ସାଙ୍ଗକୁ ଅଦିନରେ ସୁଉଚ୍ଚ ବୃକ୍ଷଗୁଡ଼ିକ କାଟିବା ମଧ୍ୟ ତାପମାତ୍ରା ବୃଦ୍ଧି ଘଟିବା ମୁଖ୍ୟ କାରଣ ପାଲଟିଛି । ସରକାରୀ ସ୍ତରରେ ପ୍ରତ୍ୟେକ ବର୍ଷ ଲକ୍ଷ ଲକ୍ଷ ବୃକ୍ଷରୋପଣ କରାଯାଉଥିଲେ ସୁଦ୍ଧା ଏହାର ରକ୍ଷଣାବେକ୍ଷଣ ଅଭାବରୁ ତାହା ବଞ୍ଚିପାରୁନାହିଁ । ରାସ୍ତାକଡ଼ରେ ସରକାରୀ ସ୍ତରରେ ଚାରାରୋପଣ କରାଯାଉଥିଲେ ସୁଦ୍ଧା ରାସ୍ତା ପ୍ରଶସ୍ତିକରଣ ବେଳେ ଏହାକୁ ପୁଣି ଉପାଡି ଦିଆଯାଉଛି । ତେଣୁ ଆଜି ରାଜଧାନୀ ରାଜରାସ୍ତାରେ କାଁ ଭାଁ ଗଛ ଦେଖାଯାଉଥିବା ବେଳେ ରକ୍ଷଣାବେକ୍ଷଣ ଅଭାବରୁ ପରିସ୍ଥିତି ଭୟାନକ ରୂପ ନେବାରେ ଲାଗିଛି । ତେଣୁ ଏଥିପ୍ରତି ସରକାର ଯଥେଷ୍ଟ ଯତ୍ନଶୀଳ ହୋଇ ବହୁଳମାତ୍ରାରେ ବୃକ୍ଷରୋପଣ କରାଗଲେ ତାତିରୁ ସହରବାସୀ ସାମାନ୍ୟ ଆଶ୍ୱସ୍ତି ଲାଭ କରିବେ ବୋଲି ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛି ।

## ପଣ୍ଡିତ ରଘୁନାଥ ମୁର୍ମୁଙ୍କ ଜୟନ୍ତୀ ପାଳିତ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଓଡ଼ିଶା ବିଧାନସଭାଠାରେ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ଜୟନ୍ତୀ ପାଳିତ ହୋଇଯାଇଛି । ଏହି ଅବସରରେ ଯୋଗଦେଇ ଏକାମ୍ର-ଭୁବନେଶ୍ୱର ବିଧାୟକ ବାବୁ ସିଂ, ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ସୂଚନା ଓ ଲୋକସମ୍ପର୍କ ବିଭାଗର ନିର୍ଦ୍ଦେଶକ ଦେବପ୍ରସାଦ ଦାଶ, ବିଧାନସଭାର ସଚିବ ସତ୍ୟବ୍ରତ ରାଉତ, ଏସ୍‌ପି, ନିରାପତ୍ତା ଅଧିକାରୀ ଗୋପାଳ ବେହେରା, ଯୁଗ୍ମ ସଚିବ ବିଦ୍ୟାଧର ମାଝୀ, ଉପସଚିବ ଆଶିଷ ରଞ୍ଜନ ଖୁଣ୍ଟିଆଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ପ୍ରମୁଖ ଉପସ୍ଥିତ ରହି ପଣ୍ଡିତ ରଘୁନାଥ ମୁର୍ମୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପାର୍ଘ୍ୟ ପ୍ରଦାନ ପୂର୍ବକ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ । ଶହେ ବର୍ଷତଳେ ବିଲୁପ୍ତପ୍ରାୟ ସାନ୍ତାଳୀ ଭାଷା ଆଜି ବିଶ୍ୱ ଦରବାରରେ ଗୌରବର ସହ ଦଣ୍ଡାୟମାନ । ଏହି ଭାଷାକୁ ମୃତ୍ୟୁ ସଞ୍ଜିବନୀ ପ୍ରଦାନ କରିଛନ୍ତି ଗୁରୁ ଗୋମ୍‌କେ ପଣ୍ଡିତ ରଘୁନାଥ ମୁର୍ମୁ । ୧୯୦୫ ମସିହା ବୈଶାଖ ପୂର୍ଣ୍ଣିମା ତିଥିରେ ଜନ୍ମିତ ଗୁରୁ ଗୋମ୍‌କେ ପଣ୍ଡିତ ରଘୁନାଥ ମୁର୍ମୁଙ୍କର ଆଜି ୧୨୦ତମ ଜୟନ୍ତୀ । ମୟୂରଭଞ୍ଜ ଜିଲ୍ଲା ବାମନଘାଟି ଉପଖଣ୍ଡ ରାଇରଙ୍ଗପୁର ନିକଟସ୍ଥ ଡାହାରଡିହି ଗ୍ରାମରେ ପିତା ନନ୍ଦଲାଲ ମୁର୍ମୁ ଓ ମାତା ସଲମା ମୁର୍ମୁଙ୍କ କୋଳରେ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ଜନ୍ମ । ସେ ଗମ୍ଭାରିଆ ୟୁପି ସ୍କୁଲରେ ପ୍ରାଥମିକ ଶିକ୍ଷା ଆରମ୍ଭ କରିବାବେଳେ ଓଡ଼ିଆ ଭାଷା ବୁଝିବାରେ ଅସହାୟତା ଯୋଗୁଁ ତାଙ୍କ ମନରେ ସାନ୍ତାଳୀ ଭାଷାରେ ଶିକ୍ଷାର ଆବଶ୍ୟକତା ନେଇ ଭାବନା ଉଦ୍ରେକ ହୋଇଥିଲା । ୧୯୨୪-୨୫ରେ ବାରିପଦା ହାଇସ୍କୁଲରେ ପଢ଼ିବା ସମୟରେ ସେ ସାନ୍ତାଳୀ ଭାଷା ପାଇଁ ସ୍ୱତନ୍ତ୍ର ଲିପି 'ଅଲ୍‌ଚିକି' ଉଦ୍ଭାବନ କରିଥିଲେ । ଆଜି ସାନ୍ତାଳୀ ଭାଷା ପୁନର୍ଜୀବନ ପାଇଛି ଓ ସାନ୍ତାଳୀ ଶିକ୍ଷା ଏକ ବିପ୍ଳବର ରୂପ ନେଇଛି । ଆଜି 'ଅଲ୍‌ଚିକି' ଲିପି ୧୦୦ ବର୍ଷରେ ପଦାର୍ପଣ କରିଥିବା ବେଳେ ଭାରତର ବହୁବର୍ଣ୍ଣ ଭାଷା-ସାହିତ୍ୟ ଜଗତରେ ଏହାର ଜନକ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ନାମ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ।

## ବିଓଆଇର ଅବସରପ୍ରାପ୍ତ କର୍ମଚାରୀଙ୍କ ବାର୍ଷିକ ଅଧିବେଶନ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ବ୍ୟାଙ୍କ ଅଫ୍ ଇଣ୍ଡିଆ ଓଡିଶାର ଅବସରପ୍ରାପ୍ତ କର୍ମଚାରୀ ସଂଘ (ଭାରତୀୟ ମଜଦୁର ସଂଘ ସମର୍ଥିତ)ର ବାର୍ଷିକ ଅଧିବେଶନ ସୁକାନ୍ତ ମହାନ୍ତିଙ୍କ ଆବାହନରେ ଭୁବନେଶ୍ୱରରେ ଅୟୋଜିତ କରାଯାଇଛି। ଏହି କାର୍ଯ୍ୟକ୍ରମକୁ ବ୍ୟାଙ୍କ ଅଫ୍ ଇଣ୍ଡିଆ ପେନସନ ସଂଘର ରାଜ୍ୟ ସାଧାରଣ ସମ୍ପାଦକ ତେଜେଶ୍ୱର ପଟ୍ଟନାୟକ ସଭାପତି ବିଶ୍ୱମୋହନ ମିଶ୍ର, କାର୍ଯ୍ୟକାରି ସଭାପତି ଲକ୍ଷ୍ମୀକାନ୍ତ ମିଶ୍ରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କରାଯାଇଛି। ସର୍ବଭାରତୀୟ ସାଧାରଣ ସମ୍ପାଦକ ରାଘବ ରାଓ ଏବଂ ସଭାପତି ଶ୍ୟାମସୁନ୍ଦର ବଣିକ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ରହି ସଦସ୍ୟମାନଙ୍କୁ ସେମାନଙ୍କର ପେନସନ ବୃଦ୍ଧି ଏବଂ ଅବସରପ୍ରାପ୍ତ କର୍ମଚାରୀମାନଙ୍କ ପାଇଁ ଉଦ୍ଧିଷ୍ଟ ବିଭିନ୍ନ କଲ୍ୟାଣକାରୀ ଯୋଜନା ବିଷୟରେ ଅବଗତ କରାଇଥିଲେ। ମୁଖ୍ୟ ଅତିଥି ଭାବେ ଓଡିଶାର ଭାରତୀୟ ମଜଦୁର ସଂଘର ସାଧାରଣ ସମ୍ପାଦକ ପୃଥ୍ୱୀରାଜ ପଣ୍ଡା ଏବଂ ବିଶେଷ ଅତିଥି ଭାବେ ସରୋଜ ପ୍ରଧାନ (ଆର୍ଥିକ ବିଭାଗ), (ଭାରତୀୟ ମଜଦୁର ସଂଘ)ଙ୍କୁ ଆମନ୍ତ୍ରିତ କରାଯାଇଥିଲା। ଶ୍ରୀ ପଣ୍ଡା ବ୍ୟାଙ୍କ ପେନସନରମାନଙ୍କ ପେନସନ ବୃଦ୍ଧି ଜନିତ ସମସ୍ତ ନ୍ୟାଜ୍ୟ ଦାବିଗୁଡିକୁ କେନ୍ଦ୍ରୀୟ କମିଟି କୁ ଅବଗତ କରାଇବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ସଭାର ପ୍ରାରମ୍ଭରେ ପହଲଗାମରେ ସଦ୍ଗତିଃ ଲାଭ କରିଥିବା ଆତ୍ମା ଏବଂ ସଦ୍ୟ ତିରୋଧାନ କରିଥିବା ବୀରପୂତ ସୈନିକ ଏବଂ ଆମ ବ୍ୟାଙ୍କର ଅବସର ପ୍ରାପ୍ତ କର୍ମଚାରୀ ଆତ୍ମାର ସଦଗତି ପାଇଁ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ତାପରେ ଶ୍ରମିକ ସଙ୍ଗୀତ ସହ ସରୋଜ ପ୍ରଧାନ ସଭାର ଶୁଭାରମ୍ଭ କରିଥିଲେ। ଅତିଥିମାନେ ସେମାନଙ୍କର ବହୁମୂଲ୍ୟ ଉପଦେଶ ପ୍ରଦାନ କରିଥିଲେ। ସଭା ଅନ୍ତରେ ମଦନ ମହାପାତ୍ର ଧନ୍ୟବାଦ ପ୍ରସ୍ତାବ ସହିତ ସଭା ସମାପନ କରିଥିଲେ।

## ବାର୍ ଗୁଳିକାଣ୍ଡ ଘଟଣାରେ ଆଉ ଦୁଇ ଗିରଫ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଡ଼ମଣା କସମୋଶ ବାରରେ ଗୁଳିକାଣ୍ଡ ଘଟଣାରେ ଆଉ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିଛି କମିସନରେଟ ପୋଲିସ । ଗିରଫ ଦୁଇ ଅଭିଯୁକ୍ତ ହେଲେ ଦଧି ବାମନ ଜେନା ଓ କୃଷ୍ଣ ଚନ୍ଦ୍ର ବାରିକ। ପୋଲିସ ସେମାନଙ୍କ ନିକଟରୁ ଘଟଣାରେ ବ୍ୟବହୃତ ବନ୍ଧୁକ ଜବତ କରିଛି। ଗତକାଲି ମଧ୍ୟ ଏହି ଘଟଣାରେ ୧୧ ଜଣଙ୍କୁ ଗିରଫ କରାଯାଇଥିଲା। ଏହି ଘଟଣାରେ ଏପର୍ଯ୍ୟନ୍ତ ୧୩ଜଣଙ୍କୁ ଗିରଫ କରିଛି କମିସନରେଟ ପୋଲିସ । ପୋଲିସ କମିସନର ସୁରେଶ ଦେବ ଦତ ସିଂ ଏହି ସୂଚନା ଦେଇଛନ୍ତି। ସେ ଆହୁରି କହିଛନ୍ତି ଯେ ଘଟଣାର ମୁଖ୍ୟ ଅଭିଯୁକ୍ତ ଶିବ ପାତ୍ର ଏବଂ ରଶ୍ମି ଏବେ ବି ଫେରାର ଅଛନ୍ତି । ସେମାନଙ୍କୁ ଧରିବା ପାଇଁ ବିଭିନ୍ନ ଜାଗାରେ ରେଡ କରୁଛି କମିସନରେଟ ପୋଲିସ।

## ସ୍ୱାଭାବିକ ହେବ ବିମାନ ଯାତ୍ରା

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଆସନ୍ତାକାଲି ଠାରୁ ସବୁ ସ୍ଥାନକୁ ବିମାନ ଯାତ୍ରା ସ୍ୱାଭାବିକ ହେବ। ଭୁବନେଶ୍ୱର ବିମାନ ବନ୍ଦର ନିର୍ଦ୍ଦେଶକ ପ୍ରସନ୍ନ ପ୍ରଧାନ ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ନୋଟାମକୁ କ୍ୟାନସେଲ କରାଯିବା ନେଇ ବେସାମାରିକ ବିମାନ ମନ୍ତ୍ରାଳୟରୁ ନୋଟିସ ଆସିଛି। ବନ୍ଦ ଥିବା ୩୨ ବିମାନ ବନ୍ଦରକୁ ବିମାନ ଯାତ୍ରା ସ୍ୱାଭାବିକ ହେବ। ତେବେ ଯାତ୍ରା ପ୍ଲାନ ଏୟାରଲାଇନ୍ସ କମ୍ପାନୀ ସ୍ଥିର କରିବେ। ଭୁବନେଶ୍ୱରରୁ ଗାଜିଆବାଦ ଓ ପାଟନା ଦେଇ ଚଣ୍ଡିଗଡ ଯାଉଥିବା ବିମାନ ଆସନ୍ତା କାଲି ଠାରୁ ପୁଣି ଥରେ ଚାଲିପାରେ ବୋଲି ସେ କହିଛନ୍ତି।

## ଗୌତମ ବୁଦ୍ଧଙ୍କ ୨୫୬୯ ତମ ଜୟନ୍ତୀ ପାଳିତ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ସମଗ୍ର ବିଶ୍ୱକୁ ପ୍ରଥମ ଅହିଂସାର ବାର୍ତ୍ତା ଦେଇଥିବା, ବିଶ୍ୱବନ୍ଦନୀୟ ପରମ କାରୁଣିକ ଭଗବାନ ତଥା ଗୌତମ ବୁଦ୍ଧଙ୍କ ୨୫୬୯ତମ ଜୟନ୍ତୀ ଅବସରରେ ମହାବୋଦ୍ଧି ଯୁବା ଅଭିଯାନ ପକ୍ଷରୁ ପହଲଗାମର ଆତଙ୍କବାଦୀ ଆକ୍ରମଣରେ ପ୍ରାଣ ହରାଇଥିବା ଓ ଅପରେସନ ସିନ୍ଦୁର ଯୁଦ୍ଧରେ ସହୀଦ ହୋଇଥିବା ବୀର ଯବାନଙ୍କ ଉଦ୍ଦେଶ୍ୟରେ ଭୁବନେଶ୍ୱର ବୁଦ୍ଧ ମନ୍ଦିରଠାରେ ଥିବା ବୋଦ୍ଧି ବୃକ୍ଷତଳେ ଏକ ସାମୁହିକ ଦୀପଦାନ ଓ ମୌନବ୍ରତ କାର୍ଯ୍ୟକ୍ରମ ଅନୁଷ୍ଠାନର ଅଧ୍ୟକ୍ଷ ଡ. ଆର୍ଯ୍ୟ କୁମାର ଜ୍ଞାନେନ୍ଦ୍ରଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ ଦୈନିକ ନିତିଦିନର ସମ୍ପାଦକ ମନୋଜ କୁମାର ମହାପାତ୍ର । ସମ୍ମାନୀତ ଅତିଥି ଭାବେ ପୂର୍ବତନ ପ୍ରଶାସକ ସହଦେବ ଜୟସିଂହ, ବିଶିଷ୍ଟ ଅତିଥି ପ୍ରଫେସର ଡ. ବୁଦ୍ଧଦେବ ମିଶ୍ର, ମୁଖ୍ୟବକ୍ତା ସୁବାର୍ତ୍ତାର ସମ୍ପାଦକ ପ୍ରଦ୍ୟୁମ୍ନ ଶତପଥି, ବିଶିଷ୍ଟ ବକ୍ତା ଦୂରଦର୍ଶନର ପୂର୍ବତନ ବାର୍ତ୍ତା ନିର୍ଦ୍ଦେଶକ ଗୋପାଳ ଚନ୍ଦ୍ର ମହାପାତ୍ର, ବରିଷ୍ଠ ସାମ୍ବାଦିକ ରାଜେଶ ନାୟକ, ଧାରା ଶ୍ରୀ ରାଧା ଟ୍ରଷ୍ଟର ଅଧ୍ୟକ୍ଷ ଅମରେନ୍ଦ୍ର ମହାପାତ୍ର ପ୍ରମୁଖ ଯୋଗଦେଇ ନିଜ ନିଜର ବକ୍ତବ୍ୟ ରଖିଥିଲେ । ମହାବୋଧି ଯୁବା ଅଭିଯାନର ଉପସଭାପତି ସିତାବଲ୍ଲଭ ମହାପାତ୍ର ସ୍ୱାଗତ ଭାଷଣ, ବ୍ରଜବନ୍ଧୁ ପଣ୍ଡା କାର୍ଯ୍ୟକ୍ରମ ସୂଚନା ବ୍ରଜବନ୍ଧୁ ପଣ୍ଡା ଓ ପୁଷ୍ପରାଜ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

### ୬ ବର୍ଷ ଶିଶୁପୁତ୍ରର ମୃତ୍ୟୁ ପରେ ଅଙ୍ଗଦାନ

# ଶିଶୁର କିଡ଼୍‌ନୀ ବଞ୍ଚାଇଲା ଦୁଇ ଜୀବନ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଜଣେ ୬ ବର୍ଷର ଶିଶୁ ମୃତ୍ୟୁ ପରେ ଆଉ ଦୁଇଟି ଜୀବନ ବଞ୍ଚାଇବାରେ ସଫଳ ହୋଇପାରିଛି। ବାରିପଦା ମୂର୍ଗାବାଡି ଅଞ୍ଚଳର ଏହି ଶିଶୁଟିର ଆକସ୍ମିକ ଦୁର୍ଘଟଣାରେ ମୁଣ୍ଡରେ ଗଭୀର ଆଘାତ ଯୋଗୁଁ ସ୍ଥାନୀୟ ସମ୍ ଅଲ୍ଟିମେଟ ମେଡିକେୟାରରେ ଚିକିତ୍ସିତ ହେଉଥିଲା। ମାତ୍ର ଶିଶୁଟି ବ୍ରେନ୍ ଡେଡ ଘୋଷିତ ହେବା ପରେ ତାର ପିତା-ମାତା ତାର ଅଙ୍ଗଦାନ କରିବା ନିମନ୍ତେ ମନସ୍ଥ କରିଥିଲେ। ଶିଶୁଟିର ଦୁଇ କିଡ଼ନୀ ଆଉ ଦୁଇଟି ରୋଗୀଙ୍କର ଜୀବନ ବଂଚାଇବାରେ ସାହାଯ୍ୟ କରିଛି। ସମ୍ ଅଲ୍ଟିମେଟ ମେଡିକେୟାର ହସ୍ପିଟାଲ୍ ରେ ଏହି ଶିଶୁଟିର ଦୁଇଟି ବୃକକକୁ ବାହାର କରାଯାଇ ଭୁବନେଶ୍ୱର ଏମ୍ସ ଏବଂ ଅନ୍ୟ ଏକ ଘରୋଇ ହସ୍ପିଟାଲ୍‌କୁ ପଠାଯାଇଛି। ଗତ ୬ ତାରିଖ ଦିନ ଶିଶୁଟିର ମୁଣ୍ଡ ଉପରେ ୩ କ୍ୱିଣ୍ଟାଲ୍ ଓଜନର ଏକ ଗେଟ ପଡ଼ିଯିବା ପରେ ଶିଶୁର ବାପା-ମା ପ୍ରଥମେ ବାଲେଶ୍ୱର ହସ୍ପିଟାଲ ଏବଂ ପରବର୍ତ୍ତୀ ସମୟରେ ସମ୍ ଅଲ୍ଟମେଟ ମେଡିକେୟାରରେ ଚିକିତ୍ସା ପାଇଁ ଭର୍ତ୍ତି କରାଇଥିଲେ। ତେବେ ଅନେକ ଚିକିତ୍ସା ଓ ଚେଷ୍ଟା ସତ୍ତ୍ୱେ ଶିଶୁଟିକୁ ବଂଚା ଯାଇପାରି ନଥିଲା। ତା'ର ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା ଯାହାକୁ କି ସିଭିୟର ଟ୍ରମାଟିକ୍ ବ୍ରେନ୍ ଇଞ୍ଜୁରି ବୋଲି କୁହାଯାଏ ବୋଲି ଚିକିତ୍ସା କରୁଥିବା ଡାକ୍ତର ତଥା ସମ୍ ଅଲ୍ଟିମେଟ ମେଡିକେୟାରର କ୍ରିଟିକାଲ୍ କେୟାର ମେଡିସିନ ବିଭାଗର ସିନିୟର କନ୍‌ସଲ୍‌ଟାଣ୍ଟ ଡାକ୍ତର ଆଲୋକ କୁମାର ପାଣିଗ୍ରାହୀ କହିଥିଲେ। ଅନେକ ପ୍ରଚେଷ୍ଟା ସତ୍ତ୍ୱେ ଶିଶୁଟିର ସ୍ୱାସ୍ଥ୍ୟାବସ୍ଥାରେ କୌଣସି ଉନ୍ନତି ପରିଲକ୍ଷିତ ହୋଇନଥିଲା। ତେଣୁ ସମ୍ପମ୍‌ର ନ୍ୟୁରୋସର୍ଜରୀ ବିଭାଗର ସିନିୟର କନ୍‌ସଲ୍‌ଟାଣ୍ଟ ଡାକ୍ତର ସୋମନାଥ ଜେନା ଏବଂ ଡାକ୍ତର ପାଣିଗ୍ରାହୀ ତା'ର ଦୁଇ ଥର ଆପ୍ନିଆ ଟେଷ୍ଟ କରାଇବା ପରେ ଶିଶୁଟିକୁ ବ୍ରେନ୍ ଡେଡ ଘୋଷଣା କରାଯାଇଥିଲା । ନିଜ କୁନି ପୁଅର ମୃତ୍ୟୁ ପରେ ଅନ୍ୟ କାହାର ଜୀବନ ବଞ୍ଚାଇବା ସହ ଆଉ କେଉଁ ପିତା-ମାତାଙ୍କ ଜୀବନରେ ଖୁସି ଆଣିବାର ମହତ୍ ଉଦ୍ଦେଶ୍ୟ ନେଇ ଶିଶୁଟିର ବାପା-ମା ଅଙ୍ଗଦାନ କରିବା ପାଇଁ ନିଷ୍ପତି ନେଇ ହସ୍ପିଟାଲ୍‌ର କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ। ସମ୍ ପକ୍ଷରୁ ଷ୍ଟେଟ୍ ଅର୍ଗାନ୍ ଆଣ୍ଡ ଟିସ୍ୟୁ ଟ୍ରାନ୍ସପ୍ଲାଣ୍ଟ ଅର୍ଗାନାଇଜେସନ୍ (ସୋଟୋ)କୁ ଅବଗତ କରାଯାଇ ଅଙ୍ଗଦାନ ଓ ପ୍ରତ୍ୟାରୋପଣ ପ୍ରକ୍ରିୟା ସମ୍ପନ୍ନ କରାଯାଇଥିଲା। ଏହାକୁ ମିଶାଇ ମାତ୍ର ଦୁଇ ବର୍ଷ ସମୟସୀମା ମଧ୍ୟରେ ସମ ପକ୍ଷରୁ ଚତୁର୍ଥ ଥର ପାଇଁ ଅଙ୍ଗଦାନ କରାଯାଇଥିବା ବେଳେ ସମୁଦାୟ ୧୩ଟି ଅଙ୍ଗ ପ୍ରତ୍ୟାରୋପଣ ପାଇଁ ବିଭିନ୍ନ ହସ୍ପିଟାଲ୍‌କୁ ପଠାଯାଇଛି। ଆଗକୁ ମଧ୍ୟ ଏହି ମହତ୍ କାର୍ଯ୍ୟ ହସ୍ପିଟାଲ ପକ୍ଷରୁ ଜାରି ରହିବ ବୋଲି ଏହାର ସିଇଓ ଡକ୍ଟର ଶ୍ୱେତପଦ୍ମା ଦାଶ କହିଛନ୍ତି। ଏହି ପରିପ୍ରେକ୍ଷୀରେ ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପ୍ରତିଷ୍ଠାତା ସଭାପତି ପ୍ରଫେସର (ଡକ୍ଟର) ମନୋଜରଞ୍ଜନ ନାୟକ କହିଛନ୍ତି ଯେ ସମ୍ ପକ୍ଷରୁ ଅଂଗଦାନ ଭଳି ମହତ କାର୍ଯ୍ୟକୁ ଅଧିକ ଲୋକାଦୃତ କରିବା ପାଇଁ ପ୍ରଚେଷ୍ଟା କରାଯାଉଥିବା ବେଳ ଆଗାମୀ ଦିନରେ ମଧ୍ୟ ଏହି ପ୍ରକ୍ରିୟା ହସ୍ପିଟାଲ ପକ୍ଷରୁ ଜାରି ରହିବ ବୋଲି କହିଛନ୍ତି।

CKA Birla Group

orient electric

**ଓରିଏଣ୍ଟ ଇଲେକ୍ଟ୍ରିକ୍ ଲିମିଟେଡ୍**

ସିଆଇଏନ୍: ଏଲ୍୩୧୧୦୦ଓଆର୍୨୦୧୬ ପିଏଲ୍‌ସି୦୨୫୮୯୨
ପଞ୍ଜିକୃତ କାର୍ଯ୍ୟାଳୟ: ୟୁନିଟ୍-୮, ପ୍ଲଟ୍ ନଂ.୭, ଭୋଇନଗର, ଭୁବନେଶ୍ୱର-୭୫୧୦୧୨, ଓଡ଼ିଶା, ଟେଲିଫୋନ୍: ୦୬୭୪-୨୩୯୬୯୩୦
କର୍ପୋରେଟ୍ ଅଫିସ: ୨୪୦ ଓଖଲା ଇଣ୍ଡଷ୍ଟ୍ରିଆଲ ଇଷ୍ଟେଟ୍, ଫେଜ୍-୩, ନୂଆଦିଲ୍ଲୀ-୧୧୦୦୨୦, ଟେଲିଫୋନ୍: ୦୧୧-୪୦୫୦୭୦୦୦
ଇମେଲ୍: investor@orientelectric.com, ୱେବସାଇଟ୍: www.orientelectric.com

ନିବେଶକ ଶିକ୍ଷା ଏବଂ ସୁରକ୍ଷା ପାଣ୍ଠି (IEPF)କର୍ତ୍ତୃପକ୍ଷଙ୍କୁ ଇକ୍ୱିଟି ସେୟାର ହସ୍ତାନ୍ତର ପାଇଁ ଇକ୍ୱିଟି ସେୟାରଧାରୀମାନଙ୍କୁ ନୋଟିସ୍।

କମ୍ପାନୀ ଆଇନ, ୨୦୧୩ ('ଆଇନ') ର ଧାରା ୧୨୪ (୫) ଅନୁଯାୟୀ, କମ୍ପାନୀର ଅପେକ୍ଷିତ ଲାଭାଂଶ ଆକାଉଣ୍ଟକୁ ସ୍ଥାନାନ୍ତରିତ ଯେକୌଣସି ଟଙ୍କା, ଯାହା ଏପରି ସ୍ଥାନାନ୍ତର ତାରିଖରୁ ସାତ (୭) ବର୍ଷ ପର୍ଯ୍ୟନ୍ତ ଅପେକ୍ଷିତ କିମ୍ବା ଦାବିହୀନ ରହିଥାଏ, ତାହାକୁ ଆଇନର ଧାରା ୧୨୫ ଅନୁଯାୟୀ କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରତିଷ୍ଠିତ ଏକ ପାଣ୍ଠି, IEPFକୁ ସ୍ଥାନାନ୍ତରିତ କରାଯିବ। ଏହା ବ୍ୟତୀତ, ନିବେଶକ ଶିକ୍ଷା ଏବଂ ସୁରକ୍ଷା ପାଣ୍ଠି ପ୍ରାଧିକରଣ (ଲେଖା, ଅଡିଟ୍, ସ୍ଥାନାନ୍ତର ଏବଂ ଫେରସ୍ତ) ନିୟମ, ୨୦୧୬ ('IEPF ନିୟମ') ସହିତ ପଠିତ ଆଇନର ଧାରା ୧୨୪(୬)ର ବ୍ୟବସ୍ଥା ଅନୁଯାୟୀ, ସମୟ ସମୟରେ ସଂଶୋଧିତ ସମସ୍ତ ସେୟାର ଯାହାର ଲାଭାଂଶ କ୍ରମାଗତ ସାତ (୭) ବର୍ଷ କିମ୍ବା ତା'ଠାରୁ ଅଧିକ ସମୟ ପାଇଁ ଅପରିଶୋଧିତ କିମ୍ବା ଦାବିହୀନ ରହିଛି, ସେଗୁଡ଼ିକୁ କମ୍ପାନୀ ଦ୍ୱାରା IEPF ପ୍ରାଧିକରଣର ଡିମାଟ୍ ଆକାଉଣ୍ଟକୁ ସ୍ଥାନାନ୍ତର କରାଯିବ।

ଏହି ପରିପ୍ରେକ୍ଷୀରେ, ଆପଣଙ୍କ ଦୃଷ୍ଟିକୁ ନିଆଯାଉଛି ଯେ ୨୦୧୭-୧୮ ଆର୍ଥିକ ବର୍ଷ ପାଇଁ ଘୋଷିତ ଚୂଡ଼ାନ୍ତ ଲାଭାଂଶ ଆକାଉଣ୍ଟକୁ ସ୍ଥାନାନ୍ତରିତ ହେବା ତାରିଖରୁ ଲଗାତାର ସାତବର୍ଷ ଧରି ଦାବି ନକରିଥିବା କମ୍ପାନୀର ଅଂଶୀଦାରମାନଙ୍କ ଅଂଶଧନଗୁଡ଼ିକ ଅଗଷ୍ଟ ୧୭, ୨୦୨୫ରେ IEPFକୁ ସ୍ଥାନାନ୍ତରିତ ହେବାକୁ ଯାଉଛି।

IEPF ନିୟମାବଳୀ ପାଳନ କରି, ସମସ୍ତ ସମ୍ପୃକ୍ତ ଅଂଶୀଦାରମାନଙ୍କୁ ବ୍ୟକ୍ତିଗତ ନୋଟିସ୍ ପଠାଯାଉଛି ଯାହାର ଅଂଶୀଦାର IEPFକୁ ସ୍ଥାନାନ୍ତରିତ ହେବାକୁ ଯୋଗ୍ୟ। ଏପରି ସେୟାରହୋଲ୍ଡରମାନଙ୍କ ସମ୍ପୂର୍ଣ୍ଣ ବିବରଣୀ କମ୍ପାନୀର ୱେବସାଇଟ୍ www.orientelectric.com ରେ ଉପଲବ୍ଧ।


୨୦୧୭-୧୮ ଆର୍ଥିକ ବର୍ଷ ଏବଂ ପରବର୍ତ୍ତୀ ଆର୍ଥିକ ବର୍ଷ ପାଇଁ ଦାବି ନକରିଥିବା ଲାଭାଂଶ ଦାବି କରିବା ପାଇଁ ଉପରୋକ୍ତ ଯୋଗାଯୋଗ ଅନୁଯାୟୀ ଆବଶ୍ୟକୀୟ ଡକ୍ୟୁମେଣ୍ଟଗୁଡ଼ିକୁ କମ୍ପାନୀର ରେଜିଷ୍ଟ୍ରାର ଏବଂ ସେୟାର ଟ୍ରାନ୍ସଫର ଏଜେଣ୍ଟ, କେଫିନ୍ ଟେକ୍ନୋଲୋଜିସ୍ ଲିମିଟେଡ୍, ଅର୍ଥାତ୍, ନିକଟକୁ ପଠାଇବାକୁ ସେୟାରହୋଲ୍ଡରମାନଙ୍କୁ ଅନୁରୋଧ କରାଯାଉଛି। IEPF ନିୟମ ଅନୁଯାୟୀ ପ୍ରଦାନ କରାଯାଇଥିବା ପଦ୍ଧତିରେ, ଆଉ କୌଣସି ସୂଚନା ବିନା ଯଦି ୨୦ ଜୁଲାଇ, ୨୦୨୫ ସୁଦ୍ଧା ଲାଭାଂଶ ଦାବି କରାଯାଏ ନାହିଁ, ତେବେ କମ୍ପାନୀ ଦ୍ୱାରା ଦାବି କରାଯାଇ ନଥିବା ଲାଭାଂଶକୁ ମୂଳ ସେୟାର ସହିତ IEPF କର୍ତ୍ତୃପକ୍ଷଙ୍କୁ ସ୍ଥାନାନ୍ତର କରିବା ପାଇଁ ଆବଶ୍ୟକୀୟ ପଦକ୍ଷେପ ନିଆଯିବ। ଦୟାକରି ଧ୍ୟାନ ଦିଅନ୍ତୁ ଯେ IEPFକୁ ସ୍ଥାନାନ୍ତରିତ ହୋଇଥିବା ସେୟାର ସମ୍ପର୍କରେ କମ୍ପାନୀ ବିରୁଦ୍ଧରେ କୌଣସି ଦାବି କରାଯିବ ନାହିଁ।

ଦୟାକରି ଧ୍ୟାନ ଦିଅନ୍ତୁ ଯେ ଦାବି କରାଯାଇ ନଥିବା ଲାଭାଂଶ ଏବଂ ମୂଳ ସେୟାର, ଏହି ସେୟାର ଉପରେ ସଂଗୃହିତ ସମସ୍ତ ଲାଭ ସମେତ, ଯଦି କୌଣସି ଥାଏ, IEPFକୁ ସ୍ଥାନାନ୍ତରିତ ହେବା ପରେ, www.iepf.gov.in ୱେବସାଇଟ୍‌ରେ ଏ ସମ୍ପର୍କରେ ନିର୍ଦ୍ଧାରିତ ପ୍ରକ୍ରିୟା ଅନୁସରଣ କରି କେବଳ IEPF କର୍ତ୍ତୃପକ୍ଷଙ୍କଠାରୁ ଫେରସ୍ତ ଦାବି କରାଯାଇପାରିବ।

କୌଣସି ପ୍ରଶ୍ନ ପାଇଁ, ସେୟାରଧାରୀ (ମାନେ) କମ୍ପାନୀର ରେଜିଷ୍ଟ୍ରାର ଏବଂ ସେୟାର ଟ୍ରାନ୍ସଫର ଏଜେଣ୍ଟ, ଶ୍ରୀଯୁକ୍ତ ଭାସ୍କର ରାୟ, ଡେପୁଟି ଭାଇସ ପ୍ରେସିଡେଣ୍ଟ, କେଫିନ୍ ଟେକ୍ନୋଲୋଜିସ୍ ଲିମିଟେଡ୍, (ୟୁନିଟ୍: ଓରିଏଣ୍ଟ ଇଲେକ୍ଟ୍ରିକ୍ ଲିମିଟେଡ), ସେଲେନିୟମ୍ ବିଲ୍ଡିଂ, ଟାୱାର ବି, ପ୍ଲଟ୍ ୩୧-୩୨, ଗଛିବୋଉଲି, ଫାଇନାନ୍ସିଆଲ୍ ଡିଷ୍ଟ୍ରିକ୍ଟ, ନାନକରାମଗୁଡ଼ା, ସେରିଲିଙ୍ଗମପାଲି, ହାଇଦ୍ରାବାଦ, ରଙ୍ଗାରେଡ୍ଡି, ତେଲେଙ୍ଗାନା-୫୦୦ ୦୩୨ କିମ୍ବା ଇ-ମେଲ୍ einword.ris@kfintech.com, ଫୋନ୍:୧୮୦୦-୩୦୯-୪୦୦୧ ମାଧ୍ୟମରେ ଯୋଗାଯୋଗ କରିବାକୁ ଅନୁରୋଧ କରାଯାଉଛି।

ଓରିଏଣ୍ଟ ଇଲେକ୍ଟ୍ରିକ୍ ଲିମିଟେଡ୍ ପାଇଁ
ସ୍ୱା/-
ଦୀକ୍ଷସା ସିଂହ
କମ୍ପାନୀ ସେକ୍ରେଟାରୀ
(ଏସିଏସ୍-୪୪୯୯୯)

ସ୍ଥାନ : ନୂଆଦିଲ୍ଲୀ
ତାରିଖ : ୧୩.୦୫.୨୦୨୫



ଯେହୁ କ୍ଷମା ଗୁଣେ ପର ତିରସ୍କାର
ଉପେକ୍ଷା କରଇ ଭବେ,
ଏହି ଚରାଚର ବ୍ରହ୍ମାଣ୍ଡ ଆୟତ୍ତ
ହୁଅଇ ତାହାର ଲବେ।
-ପଲ୍ଲୀକବି ନନ୍ଦକିଶୋର ବଳ



ବୈକୁଣ୍ଠ ସମାନ ଆହା ଅଟେ ସେହି ଘର,
ପରସ୍ପର ସ୍ନେହ ଯହିଁ ଥାଏ ନିରନ୍ତର
-ଭକ୍ତକବି ମଧୁସୂଦନ ରାଓ



## ଆଇ.ଏମ୍.ଡି ର ଦ୍ୱିତୀୟ ଆକଳନ

# ଦେଶବାସୀଙ୍କ ପାଇଁ ଆଣିଛି ଆଶ୍ୱସ୍ତି

ପ୍ରଚଣ୍ଡ ତାତି ଓ ଅସହ୍ୟ ଗୁଳୁଗୁଳି ଯୋଗୁଁ ଦେଶବାସୀ ଡହଳବିକଳ ହେଉଥିବା ବେଳେ ଭାରତୀୟ ପାଣିପାଗ ବିଜ୍ଞାନ କେନ୍ଦ୍ରର ସର୍ବଶେଷ ଆକଳନ କିଛିଟା ଆଶ୍ୱସ୍ତି ଆଣିଦେଇଛି। ରବିବାର ଦିନ ପାଣିପାଗ ଦପ୍ତରର ଦ୍ୱିତୀୟ ପୂର୍ବାନୁମାନ ଅନୁଯାୟୀ ଚଳିତ ବର୍ଷ ନିର୍ଦ୍ଧାରିତ ସମୟ ପୂର୍ବରୁ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଭାରତକୁ ଆସିବାର ସମ୍ଭାବନା ରହିଛି। ସାଧାରଣତଃ କେରଳରେ ଜୁନ୍ ପହିଲାରେ ମୌସୁମୀ ଛୁଇଁବାର ପରମ୍ପରା ରହିଥିଲେ ହେଁ ତାହାର ୫ଦିନ ପୂର୍ବରୁ ଅର୍ଥାତ୍ ମଇ ୨୭ରେ ଏହା କେରଳରେ ପ୍ରବେଶ କରିବାକୁ ଯାଉଛି। ଏହି ଆକଳନରେ ୪ଦିନ ଏପଟସେପଟ ହେବାର ଥିଲେ ହେଁ, ମୋଟାମୋଟି ଭାବରେ ଏ ବର୍ଷ ମୌସୁମୀ ପ୍ରବାହ ସ୍ୱାଭାବିକ ରହିବାର ସମସ୍ତ ପ୍ରକାର ସୂଚନା ମିଳିଛି। ଭାରତ ଭଳି କୃଷି ପ୍ରଧାନ ଦେଶରେ ଜଳସେଚନର ପର୍ଯ୍ୟାପ୍ତ ସୁବିଧା ସୁଯୋଗ ନଥିବାରୁ ଖରିଫ୍ ଚାଷ ପାଇଁ ବର୍ଷାଜଳ ଉପରେ ସମ୍ପୂର୍ଣ୍ଣ ନିର୍ଭର କରିବାକୁ ପଡ଼ିଥାଏ। ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ପ୍ରବାହ ଯୋଗୁ ଆମ ଦେଶରେ ଜୁନ୍ ପହିଲାରୁ ସେପ୍ଟେମ୍ବର ୩୦ ତାରିଖ ଚାରିମାସ କାଳ ବର୍ଷା ଲାଗି ରହେ, ଯାହାକୁ ସାଧାରଣତଃ ବର୍ଷାଋତୁ ରୂପେ ବିବେଚନା କରାଯାଇଥାଏ। ଯେଉଁବର୍ଷ ମୌସୁମୀ ଋତୁରେ ଆଶାନୁରୂପ ବର୍ଷା ରେକର୍ଡ କରାଯାଏ, ସେଥର ପର୍ଯ୍ୟାପ୍ତ ପରିମାଣର ଖରିଫ୍ ଫସଲ ଅମଳ ହୋଇ ଦେଶର ଅର୍ଥନୀତି ସମୃଦ୍ଧ ହେଉଥିବାସ୍ଥଳେ ବର୍ଷା ପରିମାଣ କମିଲେ ମରୁଡ଼ି ପରିସ୍ଥିତି ଦେଖାଦିଏ ଏବଂ ଉତ୍ପାଦନ ଉପରେ ତାହାର ପ୍ରତିକୂଳ ପ୍ରଭାବ ପଡ଼େ। ସେହିଦୃଷ୍ଟିରୁ ଦେଶର କୃଷକ ସମାଜ ମୌସୁମୀର ଆଗୁଆ ସୂଚନାକୁ ଚାତକ ଭଳି ଚାହିଁ ରହିଥାନ୍ତି ଏବଂ ଭାରତୀୟ ପାଣିପାଗ ନିର୍ଦ୍ଦେଶାଳୟ ମୌସୁମୀ ବର୍ଷା ନେଇ କ'ଣ ପୂର୍ବାନୁମାନ କରୁଛି, ତାହା ଜାଣିବା ପାଇଁ ବ୍ୟାକୁଳତା ସହ ଅପେକ୍ଷା କରନ୍ତି। ଚଳିତବର୍ଷ ଭାରତର କୃଷକ ଭାଇମାନଙ୍କ ପାଇଁ ଆସିଛି ଏକ ଅତ୍ୟନ୍ତ ଆଶାଜନକ ଖବର, ଯାହା ସେମାନଙ୍କ ମୁହଁରେ ହସ ଫୁଟାଇବାର ଯଥେଷ୍ଟ କାରଣ ରହିଛି। ଏପ୍ରିଲ ମାସ ମଧ୍ୟଭାଗ ସୁଦ୍ଧା ଭାରତୀୟ ପାଣିପାଗ ବିଭାଗ (ଆଇ.ଏମ୍.ଡି) ଆମ ଦେଶରେ ଏ ବର୍ଷ ମୌସୁମୀର ସମ୍ଭାବ୍ୟ ସ୍ଥିତି ନେଇ ନେଇ ଯେଉଁ ପ୍ରଥମ ଆକଳନ କରିଥିଲା, ତାହା ବେଶ୍ ଉତ୍ସାହଜନକ ଥିଲା। ଏଥିରୁ ପ୍ରତୀୟମାନ ହୋଇଥିଲା ଯେ, ଚଳିତ ବର୍ଷ ଇନ୍ଦ୍ରଦେବତାଙ୍କ ସୁଦୃଷ୍ଟି ଦେଶ ଉପରେ ରହିବ ଏବଂ ମୌସୁମୀ ଋତୁରେ ସ୍ୱାଭାବିକ ଠାରୁ ଅଧିକ ବର୍ଷିବାର ସମ୍ଭାବନା ରହିଛି। ଆଇ.ଏମ୍.ଡି ମହାନିର୍ଦ୍ଦେଶକ ମୃତ୍ୟୁଞ୍ଜୟ ମହାପାତ୍ରଙ୍କ ବୟାନ ଅନୁଯାୟୀ ଜୁନ୍‌ରୁ ସେପ୍ଟେମ୍ବର ଶେଷ ପର୍ଯ୍ୟନ୍ତ ସାରା ଦେଶରେ ୧୦୫ ପ୍ରତିଶତ ଅର୍ଥାତ୍ ୮୭ ସେଣ୍ଟିମିଟର୍ ବର୍ଷା ହେବାର ସମ୍ଭାବନା ରହିଛି। ଅବଶ୍ୟ ଏହି ଆକଳନରେ ୫ ପ୍ରତିଶତ କମ୍-ବେଶି ହେବାର ଥିଲେ ହେଁ ବର୍ଷା ପରିମାଣ ଯେ ପର୍ଯ୍ୟାପ୍ତ ହେବ, ଏଥିରେ ସନ୍ଦେହର ଅବକାଶ ନାହିଁ। ଭାରତରେ ଜୁନ୍ ପହିଲା ବେଳକୁ ପ୍ରଥମେ କେରଳ ରାଜ୍ୟରେ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ପ୍ରବେଶ କରିଥାଏ। ପରବର୍ତ୍ତୀ ସମୟରେ ଏହା ଅନ୍ୟ ରାଜ୍ୟକୁ ପରିବ୍ୟାପ୍ତ ହେବା ସଙ୍ଗେ ସଙ୍ଗେ ସେପ୍ଟେମ୍ବର ଶେଷ ସୁଦ୍ଧା ମୌସୁମୀର ପ୍ରତ୍ୟାବର୍ତ୍ତନ ପ୍ରକ୍ରିୟା ଆରମ୍ଭ ହୁଏ। ଏହି ଚାରିମାସରେ ଦେଶରେ ହାରାହାରି ୮୬୮.୬ ମିଲିମିଟର ବା ୮୬.୮୬ ସେଣ୍ଟିମିଟର ବର୍ଷା ହୋଇଥାଏ। ଏହାକୁ ସାଧାରଣତଃ ସ୍ୱାଭାବିକ ପରିମାଣ ଭାବେ ବିବେଚନା କରାଯାଏ। ଏବର୍ଷ ବର୍ଷା ଋତୁରେ ଏହି ନିର୍ଦ୍ଧାରିତ ପରିମାଣ ଠାରୁ ଅଧିକ ବର୍ଷିବା ସହିତ ଅଧିକାଂଶ ଭାଗରେ ଖୁବ୍ ଭଲ ବର୍ଷାର ସମ୍ଭାବନା ରହିଛି ବୋଲି ଆଇ.ଏମ୍.ଡି ପୂର୍ବାନୁମାନ କରିଛି। ଦେଶର ଅନ୍ୟ ଅଞ୍ଚଳ ଭଳି ଆମ ରାଜ୍ୟ ଓଡ଼ିଶାରେ ମଧ୍ୟ ମୌସୁମୀ ବର୍ଷା ଖୁବ୍ ଉତ୍ସାହଜନକ ହେବା ସମ୍ଭାବନା ଚାଷୀମାନଙ୍କ ମନରେ ଆଶା ସଞ୍ଚାର କରିଛି। ଏହି ଆକଳନ ଅନୁଯାୟୀ ଦକ୍ଷିଣ ଓଡ଼ିଶାର କିଛି ସ୍ଥାନରେ ସ୍ୱାଭାବିକ ଠାରୁ ଅଧିକ ବର୍ଷିବାର ସମ୍ଭାବନା ଥିବା ସ୍ଥଳେ ଉତ୍ତର ଓ ଉପକୂଳ ଓଡ଼ିଶାରେ ମଧ୍ୟ ସ୍ୱାଭାବିକ ଠାରୁ ଅଧିକ ବର୍ଷା ହୋଇପାରେ। ଯେଉଁ କେତୋଟି ଜିଲ୍ଲାରେ ସ୍ୱାଭାବିକ ପରିମାଣ ଠାରୁ କିଛିଟା କମ୍ ବର୍ଷା ହୋଇପାରେ ତା' ମଧ୍ୟରେ ଭଦ୍ରକ, ଅନୁଗୁଳ ଓ ସମ୍ବଲପୁର ଅନ୍ତର୍ଭୁକ୍ତ। ଅନ୍ୟପକ୍ଷରେ କୋରାପୁଟ, ନବରଙ୍ଗପୁର ଓ ମାଲକାନଗିରି ଜିଲ୍ଲାରେ ସ୍ୱାଭାବିକ ପରିମାଣ ଠାରୁ ଯଥେଷ୍ଟ ଅଧିକ ବର୍ଷିବାର ଆକଳନ କରାଯାଇଛି। କୃଷକମାନଙ୍କ ପାଇଁ ଅନ୍ୟ ଏକ ଭଲ ଖବର ହେଉଛି ଯେ ଏ ବର୍ଷ ଓଡ଼ିଶାରେ ମୌସୁମୀ ବାୟୁ ଠିକ୍ ସମୟରେ ପ୍ରବେଶ କରିବାକୁ ଯାଉଛି। ସବୁ ଦିଗରୁ ବିଚାର କଲେ ଆଇ.ଏମ୍.ଡିର ଦୁଇଟି ଯାକ ଆକଳନ ଆମ ଦେଶ ତଥା ରାଜ୍ୟ ପାଇଁ ବରଦାନ ସଦୃଶ ମନେହେଉଛି।

# ଏହି ଅସିମ ମୁନୀର କିଏ ?




ମହାମେଘବାହନ ଐର ଖାରବେଳ ସ୍ୱାଇଁ
Email: kharabelaswain(@gmail.com
ମୋ: ୯୪୩୭୦୨୦୨୯୦


ପାକିସ୍ତାନର ମୁଖ୍ୟ ସେନାଧ୍ୟକ୍ଷ ଜେନେରାଲ ଅସିମ ମୁନୀର ଭାରତ ପ୍ରତି ଯେଉଁ ବିଦ୍ୱେଷ ପ୍ରଦର୍ଶନ କରିଛନ୍ତି ତାହା ଆଶ୍ଚର୍ଯ୍ୟଜନକ ହୋଇନଥିଲେ ମଧ୍ୟ ବର୍ତ୍ତମାନର ଅବସ୍ଥାରେ ତାଙ୍କର ଏପରି ଆଚରଣ କେବଳ ଭାରତ ନୁହେଁ ସାରା ବିଶ୍ୱକୁ ମଧ୍ୟ ଚମକାଇ ଦେଇଛି। ଜେନେରାଲ ଅସିମ ମୁନୀର ପହେଲଗାମ ଆକ୍ରମଣ ପୂର୍ବରୁ ଗୋଟିଏ ମନ୍ତବ୍ୟ ଦେଇ କହିଛନ୍ତି ଯେ, ଭାରତ ଓ ପାକିସ୍ତାନ ହିନ୍ଦୁ-ମୁସଲମାନ ଦୃଷ୍ଟିକୋଣରୁ ପରସ୍ପରର ଅଲଗା। କାରଣ ମହମ୍ମଦ ଅଲ୍ଲୀ ଜିନ୍ନାଙ୍କ ପରି ସେ ଦ୍ୱିଜାତୀୟ ତତ୍ତ୍ୱରେ ବିଶ୍ୱାସ କରନ୍ତି। ସେ ମନ୍ତବ୍ୟ ଦେଇଛନ୍ତି ଯେ, କାଶ୍ମୀର ହେଉଛି ପାକିସ୍ତାନର ଧମନୀର ରକ୍ତବାହୀ ଶିରା ଯାହାକୁ କାଟିଦେଇ ହେବନାହିଁ। ଗଣତନ୍ତ୍ର ବୋଲି ପାକିସ୍ତାନକୁ ଘୋଷଣା କରାଯାଉଥିଲେ ମଧ୍ୟ ସେଠାରେ ବେସାମରିକ ସରକାର ବା ରାଜନୈତିକ ଦଳମାନେ ଭାରତ ଓ ଅନ୍ୟାନ୍ୟ ଗଣତାନ୍ତ୍ରିକ ରାଷ୍ଟ୍ରମାନଙ୍କ ପରି ସଫଳ ନୁହନ୍ତି। ଏଠାରେ ସର୍ବମୟ କର୍ତ୍ତା ହେଲେ ସେନାବାହିନୀ। ସେନାବାହିନୀର ବିନା ସମର୍ଥନରେ ସେଠାରେ କିଛି ଚଳେନାହିଁ ଓ ସେଠାକାର ବେସାମରିକ ସରକାର ସେନାବାହିନୀର ଦୟା ଉପରେ ନିର୍ଭର କରି ରହିଥାନ୍ତି। ଭାରତ-ପାକିସ୍ତାନ ବିଭାଜନ ପରେ ନୂଆ ଇସଲାମିକ ରାଷ୍ଟ୍ର ପାକିସ୍ତାନ ଭାଗ୍ୟ ସହ ଖେଳିଛି। ଗତ ୭୭ ବର୍ଷ ମଧ୍ୟରେ ଏ ଦେଶ ଏ ପର୍ଯ୍ୟନ୍ତ ତିଷ୍ଠି କରି ରହିଛି। ଦୀର୍ଘ ୩୩ ବର୍ଷ କାଳ ଏହି ଦେଶ ସାମରିକ ସରକାରଙ୍କ ଶାସନରେ ରହିଛି। ଯେଉଁମାନେ ପାକିସ୍ତାନରେ ସାମରିକ ସରକାର ପ୍ରତିଷ୍ଠା କରିଛନ୍ତି ସେମାନେ ହେଲେ ଜେନେରାଲ ଆୟୁବ ଖାନ, ଜେନେରାଲ ୟାହାୟା ଖାନ ଓ ଜେନେରାଲ ପରଭେଜ ମୁଶରଫ। ସେମାନେ ଦୀର୍ଘ ୩୩ ବର୍ଷ ଧରି ଦେଶକୁ ଶାସନ କରିଛନ୍ତି। କିନ୍ତୁ ବାସ୍ତବରେ ଦେଖିବାକୁ ଗଲେ ଏହା ସତ୍ୟ ନୁହେଁ। କାରଣ ଗଣତାନ୍ତ୍ରିକ ଶାସନରେ ମଧ୍ୟ ସାମରିକ ସରକାର ସବୁଠାରୁ ଅଧିକ କ୍ଷମତା ହାସଲ କରିଛନ୍ତି। ରାୱଲପିଣ୍ଡି ହେଉଛି ଏହି ସାମରିକ ସରକାରର ମୁଖ୍ୟ କାର୍ଯ୍ୟସ୍ଥଳ। ଚେସ୍ ବୋର୍ଡର ୯ଟି ଦାନ ପରି ଏହି ସେନାବାହିନୀ ସବୁବେଳେ ସବୁ ଖେଳ ଖେଳିଆସିଛି ଏବଂ ଏମାନେ ନିଜକୁ ସେନାବାହିନୀ ଦ୍ୱାରା ପଦଚ୍ୟୁତ ବେସାମରିକ ସରକାରମାନଙ୍କ ଅପେକ୍ଷା ନିଜକୁ ଅଧିକ ଶକ୍ତିଶାଳୀ ବୋଲି ଧରିଆସିଛନ୍ତି।

### ଇମ୍ରାନ ଖାନଙ୍କର ପତନ

ପାକିସ୍ତାନରେ ଯେଉଁ ବେସାମରିକ ସରକାରମାନେ କ୍ଷମତା ହାସଲ କରିଛନ୍ତି ସେମାନଙ୍କ ଭିତରୁ ସବୁଠାରୁ ଶକ୍ତିଶାଳୀ ହେଉଛନ୍ତି ଇମ୍ରାନ ଖାନ ଯିଏ ପ୍ରଥମେ ସେନାବାହିନୀ ଦ୍ୱାରା କ୍ଷମତାରେ ବସିଥିଲେ। କିନ୍ତୁ ପରବର୍ତ୍ତୀ କାଳରେ ତାଙ୍କୁ ମଧ୍ୟ ସଂସଦୀୟ ବିଦ୍ରୋହ ଦ୍ୱାରା ଏପ୍ରିଲ ୨୦୨୨ରେ କ୍ଷମତାଚ୍ୟୁତ କରାଗଲା ଯାହା ପଛରେ ସେନାବାହିନୀ ଥିଲା। ବର୍ତ୍ତମାନର ପ୍ରଧାନମନ୍ତ୍ରୀ ହେଉଛନ୍ତି ଶାହାବାଜ ସରିଫ। ସେ ବର୍ତ୍ତମାନ ଗୋଟିଏ ଅତ୍ୟନ୍ତ ନରମ ପ୍ରଧାନମନ୍ତ୍ରୀ ହିସାବରେ ପରିଗଣିତ ହେଉଛନ୍ତି। ତାଙ୍କର ମେଣ୍ଟ ସରକାରରେ ସବୁଠାରୁ ବଡ଼ ପ୍ରତିଦ୍ୱନ୍ଦ୍ୱୀ ହେଉଛି ପାକିସ୍ତାନ ପିପୁଲସ୍ ପାର୍ଟି। ପୂର୍ବତନ ପ୍ରଧାନମନ୍ତ୍ରୀ ନୱାଜ ସରିଫଙ୍କର ଭାଇ ଶାହୱାଜ ସରିଫ ବର୍ତ୍ତମାନ ପ୍ରଧାନମନ୍ତ୍ରୀ ଅଟନ୍ତି। ସେ ହେଉଛନ୍ତି ବଡ଼ ଭାଇ ନୱାଜ ସରିଫଙ୍କର ପାକିସ୍ତାନ ମୁସଲିମ ଲିଗ୍ ଦଳର। ଏମାନଙ୍କର ମଧ୍ୟ ସେନାବାହିନୀ ସହିତ ସମ୍ପର୍କ ରହିଲା ଯେଉଁମାନେ ଇମ୍ରାନ ଖାନଙ୍କୁ ସଂସଦରେ କ୍ଷମତାଚ୍ୟୁତ କରିଥିଲେ। କିନ୍ତୁ ଇମ୍ରାନ ଖାନ ହେଉଛନ୍ତି ପାକିସ୍ତାନର ସବୁଠାରୁ ଲୋକପ୍ରିୟ ରାଜନେତା। ତେଣୁକରି ବର୍ତ୍ତମାନ ଦେଖାଯାଉଛି ଯେ, ସବୁକିଛି ମୁଖ୍ୟ ନିଷ୍ପତ୍ତି ନେଉଛନ୍ତି ସେନାବାହିନୀର ମୁଖ୍ୟ ଜେନେରାଲ ଅସିମ ମୁନୀର। ତାଙ୍କରି ହାତରେ ପ୍ରାୟ ସବୁ କ୍ଷମତା ବର୍ତ୍ତମାନ ବନ୍ଧା ହୋଇ ରହିଛି ଏବଂ ସେ ବର୍ତ୍ତମାନ ଜଣେ ହାତ ଟେକି ଦେଇଥିବା ସେନାପତି ନୁହନ୍ତି। ଗତ ୨୦୨୨ ନଭେମ୍ବର ମାସରେ କ୍ଷମତା ନେଲା ପରେ ପାକିସ୍ତାନର ରାଜନୈତିକ ସଂକଟକୁ ସେ ହଟେଇଛନ୍ତି ଏବଂ ରାଜନୈତିକ ବିଶୃଙ୍ଖଳା ଓ ଅର୍ଥନୈତିକ ପତନ ଓ ମୌଳବାଦୀମାନଙ୍କ ଆକ୍ରମଣରୁ ଦେଶକୁ ରକ୍ଷା କରିବାକୁ ଚେଷ୍ଟା କରିଛନ୍ତି। କେବଳ ଗୋଟିଏ ସୁରକ୍ଷା ସେନାଧ୍ୟକ୍ଷ ନୁହନ୍ତି ଅସିମ ମୁନୀର ଗୋଟିଏ ଅର୍ଥନୈତିକ ସମସ୍ୟା ସୃଷ୍ଟିକାରୀ ଓ ରାଜନୈତିକ ମଧ୍ୟସ୍ଥ ହିସାବରେ ପରିଗଣିତ ହୋଇଛନ୍ତି। ଅସିମ ମୁନୀର ଅବଶ୍ୟ ପୂର୍ବରୁ ପାକିସ୍ତାନର ଅନ୍ୟ ସେନାପତିମାନଙ୍କ ପରି ଏତେ ଆତ୍ମବଡ଼ିମାପୂର୍ଣ୍ଣ ସେନାଧ୍ୟକ୍ଷ ନଥିଲେ। ତାଙ୍କୁ ଗୋଟିଏ ଅତ୍ୟନ୍ତ ଭଦ୍ରବ୍ୟକ୍ତି ହିସାବରେ ପରିଗଣନା କରାଯାଉଥିଲା। ତାଙ୍କ ପୂର୍ବରୁ ଯେଉଁମାନେ ସେନାଧ୍ୟକ୍ଷ ଥିଲେ ସେମାନେ ପାଶ୍ଚାତ୍ୟ ପରମ୍ପରା ଦ୍ୱାରା ସମ୍ପୃକ୍ତ ନଥିଲେ ଯେଉଁମାନେ କି ହ୍ୱିସ୍କି ପିଉଥିଲେ ଓ ସବୁପ୍ରକାର ପାଶ୍ଚାତ୍ୟ ଚଳଣି ଦ୍ୱାରା ପରିଚାଳିତ ହେଉଥିଲେ, ଏହା ପୂର୍ବର ଦଶକମାନଙ୍କରେ ପରିଗଣିତ ହେଉଥିଲା। ସେ ବହୁ କଷ୍ଟରେ ବର୍ତ୍ତମାନର ପଦ ପର୍ଯ୍ୟନ୍ତ ଆସିଛନ୍ତି। ତାଙ୍କର କେହି ଧର୍ମପିତା ନାହାନ୍ତି ବା ସେନାବାହିନୀର କୌଣସି ବଡ଼ ବ୍ୟକ୍ତିଙ୍କର ତାଙ୍କ ଉପରେ ଆଶୀର୍ବାଦ ନାହିଁ। ସେ ପାକିସ୍ତାନ ମିଲିଟାରୀ ଏକାଡେମୀରୁ ଆସିନାହାନ୍ତି। ତାଙ୍କ ପୂର୍ବରୁ ପାକିସ୍ତାନରେ ୮ଜଣ ସେନାବାହିନୀର ମୁଖ୍ୟ ଅଛନ୍ତି। ସେ ହେଉଛନ୍ତି ଜଣେ ସୈନିକ ଯିଏକି ସିଆଚୀନରେ କାମ କରିଛନ୍ତି ଓ ତାଙ୍କୁ ସେନାବାହିନୀର ସର୍ବୋଚ୍ଚ ସମ୍ମାନ ଦିଆଯାଇଛି। ଅସିମ ମୁନୀର ମଧ୍ୟ ହେଉଛନ୍ତି ପ୍ରଥମ ସେନାମୁଖ୍ୟ ଯିଏକି ଏଥିପୂର୍ବରୁ ଉଭୟ ସାମରିକ ଗୁଇନ୍ଦା (ମିଲିଟାରୀ ଇଣ୍ଟେଲିଜେନ୍ସ) ଓ ଆଇଏସ୍‌ଆଇର ମହାନିର୍ଦ୍ଦେଶକ ଥିଲେ। ସେ ତାଙ୍କର ଅର୍ଥ ଓ ସାମର୍ଥ୍ୟକୁ ବାହାରେ ଦେଖେଇ ହୋଇନାହାନ୍ତି ଓ ଦେଶର ବିଭିନ୍ନ ଜାଗାରେ ଚାଲିଥିବା ବ୍ୟାପକ ଦୁର୍ନୀତି ଉପରେ ଆକ୍ରମଣ କରିଛନ୍ତି। ଇମ୍ରାନ ଖାନଙ୍କ ସାଙ୍ଗରେ ତାଙ୍କର ପଡ଼ିନାହିଁ ଓ ତାଙ୍କୁ ଆଇଏସ୍‌ଆଇ ମୁଖ୍ୟ ପଦରୁ ଇମ୍ରାନ ଖାନ ବରଖାସ୍ତ କରିଛନ୍ତି। ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନଙ୍କ ପତ୍ନୀ ବୁସରା ବିବି ଯେଉଁ ଦୁର୍ନୀତିଗ୍ରସ୍ତ ଧନ ସଂଗ୍ରହ କରିଥିଲେ ତାହାକୁ ସେ ବାହାର କରିଛନ୍ତି। ଗୋଟିଏ ଗରିବ ପରିବାରରେ ଜନ୍ମ ହୋଇଥିଲେ ମଧ୍ୟ ସେ ହାଫିଜ ପରିବାରକୁ ସମ୍ମାନ ଦେଇଛନ୍ତି। ସେ ମନରୁ କୋରାନ ପାଠ କରିପାରନ୍ତି ଯାହା ଇସଲାମରେ ଗୋଟିଏ ପରମ୍ପରା ଆକାରରେ ରହିଛି। ଯେତେବେଳେ ସେ କୌଣସି ଭାଷଣ ଦିଅନ୍ତି ସେତେବେଳେ ସେ ଏହି କୋରାନ ଉପରେ କହିଥାନ୍ତି। ମୋଟ ଉପରେ କହିବାକୁ ଗଲେ ପୂର୍ବତନ ରାଷ୍ଟ୍ରପତି ଜିଆଉଲ ହକ୍‌ଙ୍କର ପରମ୍ପରା ତାଙ୍କ ନିକଟରେ ଅଛି। ଏହି ଜିଆଉଲ ହକ୍ ହେଉଛନ୍ତି ପାକିସ୍ତାନର ପ୍ରଥମ ଇସଲାମୀ ସେନାମୁଖ୍ୟ। ପାକିସ୍ତାନ ତାଙ୍କ ଅଧୀନରେ ହୁଏତ ଆଉ ଗୋଟିଏ ରାସ୍ତା ନେଇପାରିଥାନ୍ତା। ପ୍ରାରମ୍ଭିକ ଅନୁସାରେ ଅସିମ ମୁନୀର ତାଙ୍କର ପୂର୍ବବର୍ତ୍ତୀ ଜେନେରାଲ କୋମର ବାଜୱାଙ୍କର ବାସ୍ତବିକ ଦିଗକୁ ନେଇଥିଲେ। ୨୦୨୨ ନଭେମ୍ବରରେ ତାଙ୍କୁ କ୍ଷମତାକୁ ପଠାଯାଇଥିଲା ଏବଂ ସେତେବେଳେ ଭାରତ ସହ ମିଳାମିଶା କରିବା ପାଇଁ ତାଙ୍କୁ କୁହାଯାଇଥିଲା। ସେତେବେଳେ କୁହାଯାଇଥିଲା ପାକିସ୍ତାନ ନଷ୍ଟଭ୍ରଷ୍ଟ ହେଉଛି। ଏହାର ଅର୍ଥନୀତି ମଧ୍ୟ ନଷ୍ଟଭ୍ରଷ୍ଟ ହେଉଛି। ପହେଲଗାମ ପୂର୍ବରୁ ମୌଳବାଦୀ ଇସଲାମକୁ ମୁନୀର ସମର୍ଥନ କରୁନଥିଲେ ବୋଲି ଜଣାପଡୁଥିଲା ବରଂ ସେ ପାକିସ୍ତାନ ତାଲିବାନର ବିରୋଧୀ ଥିଲେ ଓ ଜିହାଦିମାନଙ୍କର ବିରୋଧୀ ଥିଲେ।

କିନ୍ତୁ ଖୁବ୍‌ଶୀଘ୍ର ସେ ତାଙ୍କର ଅସଲ ମୁଖା ପ୍ରଦର୍ଶନ କରିଥିଲେ ଓ ସେନାବାହିନୀର ଭୂମିକା ଇସଲାମର ରକ୍ଷାକର୍ତ୍ତା ହିସାବରେ ପ୍ରମାଣିତ କରିବାକୁ ଚେଷ୍ଟା କଲେ। ଅଗଷ୍ଟ ୨୦୨୩ରେ ପୁଷ୍ଟୁନ ଜନଜାତିମାନଙ୍କୁ ଗୋଟିଏ ସଭା (ଜିର୍ଗା)ରେ ଭାଷଣ ଦେଇ ସେ କହିଥିଲେ ଯେ, ଆମ୍ଭେ ଆଲ୍ଲାଙ୍କ ରାସ୍ତାରେ ଚାଲିଛୁ ଓ ସଫଳତା ଆମରି ହିଁ ହେବ ଯଦି ଆଲ୍ଲା ଚାହାନ୍ତି (ବିସ୍‌ମିଲ୍ଲା)। ସେ କହିଥିଲେ ପାକିସ୍ତାନୀ ସେନାର ମୁଖ୍ୟ ଲକ୍ଷ୍ୟ ହେଉଛି ଶହୀଦ ହେବା ବା ଘାଜି ହେବା। ଘାଜି ହେବାର ଅର୍ଥ ହେଉଛି ଜିହାଦ(ଧର୍ମଯୁଦ୍ଧ)ରେ ଯିଏ ଅଂଶଗ୍ରହଣ କରିଥାଏ ଓ ପ୍ରାଣ ଦେଇଥାଏ।

ଏ ଧରଣର କଡ଼ା କଥା ସତ୍ତ୍ୱେ ସେନାବାହିନୀ ଓ ଅସିମ ମୁନୀରଙ୍କର ମର୍ଯ୍ୟାଦା ନଷ୍ଟ ହୋଇଛି। ବିଶେଷ କରି ସୁରକ୍ଷା କ୍ଷେତ୍ରରେ ଏପରି ହୋଇଛି। ବିଶେଷ କରି ବାଲୁଚ ଆତଙ୍କବାଦୀମାନେ ଟ୍ରେନ ଅପହରଣ କରି ବାଲୁଚିସ୍ତାନ ନେଇଗଲା ପରେ ଦେଶରେ ରାଜନୈତିକ ବିରୋଧ ଓ ଅର୍ଥନୈତିକ ଧୂମିଳତା ଦେଖାଦେଇଥିଲା ଏବଂ ପାକିସ୍ତାନର ମର୍ଯ୍ୟାଦା ପୃଥିବୀରେ କମିଯାଇଥିଲା। କହିବାକୁ ଗଲେ କାଶ୍ମୀରୀମାନଙ୍କର ଅର୍ଥନୈତିକ ସ୍ଥିତି ବଢ଼ିବା ଉଚିତ ଓ ରାଜନୈତିକ ଉନ୍ନତି ମଧ୍ୟ କ୍ଷତିଗ୍ରସ୍ତ ହେବା ଉଚିତ। ବର୍ତ୍ତମାନ ଅସିମ ମୁନୀର ଦେଖୁଛନ୍ତି ତାଙ୍କୁ ଚାରିଆଡ଼େ ସମସ୍ତେ ଘେରିଗଲେଣି ଏବଂ ସେଥିପାଇଁ ପାକିସ୍ତାନର ଏହି ଜେନେରାଲ ଭାରତ ସହିତ ଉତ୍ତେଜନାକୁ ବଢ଼ାଉଛନ୍ତି ଯାହାଫଳରେ କି ସେମାନଙ୍କର ନିଜ ଦୁଃଖରୁ ଏହି ସମସ୍ୟା ଅଲଗା ହୋଇଯିବ ଓ ଅଲଗା ଭାବରେ ଦେଖାଯିବ। ଜନସାଧାରଣଙ୍କ ମଧ୍ୟରେ ସମର୍ଥନ ସୃଷ୍ଟି ପାଇଁ ସେ ଚାହୁଁଛନ୍ତି। ପହେଲଗାମ୍ ଆକ୍ରମଣର ଗୋଟିଏ ସପ୍ତାହ ପୂର୍ବରୁ ସେ ଦ୍ୱିଜାତୀୟ ତତ୍ତ୍ୱ କଥା କହିଥିଲେ ଯେଉଁଥିରେ ହିନ୍ଦୁ ଓ ମୁସଲମାନମାନେ ଅଲଗା ଅଲଗା ଜାତି ବୋଲି କୁହାଯାଇଥିଲା ଯେଉଁମାନଙ୍କ ମଧ୍ୟରେ ପାର୍ଥକ୍ୟକୁ ଏକ କରି ହେବନାହିଁ। ସେ ଯାହା କହିଥିଲେ ଯେ, କାଶ୍ମୀର ହେଉଛି ପାକିସ୍ତାନ ଧମନୀର ଏକ ଶିରା ଯାହାକୁ ଏପରିକି ପୂର୍ବତନ ଇସଲାମୀ ରାଷ୍ଟ୍ରପତି ଜିଆଉଲ ହକ୍ ମଧ୍ୟ କହିନଥିଲେ। ଯଦିଓ ତାଙ୍କୁ ଜିହାଦି ସେନାପତି ବୋଲି କୁହାଯାଉଥିଲା। ଜେନେରାଲ ଅସିମ ମୁନୀର ଆଜି ଗୋଟିଏ ଧର୍ମୀୟ ରାଜନୀତି ସହିତ ଆତଙ୍କବାଦକୁ ଯୋଡୁଛନ୍ତି। ଭାରତ ଏହି କଥାକୁ ବୁଝିବା ଉଚିତ ଏବଂ ପାକିସ୍ତାନକୁ ଏପରି ଶିକ୍ଷା ଦିଆଯିବା ଉଚିତ ଯାହାଫଳରେ ପହେଲଗାମ୍‌ର ଛଳନାପୂର୍ଣ୍ଣ ଆକ୍ରମଣକୁ ସେ ଦେଶ ଶିକ୍ଷା କରିବ।

ଏବେ ଦେଖାଯାଉଛି ଭାରତ-ପାକିସ୍ତାନର ଏକ ପ୍ରକାର ଯୁଦ୍ଧ ଓ ଭାରତର ପ୍ରତିଜବାବକୁ ନେଇ ପାକିସ୍ତାନ ମଧ୍ୟରେ ଘୋର ଆତଙ୍କ ଓ ବିଶୃଙ୍ଖଳା ସୃଷ୍ଟି ହୋଇଛି। ଏହାର ସୁଯୋଗ ନେଇ ବାଲୁଚ ଓ ତେହେରିକ-ଇ-ତାଲିବାନ ପାକିସ୍ତାନ ପରି ଗୋଷ୍ଠୀମାନେ ବର୍ତ୍ତମାନ ପାକିସ୍ତାନ ଭିତରେ ହିଁ ଅସଂଖ୍ୟ ଆକ୍ରମଣ ଚଳାଇଛନ୍ତି। ଏପରିକି ବାଲୁଚ ବିଦ୍ରୋହୀମାନେ ବାଲୁଚିସ୍ତାନର ରାଜଧାନୀ କ୍ୱେଟାକୁ ମଧ୍ୟ ଦଖଲ କରିନେଇ ସାରିଲେଣି। ଏଣୁ ଯାହା ଆଶଙ୍କା କରାଯାଉଛି ପାକିସ୍ତାନ ଭାରତକୁ ଏକ ଛାୟାଯୁଦ୍ଧ ମାଧ୍ୟମରେ ଲସ୍କର-ଇ-ତୋଇବା ଓ ଜୈସ-ଇ-ମହମ୍ମଦ ଆଦି ଆତଙ୍କବାଦୀ ସଂଗଠନମାନଙ୍କୁ କେବଳ ଯେ ପ୍ରଶିକ୍ଷିତ କରି ଭାରତର କ୍ଷତି କରିବାକୁ ଚେଷ୍ଟା କରୁଛି ସେତକ ନୁହେଁ ବର୍ତ୍ତମାନ ଏହାର ପ୍ରତିରୂପ ସ୍ୱରୂପ ପାକିସ୍ତାନ ନିଜେ ଅତ୍ୟନ୍ତ କ୍ଷତିଗ୍ରସ୍ତ ହୋଇଯିବାର ଆଶଙ୍କା କରାଯାଉଛି। ଏହାର ଅନ୍ତିମ ପରିଣାମ ସ୍ୱରୂପ ପାକିସ୍ତାନ ଯେ ଆଗାମୀ ଦିନମାନଙ୍କରେ ଖଣ୍ଡବିଖଣ୍ଡିତ ହୋଇଯିବ ଏହାର ଯଥେଷ୍ଟ ଆଶଙ୍କା ସୃଷ୍ଟି ହେଲାଣି। କାରଣ ଯେଉଁ ଅଫଗାନିସ୍ତାନର ତାଲିବାନକୁ ପାକିସ୍ତାନ ଅତୀତରେ ଏତେ ସମର୍ଥନ ଦେଇଆସିଥିଲା ସେହି ଅଫଗାନିସ୍ତାନ ଏବେ ପହେଲଗାମ୍ ଆକ୍ରମଣରେ ପାକିସ୍ତାନକୁ ନିନ୍ଦା କରିଛି। ପୃଥିବୀର ଜାତିସଂଘର ନିରାପତ୍ତା ପରିଷଦ ଠାରୁ ଆରମ୍ଭ କରି ଅନ୍ୟ ସମସ୍ତ ଦେଶ ଓ ସଂଗଠନମାନେ ପାକିସ୍ତାନକୁ ପହେଲଗାମ୍ ଆକ୍ରମଣକୁ ନେଇ ନିନ୍ଦା ମଧ୍ୟ କରିଛନ୍ତି ଯାହା ପାକିସ୍ତାନର ଏକ ଘୋର ଅନ୍ତର୍ଜାତୀୟ ପରାଜୟ ଅଟେ।

# ଅଲ୍‌ଚିକି ଲିପି ଓ ସ୍ରଷ୍ଟା ପଣ୍ଡିତ ରଘୁନାଥ ମୁର୍ମୁ




ଇଂ ସତ୍ୟନାରାୟଣ ମାଝୀ
ଏକତାଲୀ, ଯଶିପୁର, ମୟୂରଭଞ୍ଜ
ମୋ: ୯୪୩୮୫୩୭୦୧୩


ସର୍ବଭାରତୀୟସ୍ତରରେ ଆଦିବାସୀ ଭାଷାଗୋଷ୍ଠୀର ଭାଷା ମଧ୍ୟରେ ସାନ୍ତାଳୀ ଭାଷା ବିଶେଷ ସ୍ଥାନର ଅଧିକାରୀ। ନିଜ ଭାଷା ଓ ସଂସ୍କୃତି ପାଇଁ ଆଜି ବି ସାନ୍ତାଳୀ ପ୍ରାଣ ନିଜର ବୈଶିଷ୍ଟ୍ୟ ପ୍ରଦାନ କରିଥାଏ। ନିଜ ଭାଷା ଓ ସଂସ୍କୃତିର ସୁରକ୍ଷା ପାଇଁ ସାନ୍ତାଳ ଯୁଗେ ଯୁଗେ ଆହ୍ୱାନର ସମ୍ମୁଖୀନ ହୋଇଥିଲେ ହେଁ ତା'ର ଭାଷା ତାକୁ ବଞ୍ଚାଇବା ପାଇଁ ଯୋଗାଇଛି ପ୍ରେରଣା। ବିଦେଶୀ ଶାସନକାଳ ଠାରୁ ଆରମ୍ଭକରି ଆଜି ପର୍ଯ୍ୟନ୍ତ ସାନ୍ତାଳୀଭାଷା ବିଭିନ୍ନ ଉତ୍ଥାନପତନ ମଧ୍ୟରେ ଗତିକରି ଏବି ବି ତା'ର ସ୍ୱାତନ୍ତ୍ର୍ୟ ବଜାୟ ରଖିଛି। ବିଦେଶୀ ଶାସନ କାଳରେ ଭାଷା ଉନ୍ନୟନ ନାମରେ ସାନ୍ତାଳୀ ଭାଷା, ସାହିତ୍ୟ ଓ ସଂସ୍କୃତିର ଗତିପଥ କ'ଣ ହୋଇଥିଲା- ସେକଥା ଭାଷା ଇତିହାସ ହିଁ କହିବ। ଆଜି ବି ବିଭିନ୍ନ ରାଜ୍ୟରେ ଆଞ୍ଚଳିକ ଭାଷାଲିପିର ଆତ୍ମପ୍ରକାଶ ପାଇଁ ଉଦ୍ୟମ ଅବ୍ୟାହତ ରହିଛି। ସେସବୁ ଭାଷା ଲିପି ଭାରତୀୟ ଏକତା ପ୍ରତି ଆଞ୍ଚ ଆଣିବାର ଆଶଙ୍କା ମଧ୍ୟ ରହିଛି। କିନ୍ତୁ ଏପରିପ୍ରେକ୍ଷୀରେ ସାରା ଭାରତରେ ବସବାସ କରୁଥିବା ସାନ୍ତାଳୀମାନଙ୍କର ସଂହତି ରକ୍ଷା ଦିଗରେ 'ଅଲଚିକି'ର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏହି 'ଅଲଚିକି'ର ସ୍ରଷ୍ଟା, ସାନ୍ତାଳୀଭାଷାର କବି, ସାହିତ୍ୟିକ, ଦାର୍ଶନିକ ଓ ଗବେଷକ ପଣ୍ଡିତ ରଘୁନାଥ ମୁର୍ମୁ ସାନ୍ତାଳୀ ଗୋଷ୍ଠୀର ଚିରପୂଜ୍ୟ ଗୁରୁ ଗୋମ୍‌କେ। ନିଜର ସୃଜନଶୀଳ ପ୍ରତିଭା, ଅଧ୍ୟବସାୟ ଓ ମାତୃଭାଷା ପ୍ରତି ମମତ୍ୱବୋଧରୁ ତାଙ୍କ ବ୍ୟକ୍ତିତ୍ୱ ଉନ୍ମେଷ ଘଟିଛି। ସାନ୍ତାଳୀ ଭାଷାକୁ ଲୋକେ ଅତୀତରେ 'ଠାର' ବୋଲି କହି ବିଦ୍ରୂପ କରୁଥିଲେ। ଆଜି କିନ୍ତୁ ଏହି ଭାଷା ଭାରତୀୟ ସମ୍ବିଧାନର ଅଷ୍ଟମ ସୂଚୀରେ ସ୍ଥାନିତ ହୋଇ ଗୌରବ ମଣ୍ଡିତ।

ପଣ୍ଡିତ ରଘୁନାଥ ମୁର୍ମୁ ଲୁପ୍ତପ୍ରାୟ ସଂସ୍କୃତି, ସାହିତ୍ୟ ଓ ଭାଷାକୁ ଲୋକମୁଖରେ ଜୀବନ୍ୟାସ କରିବା ପାଇଁ କଠୋର ସାଧନା କରିଥିଲେ। ତା'ର ପଠନ ହିଁ ଅଲଚିକ ଲିପି, ତାଙ୍କ ଦ୍ୱାରା ଏହି ଲିପିର ଉଦ୍ଭାବନ ସାନ୍ତାଳୀ ଜାତିର ଭାଷା କୋଳରେ କେତେ ଯେ, ମହାପୁରୁଷ, ମହାମାନବ, କର୍ମବୀର, ଚିନ୍ତାନାୟକ ଜନ୍ମଗ୍ରହଣ କରିଛନ୍ତି, ତା'ର ହିସାବ ନାହିଁ। ସେମାନେ ସେମାନଙ୍କର ଜୀବନ ଇତିହାସ ମଧ୍ୟରେ କର୍ମ, ଚିନ୍ତା, ଶିକ୍ଷା ଓ ବିଜ୍ଞାନ ସାଧନା ଇତ୍ୟାଦିର ପ୍ରଦୀପ୍ତ ପରିଚୟ ରଖିଯାଇଛନ୍ତି। ଏହିସବୁ ଆଦର୍ଶ ସନ୍ତାନଗଣଙ୍କ ମଧ୍ୟରେ ପଣ୍ଡିତ ମୁର୍ମୁ ଅନ୍ୟତମ। ଅସାଧାରଣ କର୍ମସାଧନା, ଗଭୀର ଜାତି ହିତୈଷୀ, ସାନ୍ତାଳ ସାହିତ୍ୟ ଓ ସଂସ୍କୃତିପ୍ରେମୀ, ସର୍ବୋପରି ସାନ୍ତାଳୀ ଭାଷାର ଲିପିକାର ହିସାବରେ ଭାରତବର୍ଷର ବିଭିନ୍ନ ପ୍ରାନ୍ତରେ ସାନ୍ତାଳୀ ଭାଷାର ଜନସମାଜ ତଥା ଭାରତବାସୀଙ୍କ ମନ ମନ୍ଦିରରେ ସେ ଚିର ସମ୍ମାନରେ ଆସୀନ। ତାଙ୍କର ଜୀବନାଦର୍ଶ ପ୍ରତ୍ୟେକ ଲିପି ଓ ଭାଷାପ୍ରେମୀ ନିକଟରେ ଧ୍ୟେୟର ବିଷୟ। ରାତ୍ରିର ଅନ୍ଧକାରରେ ଆଚ୍ଛନ୍ନ ପ୍ରକୃତିକୁ ଆଲୋକିତ କରିବା ପାଇଁ ପୂର୍ବାକାଶେ ପାହାଡ଼ର ଗୁମ୍ଫା ମଧ୍ୟରୁ ବର୍ଷାଳୀ ଆଲୋକର ଛିଟାରେ ଦିଗନ୍ତ ରେଖା, ଭେଦକରି ଯେମିତି ଦିନମଣି ସୂର୍ଯ୍ୟର ଆଗମନ ଘଟେ ଏବଂ ଯାହାର ଆଲୋକରେ ଆସ୍ୱାଦନ ପାଇ ପ୍ରକୃତି ସଜୀବତା ଲାଭକରେ ଠିକ୍ ସେଇ ସୂର୍ଯ୍ୟପରି ପଣ୍ଡିତ ରଘୁନାଥ ଭାରତବର୍ଷର ସାନ୍ତାଳୀ ଭାଷାଭାଷୀ ଲୋକଙ୍କର ଅନ୍ଧ ଅଜ୍ଞାତର ଅନ୍ଧକାରମୟ ଅବସ୍ଥାକୁ ଲିଖିତଭାବେ ଭାବ ଆଦାନ ପ୍ରଦାନର ପ୍ରତିବନ୍ଧକତାକୁ ଏବଂ ଭାଷା, ସାହିତ୍ୟ ଓ ସଂସ୍କୃତିର ଅବଲୁପ୍ତିକୁ ଦୂର କରିବା ପାଇଁ ଲୁପ୍ତପ୍ରାୟ ଜାତିର ଭାଗ୍ୟାକାଶେ ପ୍ରଦେଶର ବିଭାଗ ରେଖା ଭେଦ କରି କର୍ମର ଆଲୋକ ଜାଳି ଦେଇଥିଲେ। ତାଙ୍କର ଆବିଷ୍କୃତି ଲିପି ସଂସ୍କାର ଅନ୍ଧକାରେ ନିମଜ୍ଜିତ ଲୁପ୍ତପ୍ରାୟ ସଂସ୍କୃତି ଓ ଭାଷାକୁ ପୁନର୍ଜୀବିତ କରିବାର ଅମୋଘ ଅସ୍ତ୍ର।

ଆଜକୁ ପ୍ରାୟ ଦୁଇଶହବର୍ଷ ପୂର୍ବର ଇତିହାସ ଆମେ ଯଦି ଦେଖୁ, ତାହାହେଲେ ସ୍ପଷ୍ଟ ବୁଝାଯାଏ ଯେ, ସାନ୍ତାଳ ନାମକ ଜାତି ଅନେକବାର ସାମାଜିକ, ଅର୍ଥନୈତିକ ଓ ରାଜନୈତିକ ବାଧା ବିପତ୍ତିର ସମ୍ମୁଖୀନ ହୋଇଥିଲା।

କେତେବେଳେ ଖାଦ୍ୟ ପାଇଁ, କେତେବେଳେ ଦେଶ ପାଇଁ ସେ ଲଢ଼େଇ କରିଛି ତା'ର ସୁନିର୍ଦ୍ଦିଷ୍ଟ ହିସାବ ନାହିଁ। ଏହାର କାରଣ ସେତେବେଳେ ଏ ଜାତି ଅଶିକ୍ଷିତ ଅନ୍ଧକାରର ଜାଲରେ ଛନ୍ଦି ହୋଇଥିଲା। ସର୍ବୋପରି ଏମାନଙ୍କର ଇତିହାସ ଲେଖି ରଖିବା ପାଇଁ ଉପଯୁକ୍ତ ଲିପିର ଅଭାବ ଥିଲା। ଭାରତର ଅନ୍ୟାନ୍ୟ ଜାତିର ସଂସ୍କୃତି ଓ ସମାଜ ବ୍ୟବସ୍ଥା ତୁଳନାରେ ଏହାଙ୍କ ଐତିହ୍ୟ ମଧ୍ୟ ସମୃଦ୍ଧିବନ୍ତ।

ଅଥଚ ଏହାର ଲିଖିତ ପରମ୍ପରା ନଥିବାରୁ ମହାନ୍ ପ୍ରତିଭାବାନ ପଣ୍ଡିତ ରଘୁନାଥ ମୁର୍ମୁ ଜାଗି ଉଠିଥିଲେ। ପଣ୍ଡିତ ମୁର୍ମୁ ଓଡ଼ିଶାର ମୟୂରଭଞ୍ଜ ଜିଲ୍ଲାର ରାଇରଙ୍ଗପୁର ନିକଟବର୍ତ୍ତୀ ଦାଣ୍ଡବୋଷ ଗ୍ରାମରେ ୧୯୦୫ ମସିହା ବୈଶାଖ ପୂର୍ଣ୍ଣିମାରେ ଜନ୍ମଗ୍ରହଣ କରିଥିଲେ। ତାଙ୍କ ପିତାଙ୍କ ନାମଥିଲା ନନ୍ଦଲାଲ୍ ମୁର୍ମୁ ଓ ମାତାଙ୍କ ନାମଥିଲା ସଲମା ମୁର୍ମୁ। ପୂର୍ବେ ତାଙ୍କର ନାମ ରଖାଯାଇଥିଲା ଚୁନୁ। କିନ୍ତୁ ବାଲ୍ୟକାଳରେ ରୋଗରେ ପଡ଼ିବାରୁ କବିରାଜଙ୍କ ପରାମର୍ଶକ୍ରମେ ରଘୁ ନାମ ରଖାଯାଇଥିଲା। ପରେ ରଘୁନାଥ ନାମରେ ପରିଚିତ ହେଲେ। ୧୯୧୨-୧୩ ମସିହାରେ ୭/୮ ବର୍ଷ ବୟସରେ ସେ ଗମ୍ଭାରିଆ ପ୍ରାଥମିକ ବିଦ୍ୟାଳୟରେ ନାମ ଲେଖାଇଲେ। ସେଠାରୁ ଉତ୍ତୀର୍ଣ୍ଣ ହୋଇ ବହଳଦାରେ ନାମ ଲେଖାଇଥିଲେ। ଏହାପରେ ବାରିପଦାରୁ ୧୯୧୮ରେ ମ୍ୟାଟ୍ରିକ ପାଶ କରିଥିଲେ। ଏହାପରେ ନହା ବାସ୍କେଙ୍କ ପାଣି ଗ୍ରହଣ କରିଥିଲେ। ୧୯୨୫ ମସିହାରେ ସେ 'ଅଲଚିକ' ଉଦ୍ଭାବନ କଲେ। ଏଥି ପୂର୍ବରୁ ବିଦେଶାଗତ ମିଶନାରୀମାନେ ରୋମାନ୍ ଲିପି ସାହାଯ୍ୟରେ ସାନ୍ତାଳୀ ଭାଷା ଓ ସାହିତ୍ୟ ରଚନା କରି ସାନ୍ତାଳୀ ଭାଷା ଓ ସାହିତ୍ୟ ଏକ ସମ୍ମାନଜନକ ସ୍ଥିତିରେ ପହଞ୍ଚି ପାରିଥିଲା। ମାତ୍ର ରୋମାନ୍ ଲିପି ସାନ୍ତାଳୀ ଭାଷାର ଉଚ୍ଚାରଣଗତ ଓ ଧ୍ୱନିଗତ ମୂଲ୍ୟକୁ ଅକ୍ଷୁର୍ଣ୍ଣ ରଖିବାରେ ସମର୍ଥ ହୋଇପାରିନଥିଲା ଓ ସୁତରାଂ ଅଲଚିକି ଉଦ୍ଭାବନ ଦ୍ୱାରା ଏହି ଅଭାବ ପୂରଣ ହୋଇପାରିଥିଲା। ସାନ୍ତାଳୀଭାଷାର ଲିପିର ଆକୃତି କୃତି ନିଜସ୍ୱ ପରିବେଶ ଓ ଦୈନନ୍ଦିନ ଜୀବନରୁ ଗ୍ରହଣ କରାଯାଇଥିବା ହେତୁ ତାହା ସମସ୍ତଙ୍କୁ ଆକୃଷ୍ଟ କରିପାରିଛି। ଏଥିରେ କୌଣସି ଜଟିଳତତ୍ତ୍ୱ କିମ୍ବା ଦୁର୍ବୋଧ ଭାବନା ଦେଖୁବାକୁ ମିଳେ ନାହିଁ। ନିତ୍ୟବ୍ୟବହାର୍ଯ୍ୟ ଦାଆ, ଲଙ୍ଗଳ, ମଣିଷର ଅଙ୍ଗଭଙ୍ଗୀର ଛବି ଅଲଚିକ ବର୍ଣ୍ଣମାଳାରେ ସ୍ଥାନ ପାଇଛି।

ଅଲଚିକ ଲିପିରେ ପଣ୍ଡିତ ମୁର୍ମୁ ନାଟକ 'ବିଦୁ ଚାନ୍ଦାନ' ରଚନା କରିଛନ୍ତି। ତାଙ୍କର ଅନ୍ୟାନ୍ୟ କୃତିମାନଙ୍କ ମଧ୍ୟରେ ଖେରୱାଲବୀର ନାଟକ ଅନ୍ୟତମ। ସେହିପରି ସିଦକାହ୍ନୁ, ପାର୍ଶିପୋହା, ଦାଲେଗେ ଧନ, ଏଲଖା, ହିତଲ୍, ରନଲ ପ୍ରଭୃତି ଅମୂଲ୍ୟ ସମ୍ପଦ। ଲିପିର ପ୍ରଚାର ପାଇଁ ସେ ବିଭିନ୍ନ ପ୍ରଦେଶ ଯାଇ ଏହାର ବ୍ୟାପକତ ପ୍ରସାର କରିଛନ୍ତି। ସାନ୍ତାଳୀ ସାହିତ୍ୟକୁ ତାଙ୍କର ମହା ଦାନ ପାଇଁ ସେ ଚିରଦିନ ଅମର ହୋଇରହିବେ। ତାଙ୍କ ବିଷୟରେ କହିବାକୁ ଯାଇ ଅନେକ ମତବ୍ୟକ୍ତ କରିଥାନ୍ତି ଯେ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ଭଳି ପ୍ରତିଭାବାନ୍ ବ୍ୟକ୍ତି ବିରଳ।

# ଅଶୁଭ ତେର-ଏକ କାଗଜ ବାଘ




ପ୍ରସନ୍ନ କୁମାର ମିଶ୍ର
ଶ୍ରୀକ୍ଷେତ୍ର କଲୋନୀ, ପୁରୀ-୨
ମୋ: ୮୦୧୮୮୭୫୩୩୫


ସାଧାରଣ ଭାବେ ଆମେ ବିଶ୍ୱାସ କରୁ ଯେ ୧୩ ସଂଖ୍ୟାଟି ଅଶୁଭ ସୂଚକ। ସେଇ କାରଣରୁ ବିଭିନ୍ନ ଶୁଭ କାର୍ଯ୍ୟରେ ୧୩ ତାରିଖ, ୧୩ ଜଣ, ୧୩ ଦିନ ଓ ନକ୍ଷତ୍ର ଗଣନାରେ ୧୩ ସ୍ଥାନକୁ ଏଡ଼ାଇ ଯିବା ପାଇଁ ସର୍ବଦା ସତର୍କ ରହିଥାଉ। କେବଳ ଆମ ଦେଶରେ ନୁହେଁ, ପୃଥିବୀର ବିଭିନ୍ନ ଦେଶରେ ଏଇଭଳି ଏକ ଅନ୍ଧବିଶ୍ୱାସ ଛାଇ ଭଳି ରହି ଯାଇଛି। ବହୁ ବିଶିଷ୍ଟ ବ୍ୟକ୍ତି, ନେତା ଏବଂ ସମାଜ ବିଜ୍ଞାନୀ ଏହା ଏକ ଅନ୍ଧବିଶ୍ୱାସ ଏବଂ ୧୩ ସଂଖ୍ୟାଟି ଯେ କୌଣସି ସମୟରେ ଏବଂ କୌଣସି ଅବସ୍ଥାରେ ଅଶୁଭ ନୁହେଁ ଏକଥା ବାରମ୍ବାର ଘୋଷଣା କରି ଆସୁଥିଲେ ହେଁ, 'ଅଶୁଭ ୧୩'ର ଭୟ ଜନମାନସରୁ ଦୂର ହୋଇପାରୁ ନାହିଁ। ବିଭିନ୍ନ ସମୟରେ ବହୁ ବ୍ୟକ୍ତିବିଶେଷ ପରୀକ୍ଷା କରି ଦେଖାଇବା ପାଇଁ ନିଜ ନିଜ ଜୀବନର ବିଭିନ୍ନ କ୍ଷେତ୍ରରେ ଓ ବିଭିନ୍ନ ଅବସ୍ଥାରେ ୧୩ର ପ୍ରୟୋଗ କରି ଏହାର ଶୁଭଫଳ ପ୍ରଦର୍ଶନ କରିଥିଲେ ମଧ୍ୟ ଅନ୍ଧବିଶ୍ୱାସଟି ଏଭଳି ଅସ୍ଥିମଜ୍ଜାଗତ ହୋଇ ଗଲାଣି ଯେ, ଏଥିରୁ ବାହାରି ଆସିବା ପାଇଁ କେହି ରାଜି ନୁହନ୍ତି।

ଶହ ଶହ ବର୍ଷପୂର୍ବରୁ ପାଶ୍ଚାତ୍ୟ ଦେଶଗୁଡ଼ିକରେ ଅନେକ ବ୍ୟକ୍ତି ଏହି ୧୩ ସଂଖ୍ୟାଟି ଯେ ଅଶୁଭ ନୁହେଁ ଏହା ପ୍ରମାଣ କରିବା ପାଇଁ ଚେଷ୍ଟା ଚଳାଇ ଆସିଛନ୍ତି। ୧୮୮୨ ମସିହା ଜାନୁୟାରୀ ମାସ ୧୩ ତାରିଖ ଦିନ ଯୁକ୍ତରାଷ୍ଟ୍ର ଆମେରିକାର ୧୩ଜଣ ସାହସମନା ଯୁବକ 'ଥାର୍ଟିନ କ୍ଲବ' ନାମରେ ଏକ କ୍ଲବ ସ୍ଥାପନ କରିଥିଲେ। କ୍ଲବର ୧୩ଜଣ ଯାକ ସଦସ୍ୟ ଗୋଟିଏ ରେଷ୍ଟୁରାଣ୍ଟର ୧୩ ନମ୍ବର ରୁମ୍‌ରେ ସକାଳ ୮ଟା ବାଜି ୧୩ ମିନିଟ୍ ସମୟରୁ ୧୩ ଘଣ୍ଟା ପର୍ଯ୍ୟନ୍ତ (ଦିନ ଗୋଟାଏ) ଭୋଜନ କରିଥିଲେ। ଜଣେ ଇଜିପ୍ଟ ନିବାସୀ 'ଟ୍ରିସମେଜିଷ୍ଟସ'ଙ୍କ ସମ୍ମାନାର୍ଥେ ଟୋଷ୍ଟ ଅର୍ପଣ କରିଥିଲେ ଯେ କି ତାଙ୍କ ପିତାଙ୍କର ୧୩ ନମ୍ବର ସ୍ତ୍ରୀର ୧୩ତମ ସନ୍ତାନ ଥିଲେ। ଏହି କ୍ଲବର ପ୍ରାଥମିକ ସଭ୍ୟ ଚାନ୍ଦା ୧ ଦଶମିକ ୧୩ ଡଲାର ରଖାଯାଇଥିଲା ଏବଂ ପ୍ରତି ମାସର ୧୩ ତାରିଖରେ ରେଷ୍ଟୁରାଣ୍ଟର ୧୩ ନମ୍ବର ଟେବୁଲ୍‌ରେ ଏକତ୍ର ଭୋଜନ କରିବା ପାଇଁ ନିୟମ ରଖିଥିଲେ। ଏହି 'ଥାର୍ଟିନ କ୍ଲବ'ର ସଭ୍ୟ ସଂଖ୍ୟା ବଢ଼ି ଯାଇ ୧୩ ଶହରେ ସୀମିତ ରଖାଯାଇଥିଲା। ଏଥିରେ ଆମେରିକା ପ୍ରେସିଡେଣ୍ଟ, 'ଚେଷ୍ଟର ଆର୍ଥର' ଓ 'ପି.ଟି. ବରନମ'ଙ୍କ ଭଳି ବିଶିଷ୍ଟ ବ୍ୟକ୍ତିମାନେ ସଭ୍ୟ ହୋଇଥିଲେ। ପରେ ପରେ ଏହି କ୍ଲବର ଶାଖା ସମଗ୍ର ଯୁକ୍ତରାଷ୍ଟ୍ର ଆମେରିକାର ବିଭିନ୍ନ ସହରରେ ଖୋଲାଯାଇଥିଲା। କ୍ଲବ ପକ୍ଷରୁ ଯୁକ୍ତରାଷ୍ଟ୍ର ଆମେରିକାର ବିଚାରାଳୟ ଗୁଡ଼ିକୁ ନିବେଦନ କରାଯାଇଥିଲା ଯେ, ୧୩ ତାରିଖ ଶୁକ୍ରବାର ଦିନ କୌଣସି ଆସାମୀକୁ ଫାଶୀ ଦିଆ ନଯାଉ। ପରେ ଅବଶ୍ୟ କ୍ଲବର ନିବେଦନ ଆଂଶିକ ପୂରଣ କରାଯାଇଥିଲା ଏବଂ 'ଶୁକ୍ରବାର' ଦିନ ଫାଶୀ ନଦିଆଯିବା ପାଇଁ ନିଷ୍ପତି ନିଆଯାଇଥିଲା। ବହୁ ବାଧାବିଘ୍ନ ଓ ପ୍ରତିରୋଧ ସତ୍ତ୍ୱେ ଏହି 'ଥାର୍ଟିନ କ୍ଲବ' ସ୍ପେନ୍‌ର ଯୁବରାଜ 'ଅଲଫୋନସେ-୧୩'ଙ୍କୁ ସିଂହାସନାରୁଢ଼ କରିବାରେ ଉଦ୍ୟମ କରି ସଫଳ ହୋଇ ପାରିଥିଲେ। ସ୍ପେନ୍‌ର ରାଜ ପରିବାର ଏବଂ ମନ୍ତ୍ରୀ ପରିଷଦ 'ଅଲଫୋନସେ'ଙ୍କୁ ବିରୋଧ କରିବାର ଏକମାତ୍ର କାରଣ ତାଙ୍କ ନାମ ପଛରେ '୧୩' ସଂଖ୍ୟା ଥିଲା। ମହାରାଣୀ ଏଲିଜାବେଥଙ୍କର ଭଉଣୀ ରାଜଜେମା ମାର୍ଗାରେଟ ଜନ୍ମ ସମୟରେ (୧୯୩୦ ଅଗଷ୍ଟ ୨୧ ତାରିଖ) ତାଙ୍କର ଜନ୍ମ ପଞ୍ଜିକା ରେଜିଷ୍ଟରରେ କ୍ରମିକ ସଂଖ୍ୟା ୧୩ ପଡୁଥିବାରୁ ରାଜ ପରିବାର ପକ୍ଷରୁ ଜାଣିଶୁଣି ଏଥିପାଇଁ ତିନି ଦିନ ବିଳମ୍ବ କରି ଦିଆଯାଇଥିଲା ଏବଂ ଅନ୍ୟ ଏକ ଶିଶୁର ପଞ୍ଜୀକରଣ ପରେ ମାର୍ଗାରେଟଙ୍କର ନାମ ୧୪ କ୍ରମିକରେ ରେକର୍ଡ଼ କରାଯାଇଥିଲା।

ଆଉ ଏକ ଘଟଣା। ମହାରାଣୀ ଏଲିଜାବେଥ ଥରେ ଜର୍ମାନ ଭ୍ରମଣରେ ଯାଇଥିବା ସମୟରେ ଡଗଲାସ ରେଳଷ୍ଟେସନର ୧୩ ନମ୍ବର ପ୍ଲାଟଫର୍ମରୁ ତାଙ୍କ ପାଇଁ ଉଦ୍ଦିଷ୍ଟ ଟ୍ରେନରେ ଯାତ୍ରା କରିବା ପାଇଁ ସ୍ଥିର କରାଯାଇଥିଲା। ଏଭଳି ଏକ ଅଶୁଭ ସଂଯୋଗରେ ରେଳବାଇ କର୍ତ୍ତୃପକ୍ଷ ବିବ୍ରତ ହୋଇପଡ଼ି ଟ୍ରେନ ଛାଡୁଥିବା ପ୍ଲାଟ ଫର୍ମର ନମ୍ବର ୧୩ ରୁ ୧୪କୁ ବଦଳାଇ ଦେଇଥିଲେ। କେବଳ ସେତିକି ନୁହେଁ। ଅଶୁଭ ୧୩ ପଛକୁ ଅଶୁଭ ଶୁକ୍ରବାର ଦିନଟିକୁ ମଧ୍ୟ ଯୋଡ଼ି ଦିଆଯାଇଛି। ଏପରିକି ୧୩ ତାରିଖ ଦିନ ସଂଯୋଗବଶତଃ ଯଦି ଶୁକ୍ରବାର ପଡେ, ତେବେ ଦିନଟି ସବୁଠାରୁ ବେଶି ଅଶୁଭ ଦିନ ବୋଲି ଧରି ନିଆଯାଏ। ଏହିପରକି ରାସ୍ତାଘାଟ ଶୂନ୍‌ଶାନ ହୋଇଯାଏ। ବ୍ୟବସାୟ ରହେ। ସେୟାର ଓ ଷ୍ଟକ ମାର୍କେଟ ପୂରାପୂରି ମାନ୍ଦା ପଡ଼ିଯାଏ। ତେବେ ଅଶୁଭ ଶୁକ୍ରବାର ସମ୍ବନ୍ଧରେ କୁହାଯାଏ କି ବିଶ୍ୱ ଇତିହାସର ସବୁଠାରୁ 'ଖରାପ କାର୍ଯ୍ୟ' ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କୁ ଶୁକ୍ରବାର ଦିନ ହତ୍ୟା କରାଯାଇଥିଲା। ବିଶ୍ୱାସ କରାଯାଏ ସୃଷ୍ଟି ଆରମ୍ଭରେ ଶୁକ୍ରବାର ଦିନ ହିଁ 'ନିଷିଦ୍ଧ' ଫଳଟିକୁ ଖାଇବା ପାଇଁ 'ଇଭ ଆଦାମ'ଙ୍କୁ ପ୍ରବର୍ତ୍ତାଇ ଥିଲେ।

ଅଶୁଭ ୧୩ର ଭୟରେ ମହା ମହା ମନିଷୀମାନେ ମଧ୍ୟ ଏହି ଭୟର ଶିକାର ହୋଇଛନ୍ତି। ସେମାନଙ୍କ ମଧ୍ୟରେ ମହାବୀର ନେପୋଲିୟନ, ଜେ.ପର୍ଲ ଗେଟୀ, ହରବଟ ହୁଭର ଏବଂ ଫ୍ରାଙ୍କଲିନ୍ ଡି. ରୁଜଭେଲେଟ ଅନ୍ୟତମ। ଫ୍ରାନ୍ସର ରାଜଧାନୀ ପ୍ୟାରିସରେ ଅନୁଷ୍ଠିତ ପ୍ରତିଟି ସରକାରୀ ଓ ବେସରକାରୀ ଡିନର ପାର୍ଟିରେ ଯୋଗଦେବା ପାଇଁ ଆୟୋଜକମାନେ ଜଣେ, ସ୍ୱତନ୍ତ୍ର ଅତିଥିଙ୍କୁ ରିଜର୍ଭ ଲିଷ୍ଟରେ ରଖି ଥାଆନ୍ତି। ପାର୍ଟିରେ ଯୋଗ ଦେଇଥିବା ଅତିଥିମାନଙ୍କ ସଂଖ୍ୟା ଯଦି ସଂଯୋଗ ବଶତଃ ୧୩ ହୋଇଯାଏ ତେବେ ସ୍ୱଳ୍ପକାଳୀନ ନୋଟିସ ଦେଇ ରିଜର୍ଭ ଲିଷ୍ଟରେ ଥିବା ଅତିଥିଙ୍କୁ ଡିନର ପାର୍ଟିରେ ଯୋଗଦେବା ପାଇଁ ଡକାଯାଇଥାଏ। କେବଳ ପ୍ୟାରିସ କାହିଁକି, ବିଶ୍ୱର ଅନ୍ୟାନ୍ୟ ପ୍ରସିଦ୍ଧ ନଗରୀଗୁଡ଼ିକରେ ଏ ବ୍ୟବସ୍ଥା ଏବେ ମଧ୍ୟ ପ୍ରଚଳନ ରହିଅଛି।

ତେବେ ରକ୍ଷା ହୋଇଛି ଯେ ସାଧାରଣ ଜୀବନରେ ୧୩ର ବ୍ୟବହାର ଖୁବ୍ କମ। ଯେପରି ବର୍ଷକ ୧୨ମାସ, ୧୨ଟି ରାଶି, ଅଲିମ୍ପସଙ୍କର ୧୨ଜଣ ଦେବତା, ଦିନ ଓ ରାତି ୧୨ ଘଣ୍ଟା, ହରକ୍ୟୁଲେସଙ୍କର ୧୨ଟି ଅଲୌକିକ କାର୍ଯ୍ୟ, ପ୍ରଭୁ ଯୀଶୁଙ୍କର ୧୨ଜଣ ବିଶିଷ୍ଟ ଧର୍ମ ପ୍ରଚାରକ ଏବଂ ୧୨ ଦିନିଆ ଖ୍ରୀଷ୍ଟ ମାସ ଉତ୍ସବ। ତଥାପି ଶୁଣିଲେ ଆଶ୍ଚର୍ଯ୍ୟ ଲାଗୁଛି ଯେ ଏ କମ୍ପ୍ୟୁଟର ଯୁଗରେ ମଧ୍ୟ ଆଜିର ଉନ୍ନତ ମାନବ ସମାଜକୁ ସେ ଅଶୁଭ ୧୩ ଓ ଶୁକ୍ରବାରର ଭୂତ ଘାରି ରହିଛି। ଏହାକୁ ଶୀଘ୍ର ପରିତ୍ୟାଗ କରିବାକୁ ପଡ଼ିବ। କାରଣ ନିୟତିର ନିର୍ଦ୍ଦେଶରେ (ବିଜ୍ଞାନୀମାନଙ୍କ ଭାଷାରେ ପ୍ରକୃତି) ଚାଲିଥିବା ସମୟ କେବେ କୌଣସି କାରଣରୁ, କୌଣସି ସମୟରେ ଏବଂ କାହାରି ପାଇଁ ଶୁକ୍ରବାର କିମ୍ବା ୧୩ ତାରିଖକୁ ଅପେକ୍ଷା କରେନାହିଁ ଏହା 'ସ୍ୱତସିଦ୍ଧ' ଓ ସତ୍ୟ।

ତଥାପି ଏ ଭୂତ ଭୟ କାହିଁକି ? ବର୍ଷ ଓ ମାସର ଅନ୍ୟ ଦିନ ଭଳି ଏ ଦୁଇଟି ତ ଗୋଟିଏ ଗୋଟିଏ ସାଧାରଣ ଦିବସ। ଆଜିର ଏ ପ୍ରଶ୍ନ ଆପଣମାନଙ୍କୁ, ସାହିତ୍ୟିକ ଓ ସାମ୍ବାଦିକମାନଙ୍କୁ, ଯେଉଁମାନେ କଲମ ରୂପୀ ତୀକ୍ଷ୍ଣ ଅସ୍ତ୍ରରେ ଏ ଅନ୍ଧବିଶ୍ୱାସର ମୂଳୋତ୍ପାଟନ କରି ପ୍ରମାଣ କରି ଦେଇପାରିବେ ଯେ - ପ୍ରକୃତି ଦୃଷ୍ଟିରେ ସମୟର ପରିଚିତି କେବଳ ଦୁଇଟି ମାତ- ଦିନ ଓ ରାତି ଏବଂ ନିଜର ସୁବିଧା ପାଇଁ ସୃଷ୍ଟି କରାଯାଇଥିବା '୧୩ତାରିଖ ଓ ଶୁକ୍ରବାର' ସମୟର ସାଧାରଣ ପରିମାପକ ଛଡ଼ା ଆଉ କିଛି ନୁହେଁ!

ଥରେ ଭାବି ଦେଖନ୍ତୁ ତ!!



କେନ୍ଦୁଝର(ଭାସ୍କର ନ୍ୟୁଜ): ନୀଳମାଧବ ଆଦିବାସୀ ଶବର ସାଂସ୍କୃତିକ ମହାସଂଘ ଆନୁକୂଲ୍ୟରେ କେନ୍ଦୁଝର ସଦର ବ୍ଲକ ଅନ୍ତର୍ଗତ ପଦ୍ମପୁର ପଞ୍ଚାୟତ ବନାପୋଡି ଗ୍ରାମରେ ସରକାରଙ୍କ ପକ୍ଷରୁ ନିର୍ମିତ ହୋଇଥିବା ଶବର ସମାଜ ଗୋଷ୍ଠୀଗୃହ ସଭାଗୃହ ଲୋକାର୍ପଣ ଉତ୍ସବ ଅନୁଷ୍ଠିତ ହୋଇଛି । ପ୍ରଥମେ ଜଗନ୍ନାଥ ଅମାନ୍ତ ପ୍ରଭୁଙ୍କ ପୂଜାର୍ଚ୍ଚନା କରିଥିଲେ । ପାରମ୍ପରିକ ଢ଼ୁମ୍ପା ନାଚଗାନରେ ଅତିଥିଙ୍କୁ ପାଛୋଟି ଦିଆଯାଇଥିଲା । ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ଆଇଏଏସ ବଟକୃଷ୍ଣ ଦେହୁରୀ, ସମ୍ମାନୀତ ଅତିଥି ଜିଲା ସଭାପତି ଆଦିବାସୀ କଲ୍ୟାଣ ସଂଘ, ବନାଞ୍ଚଳ ରାଜ୍ୟସଂଯୋଜକ ସଚ୍ଚୀଦାନନ୍ଦ ଭୋଇ, ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ଓଏସ ତାପସ ଭୋଇ, ଖୋର୍ଦ୍ଧା ଜିଲା କାର୍ଯ୍ୟକାରୀ ସଭାପତି ଅଞ୍ଜଳୀ ସ୍ୱାଇଁ, ରାଜ୍ୟ ଅଧ୍ୟକ୍ଷ ବିଦ୍ୟାଧର ଦେହୁରୀ, ଜିଲା ସଭାପତି ଇନ୍ଦ୍ରମଣି ଦେହୁରୀ ପ୍ରମୁଖ ମଞ୍ଚାସୀନ ଅତିଥି ଭାବେ ଯୋଗ ଦେଇଥିଲେ । ସଭାରେ ଶବର ଜାତିର ଏକତା, ଭାଇଚାରା, ସଂସ୍କୃତି ଓ ପରମ୍ପରାର ସୁରକ୍ଷା ସମ୍ପର୍କରେ ଅତିଥିଙ୍କ ସଚେତନ କରିଥିଲେ । ବିଦ୍ୟାଧର ଦେହୁରୀ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଦେବଦତ୍ତ ଦେହୁରୀ ଓ ସୁଦର୍ଶନ ଦେହୁରୀ ମଞ୍ଚ ପରିଚାଳନା କରିଥିଲେ । ମହାସଚିବ ଗୈଲୋଚନ ଦେହୁରୀ, ଜିଲା ଅଧ୍ୟକ୍ଷ ଇନ୍ଦ୍ରମଣି ଦେହୁରୀ, କୋଷାଧ୍ୟକ୍ଷ ଲୁଗାବଳି ଦେହୁରୀ, ଉପଦେଷ୍ଟା ମଣ୍ଡଳୀ ଗଜେନ୍ଦ୍ର ଦେହୁରୀ, ରତ୍ନାକର ଅମାନ୍ତ, ଗଜେନ୍ଦ୍ର ଦେହୁରୀ, ମୁକୁନ୍ଦ ଗ୍ରାମର ଉଗ୍ରସେନ ଦେହୁରୀ, ନାରାୟଣ ଚନ୍ଦ୍ର ଦେହୁରୀ, ଭିମସେନ ନାୟକ ପ୍ରମୁଖ ସହଯୋଗ କରିଥିଲେ ।



ପୂର୍ତ୍ତ ବିଭାଗର ଅପାରଗତା

# ୨ ବର୍ଷ ବିତିଲା, ହୋଇପାରିଲାନି ଡାଙ୍ଗମାଳ ସ୍କିମ୍-ଖୋଲା ୭ କିମି. ସିସି ରାସ୍ତା

ରାଜନଗର(ଭାସ୍କର ନ୍ୟୁଜ): କେନ୍ଦ୍ରାପଡା ଜିଲ୍ଲା ରାଜନଗର ବ୍ଲକ ଭିତରକନିକା ଜାତୀୟ ଉଦ୍ୟାନକୁ ଦେଶିବିଦେଶରୁ ଶହଶହ ପର୍ଯ୍ୟଟକ ଯାତାୟତ କରିବା ସହ ୬୭ଟି ପଞ୍ଚାୟତର ଜନସାଧାରଣଙ୍କ ଏହି ରାସ୍ତାରେ ନିତିଦିନିଆ ବ୍ଲକ, ତହସିଲ, ହସ୍ପିଟାଲକୁ ଦୈନିକ ଶହ ଶହ ଲୋକ ଯାତାୟତ କରନ୍ତି । ଏହାଛଡା ଜିଲ୍ଲା ସଦରମହକୁମା କେନ୍ଦ୍ରାପଡା ଓ କଟକ, ଭୁବନେଶ୍ୱର ଯିବାଆସିବା କରିବା ସହ ୬୭ଟି ଯାତ୍ରୀବାହି ବସ କଟକ ଓ ଭୁବନେଶ୍ୱରକୁ ଯାଉଛି । ଏହି ରାସ୍ତା ଖରାପ ଯୋଗୁ ବସ ସବୁ ନଳିତାପଟିଆ ନଦୀ ରାସ୍ତାରେ ଯାଉଥିବା ବେଳେ ସମ୍ପୃକ୍ତ ପଞ୍ଚାୟତ ଓ ଡାଙ୍ଗମାଳ, ଖମାର ସାହି ପଞ୍ଚାୟତର ଲୋକମାନଙ୍କୁ ଚାଲି ଚାଲି ୫ କିଲୋମିଟର ଯିବାକୁ ପଡୁଛି । ଏପରି ଅସ୍ୱାଭାବିକ ପରିସ୍ଥିତି ଦେଖି ଏହି ୭କିମି ରାସ୍ତାର ସିସିରୋଡ କରିବାକୁ ତତ୍କାଳୀନ ବିଜେଡି ସରକାରଙ୍କ ସମୟରେ ପ୍ରାୟ ୨/୩ବର୍ଷ ହେବ ଟେଣ୍ଡର ହୋଇ ପ୍ରାୟ ୧୫ କୋଟି ଟଙ୍କା ବ୍ୟୟରେ ୭କିମି ସିସି ରାସ୍ତା କରିବାକୁ ଜନୈକ ଠିକାଦାରଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ହେଲେ ଏକ କିଲୋମିଟରରୁ କମ୍ ରାସ୍ତା ନିମ୍ନମାନର ନିର୍ମାଣ କରିଛନ୍ତି, ବଳକା ରାସ୍ତା କେବେ ହେବ କି ନାହିଁ ବୋଲି ଅଞ୍ଚଳବାସୀଙ୍କ ପ୍ରଶ୍ନ । ହେଲେ ଉକ୍ତ ରାସ୍ତାଟି ପୂର୍ତ୍ତ ବିଭାଗର ହୋଇଥିଲେ ମଧ୍ୟ କାର୍ଯ୍ୟ ଚାଲୁଥିବା ବେଳେ ବିଭାଗୀୟ ଅଧିକାରୀ କିମ୍ବା କର୍ମଚାରୀ ଉପସ୍ଥିତ ରହୁନଥିଲେ ବି ଜେଇଙ୍କ ଦ୍ୱାରା ବ୍ୟକ୍ତିଗତ ଅବସରପ୍ରାପ୍ତ ଓ୍ୱାର୍କସରକାର ଓ ଠିକାଦାରଙ୍କ ମିସ୍ତ୍ରୀ ଲେବର ଦ୍ୱାରା କାର୍ଯ୍ୟ କରାଯାଉଥାଏ । କିନ୍ତୁ ରାସ୍ତାର ଅବସ୍ଥା ଶୋଚନୀୟ ହୋଇ ଦୈନିକ ଦୁର୍ଘଟଣା ହେବା ସହ ୧୦୮ ଓ ପ୍ରସୂତି ଗାଡି ରୋଗୀଙ୍କୁ ନେବା ଆଣିବା ସମ୍ଭବ ହେଉନି । କାହା ସ୍ୱାର୍ଥରେ ପୂର୍ତ୍ତ ବିଭାଗର ଅଧିକାରୀ ସବୁ କିଛି ସରିବା ପରେ ଏତେ ବର୍ଷ ହେବ କାମ ନହୋଇ ପଡିରହିବା ଏବଂ ଠିକିଦାର ଉପରେ ଚାପ ପକାଇବାକୁ କାହିଁକି ବିଭାଗୀୟ ନିରବ ରହି ଜନସାଧାରଣଙ୍କୁ ବିପଦଗାମି କରୁଛନ୍ତି ତାହା ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଅଞ୍ଚଳର ଅନେକ ଲୋକଙ୍କ କହିବା କଥା ପୂର୍ବ ସରକାର ସମୟରେ ନେତା, ଠିକାଦାର ଓ ବିଭାଗିୟ ଅଧିକାରୀ ଗୋଟିଏ ଡଙ୍ଗାରେ ପାର ହେଉଥିଲେ, ଫଳରେ ଅଳ୍ପ କାମକୁ ଅତ୍ୟାଧିକ ଅର୍ଥ ପାଇ ମାଲେମାଲ ହେଉଥିଲେ । ଏବେ ତାହା ସ୍ୱପ୍ନ ହୋଇ ପଡିଛି, ରାଜ୍ୟରେ ଦୁର୍ନୀତି ବିହୀନ ବିଜେପି ସରକାରରେ ମୋହନ ମାଝିଙ୍କ ଶାସନ ସେ ସବୁପ୍ରତି ସ୍ୱଚ୍ଛତା ଚାହିଁଛି । ତେଣୁ ସେକାଳ ପଖାଳ ନଥିବାରୁ ଠିକାଦାର ଭୟରେ କାର୍ଯ୍ୟ କରୁନାହାନ୍ତି ବୋଲି ମତ ରଖୁଛନ୍ତି ଅଞ୍ଚଳବାସୀ । ଲୋକଙ୍କ ସ୍ୱାର୍ଥ ଦୃଷ୍ଟିରୁ ସମ୍ପୃକ୍ତ ଠିକାଦାରଙ୍କୁ ପରିବର୍ତ୍ତନ କରି ଅନ୍ୟ ଠିକାଦାରଙ୍କ ଦ୍ୱାରା ରାସ୍ତା କାର୍ଯ୍ୟ ସମାପନ୍ନ କରାଗଲେ ଲୋକମାନେ ନିରାପଦ ଯାତ୍ରା କରିବାରେ ସହାୟ ହୋଇପାରିବେ । କେବଳ ପୂର୍ତ୍ତ ବିଭାଗର ଏହି ରାସ୍ତା ନୁହେଁ ରାଜନଗରରୁ କୃଷ୍ଣପ୍ରିୟାପୁରୁ ଓକିଲପାଳ ଦେଇ ଗୁପ୍ତି ପର୍ଯ୍ୟନ୍ତ ୪୦ କୋଟି ଟଙ୍କାର ଅଟକଳ ହୋଇ ୨୦୨୪ମସିହାରେ ରାସ୍ତାର ଉନ୍ନତିକରଣ ପାଇଁ ଠିକାଦାରଙ୍କୁ ଆଦେଶ ଦିଆଯାଇଛି । ହେଲେ ଏବେ ଠିକାଦାର ନିମ୍ନମାନର କାର୍ଯ୍ୟ କରିବା ଦ୍ୱାରା ଆଗକୁ ଯାଉଛି ପିଚୁ କାର୍ଯ୍ୟ ଚାଲୁ ରଖିଥିବା ବେଳେ ପଛରୁ ଦେବା ପିଚୁ ରାସ୍ତାରୁ ଉଠି ପୁରୁଣା ରାସ୍ତା ଦିଶୁଛି । ବିଭାଗୀୟ ଜେଇ ଅସୁସ୍ଥତା ଯୋଗୁ ଛୁଟିରେ ଥିବାରୁ ଠିକାଦାରଙ୍କ ଲେବରଙ୍କ ମର୍ଜିରେ କାମ ଚାଲୁଛି । ବିଭାଗୀୟ ଅଧିକାରୀ କି କର୍ମଚାରୀ କେହି କ୍ଷେତ୍ର ଉପରକୁ ଯାଉ ନଥିବାରୁ ଲେବର ତାଙ୍କ ମର୍ଜିରେ କାର୍ଯ୍ୟ କରିଚାଲିଛନ୍ତି । ତେଣୁ ବିଭାଗୀୟ ତରଫରୁ ଉଚ୍ଚମାନର କାର୍ଯ୍ୟ କରାଯିବାକୁ ନିର୍ଦ୍ଦେଶ ଦେବା ସହ ରାଜନଗର ଜନଗହଳି ଅଞ୍ଚଳରେ ରାସ୍ତାରୁ ପିଚୁ କଢାଯିବା ଫଳରେ ଧୁଳିଗୁଣ୍ଡ ଉଡି ଆଖି ସମସ୍ୟା ଦେଖାଦେଇଛି । ତେଣୁ ରାସ୍ତାରେ ପାଣି ପକାଇ ଉଚ୍ଚମାନର କାର୍ଯ୍ୟ କରାଗଲେ ଧୂଳି ଉଡିବା କମି ଯିବ ବୋଲି ସାଧାରଣରେ ମତପ୍ରକାଶ ପାଇଛି ।

# ପୂର୍ବ ବିବାଦରୁ ବଡ଼ଶିରିବିଲା ଗ୍ରାମରେ ୪ ମହିଳା ସମେତ ୭ ଜଣଙ୍କୁ ସଂଘବଦ୍ଧ ଆକ୍ରମଣ



ନିମାପଡ଼ା(ଭାସ୍କର ନ୍ୟୁଜ): ନିମାପଡ଼ା ବଡ଼ଶିରିବିଲା ପଞ୍ଚାୟତରେ ଜମିଜମା ବିବାଦକୁ କେନ୍ଦ୍ର କରି ମହାଭାରତ ସୃଷ୍ଟି ହୋଇଛି । ସଂଘବଦ୍ଧ ଆକ୍ରମଣରେ ୪ ମହିଳା ସମେତ ୭ ଗୁରୁତର ଆହତ ହୋଇ ନିମାପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ହେଉଥିବା ବେଳେ ଏ ସଂପର୍କରେ ଜଣେ ମହିଳା ନିମାପଡ଼ା ଥାନାରେ ଅଭିଯୋଗ କରିଛନ୍ତି । ମିଳିଥିବା ସୂଚନା ଅନୁଯାୟୀ, ପୁରୀ ଜିଲ୍ଲା ନିମାପଡ଼ା ବ୍ଲକ୍ ବଡ଼ଶିରିବିଲା ଗ୍ରାମର ବିଜୟ କୁମାର ଛାଟୋଇଙ୍କ ସହ ତାଙ୍କ ପଡ଼ୋଶୀଙ୍କ ଜମିଜମା ବିବାଦକୁ କେନ୍ଦ୍ରକରି ବିବାଦ ଲାଗି ରହିଥିଲା । ସୋମବାର ଅପରାହ୍ନରେ ବିଜୟ ଛାଟୋଇଙ୍କ ଜାଗାରେ ତାଙ୍କର ବିବାଦୀୟ ବ୍ୟକ୍ତିମାନେ ନିଅଁ ଖୋଳି ପଥର ପାଚେରୀ କରୁଥିବା ସମୟରେ ବିଜୟ ପ୍ରତିବାଦ କରିବାରୁ ତାଙ୍କୁ ଶାବଳରେ ଆକ୍ରମଣ କରିବାରୁ ବିଜୟ ବିକଳରେ ଦୌଡ଼ିଥିଲେ । ତାଙ୍କର ପତ୍ନୀ ସତ୍ୟଭାମା ଓ ଯାଆ ଶକୁନ୍ତଳା ପ୍ରତିବାଦ କରିବାରୁ ତାଙ୍କୁ ମଧ୍ୟ ଟଣା ଓଟରା କରି ତଳେ ପକାଇ ମାଡ଼ ମାରିଥିଲେ ଓ ମଙ୍ଗଳସୂତ୍ରକୁ ଛିଣ୍ଡାଇ ନେଇଥିଲେ । ଏହିପରି ବିଜୟଙ୍କ ପରିବାରର ୭ ଜଣଙ୍କୁ ଅମାନୁଷିକ ଭାବେ ବିଚିତ୍ରାନନ୍ଦ ଛାଟୋଇ, କମଳା ଛାଟୋଇ, ଗଗନ ଛାଟୋଇ, ବନ୍ଧୁ ଛାଟୋଇ, ବାପିନା ଛାଟୋଇ, ଓମ୍ ଛାଟୋଇ, ଜୀବନ ଛାଟୋଇ ଓ ଦିବାକର ପରିଡ଼ା ସଂଘବଦ୍ଧ ଭାବେ ମାରଣାସ୍ତ୍ର ଧରି ଆକ୍ରମଣ କରିଥିବା ବେଳେ ଗ୍ରାମର କେତେକ ବ୍ୟକ୍ତି ଗୁରୁତରଙ୍କୁ ଉଦ୍ଧାର କରି ନିମାପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ । ପରେ ଏ ସଂପର୍କରେ ବିଜୟ ଛାଟୋଇଙ୍କ ପତ୍ନୀ ସତ୍ୟଭାମା ଛାଟୋଇ ନିମାପଡ଼ା ଥାନାରେ ଅଭିଯୋଗ କରିଛନ୍ତି । ଅଭିଯୋଗ ଆଧାରରେ ପୋଲିସ ତଦନ୍ତ ଜାରି ରଖିଛି । ଦୀର୍ଘଦିନ ହେବ ଏମାନଙ୍କ ମଧ୍ୟରେ ଜମିଜମା ସଂକ୍ରାନ୍ତୀୟ ବିବାଦ ରହିଥିବା ବେଳେ ଏହାକୁ କେନ୍ଦ୍ର କରି ତୁମୁଳକାଣ୍ଡ ସୃଷ୍ଟି ହୋଇଛି । ପ୍ରକାଶ ଥାଉକି, ଜଣେ ମହିଳାଙ୍କୁ ନିର୍ମମ ଭାବେ ଆକ୍ରମଣକାରୀମାନେ ଆକ୍ରମଣ କରିଥିବାରୁ ମହିଳା ଗୁରୁତର ରହିଛନ୍ତି ।

# ଆସିକାର ବିଭିନ୍ନ ସ୍ଥାନରେ ନୃସିଂହ ଯାତ୍ରା



ଆସିକା(ଭାସ୍କର ନ୍ୟୁଜ): ଗଞ୍ଜାମ ଜିଲ୍ଲା ଆସିକା ସହର ଏବଂ ଆଖପାଖ ପଞ୍ଚାୟତରେ ଆନନ୍ଦ ଉଲ୍ଲାସର ସହ ଭଗବାନ ଅଭୟ ନୃସିଂହଙ୍କ ଜନ୍ମ ଜୟନ୍ତୀ ଆଧ୍ୟାତ୍ମିକ ପରିବେଶରେ ସମ୍ପୂର୍ଣ୍ଣ ହୋଇଯାଇଛି । ଆଜି ପ୍ରାତଃ ସମୟରୁ ମନ୍ଦିରରେ ଦ୍ୱାର ଫିଟା, ମଙ୍ଗଳ ଆରତୀ, ଅବକାଶ, ମଇଲମ, ତଡପ ଲାଗି, ବେଶ, ବାଲଭୋଗ ପରେ ଦର୍ଶନ ନିମନ୍ତେ ମନ୍ଦିର ପରିସରରେ ଗହଳ ଚହଳ ଲାଗି ରହିଥିଲା । ପୂର୍ବାହ୍ନରେ ପୂଜାରୀଙ୍କ ଦ୍ୱାରା ଭଗବାନ ନୃସିଂହଙ୍କ ବିଜେ ପ୍ରତିମା ମୂର୍ତ୍ତିକୁ ସିଂହାସନରୁ ହୋମ ମଣ୍ଡପରେ ବିଜେ କରାଯାଇଥିଲା । ବରୁଣ ପୂଜା, ସଂକଳ୍ପ, ମାତୃପୂଜା, ବସୋଦ୍ଧାରା, ଜନ୍ମ ବିଧାନ, ଷୋଡଶ ଉପଚାର ପୂଜା, ହୋମଯଜ୍ଞ, ପୂର୍ଣ୍ଣାହୁତି, ଆରତୀ ପୁଷ୍ପାଞ୍ଜଳି, ପଣା ଭୋଗ ବଣ୍ଟନ ଆଦି କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା । ସନ୍ଧ୍ୟା ସମୟରେ ଏକ ସୁସଜ୍ଜିତ ପିତଳ ବିମାନରେ ଭଗବାନ ନୃସିଂହ ନାଥଙ୍କୁ ଘଣ୍ଟ ଘଣ୍ଟା, ମୃଦଙ୍ଗ ସ୍ୱାଦ୍ଦରେ ଆସିକା ସହର ପରିକ୍ରମା କରାଯାଇଥିଲା । ଏଥିସହ ବିଭିନ୍ନ ମନ୍ଦିର ସମ୍ମୁଖରେ ସାମାଜିକ ନାଟକ ପରିବେଷଣ କରାଯାଇଥିଲା । ସୁନାମ୍ବ ସାହିରେ ଥିବା ଅଭୟ ନୃସିଂହ ମଠ, କାଳକ୍ଷଣ୍ଡପୁର, ନଳବଣ୍ଟା, ଜୟପୁର, ନିରାଳ, ଖଡଭାଗ, ଏବଂ ଧରାକୋଟର ଜଗମୋହନ ଗ୍ରାମରେ ଥିବା ନୃସିଂହ ମନ୍ଦିରରେ ଜନ୍ମ ଜୟନ୍ତୀ ପାଳନ କରାଯାଇଛି ।

# ବିନା କାଗଜପତ୍ରରେ ଚାଲିଛି କୂଳଶ୍ରୀ ବାଲିଘାଟ



ନିଆଳି(ଭାସ୍କର ନ୍ୟୁଜ): ନିଆଳି ତହସିଲ ଅଧିନସ୍ତ ଏରଞ୍ଚ ପଞ୍ଚାୟତ କୂଳଶ୍ରୀ ଗ୍ରାମ ଦେବୀନଦୀରୁ ବିନା କାଗଜପତ୍ରରେ ବେଆଇନ ଭାବରେ ଇ ଫର୍ମ ନଦେଇ ଟ୍ରାକ୍ଟର, ହାଇବା ସହାୟତାରେ ଦିନରାତି ବୁହା ହେଉଛି ଶହ ଶହ ଟ୍ରିପ ବାଲି । ଯାହାଫଳରେ ରାଜ୍ୟ ସରକାରଙ୍କ କୋଟି କୋଟି ଟଙ୍କା କ୍ଷତି ହେଉଥିବା ବେଳେ ଘାଟ ନେଇଥିବା ମହିଳା ଏବେ ମାଲେମାଲ । ମାଇନ୍ସ ବିଭାଗର ଅଧିକାରୀ ଓ କୁଜି ନେତାଙ୍କୁ ହାତରେ ରଖି ସ୍ଥାନୀୟ ଲୋକଙ୍କୁ ଅସାମାଜିକ ଯୁବକମାନଙ୍କ ଦ୍ୱାରା ଧମକ ଦେଇ ମାଇନ୍ସ ବିଭାଗର ନିୟମକୁ ଖୋଲା ଉଲଂଘନ କରିଛନ୍ତି । ଏଥିରେ ବି ଖୁଲମଖୁଲା ସାହାଯ୍ୟ କରୁଛନ୍ତି ମାଇନ୍ସ ବିଭାଗ ଅଧିକାରୀ । ସିସିଟିଭି ଫୁଟେଜ ଲଗାଯାଇନଥିବା ବେଳେ କେତେ ଏରିଆ ବାଲି ଖୋଳିବା ନିମନ୍ତେ ସୀମା ନିର୍ଦ୍ଧାରଣ କରାଯାଇ ନାହିଁ । ମେସିନ ପକାଇବାକୁ ନିୟମ ନଥିବା ବେଳେ ହାଇକୋର୍ଟଙ୍କ ନିର୍ଦ୍ଦେଶକୁ ମଧ୍ୟ ଅବମାନନା କରାଯାଇଛି । ଏମିତିକି ପୋଲ ଥିବା ଜାଗାରେ ଉଭୟ ପାର୍ଶ୍ୱରୁ ଖୁଣ୍ଟଠାରୁ ୪ ଶହ ମିଟର ଦୂରରୁ ବାଲି ଖୋଳିବା ପାଇଁ ନିର୍ଦ୍ଦେଶ ଥିବା ବେଳେ ଏହି ଘାଟରେ ପୁରା ବ୍ୟତିକ୍ରମ ଦେଖିବାକୁ ମିଳିଛି । ସୀମା ନିର୍ଦ୍ଧାରଣ ହୋଇନଥିବାରୁ କୂଳଶ୍ରୀ ଘାଟ ମାଲିକ ନିଜ ଏରିଆ ଛାଡି ଜଗତସିଂହପୁର ଜିଲ୍ଲା ଅଞ୍ଚଳରୁ ବାଲି ଖୋଲୁ ଥିବାରୁ କିଛି ଦିନ ତଳେ ଜଗତସିଂହପୁର ଜିଲ୍ଲା ତହସିଲଦାର ମାଇନ୍ସ ବିଭାଗ ଓ ପୋଲିସ ଚଢ଼ାଉ କରି ମେସିନ ଜବତ କରିଥିଲେ । ଏହି ଘାଟ ବିରୁଦ୍ଧରେ ଦୀପାଞ୍ଚଳବାସୀ ଦାବି କରିଛନ୍ତି ।

# ଭାରତୀୟ ସେନାଙ୍କ ସୁରକ୍ଷା ପାଇଁ ସାମୂହିକ ପ୍ରାର୍ଥନା




ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଆଧ୍ୟାତ୍ମିକ ଜାଗରଣ ମଞ୍ଚ ପକ୍ଷରୁ ଡ. ସୁନୀତି ମୁଣ୍ଡଙ୍କ ନେତୃତ୍ୱରେ ଭାରତୀୟ ସେନାଙ୍କ ସୁରକ୍ଷା ପାଇଁ ସାମୁହିକ ପ୍ରାର୍ଥନା କରାଗଲା । ଭାରତୀୟ ସେନା ପାହାଡ଼ ଜଙ୍ଗଲ ମଧ୍ୟରେ ରହି ଆମ ଦେଶ ତଥା ଦେଶବାସୀଙ୍କୁ ସୁରକ୍ଷା ଦେଉଥିବାରୁ ଏହି ମଞ୍ଚ ଭୁବନେଶ୍ୱରର ଧଉଳି ପାହାଡ ଓ ବୃକ୍ଷ ଆଢୁଆଳରେ ରହି ସେନାଙ୍କ ସୁରକ୍ଷା ପାଇଁ ପ୍ରକୃତି ମଧ୍ୟରେ ଥିବା ସେହି ଦିବ୍ୟ ଶକ୍ତିକୁ ସ୍ମରଣ କରୁଛନ୍ତି । ଏହି ସାମୁହିକ ପ୍ରାର୍ଥନାରେ ପ୍ରାୟ ଶତାଧିକ ଲୋକ ଏକତ୍ରିତ ହୋଇଥିଲେ ।

# ରାଜନଗରକୁ ଏନ୍ଏସି ମାନ୍ୟତା ସ୍ୱପ୍ନ, ତାଳଚୁଆରେ ଭିତରକନିକା ବ୍ଲକ୍ ଦାବି



ରାଜନଗର(ଭାସ୍କର ନ୍ୟୁଜ): ଏବେ ରାଜ୍ୟରେ ପାରିପାର୍ଶ୍ୱିକ ସ୍ଥିତି ଦେଖି ନୂତନ ବ୍ଲକ୍, ତହସିଲ ଓ ଏନଏସି ମାନ ହେବାକୁ ଯାଉଛି । ହେଲେ ଏହି ପରିପ୍ରେକ୍ଷୀରେ କେନ୍ଦ୍ରାପଡା ଜିଲ୍ଲା ରାଜନଗର ବ୍ଲକ ସଦରମହକୁମାକୁ ଘଇଉ ସ୍ୱପ୍ନ ହୋଇଥିବା ବେଳେ ଯେ୍ୱ ତାଳଚୁଆଠାରେ ଭିତରକନିକା ନାମରେ ନୂତନ ବ୍ଲକ୍ ଓ ତହସିଲ କାର୍ଯ୍ୟାଳୟ ସ୍ଥାପନ ନିମନ୍ତେ ଦାବି ଯୋର ଧରିଛି । ରାଜନଗର ବ୍ଲକ ଓ ତହସିଲ ସଦର ମହକୁମାଠାରୁ ତାଳଚୁଆ ଅଞ୍ଚଳ ପ୍ରାୟ ୩୦କିମି ଦୂରତା ରହୁଛି । ଏତେ ଦୂରରୁ ଲୋକମାନେ ବ୍ଲକ ତହସିଲ ଯିବାଆସିବା କରିବା ବହୁ ସମସ୍ୟା ସୃଷ୍ଟି କରୁଛି । ତେଣୁ ତାଳଚୁଆଠାରେ ନୂତନ ବ୍ଲକ କାର୍ଯ୍ୟାଳୟର ଜରୁରୀ ଆବଶ୍ୟକତା ରହିଛି । ଏହାଦ୍ୱାରା ଶତାଧିକ ଗ୍ରାମର ପ୍ରାୟ ୩୫/୪୦ ହଜାର ଲୋକ ଉପକୃତ ହୋଇପାରିବେ । ଯାହାକି ୧୦ଟି ପଞ୍ଚାୟତ ଏହି ନୂତନ ବ୍ଲକ ଉପରେ ନିର୍ଭର କରିବ । ଏଠାରେ ମେରାଇନ୍ ଥାନା, ସ୍ୱାସ୍ଥ୍ୟ କେନ୍ଦ୍ର, ମରାଇନ କାର୍ଯ୍ୟାଳୟ, ନିକଟରେ ଜାତୀୟ ଉଦ୍ୟାନ, ତାଳଚୁଆକୁ ପକ୍କା ରାସ୍ତା ସହ ଉଭୟ ପଟୁ ଗମନାଗମନର ସୁବିଧା ରହିଛି । ତାଛଡା ଏଠାରେ ଉନ୍ନତ ଧରଣର ବଜାର ମଧ୍ୟ ରହିଛି । ଏଠାରେ ବ୍ଲକ୍ ହେବାକୁ ସମସ୍ତ ପ୍ରକାର ସରକାରୀ ନିୟମ ବ୍ୟବସ୍ଥା ସମ୍ଭବ ହୋଇଛି । ବିଜେଡି ସରକାର ସମୟରେ ଏପରି ଐତିହାସିକ ପଦକ୍ଷେପ ଗ୍ରହଣ କରିବାରେ ନେତାଙ୍କ ଆନ୍ତରୀକତା ଅଭାବରୁ ବିଫଳ ହୋଇଛି । ବିଜେପି ସରକାରରେ ନୂତନ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କ ଉପରେ ଅଞ୍ଚଳବାସୀ ଅତୁଟ ବିଶ୍ୱାସ ରଖି ଆଶା କରିଛନ୍ତି, ତାଳଚୁଆରେ ଭିତରକନିକା ବ୍ଲକ୍ ନାମରେ ବ୍ଲକ କାର୍ଯ୍ୟାଳୟ ଖୋଲି ମୁଖ୍ୟମନ୍ତ୍ରୀଙ୍କ କରକମଳରେ ଉଦ୍ଘାଟନ କରିବାକୁ ଅଞ୍ଚଳର ଜନସାଧାରଣ, ଲୋକପ୍ରତିନିଧି, ବୁଦ୍ଧୀଜୀବୀ, ସ୍ୱୟଂସହାୟକ ଗୋଷ୍ଠୀ, ଯୁବ, ଛାତ୍ରଛାତ୍ରୀ ଆଶା ପୋଷଣ କରିଛନ୍ତି ।

# ଏକାଧିକ ବ୍ୟକ୍ତିଙ୍କୁ ଚୂନ ମାରି ସ୍ୱାମୀ ଗିରଫ, ସ୍ତ୍ରୀ ଫେରାର

ନିମାପଡ଼ା (ଭାସ୍କର ନ୍ୟୁଜ୍): ନିମାପଡ଼ା ବଜାରରେ ଜଣେ ମୋବାଇଲ ଦୋକାନୀକୁ ୧୨ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ଚୂନ ଲଗାଇବା ଘଟଣାରେ ପତିପତ୍ନୀଙ୍କ ନାମରେ ସଂଗୀନ ଦଫାରେ ପୋଲିସ ମାମଲା ରୁଜୁ କରି ଏହି ଘଟଣାରେ ସଂପୃକ୍ତ ଜଣେ ବ୍ୟକ୍ତିକୁ କୋର୍ଟ ଚାଲାଣ କରିଥିବା ବେଳେ ସଂପୃକ୍ତ ଅଭିଯୁକ୍ତ ବିଚାର ବିଭାଗୀୟ ହାଜତରେ ରହିଥିବା ବେଳେ ଅଭିଯୁକ୍ତର ପତ୍ନୀ ପୋଲିସ ଭୟରେ ଫେରାର ଥିବା ଜଣାପଡ଼ିଛି । ମିଳିଥିବା ସୂଚନା ଅନୁଯାୟୀ, ବିଷ୍ଣୁପୁର ଗ୍ରାମର ସୁବାଷ ଭୋଇ ନାମକ ଜଣେ ଯୁବକ ଓ ତାଙ୍କର ପତ୍ନୀ ଇତିଶ୍ରୀ ମହାନ୍ତି ସାମସଙ୍ଗ କମ୍ପାନୀ ତରଫରୁ ଏକ ମୋବାଇଲ୍ ଦୋକାନରେ ରହି ମୋବାଇଲ୍ ନେଇ ବିକ୍ରି କରନ୍ତି । ଦୋକାନୀଙ୍କ ଦେହ ଖରାପ ଥିବାରୁ ଘରେ ଥିବା ବେଳେ ୧୨ ଲକ୍ଷ ୬୦ ହଜାର ଟଙ୍କାର ମୋବାଇଲ୍ ପତିପତ୍ନୀ ଚୂନ ଲଗାଇବା ଘଟଣାରେ ସୁବାଷ ଭୋଇ ନିମାପଡ଼ା ଉପ-କାରାଗାରରେ ରହିଥିବା ବେଳେ ତାଙ୍କ ପତ୍ନୀ ପୋଲିସ ଭୟରେ ଫେରାର ହୋଇଯାଇଛି । ସେହିପରି ବିଷ୍ଣୁପୁର ଗ୍ରାମର ରାଜେଶ କୁମାର ଦତ ଅଭିଯୋଗ କରିଛନ୍ତି ତାଙ୍କ ଡ଼କୁମେଂଟ୍‌କୁ ଫର୍ଜରୀ କରି ସୁବାଷ ଭୋଇ ତା'ର ସ୍ତ୍ରୀ ଇତିଶ୍ରୀ ମହାନ୍ତି ମୋବାଇଲ ଡ଼ିଏମଆଇ ଫାଇନାନ୍ସରେ ଦୁଇଟି ଲୋନ୍ ଆକାଉଂଟ କରି ରାଜେଶ ଦତଙ୍କ ବିନା ଦସ୍ତଖତରେ ୨ଲକ୍ଷ ୪ ହଜାର ଟଙ୍କାର ମୋବାଇଲ୍ ଲୋନ କରି ନେଇଥିବା ସୋମବାର କମ୍ପାନୀ ମେସେସ୍ ଆସିବା ପରେ ରାଜେଶ ଜାଣିପାରି ଏ ସଂପର୍କରେ ଅଭିଯୋଗ କରିଛନ୍ତି । ଏହି ଦମ୍ପତି ଚଂଚକତା ଭାବେ ଅନେକ ବ୍ୟକ୍ତିଙ୍କୁ ଚୂନ ଲଗାଇଥିବା ପୋଲିସର ପ୍ରାରମ୍ଭିକ ତଦନ୍ତରୁ ଜଣାପଡ଼ିଛି । ପ୍ରକାଶ ଥାଉକି, ରାଜେଶ କୁମାର ଦତ ଏକ କଲେଜରେ ଅଧ୍ୟାପକ ଭାବେ କାର୍ଯ୍ୟ କରନ୍ତି ।

# ଏସ୍ଓପି ଜାରି ସତ୍ତ୍ୱେ ଭିନ୍ନକ୍ଷମଙ୍କୁ ମିଳୁନି କାମ

ସୋରଡା(ଭାସ୍କର ନ୍ୟୁଜ): ସୋରଡା ବ୍ଲକରେ ଯୋଗ୍ୟ ଭିନ୍ନକ୍ଷମ ଶ୍ରମିକ ମାନଙ୍କୁ ୧୦୦ ଦିନର କାମ ସୁନିଶ୍ଚିତ କରିବା ପାଇଁ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଏସଓପି ଜାରି କରିଛନ୍ତି, ଯୋଗ୍ୟ ହିତାଧିକାରୀ ଚୟନ ସହିତ ଜୋବକାର୍ଡ ବାଣ୍ଟିବା କାମ ପାଇଁ ନିର୍ଦ୍ଦିଷ୍ଟ ସମୟସୀମା ଧାର୍ଯ୍ୟ କରାଯାଇଛି, ବିଡିଓ କାର୍ଯ୍ୟକ୍ରମ ଅଧିକାରୀ ଭାବେ ପ୍ରତି ଆର୍ଥିକ ବର୍ଷ ପୂର୍ବରୁ ପଞ୍ଚାୟତଗୁଡିକୁ ଦିବ୍ୟାଙ୍ଗ ଶ୍ରମିକ ତାଲିକା ଦେବେ ଏବଂ ପ୍ରତି ଗ୍ରାମରେ ଦିବ୍ୟାଙ୍ଗ ଗୋଷ୍ଠି ଗଠନ କରିବାକୁ ନିସ୍ପତି ହୋଇଛି । ପଞ୍ଚାୟତିରାଜ ବିଭାଗ ଏସଓପିକୁ ନେଇ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗର ନିର୍ଦ୍ଦେଶକ ଜିଲ୍ଲାପାଳମାନଙ୍କୁ ଚିଠି ଲେଖି ଜଣାଇବା ସହିତ ତାଙ୍କ ନିର୍ଧାରିତ ସମୟସୀମା ମଧ୍ୟରେ ଦିବ୍ୟାଙ୍ଗମାନଙ୍କୁ ଏସ ଓ ପି ଅନୁସାରେ ମିସନ ମୋଡରେ ମଇ ୩୧ ତାରିଖ ସୁଧା ଭିନ୍ନକ୍ଷମ ଶ୍ରମିକମାନଙ୍କୁ ଚିହ୍ନଟ କରି ଜୋବକର୍ଡ ପ୍ରଦାନ କରିବା ସେମାନଙ୍କୁ ସଦସ୍ୟ ଭାବରେ ନେଇ ଦିବ୍ୟାଙ୍ଗ ଶକ୍ତି ଗୋଷ୍ଠି ପ୍ରଦାନ ରିବା ଏବଂ ସେମାନଙ୍କୁ କାମ ପ୍ରଦାନ କରିବା ପାଇଁ ଗ୍ରାମପଞ୍ଚାୟତ ପଦକ୍ଷେପ ନେବ । ଏଥିରେ ଗ୍ରାମପଞ୍ଚାୟତ, ବିଡିଓ ଏବଂ ବିଇଏସ ଏସଙ୍କ ସହଯୋଗ ନେବେ । ଦିବ୍ୟାଙ୍ଗ ଶକ୍ତି ଗୋଷ୍ଠି ଜୁନ ୩୦ ସୁଧା ସମାପ୍ତ ହେବ ଏବଂ ପୂର୍ବରୁ ଏହି ଯୋଜୋନରେ ଜବକାର୍ଡ ପାଇଥିବା ଭିନ୍ନକ୍ଷମ ବ୍ୟକ୍ତିଙ୍କ କାର୍ଡ ଗୁଡିକୁ ମଇ ୩୧ ତାରିଖ ସୁଧା ଟକ୍ସୟବସ୍ଥର କରାଯିବ । ବିଶେଷକରି ଉପଯୁକ୍ତ ଦିବ୍ୟାଙ୍ଗ ବ୍ୟକ୍ତିଙ୍କୁ କିଭଳି ଜବକାର୍ଡ ମିଳିବ ସେ ନେଇ ସତର୍କତା ଅବଲମ୍ବନ କରିବେ । ସମସ୍ତ ଯୋଗ୍ୟ ଦିବ୍ୟାଙ୍ଗ ବ୍ୟକ୍ତିଙ୍କୁ ଜବକାର୍ଡ ପ୍ରଦାନ କରିବା ପାଇଁ ଜିପି ସ୍ତରରେ ସଚେତନତା ଅଭିଯାନ ଆୟଜୋନ କରାଯାଇଛି । ପଞ୍ଚାୟତିରାଜ ବିଭାଗର ସଚିବ ଗିରିଶ ଏସଏନ ଜାରି କରିଥିବା ଏସଓପିରେ କୁହାଯାଇଛି ଯେ ପରିବାରରେ ଥିବା ୧୮ ବର୍ଷ କିମ୍ବା ତାଠାରୁ ଅଧିକ ବୟସର ଭିନ୍ନକ୍ଷମ ମଜୁରିଆ ବ୍ୟକ୍ତିମାନଙ୍କୁ ଚିହ୍ନଟ କରାଯିବ । ରୋଜଗାର ଆଶାରେ ଥିବା ସମସ୍ତ ଗ୍ରାମପଞ୍ଚାୟତର ଗ୍ରାମାଞ୍ଚଳରେ ଥିବା ଭିନ୍ନକ୍ଷମଙ୍କୁ ଏଥିରେ ସାମିଲ କରାଯିବ ବୋଲି ଘୋଷଣା କରାଯାଇଥିଲେ ମଧ୍ୟ କାମ ସୁନିଶ୍ଚିତ କରିବା ଲକ୍ଷ ତୁରନ୍ତ କାର୍ଯ୍ୟକାରୀ କରିବା ପାଇଁ ସୋରଡା ଅଞ୍ଚଳର ବରୀଷ୍ଟ ସାମ୍ବାଦିକ ଆରାପାଲି ସାରଥି ଜିଲ୍ଲା ପାଳଙ୍କଠାରେ ଦାବି କରିଛନ୍ତି ।

# ସମାଜସେବୀ ସ୍ନେହମୟୀ ଆଚାର୍ଯ୍ୟ ଜିଲ୍ଲା ଭିଜିଲାନ୍ସ କମିଟି ସଦସ୍ୟା ମନୋନୀତ



ପାରାଦୀପ/ଜଗତସିଂହପୁର(ଭାସ୍କର ନ୍ୟୁଜ): ଜଗତସିଂପୁର ଜିଲ୍ଲାର ଜଣାଶୁଣା ସମାଜସେବୀ ତଥା ବ୍ୟାସ ଫାଉଣ୍ଡେସନର ଅଧ୍ୟକ୍ଷା ସ୍ନେହମୟୀ ଆଚାର୍ଯ୍ୟଙ୍କ ନିଷ୍ଠାପର ସେବା କାର୍ଯ୍ୟ ଓ ଦକ୍ଷତା ଆଧାରରେ ତାଙ୍କୁ ଜିଲ୍ଲା ଭିଜିଲାନ୍ସ କମିଟିର ସଦସ୍ୟା ଭାବେ ମନୋନୀତ କରାଯାଇଛି । ଏଥିପୂର୍ବରୁ ଶ୍ରୀମତୀ ଆଚାର୍ଯ୍ୟ ଜିଲ୍ଲା ଦୁର୍ନୀତି ନିବାରଣ କମିଟିର ସଦସ୍ୟା, ସମାଗୋଳ ଉପକାରାଗାରର ପର୍ଯ୍ୟବେକ୍ଷିକା ଏବଂ ବିବିଧ କ୍ଷେତ୍ରରେ ସଫଳତାର ସହ କାର୍ଯ୍ୟ କରିଆସୁଛନ୍ତି । ବ୍ୟାସ ଫାଉଣ୍ଡେସନର ଅଧ୍ୟକ୍ଷା ଶ୍ରୀମତୀ ସ୍ନେହମୟୀ ଆଚାର୍ଯ୍ୟ ଦୈନନ୍ଦିନ ବିଭିନ୍ନ ସେବା କାର୍ଯ୍ୟ କରି ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି । ଶ୍ରୀମତୀ ଆଚାର୍ଯ୍ୟଙ୍କ ସମେତ ଏହି ଭିଜିଲାନ୍ସ କମିଟିରେ ସୁଶ୍ରୀ ପ୍ରିୟଦର୍ଶିନୀ, ପ୍ରତାପ ଚନ୍ଦ୍ର ବେହେରା, ଦେବେନ୍ଦ୍ର କୁମାର ମଲ୍ଲିକ, ପୂର୍ଣ୍ଣଚନ୍ଦ୍ର ମଲ୍ଲ ଓ ଅନ୍ୟାନ୍ୟ ସରକାରୀ ଅଧିକାରୀମାନେ ରହିଛନ୍ତି । ଶ୍ରୀମତୀ ଆଚାର୍ଯ୍ୟଙ୍କ ଏହି ମନୋନୟନକୁ ଆଇନଜୀବୀ ସୁରେଶ ଚନ୍ଦ୍ର ଦାସ, ସଂଗ୍ରାମ ମନ୍ତ୍ରୀ, ଅନ୍ତର୍ଯ୍ୟାମୀ ପଟ୍ଟନାୟକ, ସାରଳା ଗବେଷକ ରମାକାନ୍ତ ରାଉଳ, ସାରଦା ପ୍ରସନ୍ନ ଦାସ, ଶ୍ରମିକ ନେତା ପ୍ରକାଶ ତ୍ରିପାଠୀ, ଜଟାଧାରୀ ଷ୍ଟିଲର ସତ୍ତ୍ୱାଧିକାରୀ ରଞ୍ଜନ କୁମାର ପ୍ରଧାନ, ପାରାଦୀପର କାର୍ଯ୍ୟରତ ସାମ୍ବାଦିକ ଏବଂ ବ୍ୟାସ ଫାଉଣ୍ଡେସନର ସମସ୍ତ କର୍ମକର୍ତ୍ତା ମାନେ ସ୍ୱାଗତ କରିବା ସହ ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି ।

# ଗୋରୁଗାଡ଼ି ପୋଲିସ ଜିମା ଦେବାରୁ ବଜରଙ୍ଗ ଦଳ କର୍ମୀଙ୍କୁ ଛୁରାମାଡ

ନିମାପଡ଼ା (ଭାସ୍କର ନ୍ୟୁଜ୍): ନିମାପଡ଼ା ବ୍ଲକ୍‌ରେ ବେଆଇନ୍ ଗୋ ଚାଲାଣକୁ କେନ୍ଦ୍ରକରି ରବିବାର ସଂଧ୍ୟାରେ ବଳଙ୍ଗା ହାଇସ୍କୁଲ ସାମ୍ନାରେ ୨ ଜଣ ବଜରଙ୍ଗ ଦଳ କର୍ମୀଙ୍କୁ ଦୁର୍ବୃତ୍ତମାନେ ଛୁରାମାଡ଼ କରିବା ସହ ସୁନା ଚେନ୍ ଲୁଟ୍ ହୋଇଥିବା ଥାନାରେ ଅଭିଯୋଗ ହୋଇଛି । ଅଭିଯୋଗ ଆଧାରରେ ଏକ ମାମଲା ରୁଜୁ କରାଯାଇ ଘଟଣାର ତଦନ୍ତ ଜାରି ରହିଛି । ସୂଚନା ମୁତାବକ, ବଳଙ୍ଗା ଥାନା ଦେଉଳିସାହି ଗ୍ରାମର ଶୁଭମ୍ ଖଟୁଆ ନାମକ ଜଣେ ଯୁବକ ଥାନାରେ କରିଥିବା ଅଭିଯୋଗ ଅନୁଯାୟୀ, ଶୁଭମ ଓ ତାଙ୍କ ଗ୍ରାମର ରାଜେନ୍ଦ୍ର ବଜରଙ୍ଗ ଦଳର କର୍ମୀ ଥାଇ ଗତ ୨ଦିନ ତଳେ ବଳଙ୍ଗା ଥାନ କଣ୍ଟଣିଆରେ ୨ଟି ଗୋରୁଗାଡ଼ିକୁ ଜବତ କରି ୩ ଜଣ ବେପାରୀଙ୍କୁ ବଳଙ୍ଗା ପୋଲିସ ଜିମା ଦେଇଥିଲେ । ଗତକାଲି ସଂଧ୍ୟାରେ ଶୁଭମ ଓ ରାଜେନ୍ଦ୍ର ହାଇସ୍କୁଲ ସାମ୍ନାରେ କଥା ହେଉଥିବା ସମୟରେ କାଳିଆପଦା ଗ୍ରାମର ଦୀପକ ମଲ୍ଲିକ ଓ ସତ୍ୟ ମଲ୍ଲିକ ଏକ ବୁଲେଟ୍‌ରେ ଆସି କ'ଣ ପାଇଁ ଗୋରୁଗାଡ଼ିକୁ ଅଟକାଇଲ, ତମ ପାଇଁ ଆମର ଲକ୍ଷାଧିକ ଟଙ୍କା କ୍ଷତି ହେଲା ବୋଲି କହି ଅଶ୍ଳୀଳ ଭାଷାରେ ଗାଳି ଗୁଲଜ କରିଥିଲେ । ଶୁଭମ୍ ଓ ରାଜେନ୍ଦ୍ର ପ୍ରତିବାଦ କରିବାରୁ ଦୀପକ ପକେଟ୍‌ରେ ରଖିଥିବା ଏକ ଛୁରୀରେ ଆକ୍ରମଣ କରିଥିଲା । ଆକ୍ରମଣରେ ରାଜେନ୍ଦ୍ର ପିଠିରେ ଆଘାତ ଲାଗିଥିଲା ବେଳେ ଶୁଭମ୍ ମଧ୍ୟ ରକ୍ତାକ୍ତ ହୋଇ ତଳେ ପଡ଼ି ଯାଇଥିଲେ । ଅଭିଯୁକ୍ତମାନେ ଶୁଭମ ବେକରେ ଥିବା ଏକ ସୁନାଚେନ୍‌କୁ ଛିଣ୍ଡାଇ ନେଇଥିଲେ । ସ୍ଥାନୀୟ ଲୋକେ ଆସିବାରେ ଅଭିଯୁକ୍ତମାନେ ବୁଲେଟ୍ ବାଇକ୍ ଛାଡ଼ି ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ ।

# ସହିଦ ଯବାନଙ୍କ ଲାଗି ଆର୍ଟ ଅଫ୍ ଗିଭିଂ ପକ୍ଷରୁ କ୍ୟାଣ୍ଡେଲ ଶୋଭାଯାତ୍ରା



ଜଳେଶ୍ୱର(ଭାସ୍କର ନ୍ୟୁଜ): ଭାରତର ସାର୍ବଭୌମତ୍ୱ ଓ ଅଖଣ୍ଡତା ରକ୍ଷାଲାଗି ଅପରେସନ୍ ସିନ୍ଦୁରରେ ସହିଦ୍ ହୋଇଥିବା ବୀର ଯବାନ୍‌ଙ୍କ ଲାଗି ଗତକାଲି ସଂଧ୍ୟାରେ କ୍ୟାଣ୍ଡେଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି । ସୀମାନ୍ତରେ ଯୁଦ୍ଧ କରୁଥିବା ଯବାନଙ୍କ ମନବଳ ବୃଦ୍ଧି ଲାଗି ଆର୍ଟ ଅଫ ଗିଭିଂ ଜଳେଶ୍ୱର ଶାଖା ପକ୍ଷରୁ ବୀର ଯବାନଙ୍କ ପାଇଁ ଦୀପଟିଏ କାର୍ଯ୍ୟକ୍ରମ ହୋଇଯାଇଛି । ଜଳେଶ୍ୱରର ବହୁ ବୁଦ୍ଧିଜୀବି କାଳୀ ମନ୍ଦିର ନିକଟରୁ ଏକ କ୍ୟାଣ୍ଡେଲ ଶୋଭାଯାତ୍ରାରେ ବାହାରି ଷ୍ଟେସନ ସମ୍ମୁଖ ପର୍ଯ୍ୟନ୍ତ ଆସିଥିଲେ । ସଂଗଠନ ସଭାପତି ସିଦ୍ଧାର୍ଥ ଶଙ୍କର ପାଳଙ୍କ ନେତୃତ୍ୱରେ ସଂପାଦକ ଗିରିଜା ଶଂକର ଦାସ, ସହ ସଂପାଦକ ସୁରଜ ଚୌରାସସିଆ, ଜିଲ୍ଲା ସଂଯୋଜକ ବରିଷ୍ଠ ଆଇନଜୀବି ଅନିଲ ପରିଡା, ଚିନ୍ମୟ ଦାସ, ସୁଶାନ୍ତ ଦାସ, ଓକିଲ ସଂଘ ସଭାପତି କୁଞ୍ଜବିହାରୀ ଦାସ, ଦେବକାନ୍ତ କାସ୍ତ, ଜଳେଶ୍ୱର ପୌରାଧ୍ୟକ୍ଷ ପ୍ରତୀପକୁମାର ପ୍ରଧାନ, ବଣିକ ସଂଘ ସଭାପତି ସୁଧିର ମହାନ୍ତି, ଶିକ୍ଷକ ନେତା ଡ. ଅଜିତ୍ ମହାନ୍ତି, ନରହରୀ ପ୍ରଧାନ, ତୁଷାରକାନ୍ତ ମହାନ୍ତି ପ୍ରମୁଖ ବହୁ ସମାଜସେବୀ ଓ ଜଳେଶ୍ୱର ବାସୀ, ସାମ୍ବାଦିକମାନେ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ ।

# ହେରିଟେଜ୍ ଫୁଡ୍ସ ଲିମିଟେଡ୍ ପକ୍ଷରୁ ଯାଞ୍ଚ

ଜୟପୁର(ଭାସ୍କର ନ୍ୟୁଜ): ହେରିଟେଜ୍ ଫୁଡ୍ସ ଲିମିଟେଡ୍‌କୁ ଓଡିଶାର ଜୟପୁରରେ କିଛି ଦୋକାନରେ ଏକ୍ସପାୟରୀ ଦହି ବିକ୍ରି ହେବା ସଂପର୍କରେ ଖବର ମିଳିଛି । ଏକ ଦାୟିତ୍ୱପୂର୍ଣ୍ଣ କମ୍ପାନୀ ଭାବରେ ହେରିଟେଜ୍ ଫୁଡ୍ସ ସବୁବେଳେ ଏଫଏସଏସଏଆଇ ନିୟମ ଓ ନିର୍ଦ୍ଦେଶକୁ କଠୋର ଭାବରେ ପାଳନ କରେ । ଆମ ପ୍ଲାଟ୍‌ରେ ତିଆରି ଓ ପ୍ୟାକ୍ କରାଯାଇଥିବା ପ୍ରତ୍ୟେକ ପ୍ରଡକ୍ଟ ଏଫ୍ଏସ୍ଏସ୍ଏ.ଆଇର ନିୟମ ଅନୁସାରେ କ୍ୱାଲିଟି ଯାଞ୍ଚ କରାହୋଇଥାଏ । ଆମ ସମସ୍ତ କାରଖାନା ଆଇଏସ୍ଓ ସାର୍ଟିଫାଏଡ ଓ ତୃତୀୟ ପକ୍ଷ ଦ୍ୱାରା ନିୟମିତ ଅଡିଟ ହୋଇଥାଏ । ଜୟପୁରରେ ଗୋଟିଏ ଉପଭୋକ୍ତା ଏକ୍ସପାୟରୀ ଡେଟ ପରେ ହେରିଟେଜ ଦହି କିଣିଥିଲେ । ଏହି ଖବର ପ୍ରକାଶ ପାଇଲା ପରେ ଏଫ୍ଏସ୍ଏସ୍ଏଆଇ ଅଧିକାରୀମାନେ ସେହି ଅଞ୍ଚଳରେ କିଛି ଦୋକାନୀଙ୍କୁ ଯାଞ୍ଚ କରିଥିଲେ । ତଦନ୍ତ ସମୟରେ ଦେଖାଗଲା କିଛି ଦୋକାନର ଷ୍ଟୋରେଜ୍ ଜାଗା ଅପରିଷ୍କୃତ ଓ ଫଙ୍ଗସ୍ ଲାଗିଥିବା ଅବସ୍ଥାରେ ଥିଲା । ବିଶେଷକରି ହେରିଟେଜ୍ ଟୋଟାଲ୍ ଦହିର କିଛି ପ୍ୟାକେଟ, ଠିକ୍ ଭାବରେ ରଖାଯାଇନଥିଲା ଏବଂ ବ୍ୟବହାରର ଶେଷ ତାରିଖ ପରେ ବି ସେଠି ଥିବା ଦେଖିବାକୁ ମିଳିଥିଲା । ଏଫ୍ଏସ୍ଏସ୍ଏଆଇ ପକ୍ଷରୁ ଏହି ଅନୁସନ୍ଧାନ ପରେ ଯେଉଁ ଦୋକାନ ନିୟମ ଉଲ୍ଲଂଘନ କରିଥିଲେ, ସେମାନଙ୍କ ବିରୁଦ୍ଧରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । ଅଧିକାରୀମାନେ କହିଛନ୍ତି ଯେ ଏମିତି ଦୋଷୀ ଦୋକାନୀଙ୍କ ବିରୁଦ୍ଧରେ ଆଇନଗତ ପଦକ୍ଷେପ ନିଆଯିବ । ଆମେ ଏହା ସହିତ ଏହି ଘଟଣା ସମ୍ପର୍କରେ କିଛି ମିଡିଆ ଚ୍ୟାନେଲ୍ ଓ ସୋସିଆଲ ମିଡିଆରେ ଭ୍ରାନ୍ତିମୂଳକ ଖବର ଚାଲିଥିବା ଉପରେ ଧ୍ୟାନ ଆକର୍ଷଣ କରୁଛୁ, ଯାହା ହେରିଟେଜର ସମ୍ମାନ ନଷ୍ଟ କରିବା ଉଦ୍ଦେଶ୍ୟରେ କରାଯାଇଛି । ସମସ୍ତ ଉପଭୋକ୍ତାଙ୍କୁ ଅନୁରୋଧ କରାଯାଉଛି ଯେ ଏମିତି ଭ୍ରାନ୍ତିମୂଳକ ଖବରକୁ ଅନଦେଖା କରନ୍ତୁ ଓ ଦୁଗ୍ଧ ପ୍ରଡକ୍ଟ କିଣିବା ସମୟରେ ସତର୍କ ରୁହନ୍ତୁ ।

# ଭାରସାମ୍ୟ ହରାଇ ପୋଲ ଉପରୁ ନୟନଜୋରିକୁ ଓଲଟିଲା କାର୍

ନିମାପଡ଼ା (ଭାସ୍କର ନ୍ୟୁଜ୍): ନିମାପଡ଼ା-ପିପିଲି ରାସ୍ତା ରଟିଲୋ ଛକରେ କାର୍ ଦୁର୍ଘଟଣାଗ୍ରସ୍ତ । ନୟନଜୋରିକୁ ଓଲଟିଲା କାର । ଚାଳକ ସମେତ ୪ ଜଣ ଯାତ୍ରୀ ଗୁରୁତର ଆହତ ହୋଇ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ହେଉଛନ୍ତି । ଦ୍ରୁତ ଗତିରେ ଗାଡ଼ିଚାଳନାରୁ ଏପରି ଦୁର୍ଘଟଣା ଘଟିଥିବା ଜଣାପଡ଼ିଛି । ସୂଚନା ଅନୁଯାୟୀ, ଭୁବନେଶ୍ୱରରୁ ଏକ କାର୍ ନଂ ଓଡ଼ି-୦୨-ସିଓ-୩୯୯୬ ଏକ ଘରୋଇ ମାଲିକାନାରେ ଥିବା କାର ଗତ ରବିବାର ବିଳମ୍ବିତ ରାତ୍ରରେ ଦ୍ରୁତବେଗରେ ପିପିଲି ପଟୁ ନିମାପଡ଼ାକୁ ଆସୁଥିବା ବେଳେ ରଟିଲୋ ଛକରେ ନିୟନ୍ତ୍ରଣ ହରାଇ ନୟନଜୋରିକୁ ଓଲଟି ପଡ଼ିଥିଲା । କାର୍‌ରେ ଥିବା ୪ଜଣ ଯାତ୍ରୀ ଓ ଚାଳକ ଗୁରୁତର ଆହତ ହୋଇ ନିମାପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରେ କ୍ୟାପିଟାଲ୍ ହସ୍ପିଟାଲ୍‌କୁ ସ୍ଥାନାନ୍ତରିତ କରାଯାଇଛି । ଆହତମାନେ ହେଲେ ନିମାପଡ଼ା ଥାନା ଜାଗେଶ୍ୱରପୁର ଗ୍ରାମର କୈଳାସ ସ୍ୱାଇଁ (୫୧), ରୁଦ୍ର ସ୍ୱାଇଁ (୨୮), ମର୍ଦ୍ଦରାଜ ସ୍ୱାଇଁ (୩୩) ଓ ଅନ୍ୟ ଜଣେ ମହିଳାଙ୍କ ନାମ ଜଣାପଡ଼ି ନାହିଁ ।

# ନିର୍ବାଚନମଣ୍ଡଳୀ ସ୍ତରୀୟ ବିଜେପି ସୋସିଆଲ୍ ମିଡିଆ କର୍ମଶାଳା



ଢେଙ୍କାନାଳ(ଭାସ୍କର ନ୍ୟୁଜ): ଢେଙ୍କାନାଳ ସଦର ବିଧାନସଭା ନିର୍ବାଚନ ମଣ୍ଡଳୀ ସ୍ତରୀୟ ବିଜେପି ସୋସିଆଲ୍ ମିଡିଆ କର୍ମଶାଳା ଆଜି ସ୍ଥାନୀୟ ବିଜେପି ଜିଲ୍ଲା କାର୍ଯ୍ୟାଳୟରେ ଜିଲ୍ଲା ମିଡିଆ ପ୍ରଭାରୀ ନବକିଶୋର ଗୁରୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଖାଦ୍ୟ ଯୋଗାଣ, ଖାଉଟି କଲ୍ୟାଣ, ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଦ୍ୱୀପ ପ୍ରଜ୍ୱଳନ କରି କର୍ମଶାଳାକୁ ଉଦ୍‌ଘାଟନ କରି ଆଜିର ଦିନରେ ସୋସିଆଲ୍ ମିଡିଆର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ । ପୂର୍ବତନ ମନ୍ତ୍ରୀ ନବୀନ ଚନ୍ଦ୍ର ନାରାୟଣ ଦାସ, ଢେଙ୍କାନାଳ ନଗରପାଳିକା ଜୟନ୍ତୀ ପାତ୍ର, ପୂର୍ବତନ ଜିଲ୍ଲା ସଭାପତି ନରେଶ ଚନ୍ଦ୍ର ମହାପାତ୍ର, ରାଜ୍ୟ ସମବାୟ ବ୍ୟାଙ୍କ ପୂର୍ବତନ ସଭାପତି ଅକ୍ଷୟ କୁମାର ମହାନ୍ତି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗେଦଇ ସୋସିଆଲ୍ ମିଡିଆ ଉପରେ ମତବ୍ୟକ୍ତ କରିଥିଲେ । ଉକ୍ତ କର୍ମଶାଳାରେ ନିର୍ବାଚନ ମଣ୍ଡଳୀର ସମସ୍ତ ମଣ୍ଡଳ ସଭାପତି, ପୂର୍ବତନ ମଣ୍ଡଳ ସଭାପତି, ସମସ୍ତ ମଣ୍ଡଳ ସାଧାରଣ ସମ୍ପାଦକ, ଦଳର ସୋସିଆଲ୍ ମିଡିଆ ଦାୟିତ୍ୱରେ ଥିବା କାର୍ଯ୍ୟକର୍ତ୍ତା ସମେତ ୩୦୦ରୁ ଉର୍ଦ୍ଧ୍ୱ କାର୍ଯ୍ୟକର୍ତ୍ତା ଯୋଗ ଦେଇଥିଲେ । ଜିଲ୍ଲା ଯୁବମୋର୍ଚ୍ଚା ସଭାପତି ମହାଦୀପ ଯଶୋବନ୍ତ ମହିମା ଉକ୍ତ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିବା ବେଳେ ନଗର ମଣ୍ଡଳ ସଭାପତି ବିକାଶ କୁମାର ସାହୁ ଧନ୍ୟବାଦ ପ୍ରଦାନ କରିଥିଲେ ।

# ଆନ୍ତର୍ଜାତିକ ନର୍ସିଂ ଦିବସ ପାଳିତ



ଜଳେଶ୍ୱର(ଭାସ୍କର ନ୍ୟୁଜ): ସୋମବାର ପୂର୍ବାହ୍ନ ୯ ଘଟିକାରେ ସାଇକ୍ରୀଷ୍ଣା ନର୍ସିଂ କଲେଜର ଅଧ୍ୟକ୍ଷା ବିଷ୍ଣୁ ପ୍ରିୟା ବେହେରାଙ୍କ ସଭାପତିତ୍ୱରେ ଫୋରେଲେନ୍ସ ନାଇଟ ଏଙ୍ଗେଲଙ୍କ ୨୦୫ ତମ ଜନ୍ମ ଜୟନ୍ତୀ ପାଳନ ଅବସରରେ ଏକ ସଭା ଅନୁଷ୍ଠିତ ହେବା ସହ ଆନ୍ତର୍ଜାତିକ ନର୍ସିଂ ଦିବସ ୧୯୦୧ ମସିହା ମେ ୧୨ ତାରିଖରୁ ପାଳିତ ହୋଇଆସୁଛି ବୋଲି ପ୍ରକାଶ କରିଥିଲେ । ଫ୍ଲୋରେନ୍ସ ନାଇଟ୍ ଏଙ୍ଗେଲ ୧୮୨୦ ମସିହା ମେ ୧୨ ତାରିଖରେ ଇଟାଲୀର ଫ୍ଲୋରେନ୍ସ ସହରରେ ଏକ ଧନାଢ୍ୟ ପରିବାରରେ ଜନ୍ମଗ୍ରହଣ କରିଥିଲେ ।କ୍ରିମାନ ଯୁଦ୍ଧ ଆହତ ସୈନ୍ୟଙ୍କର ସେବୀକା ହିସାବରେ ସେବାକାର୍ଯ୍ୟ ପାଇଁ ତାଙ୍କୁ ଲେଡି ଉଇଥ୍ ଦି ଲ୍ୟାମ୍ପ ଉପାଧିରେ ଭୂଷିତ ହୋଇଥିଲେ ।ଦିଗମ୍ବରୀ ଦେବୀ ଶିକ୍ଷାନୁଷ୍ଠାନ ସମୂହ ତଥା ସାଇ କ୍ରୀଷ୍ଣା ନର୍ସିଂ କଲେଜ, ଜଳେଶ୍ୱରର ପ୍ରାଣ ପ୍ରତିଷ୍ଠାତା, ବିଶିଷ୍ଟ ଶିକ୍ଷାବିତ୍ ଡଃ ଅଜିତ କୁମାର ମହାନ୍ତି ଫ୍ଲୋରେନ୍ସ ନାଇଟ ଏଙ୍ଗେଲଙ୍କ ମେ ୧୨ ତାରିଖ ୧୮୨୦ରେ ଜନ୍ମଗ୍ରହଣ ତାରିଖକୁ ପ୍ରତି ବର୍ଷ ମେ ୧୨ ତାରିଖକୁ ଆନ୍ତର୍ଜାତିକ ନର୍ସିଂ ଦିବସ ରୂପେ ପାଳିତ ହୋଇଆସୁଛି ବୋଲି ବକ୍ତବ୍ୟରେ କହିଥିଲେ । ମୁଖ୍ୟ ଅତିଥି ଭାବରେ ଜିକେ ଭଟ୍ଟର ହସ୍ପିଟାଲ ଜଳେଶ୍ୱରର ମୁଖ୍ୟ ଡାକ୍ତର ଦିଲ୍ଲୀପ କୁମାର ପାତ୍ର ଉପସ୍ଥିତ ରହି ସେବାକୁ ଓଲଟାଇଲେ ବାସେ ବୋଲି ବକ୍ତବ୍ୟରେ କହିଥିଲେ । ନର୍ସିଂ ପିଲାଙ୍କ ସେବା କାର୍ଯ୍ୟ ମହମହ ବାସ୍ନାରେ ମହକିତ କରିବ ବୋଲି ମଧ୍ୟ କହିଥିଲେ । ମୁଖ୍ୟବକ୍ତା ଭାବରେ ବାଲେଶ୍ୱର ଜିଲ୍ଲା ରକ୍ତଦାତା ସଂଘର ସଭାପତି ତଥା ବିଶିଷ୍ଟ ସମାଜସେବୀ କମଳ ଚକ୍ରବର୍ତ୍ତୀ ଉପସ୍ଥିତ ହୋଇ ନର୍ସିଂ ପାଠ୍ୟକ୍ରମ ସବୁ ସମୟରେ ଅତ୍ୟନ୍ତ ଉପଯୋଗୀ ବୋଲି କହିଥିଲେ । ସାଇ ସାରଳା ଡି ଫାର୍ମାସୀ କଲେଜର ଅଧ୍ୟକ୍ଷ ଶକ୍ତି ପ୍ରସାଦ ମାଇତି, ଅଧ୍ୟାପିକା ସଞ୍ଜଇତା ସାହୁ, ସାମ୍ବାଦିକ ମନୋଜ କୁମାର ଭୂୟାଁ, ସାମ୍ବାଦିକ ଦୂର୍ଗା ଶଙ୍କର ଗିରି, ସାମ୍ବାଦିକ ଜଗନ୍ନାଥ ଗୋଛୟତ, ସହଯୋଗୀ ପ୍ରଦୀପ କୁମାର ମିଶ୍ର, କୋଷାଧ୍ୟକ୍ଷ ମାନସ ମାଇତୀ, ସମ୍ପାଦିକା ମଧୁଛନ୍ଦା ମହାନ୍ତି, ଫାଉଣ୍ଡର ଡ଼ଃ. ଅଜିତ କୁମାର ମହାନ୍ତି ଆନ୍ତର୍ଜାତିକ ସେବିକା ଦିବସ ଉଦ୍ଦେଶ୍ୟରେ ଉପସ୍ଥିତ ସମସ୍ତଙ୍କୁ ଅବଗତ କରିଥିଲେ । ଅଧ୍ୟକ୍ଷ ପ୍ରକାଶ କୁମାର ଦିନ୍ଦା, ପଦାର୍ଥ ବିଜ୍ଞାନର ଅଧ୍ୟାପକ ସ୍ୱରାଜ କୁମାର ଜେନା, କୋଡିନେଟର ଗୌର ଗୋପାଳ ପରିଡା, ଦୀପକ ବକ୍ତବ୍ୟ ରଖିଥିଲେ । ପ୍ରାରମ୍ଭରେ ସାଇ କ୍ରୀଷ୍ଣା ନର୍ସିଂ କଲେଜ ପିଲାଙ୍କ ଦ୍ୱାରା ପ୍ରଥମେ ଜମ୍ମୁକାଶ୍ମୀରରେ ବୀର ଯବାନ ପାକିସ୍ତାନର ଆତଙ୍କବାଦୀ ସହ ଲଢ଼େଇରେ ମୃତ୍ୟୁ ବରଣ କରିଥିବା ବୀରଯବାନଙ୍କ ଆତ୍ମାର ସଦଗତି ଉଦ୍ଦେଶ୍ୟରେ ୧ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା । ପରେ ପରେ ସମୂହ ଜାତୀୟ ସଂଗୀତ ଗାନ କରାଯାଇଥିଲା । ଅତିଥିଙ୍କ ବକ୍ତବ୍ୟ ସହିତ ଛାତ୍ରଛାତ୍ରୀଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ କରାଯାଇଥିଲା । ନର୍ସିଂ ପିଲା ଓ ଅଧ୍ୟକ୍ଷଙ୍କ ଦ୍ୱାରା ନର୍ସିଂ ସେବା ଉଦ୍ଦେଶ୍ୟରେ ଏକ କ୍ୟାଣ୍ଡେଲ ଜାଳି ଶପଥ ଗ୍ରହଣ କରା ଯାଇଥିଲା । ସର୍ବଶେଷରେ ଅନୁଷ୍ଠାନର ସମ୍ପାଦିକା ମଧୁଛନ୍ଦା ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ ।



କେନ୍ଦୁଝର(ଭାସ୍କର ନ୍ୟୁଜ୍): କେନ୍ଦୁଝର ଜିଲ୍ଲା ଯୋଡା ଥାନା ଅନ୍ତର୍ଗତ ଇଙ୍ଗାଣୀ ଝରଣ ଖଣିରେ ପରିବହନ କାର୍ଯ୍ୟକୁ ନେଇ ଦୁଇ ଗୋଷ୍ଠୀ ମଧ୍ୟରେ ଶୁକ୍ରବାର ଅପରାହ୍ନ ପ୍ରାୟ ୧.୩୦ ମିନିଟ ସମୟରେ ଉତ୍ତେଜନା ଦେଖାଦେଇଛି। ପୋଲିସ ଏହି ଘଟଣାରେ ଚମ୍ପୁଆ ବିଧାୟକଙ୍କ ୬ ଜଣ ସମର୍ଥକଙ୍କୁ ଅଟକ ରଖି ଘଟଣାର ତଦନ୍ତ ଆରମ୍ଭ କରିଛି। ମିଳିଥିବା ସୂଚନା ଅନୁଯାୟୀ, ସ୍ଥାନୀୟ ବିରି କଳା ଓ ଅନ୍ୟ କିଛି ଗ୍ରାମ ପଞ୍ଚାୟତର ଶାସକ ଦଳର ସମର୍ଥକମାନେ ୧୫ଦିନ ପୂର୍ବରୁ ପରିବହନ କାର୍ଯ୍ୟ ଓ ଗ୍ରାମରେ ବିଭିନ୍ନ ମୌଳିକ ସୁବିଧା ଯୋଗାଇ ଦେବା ପାଇଁ ଖଣି କର୍ତ୍ତୃପକ୍ଷଙ୍କ ଠାରେ ଦାବି କରିଥିଲେ। ଏହି ଦାବି ପୂରଣ ସମ୍ପର୍କରେ ଶୁକ୍ରବାର ଖଣି କାର୍ଯ୍ୟାଳୟକୁ ଯିବା ସମୟରେ ଖଣିରୁ ପରିବହନ କାର୍ଯ୍ୟ କରୁଥିବା ସ୍ଥାନୀୟ ବିଧାୟକଙ୍କ ସମର୍ଥକମାନେ ଆକ୍ରମଣ କରିଥିଲେ ବୋଲି ବିରିକଳା ଗ୍ରାମ ପଞ୍ଚାୟତର ପୂର୍ବତନ ସମିତି ସଭ୍ୟ ତଥା ଭାଜପା ନେତ୍ରୀ ସୋମବାରି ମୁଣ୍ଡା ଅଭିଯୋଗ କରିଛନ୍ତି। ତାଙ୍କ ଅଭିଯୋଗ ମୁତାବକ ତିନି ଜଣ ମହିଳା ଓ ତିନିଜଣ ପୁରୁଷ ଆହତ ହୋଇଛନ୍ତି। ପୋଲିସ ଘଟଣାସ୍ଥଳରେ ପହଞ୍ଚିବା ପରେ ଉତ୍ତେଜନା ପ୍ରଶମିତ ହୋଇ ଥିଲା। ଏହି ଘଟଣାକୁ କେନ୍ଦ୍ର କରି ଦୁଇ ଗୋଷ୍ଠୀ ମଧ୍ୟରେ ଏବେ ମଧ୍ୟ ପ୍ରବଳ ଉତ୍ତେଜନା ଲାଗି ରହିଛି। ଘଟଣା ସ୍ଥଳରେ ପୋଲିସ ମୁତୟନ ଅଛନ୍ତି।

# ବେଆଇନ୍ ବାଲି ଉତ୍ତୋଳନ ପାଇଁ ଗ୍ରାମବାସୀଙ୍କୁ ନାଲିଆଖି



କେନ୍ଦୁଝର(ଭାସ୍କର ନ୍ୟୁଜ୍ ) : କାନପୁର ଜଳସେଚନ କେନ୍ଦୁଝର ଜିଲ୍ଲା ଏକ ଗୁରୁତ୍ୱପୂର୍ଣ୍ଣ ଜଳ ପ୍ରକଳ୍ପ ଏବଂ ଏହା ଖୁବ୍‌ଶୀଘ୍ର ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଉଦ୍‌ଘାଟିତ ହେବାକୁ ଯାଉଛି। ତେଣୁ ଉକ୍ତ ପ୍ରକଳ୍ପର ଚୂଡ଼ାନ୍ତ ସମାପ୍ତି ଯୁଦ୍ଧକାଳୀନ ଭିତ୍ତିରେ କରାଯାଉଛି ଏବଂ ଏଥିପାଇଁ ବାଲିର ବ୍ୟାପକ ଆବଶ୍ୟକତା ରହିଛି। ଉକ୍ତ

## ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକୁ ବେଖାତିର

କାର୍ଯ୍ୟ ପାଇଁ କେନ୍ଦୁଝର ଜିଲ୍ଲାର ଚମ୍ପୁଆ ତହସିଲର ମ୍ୟାକମିଲାନପୁର ଗ୍ରାମର ୬.୨୫ ଏକର କିମ୍ବା ୨.୫୨୯ ହେକ୍ଟର ଅଞ୍ଚଳ ଉପରେ ମ୍ୟାକମିଲାନପୁର ବାଲି ଖଣିକୁ କେନ୍ଦୁଝର କଲେକ୍ଟର ୨୦୨୨ ମସିହାରୁ ଅନୁମତି ଦେଇଥିଲେ। ଏହା କେବଳ କାନପୁର ଜଳସେଚନ ପ୍ରକଳ୍ପ ପାଇଁ ସଂରକ୍ଷିତ କରାଯାଇଥିଲା। ତେବେ କାନପୁର ଜଳସେଚନ ପ୍ରକଳ୍ପର ମୁଖ୍ୟ ନିର୍ମାଣ ଯନ୍ତ୍ରୀଙ୍କ ଦ୍ୱାରା କାନପୁର ଜଳସେଚନ କେନାଲ ପ୍ରକଳ୍ପକୁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ ଆସନ୍ତା ଜୁନ ମାସ ସୁଦ୍ଧା ସମାପ୍ତ କରିବା ପାଇଁ ପ୍ରାୟ ୨୦୦୦୦ ସିୟୁଏମ ବାଲି ଆବଶ୍ୟକ ବୋଲି ଖଣି ଅଧିକାରୀ, ଲଘୁ ଖଣିଜ ବିଭାଗ, ଚମ୍ପୁଆ ସବ ଡିଭିଜନଙ୍କୁ ପତ୍ର ଦ୍ୱାରା ଅବଗତ କରାଯାଇଥିଲା। ଉକ୍ତ ପରିମାଣର ବାଲି ଯୋଗାଣ କରିବା ପାଇଁ ଜଣେ ଭାଗବତ ଚନ୍ଦ୍ର ଦାସ ନାମକ ବ୍ୟକ୍ତିଙ୍କୁ କାନପୁର ଜଳ ସେଚନ ବିଭାଗ ଦ୍ୱାରା ଅଧିକୃତ କରଯାଇଥିବା ନେଇ ମଧ ଉକ୍ତ ପତ୍ରରେ ଉଲ୍ଲେଖ କରାଯାଇଥିଲା। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ ଯୁଦ୍ଧକାଳୀନ ଭିତ୍ତିରେ କାନପୁର ନଦୀବନ୍ଧ ଓ କେନାଲ କାର୍ଯ୍ୟକୁ ସମାପ୍ତ କରିବା ପାଇଁ ଜଳ ସେଚନ ବିଭାଗ ଲାଗି ପଡ଼ିଥିବା ବେଳେ ଏଥିରେ ବ୍ୟାଘାତ ସୃଷ୍ଟି କରିଛନ୍ତି ଖୋଦ ଲଘୁ ଖଣିଜ ଅଧିକାରିଣୀ ସୁପ୍ରଭା ଶୁଭଦର୍ଶିନୀ ନାଏକ। କାନପୁର ଜଳ ସେଚନ ପ୍ରକଳ୍ପ ପାଇଁ ବାଲିର ଆବଶ୍ୟକତା ଥିବା ବେଳେ ଏହି ପ୍ରକଳ୍ପ ପାଇଁ ସଂରକ୍ଷିତ ମ୍ୟାକମିଲାନପୁର ବାଲିଘାଟକୁ ରାସ୍ତା ନିର୍ମାଣ ପାଇଁ ବାଲିର ଆବଶ୍ୟକତା ଦର୍ଶାଇ ସୁମିତ ନନ୍ଦନ ମହାନ୍ତି ନାମକ ଜଣେ ଠିକାଦାରଙ୍କୁ ବାଲି ଉତ୍ତୋଳନ କରିବା ପାଇଁ ଅନୁମତିପତ୍ର ଦେଇଥିବା ଜଣାପଡ଼ିଛି। କେନ୍ଦୁଝରବାସୀଙ୍କ ପାଣି ସମସ୍ୟା ଓ ଜଳ ସେଚନ ସମସ୍ୟାକୁ ଦୂର କରିବା ପାଇଁ ଉଦ୍ଦିଷ୍ଟ କାନପୁର ଜଳ ସେଚନ ପ୍ରକଳ୍ପକୁ ପ୍ରାଥମିକତା ନଦେଇ ଅନ୍ୟ ସ୍ଥାନରେ ରାସ୍ତା ନିର୍ମାଣ ପାଇଁ ବାଲି ଉତ୍ତୋଳନ କରିବା ପାଇଁ ଅନୁମତି ଦେବା ଅନୁଚିତ ମନେହେଉଛି। ସର୍ବୋପରି ଜଣେ ଖଣି ଅଧିକାରିଣୀ ମାନନୀୟ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକୁ ଭ୍ରୂକ୍ଷେପ ନକରିବା ନିଶ୍ଚିତ ଭାବରେ ଅତି ନିନ୍ଦନୀୟ କାର୍ଯ୍ୟ। ତେବେ ମ୍ୟାକମିଲାନପୁର ବାଲି ଘାଟକୁ ଲିଜ ପାଇଁ ଅନୁମତି ପାଇଥିବା ଲିଜଧାରୀଙ୍କ ପକ୍ଷରୁ ଖଣିକୁ ଯିବା ପାଇଁ ମ୍ୟାକମିଲାନପୁର ଗ୍ରାମ ରାସ୍ତାକୁ ବ୍ୟବହାର ନକରି କାଟୁଲିକନା ଗ୍ରାମ ପଟୁ ଉକ୍ତ ଖଣିକୁ ପଶି ବାଲି ଉତ୍ତୋଳନ କରିବା ପାଇଁ ରାସ୍ତା ନିର୍ମାଣ କରାଯାଉଛି। ଉକ୍ତ ରାସ୍ତା ନିର୍ମାଣ କାର୍ଯ୍ୟ ପାଇଁ ଅନେକ ମୂଲ୍ୟବାନ ଗଛକୁ ମଧ କଟା ଯାଇଛି। ଏହି ରାସ୍ତା ନିର୍ମାଣ ପାଇଁ କାଟୁଲିକନା ଗ୍ରାମବାସୀଙ୍କ ଅନୁମତି ନିଆଯାଇ ନଥିବାବେଳେ ସେମାନେ ଦିନରାତି ଦେଖାଶୁଣା କରି ସୃଷ୍ଟି କରିଥିବା ଜଙ୍ଗଲକୁ ଏପରି ନଷ୍ଟ କରିଦିଆଯିବାକୁ ସେମାନେ ବିରୋଧ କରିଛନ୍ତି। ତେବେ ଏହି ରାସ୍ତାକୁ ବାଲି ଚୋରି କରିବା ଉଦ୍ଦେଶ୍ୟରେ ନିର୍ମାଣ କରାଯାଉଥିବା ନେଇ ଗ୍ରାମବାସୀ ସନ୍ଦେହ ପ୍ରକାଶ କରୁଛନ୍ତି। ମ୍ୟାକମିଲାନପୁର ଖଣିରୁ ଚୋରାରେ ବାଲି ଉତ୍ତୋଳନ କରିବା ଉଦ୍ଦେଶ୍ୟରେ ଆନୁମାନିକ ୮୦/ ୯୦ରୁ ଊର୍ଦ୍ଧ୍ୱ ମୂଲ୍ୟବାନ ଗଛକୁ କାଟି ଦିଆଯାଇଛି। ଏହାକୁ କାଟୁଲିକନା ଗ୍ରାମବାସୀ ବିରୋଧ କରିବାରୁ ଲିଜଧାରୀ ଗ୍ରାମବାସୀଙ୍କୁ ପୁଲିସରେ ମିଛ ଅଭିଯୋଗ ଦେଇ ଗ୍ରାମବାସୀଙ୍କୁ ଭୟଭୀତ କରିବା ପାଇଁ ମଧ୍ୟ ପଛେଇ ନାହାନ୍ତି। ଏହି ବାଲି ଚୋରି କରିବା ପାଇଁ ମାଫିଆଙ୍କୁ ପ୍ରଶାସନ ମଧ ସମ୍ପୂର୍ଣ୍ଣ ଭାବରେ ସହଯୋଗ କରୁଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ତେବେ ଏଥିରେ ଖଣି ଅଧିକାରିଣୀ ସୁପ୍ରଭା ଶୁଭଦର୍ଶିନୀ ନାଏକଙ୍କ ଭୂମିକା ସନ୍ଦେହଘେରକୁ ଟାଣି ହୋଇ ଯାଉଥିବାବେଳେ ପ୍ରଶାସନ ମଧ ବାଲି ମାଫିଆଙ୍କୁ ସହଯୋଗ କରିବା ଗ୍ରାମବାସୀଙ୍କୁ ଚକିତ କରି ଦେଇଛି। ଏଥିରେ ବାଲି ମାଫିଆ, ଖଣି ଅଧିକାରୀ ଓ ପ୍ରଶାସନିକ ଅଧିକାରୀଙ୍କ ମିଳିତ ମଧୁଚନ୍ଦ୍ରିକା କାର୍ଯ୍ୟ କରୁଛି ବୋଲି ଗ୍ରାମବାସୀ ହୃଦବୋଧ କରୁଛନ୍ତି। ଏଥିରେ ଉତ୍ୟକ୍ତ ହୋଇ ଗ୍ରାମବାସୀ ଚମ୍ପୁଆ ଉପ ଜିଲ୍ଲାପାଳ ଓ କେନ୍ଦୁଝର ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। ଯଦି କେନ୍ଦୁଝର ଜିଲ୍ଲା ପ୍ରଶାସନ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକରନ୍ତି ତେବେ ଗ୍ରାମର ସରପଞ୍ଚ, ୱାର୍ଡ ମେମ୍ବରଙ୍କ ସହିତ ସମସ୍ତ ଗ୍ରାମବାସୀ କେନ୍ଦୁଝର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବା ସହିତ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଅଭିଯୋଗ କରିବେ ବୋଲି ଚେତାବନୀ ଦେଇଛନ୍ତି। ତେବେ କାନପୁର ଜଳ ସେଚନ ପ୍ରକଳ୍ପ ପାଇଁ ଉଦ୍ଦିଷ୍ଟ ବାଲି ଖଣିରୁ ଅନ୍ୟ କାର୍ଯ୍ୟ ପାଇଁ ବାଲି ଯୋଗାଣ ଅନୁମତି ପ୍ରଦାନକୁ ସ୍ଥାନୀୟ ବୁଦ୍ଧିଜୀବୀମାନେ ନାପସନ୍ଦ କରିବା ସହିତ କେନ୍ଦୁଝର ଜିଲ୍ଲା ପ୍ରଶାସନ ଓ ଓଡ଼ିଶା ସରକାର ଦ୍ୱାରା ଏହାର ଏକ ଉଚ୍ଚ ସ୍ତରୀୟ ତଦନ୍ତ ପାଇଁ ଦାବି କରିଛନ୍ତି।

# ଶୃଙ୍ଖଳା କି ତ୍ୟାଗ ନୁହେଁ ନିଜର ଆତ୍ମଶକ୍ତି ହିଁ ଦେଶ ରକ୍ଷାରେ ସହାୟକ ହୋଇପାରିବ

## ଏନ୍‌ସିସି ବାଟାଲିୟନର ୧୦ଦିନିଆ ତାଲିମ ଶିବିର ଉଦ୍‌ଯାପିତ

ତିହିଡି(ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲ୍ଲା ତିହିଡ଼ି ବ୍ଲକ ବାରୋ ପଞ୍ଚାୟତସ୍ଥିତ ଦହପାଣିଆ ସରକାରୀ ଉଚ୍ଚ ବିଦ୍ୟାଳୟରେ ରବିବାର ସନ୍ଧ୍ୟା ୬ଟାରେ ସପ୍ତମ ଓଡ଼ିଶା ଏନସିସି ବାଟାଲିୟନ, ଭଦ୍ରକର ୧୦ ଦିନିଆ ବାର୍ଷିକ ତାଲିମ ଶିବିର ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ଲେଫ୍ଟନାଣ୍ଟ କର୍ଣ୍ଣେଲ ଏସ୍ ଏସ୍ ରଘୁବଂଶୀଙ୍କ ପୌରୋହିତ୍ୟରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ଜିଲ୍ଲାପାଳ ଦିଲୀପ ରାଉତରାଏ ଯୋଗଦେଇ ଦେଶର ବାହାଦୂର ସୈନିକମାନଙ୍କ ପାଇଁ ଦେଶ ଓ ଆମେ ସୁରକ୍ଷିତ ରହିପାରିଛନ୍ତି। ଶୃଙ୍ଖଳା କି ତ୍ୟାଗ ନୁହେଁ ନିଜର ଆତ୍ମଶକ୍ତି ହିଁ ଦେଶ ରକ୍ଷାରେ ସହାୟକ ହୋଇପାରିବ ବୋଲି କହିଥିଲେ। ବରେଣ୍ୟ ଅତିଥି ଭାବେ ସେନା ମଣ୍ଡଳର ସୁବେଦାର ମେଜର ଯଶୋବନ୍ତ ସିଂ, ହାଇସ୍କୁଲର ପ୍ରଧାନଶିକ୍ଷକ ସନତ କୁମାର ବେହେରା ଯୋଗଦେଇଥିଲେ। ଏନସିସି ଅଫିସର ଲେଫ୍ଟନାଣ୍ଟ ଡ. ଉଦୟ ରଞ୍ଜନ ଦାଶ ସ୍ୱାଗତ ଭାଷଣ ଓ ଲେଫ୍ଟନାଣ୍ଟ ଡ. ପ୍ରବୀର କୁମାର ମହାପାତ୍ର ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ତାଲିମ ଶିବିରରେ ବିଭିନ୍ନ ସ୍କୁଲ ଓ କଲେଜର ଶତାଧିକ ଏନ୍‌ସିସି କ୍ୟାଡେଟମାନେ ଅଂଶଗ୍ରହଣ କରିଥିଲେ। ବିଭିନ୍ନ କଲେଜ ଓ ସ୍କୁଲର ଛାତ୍ରଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ମୁଖ୍ୟଅତିଥି ଜିଲ୍ଲାପାଳ ଶ୍ରୀ ରାଉତରାଏ କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ। ଶେଷରେ ଲେଫ୍ଟନାଣ୍ଟ କ୍ୟାପଟେନ ଡ଼. ପ୍ରଭାତ କୁମାର ଦୀକ୍ଷିତ ଧନ୍ୟବାଦ ଅର୍ପଣ କରିଥିଲେ। ତେବେ ଏନସିସିର କ୍ୟାଡଟମାନେ ଏହି ୧୦ଦିନିଆ ଶିବିରରେ ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମ କରିଥିଲେ। ସେଥିମଧ୍ୟରେ ଦହପାଣିଆସ୍ଥିତ ବାସୁଳି ମନ୍ଦିର ପରିସରରେ ସଫେଇ କରିଥିବାବେଳେ ଶତାଧିକ



କ୍ୟାଡେଟ ଲୁଣିଆସ୍ଥିତ ଶହୀଦମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ସ୍ମୃତି ସ୍ତମ୍ଭ ପରିସରରେ ସଫେଇ କାର୍ଯ୍ୟ କରିଥିଲେ। ଏଥିସହ ତିହିଡି ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ଅଂଶୁମାନ ବେହେରା ଶିବିରରେ ଯୋଗଦେଇ ଏନସିସି କ୍ୟାଡଟମାନଙ୍କୁ ହାଡଭଙ୍ଗା, ସାପକାମୁଡା ଇତ୍ୟାଦିର ପ୍ରାଥମିକ ଚିକିତ୍ସା ଉପରେ ତାଲିମ ଦେଇଥଲେ। ଏପରି କାର୍ଯ୍ୟ ପାଇଁ ପଞ୍ଚାୟତର ସରପଞ୍ଚ ଉଦ୍ଧବ ଚରଣ ନାୟକଙ୍କ ସମେତ ସ୍ଥାନୀୟ ଅଧିବାସୀମାନେ ଉପସ୍ଥିତ ରହି ଏନ୍‌ସିସି କ୍ୟାଡେଟମାନଙ୍କୁ ଉତ୍ସାହିତ କରିଥିଲେ। ଫାଷ୍ଟ ଅଫିସର ବିପଦ ଭଞ୍ଜନ ପଣ୍ଡା, ଦୁର୍ଗାଶଙ୍କର ଦାସ, ପ୍ରିୟରଞ୍ଜନ ବେହେରା, ଶରତ କୁମାର ଜେନା, ରମେଶ ଚନ୍ଦ୍ର ନାଥ, ନିତ୍ୟାନାରାୟଣ ଜେନା, ଶିକ୍ଷୟିତ୍ରୀ ଦେବୀଦତ୍ତା ଦାଶଙ୍କ ସମେତ ଭଦ୍ରକ ବାଟାଲିୟନର ଏନସିସି ଅଫିସରମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ବିଶ୍ୱାଳପଡ଼ା ଗ୍ରାମରେ ଆଧାତ୍ମିକ ଭଜନ ସମାରୋହ



ଫୁଲନଖରା(ଭାସ୍କର ନ୍ୟୁଜ୍): କଟକ ସଦର ଥାନା ଅନ୍ତର୍ଗତ ବିଶ୍ୱାଳପଡା ଗ୍ରାମର ଆରାଧ୍ୟ ଦେବତା ଶ୍ରୀ ଶ୍ରୀ ଗ୍ରାମେଶ୍ୱରଙ୍କ ପୀଠରେ ସମାଜରେ ଆଧାତ୍ମିକ ଭାବ ଜାଗ୍ରତ କରିବା ଉଦ୍ଦେଶ୍ୟରେ ପ୍ରତିବର୍ଷ ବର୍ଷ ପରି ୮ ତାରିଖରେ ଆଧାତ୍ମିକ ଭଜନ ପରିବେଷଣ ହୋଇଥିଲା। ଧାନଗରପଡା ଏବଂ ଆମଣପଡା ଦିଘରିଆ ସାହିର ସଂକୀର୍ତ୍ତନ ମଣ୍ଡଳୀର ସୁନାମଧନ୍ୟ ଗାୟକ-ଗାୟିକାମାନେ ଯୋଗ ଦେଇ ଭାବପୂର୍ଣ୍ଣ ଆଧାତ୍ମିକ ଭଜନ ପରିବେଷଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ଦେଖିବା ପାଇଁ ବିଶ୍ୱାଳପଡା, ଶାସୋଳ, ଚାମରପଡା, ଆମଣପଡା ପ୍ରଭୃତି ଗ୍ରାମର ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମକୁ ବିଶ୍ୱାଳପଡା ଗ୍ରାମବାସୀ ପରିଚାଳନା କରିଥିଲେ।

# ନୂତନ ଛାତ୍ରଛାତ୍ରୀଙ୍କ ଅଧିଗ୍ରହଣ ଉତ୍ସବ




କୋରାପୁଟ(ଭାସ୍କର ନ୍ୟୁଜ୍): କୋରାପୁଟ କୋଟସସ୍ଥିତ ଇନ୍ଦିରାଗାନ୍ଧୀ ରାଷ୍ଟ୍ରୀୟ ମୁକ୍ତ ବିଶ୍ୱବିଦ୍ୟାଳୟ(ଇଗ୍ନୋ) ପାଠକେନ୍ଦ୍ରର ଚଳିତ ଶିକ୍ଷା ବର୍ଷ ନିମନ୍ତେ ନୂତନ ଛାତ୍ରଛାତ୍ରୀଙ୍କ ଅଧିଗ୍ରହଣ ଉତ୍ସବ କୋଟସ ସେମିନାର ହଲ୍‌ରେ ଅନୁଷ୍ଠିତ ହୋଇଯାଇଛି। କୋଟସ୍‌ର ନିର୍ଦ୍ଦେଶକ ଡ.ପ୍ରଫୁଲ୍ଲ ଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ବିକ୍ରମଦେବ ବିଶ୍ୱବିଦ୍ୟାଳୟର କୁଳସଚିବ ମହେଶ୍ୱର ଚନ୍ଦ୍ର ନାଏକ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଇଗ୍ନୋ ଆଞ୍ଚଳିକ କେନ୍ଦ୍ର ନିର୍ଦ୍ଦେଶକ ଡ. ଲତିକା କୁମାରୀ ମିଶ୍ର ମୁଖ୍ୟବକ୍ତା ରୂପେ ଯୋଗଦେଇ ଇଗ୍ନୋ ପାଠ୍ୟକ୍ରମ ଏକ ସମୟ ଉପଯୋଗୀ ଶିକ୍ଷା ବ୍ୟବସ୍ଥା ଏବଂ ଏହି ଅଞ୍ଚଳର ପିଲାମାନେ ଇଗ୍ନୋ ଜରିଆରେ ଉଚ୍ଚଶିକ୍ଷା ପାଇପାରିବେ ବୋଲି ମତ ଦେଇଥିଲେ। ମୁଖ୍ୟ ଅତିଥି ଶ୍ରୀ ନାଏକ ଛାତ୍ରଛାତ୍ରୀମାନେ ନିଜର ପ୍ରଚେଷ୍ଟାରେ ପାଠପଢି ଓ ପାଠକେନ୍ଦ୍ରରୁ ସାହାଯ୍ୟ ନେଇ ପରୀକ୍ଷା ପାଇଁ ନିଜକୁ କିପରି ପ୍ରସ୍ତୁତ କରିପାରିବେ ଓ ଉତ୍ତମ ନାଗରିକ ହୋଇପାରିବେ ସେ ବିଷୟରେ ବୁଝାଇ ଥିଲେ। ସମ୍ମାନିତ ଅତିଥି ପ୍ରଫେସର ଜଗବନ୍ଧୁ ସାମଲ ଇଗ୍ନୋରେ ଜୋତା ସିଲାଇ, ଚଣ୍ଡିପାଠ ଠାରୁ ଆରମ୍ଭ କରି ପିଏଚ୍‌ଡି ପର୍ଯ୍ୟନ୍ତ ପାଠ୍ୟକ୍ରମାନ ଅଛି। ଶିକ୍ଷାର୍ଥୀମାନେ ନିଜ ନିଜର ପସନ୍ଦ ଅନୁସାରେ ବିଭିନ୍ନ ପାଠ୍ୟକ୍ରମରେ ନାମ ଲେଖାଇ ଏହାର ସୁଯୋଗ ନେଇପାରିବେ ସଂଯୋଜା ଡ. ନରେନ୍ଦ୍ର କୁମାର ରଥ ପାଠ୍ୟକେନ୍ଦ୍ରର ବିବରଣୀ ପାଠ କରିବା ସହ ଶିକ୍ଷାର୍ଥୀମାନଙ୍କୁ ଇଗ୍ନୋ ଦ୍ୱାରା ପ୍ରଦତ ଶିକ୍ଷା ସମ୍ବନ୍ଧରେ ପରାମର୍ଶ ଦେଇଥିଲେ। କୋଟସ୍‌ର ନିର୍ଦ୍ଦେଶକ ଡ. ପ୍ରଫୁଲ୍ଲ ଚନ୍ଦ୍ର ମହାପାତ୍ର ଇଗ୍ନୋର ପାଠ୍ୟକ୍ରମକୁ ଅଧ୍ୟୟନ କରି ବହୁ ଜିଲ୍ଲାପାଳମାନେ ପାଠ ପଢିବା ସମୟରେ ଇଗ୍ନୋର ବିଷୟକୁ ଅଧ୍ୟୟନ କରିଥିଲେ ବୋଲି କହିଥିଲେ। କାଉନସେଲର ରବି ଶତପଥୀ ଇଗ୍ନୋର ପାଠ୍ୟ ପୁସ୍ତକଗୁଡିକ ବହୁ ଉଚ୍ଚକୋଟୀର ବୋଲି କହିଥିଲେ। ଏହି ଉତ୍ସବରେ ସେମିଳିଗୁଡା, ସୁନାବେଡା ଓ ସ୍ଥାନୀୟ ମହାବିଦ୍ୟାଳୟର ଅନେକ ଅଧ୍ୟାପକ ଓ ଅଧ୍ୟାପିକାମାନେ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରଥିଲେ। କୋଟସର ସମସ୍ତ କାର୍ଯ୍ୟକର୍ତ୍ତା ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ପ୍ରାଧ୍ୟାପିକା ଡ. ସବିତା ମାଝି ଧନ୍ୟବାଦ ଅର୍ପଣ କରିଥିଲେ।

# ଜଳଙ୍ଗଡିହାରେ ଜମି ମାଫିଆ ସକ୍ରିୟ



କେନ୍ଦୁଝର (ଭାସ୍କର ନ୍ୟୁଜ୍): ନରଣପୁର ଠାରୁ ଡିମ୍ବୋ ଯାଇଥିବା ମୁଖ୍ୟ ରାସ୍ତା ପାର୍ଶ୍ୱରେ ଏବେ କିଛି ଜମି ମାଫିଆ ସକ୍ରିୟ ହୋଇ ପ୍ଲଟିଙ୍ଗ କରି ଜମି ବିକ୍ରୟ କରୁଥିବା ଦେଖାଯାଉଛି। ଏହି ଜମି ବିକ୍ରୟ ବେଳେ ମାଫିଆ ମାନେ ଜଙ୍ଗଲ ଜମି ଉପରେ ରାସ୍ତା ପକାଇ ବିକ୍ରି କରୁଥିବା କିଛି ସ୍ଥାନୀୟ ଲୋକେ ଅଭିଯୋଗ କରୁଛନ୍ତି। ସୂଚନା ଅନୁସାରେ ରାସ୍ତାପର୍ଶ୍ୱରେ ଜଙ୍ଗଲ ଜମି ଥିବାବେଳେ କିଣୁଥିବା ଲୋକେ ଏହି ଜମିକୁ ଜବରଦଖଲ କରି ପାଚେରୀ କରୁଥିବା ଦେଖାଯାଉଛି। ଏପରିକି କିଛି କ୍ରେତା ଏହି ଜଙ୍ଗଲ ଜମି ଉପରେ ବିଶାଳ ପାଚେରୀ ମଧ ଠିଆ କରି ସାରିଲେଣି। ବନ ବିଭାଗର ନିଷ୍କ୍ରିୟତା ଓ ପ୍ରକୃତ ସର୍ବେକ୍ଷଣ ଅଭାବରୁ ଏପରି ଜବରଦଖଲ ହେଉଥିବା ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛି। ଗ୍ରାମ ପାର୍ଶ୍ୱରୁ ଏହି ଜମିକୁ ରାସ୍ତା ନକରି ଜଙ୍ଗଲ ଜମି ଉପରେ ରାସ୍ତା ତିଆରି କରି ପରେ ଏହାକୁ ଜବରଦଖଲ କଲେ ଅଧିକ ପରିସୀମା ମିଳି ପାରିବା ଲକ୍ଷ୍ୟରେ ଅନେକ ରାସ୍ତାକଡ଼ ଜମି ଅଧିକ ଦରରେ କିଣୁଥିବା ଦେଖିବାକୁ ମିଳିଛି। ବନ ବିଭାଗ ପକ୍ଷରୁ ସୀମା ନିର୍ଦ୍ଧାରଣ କରି ତୁରନ୍ତ ପ୍ରତିରୋଧ ନକଲେ ଆଗାମୀ ଦିନରେ ଏହି ଅଧିଗ୍ରହଣ ହଟାଇବାକୁ ସମସ୍ୟା ସୃଷ୍ଟି ହେବ ବୋଲି ସ୍ଥାନୀୟ ବାସିନ୍ଦା କହିଛନ୍ତି।

# ମିଥ୍ୟା ମେଡିକାଲ ସାର୍ଟିଫିକେଟ ଦେଇ ଜମିନାମ ପରିବର୍ତ୍ତନ ଅଭିଯୋଗ

ସଇଁତଲା(ଭାସ୍କର ନ୍ୟୁଜ୍): ବଲାଙ୍ଗୀର ଜିଲ୍ଲା ସଇଁତଲା ବ୍ଲକ କୁଶମଖାଲ ଅଞ୍ଚଳର ଜଣେ ରାଇସ ମିଲ୍ ମାଲିକ ନିଜ ଶିଳ୍ପ କାରଖାନା ପାଇଁ ଜଣେ ଆଦିବାସୀଙ୍କ ଜମି ତାଙ୍କର ମିଲରେ କାମ କରୁଥିବା ଜଣେ ଆଦିବାସୀଙ୍କ ନାଁରେ କିଣିଥିଲେ। ପରବର୍ତ୍ତୀ ସମୟରେ ତାହାକୁ ନିଜ ନାମକୁ ପରିବର୍ତ୍ତନ କରିବା ପାଇଁ ଏକ ଅସାଧୁ ଉପାୟ ଅବଲମ୍ବନ କରିଥିଲେ। ସେହି ଆଦିବାସୀ ବ୍ୟକ୍ତି ଜଣକ ମିଲ ମାଲିକଙ୍କ ପ୍ରଲୋଭନରେ ଆସି ତାଙ୍କ ନାମରେ ବିଶାଖାପାଟଣାର ଏକ ହସ୍ପିଟାଲର ନାମରେ ନକଲି ହାର୍ଟ ସାର୍ଟିଫିକେଟ ତିଆରି କରି ଉପଜିଲ୍ଲାପାଳଙ୍କ ନିକଟରେ ଜମିର ନାମ ପରିବର୍ତ୍ତନ ପାଇଁ ଆବେଦନ କରିଥିଲେ। ଉପଜିଲ୍ଲାପାଳ ଅଫିସରୁ ତାହାର କୌଣସି ଯାଞ୍ଚ ନକରି ମିଲ୍ ମାଲିକଙ୍କ ନାମରେ ସେହି ଜମି ଆଦିବାସୀଙ୍କ ନାରୁ ପରିବର୍ତ୍ତନ କରାଯାଇଥିଲା। ଏହା ଏକ ବଡ଼ ଧରଣର ରାକେଟ କାମ କରୁଥିବା ଅଭିଯୋଗ ହୋଇଅଛି। ପୀପୃଟ ଅଂଚଳର ଆଉ ଜଣେ ମିଲ ମାଲିକ ସେହି ଆଦିବାସୀଙ୍କ ନାରେ ଜମି କିଣି ତାହା ପରିବର୍ତ୍ତନ କରିବା ପାଇଁ ପୁଣି ଥରେ ଚକ୍ରାନ୍ତ କରୁଥିବା ଅଭିଯୋଗ ହୋଇଅଛି। ଆଦିବାସୀ ସଂଘଙ୍କ ଅଭିଯୋଗ ଅନୁସାରେ ସେହି ଆଦିବାସୀ ଯୁବକ ଦେଇଥିବା ସାର୍ଟିଫିକେଟ ଉପରେ ତଦନ୍ତ କରି ମିଲ ମାଲିକଙ୍କ ଉପରେ କାର୍ଯ୍ୟାନୁଷ୍ଠାନ କରି ଉକ୍ତ ଜମିକୁ ସରକାର ନିଜ ଅକ୍ତିଆରକୁ ନେବା ପାଇଁ ଦାବି କରିବା ସହ ତାଙ୍କ ନାମରେ ଥିବା ସମସ୍ତ ଜମିର ଯାଞ୍ଚ କରିବା ପାଇଁ ଗୁହାରି କରିଛନ୍ତି।

# ଦନ୍ତାହାତୀ ଆକ୍ରମଣରେ ଜଣେ ଗୁରୁତର

ଶୁଳିଆପଦା(ଭାସ୍କର ନ୍ୟୁଜ) ଶୁଳିଆପଦା ବ୍ଲକ ଅନ୍ତର୍ଗତ ଉଫାଲଗଡିଆ ଗ୍ରାମପଞ୍ଚାୟତ ର ସଂସାଷୋଳ ଗ୍ରାମରେ କ୍ଷ ସୂଚନା ମୁତାବକ ରାତି ପ୍ରାୟ ୧.୩୦ ପାଖାପାଖି ସମୟରେ ପଶ୍ଚିମବଙ୍ଗ ଜଙ୍ଗଲରୁ ଏକ ଦନ୍ତା ହାତୀ ଆସି ସଂସାଷୋଳ ଗ୍ରାମରେ ପଶିଥିଲା। ସଂସାଷୋଳ ଗ୍ରାମର ଲୋଧା ସାମ୍ପ୍ରଦାୟର ୮୦ ବର୍ଷୀୟ ଗାଲୁ ନାଏକ ଘର ପାଖ ପଡିଆରେ ଶୋଇଥିବା ବେଳେ ଦନ୍ତା ହାତୀଟି ଆସି ଅତର୍କିତ ଭାବରେ ଆକ୍ରମଣ କରିବା ସହିତ ହାତୀଟି ଶୁଣ୍ଢରେ ଗାଲୁ ନାଏକକୁ ଟେକି ପାଦରେ ଦଳିବାକୁ ଚେଷ୍ଟା କରୁଥିବା ସମୟରେ ଗ୍ରାମବାସୀଙ୍କ ହୋ ହାଲ୍ଲା ପାଟି ଶୁଣି ଛାଡି ଜଙ୍ଗଲକୁ ଦୌଡ଼ି ପଳାଇଥିଲା। ଫଳରେ ଗାଲୁ ନାଏକଙ୍କ ଗୋଟିଏ ହାତ ସମ୍ପୂର୍ଣ୍ଣ ଭାଙ୍ଗିଯିବା ସହିତ ଅବସ୍ଥା ସଙ୍କଟପୂର୍ଣ୍ଣ ଥିବା ଜଣାପଡିଛି। ଗ୍ରାମବାସୀଙ୍କ ଠାରୁ ସୂଚନା ପାଇ ଶୁଳିଆପଦା ବନ ବିଭାଗର କର୍ମଚାରୀଙ୍କ ସହାୟତାରେ ଗାଲୁ ନାଏକଙ୍କୁ କୋଷ୍ଠା ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ବାରିପଦା ପିଆର୍‌ଏମ୍ ମେଡିକାଲ କଲେଜକୁ ପଠା ଯାଇଥିବା ସୂଚନା ମିଳିଛି।

# ହାନା ଗାର୍ଡେନରେ ଜିଲ୍ଲାସ୍ତରୀୟ କୁଈ ସମ୍ମିଳନୀ



କୋରାପୁଟ(ଭାସ୍କର ନ୍ୟୁଜ୍): ସେମିଳିଗୁଡା ହାନା ଗାର୍ଡେନ ଠାରେ ଜିଲ୍ଲାସ୍ତରୀୟ କୁଈ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ କୋରାପୁଟ ପୂର୍ବତନ ସାଂସଦ ଝିନ୍ନ ହିକକା, ପଟାଙ୍ଗିର ପୂର୍ବତନ ବିଧାୟକ ପ୍ରଫୁଲ କୁମାର ପାଙ୍ଗି, ଜିଲ୍ଲା ପରିଷଦ ଅଧ୍ୟକ୍ଷା ସସ୍ମିତା ମେଲେକା, ପଟାଙ୍ଗି ଜିଲ୍ଲା ପରିଷଦ ଟିକାଇ ଗେମେଲ, ସେମିଳିଗୁଡା ଜିଲ୍ଲା ପରିଷଦ ମୋହନ ଜାନୀ ପ୍ରମୁଖ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ କୁଈ ସମାଜର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା ହୋଇଥିଲା। ଏଥିସହ ପ୍ରତ୍ୟେକ ବ୍ଲକରୁ ମହିଳା ଏବଂ ପୁରୁଷକୁ ନେଇ ଜିଲ୍ଲାସ୍ତରୀୟ କର୍ମକର୍ତ୍ତା ଚୟନ କରାଯାଇଛି। ଉକ୍ତ ସମ୍ମିଳନୀରେ ୧୪ଟି ବ୍ଲକର କୁଈ ସମାଜର ଲୋକ ଯୋଗଦେବା ସହ ସମସ୍ତ ସରପଞ୍ଚ ଏବଂ ସମିତି ସଭ୍ୟ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ସେମିଳିଗୁଡା ବ୍ଲକ କମିଟି ଆୟୋଜନ କରିଥିଲା। ଏହି ଅବସରରେ ଜିଲ୍ଲାସ୍ତରୀୟ କାର୍ଯ୍ୟକାରୀ କମିଟି ପାଇଁ ୧୪ଟି ବ୍ଲକରୁ କର୍ମକର୍ତ୍ତା ଚୟନ କରାଯାଇଛି।

# ଶିଶୁ ମଙ୍ଗଳ କମିଟି ପକ୍ଷରୁ କ୍ୟାମ୍ପ କୋର୍ଟ

## ୧୧୩ ବାପା-ମା'ଛେଉଣ୍ଡ ଶିଶୁ ଚିହ୍ନଟ



ମାଲକାନଗିରି (ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲା ପଡ଼ିଆ ବ୍ଲକ ଶିଶୁ ଓ ମହିଳା କଲ୍ୟାଣ କାର୍ଯ୍ୟାଳୟ ପରିସରରେ ଶୁଶୁ ମଙ୍ଗଳ କମିଟି ପକ୍ଷରୁ ଏକ କ୍ୟାମ୍ପ୍ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ନାରାୟଣ ଦାସ, ଜିଲ୍ଲା ଶିଶୁ ମଙ୍ଗଳ କମିଟି ଅଧ୍ୟକ୍ଷା ସଂଯୁକ୍ତା ପ୍ରଧାନ, ପଡ଼ିଆ ବ୍ଲକ ସିଡିପିଓ ରୀନା ରାଣୀ ରାଉତ, ଚାଇଲ୍ଡ ଲାଇନ୍‌ର କର୍ମକର୍ତ୍ତା ଯୋଗ ଦେଇଥିଲେ। ଏହି କ୍ୟାମ୍ପ କୋର୍ଟରେ ପଡିଆ ବ୍ଲକର ୧୧୩ ଜଣ ବାପା ଓ ମାଆ ଛେଉଣ୍ଡ ଏବଂ ଉଭୟ ବାପା-ମା' ଛେଉଣ୍ଡ ଶିଶୁଙ୍କୁ ହାଜର କରାଯାଇଥିଲା। ଅଙ୍ଗନବାଡି କର୍ମୀ ଓ ଶିଶୁମାନଙ୍କ ସହିତ ଅଭିଭାବକମାନେ ଉପସ୍ଥିତ ଥିଲେ। ବର୍ତ୍ତମାନ ସରକାରଙ୍କ ତରଫରୁ ବାପା-ମା ଛେଉଣ୍ଡ ଶିଶୁମାନେ ମାଗଣାରେ ହଷ୍ଟେଲରେ ରହି ପାଠ ପଢିବା ଓ ଥଇଥାନର ଯୋଜନା ପ୍ରତି ଗୁରୁତ୍ୱ ଦିଆଯାଇଛି।

# ବାଲି ଚୋରାଚାଲାଣ ପାଇଁ ବଳିପଡିଛି ରାଜ୍ୟ ରାଜସ୍ୱ

ନିଆଳି (ଭାସ୍କର ନ୍ୟୁଜ୍): ବଂଶାନୁକ୍ରମ ଭଳି ଚାଲି ଆସୁଛି ଯେମିତି ବାଲି ମାଫିଆମାନଙ୍କ ବାଲି ଚୋରି। ବାଲି ମାଫିଆ ଓ ମାଇନ୍ସ ବିଭାଗର ମଧୁଚନ୍ଦ୍ରିକାରେ ବହୁ କ୍ଷତିଗ୍ରସ୍ତ ହେଉଛି ଆଜି ରାଜସ୍ୱ କୋଷ। ବାଲିଘାଟ ଖୋଳି ସରକାରଙ୍କର ରାଜସ୍ୱ ବଢାଇବା ବଦଳରେ ଚାଲିଛି ବାଲିଲୁଟ୍ ଓ ନିଜ ପକେଟକୁ ଗରମ ରଖିବା ପାଇଁ ବିଭିନ୍ନ ଉପାୟ ଅବଲମ୍ବନ କରୁଛନ୍ତି ବାଲି ମାଫିଆ ମାନେ। କେତେବେଳେ ଉପରିସ୍ଥ ଅଧିକାରୀଙ୍କୁ ହାତଗୁଞ୍ଜା ଦେଇ ତ କେତେବେଳେ ଗୋଟିଏ ଇ' ଫର୍ମ ଦେଖାଇ ବାଲି ଚୋରି ତ ଆଉ କେତେବେଳେ ରାତି ଅଧରେ ମେସିନ ପକାଇ ନଦୀ ପଠା, ପୋଲ ତଳୁ ତ କେତେବେଳେ ନିର୍ଦ୍ଧାରିତ ସୀମାକୁ ଉଲଘଂନ କରି। କେତେବେଳେ ରାସ୍ତା ନଥାଇ ବି ବେଆଇନ ଭାବେ ରାସ୍ତା ନିର୍ମାଣ କରି ବାଲି ଚୋରିକରିବାକୁ ପଛାଉ ନାହାନ୍ତି ବାଲି ମାଫିଆମାନେ। ଏଭଳି ଏକ ଘଟଣା ଦୃଷ୍ଟି ଗୋଚରକୁ ଆସିଛି କୁଳିଶ୍ର ଘାଟରେ। ସେଠାରେ ଘାଟ ମାଲିକ ବାଲି ମାଫିଆ ସାଜି ମାଇନ୍ସ ବିଭାଗର ଉପରିସ୍ଥ ଅଧିକାରୀ ସହ ହାତ ମିଶାଇ ଲୁଣ୍ଠନ କରୁଛି ଟ୍ରିପ ଟ୍ରିପ ବାଲି। ଆଉ ଲୁଟି ଚାଲିଛି ରାଜ୍ୟର ରାଜସ୍ୱ କୋଷକୁ। ଯେଉଁ ରାଜସ୍ୱ କୋଷରୁ କୋଟି କୋଟି ଟଙ୍କା କୋଟି କୋଟି ଓଡ଼ିଆଙ୍କ ଜନ କଲ୍ୟାଣ ନିମନ୍ତେ ସରକାର ବିଭିନ୍ନ ଯୋଜନା ପ୍ରସ୍ତୁତ କରି ଜନକଲ୍ୟାଣ ନିମନ୍ତେ ଜନସେବା କରୁଥିବା ବେଳେ, ଏମାନେ କିନ୍ତୁ ନିଜ ପକେଟ ଓ ଅଧିକ ଧନ କମେଇବା ପାଇଁ ପ୍ରତ୍ୟେକ୍ଷ ନୁହେଁ ପରୋକ୍ଷ ଭାବରେ ସାଜିଛନ୍ତି ରାଜକୋଷ ଲୁଟେରା। ଶହ ଶହ ଟ୍ରିପ ବାଲି ଚୋରି କରି ପୁରଉଛନ୍ତି ନିଜ ପେଟକୁ।




# ପୃଥକ ଭାବେ ଦୁଇ ମହାନ ବ୍ୟକ୍ତିଙ୍କ ଦେହାନ୍ତ

ପରଜଙ୍ଗ (ଭାସ୍କର ନ୍ୟୁଜ୍): ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକ ପାଟରପଦା ବାଙ୍କ ବିହାରୀ ଆଶ୍ରମ ର ମୁଖ୍ୟ ବାବାଙ୍କ ଦେହାନ୍ତ ହୋଇଥିବା ଜଣାପଡିଛି। ଆଶ୍ରମର ମୁଖ୍ୟ ପୁରୋଧା ସାଧୁସନ୍ଥ ଶ୍ରୀପାଦ ତ୍ରିବିକ୍ରମ ଦାସ ଦୀର୍ଘ ବର୍ଷ ଧରି ଆଶ୍ରମର ରକ୍ଷଣାବେକ୍ଷଣ ସାଙ୍ଗକୁ ଅନେକ ଧାର୍ମିକ କାର୍ଯ୍ୟକ୍ରମ କରି ଅଞ୍ଚଳରେ ସୁନାମ ଅର୍ଜନ କରି ଜଣେ ଆଧାତ୍ମିକ ଗୁରୁ ଭାବେ ପରିଚିତ ଥିଲେ। ବୟସର ଅପରାହ୍ନରେ ବାବାଙ୍କର ଦେହ ଧୀରେ ଧୀରେ ଅସୁସ୍ଥତା ଦିଗକୁ ଗତି କରିବାରୁ କିଛି ମାସ ତଳେ ଆଶ୍ରମ ଛାଡି କାମାକ୍ଷାନଗର ଅଞ୍ଚଳର ପିପଳା ଗ୍ରାମରେ ଘରେ ଚିକିତ୍ସାଧୀନ ଥାଇ ସୋମବାର ଭୋର୍ ସମୟରେ (୭୫ବର୍ଷ)ବୟସରେ ଶେଷ ଜୀବନ ତ୍ୟାଗ କରିଥିଲେ। ଖବର ପାଇ ବାବାଙ୍କର ଆଶ୍ରିତ ସେବକମାନେ ଗାଁରେ ପହଞ୍ଚି ବାବାଙ୍କୁ ଆଣି ଆଶ୍ରମରେ ପହଞ୍ଚି ଥିବା ବେଳେ, ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ସାହିତ୍ୟିକ, ବୁଦ୍ଧିଜୀବୀ, ଶିକ୍ଷାବିତ, ବିଭିନ୍ନ ସଙ୍ଗଠନର କାର୍ଯ୍ୟକର୍ତ୍ତା, ବାବାଙ୍କର ବିଭିନ୍ନ ପ୍ରାନ୍ତରୁ ଭକ୍ତମାନେ ଆସି ଶେଷ ଦର୍ଶନ କରିଥିଲେ। ବାବାଙ୍କ ମରଶରୀରକୁ ଧରି ପାଟରପଦା ଗ୍ରାମରେ ଶୋଭାଯାତ୍ରା ସାରି ଆଶ୍ରମରେ ଅନ୍ତିମ ସଂସ୍କାର





କରାଯାଇଥିଲା। ବାବା ଧାର୍ମିକ ସେବକ ଭାବେ ପରିଚିତ ଥିବାବେଳେ ସେ ଅଗାଢ ବିଦ୍ୱାନ ସାହିତ୍ୟିକ ଥିଲେ। ତାଙ୍କ ନିଜ ସ୍ୱହସ୍ତଲିଖନୀ ଉପରେ ଅନେକ ସ୍ୱରଚିତ କବିତା, ଉପନ୍ୟାସ ନାଟକ ଏହିପରି ଅନେକ ପାଠ୍ୟ ପୁସ୍ତକ ରଚନା କରିବାରେ ପାରଙ୍ଗମ ଥିଲେ। ବାବାଙ୍କ ଦେହାନ୍ତ ଖବର ବିଭିନ୍ନ ମହଲରେ ଶୋକର ଛାୟା ଖେଳାଇ ଦେଇଥିବା ବେଳେ ଆଶ୍ରମର ସାନବାବା କୃଷ୍ଣ କରୁଣା ଦାସ (କାଳିଆ ବାବା) ଙ୍କ ସମେତ ଅଞ୍ଚଳର ବହୁ ଭକ୍ତ ଦୁଃଖ ପ୍ରକାଶ କରିଛନ୍ତି। ସେହିପରି ପାଟରପଦା ପଞ୍ଚାୟତ କଟାବାହାଳ ଗ୍ରାମର ଦୁଇ ଦୁଇ ଥର ପୂର୍ବତନ ସରପଞ୍ଚ ଓ ସମିତିସଭ୍ୟ ଭାବେ ନିର୍ବାଚିତ ହୋଇଥିବା ଦୁଃଶାସନ ବିଶ୍ୱାଳ(୬୧ବର୍ଷ) ରବିବାର ରାତ୍ରିରେ ହୃଦ୍‌ଘାତରେ ମୃତ୍ୟୁ ହୋଇଛି। ଗ୍ରାମରେ ବାର୍ଷିକ ଯାତ୍ରା ହେଉଥିବା ବେଳେ ତାଙ୍କର ମୃତ୍ୟୁ ଖବର ପାଇ ଅନେକ ରାଜନୈତିକ ଲୋକ ଘରେ ପହଞ୍ଚି ପାରିବତକୁ ସମବେଦନା ଜଣାଇଥିବା ବେଳେ, ଗ୍ରାମରେ ଶୋକର ଛାୟା ଖେଳି ଯାଇଛି।

# ଆନନ୍ଦମୂର୍ତ୍ତୀଙ୍କ ୧୦୪ତମ ଜନ୍ମ ଜୟନ୍ତୀ ପାଳିତ

ଜଳେଶ୍ୱର(ଭାସ୍କର ନ୍ୟୁଜ୍): ଜଳେଶ୍ୱର ବ୍ଲକ ଅନ୍ତର୍ଗତ ଆରୁହା ଗ୍ରାମ ପଞ୍ଚାୟତ ସ୍ଥିତ ନିମପୁର ଗ୍ରାମର କ୍ଷିତିଷ ସିଂହଙ୍କ ବାସଭବନରେ ସୋମବାର ପ୍ରାତଃ ୬ଘଟିକା ସମୟରେ ଭଗବାନ ଜଗତଗୁରୁ ଶ୍ରୀଶ୍ରୀ ଆନନ୍ଦମୂର୍ତ୍ତୀଙ୍କର ୧୦୪ତମ ଜନ୍ମ ଜୟନ୍ତୀ ପାଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ଆନନ୍ଦମାର୍ଗୀ ଶ୍ରୀ ରାମଚନ୍ଦ୍ର ସିଂହ ପ୍ରାରମ୍ଭରେ ଭଗବାନ ଶ୍ରୀଶ୍ରୀ ଆନନ୍ଦମୂର୍ତ୍ତୀଙ୍କ ଜୟଧ୍ୱନୀ ସହ ଶଙ୍ଖ ଶବ୍ଦ ଗଗନକୁ ପ୍ରକମ୍ପିତ କରିଥିଲା। ତତ୍‌ପରେ ପ୍ରଭାତ ସଂଗୀତ 'ଜନ୍ମଦିନେ ଏଇ ଶୁଭକ୍ଷଣେ' ପରିବେଷଣ ହୋଇଥିଲା। ଅଖଣ୍ଡ ନାମ ସଂକୀର୍ତ୍ତନ 'ବାବା ନାମ କେବଲମ୍' ଏକ ଘଣ୍ଟା ଧରି ଗାନ କରା ଯାଇଥିଲା ଓ ଏହା ଆନନ୍ଦଦାୟକ ହୋଇଥିଲା। ସାଧନା, ପୂଜାପାଠ, ଆନନ୍ଦମୂର୍ତ୍ତୀଙ୍କ ଲିଖିତ ପୁସ୍ତକରୁ 'ଧର୍ମର ପଥ ହିଁ ପ୍ରକୃତ



ପଥ' ଅନ୍ୟତମ ସାଧିକା ବର୍ଷାରାଣୀ ସିଂହ ପାଠ କରି ସମସ୍ତଙ୍କୁ ଶୁଣାଇଥିଲେ। ପରିଶେଷରେ ଉପସ୍ଥିତ ଭକ୍ତମାନଙ୍କୁ ଜଳ ଯୋଗାଣରେ ଆପ୍ୟାୟିତ କରା ଯାଇଥିଲା। ଏଥିରେ ଗୀତାରାଣୀ ସିଂହ, ଶ୍ରୀମାନ ଜପୁ, ବର୍ଷା ଓ ଶାନ୍ତି ପ୍ରମୁଖ ସହଯୋଗ କରିଥିଲେ।




କଣ୍ଟାପଡା (ଭାସ୍କର ନ୍ୟୁଜ୍) : କେନ୍ଦ୍ର ଓ ରାଜ୍ୟ ସରକାର ଗାଁ ଗହଳିରେ ବାସ କରୁଥିବା ଗରିବ ଶ୍ରେଣୀର ଲୋକମାନଙ୍କର ରୋଜଗାରରେ ଉନ୍ନତି ଆଣିବା ସହ ସେମାନେ କିପରି ସରକାରୀ ସହାୟତା ବ୍ୟାଙ୍କ ମାଧ୍ୟମରେ ଠିକ୍ ସେ ପାଇପାରିବେ ଏବଂ ଦିନ ମଜୁରୀ ଶ୍ରେଣୀର ଲୋକମାନେ ଦୂର ଦୁରାନ୍ତ ବ୍ୟାଙ୍କ ଯାଇ ସମୟ ନଷ୍ଟ ନକରିବେ ସେଥିନିମନ୍ତେ ପ୍ରତି ପଞ୍ଚାୟତରେ ରାଷ୍ଟ୍ରାୟତ୍ତ ଓ ଘରୋଇ ବ୍ୟାଙ୍କ ଖୋଲିଛନ୍ତି। ସେହିଭଳି କଣ୍ଟାପଡା ବ୍ଲକ ଉତ୍ତାରଣ ପଞ୍ଚାୟତ କାର୍ଯ୍ୟାଳୟରେ କାନାରା ବ୍ୟାଙ୍କ ଖୋଲିଥିଲେ ମଧ୍ୟ ଗ୍ରାହକଙ୍କୁ ସେବା ଯୋଗାଇ ଦେବାରେ ଅବହେଳା କରୁଥିବା ଅଭିଯୋଗ ହେଉଛି। ୫ମାସରୁ ଊର୍ଦ୍ଧ୍ୱ ହେବ କିଛି ନିର୍ଦ୍ଦିଷ୍ଟ ଲୋକଙ୍କ ପାସ୍‌ବୁକ୍ ଅପଡେଟ୍ କରୁଥିବାବେଳେ ସାଧାରଣ ଗରିବ ଲୋକମାନଙ୍କୁ ମେସିନ ଖରାପ କହି ଫେରାଇ ଦେଉଥିବା ସାଙ୍ଘାତିକ ଅଭିଯୋଗ ହେଉଛି। ଉକ୍ତ ବ୍ୟାଙ୍କରେ ମନ ମର୍ଜିରେ ଅସ୍ଥାୟୀ କର୍ମଚାରୀ ରଖିଥିଲେ ମଧ୍ୟ ସେମାନେ ସଠିକ୍ ଭାବରେ ବ୍ୟାଙ୍କରେ ଗ୍ରାହକଙ୍କୁ ସେବା ଯୋଗାଇ ଦେଇପାରୁ ନାହାନ୍ତି। ସରକାରଙ୍କ ନିୟମ ୫ଟା ପର୍ଯ୍ୟନ୍ତ ବ୍ୟାଙ୍କ ଖୋଲା ରଖିବା ପାଇଁ ନିୟମ ଥିବାବେଳେ ଏଠାରେ କିନ୍ତୁ ନିୟମ ଅଲଗା। ଏଠାରେ ଦିନ ୪ଟା ପୂର୍ବରୁ ବ୍ୟାଙ୍କ ବନ୍ଦ ହୋଇଗଲା କହି ଫେରାଇ ଦିଆଯାଉଛି। ଏହି ବ୍ୟାଙ୍କରେ ଥିବା କର୍ମଚାରୀମାନଙ୍କୁ ଅନ୍ୟତ୍ର ବଦଳି କରି ନୂତନ କର୍ମଚାରୀ ନିଯୁକ୍ତି ଦେବା ସହ ବ୍ୟାଙ୍କର ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ମତ ପ୍ରକାଶ ପାଇଛି।



### ବେଆଇନ ଗୋ ଚାଲାଣ

## ୨୭ଟି ବଳଦ ସହିତ ଗାଡି ଜବତ



କରଞ୍ଜିଆ (ଭାସ୍କର ନ୍ୟୁଜ୍) : ବେଆଇନ ଗୋ-ଚାଲାଣ ବେଳେ ୧୦ ଚକିଆ ଟ୍ରକ ସହିତ ୨୭ଟି ବଳଦ ଜବତ ସହିତ ଜଣେ ଅଟକ। କରଞ୍ଜିଆ ଥାନା ଅନ୍ତର୍ଗତ କେନ୍ଦୁମୁଣ୍ଡି ନିକଟରୁ ଏକ ବେଆଇନ ଗୋରୁ ବୋଝେଇ ଗାଡି ସହିତ ୨୭ଟି ଗୋରୁ ଜବତ କଲା କରଞ୍ଜିଆ ପୋଲିସ। ଗତକାଲି ବିଳମ୍ବିତ ରାତିରେ କୌଣସି ସୂତ୍ରରୁ ଖବର ପାଇ କରଞ୍ଜିଆ ଥାନା ଅଧିକାରୀ ଶରତ କୁମାର ମହାଳିକଙ୍କ ନିର୍ଦ୍ଦେଶ କ୍ରମେ ଏସ୍‌ଆଇ ବଳରାମ ମହାରଣାଙ୍କ ସହିତ ଏକ ଟିମ୍ ଅତର୍କିତ ଚଡାଉ କରିଥିଲେ। ତେବେ ଏକ ୧୦ ଚକିଆ ଟ୍ରକରେ ବଳଦ ଲୋଡ୍ ହେଉଥିବା ବେଳେ ଚଡାଉ କରି ଡ୍ରାଇଭରକୁ କାବୁ କରିଥିଲେ। ହେଲେ ଘଟଣାସ୍ଥଳରୁ ଅନ୍ୟ ଚାରିଜଣ ଗୋ-ମାଫିଆ ଚମ୍ପଟ ମାରିଥିଲେ। ତେବେ ସେଠାରୁ ୨୭ଟି ବଳଦ ସହିତ ଗୋଟିଏ ୧୦ ଚକିଆ ଟ୍ରକ ଏବଂ ଡ୍ରାଇଭରକୁ ଅଟକ ରଖି ଅଧିକ ତଦନ୍ତ କରୁଛି କରଞ୍ଜିଆ ପୋଲିସ। ପ୍ରାଥମିକ ତଦନ୍ତରୁ ଜଣାପଡିଛି କି ଠାକୁରମୁଣ୍ଡା ଅଞ୍ଚଳର ଜୈନେକ ବ୍ୟବସାୟୀ ଏଥିରେ ସମ୍ପୃକ୍ତ ରହି ଗୋ-ଚାଲାଣ କରୁଥିଲେ। ସେ ପୂର୍ବରୁ ମଧ୍ୟ ବହୁବାର ଗୋ-ଚାଲାଣ କରି ଜେଲ୍ ଯାଇ ପୁଣି ଜେଲ୍‌ରୁ ମୁକୁଳି ଏପରି କାରବାରରେ ଲିପ୍ତ ରହିଛନ୍ତି। ଗତକାଲି ଧରା ଯାଇଥିବା ବଳଦ ସବୁ କେନ୍ଦୁମୁଣ୍ଡିରୁ ହାଟବାଦାଳା ଦେଇ ପଶ୍ଚିମବଙ୍ଗ ଚାଲାଣ କରିବା ପାଇଁ ମସୁଧା କରୁଥିଲ ମାଫିଆ। ତେବେ କରଞ୍ଜିଆ ପୋଲିସ ଦ୍ୱାରା ଧରାପଡ଼ି ଅଟକ ଅଛନ୍ତି। ଜବତ ବଳଦକୁ ତାଙ୍କର ଚିକିତ୍ସା ପରେ ଅଙ୍କୁରାରେ ଥିବା ଗୋଶାଳାରେ ଛଡ଼ାଯିବ ବୋଲି ବୋଲି କହିଛନ୍ତି କରଞ୍ଜିଆ ଥାନା ଅଧିକାରୀ।

# ୪୪୧ଜଣ ଜାଲ୍ ସାର୍ଟିଫିକେଟ୍‌ଧାରୀ ଶିକ୍ଷକଙ୍କ ନାଁରେ ଅଭିଯୋଗ

### ୧୦ ବର୍ଷରେ ୧୦୭ଙ୍କ ବିରୋଧରେ ହୋଇଛି ଫୌଜଦାରୀ ମାମଲା

ବ୍ରହ୍ମପୁର (ଭାସ୍କର ନ୍ୟୁଜ୍) : ଗଞ୍ଜାମ ଜିଲ୍ଲାରେ ଜାଲ୍ ସାର୍ଟିଫିକେଟ୍‌ରେ ଶିକ୍ଷକତା କରୁଥିବା ନେଇ ୪୪୧ଜଣଙ୍କ ନାଁରେ ଅଭିଯୋଗ ହୋଇଛି। ସେଥିମଧ୍ୟରୁ ଜୁଲାଇ ୨୦୨୪ ସୁଦ୍ଧା ଅର୍ଥାତ ଗତ ବର୍ଷରେ ମାତ୍ର ୧୦୭ଜଣ ଶିକ୍ଷକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହୋଇଛି। ଆହୁରି ୩୩୪ଜଣଙ୍କ ପ୍ରମାଣପତ୍ର ଯାଞ୍ଚ ଅପେକ୍ଷାରେ ରହିଥିବା ଜିଲ୍ଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରୁ ସୂଚନା ମିଳିଛି। ଗୋଟିଏପଟେ ନକଲି ଶିକ୍ଷକଙ୍କ ପ୍ରମାଣପତ୍ର ଯାଞ୍ଚ ଶିଥିଳ ପଡ଼ିଥିବା ବେଳେ ଅନ୍ୟପଟେ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶାଳୟ ଏହାକୁ ନେଇ କଠୋର ଆଭିମୁଖ୍ୟ ଦେଖାଇଛି। ଗତ ୫ତାରିଖରେ ନିର୍ଦ୍ଦେଶାଳୟର ଯୁଗ୍ମ ନିର୍ଦ୍ଦେଶକ ଜିଲ୍ଲା ଶିକ୍ଷାଧାକାରୀଙ୍କୁ ଚିଠି କରି ନକଲି ପ୍ରମାଣ ପତ୍ରରେ ଶିକ୍ଷକତା କରୁଥିବା ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହିତ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ପାଇଁ ବିଇଓଙ୍କୁ ନିର୍ଦ୍ଦେଶ ଦେବାକୁ ଜିଲ୍ଲା ଶିକ୍ଷାଧିକାରୀଙ୍କୁ କୁହାଯାଇଛି। ନିର୍ଦ୍ଦେଶାଳୟର ଚିଠି ଓ କାର୍ଯ୍ୟାନୁଷ୍ଠାନ ସମ୍ପର୍କରେ ଜିଲ୍ଲା ଶିକ୍ଷାଧିକାରୀଙ୍କ ମତ ମିଳିପାରିନି। ୨୦୧୫ ନଭେମ୍ବରରୁ ଜାଲ୍ ପ୍ରମାଣପତ୍ରଧାରୀ ଶିକ୍ଷକ ପ୍ରସଙ୍ଗ ସାମ୍ନାକୁ ଆସିଥିଲା। ୪ବର୍ଷ ପର୍ଯ୍ୟନ୍ତ ଏହି ଅଭିଯୋଗ ଉପରେ ଯାଞ୍ଚ ଓ କାର୍ଯ୍ୟାନୁଷ୍ଠାନ ଧୀମା ଚାଲିଥିଲା ଓ ତଦନ୍ତ ଶିଥିଳ ଯୋଗୁଁ ନକଲି ଶିକ୍ଷକଙ୍କ ଭରସାରେ ନିର୍ଦ୍ଦିଷ୍ଟ କିଛି ସ୍କୁଲର ଭାଗ୍ୟ ଝୁଲୁଛି। ଏହି ଶିକ୍ଷକମାନଙ୍କ ହାତରେ ଗଢ଼ା ହେଉଛି ସ୍କୁଲ ପିଲାଙ୍କ ଭବିଷ୍ୟତ। ଗଣଶିକ୍ଷା ବିଭାଗର ଧୀମା ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ଏହିଭଳି ଶିକ୍ଷକଙ୍କୁ ବେଶ ସୁହାଇଛି ବୋଲି ଅଭିଯୋଗ ହେଉଛି। ୨୦୧୯ରୁ ନକଲି ଶିକ୍ଷକଙ୍କ ସାର୍ଟିଫିକେଟ୍ ଯାଞ୍ଚକୁ କଡ଼ାକଡ଼ି କରାଯାଇଥିଲା। ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଜିଲ୍ଲାର ଗୋଷ୍ଠୀ ଶିକ୍ଷାଧିକାରୀ ଓ ଜିଲ୍ଲା ଶିକ୍ଷାଧିକାରୀଙ୍କୁ ୫ରୁ ୬ଥର ଚିଠି କରିଥିଲେ ମଧ୍ୟ ତଦନ୍ତ ପ୍ରକ୍ରିୟା ଆଗେଇ ପାରୁନଥିଲା। ଶେଷରେ ବିଭାଗ କଡ଼ା ଆଭିମୁଖ୍ୟ ଆପଣାଇଥିଲା। ସମ୍ପୃକ୍ତ ଅଧିକାରୀଙ୍କ ଦରମା ବନ୍ଦ ନେଇ ବିଭାଗ ଚେତାବନୀ ଦେବା ପରେ ଯାଞ୍ଚ ପ୍ରକ୍ରିୟା ତ୍ୱରାନ୍ୱିତ ହୋଇଥିଲା। ଫଳରେ ୨୨ବ୍ଲକ୍ ବିଶିଷ୍ଟ ଗଞ୍ଜାମ ଜିଲ୍ଲାର ୪୪୧ ଜଣ ଶିକ୍ଷକଙ୍କ ପ୍ରମାଣପତ୍ର ନକଲି ଥିବା ସାମ୍ନାକୁ ଆସିଥିଲା। ଯେଉଁଥିରେ ଆସିକା ଗୋଷ୍ଠୀ ଶିକ୍ଷା ଅଞ୍ଚଳରେ ୩୦, ବେଗୁନିଆପଡ଼ାରେ ୪୯, ବେଲଗୁଣ୍ଠାରେ ୧୯, ବୁଗୁଡ଼ାରେ ୫, ଛତ୍ରପୁରରେ ୨୩, ଧରାକୋଟରେ ୨୩, ଗଞ୍ଜାମରେ ୬, ହିଞ୍ଜିଳିକାଟୁରେ ୨୬, ଜଗନ୍ନାଥପ୍ରସାଦରେ ଜଣେ, କବି ସୂର୍ଯ୍ୟନଗରରେ ସର୍ବାଧିକ ୯୦, ଖଲ୍ଲିକୋଟରେ ୨୪, କୁକୁଡ଼ାଖଣ୍ଡିରେ ୨୧, ପାତ୍ରପୁରରେ ୧୨, ପୋଲସରାରେ ୩୦, ପୁରୁଷୋତ୍ତମପୁରରେ ୬, ରଙ୍ଗେଇଲୁଣ୍ଡାରେ ୨୨, ଶେରଗଡ଼ରେ ୯୯ ଓ ସୋରଡ଼ାରେ ୨୮ଜଣଙ୍କୁ ମିଶାଇ ମୋଟ ୪୪୧ ଜଣଙ୍କ ବିରୋଧରେ ନକଲି ପ୍ରମାଣପତ୍ର ଦେଇ ଶିକ୍ଷକତା କରୁଥିବା ଅଭିଯୋଗ ହୋଇଥିଲା। ଏହି ରିପୋର୍ଟ ଉପରେ ଜିଲ୍ଲା ଶିକ୍ଷା ବିଭାଗ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିଥିଲା। ୧୦ ଜୁଲାଇ ୨୦୨୪ ସୁଦ୍ଧା ଜିଲ୍ଲାର ୧୦୭ନକଲି ଶିକ୍ଷକଙ୍କ ବିରୋଧରେ ସମ୍ପୃକ୍ତ ଗୋଷ୍ଠୀ ଶିକ୍ଷାଧିକାରୀମାନେ ଥାନାରେ ଏତଲା ଦେଇଛନ୍ତି। ଆହୁରି ୩୩୪ଜଣଙ୍କ ପ୍ରମାଣପତ୍ର ଯାଞ୍ଚସ୍ତରରେ ରହିଛି। ଏହି ପ୍ରମାଣପତ୍ରଗୁଡ଼ିକ କର୍ଣ୍ଣାଟକ, ଉତ୍ତରପ୍ରଦେଶ, ଆଗ୍ରା, ଛତିଶଗଡ଼, ଜାମ୍ମୁର ବିଭିନ୍ନ ବିଶ୍ୱ ବିଦ୍ୟାଳୟକୁ ଯାଞ୍ଚ ପାଇଁ ପଠାଯାଇଥିବା ଜିଲ୍ଲା ଶିକ୍ଷା ବିଭାଗ କହୁଛି। ବିଭିନ୍ନ ସମୟରେ ଯାଞ୍ଚ ରିପୋର୍ଟ ଜିଲ୍ଲା ଶିକ୍ଷା ବିଭାଗର ହସ୍ତଗତ ହେଉଛି। ଏହା ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଗୋଷ୍ଠୀ ଶିକ୍ଷାଧିକାରୀଙ୍କୁ କୁହାଯାଉଛି। ମାତ୍ର ଗତ ୫ ତାରିଖରେ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶାଳୟ ଏନେଇ ଜିଲ୍ଲା ଶିକ୍ଷାଧିକାରୀଙ୍କୁ ଚିଠି କରିଛନ୍ତି ଓ ନକଲି ପ୍ରମାଣପତ୍ରରେ ଶିକ୍ଷକତା କରୁଥିବା ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନିର୍ଦ୍ଦେଶ ଦେଇଛନ୍ତି।

### ଆଗପଛ ହୋଇ ଆଖିବୁଜିଲେ ବାପା-ମା’

## ଅନାଥ ଦୁଇ ଭାଇଙ୍କ ଆଖିରୁ ଶୁଖୁନି ଲୁହ



ଜଳେଶ୍ୱର (ଭାସ୍କର ନ୍ୟୁଜ୍): ୨୦୧୭ ମସିହାରେ ବାପା ସୃଷ୍ଟିଧର ସିଂ ହୃଦ୍‌ଘାତରେ ଆରପାରିକୁ ଚାଲି ଯାଇଥିଲେ। ଦୁଇଦିନ ତଳେ ଜଣେ ଠିକାଦାରଙ୍କ ନିକଟରେ ରହି ରାସ୍ତାକାମରେ ଶ୍ରମିକ ଭାବେ ନିୟୋଜିତ ଥିବା ମା ସୀମା ବି ଆଖି ବୁଜିଦେଲେ। ଆଉ ବାପା ମା’ଙ୍କ ବିୟୋଗ ପରେ ଅନାଥ ହୋଇ ଯାଇଛନ୍ତି ଜଳେଶ୍ୱର ବ୍ଲକ ଅଧିନସ୍ଥ ଆରୁହା ମଙ୍ଗା ପୋଖରୀ ଆଦିବାସୀ ସାହିର ଦୁଇ ନାବାଳକ ଭାଇ ଅନୁପ ଓ ସୋନୁ। ଏବେ ସେମାନେ କଇଁ କଇଁ କାନ୍ଦୁଛନ୍ତି। ମିଳିଥିବା ସୂଚନା ଅନୁଯାୟୀ ଆରୁହା ମଙ୍ଗା ପୋଖରୀ ଆଦିବାସୀ ସାହିର ସୃଷ୍ଟିଧର ସିଂଙ୍କ ୨୦୧୭ ମସିହା ଅପ୍ରେଲ ମାସରେ ହୃଦଘାତରେ ମୃତ୍ୟୁ ହୋଇ ଯାଇଥିଲା। ସୃଷ୍ଟିଧରଙ୍କ ମୃତ୍ୟୁ ପରେ ତାଙ୍କ ପନ୍ନୀ ସୀମାଙ୍କ କୋଳରେ ରହିଥିଲେ ଦୁଇ ଜଣ ଛୋଟ ଛୋଟ ପୁଅ। ସୀମାଙ୍କ ସମ୍ପତି ବୋଲି କିଛି ନାହିଁ। ସ୍ୱାମୀ ସୃଷ୍ଟିଧର ତିଆରି କରିଥିବା ଘର ସମ୍ପୂର୍ଣ୍ଣ ଭାଙ୍ଗି ଯାଇଥିବାରୁ ଦୁଇ ପୁଅ ଓ ମା’ ବେସାହାରା ହୋଇ ଏଣେତେଣେ ରହୁଥିଲେ। କୃଷି ଶ୍ରମିକ ଓ ନିର୍ମାଣ ଶ୍ରମିକ ଭାବେ କାମ କରି ସୀମା ଯାହା ରୋଜଗାର କରୁଥିଲେ ସେଥିରେ ୩ ପ୍ରାଣୀ ବହୁ କଷ୍ଟରେ ଚଳୁଥିଲେ। ଗତ ୩ ତାରିଖରେ ସୀମା ଭୋଗରାଇ ବ୍ଲକ କମର୍ଦ୍ଦା ଥାନା ନାଚିନ୍ଦା ଗ୍ରାମର ଜଣେ ଠିକାଦାରଙ୍କ ନିକଟକୁ ନିଜ ସାନପୁଅ ସହ ଚାଲି ଯାଇଥିଲେ ରାସ୍ତା ନିର୍ମାଣ କାମରେ ମଜୁରୀ ଲାଗିବା ପାଇଁ। ସେଠାରେ ଠିକାଦାରଙ୍କ ଅସ୍ଥାୟୀ କ୍ୟାମ୍ପରେ ରହୁଥିଲେ। ତେବେ ଗତ ୮ ତାରିଖ ମଧ୍ୟାହ୍ନ ସମୟରେ ସୀମା ରାସ୍ତା ନିର୍ମାଣ କାମ ସାରି ସେହି କ୍ୟାମ୍ପକୁ ଫେରିବା ପରେ ହଠାତ୍ ଅସୁସ୍ଥ ହୋଇଥିଲେ। ତାଙ୍କୁ ଅନ୍ୟ ସହଯୋଗୀ ଶ୍ରମିକମାନେ କମର୍ଦ୍ଦା ଡାକ୍ତରଖାନାକୁ ନେଉଥିବା ରାସ୍ତାରେ ତାଙ୍କର ପ୍ରାଣବାୟୁ ଉଡି ଯାଇଥିଲା। ହସ୍ପିଟାଲରେ ସୀମାଙ୍କୁ ମୃତ ଘୋଷଣା କରାଯାଇଥିଲେ ମଧ୍ୟ ଶବ ସତ୍କାର କରାଯାଇ ନଥିଲା। ସବୁଠାରୁ ଆଶ୍ଚର୍ଯ୍ୟର କଥା ସମ୍ପୃକ୍ତ ଠିକାଦାର ସୀମାଙ୍କ ଶବକୁ ତାଙ୍କ ସହ ରହୁଥିବା କୋମଳମତି ସାନ ପୁଅ ଓ ଅନ୍ୟ ଜଣେ ସହଯୋଗୀ ଶ୍ରମିକଙ୍କ ସହ ଏକ ଅଟୋରେ ଆରୁହା ପଠାଇ ଦେଇଥିଲେ। କିନ୍ତୁ ସମ୍ପୃକ୍ତ ଅଟୋ ଚାଳକ ଆରୁହା ନଯାଇ ଅଧା ରାସ୍ତା ନାମ୍ପୋ ଗାଁ ନିକଟରେ ସୀମାଙ୍କ ଶବକୁ ଓହ୍ଲାଇ ଦେଇଥଲେ। ସୀମାଙ୍କ ସାହି ଲୋକେ ଖବର ପାଇ ରାତିରେ ସୀମାଙ୍କ ଶବକୁ ଆରୁହା ଗାଁ ଯାଏଁ ୩ କିମି ରାସ୍ତା କାନ୍ଧରେ ବୋହି ନେଇଥିଲେ। ତହିଁ ପରଦିନ ସୀମାଙ୍କ ଶବକୁ ସତ୍କାର କରିଥିଲେ। ସୀମାଙ୍କ ମୃତ୍ୟୁ ପରେ ଆରୁହା ସ୍କୁଲରେ ପାଠ ପଢୁଥିବା ୧୨ ବର୍ଷର ବଡ଼ ପୁଅ ଅନୁପ ଓ ୮ ବର୍ଷର ସାନ ପୁଅ ସୋନୁ ଅନାଥ ହୋଇ ଯାଇଛନ୍ତି। ସେହିପରି ଏହି ଦୁଇ ଭାଇଙ୍କ ରହିବା ପାଇଁ ଏବେ ଘର ନଥିବାରୁ ଦୁଇଦିନ ହେଲା ସେମାନେ ସେହି ଗାଁରେ ତାଙ୍କର ଜଣେ ପିଉସୀଙ୍କ ଘରେ ରହୁଛନ୍ତି। ଅନ୍ୟପକ୍ଷରେ ମୃତ୍ୟୁ ପୂର୍ବରୁ ସୀମା ଟାଣ ଖରାରେ ରାସ୍ତାକାମ କରୁଥିବାରୁ ତାଙ୍କର ଅଂଶୁଘାତରେ ମୃତ୍ୟୁ ହୋଇଥାଇ ପାରେ ବୋଲି ତାଙ୍କ ନଣଦେଇ ତମ୍ପତା ସିଂ ପ୍ରକାଶ କରିଛନ୍ତି। କିନ୍ତୁ ଅଂଶୁଘାତ ମୃତ୍ୟୁ ପାଇଁ ସରକାର କ୍ଷତିପୂରଣ ବ୍ୟବସ୍ଥା କରିଥିଲେ ବି ସୀମାର ଶବ ବ୍ୟବଚ୍ଛେଦ ହୋଇ ନଥିବାରୁ ସେ ଏହି ସୁବିଧା ପାଇବାରୁ ବଞ୍ଚିତ ହେବେ ବୋଲି ଆରୁହା ସରପଞ୍ଚଙ୍କ ପ୍ରତିନିଧି ସାମ୍ବାଦିକ ମନୋଜ କୁମାର ଭୂୟାଁ ପ୍ରକାଶ କରିଛନ୍ତି।

## କୋଲୁହାପାଟଣାରୁ ମୟୂର ଉଦ୍ଧାର

ବେଗୁନିଆ (ଭାସ୍କର ନ୍ୟୁଜ୍) : ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହରେ ଜନଜୀବନ ଓ ପଶୁପକ୍ଷୀମାନେ ଅସ୍ତବ୍ୟସ୍ତ ହୋଇ ପଡୁଛନ୍ତି। ବେଗୁନିଆ ବ୍ଲକ ବଡ଼ବେରଣା ପଞ୍ଚାୟତ ଅନ୍ତର୍ଗତ କୋଲୁହା ପାଟଣା ଗ୍ରାମରେ ସୋମବାର ଦିନ ପୂର୍ବାହ୍ନରେ ଏକ ମୟୂର ପ୍ରଚଣ୍ଡ ରୌଦ୍ରତାପ ସହି ନପାରି ଜନବସତି



ଘର ଭିତରକୁ ପ୍ରବେଶ କରିଥିଲା। ଏହି ମୟୂରଟିକୁ ଧରି ଗ୍ରାମବାସୀ ସିମୋର ସ୍ଥିତ ବେଗୁନିଆ କାର୍ଯ୍ୟାଳୟର ବନପାଳ ପ୍ରିୟଦର୍ଶିନୀ ସେଠୀଙ୍କୁ ଯୋଗାଯୋଗ କରିଥିଲେ। ଖବର ପାଇ ବନପାଳ ଦୀପ୍ତିମୟୀ ପଣ୍ଡା ଓ ଦୁର୍ଗା ପ୍ରସାଦ ପଣ୍ଡା ପ୍ରମୁଖ ଗ୍ରାମରେ ପହଞ୍ଚି ମୟୂରଟିକୁ ନେଇ ଜୟମଙ୍ଗଳ ସଂରକ୍ଷିତ ଜଙ୍ଗଲରେ ଛାଡ଼ି ଦିଆଯାଇଛି ବୋଲି କହିଛନ୍ତି।

## ଚଣ୍ଡିଖୋଲରେ ବୁଦ୍ଧ ଜୟନ୍ତୀ ପାଳିତ



ଚଣ୍ଡିଖୋଲ (ଭାସ୍କର ନ୍ୟୁଜ୍): ଆଜିର ପବିତ୍ର ଦିନରେ ଭଗବାନ ବୁଦ୍ଧ ଧରାବତରଣ କରିଥିଲେ। ପିତା ଶୁଦ୍ଧୋଦନ ଓ ମାତା ମାୟାଦେବୀଙ୍କ ଏକମାତ୍ର ପୂଣ୍ୟକର୍ମା, ଯୋଗଜନ୍ମା ବରପୁତ୍ର ଭାବେ ଲୁମ୍ବିନୀ ରାଜଉଦ୍ୟାନରେ ମହାପବିତ୍ର ବୈଶାଖ ପୂର୍ଣ୍ଣିମା ଦିନ ଭଗବାନ ବୁଦ୍ଧ ଧରାବତରଣ କରିଥିଲେ। ସିଦ୍ଧାର୍ଥ ଗୌତମ ତଥା ପରମ କକ୍ଷ ରୁଣିକ ଭଗବାନ ତଥାଗତ ବୁଦ୍ଧ। ପରବର୍ତ୍ତୀ ସମୟରେ ନିଜର ପୁତ୍ର ପନ୍ନୀ ତ୍ୟାଗକରି ସତ୍ୟର ସନ୍ଧାନରେ ସଂସାର ତ୍ୟାଗ କରି ତପସ୍ୟାରେ ବସିଥିବା ସମୟରେ ବୁଦ୍ଧତ୍ୱ ପ୍ରାପ୍ତ ହୋଇ ବୌଦ୍ଧ ଧର୍ମର ପ୍ରଚାର ପ୍ରସାର କ୍ଷେତ୍ରରେ ଭାରତର ବିଭିନ୍ନ ସ୍ଥାନ ପରିଭ୍ରମଣ କରି ବୁଦ୍ଧମ୍ ଶରଣମ ଗଚ୍ଛାମୀ, ବୁଦ୍ଧମ୍ ସଂଘମ୍ ଗଚ୍ଛାମି ଧ୍ୱନୀରେ ସମଗ୍ର ଦେଶ ପ୍ରକମ୍ପିତ ହୋଇଥିଲା ବୋଲି ଚଣ୍ଡିଖୋଲ ଠାରେ ଆୟୋଜିତ ବୁଦ୍ଧ ଜୟନ୍ତୀରେ ବକ୍ତାମାନେ ମତପ୍ରକାଶ କରିଛନ୍ତି। ବୁଦ୍ଧ କମିଟିର ଆବାହକ ମହେଶ୍ୱର ବଳଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଚଣ୍ଡିଖୋଲ ଅସ୍ଥାୟୀ ବ୍ୟବସାୟୀ ସଙ୍ଘ ସମ୍ପାଦକ ସଞ୍ଜୟ କୁମାର ସ୍ୱାଇଁ, ସାମ୍ବାଦିକ ମନମୋହନ ରାଉତ, ରଞ୍ଜନ ବାରିକ, ବୈକୁଣ୍ଠ ସାହୁ, ଅରୁଣ କୁମାର ନାୟକ, ପ୍ରକାଶ ରାଉତ ପ୍ରମୁଖ ଯୋଗଦେଇ ବୁଦ୍ଧଙ୍କ ଜୀବନର ଅନେକ ତ୍ୟାଗ ତିତିକ୍ଷା ଉପରେ ଆଲୋଚନା କରିଥିଲେ। ଜୟନ୍ତ ନାଗବଂଶୀ ବୁଦ୍ଧବାଣୀ ଗାନ କରିଥିଲେ। ପ୍ରାରମ୍ଭରେ ଅତିଥିମାନେ ଚଣ୍ଡିଖୋଲ ଠାରେ ଥିବା ବୁଦ୍ଧଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟା ଅର୍ପଣ କରିଥିଲେ।

## ପୋଖରୀରୁ ଗଳିତ ମୃତଦେହ ଉଦ୍ଧାର

ପରଜଙ୍ଗ (ଭାସ୍କର ନ୍ୟୁଜ୍) : ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ତହସିଲର ସରାଙ୍ଗ ପଞ୍ଚାୟତ ଅନ୍ତର୍ଗତ ଜଟିଆ ଗ୍ରାମ ଚମ୍ପାନାଳି ପୋଖରୀରୁ ଅପରାହ୍ନ ସମୟରେ ଜନୈକ ଯୁବକଙ୍କ ଗଳିତ ମୃତଦେହ ଭାସୁଥିବା ଅବସ୍ଥାରେ ଉଦ୍ଧାର ହୋଇଛି। ଗ୍ରାମର ଲୋକମାନେ ଦେଖିବାକୁ ପାଇ ସଙ୍ଗେ ସଙ୍ଗେ ପରଜଙ୍ଗ ଅଗ୍ନିଶମ ବିଭାଗକୁ ଜଣାଇଥିଲା ବେଳେ, ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ପୋଖରୀରେ ଭାସୁଥିବା ଗଳିତ ମୃତଦେହକୁ ପାଣିରୁ ଉଠାଇ ଉପରକୁ ଆଣିଥିଲେ। ସୂଚନାରୁ ଜଣାଯାଏ ପରଜଙ୍ଗ ଥାନା ଅନ୍ତର୍ଗତ ସରାଙ୍ଗ ଫାଣ୍ଡି ଅଞ୍ଚଳ ସରାଙ୍ଗ ଗ୍ରାମରେ ରହୁଥିବା ମୁଣ୍ଡା ସଂପ୍ରଦାୟର ବାଙ୍ଗୁରୁ ମୁଣ୍ଡା ବୋଲି ଜଣାପଡିଛି। ବାଙ୍ଗୁରୁ ଏହି ପୋଖରୀକୁ ଅପରାହ୍ନ ସମୟରେ ଗାଧୋଇବାକୁ ଆସିଥିବା ବେଳେ ଗଭୀର ପାଣିରେ ବୁଡି ଯାଇ ମୃତ୍ୟୁବରଣ କରିଥିବା ଜଣାପଡିଛି। ଏ ସମ୍ବନ୍ଧରେ ପୋଲିସ ପହଞ୍ଚି ଅଧିକ ତଦନ୍ତ ଜାରି ରଖିଛି।

## କେନ୍ଦୁଝର ଜିଲ୍ଲାରେ ଏବେ ବି ରହିଛି ମାଟିପାତ୍ରର ଚାହିଦା



କେନ୍ଦୁଝର (ଭାସ୍କର ନ୍ୟୁଜ୍) : କେନ୍ଦୁଝର ଜିଲ୍ଲାରେ ମାଟିପାତ୍ରର ଚାହିଦା ଏବେ ବି ରହିଛି। ବିବାହ ବ୍ରତ, ପୂଜାପାଠ ସବୁଥିରେ ମାଟିପାତ୍ରର ଆବଶ୍ୟକତାକୁ ଆଖି ଆଗରେ ରଖି ମାଟିପାତ୍ର ବ୍ୟବସାୟୀମାନେ ଭଳିକି ଭଳି ପାତ୍ର ତିଆରି କରି ବଜାରରେ ବିକ୍ରୟ କରି ପରିବାର ପ୍ରତିପୋଷଣ କରୁଛନ୍ତି। ଆବଶ୍ୟକ ପ୍ରୋତ୍ସାହନ ଅଭାବରୁ ପୂର୍ବାପେକ୍ଷା ମାଟିପାତ୍ର ତିଆରି ସଂଖ୍ୟା କମିଥିଲେ ମଧ୍ୟ ଏହାର ଆଦର କମି ନାହିଁ। ଖରାଦିନେ ଥଣ୍ଡା ପାନୀୟ ପାଇଁ ସୁରେଇ ହେଉ କିମ୍ବା ଫୁଲକୁଣ୍ଡ ହେଉ ଅବା ହାଣ୍ଡିମାଠିଆ, କଳସି, ବଢା, ପଲମ, ଦୀପାଳି, ସରା, ବଇଠା ହେଉ ଖୋଜା ପଡିଥାଏ ମାଟିପାତ୍ରର। କେନ୍ଦୁଝର ଜିଲ୍ଲାର ପାରମ୍ପାରିକ କୁମ୍ଭକାରମାନେ ଏହି ବ୍ୟବସାୟ କରି ପରିବାର ପ୍ରତିପୋଷଣ କରିଥାନ୍ତି। ଜାଳେଣି କାଠର ଅଭାବ ଏବଂ ଚିକିଟା ମାଟି ସଂଗ୍ରହ କ୍ଷେତ୍ରରେ ସମସ୍ୟା କାରଣରୁ ମାଟିପାତ୍ର ତିଆରି ବ୍ୟୟବହୁଳ ହୋଇଥିଲେ ମଧ୍ୟ ନିଜ କୌଳିକ ବୃତ୍ତିକୁ ଛାଡିନାହାନ୍ତି କୁମ୍ଭକାରମାନେ। ଗାଁ ଗହଳି,ହାଟ ବଜାର ସବୁଠି ପାରମ୍ପାରିକ ମାଟିପାତ୍ରର ଆଦର ସେମାନଙ୍କୁ ତାଙ୍କର କୌଳିକ ବୃତ୍ତିକୁ ଆପଣେଇବା ପାଇଁ ବାଧ୍ୟ କରିଛି। କେନ୍ଦୁଝର ଜିଲ୍ଲାରେ ବସବାସ କରୁଥିବା କୁମ୍ଭକାର ପରିବାର ଏହି ବୃତ୍ତି ଉପରେ ନିର୍ଭରଶୀଳ ହୋଇ ଚଳି ଆସୁଛନ୍ତି। ପୂଜାପାଠ, ପର୍ବପର୍ବାଣୀ ସମୟରେ ମାଟିପାତ୍ରର ଆବଶ୍ୟକତାକୁ ଆଖି ଆଗରେ ରଖି ବ୍ୟବସାୟୀମାନେ ମଧ୍ୟ କୁମ୍ଭକାରମାନଙ୍କ ଠାରୁ ମାଟିପାତ୍ର କିଣି ବ୍ୟବସାୟ କରି ଭଲ ଦି’ପଇସା ରୋଜଗାର କରୁଛନ୍ତି। ବିବାହ, ଯଜ୍ଞ, ଶୁଦ୍ଧିକ୍ରିୟା ସମୟରେ ପାରମ୍ପାରିକ ମାଟିପାତ୍ରର ଆବଶ୍ୟକତା ରହିଛି। ଏଥିସହ ଗ୍ରୀଷ୍ମଋତୁରେ ଜିଲ୍ଲାର ବିଭିନ୍ନ ସ୍ଥାନରେ ଜଳଛତ୍ର ପାଇଁ ମାଟି ହାଣ୍ଡିର ଚାହିଦା ରହିଥିବାବେଳେ ଗାଁ ଗହଳିରେ ରୋଷେଇ ପାଇଁ ମଧ୍ୟ ମାଟି ହାଣ୍ଡି ଖୋଜା ପଡିଥାଏ। କେବଳ ଏତିକି ନୁହେଁ ପାରମ୍ପାରିକ ପୂଜାବିଧି ସମୟରେ ମଧ୍ୟ ମାଟିହାଣ୍ଡିର ଆବଶ୍ୟକତା ଯଥେଷ୍ଟ ରହିଥାଏ। ଗ୍ରୀଷ୍ମଋତୁରେ ମାଟି କଳସିରେ ପିଇବା ପାଣି ରଖି ବ୍ୟବହାର କରାଯାଇଥାଏ। ବର୍ତ୍ତମାନ ଆଧୁନିକ ଯୁଗରେ ସମସ୍ତ ଲୋକ ପ୍ରାୟ ଫୁଲ ବଗିଚା ପାଇଁ ଆଗ୍ରହୀ। ଏଥିପାଇଁ ବ୍ୟବହାର ହେଉଥିବା ଫୁଲକୁଣ୍ଡଗୁଡିକ ପ୍ରାୟତଃ ମାଟିରେ ତିଆରି। କୁମ୍ଭକାରମାନେ ଫୁଲକୁଣ୍ଡର ଭଲ ବ୍ୟବସାୟ ହୋଇଥାଏ ବୋଲି କୁହନ୍ତି। ଗ୍ରାମାଞ୍ଚଳ ଅପେକ୍ଷା ସହରାଞ୍ଚଳରେ ଫୁଲକୁଣ୍ଡର ଚାହିଦା ଅଧିକ ରହିଥାଏ। ଦୀପାଳି ଓ ସରାଗୁଡିକ ବିଭିନ୍ନ ପୂଜାପାଠ ସମୟରେ ଅଧିକମାତ୍ରାରେ ବ୍ୟବହାର ହେଉଥିବା କାରଣରୁ କୁମ୍ଭକାରମାନେ କେତେକ ହାଟବଜାରରେ ଏହା ବିକ୍ରୟ କରି ଭଲ ଦି ପଇସା ରୋଜଗାର କରିଥାନ୍ତି। ପ୍ରଶାସନ ତରଫରୁ ଆବଶ୍ୟକୀୟ ପ୍ରୋତ୍ସାହନ ଯୋଗାଇ ଦେଲେ ଏହି ବୃତ୍ତି ଉପରେ ନିର୍ଭର କରି ଚଳୁଥିବା ଲୋକଙ୍କର ଆର୍ଥିକ ପ୍ରଗତି ହେବା ସହ ପାରମ୍ପାରିକ ମାଟିପାତ୍ରର ଆବଶ୍ୟକତାକୁ ମେଣ୍ଟାଇବାରେ ସେମାନେ ସହାୟକ ହୋଇପାରନ୍ତେ ଏଥିରେ ଦ୍ୱିମତ ହେବାର ନାହିଁ।

### ଦୁଷ୍କର୍ମ ପରେ ଏସିଡ୍ ପକାଇ ପୋଡ଼ିଦେବା ଘଟଣା


## ସୁଭଦ୍ରାଙ୍କୁ ତୁରନ୍ତ ନ୍ୟାୟ ଓ ଦୋଷୀଙ୍କୁ ଫାଶୀଦଣ୍ଡ ଦିଆଯାଉ



ତାଳଚେର (ଭାସ୍କର ନ୍ୟୁଜ୍) : ବହୁ ଚର୍ଚ୍ଚିତ ତଥା ତାଳଚେର ଲୋଧାଝରି ଗ୍ରାମର ଝିଅ ଭଉଣୀ ସୁଭଦ୍ରାଙ୍କୁ ଲୋମହର୍ଷଣ ଭାବେ ଦୁଷ୍କର୍ମ ପରେ ବିଭତ୍ସ ହତ୍ୟାକାଣ୍ଡ ଓ ଏସିଡ୍ ପକାଇ ଜାଳିପୋଡ଼ି ଦେବା ଭଳି ଘଟଣା ଘଟାଇ ଅଭିଯୁକ୍ତ ମାନେ ଏଯାବତ୍ ଧରା ନପଡ଼ିବା ସାରା ରାଜ୍ୟବାସୀଙ୍କୁ ଚକିତ କରିଛି। ତେବେ ଇତିମଧ୍ୟରେ ୧୫ଦିନରୁ ଊର୍ଦ୍ଧ୍ୱ ସମୟ ବିତିଯାଇଥିବା ବେଳେ ଦୋଷୀ ମାନେ ଧରା ନପଡ଼ିବା ପୋଲିସ ପ୍ରଶାସନର କାର୍ଯ୍ୟଦକ୍ଷତା ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରୁଛି। ଏହି ପରିପେକ୍ଷୀରେ ଆଜି ପରମ ଜ୍ୟୋତି ଟ୍ରଷ୍ଟ ତଥା ଓମେନେ ୱେଲଫେୟର ଆସୋସିଏସନ୍ ପକ୍ଷରୁ ସଭାନେତ୍ରୀ ଜିଲ୍ଲା ପରିଷଦ ସଦସ୍ୟା ସୁଶ୍ରୀ ରିତା ରାଣୀ ଦାସଙ୍କ ନେତୃତ୍ୱରେ ଶତାଧିକ ମହିଳା ଆଜି ସ୍ଥାନୀୟ ଏସଡିପିଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବା ସହିତ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ତୁରନ୍ତ ଦୋଷୀଙ୍କୁ ଗିରଫ କରିବା ସହିତ ଭଉଣୀ ସୁଭଦ୍ରାଙ୍କ ପ୍ରତି ଏହି ନାରକୀୟ କାଣ୍ଡ ଭିଆଇଥିବା ସମସ୍ତ ଦୋଷୀଙ୍କୁ ଫାଶୀ ଦଣ୍ଡ ଦେବା ନିମନ୍ତେ ଧାରଣାରତ ବିକ୍ଷୋଭକାରୀମାନେ ଦାବି କରିଥିଲେ। ଏହି ଧାରଣାରେ ବିଭିନ୍ନ ଅନୁଷ୍ଠାନ ସହିତ ଜଡିତ ଥିବା ପୂର୍ବତନ ସାଂସଦ ତଥା ରାଜ୍ୟ ବିଜେଡ଼ି ଏସ୍‌ସି ସେଲ୍‌ର ଆବାହକ ମହେଶ ସାହୁ ତାଙ୍କ ସମର୍ଥକଙ୍କ ସହିତ ଧାରଣାରେ ସାମିଲ ହୋଇ ସୁଭଦ୍ରା ପାଡ଼ିନୀ ଭଉଣୀ ସହିତ ଦେଉଳବେଡ଼ାର ଦଳିତ ଯୁବକ ବିଶ୍ୱଜିତ ନାଏକଙ୍କ ହତ୍ୟାକାରୀଙ୍କୁ ଶୀଘ୍ର ଗିରଫ କରିବା ସହିତ ତାଳଚେର ବିଭିନ୍ନ କାରଣ ପାଇଁ ସାରା ଦେଶରେ ଗର୍ବିତ ହେଉଥିବା ବେଳେ ଆଜି ଏହି ସଙ୍ଗୀନ ଓ ବିଭତ୍ସ ହତ୍ୟାକାଣ୍ଡ ପାଇଁ ସମପରିମାଣରେ ତାଳଚେରକୁ ନିନ୍ଦିତ କରିଛି। ଏଥିପାଇଁ ଯେଉଁମାନେ ଦାୟୀ ତାଙ୍କ ପ୍ରତି ମଧ୍ୟ କୋଠର ଦଣ୍ଡ ବିଧାନ ହେବା ଦରକାର ବୋଲି କହିବା ସହ ତାଳଚେରରେ ଦେଖା ଦେଇଥିବା ଆଇନ ଶୃଙ୍ଖଳା ପରିସ୍ଥିତିକୁ ନିୟନ୍ତ୍ରଣ କରିବା ପାଇଁ ବିହିତ ପଦକ୍ଷେପ ନେବା ଜରୁରି ବୋଲି ଧାରଣା ଦେବା ଅବସରରେ ଶ୍ରୀ ସାହୁ ପ୍ରକାଶ କରିଥିଲେ। ଏଥିସହିତ ଏକ ଦାବିପତ୍ର ଅନୁଗୋଳ ଏସ୍‌ପିଙ୍କ ଉଦ୍ଦେଶ୍ୟରେ ତାଳଚେର ଉପଖଣ୍ଡ ଆରୋକ୍ଷୀ ଅଧିକ୍ଷକ (ଏସ୍‌ଡିପିଓ)ଙ୍କୁ ପ୍ରଦାନ କରାଯାଇଥିଲା। ଏହି ଧାରଣାରେ ଶତାଧିକ ମହିଳା ବିଭନ୍ନ ଅନୁଷ୍ଠାନର କର୍ମକର୍ତ୍ତା ଓ ସଦସ୍ୟମାନେ ସାମିଲ ଥିଲେ। ଦୋଷୀ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଗଲେ ଆଗକୁ ବଡ଼ଧରଣର ଆନ୍ଦୋଳନ କରାଯିବ ବୋଲି ଧାରଣାକାରୀମାନେ ଚେତାବନୀ ଦେଇଥିବା ଜଣାପଡ଼ିଛି।

## ରାଶିଫଳ

**ମଙ୍ଗଳବାର, ୧୩ ମଇ ୨୦୨୫**



**ମେଷ:** ଆଜି ଶତ୍ରୁମାନଙ୍କ ପ୍ରତି ସାବଧାନ ରୁହନ୍ତୁ। କୌଣସି ବିଚାରାଧୀନ କାର୍ଯ୍ୟ ଉପରେ ଅଧିକ ଚାପ ନିଅନ୍ତୁ ନାହିଁ, ଏହା ସମାପ୍ତ ହେବ। ଛାତ୍ରମାନଙ୍କୁ ଆଜି ଅଧିକ ପରିଶ୍ରମ କରିବାକୁ ପଡିବ। କାରବାର ସମୟରେ ସତର୍କ ରହିବାକୁ ପଡିବ। ଗାଡି ଚଳାଇବା ସମୟରେ ସତର୍କତା ବ୍ୟବହାର କରନ୍ତୁ।




**ବୃଷ:** ଆୟ ବୃଦ୍ଧି ପାଇବ। ଛାତ୍ରମାନେ ଅତୁଳନୀୟ ସଫଳତା ପାଇବେ। ପରିବାର ସଦସ୍ୟମାନେ ସହାୟତା ପାଇବେ। ବ୍ୟବସାୟ ପାଇଁ ଭଲ ସମୟ। ଆଜି ସ୍ୱାସ୍ଥ୍ୟ ଭଲ ରହିବ। ରିସ୍କ ଏବଂ ଚାପ ନିଅନ୍ତୁ ନାହିଁ।



**ମିଥୁନ:** ସମୟ ଆପଣଙ୍କ ପାଇଁ ଅନୁକୂଳ ଅଟେ। ଆର୍ଥିକ ବିନିଯୋଗ ବିଷୟରେ ଚିନ୍ତା କରିପାରନ୍ତି। ସମାଜରେ ମାନବିକ ସମ୍ମାନ ବୃଦ୍ଧି ପାଇବ। ଅଜ୍ଞାତ ଲୋକଙ୍କ ଠାରୁ ସାବଧାନ ରୁହନ୍ତୁ। ବ୍ୟବସାୟୀମାନେ ଉପକୃତ ହେବେ। ଛାତ୍ରମାନଙ୍କର ଭଲ ଦିନ ଅଛି।



**କର୍କଟ:** ଆଜି ଆପଣଙ୍କର କାମ ଚାପ ରହିବ। ଆପଣ ସକାରାତ୍ମକ ହେବେ। ଆୟ ବୃଦ୍ଧି ପାଇବ। ଆର୍ଥିକ ପରିସ୍ଥିତି ମଜବୁତ ରହିବ। କାର୍ଯ୍ୟାଳୟର ପରିବେଶ ଅନୁକୂଳ ହେବ। ଆପଣ ନିଜ ସାଥୀଙ୍କ ସହିତ ବୁଲିବାକୁ ଯାଇପାରିବେ।




**ସିଂହ:** ଆଜି ଆପଣ ଏକ ନୂତନ କାର୍ଯ୍ୟ ଆରମ୍ଭ କରିବେ। ଆର୍ଥିକ ପରିସ୍ଥିତି ଭଲ ହେବ। ସାମାଜିକ ଏବଂ ପାରିବାରିକ ଜୀବନ ଭଲ ହେବ। ବୃଦ୍ଧମାନଙ୍କ ସ୍ୱାସ୍ଥ୍ୟର ଯତ୍ନ ନିଅନ୍ତୁ। ଆଜି ଯୁବକମାନେ ଉପକୃତ ହେବାର ସମ୍ଭାବନା ରହିଛି।




**କନ୍ୟା:** ଆଜି ଘରୋଇ ଦାୟିତ୍ୱ ବୃଦ୍ଧି ପାଇବ। ଏହା ଅନାବଶ୍ୟକ ଖର୍ଚ୍ଚ ହୋଇପାରେ। ଛାତ୍ରମାନେ କଠିନ ପରିଶ୍ରମ କରିବା ଆବଶ୍ୟକ ରହିଛି। ଜଣେ ସମ୍ପର୍କୀୟଙ୍କଠାରୁ ରିଅଲ୍ ଇଷ୍ଟେଟ୍ ସମ୍ବନ୍ଧରେ ଟେନସନ ହୋଇପାରେ। ସ୍ୱାସ୍ଥ୍ୟ ଭଲ ରହିବ। ରୁଟିନ୍ ପରିବର୍ତ୍ତନ କରିପାରିବେ। ବିନିଯୋଗ କରିବା ସମୟରେ ସତର୍କତା ଅବଲମ୍ବନ କରନ୍ତୁ।



**ତୁଳା:** ଆପଣଙ୍କର କାର୍ଯ୍ୟଗୁଡ଼ିକ ଭଲ ଭାବରେ ସମାପ୍ତ ହେବ। ଆପଣ କାମ ଭଲ କରିବେ। ଅଫିସରେ ଅଧିକାରୀଙ୍କ ସହିତ ବିବାଦ ହୋଇପାରେ। ଯୁବକମାନେ ସଫଳତା ପାଇବେ। ଆପଣ ଋଣ ରାଶି ଫେରସ୍ତ କରିବାକୁ ସମର୍ଥ ହେବେ ନାହିଁ।



**ବିଛା:** ଆଜି ଆପଣଙ୍କ ପାଇଁ ଏକ ଭଲ ଦିନ ହେବ। ଧନ ଲାଭ ପାଇଁ ସୁଯୋଗ ଆସିବ। ଚାକିରିରେ ସ୍ଥାନାନ୍ତର ଏବଂ ପଦୋନ୍ନତି ମିଳିବ। ସମସ୍ତ ଦାୟିତ୍ୱ ସହଜରେ ପୂରଣ କରିବାକୁ ସକ୍ଷମ ହେବେ। ନୂଆ କାମ ଦ୍ୱାରା ଉପକୃତ ହେବେ। ମଧୁରତା ଆପଣଙ୍କ ସାଥୀଙ୍କ ସହିତ ରହିବ। ବୃଥା ବିବାଦ ଧରନ୍ତୁ ନାହିଁ। ଅସୁବିଧାରେ ପଡିପାରନ୍ତି।




**ଧନୁ:** ଆଜି କୌଣସି କାର୍ଯ୍ୟ ସମାପ୍ତ କରିବାରେ ଅଳସୁଆ ହୁଅନ୍ତୁ ନାହିଁ। ସ୍ୱାସ୍ଥ୍ୟ ସମସ୍ୟା ହୋଇପାରେ। ଶତ୍ରୁମାନଙ୍କଠାରୁ ସାବଧାନ ରୁହ। ବ୍ୟବସାୟ ସ୍ୱାଭାବିକ ହେବ। ଭଗବାନଙ୍କୁ ଉପାସନା କର। ଆତ୍ମବିଶ୍ୱାସ ଏବଂ ସକାରାତ୍ମକତା ବଜାୟ ରଖ। ପ୍ରଗତି ପାଇଁ ଆପଣ ନୂତନ ସୁଯୋଗ ପାଇବେ।



**ମକର:** ଆଜି ଆପଣଙ୍କ ପାଇଁ ଏକ ଭଲ ଦିନ ହେବ। ଭଲ ଖବର ଗ୍ରହଣ କରିବେ। ଏକ ଯାନ କିମ୍ବା ଜମି କିଣିବାକୁ ବିଚାର କରିପାରନ୍ତି। ଆଜି ଅଟକି ରହିଥିବା କାମ ଶେଷ ହେବ। ଅବିବାହିତଙ୍କ ପାଇଁ ସମ୍ପର୍କ ବିଷୟରେ ଆଲୋଚନା ଆଗକୁ ବଢିବ। ଅଯଥା ବିପଦରେ ପଶନ୍ତୁ ନାହିଁ। ପାଦ ଯନ୍ତ୍ରଣା ଦ୍ୱାରା ଅସୁବିଧାରେ ପଡିପାରନ୍ତି। ଆପଣଙ୍କର ବ୍ୟବସାୟ ଭଲ କରିବ।



**କୁମ୍ଭ:** ଛାତ୍ରମାନେ ଅଧ୍ୟୟନରେ ଆଗ୍ରହୀ ହେବେ। ଜଣେ ବନ୍ଧୁ କିମ୍ବା ଘନିଷ୍ଠ ସମ୍ପର୍କୀୟଙ୍କୁ ଭେଟିପାରନ୍ତି। ଆଜି ଏକ ସାଧାରଣ ଦିନ ହେବ। ସ୍ଥଗିତ କାର୍ଯ୍ୟ ସମାପ୍ତ ହେବ। ଆଜି କିଛି ନୂଆ କାମ କରିପାରିବେ। ପରିବାର ସଦସ୍ୟମାନେ ସହାୟତା ପାଇବେ। ଦାମ୍ପତ୍ୟ ଜୀବନରେ ମଧୁରତା ରହିବ।



**ମୀନ:** ଆଜି ଦିନଟି ଆପଣଙ୍କ ପାଇଁ ଭଲ ରହିବ। ଧାର୍ମିକ କାର୍ଯ୍ୟରେ ଅଂଶଗ୍ରହଣ କରିବେ। ଜୀବନ ସାଥୀ ସମର୍ଥନ ପାଇବେ। ନିଯୁକ୍ତ ଲୋକଙ୍କ ପଦୋନ୍ନତି ବାଧାପ୍ରାପ୍ତ ହୋଇପାରେ। ନୂତନ କାର୍ଯ୍ୟରେ ଆଗ୍ରହୀ ହୋଇପାରନ୍ତି। ଭଲ ରୋଜଗାର ରହିବ। ସ୍ୱାସ୍ଥ୍ୟର ଯତ୍ନ ନିଅନ୍ତୁ।



ଜ୍ୟୋତିର୍ବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯

ଓଡ଼ିଶା ଭାସ୍କର
ODISHA BHASKAR




ବଲାଙ୍ଗୀର (ଭାସ୍କର ନ୍ୟୁଜ୍): ବଲାଙ୍ଗୀର ଜିଲ୍ଲା ୮୪ ଘର ଅଘରିଆ ସମାଜ ଟ୍ରଷ୍ଟ ତରଫରୁ ବଲାଙ୍ଗୀର ଜିଲ୍ଲା କାରାଗାର ଅନ୍ତେବାସୀଙ୍କ ମନରେ ସଂସ୍କାର ସହ ସାହିତ୍ୟ ଭାବ ଜାଗ୍ରତ କରିବା ଉଦ୍ଦେଶ୍ୟରେ ଜେଲ ସୁପରିଣ୍ଟେଣ୍ଡେଣ୍ଟ ସର୍ବେଶ୍ୱର ସାହୁଙ୍କୁ ୩୧୪ ଖଣ୍ଡ ଲାଇବ୍ରେରୀ ବହି ପ୍ରଦାନ କରାଯାଇ ଏକ ନିଆରା ଲାଇବ୍ରେରୀ ସୃଷ୍ଟି କରିଛି ଅଘରିଆ ସମାଜ। ୨ଟି ବଡ଼ କୁଲର ପ୍ରଦାନ ପରେ ଟ୍ରଷ୍ଟର ଏହା ଦ୍ୱିତୀୟ କାର୍ଯ୍ୟକ୍ରମ । ଅନ୍ତେବାସୀ ଚାରିକାନ୍ଥ ଭିତରେ ସୀମିତ ନରହି ସମୟ ସମୟରେ ଗୀତା, ଭାଗବତ, ପୁରାଣ ସହ ବିଭିନ୍ନ କବିମାନଙ୍କ ସାହିତ୍ୟ କୃତୀ ସହ ଯୋଡ଼ିହୋଇ ସଂସ୍କାରୀ ହେବେ ବୋଲି ଆଶା ରଖି ଏହି ପ୍ରୟାସ ରଖିଛନ୍ତି ସଭାପତି ଶୁଭାଂଶୁ ଶେଖର ପଟେଲ । କବି ଜଗବନ୍ଧୁଙ୍କ ସ୍ୱଲିଖିତ ପୁସ୍ତକ ସହ କୃଷି ଓ କୃଷକ ପୁସ୍ତକ ପ୍ରଦାନ ସହ ପୁସ୍ତକ କମିଟି ସହ ସମ୍ପାଦକ ଭକ୍ତଚରଣ ନାଏକ ମହାଭାରତ ଓ ଅନ୍ୟାନ୍ୟ ପୁସ୍ତକ ପ୍ରଦାନ କରିଥିଲେ । ସାଧାରଣ ସମ୍ପାଦକ ଦିଗମ୍ବର ନାଏକ ମହାପୁରୁଷଙ୍କ ଜୀବନୀ ସମ୍ବନ୍ଧୀୟ କେତେକ ପୁସ୍ତକ ସଂଗ୍ରହ କରି ପ୍ରଦାନ କରିଥିଲେ । ବରିଷ୍ଠ ଉପଦେଷ୍ଟା ଦ୍ୱାରିକା ନାଥ ପଟେଲ ରାଜକୁମାର ପଟେଲ, ପୁସ୍ତକ କମିଟି ମୁଖ୍ୟ ସମ୍ପାଦକ ସନ୍ତୋଷ କୁମାର ରାଉତ, ଯୁବ ସମାଜସେବୀ ବିବେକାନନ୍ଦ ପଟେଲ କାର୍ଯ୍ୟକ୍ରମରେ ସହଯୋଗର ହାତ ବଢ଼ାଇ ସମାଜର ଏତାଦୃଶ କାର୍ଯ୍ୟକୁ ଭୂୟସୀ ପ୍ରଶଂସା କରିଥିଲେ ।



# ନୃସିଂହ ଚତୁର୍ଦ୍ଦଶୀ ଓ ବୈଶାଖୀ ମେଳା



## ପାହାଡ଼ କନ୍ଦରେ ସ୍ୱତନ୍ତ୍ର ନୀତିକାନ୍ତି

ଖପ୍ରାଖୋଲ(ଭାସ୍କର ନ୍ୟୁଜ୍): ବଲାଙ୍ଗୀର ଜିଲ୍ଲା ଖପ୍ରାଖୋଲ ବ୍ଲକ୍ ର ପ୍ରମୁଖ ପୁଣ୍ୟ କ୍ଷେତ୍ର ତଥା ପର୍ଯ୍ୟଟନ କେନ୍ଦ୍ର ସ୍ଥଳୀ ହରିଶଙ୍କର ଠାରେ ନୃସିଂହ ଚତୁର୍ଦ୍ଦଶୀ ବୈଶାଖୀ ମେଳା ତଥା ହରିଶଙ୍କର ମହୋତ୍ସବର ଚତୁର୍ଥ ଦିନରେ ପ୍ରବଳ ଜନସମାଗମ ହୋଇଥିଲା । ହଜାର ହଜାର ଶ୍ରଦ୍ଧାଳୁ ଗନ୍ଧମାର୍ଦ୍ଦନ ପାହାଡ଼ ଚଢ଼ି ନୃସିଂହନାଥ ଯାଉଥିବା ବେଳେ ସେଥିରୁ ମଧ୍ୟ ହଜାର ହଜାର ଶ୍ରଦ୍ଧାଳୁ ମହିଳା ପୁରୁଷ, ବୃଦ୍ଧା ବୃଦ୍ଧ, ଯୁବକଙ୍କ ଭିଡ଼ ଦେଖାଯିବା ସହିତ ଲୋକାରଣ୍ୟ ହୋଇଥିଲା । ଏହି ଅବସରରେ ହରିଶଙ୍କର ମନ୍ଦିରର ପୂଜକ ମାନେ ପୂର୍ବରୁ ପାହାଡ଼ ଉପରୁ ସଂଗ୍ରହୀତ ପିଠା କନ୍ଦ ବା ପିଠ କନ୍ଦ ହରିଶଙ୍କର ଠାକୁରଙ୍କ ଠାରେ ସଂଧ୍ୟାରେ ଭୋଗ ଲାଗି ସ୍ୱତନ୍ତ୍ର ନୀତି ସହ ପ୍ରଦାନ କରାଯାଇଥିଲା । ଶହଶହ ବର୍ଷ ଧରି ଏହି ଭୋଗ ଲାଗି ପରମ୍ପରା ଲାଗିରହିଛି । ସଂଧ୍ୟାରେ ଚତୁର୍ଥ ଦିନର ମହୋତ୍ସବ ମଞ୍ଚ ଉଦଘାଟନ ଅନୁଷ୍ଠିତ ହୋଇଥିବା ବେଳେ ପାଟଣାଗଡ ଉପଜିଲ୍ଲାପାଳ ତଥା ଦେବୋତ୍ତର କାର୍ଯ୍ୟନିର୍ବାହୀ ଅଧିକାରୀ ସୁନୀଲ କୁମାର ମେହେର ଅଧ୍ୟକ୍ଷତା କରିଥିବା ବେଳେ ମୁଖ୍ୟ ଅତିଥି ରୂପେ ରାଜ୍ୟସଭା ସାଂସଦ ନିରଞ୍ଜନ ବିଶି, ସମ୍ମାନିତ ଅତିଥି ରୂପେ ବଲାଙ୍ଗୀର ବିଧାୟକ କଳିକେଶ ନାରାୟଣ ସିଂଦେଓ, ପାଟଣାଗଡ ବିଡ଼ିଓ ଏବଂ ସି କାର୍ଯ୍ୟନିର୍ବାହୀ ଅଧିକାରୀ ନାରାୟଣ ଦଣ୍ଡସେନା, ପାଟଣାଗଡ ବିଡ଼ିଓ ସୁମନ କୁମାର ମିଞ୍ଜ,ତହସିଲଦାର ରୁଦ୍ର ମୋହନ ନାଏକ, ଖପ୍ରାଖୋଲ ତହସିଲଦାର ଆଦିତ୍ୟ ପ୍ରସାଦ ମିଶ୍ର ଯୋଗଦେଇ ଗନ୍ଧମାର୍ଦ୍ଦନ ପାହାଡ଼, ହରିଶଙ୍କର ମନ୍ଦିରର ଇତିହାସ, ପୌରାଣିକ କଥାବସ୍ତୁ, ଲୋକକଥା ଉପରେ ଆଲୋକପାତ କରିବା ସହିତ ମନ୍ଦିରର ଉନ୍ନତି ଉପରେ କହିଥିଲେ।କାର୍ଯ୍ୟକ୍ରମକୁ ଦେବୋତ୍ତର କମିଟି ସଦସ୍ୟ ଡ ଅଭୟ ତ୍ରିପାଠୀ ପରିଚାଳନା କରିଥିବା ବେଳେ ମନ୍ଦିର ପରିଚାଳକ ଗୁପ୍ତେଶ୍ୱର କୁଅଁର ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ପ୍ରଥମ ମଞ୍ଚରେ ମା' ଭୁଇଁ ରାଣୀ କଳାମନ୍ଦିର, ଭୁବନେଶ୍ୱର ର କଳାକାର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିବା ବେଳେ ତମିଆଁ ଗାଁ ର ରାମଲୀଳା ମଞ୍ଚସ୍ଥ ହୋଇଥିଲା । ସେହିପରି ନିତା ନୃତ୍ୟାଙ୍ଗନା, ଢେଙ୍କାନାଳ ର ସାମ୍ବାଳୀ ନୃତ୍ୟ, ପ୍ରତିଭା କଳାହାଣ୍ଡି ର ସିଂହାରୀ ନୃତ୍ୟ, ବରଗଡ଼ଯାତ୍ରୀ ମୟୂରଭଞ୍ଜ ର ଛଉ ନୃତ୍ୟ,କୃଷ୍ଣପ୍ରିୟା କଲାପରିଷଦ, ଦୁଷ୍ମରା ସାନ ବଡ଼ ଦଳର ଘୁଡୁକା ନାଚ ଓ ସତିଘାଟର ଧରିତ୍ରୀ ଦଣ୍ଡ ନୃତ୍ୟ ପରିବେଷିତ ହୋଇଥିଲା ।

# ଦୁର୍ଦ୍ଦିନରେ ହୀରାକୁଦର ବିସ୍ଥାପିତ

## ସରକାରୀ ସହାୟତା ମାତ୍ର ପାଞ୍ଚ କିଲୋ ଚାଉଳ ଓ ଭତ୍ତା, ପିଲାମାନେ ମାଡ଼ିନାହାନ୍ତି ସ୍କୁଲ



ବୌଦ୍ଧ(ଭାସ୍କର ନ୍ୟୁଜ୍): ହୀରାକୁଦ ନଦୀବନ୍ଧ ପ୍ରତିଷ୍ଠା ହେବାର ଦୀର୍ଘ ବର୍ଷ ବିତିଯାଇଥିଲେ ହେଁ ବିସ୍ଥାପିତଙ୍କ ଆଖିରୁ ଏବେବି ଝରୁଛି ଲୁହ । ବିସ୍ଥାପିତ ଅତିଦୁଃଖ କଷ୍ଟରେ ଦିନ କାଟୁଛନ୍ତି । ସେମାନଙ୍କ ସମସ୍ୟା ନା ସରକାର ବୁଝୁଛନ୍ତି ନା ପ୍ରଶାସନର ଆନ୍ତରିକତା ରହିଛି । ହୀରାକୁଦ ନଦୀବନ୍ଧ ନିର୍ମାଣ ହେଲାପରେ ବହୁ ଛୋଟ ବଡଗ୍ରାମ ଜଳମଗ୍ନ ହୋଇପଡିଥିଲା । ଲୋକେ ରାତାରାତି ଭିଟାମାଟି ଛାଡି ଚାଲିଯାଇଥିଲେ । ବହୁ ପରିବାର ସେମାନଙ୍କ ଆତ୍ମୀୟ ପରିଜନଙ୍କୁ ହରାଇଛନ୍ତି । ହୀରାକୁଦ ନଦୀବନ୍ଧ ନିର୍ମାଣ ହେବା ଫଳରେ ବହୁ ପରିବାର ବାସହରା ହୋଇ କାମଧନ୍ଦା ପାଇଁ ରାଜ୍ୟ ବାହାରକୁ ଚାଲିଯାଇଥିବା ବେଳେ ବହୁ ପରିବାର ରାଜ୍ୟର ବିଭିନ୍ନ ଜିଲ୍ଲାରେ ଅତି ଦୁଃଖ କଷ୍ଟରେ ଜୀବନ କାଳତିପାତ କରୁଥିବାର ନଜରକୁ ଆସିଛି । ଏହିପରି ବୌଦ୍ଧଜିଲ୍ଲାରେ ମଧ୍ୟ ଅତି ଦୁଃଖକଷ୍ଟରେ ଦୁର୍ଦ୍ଦିନରେ କିଛି ହୀରାକୁଦ ବିସ୍ଥାପିତ ରହିଥିବାର ଜଣାପଡିଛି । ଏହି ବିସ୍ଥାପିତମାନେ ସମ୍ବଲପୁର ଜିଲ୍ଲା ରେମୁଣ୍ଡା ଗ୍ରାମର ବାସିନ୍ଦା ବୋଲି କାଳିଆ ବେହେରା ପ୍ରକାଶ କରିଛନ୍ତି । ବିସ୍ଥାପିତଙ୍କ ଠାରୁ ପ୍ରକାଶଯେ, ହୀରାକୁଦ ନଦୀବନ୍ଧ ନିର୍ମାଣ ଯୋଗୁଁ ରେମୁଣ୍ଡା ଗ୍ରାମ ସଂପୂର୍ଣ୍ଣ ଜଳମଗ୍ନ ହୋଇପଡିଥିଲା । ଜଳମଗ୍ନରେ ଗ୍ରାମଟି ସଂପୂର୍ଣ୍ଣ ବୁଡିଯିବା ପରେ ରେମୁଣ୍ଡା ଗ୍ରାମବାସୀମାନେ ସ୍ଥାୟୀ ବସତି ପାଇଁ ହୀରାକୁଦରୁ ଚାଲି ଚାଲି ବିଭିନ୍ନ ସ୍ଥାନ ଦେଇ ଆସି ଶେଷରେ ବୌଦ୍ଧଜିଲ୍ଲାରେ ପହିଥିଲେ । ସେହି ଦିନ ଠାରୁ ଏଠାରେ ରହି ଆସୁଛନ୍ତି । ବିସ୍ଥାପିତ ହୋଇ ବେସାହାରା ଅବସ୍ଥାରେ ବର୍ଷ ବର୍ଷ ହେଲା ସମ୍ବଲପୁର ଜିଲ୍ଲା ରେମୁଣ୍ଡାର ଗ୍ରାମବାସୀ ପଡିରହିଛନ୍ତି ବୌଦ୍ଧ ଜିଲ୍ଲାରେ । ଏମାନେ ରହୁଛନ୍ତି ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ୍ ବନ୍ଧାପଥର ଗ୍ରାମର ପଂଚାୟତର କୁରୁଡାନାଳୀ ଠାରେ । ଏମାନେ ଆସି ଜିଲ୍ଲାର ବିଭିନ୍ନ ସ୍ଥାନରେ ବସବାସ କରିଥିଲେ ଶେଷରେ କୁରୁଡାନାଳି ଠାରେ ଏକ ସରକାରୀ ଜାଗାରେ ଆସି ରହୁଛନ୍ତି। ଜଣେ କି ଦୁଇ ଜଣ ବିସ୍ଥାପିତ ନୁହେଁ ଏଠାରେ ରହୁଛନ୍ତି ପ୍ରାୟ ୪୦ରୁ ଉର୍ଦ୍ଧ୍ୱ ପରିବାର ୧୦୦ ରୁ ଉର୍ଦ୍ଧ୍ୱ ସଦସ୍ୟ। ରାଜ୍ୟ ସରକାର ବିସ୍ଥାପିତ ହୋଇଥିବା ଲୋକଙ୍କ ନିମନ୍ତେ ଜମି ସହ ଘର ଯୋଗାଇ ଦେଉଥିବା ବେଳେ ବୌଦ୍ଧ ଜିଲ୍ଲାରେ ଆସି ପଡିରହିଥିବା ବିସ୍ଥାପିତ ପରିବାରଙ୍କୁ ଏ ପର୍ଯ୍ୟନ୍ତ ମିଳିପାରିନାହିଁ ସରକାରଙ୍କ ବିଭିନ୍ନ ସୁବିଧା ସୁଯୋଗ ବୋଲି ସେମାନେ ଅଭିଯୋଗ କରୁଛନ୍ତି। ଏମାନେ ଏଠାରେ ବର୍ଷ ବର୍ଷ ଧରି ତାଳ ବର୍ଡାରେ ଛପର କରି ଖରା, ବର୍ଷା ଓ ଶୀତରେ ରହି ଆସୁଛନ୍ତି । ଜିଲ୍ଲାରେ ୪୦ ଡିଗ୍ରୀ ତାପମାତ୍ରାରେ ଏହି ତାଳପତ୍ର ଘରମଧ୍ୟରେ ଦିନ କାଟୁଛନ୍ତି । ଚାରିପଟେ ବିଲ ମଧ୍ୟରେ ରହୁଥିବା ବେଳେ ବିଭିନ୍ନ ସମୟରେ ସାପ ଓ ଅନ୍ୟ ସରୀସୃପମାନେ ଏମାନଙ୍କ ବସ୍ତି ଭିତରକୁ ଚାଲିଆସିଥାନ୍ତି । ଦୁଃଖ ଦୁର୍ଦ୍ଦଶାରେ ଦିନ କାଟୁଥିବା ଏହି ଗ୍ରାମବାସୀ କେତେବେଳେ କାହାର ମୁଲ ଲାଗି ଗୁଜୁରାଣ ମେଣ୍ଟାଉଥିବା ବେଳେ କେତେକ ଲୁହା ଚଟୁ, ପନିକି ତିଆରି କରି ଗାଁ ଗାଁ ରେ ବିକି ଚଳିଆସୁଛନ୍ତି । ଏହି ବିସ୍ଥାପିତଙ୍କ ମଧ୍ୟରୁ ଅନେକ ଆରପାରିରେ । ଏପରିସ୍ଥଳେ ଅନେକଙ୍କ ଉତ୍ତରାଧିକାରୀ ଏଠାରେ ରହୁଥିବାର ଗ୍ରାମବାସୀ ପ୍ରକାଶ କରିଛନ୍ତି । ଏମାନଙ୍କର ପିଲାଛୁଆ ପାଠପଢା କଣ ଆଜି ପର୍ଯ୍ୟନ୍ତ ଜାଣିପାରି ନାହାନ୍ତି । ଖରା, ବର୍ଷା, ଶୀତ କାକରରେ ତାଳବରଡା ତଳେ ରହିଆସୁଥିବା ଏହି ବିସ୍ଥାପିତ ପରିବାରଙ୍କ ଉପରେ ପ୍ରଶାସନର ନଜର ପଡିବ କେବେ ଓ ସେମାନଙ୍କୁ ସରକାରୀ ସହାୟତା ସରୂପ ଏକ ଜାଗା ସହିତ ଆବାସ ଯୋଜନାରେ କେବେ ସାମିଲ ହେବେ ତାହାକୁ ଅପେକ୍ଷା କରିବସିଛନ୍ତି । ଏମାନଙ୍କୁ ସରକାରୀ ସହାୟତା କହିଲେ ରାସନକାର୍ଡରେ ଜଣଙ୍କ ପିଛା ପାଞ୍ଚ କିଲୋ ଚାଉଳ ଓ ବୃଦ୍ଧ ବୃଦ୍ଧାଙ୍କୁ ଭତା । ଅନେକ ପିଲା ସ୍କୁଲ ବାରଣ୍ଡା ମାଡିନାହାନ୍ତି। ସଭିଏଁ ପଢନ୍ତୁ ସଭିଏଁ ବଢନ୍ତୁ ଏମାନଙ୍କ ପାଇଁ କିଛି ନାହିଁ । ପ୍ରାଥମିକ ଶିକ୍ଷାରୁ ବଂଚିତ ରହିଥିବା ଅଭିଯୋଗ କରିଛନ୍ତି ଏମାନେ । କାମଧନ୍ଦା ନପାଇ କିଏ ପରିବାର ପ୍ରତିପୋଷଣ କରିବା ପାଇଁ ଲୁହା କାମ କରୁଛି ତ କିଏ ଖଜୁରୀ ପଟି ତିଆରି କରୁଛନ୍ତି । ଆଉ ସେଥିରେ ଯାହା କିଛି ଅର୍ଥମିଳେ ସେତିକିରେ ଚାଲେ ପରିବାରର ରଥ । କାହାକୁ କହିଲେ କେହି ଶୁଣୁନାହାନ୍ତି । ଭୋଟ ତାଲିକାରେ ନାଁ ଥିବାରୁ ଭୋଟ ମାଗିବାକୁ ଆସିଥାନ୍ତି ନେତାମାନେ, କିନ୍ତୁ ଭୋଟ ସରିଗଲେ ଦେଖାମିଳେନି ସେମାନଙ୍କର । ଏଭଳି ସମସ୍ତ ମୌଳିକ ମାନବଧିକାରରୁ ବଂଚିତ ଏହି ବିସ୍ଥାପିତଙ୍କ ପାଇଁ ସରକାରୀ ଯୋଜନା ସ୍ୱପ୍ନ ହୋଇରହିଛି । ସାଧାରଣ ଜ୍ୱର ଟିକିଏ ହେଲେ ମଧ୍ୟ ଏମାନଙ୍କ ପାଖରେ ଚିକିତ୍ସା ପାଇଁ କାଣି କଉଡି ଟିଏ ମଧ୍ୟ ନାହିଁ । ତେଣୁ ସରକାର ଓ ଜିଲ୍ଲା ପ୍ରଶାସନ ଏମାନଙ୍କ ସମସ୍ୟାକୁ ଗୁରୁତର ସହ ବିଚାର କରି ସେମାନଙ୍କୁ ସେମାନଙ୍କ ସୁବିଧା ସୁଯୋଗ ପ୍ରଦାନ କରିବାକୁ ସେମାନେ ଅନୁରୋଧ କରୁଛନ୍ତି ।

# ବାରହା ଆକ୍ରମଣରେ ବୃଦ୍ଧା ଗୁରୁତର



ଖପ୍ରାଖୋଲ(ଭାସ୍କର ନ୍ୟୁଜ୍): ଖପ୍ରାଖୋଲ ବ୍ଲକ୍ ବୁଢ଼ିବାହଲ ଗାଁ ରେ ଜଙ୍ଗଲ ବାରହା ଆକ୍ରମଣରେ ଜଣେ ବୃଦ୍ଧା ରବିବାର ଗୁରୁତର ହୋଇଥିବା ଜଣାଯାଇଛି। ଗୁରୁତର ବୃଦ୍ଧା ହେଲେ ସୁବିଧା ବିଶ୍ୱାଳ (୬୫) ବୋଲି ଜଣାଯାଇଛି। ସୂଚନା ଅନୁସାରେ ଅନ୍ୟଦିନ ଭଳି ବୃଦ୍ଧା ଜଣକ ଛେଳି ଚରାଇବାକୁ ଯାଇଥିବା ବେଳେ ଗାଁ ରୁ ଅନତି ଦୂରରେ ଜଙ୍ଗଲି ବାରାହା ଆକ୍ରମଣ କରିଥିଲା। ସାଙ୍ଗରେ ଥିବା ଅନ୍ୟମାନେ ଉଦ୍ଧାର କରିଥିବା ବେଳେ ପରେ ଆମ୍ବୁଲାନ୍ସ ଯୋଗେ ପାଟଣାଗଡ ଉପଖଣ୍ଡ ଡାକ୍ତରଖାନା ରେ ଭର୍ତ୍ତି କରିଥିବା ବେଳେ ଚିକିତ୍ସିତ ହେଉଥିବା ଜଣାଯାଇଛି।

# ଖେଳପଡ଼ିଆରୁ ଟେଷ୍ଟ ହଟୁନି ଟେଷ୍ଟହାଉସ୍

କନ୍ଧମାଳ(ଭାସ୍କର ନ୍ୟୁଜ୍): ଫୁଲବାଣୀ ସହରରେ ତିନୋଟି ଖେଳ ପଡିଆ ରହିଛି। କନ୍ଧମାଳ ଷ୍ଟାଡିଅମ, କୋରନେସନ ଖେଳ ପଡିଆ ଓ ହାଇସସ୍କୁଲ ଖେଳ ପଡିଆ। କିନ୍ତୁ ହାଇସ୍କୁଲ, ଷ୍ଟାଡିୟମ ଖେଳପଡ଼ିଆ ରେ କୌଣସି ପ୍ରକାରର ସରକାର ଓ କୌଣସି ସଂସ୍ଥାର କାର୍ଯ୍ୟକ୍ରମ କରାଯାଉନାହିଁ। ବରଂ କୋରନେସନ ଖେଳ ପଡ଼ିଆରେ ବିଭିନ୍ନ କାର୍ଯ୍ୟକ୍ରମ କରାଯାଉଛି। ଏହି ପଡିଆକୁ ଲାଗି ଜିଲ୍ଲାପାଳଙ୍କ ନିବାସ, ଜିଲ୍ଲା ଜଜକୋର୍ଟ,ଜର୍ଜଙ୍କ ନିବାସ ରହିଛି ହେଲେବି ବିଭିନ୍ନ କାର୍ଯ୍ୟକ୍ରମଙ୍କୁ କେଉଁ ପ୍ରଶାସନ ଅଧିକାରୀ ଜାଣି ମଧ୍ୟ ନିତି ନିୟମକୁ ବେଖାତିରି କରି ଇଚ୍ଛା ମୁତାବକ କିପରି ପରମିଶନ ଦେଉଛନ୍ତି। ସାଧାରଣ ଲୋକ ବିବାହ, ବ୍ରତ, ଦଣ୍ଡନାଚ ର ପରମିଶନ ପାଇଁ ଗଲେ ପରମିଶନ ମିଳିବାରେ ନାକେଦମ ହେବାକୁ ପଡିଥାଏ। କିନ୍ତୁ ଏହିପରି ବ୍ୟକ୍ତି ପରମିଶନ ମାଗିଲେ ସଂଗେ ସଂଗେ ଦେଇଥାନ୍ତି ଅଧିକାରୀ।କହିବାକୁ ଗଲେ ଏହି କୋରନେସନ ପଡିଆକୁ ପ୍ରତିଦିନ ସକାଳ, ସନ୍ଧ୍ୟା ସମୟରେ ବରିଷ୍ଠ ନାଗରିକ, ମହିଳା, ଯୁବଗୋଷ୍ଠୀମାନେ ବ୍ୟାୟମ କରିବା ପାଇଁ ଆସନ୍ତି । ଏଥିରେ ବାଧକ ସୃଷ୍ଟି କରନ୍ତି କିଛି ଫାଇଦା ଲୋଭୀ। କିନ୍ତୁ ବିଭିନ୍ନ କାର୍ଯ୍ୟକ୍ରମକୁ ମାସ ମାସ କିଛି ସଂଘ, ସଂସ୍ଥା ନିଜ ଇଚ୍ଛା ମୁତାବକ କିଛି ପ୍ରଶାସନ ଅଧିକାରୀଙ୍କୁ ଧରି ସରକାରୀ କାର୍ଯ୍ୟକ୍ରମକୁ ବାଧା ସୃଷ୍ଟି କରି ନିଜ ଇଚ୍ଛାରେ ସ୍ୱାର୍ଥ ଲୋଭୀ ସରକାରୀ ଅଧିକାରୀ ,ବିଭିନ୍ନ ସାଂସଦ, ବିଧାୟକଙ୍କୁ କାର୍ଯ୍ୟକ୍ରମ ବାହାନାରେ ଡରାଇ ଲକ୍ଷ ଲକ୍ଷ ଟଙ୍କା ଆଦାୟ କରୁଥିବାର ଦେଖାଯାଉଛି। ଏହା ସହିତ ଯେକୌଣସି କାର୍ଯ୍ୟକ୍ରମ କନ୍ଧମାଳ ଷ୍ଟାଡିଅମ ଓ ହାଇସ୍କୁଲ ପଡିଆରେ କରାଯାଉ ବୋଲି ଜନସାଧାରଣ ଦାବି କରୁଛନ୍ତି ।ଏହି ବିଷୟ ପ୍ରତି ସରକାର ଓ ଜିଲ୍ଲାପାଳ ଦୃଷ୍ଟିଦେଇ ମନଇଚ୍ଛା ବ୍ୟବହାର କରୁଥିବା ଟେଷ୍ଟ ହାଉସ, ସଂଘ,ସଂସ୍ଥା ପ୍ରତି ଦୃଢ଼ ପଦକ୍ଷେପ ନେବାକୁ ଦାବି କରିଛନ୍ତି।

# ହରିଶଙ୍କର ମେଳାରେ ଅନ୍ନସେବା




ବଲାଙ୍ଗୀର (ଭାସ୍କର ନ୍ୟୁଜ୍): ହରିଶଙ୍କର ମେଳା ଠାରେ ଖପ୍ରାଖୋଲ ବ୍ଲକ କୁମ୍ଭାର ସମାଜ ଦ୍ୱାରା ଅନ୍ନସେବା ଜାରି ରହିଛି । ଏହା ଗତ ୧୦ ତାରିଖ ଠାରୁ ୧୨ ତାରିଖ ପର୍ଯ୍ୟନ୍ତ ଚାଲିବ । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସଂଘର ସଭାପତି ଅକ୍ଷୟ କୁମାର ରଣା, ଅନିଲ କୁମାର ରଣା, ନୃପରାଜ ରଣା, କୃଷ୍ଣଚନ୍ଦ୍ର ରଣା, ଶଶୀଭୂଷଣ ରଣା, ଅରୁଣ ରଣା, ସତ୍ୟନାରାୟଣ ରଣା ପ୍ରମୁଖ ଯୋଗ ଦେଇ ବ୍ଲକ ସମାଜର ଏହି କାର୍ଯ୍ୟକ୍ରମ ବହୁତ ପ୍ରଶଂସା କରିଥିଲେ । ଏହାଦ୍ୱାରା ସମାଜର ବିଭିନ୍ନ ବ୍ୟକ୍ତିଙ୍କ ସମାଗମ ଯୋଗୁ ସୁରୁଖୁରୁ ରେ ଅନ୍ନସେବା ଚାଲୁଅଛି । ଏହି କାର୍ଯ୍ୟକ୍ରମକୁ ଖପ୍ରାଖୋଲ ବ୍ଲକ କୁମ୍ଭାର ସମାଜର ସଭପାତି ପଂଚମ ରଣା, ଇଇସ ରଣା, ଗୌରି ଶଙ୍କର ରଣା, ଶଶିଭୂଷଣ ରଣା, ଜିତିନ୍ଦ୍ର ରଣା, ମହେନ୍ଦ୍ର ରଣା. ନିରାକାର ରଣା, ଗାଳି ରଣା, ମେଘନାଦ ରଣା ପ୍ରମୁଖ ପରିଚାଳନା କରିଥିଲେ ।

## ବହୁଭାଷୀ କବିତା ଆସର

# ସ୍ୱରଚିତ କବିତା ପାଠ କଲେ କବି



ଖପ୍ରାଖୋଲ(ଭାସ୍କର ନ୍ୟୁଜ୍): ଖପ୍ରାଖୋଲ ବ୍ଲକ୍ ହରିଶଙ୍କର ଠାରେ ସେଲାପଥର ସାହିତ୍ୟ ସଂସ୍କୃତି କଳା ପରିଷଦ ତରଫରୁ ବହୁଭାଷୀ କବିତା ଆସର ପରିଷଦର ସଭାପତି ଡ ଅଭୟ ତ୍ରିପାଠୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ବିଡ଼ିଓ ବିବେକାନନ୍ଦ ଷଡ଼ଙ୍ଗୀ, ମୁଖ୍ୟବକ୍ତା ରୁପେ ତହସିଲଦାର ଆଦିତ୍ୟ ପ୍ରସାଦ ମିଶ୍ର, ସମ୍ମାନୀତ ଅତିଥି ରୂପେ କବି ପ୍ରଦିପ କୁମାର ଦାଶ, ରାଜକିଶୋର ଭୋଇ, ବିପ୍ର ବିଶି, ସମ୍ପାଦକ ଧରମସିଂ ଧରୁଆ ଯୋଗ ଦେଇଥିଲେ। ଏହି ଅବସରରେ ୩୦ ଜଣ କବିୟତ୍ରୀ ଓ କବି ସ୍ୱରଚିତ କବିତା ପାଠ କରିଥିଲେ। କବି ଶୋଭାକର ପ୍ରଧାନ ଓ କ୍ଷୀରୋଦ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଟିକେଶ୍ୱର୍ ଧରୁଆ,ଶଶିକାନ୍ତ ଧରୁଆ, ସହଦେବ ମେହେର ପ୍ରମୁଖ କବି ବଲାଙ୍ଗିର, ନୂଆପଡ଼ା, ସୋନପୁର, କଳାହାଣ୍ଡିର କବି ଯୋଗଦେଇଥିବା ବେଳେ ଅଭିଳାଷ ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ।

# ଦହି ପଣା ବଣ୍ଟନ




ପାରଳାଖେମୁଣ୍ଡି (ଭାସ୍କର ନ୍ୟୁଜ୍): ଗଜପତି ଜିଲ୍ଲା ରେ ଦିନକୁ ଦିନ ଖରାର ତାପ ବୃଦ୍ଧି ପାଉଛି । ତାପମାତ୍ରା ପାଖାପାଖି ୪୦° ଛୁଇଁବାକୁ ବସିଲାଣି । ଖରାରେ କୌଣସି ଜନସାଧାରଣ ପ୍ରାୟତଃ ରାସ୍ତାରେ ଦେଖିବାକୁ ମିଳୁନାହାନ୍ତି । ପାରଳା ସହର କୁମୁଟି ସାହିର ମହକିଲା ମାନେ ଆଜି ସକାଳୁ ୧୦ଘଣ୍ଟା ସମୟ ରୁ ଅପରାହ୍ନ ୧ ପର୍ଯ୍ୟାନ୍ତ ପଥଚାରୀମାନଙ୍କୁ ଦହି ପଣା ବଣ୍ଟନ କରିଥିଲେ । ଆଗାମୀ ଦିନ ମାନଙ୍କରେ ଏହିଭଳି କାର୍ଯ୍ୟାକ୍ରମମାନ କରାଯିବ ବୋଲି କୁହାଯାଇଛି ।

# ମିଡ଼ିଆ କ୍ଲବର ବାର୍ଷିକ ଉତ୍ସବ





ଗୁଣୁପୁର(ଭାସ୍କର ନ୍ୟୁଜ୍): ମିଡିଆ କ୍ଲବ ଗୁଣୁପୁରର ପ୍ରଥମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। କେୟାର ୧.୦ ନାମରେ ଏହି କାର୍ଯ୍ୟକ୍ରମ ଅତି ଆଡମ୍ବର ସହ ଗୁଣୁପୁର ସ୍ଥିତ ନିମନ୍ତ୍ରଣ କଲ୍ୟାଣ ମଣ୍ଡପ ଠାରେ ଅନୁଷ୍ଠିତ ହୋଇଥିଲା । ଏଥିରେ ମୁଖ୍ୟବକ୍ତା ଭାବେ ଗୁଣପୁର ଜିଆଇଇଟି ବିଶ୍ୱବିଦ୍ୟାଳୟର ଉପସଭାପତି ଡ. ଚନ୍ଦ୍ରଧ୍ୱଜ ପଣ୍ଡା ଯୋଗଦେଇ ଗଣମାଧ୍ୟମ ହେଉଛି ଗଣତନ୍ତ୍ରର ଜାଗ୍ରତ ପ୍ରହରୀ, ସମାଜରେ ସାମ୍ବାଦିକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ରହିଥିବା ବେଳେ ଅନ୍ୟାୟ ବିରୁଦ୍ଧରେ ନିର୍ଭିକ ଭାବେ ସ୍ୱର ଉତ୍ତୋଳନ ସହ, ଗଠନମୂଳକ ସମାଲୋଚନା, ଜନସାଧାରଣଙ୍କ ସମସ୍ୟାକୁ ଲୋକଲୋଚନକୁ ଆଣିବା ଓ ସରକରଙ୍କ ଯୋଜନାକୁ ଗତିଶୀଳ କରିବାରେ ସେମାନଙ୍କ ପ୍ରୟାସ ସର୍ବଦା ପ୍ରଶଂସନୀୟ । ଗୁଣପୁରରେ ବିଭିନ୍ନ ଗଣମାଧ୍ୟମରେ କାର୍ଯ୍ୟରତ ସାମ୍ବାଦିକ ସହରର ବିକାଶ ଦିଗରେ ଅଗ୍ରଣୀ ଭୂମିକା ନିଭାଉଥିବା ବେଳେ ଆଗାମୀ ଦିନରେ ଯଦି ଗ୍ରାମାଂଚଳ ସମସ୍ୟା ପ୍ରତି ଦୃଷ୍ଟି ଦେଲେ ସାଧାରଣ ଲୋକେ ଅଧିକ ଉପକୃତ ହୋଇପାରିବେ ବୋଲି କହିବା ସହ ମିଡିଆ କ୍ଲବ ଗତ ଏକ ବର୍ଷ ମଧ୍ୟରେ ବିଭିନ୍ନ ସଚେତନତା ଓ ସମସ୍ୟା ସମ୍ବଳିତ କାର୍ଯ୍ୟକ୍ରମ ଯେଉଁଳି ହାତକୁ ନେଇଛି ତାହାକୁ ଭୂୟସୀ ପ୍ରଶଂସା କରିଥିଲେ। ଏଥିରେ ଗୁଣପୁର ବିଧାୟକ ସତ୍ୟଜିତ ଗମାଙ୍ଗ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଗୁଣପୁର ମ୍ୟୁନିସିପାଲଟି ଅଧକ୍ଷା ମମତା ଗୌଡ, ଗୁଣପୁର ଉପଖଣ୍ଡ ଲୋକସଂପର୍କ ଅଧିକାରୀ ଧନଞ୍ଜୟ ବେହେରା ମଂଚାସୀନ ଥିଲେ । କାର୍ଯ୍ୟକ୍ରମକୁ ମିଡିଆ କ୍ଲବ ସଭାପତି ଅନିଲ ସାହୁକାର ପୌରହିତ୍ୟ କରିଥିବା ବେଳେ ମିଡ଼ିଆ କ୍ଲବ ସହ ସମ୍ପାଦକ ଦିଲୀପ ରାଜଗୁରୁ ପ୍ରାରମ୍ଭରେ ସ୍ୱାଗତ ଭାଷଣ ଦେଇଥିଲେ।, ଆବାହକ ଶ୍ରୀ ଜିତେନ୍ଦ୍ର କୁମାର ଶତପଥୀ ବାର୍ଷିକ ବିବରଣୀ ପାଠ କରି, ମଞ୍ଚ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ସେବା ସମାଜର ସମ୍ପାଦିକା ସୁଶ୍ରୀ ରାଜେଶ୍ୱରୀ ଦଳାଇ ଓ ଗୁଣୁପୁର ମୁନିସିପାଲିଟି ଅଧକ୍ଷା ମମତା ଗୌଡ଼ଙ୍କୁ ମାତୃଦିବସ ଅବସରରେ ଗୁଣୁପୁର ସୁ-ମାତା ରୂପେ ମୋମେଣ୍ଟ ସହ ଉପଢୌକନ ଓ ପୁଷ୍ପ ଗୁଚ୍ଛ ସହ ସମ୍ମାନିତ କରାଯାଇଥିଲା। ସେହିପରି ଗୁଣୁପୁର ନିର୍ବାଚନ ମଣ୍ଡଳୀ ବିଧାୟକ ସତ୍ୟଜିତ ଗମାଙ୍ଗ ସୁଶାସକ, ଡ଼ଃ. ଚନ୍ଦ୍ରଧ୍ୱଜ ପଣ୍ଡାଙ୍କୁ ବିଶିଷ୍ଟ ଶିକ୍ଷା ଉଦ୍ୟୋଗୀ, ଗୁଣୁପୁର ଏସଡିପିଆର ଓ ଶ୍ରୀ ଧନ୍ନଞ୍ଜୟ ବେହେରାଙ୍କୁ ନିଜ ସରଳତା ପାଇଁ ମ୍ୟାନ ଅଫ୍ ସିମ୍ପ୍ଲିଟି ଓ ମିଡ଼ିଆ କ୍ଲବ ସଭାପତି ଅନିଲ ସାହୁକାରଙ୍କୁ ନିଜର କାର୍ଯ୍ୟ ଦକ୍ଷତା ପାଇଁ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମର ମୁଖ୍ୟ ଆକର୍ଷଣରେ ଭାରତୀୟ ସୈନ୍ୟ ମାନଙ୍କୁ ଅଧିକ ଶକ୍ତିଶାଳୀ କରିବା ନିମନ୍ତେ କରାଯାଇଥିବା ପ୍ରାରମ୍ଭିକ ହନୁମାନ ଚାଳିଶା, ଏବଂ କୁନି କୁନି ପିଲାଙ୍କ ସାଂସ୍କୃତିକ କାର୍ଯ୍ୟକ୍ରମ ଅନ୍ୟତମ ଥିଲା। ବିଗତ ଦିନରେ ମିଡ଼ିଆ କ୍ଲବ ଦ୍ୱାରା ହୋଇଥିବା ବିଭିନ୍ନ ସମାଜ ସଚେତନତାମୂଳକ କାର୍ଯ୍ୟକ୍ରମରେ ସହଯୋଗ କରିଆସୁଥିବା ସ୍ଥାନୀୟ କିଡ଼ସ୍-ଗୀ ପବ୍ଲିକ ସ୍କୁଲ ଓ ବଂସଧାରା ସେକେଣ୍ଡାରୀ ସ୍କୁଲ ର ଅଧକ୍ଷା ଓ ଷ୍ଟାଫ୍ ମାନଙ୍କୁ ମଧ୍ୟ ସମ୍ମାନିତ କରାଯାଇଥିଲା।। ନିଜ ଅଭିଭାଷଣରେ ମିଡ଼ିଆ କ୍ଲବ ଗୁଣୁପୁରର ନିଜସ୍ୱ କାର୍ଯ୍ୟକାରୀ ଗୃହ ଦେବା ନିମନ୍ତେ ସ୍ଥାନୀୟ ବିଧାୟକ ପ୍ରତିଶୃତି ଦେଇ, ସମସ୍ତଙ୍କ ହୃଦୟ ଜିଣିନେଇଥିଲେ। କାର୍ଯ୍ୟକ୍ରମଟିକୁ ମିଡ଼ିଆ କ୍ଲବ ଗୁଣୁପୁର ସମସ୍ତ ସଦସ୍ୟ ପରିଚାଳନାରେ ସହଯୋଗ କରିଥିଲେ। ପ୍ରତ୍ୟେକ ସାଂସ୍କୃତିକ କାର୍ଯ୍ୟକ୍ରମ ପରେ ଉକ୍ତ ଅନୁଷ୍ଠାନର ଗୁରୁମାଙ୍କ ସହ ସମସ୍ତ ନୃତ୍ୟ ପରିବେଷଣ କରିଥିବା ଛାତ୍ରୀ ମାନଙ୍କୁ ସାର୍ଟିଫିକେଟ ଦେଇ ଉତ୍ସାହିତ କରାଯାଇଥିଲା। ପରିଶେଷରେ ମିଡ଼ିଆ କ୍ଲବ ଲିଗାଲ ଆଡ଼ଭାଇଜର ରମେଶ ଲିମା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରି ସଭା ସାଙ୍ଗ କରିଥିଲେ।

# ଜନ ସୂଚନା ଅଧିକାରକୁ ବେଖାତିର କରୁଛନ୍ତି ସୂଚନା ଅଧିକାରୀ

ଖଡ଼ିଆଳ(ଭାସ୍କର ନ୍ୟୁଜ୍): ଲୋକଙ୍କ ସୁବିଧା ପାଇଁ ୨୦୦୫ ମସିହାରେ ଲାଗୁହେଲା ଜନ ସୂଚନା ଅଧିକାର ନିୟମ। ଭାରତୀୟ ନାଗରିକ ହିସାବରେ କୌଣସି ଅଫିସର କାଗଜ ପତ୍ର, କିମ୍ବା ଉନ୍ନତିମୂଳକ କାର୍ଯ୍ୟର ତଥ୍ୟ ଜାଣିବାକୁ ଲୋକଙ୍କ ସୁବିଧା ପାଇଁ ଏହି ନିୟମ ତିଆରି ହୋଇଛି। କିନ୍ତୁ କିଛି ଅସାଧୁ ସରକାରୀ କର୍ମଚାରୀ ଏହି ଜନ ସୂଚନା ଅଧିକାରକୁ ବେଖାତିର କରି ସୂଚନା ଅଧିକାରକୁ ମାନୁ ନାହାନ୍ତି। ନିଜେ ଦୁର୍ନୀତିରେ ଲିପ୍ତ ଥାଇ ସୂଚନା ଦେବାକୁ ଟାଳଟୁଳ ନୀତି କରୁଛନ୍ତି। ଏଭଳି ଘଟଣା ଖଡ଼ିଆଳ ବ୍ଲକରେ ଘଟିଛି। ଗତ ତାରିଖ ୨୯/୦୧/ ୨୦୨୫ ରେ ଯୋଗେଶ୍ୱର ସଗରିଆ ନାମକ ଜଣେ ସ୍ୱେଚ୍ଛାସେବୀ ବ୍ୟକ୍ତି ସୂଚନା ଅଧିକାର ନିୟମ ଅନୁସାରେ ସୁନାରୀ ସିକୁଆ ଓ ଅରେଡା ଗ୍ରାମ ପଂଚାୟତର ୨୦୨୩-୨୪ ଓ ୨୦୨୪-୨୫ ମସିହାର କିଛି ତଥ୍ୟ ମାଗିଥିଲେ। ଯୋଜନାଗୁଡ଼ିକ ହରିଶ୍ଚନ୍ଦ୍ର ଯୋଜନା, ପଡ଼ିକାଡ ଚାଉଳ, ମଧୁବାବୁ ପେନସନ ଭଳି କିଛି ତଥ୍ୟ । ଯାହାକି ଲୋକଙ୍କ ଜାଣିବାର ହକ ଅଛି। ହେଲେ ଅରେଡା ଗ୍ରାମ ପଂଚାୟତ ର ଯେତେ ଦରକାର ଥିଲା ତାର ସୂଚନା ମିଳିଯାଇଥିବା ବେଳେ ସୁନାରୀ ସିକୁଆ ଗ୍ରାମ ପଂଚାୟତର ସୂଚନା ମିଳିପାରି ନାହିଁ।ଲୋକଙ୍କୁ ତାଙ୍କ ଜାଣିବା ହକରୁ ବଞ୍ଚିତ କରାଯାଉଛି । ଲୋକଲୋଚନ କୁ ଆଣିବା ପାଇଁ ସ୍ୱେଚ୍ଛାସେବୀ ବ୍ୟକ୍ତି ସୂଚନା ମାଗିଛନ୍ତି।ହେଲେ ତିନି ଚାରି ମାସରୁ ଉର୍ଦ୍ଧ୍ୱ ହେବ ସୂଚନା ନ ଦେଇ ଟାଳଟୁଳ ନୀତି କରୁଛନ୍ତି, ।ସୂଚନା ଦେଉନାହାନ୍ତି ଓ ସୂଚନା ମାଗିଥିବା ବ୍ୟକ୍ତିଙ୍କୁ ହଇରାଣ କରୁଛନ୍ତି। ସେ ଦୀର୍ଘ ଦିନ ହେବ ନିଜର କାମ ଧନ୍ଦା ଛାଡି ବ୍ଲକ ଅଫିସ କୁ ଧାଉଛନ୍ତି। ।ଆଜି ପର୍ଯ୍ୟନ୍ତ ସୂଚନା ଦିଆଯାଇ ନାହିଁ। ସୂଚନା ଅଧିକାର ନିୟମ ଅନୁଯାଇ ୩୦ ଦିନ ବା ଏକ ମାସ ଭିତରେ ସୂଚନା ଦେବାର ନିୟମ ରହିଛି। ୩୦ ଦିନରୁ ଅଧିକ ହେଲାଣି ହେଲେ ସୂଚନା ନ ଦେଇନାହାନ୍ତି ।ତାରିଖ ୦୭/୦୩/ ୨୦୨୫ ରେ ଖଡ଼ିଆଳ ବ୍ଲକ ସୂଚନା ଅଧିକାରୀ ରଜତ କୁମାର ସାହୁ ସୂଚନାର ଜେରକ୍ସ କପି ବାବଦକୁ ତିନି ଟଙ୍କା ହିସାବରେ ସର୍ବ ମୋଟ ୯୩୦୦୯( ତେୟାନବେ ହଜାର ନଅ ଟଙ୍କାର ଚିଠି ପାଇବାର ୧୫ ଦିନ ମଧ୍ୟରେ ପଇଠ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ହେଲେ ଜନ ସୂଚନା ନିୟମ ଅନୁଯାୟୀ ଦରଖାସ୍ତକାରୀଙ୍କ ଦରଖାସ୍ତ ଦେଲା ଦିନ ଠାରୁ ୧୫ ଦିନ ମଧ୍ୟରେ ଜେରକ୍ସ ଟଙ୍କା ପଇଠ କରିବାର ନିୟମ ରହିଛି.। କିନ୍ତୁ ଦରଖାସ୍ତକାରୀଙ୍କୁ ଚାପ ପକେଇ ବଡ ଅଙ୍କର ଟଙ୍କା ପଇଠ ପାଇଁ ଡରେଇବା ବାହାନାରେ ଏକ ମାସରୁ ଅଧିକ ଦିନରେ ଚିଠି ପଠେଇ ଛନ୍ତି। ତାରିଖ ୧୮/୦୪/ ୨୦୨୫ ରେ ଦରଖାସ୍ତକାରୀ ପ୍ରଥମ ଅପିଲ ଅଧିକାରୀ ଗୋଷ୍ଠି ଉନ୍ନୟନ ଅଧିକାରୀ ନର୍ସିଙ୍ଗ ଗଡ଼ବା ଙ୍କୁ କରିଥିଲେ। କାରଣ ଏକ ମାସରୁ ଅଧିକ ହେଲା ସୂଚନା ଦେଇ ନଥିବାରୁ ଅପିଲ କରାଗଲା ବୋଲି ଦରଖାସ୍ତକାରୀ ଅଭିଯୋଗ କରିଛନ୍ତି। ତାରିଖ ୨୧/୦୩/ ୨୦୨୫ ପତ୍ର ସଂଖ୍ୟା ୪୨୯୨ ତାରିଖ ୦୩/୦୪/୨୦୨୫ ଦିନ ୧୧ ଘଣ୍ଟା ସମୟରେ ସୁନାରୀ ସିକୁଆ ପି ଇ ଓ ସିମାଞ୍ଚଳ ଶବର ଓ ଦରଖାସ୍ତ କାରୀଙ୍କୁ ପ୍ରଥମ ଅପିଲ ଅଧିକାରୀଙ୍କ ପ୍ରକୋଷ୍ଠରେ ହାଜିର ହେବାକୁ ଚିଠିରେ ନିର୍ଦ୍ଦେଶ ଥିଲା। ହେଲେ ଦରଖାସ୍ତ କାରୀ ଠିକ ସମୟରେ ଉପସ୍ଥିତ ରହିଥିବାବେଳେ ପିଇଓ ଉପସ୍ଥିତ ହୋଇନଥିଲେ। ଦରଖାସ୍ତ କାରୀ ତାଙ୍କ ଦୈନନ୍ଦିନ ମଜୁରୀ ଛାଡି ସୂଚନା ପାଇବା ପାଇଁ ବାରମ୍ବାର ବ୍ଲକ ଅଫିସ କୁ ଧାଉଛନ୍ତି। ତୁରନ୍ତ ସୂଚନା ଯୋଗାଇ ଦେବାକୁ ପ୍ରଶାସନକୁ ଦାବି କରୁଛନ୍ତି।

# ଅବସରପ୍ରାପ୍ତ ଶିକ୍ଷକଙ୍କ ସମ୍ବର୍ଦ୍ଧନା ସମାରୋହ



ପାରଳାଖେମୁଣ୍ଡି (ଭାସ୍କର ନ୍ୟୁଜ୍): ନୃସିଂହନାଥ ଫଙ୍କସନ ହଲ୍ ପାରଳାଖେମୁଣ୍ଡି ର ବର୍ଣ୍ଣାଢ୍ୟ ପ୍ରକୋଷ୍ଠ ମଧ୍ୟରେ ଶଶି ଭୂଷଣ ପଟ୍ଟନାୟକଙ୍କ ଅବସର କାଳୀନ ବିଦାୟ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ବିଚିତ୍ରାନନ୍ଦ ବେବର୍ତ୍ତା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ସମ୍ମାନୀତ ଅତିଥି ରୂପେ ପାରଳାଖେମୁଣ୍ଡିର ସରସ୍ୱତୀ ବିଦ୍ୟାମନ୍ଦିର ପ୍ରଧାନ ଆଚାର୍ଯ୍ୟ ସରୋଜ କୁମାର ପଣ୍ଡା ଓ ବରିଷ୍ଠ ବିଜ୍ଞାନ ଶିକ୍ଷକ ହରିନାଥ ପାତ୍ର ସଭାପତିତ୍ୱ ଗ୍ରହଣ କରି ଶଶିଭୂଷଣ ପଟ୍ଟନାୟକ ମୌଳିକ ଶିକ୍ଷା ବ୍ୟବସ୍ଥାର ଜଣେ ପ୍ରବୀଣ ଓ ଦକ୍ଷ ଶିକ୍ଷକ ଯାହାର ଆଦର୍ଶ ଅନ୍ୟମାନଙ୍କ ପାଇଁ ପ୍ରେରଣା ବୋଲି ନିଜ ନିଜ ବକ୍ତବ୍ୟ ରଖିବା ସହ ଏହା ଏକ ପବିତ୍ର କାର୍ଯ୍ୟ ବୋଲି ବ୍ୟକ୍ତ କରିଥିଲେ। ଅନ୍ୟାନ୍ୟ ବରିଷ୍ଠ ଶିକ୍ଷକମାନଙ୍କ ମଧ୍ୟରେ ମନୋଜ କୁମାର ପଣ୍ଡା , ରମାକାନ୍ତ ପଟ୍ଟନାୟକ, ସୁନିତା ମହାରଣା, ହରେକୃଷ୍ଣ ମିଶ୍ର, ବବିତା ପୁରୋହିତ, ବିନୋଦିନୀ ଭୁକ୍ତା , ଶୈଳବାଳା ସାହୁ , ପ୍ରମୋଦ ରଥ , ସୁଜାତା ନନ୍ଦ, ବବିତା ପୁରୋହିତ , ଲକ୍ଷ୍ମୀ ନାରାୟଣ ମିଶ୍ର ଓ ବହୁ ଶିକ୍ଷକ କୃତୀ ଶିକ୍ଷକ ଶଶିଭୂଷଣ ପଟ୍ଟନାୟକଙ୍କ ଆତ୍ମିୟତା ଓ ପାରଦର୍ଶିତା , ଆଦର୍ଶ ଗୁଣାବଳୀ ସଂକ୍ରାନ୍ତରେ ତଥ୍ୟ ଉପସ୍ଥାପନା କରିଥିଲେ। ଶ୍ୟାମ ସୁନ୍ଦର ଗନ୍ତାୟତ ସମସ୍ତ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିବାବେଳେ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ ଓ ପୂର୍ଣ୍ଣଚନ୍ଦ୍ର ପାଲକା ସୌମ୍ୟ ରଞ୍ଜନ ନାୟକ ଉପସ୍ଥିତ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହାର ଆୟୋଜନ ସୁବନ୍ଦୋବସ୍ତ ଥିବା ବେଳେ ସାଂଗଠନିକ ଦାୟିତ୍ୱରେ ଥିବା ଶିକ୍ଷକ ଗୋଷ୍ଠୀ ଉତ୍ତମ କାର୍ଯ୍ୟ ସଂପାଦନା କରିଥିଲେ।



ପୁରୀ (ଭାସ୍କର ନ୍ୟୁଜ) : ରଥ ନିର୍ମାଣର ଦ୍ୱାଦଶ ଦିବସରେ ରଥ ନିର୍ମାଣକାରୀ ସେବକ ମାନେ ସକାଳ ଘ.୮.୦୦ ଟିକା ପୂର୍ବରୁ ରଥ ଖଳାଠାରେ ଉପସ୍ଥିତ ପୂର୍ବକ ଦୈନନ୍ଦିନ ପ୍ରକାରେ ଉପସ୍ଥାନ ଦେଇ ତିନି ରଥ ମୁଖ୍ୟ ବିଶ୍ୱକର୍ମା ମହାରଣାଙ୍କ ମାର୍ଗ ଦର୍ଶନରେ ନିର୍ମାଣ କାର୍ଯ୍ୟ ଆରମ୍ଭ କରିଥିଲେ। ଗତକାଲି ଶ୍ରୀ ନୃସିଂହ ଦେବଙ୍କ ଜନ୍ମ ତିଥିରେ ବିଧି ମତେ ଗୁଜ କାଠ, ଅର, ତଥା ତୁମ୍ବରେ ଅର ସଂଯୋଗ ଏବଂ ଚଉପଟ ସାଲ ଗୁଜରେ ରୂପକାର ସେବକଙ୍କ ଦ୍ୱାରା ଶ୍ରୀ ନୃସିଂହ ଦେବଙ୍କ ରୂପ ଖୋଦେଇ ଅନୁକୂଳ ପର୍ବ ଶେଷ ହୋଇଥିଲା। ରଥ ନିର୍ମାଣର ଦ୍ୱାଦଶ ଦିନରେ ରଥ ଖଳା ଯନ୍ତା ଗାଡ଼ ଠାରେ ତିନି ରଥର ଗୋଟିଏ ଗୋଟିଏ ନାହାକା ତୁମ୍ବରେ ଅର ସଂଯୋଗ ହୋଇ ସିଙ୍ଗଡ଼ା ବାଡିଆ ଅନୁକୂଳ ପୂଜା ଭୋଇ ସର୍ଦାର ରବି ଭୋଇ ଙ୍କ ନେତୃତ୍ୱରେ ତିନି ରଥର ଭୋଇ ସେବକ ମାନଙ୍କ ସହଯୋଗରେ ସମ୍ପନ୍ନ ହୋଇଅଛି। ଆଜି ତିନି ରଥର ଦୁଇ ଦୁଇଟି ତୁମ୍ବରେ ଅର ସଂଯୋଗ ହୋଇ ସିଙ୍ଗଡ଼ା ବାଡିଆ ପରେ ତୁମ୍ବରେ ଅଖ ବିନ୍ଧ ପାଇଁ ଭୋଇ ସେବକ ମାନେ ତିନିରଥ ମହାରଣା ସେବକ ମାନଙ୍କୁ ଯୋଗାଇ ଥିଲେ। ତିନିରଥ ମହାରଣା ସେବକ ମାନେ ସିଙ୍ଗଡ଼ାରେ ପଇ ରଖି ମାପ ଚିହ୍ନ ପକାଇବା ସହ ମାପ ପ୍ରକାରେ ବଳକା ଅର କୁ କାଟି ସାଲ କରିବାପରେ ତୁମ୍ବ ରେ ଅଖ ବିନ୍ଧ ପାଇଁ ଭୋଇ ସେବକ ମାନଙ୍କ ସହଯୋଗରେ ତୁମ୍ବ ବିନ୍ଧ କାରିଗର ଙ୍କୁ ଯୋଗାଇ ଥିଲେ, ତୁମ୍ବ ବିନ୍ଧ କାରିଗର ତିନି ରଥର ଗୋଟିଏ ଗୋଟିଏ ତୁମ୍ବର ଅଖ ବିନ୍ଧ କାର୍ଯ୍ୟ ଶେଷ କରିଛନ୍ତି ।ଆସନ୍ତାକାଲି ତିନି ରଥର ପଇ ବିନ୍ଧ ଅନୁକୂଳ ପୂଜା ତିନି ରଥର ମୁଖ୍ୟ ମହାରଣା ଙ୍କ ଦ୍ୱାରା ସମ୍ପନ୍ନ ପରେ ତିନିରଥ ର ପଇ ବିନ୍ଧ କାର୍ଯ୍ୟ ଆରମ୍ଭ ହେବ।



# ଶ୍ରୀ ଜଗନ୍ନାଥଧାମ ଶାଖାର ବାର୍ଷିକୋତ୍ସବ




ପୁରୀ (ଭାସ୍କର ନ୍ୟୁଜ) : ଭାରତ ବିକାଶ ପରିଷଦ ଶ୍ରୀ ଜଗନ୍ନାଥଧାମ ଶାଖାର ବାର୍ଷିକୋତ୍ସବ ସ୍ଥାନୀୟ ହୋଟେଲ ହଲିଡେ ରିସର୍ଟ ଠାରେ ଅନୁଷ୍ଠିତ ହୋଇ ଯାଇଛି।

ଓଡିଶା ମାନବାଧିକାର କମିଶନ ର ଅଧକ୍ଷ ଶତ୍ରୁଘ୍ନ ପୂଜାହାରୀ ,ବିଶିଷ୍ଟ ଚିକିତ୍ସକ ପଦ୍ମଶ୍ରୀ ଡ଼ଃ ଅଶୋକ କୁମାର ମହାପାତ୍ର ,ଭାରତ ବିକାଶ ପରିଷଦ ର ପୂର୍ବ କ୍ଷେତ୍ର ର କ୍ଷେତ୍ରୀୟ ମହିଳା ସହ ଭାଗୀତା କ୍ଷେତ୍ରୀୟ ସଚିବ ସୁପ୍ରିତୀ ରଥ, ଓଡିଶା ପୂର୍ବ ପ୍ରାନ୍ତର ପ୍ରାନ୍ତୀୟ ଅଧକ୍ଷ ସତ୍ୟବାଦୀ ଦାଶ, ପ୍ରାନ୍ତ ମହାସଚିବ ସୌମେନ୍ଦ୍ର ଦାସ ଅତିଥି ଭାବେ ଯୋଗଦେଇ ପରିଷଦ ର ଉଦ୍ୟମ କୁ ପ୍ରଶଂସା କରିଥିଲେ।ଏହି ଅବସରରେ ଓଡିଶା ମାନବାଧିକାର କମିଶନ ର ଅଧକ୍ଷ ଶତ୍ରୁଘ୍ନ ପୂଜାହାରୀ ଭାରତ ବିକାଶ ପରିଷଦର କାର୍ଯ୍ୟକୁ ପ୍ରଶଂସା କରିଥିଲେ । ଏହା ସହ କିପରି ଦେଶ ପ୍ରଗତି କ୍ଷେତ୍ରରେ ଆଗଉଛି ସେ ନେଇ ଆଲୋକପାତ କରିଥିଲେ। ବିଶିଷ୍ଟ ଚିକିତ୍ସକ ପଦ୍ମଶ୍ରୀ ଡ଼ଃ ଅଶୋକ କୁମାର ମହାପାତ୍ର ସୁସ୍ଥ ହେବା ପାଇଁ ମନୁଷ୍ୟର ଜୀବନଧାରା ବିଷୟରେ ଆଲୋକପାତ କରିଥିଲେ । ଆମେ କିପରି ପ୍ରତିଦିନ ସୁସ୍ଥ ରହିବା ସେ ନେଇ ସେ କହିଥିଲେ ।ଶ୍ରୀ ଜଗନ୍ନାଥଧାମ ଶାଖାର ସଚିବ ସନ୍ତୋଷ କୁମାର ମହାନ୍ତିଙ୍କ ସଂଯୋଜନାରେ ଆରମ୍ଭ ହୋଇଥିବା ସଭା ରେ ପ୍ରାକ୍ତନ ଅଧକ୍ଷ ଡ଼ଃ ନାରାୟଣ ଚନ୍ଦ୍ର ଦାସ ସ୍ୱାଗତ ଭାଷଣ ଦେଇଥିବା ବେଳେ ୨୦୨୫-୨୬ ମସିହା ପାଇଁ ନୂତନ ଅଧକ୍ଷ ଭାବେ ଡ଼ଃ ନାରାୟଣ ଚନ୍ଦ୍ର ଦାଶ,ସଚିବ ଭାବେ ସନ୍ତୋଷ କୁମାର ମହାନ୍ତି ଏବଂ କୋଷାଧକ୍ଷ ଭାବେ ହର ପ୍ରସାଦ ମହାପାତ୍ର ଙ୍କ ସହ ସମ୍ପର୍କ ଆବାହକ ପ୍ରଫେସର ପ୍ୟାରୀମୋହନ ପଟନାୟକ,ସଂସ୍କାର ବୁଧ ଦେବ ମହାପାତ୍ର,ସେବା ରାଜେଶ୍ୱର ମହାରଣା,ପର୍ଯ୍ୟବରଣ ପତିତପାବନ ସାମନ୍ତରାୟ, ମହିଳା ସହଭାଗୀତା ଉର୍ମିଳା ସ୍ୱାଇଁ ଙ୍କ ସହ ଅନ୍ୟ ଦାୟିତ୍ୱଧାରୀ କାର୍ଯ୍ୟକର୍ତ୍ତା ମାନେ ଶପଥ ପାଠ କରି ଦାୟିତ୍ୱ ଗ୍ରହଣ କରିଥିଲେ ।ଆଗାମୀ ବର୍ଷ ପାଇଁ ଦିନ ଚର୍ଯ୍ୟା ଏବଂ ଋତୁ ଚର୍ଯ୍ୟା ମାଧ୍ୟମରେ ସୁସ୍ଥ ରହିବାର ମାର୍ଗ ସମ୍ପର୍କରେ ସମାଜରେ ସଚେତନତା ବାର୍ତ୍ତା ଦେବାପାଇଁ ଭାରତ ବିକାଶ ପରିଷଦ କାର୍ଯ୍ୟ କରିବ,ବ୍ୟାପକ ବୃକ୍ଷ ରୋପଣ ମାଧ୍ୟମ ରେ ପର୍ଯ୍ୟାବରଣର ସୁରକ୍ଷା କରିବା,ମହିଳା ମାନଙ୍କ ସଶକ୍ତିକରଣ,ସମାଜ ରେ ସଂପର୍କ,ସହଯୋଗ,ସେବା, ସଂସ୍କାର ମାଧ୍ୟମ ରେ ଏକ ସୁନ୍ଦର ପରିବାର ଗଠନ ଦିଗରେ ଭାରତ ବିକାଶ ପରିଷଦ କାର୍ଯ୍ୟ କରିବେ ବୋଲି ନୂତନ ଅଧକ୍ଷ, ସଚିବ ଏବଂ ଅର୍ଥ ସଚିବ ଲକ୍ଷ ରଖିଥିବା ସମ୍ପର୍କରେ ମତ ରଖିଥିଲେ ।ଶ୍ରୀକ୍ଷେତ୍ର ଶାଖା ର ଅଧକ୍ଷ ଡ଼ଃ କମଲେଶ ପ୍ରସାଦ ପ୍ରଧାନ,ସଚିବ ବିଶ୍ୱ ଶାନ୍ତି ତ୍ରିପାଠୀ,କୋଷାଧକ୍ଷ ଦେବୀ ପ୍ରସନ୍ନ ପଣ୍ଡା,ସମ୍ପର୍କ କୁମାର ଭୀମସେନ,ସେବା ନମନ ଅଗ୍ରୱାଲ,ସଂସ୍କାର ସୌରଭ ଦାସ,ମହିଳା ସହଭାଗୀତା ଡ଼ଃ ସସ୍ମିତା ବନ୍ଦର ନାୟକ,ପର୍ଯ୍ୟାବରଣ ବିବେକ ସୁବୁଦ୍ଧି ଶପଥ ପାଠ କରିଥିଲେ। ତନ୍ମଧ୍ୟ ଚାଟାର୍ଜୀ, ରାଜକିଶୋର ମହାରଣା,ପିତାମ୍ବର ମହାପାତ୍ର,ରାକେଶ ବାରିକ,ଜୟନ୍ତୀ ମହାପାତ୍ର,ପ୍ରାନ୍ତ ସଂଗଠନ ସଚିବ ରାମ ଚନ୍ଦ୍ର ଦଳାଇ,କିଶୋର ପାତ୍ର,ପ୍ରାନ୍ତ ଉପାଧକ୍ଷ ଶ୍ରୀଧର ସାହୁ,ମମତା ପାତ୍ର ପ୍ରାରମ୍ଭ ରେ ସମୂହ ବନ୍ଦେ ମାତାରମ ଶେଷ ରେ ରାଷ୍ଟ୍ରଗାନ ଜନ ଗଣ ମନ ଗାନ କରାଯାଇଥିଲା।

# ଦିବାକର ନାୟକଙ୍କ ରାଜ୍ୟସ୍ତରୀୟ ଶ୍ରଦ୍ଧାର୍ପଣ ସଭା

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ପୂର୍ବତନ ରାଜ୍ୟ ସମ୍ପାଦକ, ଜାତୀୟ କାର୍ଯ୍ୟକାରୀ କମିଟି ସଦସ୍ୟ, ନୂଆଦୁନିଆ ସାପ୍ତାହିକ ପତ୍ରିକାର ସମ୍ପାଦକ ତଥା ଓଡିଶାର ବିଶିଷ୍ଟ ମାର୍କ୍ସବାଦୀ ତତ୍ତ୍ୱବିତ୍, ଶ୍ରମିକ,କୃଷକ ଆନେ୍ଦାଳନର ଜନନେତା, କମ୍ରେଡ଼ ଦିବାକର ନାୟକଙ୍କ ରାଜ୍ୟସ୍ତରୀୟ ଶ୍ରଦ୍ଧାର୍ପଣ ସଭା ସୋମବାର ପୂର୍ବାହ୍ନରେ ଭୁବନେଶ୍ୱରସ୍ଥିତ ଜୟଦେବ ଭବନଠାରେ ପୂର୍ବତନ ବିଧାୟକ ନାରାୟଣ ରେଡ୍ଡିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ସଭାରେ ଓଡ଼ିଶାର ବିଭିନ୍ନ ରାଜନୈତିକ ଦଳର ନେତୃବୃନ୍ଦ ଏବଂ ବିଭିନ୍ନ ଗଣସଂଗଠନ ତଥା ବିଭିନ୍ନ ବର୍ଗର ବ୍ୟକ୍ତିବିଶେଷ ଯୋଗଦେଇ ପ୍ରୟାତ ଜନନେତାଙ୍କ ପ୍ରତି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ । ସିପିଆଇ ରାଜ୍ୟ ସମ୍ପାଦକମଣ୍ଡଳୀ ସଦସ୍ୟ ଡଃ ପ୍ରଶାନ୍ତ ମିଶ୍ର ସଭାର ପ୍ରାରମ୍ଭିକ ସୂଚନା ଦେବା ସହିତ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ । ସିପିଆଇ ଜାତୀୟ ସମ୍ପାଦକ ରାମକୃଷ୍ଣ ପଣ୍ଡା ଶ୍ରଦ୍ଧାଞ୍ଜଳି ଜଣାଇ ସେ ଏକାଧାରରେ ଜଣେ ବିପ୍ଲବୀ ଜନନେତା, ସାମ୍ବାଦିକ ଓ ମାର୍କ୍ସବାଦୀ ତତ୍ତ୍ୱବିଦ୍ ଭାବରେ ଯେଉଁ ଅବଦାନ ରଖିଯାଇଛନ୍ତି ତାହା ଦିବାକର ବାବୁଙ୍କୁ ସ୍ମରଣୀୟ କରିରଖିବ । ବର୍ତ୍ତମାନ ଦେଶରେ ଫାସିବାଦୀ ବିପଦକୁ ମୁକାବିଲା କରିବା ପାଇଁ ସମସ୍ତ ବାମପନ୍ଥୀ-ଗଣତାନ୍ତ୍ରିକ ଶକ୍ତି ଏକାଠି ହୋଇପାରିଲେ ତାଙ୍କ ପ୍ରତି ଶେଷ ଶ୍ରଦ୍ଧାଞ୍ଜଳି ହେବ ବୋଲି ସେ କହିଥିଲେ । ଦିବାକର ନାୟକଙ୍କ ସ୍ମୃତିରେ ପ୍ରକାଶିତ ସ୍ମରଣିକା ପୂର୍ବତନ ଅର୍ଥମନ୍ତ୍ରୀ ଡ଼ଃ ପ୍ରଫୁଲ୍ଲ ଚନ୍ଦ୍ର ଘଡ଼ାଇ ଉନ୍ମୋଚନ କରି ସମାଜର ପରିବର୍ତ୍ତନ ଚାହୁଁଥିବା ଆଦର୍ଶ ପ୍ରତି ଅଙ୍ଗୀକାରବଦ୍ଧ ଜଣେ ବିପ୍ଲବୀର କେବେ ମୃତ୍ୟୁ ଘଟେନା । ସେ ମରି ମଧ୍ୟ ଅମର ରହେ ବୋଲି କହି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ । ସିପିଆଇ ରାଜ୍ୟ ସମ୍ପାଦକ ଆଶିଷ କାନୁନଗୋ, ସିପିଆଇ(ଏମ୍) ରାଜ୍ୟ ସମ୍ପାଦକ ସୁରେଶ ପାଣିଗ୍ରାହୀ ଏବଂ ସିପିଆଇ(ଏମ୍ଏଲ୍) ଲିବେରେସନ ରାଜ୍ୟ ସମ୍ପାଦକ ଯୁଧିଷ୍ଠୀର ଦିବାକର ନାୟକଙ୍କ ସ୍ମୃତିଚାରଣ କରି ମାର୍କ୍ସବାଦ ପ୍ରତି ଅଙ୍ଗୀକାରବଦ୍ଧତା ଏବଂ ସମାଜର ପରିବର୍ତ୍ତନ ପାଇଁ ପ୍ରତିବଦ୍ଧ ଏକ ବିପ୍ଲବୀ ଭାବରେ ଦିବାକରବାବୁ ଜନମାନସରେ ଜଣେ ଉତ୍ସର୍ଗୀକୃତ ରାଜନେତା ଭାବରେ ପରିଚିତ ଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅଖିଳ ଭାରତ ଫରୱାର୍ଡ଼ ବ୍ଲକ୍ର ରାଜ୍ୟ ସମ୍ପାଦକ ଜ୍ୟୋତିରଞ୍ଜନ ମହାପାତ୍ର, ଏସ୍ୟୁସିଆଇ (କ) ନେତ୍ରୀ ଛବି ମହାନ୍ତି, ପୂର୍ବତନ ମନ୍ତ୍ରୀ ପଞ୍ଚାନନ କାନୁନଗୋ, ଦେବୀ ପ୍ରସାଦ ମିଶ୍ର, ସିପିଆଇ(ଏମ୍) ରାଜ୍ୟ ନେତା ସନ୍ତୋଷ ଦାସ, ବରିଷ୍ଠ ସାମ୍ବାଦିକ ରବି ଦାସ, ପୂର୍ବତନ ବିଧାୟକ ରାଧାକାନ୍ତ ସେଠୀ, ଏଆଇଟିୟୁସି ରାଜ୍ୟ ସାଧାରଣ ସମ୍ପାଦକ ବିଜୟ ଜେନା, ଆଇଏନ୍ଟିୟୁସି ରାଜ୍ୟ ନେତା କିଶୋର ଜେନା, ବିଶ୍ୱ ଶିକ୍ଷକ ମହାସଂଘର ଅଧକ୍ଷ ଡଃ ଅମୀୟ ମହାନ୍ତି, ବିଶ୍ୱ ବିଦ୍ୟାଳୟ ଓ କଲେଜ ଶିକ୍ଷକ ସଂଘର ନେତା ଡଃ ମାନସ ବେହେରା, ବିଜୟ ପଢ଼ିହାରୀ ପ୍ରମୁଖ ପ୍ରୟାତ ନେତାଙ୍କ ସ୍ମୃତିଚାରଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ ।

# ପଣ୍ଡିତ ରଘୁନାଥ ମୁର୍ମୁଙ୍କୁ ନମନ କଲେ ଧର୍ମେନ୍ଦ୍ର ପ୍ରଧାନ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ପଣ୍ଡିତ ରଘୁନାଥ ମୁର୍ମୁଙ୍କୁ ନମନ କରିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ସୋସିଆଲ ମିଡିଆ ଏକ୍ସରେ କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ, ସାନ୍ତାଳି ଭାଷା 'ଅଲ୍ ଚିକି ଲିପି'ର ସ୍ରଷ୍ଟା, କାଳଜୟୀ ସାହିତ୍ୟିକ 'ଗୁରୁ ଗମକେ' ପଣ୍ଡିତ ରଘୁନାଥ ମୁର୍ମୁଙ୍କର ଜୟନ୍ତୀ ଅବସରରେ କୋଟି କୋଟି ପ୍ରଣାମ ।

# ପବିତ୍ର ବୁଦ୍ଧ ପୂର୍ଣ୍ଣିମାର ଅଭିନନ୍ଦନ ଜଣାଇଲେ ନବୀନ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ପବିତ୍ର ବୁଦ୍ଧ ପୂର୍ଣ୍ଣିମାର ଅଭିନନ୍ଦନ ଜଣାଇଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ । ସୋସିଆଲ ମିଡିଆ ଏକ୍ସରେ ନବୀନ କହିଛନ୍ତି ଯେ, ପବିତ୍ର ବୁଦ୍ଧ ପୂର୍ଣ୍ଣିମାର ଶୁଭ ଅଭିନନ୍ଦନ। ଭଗବାନ ବୁଦ୍ଧଙ୍କ ପ୍ରଦର୍ଶିତ ସତ୍ୟ, ଶାନ୍ତି ଓ ଅହିଂସାର ମାର୍ଗ ସଭିଙ୍କ ପାଇଁ ପଥପ୍ରଦର୍ଶକ ହେଉ ବୋଲି ସେ କାମନା କରିଛନ୍ତି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଅପରେସନ ସିନ୍ଦୂର...

ଆକ୍ରମଣ କରେ ତେବେ ଏହାର କଡ଼ା ଜବାବ ଦିଆଯିବ। ସେ ଆହୁରି କହିଥିଲେ, ଆତଙ୍କବାଦ ଓ ଆଲୋଚନା ଏକ ସମୟରେ ହୋଇପାରିବ ନାହିଁ। ସେହିପରି ପାଣି ଓ ରକ୍ତ ଏକାଠି ବହିପାରିବନି। ଆତଙ୍କବାଦ ଓ ବାଣିଜ୍ୟ କାରବାର ଏକସଙ୍ଗରେ କେବେ ବି ହୋଇପାରିବ ନାହିଁ । ତେବେ ସର୍ଜିକାଲ ଷ୍ଟ୍ରାଇକ ପରେ ଅପରେସନ ସିନ୍ଦୂର ଭାରତର ନୀତି ବୋଲି ସେ ଦୋହରାଇଥିଲେ।

### ହାଇକୋର୍ଟ...

କରିଥିଲେ। ୨୦୧୪ରେ ସହକାରୀ ସଲିସିଟର ଜେନେରାଲ ଅଫ୍ ଇଣ୍ଡିଆ ଭାବେ ନିଯୁକ୍ତି ପାଇଥିଲେ। ୨୦୧୮ ଫେବୃଆରୀ ୧୪ରେ ସେ କର୍ଣ୍ଣାଟକ ହାଇକୋର୍ଟର ଅତିରିକ୍ତ ବିଚାରପତି ଓ ୨୦୨୦ ଜାନୁଆରୀ ୭ରେ ସ୍ଥାୟୀ ବିଚାରପତିଭାବେ ନିଯୁକ୍ତି ପାଇଥିଲେ। ଏହି ଶପଥଗ୍ରହଣ ସମାରୋହରେ ହାଇକୋର୍ଟର ସମସ୍ତ ବିଚାରପତି, ରାଜସ୍ୱମନ୍ତ୍ରୀ ସୁରେଶ ପୂଜାରୀ, ପୋଲିସ କମିଶନର, କଟକ ଡିସିପିଙ୍କ ସହ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ। ଜଷ୍ଟିସ ଶ୍ରୀପଦ ଯୋଗଦେବା ପରେ ହାଇକୋର୍ଟର ବିଚାରପତିଙ୍କ ସଂଖ୍ୟା ୧୯ରେ ପହଞ୍ଚିଛି।

### ୨୪ ଘଣ୍ଟାରେ...

ମୌସୁମୀର ଆଗମନ ପାଇଁ ଅନୁକୂଳ ରହିଛି। ଆଇଏମଡି ପୂର୍ବାନୁମାନ କରିଛି ଯେ ଚଳିତବର୍ଷ ଶୀଘ୍ର ମୌସୁମୀ ଉପକୂଳ ଛୁଇଁବ। ପୂର୍ବରୁ ଆଇଏମଡି ପୂର୍ବାନୁମାନ କରିଛି ଯେ ଆସନ୍ତା ୨୭ ତାରିଖରେ ମୌସୁମୀ କେରଳ ଉପକୂଳ ଛୁଇଁବ। ସାଧାରଣତଃ ଜୁନ୍‌ରେ ମୌସୁମୀ କେରଳ ଛୁଇଁଥାଏ। କିନ୍ତୁ ଚଳିତବର୍ଷ ଶୀଘ୍ର ଏହା ପହଞ୍ଚିବ ବୋଲି ଆଇଏମ୍‌ଡି ଆକଳନ କରିଛି। ଯଦି ମୌସୁମୀ ୨୭ ସୁଦ୍ଧା କେରଳ ଉପକୂଳ ଛୁଏଁ, ତେବେ ୨୦୦୯ ପରେ ଏହା ପ୍ରଥମ ଥର ହେବ ବୋଲି ଆଇଏମ୍‌ଡି କହିଛନ୍ତି। ୨୦୦୯ରେ ମୌସୁମୀ ମେ ୨୩ ତାରିଖରେ କେରଳ ଛୁଇଁଥିଲା। ମୌସୁମୀ କେରଳରେ ପହଞ୍ଚିବା ପରେ ସାରା ଦେଶରେ ବର୍ଷା ଆରମ୍ଭ ହୋଇଯାଇଥାଏ। ସେହିପରି ସେପ୍ଟେମ୍ବର ମାସରେ ମୌସୁମୀ ଦେଶର ଉତ୍ତର-ପଶ୍ଚିମ ଅଞ୍ଚଳରୁ ହଟିଯାଉଥିବାବେଳେ ଅକ୍ଟୋବରରେ ସଂପୂର୍ଣ୍ଣଭାବେ ମୌସୁମୀ ଫେରିଯାଏ ବୋଲି ଆଇଏମ୍‌ଡି କହିଛି।

### ଟେଷ୍ଟକୁ...

ମୁଁ କୃତଜ୍ଞ ବୋଲି କୋହଲି ଲେଖିଛନ୍ତି। ବିରାଟ କୋହଲି ଭାରତ ପାଇଁ ୨୦୧୧ରେ ଟେଷ୍ଟ ଡେବ୍ୟୁ କରିଥିଲେ। ତାଙ୍କର ଟେଷ୍ଟ କ୍ୟାପ୍ ନମ୍ବର ୨୬୯ ରହିଥିଲା। କୋହଲି ଭାରତ ପାଇଁ ୧୨୩ଟି ଟେଷ୍ଟ ମ୍ୟାଚ୍ ଖେଳି ୪୬.୮୫ ଆଭରେଜ୍‌ରେ ୯୨୩୦ରନ୍ ସ୍କୋର କରିଛନ୍ତି। ୨୫୪ ରନ୍‌ର ସର୍ବାଧିକ ସ୍କୋର ସହିତ ସେ ୩୦ ଶତକ ଓ ୩୧ ଅର୍ଦ୍ଧଶତକ ମଧ୍ୟ ହାସଲ କରିଛନ୍ତି। ଏହାବ୍ୟତୀତ ଦିନିକିଆରେ ୩୦୨ଟି ମ୍ୟାଚ୍ ଖେଳି ୧୪,୧୮୧ ରନ୍ ଏବଂ ୧୨୫ଟି ଟି-୨୦ ମ୍ୟାଚରୁ ୪୧୮୮ ରନ୍ ସ୍କୋର କରିଛନ୍ତି। ପୂର୍ବରୁ ଭାରତ ଟି-୨୦ ବିଶ୍ୱକପ୍ ଜିତିବା ପରେ କୋହଲି ଟି-୨୦ରୁ ଅବସର ଘୋଷଣା କରିଥିଲେ। ବର୍ତ୍ତମାନ ସେ କେବଳ ଦିନିକିଆ କ୍ରିକେଟରେ ସକ୍ରିୟ ରହିବେ।

### ଆମର ଏୟାର ଡିଫେନ୍ସ...

ଦେଇଥିଲୁ। ଆମ ବାୟୁ ପ୍ରତିରକ୍ଷା ବ୍ୟବସ୍ଥାକୁ ଶତ୍ରୁପକ୍ଷ ଭେଦ କରିବା ଅସମ୍ଭବ। ଆମେ ଚୀନ୍ କ୍ଷେପଣାସ୍ତ୍ରକୁ ମଧ୍ୟ ଖସାଇ ଦେଇଛୁ। ଜେନେରାଲ ରାଜୀବ ଘାଇ କହିଥିଲେ ଯେ ଗତ କିଛିବର୍ଷ ଧରି ଆତଙ୍କବାଦୀ କାର୍ଯ୍ୟକଳାପରେ ପରିବର୍ତ୍ତନ ଆସିଛି, କିନ୍ତୁ ସେମାନେ ଆମର ନାଗରିକଙ୍କୁ ଟାର୍ଗେଟ କରିଥିଲେ। ସେମାନଙ୍କ ପାପର ଭାର ଭରି ଯାଇଥିଲା। ଏହାପରେ ଯାହାହେଲା ସମସ୍ତେ ଜାଣିଛନ୍ତି। ଆମେ ଏଲଓସି ପାର୍ କରି ଆକ୍ରମଣ କଲୁ। ଆମେ ସଂପୂର୍ଣ୍ଣ ସଚେତନ ଥିଲୁ ଯେ ପାକିସ୍ତାନ ମଧ୍ୟ ଆମ ଉପରେ ଆକ୍ରମଣ କରିବ। ସେଥିପାଇଁ ଆମେ ଆମର ବାୟୁ ପ୍ରତିରକ୍ଷା ପ୍ରସ୍ତୁତି ସଂପୂର୍ଣ୍ଣରୂପେ କରିଥିଲୁ। ଭାରତ ବିରୁଦ୍ଧରେ ପାକିସ୍ତାନ, ୟୁଏଭି ଏବଂ ପିଏଲ-୧୫ କ୍ଷେପଣାସ୍ତ୍ର ବ୍ୟବହାର କରିଥିଲା, ଯାହାର ଧ୍ୱଂସାବଶେଷ ଏବେ ଉଦ୍ଧାର କରାଯାଇଛି। ସେହିପରି ଭାଇସ୍ ଆଡମିରାଲ ଏ.ଏନ.ପ୍ରମୋଦ କହିଥିଲେ ଯେ ବର୍ତ୍ତମାନର ଯୁଦ୍ଧରେ ଆମର ଏୟାରକ୍ରାଫ୍ଟ ଏବଂ ଅନ୍ୟାନ୍ୟ ଅସ୍ତ୍ରଶସ୍ତ୍ର ଶହଶହ କିମି ଦୂରରୁ ମଧ୍ୟ କୌଣସି ସନ୍ଦିଗ୍ଧ ଶତ୍ରୁ ବିମାନ କିମ୍ବା ଅନ୍ୟ ବିପଦକୁ ନିକଟକୁ ଆସିବାକୁ ଦେଇନଥିଲା। ନୌସେନା ଏକକାଳୀନ ଜଳ,ସ୍ଥଳ ଏବଂ ଆକାଶରେ ଥିବା ବିପଦକୁ ଜାଣିବାରେ ସକ୍ଷମ ହୋଇଥିଲା। ବିଭିନ୍ନ ପ୍ରକାର ସେନସର ଏବଂ ଇନପୁଟ୍‌କୁ ନେଇ ପ୍ରଭାବଶାଳୀ ଭାବରେ ବ୍ୟବହାର କରି ସ୍ଥିତି ଉପରେ ନଜର ରଖିଥିଲୁ। ତାହା ଡ୍ରୋନ ହେଉ ବା ଯୁଦ୍ଧ ବିମାନ। ଆମର ପାଇଲଟମାନେ ବିମାନରେ ଦିନରାତି କାମ କରିବାରେ ସକ୍ଷମ। କୌଣସି ଶତ୍ରୁପକ୍ଷର ବିମାନ ଶହଶହ କିମି ଭିତରକୁ ଆସିପାରିବ ନାହିଁ । ଆମେ ଆମର ଆଣ୍ଟି ମିସାଇଲ ଏବଂ ଆଣ୍ଟି ଏୟାରକ୍ରାଫ୍ଟ ଟେକ୍ନଲୋଜିକୁ ପାକିସ୍ତାନ ବିପକ୍ଷରେ ବ୍ୟବହାର ନେଇ ପ୍ରମାଣିତ କରିଛୁ, ଯାହାକି ପାକିସ୍ତାନୀ ପ୍ରତିପକ୍ଷଙ୍କୁ ପଛକୁ ହଟିବା ପାଇଁ ବାଧ୍ୟ କଲା।

### ଶ୍ରୀମନ୍ଦିର ସୁରକ୍ଷା...

ନୌସେନାର ସହଯୋଗ ନିଆଯିବ ସହ ସହରରେ ସିସିଟିଭି ଓ ଏ ଆଇ କ୍ୟାମେରା ଲଗାଯିବାକୁ ନିଷ୍ପତି ନିଆଯାଇଛି ।ଚଳିତ ବର୍ଷ ରଥଯାତ୍ରା ଶୃଙ୍ଖଳିତ ଭାବେ ସମାପନ କରିବା ନେଇ ପୁରୀ ପୋଲିସ ବଡ଼ ଚାଲେଞ୍ଜ ରହିଥିବା ଡ଼ିଜି ୱାଇ.ବି ଖୁରାନିଆ ମତ ରଖିଥିଲେ। ଶୃଙ୍ଖଳିତ ରଥଯାତ୍ରା ନେଇ ବ୍ୟାପକ ପୋଲିସ ଫୋର୍ସ ମୁତୟନ ସହ ସହରରେ ସିସି କ୍ୟମେରା ଲଗାଯିବ ବୋଲି ନିଷ୍ପତ୍ତି ନିଆଯାଇଛି। ବର୍ତ୍ତମାନର ସମ୍ଭାବ୍ୟ ପରିସ୍ଥିତିକୁ ଦୃଷ୍ଟିରେ ରଖି ସୁରକ୍ଷା ବ୍ୟବସ୍ଥାକୁ ଅଧିକ କଡାକଡି କରାଯିବା ସହ କୋଷ୍ଟଗାର୍ଡ ଓ ଭାରତୀୟ ନୌସେନା ର ମଧ୍ୟ ସହଯୋଗ ଲୋଡ଼ାଯିବ। ସେହିପରି ସୁରକ୍ଷା ଦୃଷ୍ଟି କୋଣରୁ ସ୍ୱତନ୍ତ୍ର ଏଆଇ ଟେକ୍ନୋଲୋଜି ବ୍ୟବହାର କରାଯିବା ସହ ଆରପିଏଫ ଓ ଅନ୍ୟାନ୍ୟ ସୁରକ୍ଷା ବଳଙ୍କୁ ନିୟୋଜିତ କରାଯିବ। ଏ ନେଇ ଆଜି ପୁରୀ ଏସପି କାର୍ଯ୍ୟାଳୟ ଠାରେ ବସିଥିବା ଉଚ୍ଚସ୍ତରୀୟ ବୈଠକରେ ନିଷ୍ପତି ନିଆଯାଇଥିବା ଡ଼ିଜି ୱାଇ.ବି. ଖୁରାନିଆ ସୂଚନା ଦେଇଥିଲେ। ସାଧାରଣତଃ ରଥଯାତ୍ରା ସମୟରେ ଲକ୍ଷାଧିକ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ସମାଗମକୁ ନଜର ରେ ରଖି ଭିଡ଼ ନିୟନ୍ତ୍ରଣ ଓ ଟ୍ରାଫିକ ସୁବ୍ୟବସ୍ଥା ନେଇ ମଧ୍ୟ ଆଜିର ବୈଠକରେ ଆଲୋଚନା କରାଯାଇଥିଲା। ଭୁବନେଶ୍ୱରରୁ ପୁରୀ ଆସୁଥିବା ଯାନବାହନର ଚଳାଚଳର ସୁବ୍ୟବସ୍ଥା ସହ ବଡ଼ ଦାଣ୍ଡରେ ଭକ୍ତଙ୍କ ଭିଡ଼ ନିୟନ୍ତ୍ରଣ ସମେତ ଶୃଙ୍ଖଳିତ ରଥ ଟଣା କରାଇବା ନେଇ ସବିଶେଷ ଆଲୋଚନା ହୋଇଥିଲା। ସ୍ୱତନ୍ତ୍ର ଭାବେ ଚଳିତ ବର୍ଷ ସୁରକ୍ଷାକୁ ଆଖି ଆଗରେ ରଖି କୋଷ୍ଟାଲ ସିକ୍ୟୁରିଟିକୁ ବ୍ୟାପକ କରାଯଇଥିବା ଡ଼ିଜି ମତ ରଖିଥିଲେ। ତେବେ ସୋମବାର ବୈଠକ ପୂର୍ବରୁ ପୋଲିସ ଡ଼ିଜି ଶ୍ରୀମନ୍ଦିର ଯାଇ ମହାପ୍ରଭୁଙ୍କ ଦର୍ଶନ କରିଥିବା ବେଳେ ଶ୍ରୀମନ୍ଦିର ଓ ପୁରୀର ସୁରକ୍ଷା ନେଇ ଏକ ସ୍ୱତନ୍ତ୍ର ବୁଲେଟ ପ୍ରୁଫ ରକ୍ଷକ ଗାଡି କେନ୍ଦ୍ର ସୁରକ୍ଷା ବଳର ବଜ୍ର ଯାନକୁ ଉଦ୍ଘାଟନ କରିଥିବା ଜଣାପଡିଛି। ଏଥିରେ ବିଭିନ୍ନ ଅତ୍ୟାଧୁନିକ ଯୁଦ୍ଧାସ୍ତ୍ର ରହିଛି। ବଜ୍ର ଯାନ ଦ୍ୱାରା ଶ୍ରୀମନ୍ଦିରକୁ ୨୪ ଘଣ୍ଟିଆ ସୁରକ୍ଷା ଦେବେ ସ୍ୱତନ୍ତ୍ର କାମାଣ୍ଡୋ। ବୈଠକରେ ରାଜ୍ୟ ପୋଲିସ ବରିଷ୍ଠ ଆଇପିଏସ ପଦାଧିକାରୀ ମାନେ ଯୋଗଦାନ କରିଥିବାବେଳେ ରଥଯାତ୍ରା ସମୟରେ ଆଇନ ଶୃଙ୍ଖଳା କୁ ନେଇ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ହୋଇଥିା ବେଳେ ଆତଙ୍କୀ ହମଲା ଉପରେ କଡା ନଜର ରହିବ ବୋଲି ସୂଚନା ମିଳିଛି। ଅନ୍ୟପକ୍ଷରେ ଅପରେଶନ ସିନ୍ଦୂର ପରିପ୍ରେକ୍ଷୀରେ ପୁରୀ ଶ୍ରୀମନ୍ଦିରରେ ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରି ଦିଆଯାଇଥିଲା। ସୁରକ୍ଷାରେ ସ୍ୱତନ୍ତ୍ର ବାହିନୀଙ୍କ ମୁତୟନ କରାଯାଇଥିଲା। ୧୫୦ରୁ ଅଧିକ ପୋଲିସ କର୍ମଚାରୀ ଶ୍ରୀମନ୍ଦିରକୁ ଜଗି ରହିଥିଲେ। ସାରାରାତି ପୋଲିସ ପକ୍ଷରୁ ଚେକିଂ ଏବଂ ବ୍ଲକିଂ କରାଯାଉଛି। ଏପରିକି ପୁରୀ ସହରର ବିଭିନ୍ନ ହୋଟେଲରେ ପୋଲିସ ପକ୍ଷରୁ ଯାଞ୍ଚ କରାଯାଉଛି। ହୋଟେଲରେ ରହୁଥିବା ଲୋକଙ୍କ ପରିଚୟପତ୍ର ମଧ୍ୟ ପୋଲିସ ଯାଞ୍ଚ କରୁଥିବା ସୂଚନା ମିଳିଛି।

### ସାନ୍ତାଳୀ ଭାଷାର...

ଏହା ଏକ ଜନଜାତିର ଭାଷା, ସଂସ୍କୃତି ଓ ଅସ୍ମିତାର ଏକ ମୁକ୍ତ ଅଭିଯାନର ପରିଚୟ। ତାଙ୍କ ଲିପି ଉଦ୍ଭାବନ କେବଳ ଶାବ୍ଦିକ ପରିବର୍ତ୍ତନ ନୁହେଁ, ତାହା ଥିଲା ଏକ ସଂସ୍କୃତି ଉନ୍ନତିର ନୂଆ ଅଧ୍ୟାୟ। ଆମେ ଅନେକ ସମୟରେ ଭାଷାକୁ କେବଳ ଯୋଗାଯୋଗର ସାଧନ ବୋଲି ଭାବୁ। କିନ୍ତୁ ଭାଷା ହେଉଛି ଅସ୍ମିତା, ଅସ୍ତିତ୍ୱ, ଓ ଅଭିମତର ପ୍ରତିନିଧି। ଯେଉଁ ସମାଜ ନିଜ ଭାଷାରେ ଗର୍ବ ଅନୁଭବ କରେ, ସେହି ସମାଜ ଆଗକୁ ବଢ଼େ। ଅଲଚିକି ଏହି ଗର୍ବର ପ୍ରତୀକ। ଏହା ମନୁଷ୍ୟକୁ ଶିକ୍ଷା, ସଂହତି, ଓ ସଂସ୍କୃତିରେ ଏକ ଜନଶକ୍ତି ରୂପେ ଗଢ଼ିଥାଏ। ଓଡ଼ିଶା ସରକାର ଏହି ଲିପି ଓ ସାନ୍ତାଳୀ ଭାଷା ପ୍ରତି ସଦା ଗଭୀର ଦୃଷ୍ଟି ଓ ପ୍ରଶ୍ରୟ ଦେଇଛି। ପ୍ରାଥମିକ ଶିକ୍ଷାରେ ସାନ୍ତାଳୀ ଭାଷାର ଅନୁଷ୍ଠାନ, ପାଠ୍ୟପୁସ୍ତକ ତିଆରି, ଶିକ୍ଷକ ପ୍ରଶିକ୍ଷଣ, ଓ ଭାଷା ଶୋଧ କେନ୍ଦ୍ର ସୃଷ୍ଟି ଦ୍ୱାରା ଆମେ ଏହାକୁ ଆଗକୁ ନେଉଛୁ ବୋଲି ସେ କହିଥିଲେ। ସେ ପୁଣି କହିଥିଲେଯେ, ସାନ୍ତାଳ ସମାଜ ପାଇଁ ପଣ୍ଡିତ ମୁର୍ମୁ ଦେଖିଥିବା ପଥ ଆଜି ମଧ୍ୟ ଆଲୋକମୟ। ମୁଁ ଚାହେଁ ଯେ ଆମ ପିଢ଼ି ପିଢ଼ି ତାଙ୍କ ଦେଖିଥିବା ମୂଲ୍ୟବୋଧ, ଜ୍ଞାନ, ଓ ସଂସ୍କୃତି ପ୍ରତି ପ୍ରେମକୁ ଅନୁସରଣ କରୁ। ଅନ୍ୟ ଭାଷା, ଅନ୍ୟ ଧର୍ମ, ଅନ୍ୟ ସଂସ୍କୃତି ପାଇଁ ସମ୍ମାନ ଓ ଆତ୍ମସମ୍ମାନ ହେଉ ସାମ୍ପ୍ରଦାୟିକ ସମନ୍ୱୟର ମୂଳ ଶକ୍ତି। ତାଙ୍କ ଦର୍ଶନ ଓ ଆଦର୍ଶକୁ ଆଗେଇନେବା ଆମ ସମସ୍ତଙ୍କର ଦାୟିତ୍ୱ। ତାଙ୍କ ନାମରେ ଏକ ମେଡିକାଲ କଲେଜ୍? ଖୋଲାଯାଇଛି। ତାଙ୍କ ନାମରେ ଆହୁରି ଅଧିକ ଗବେଷଣା କେନ୍ଦ୍ର, ଶିକ୍ଷାନୁଷ୍ଠାନ ସ୍ଥାପିତ କରିବା ପାଇଁ ଆମେ ସଂକଳ୍ପବଦ୍ଧ ହେବା। ତାଙ୍କ ସ୍ୱପ୍ନକୁ ସାକାର କରିବା ପାଇଁ ସାନ୍ତାଳୀ ଭାଷା, ସାହିତ୍ୟ ଓ ସଂସ୍କୃତିର ସଂରକ୍ଷଣ ଓ ପ୍ରଚାର କାର୍ଯ୍ୟକୁ ଆହୁରି ଜୋରଦାର କରାଯିବ। ମୁଖ୍ୟମନ୍ତ୍ରୀ ଶେଷରେ କହିଥିଲେଯେ, ପଣ୍ଡିତ ମୁର୍ମୁ କେବଳ ଜ୍ଞାନ ଓ ଶିକ୍ଷାର ଅନୁସୂଚକ ନୁହେଁ, ସେ ଜଣେ ଏପରି ବ୍ୟକ୍ତିତ୍ୱ, ଯିଏ ଏହି ଭୂମିର ଅନ୍ତଃସ୍ଥ ମୂଲ୍ୟବୋଧକୁ ଉଜାଗର କରିଛନ୍ତି। ଆମ ସରକାର ଏହି ବିରାଟ ଅବଦାନକୁ ସମ୍ମାନ ଜଣାଇ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ନାମରେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରିଛି। ଆମ ସରକାର ରଘୁନାଥ ମୁର୍ମୁଙ୍କ ନାମକୁ ରାଜ୍ୟର ଶିକ୍ଷା ଓ ସଂସ୍କୃତି ନୀତିର ଏକ ଅଭିନ୍ନ ଅଂଶ କରିଛି। ତାଙ୍କ ଜୀବନ ଓ କାର୍ଯ୍ୟକୁ ସ୍ମରଣ କରି ଆମେ ଏକ ନୂଆ ପିଢ଼ିକୁ ଅନୁପ୍ରେରଣା ଦେଉଛୁ। ପଣ୍ଡିତ ମୁର୍ମୁଙ୍କ ସୃଷ୍ଟି ଓ ଚିନ୍ତାଧାରା ସମସ୍ତ ପିଢ଼ି ପାଇଁ ଏକ ଜୀବନ ଶିକ୍ଷା। ତାଙ୍କ ଜୀବନ ଆମକୁ ଶିଖାଏ ଯେ, ଯଦି ଆମେ ନିଜ ଭାଷା, ନିଜ ଚିନ୍ତାଧାରା ଓ ନିଜ ସଂସ୍କୃତି ପାଇଁ ସଚେତନ ଓ ସଂଘଠିତ ହେବୁ, ତେବେ କୌଣସି ଶକ୍ତି ଆମକୁ ପଛକୁ ଟାଣିପାରିବ ନାହିଁ। ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ କହିଥିଲେଯେ ଗୋରୁ ଗୋମକେ ଗୋଟିଏ ଏମିତି ଫୁଲ ଥିଲେ, ଯିଏ ମଉଳିବା ପରେ ମଧ୍ୟ ନିଜ ସୁଗନ୍ଧ ପ୍ରସାରି ଚାଲିଛନ୍ତି। ସେହିପରି ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ,ଡ. କୃଷ୍ଣଚନ୍ଦ୍ର ମହାପାତ୍ର, ପଣ୍ଡିତ ମୁର୍ମୁଙ୍କୁ ଜଣେ ଅଲୌକିକ ଶକ୍ତିର ଅଧିକାରୀ ବୋଲି କହିଥିବା ବେଳେ, ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶରାମ ସିଂ ଖୁଣ୍ଟିଆ, ଏହି ଉତ୍ସବ ଯୋଗୁଁ ଆଜି ଇତିହାସ ପୁନର୍ଜୀବିତ ହୋଇ ଉଠିଛି ବୋଲି ନିଜ ବକ୍ତବ୍ୟରେ କହିଥିଲେ। କାର୍ଯ୍ୟକ୍ରମ ଅବସରରେ, ମୁଖ୍ୟମନ୍ତ୍ରୀ, ପ୍ରସିଦ୍ଧ ସାନ୍ତାଳୀ ଭାଷା ଗବେଷକ, ଚୂନଦା ସୋରେନଙ୍କୁ ଗୁରୁ ଗୋମକେ ଆନ୍ତର୍ଜାତୀୟ ସମ୍ମାନରେ ସମ୍ମାନିତ କରିବା ସହିତ ଏକ ଲକ୍ଷ ଟଙ୍କା ଅର୍ଥରାଶି ପୁରସ୍କାର ପ୍ରଦାନ କରିଥିଲେ। ଏହି ଅବସରରେ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ଜୀବନ ଉପରେ ଆଧାରିତ ଏକ ସ୍ମରଣିକା ଉନ୍ମୋଚନ କରାଯିବ ସହିତ ପଣ୍ଡିତ ମୁର୍ମୁଙ୍କ ବଂଶଜ ଚୁନିୟାନ ମୁର୍ମୁଙ୍କୁ ଓ ପ୍ରସିଦ୍ଧ ସାନ୍ତାଳୀ ଲେଖିକା ତଥା ପଦ୍ମଶ୍ରୀ ଡଃ ଦମୟନ୍ତୀ ବେଶରାଙ୍କୁ ସମ୍ମାନିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ଅବସରରେ ମୟୂରଭଞ୍ଜ ସାଂସଦ ମମତା ମହାନ୍ତ, ସାଂସଦ, ନବଚରଣ ମାଝୀ, ରାଇରଙ୍ଗପୁର ବିଧାୟକ, ଜଲେନ ନାଏକ, ସାରସକଣା ବିଧାୟକ, ଭାଦବ ହାଁସଦା, କରଞ୍ଜିଆ ବିଧାୟକ, ପଦ୍ମଚରଣ ହାଇବୁରୁ, ବାରିପଦା ବିଧାୟକ, ପ୍ରକାଶ ସୋରେନ, ବଡ଼ସାହି ବିଧାୟକ, ସନାତନ ବିଜୁଳି ବାଙ୍ଗିରିପୋଷି ବିଧାୟିକା, ସୁଶ୍ରୀ ସଞ୍ଜୀଲି ମୁର୍ମୁ, ପଣ୍ଡିତ ରଘୁନାଥ ମୁର୍ମୁ ଟ୍ରଷ୍ଟ ସମ୍ପାଦକ ଇଂ ବିଶ୍ୱେଶ୍ୱର ଟୁଡୁ ପ୍ରମୁଖ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ନିର୍ଦ୍ଦେଶକ ବିଜୟ କେତନ ଉପାଧ୍ୟାୟ ସ୍ୱାଗତଭାଷଣ ଦେଇଥିବା ବେଳେ, ମୟୂରଭଞ୍ଜ ଜିଲ୍ଲାପାଳ ହେମକାନ୍ତ ସୟ ଧନ୍ୟବାଦ ଅର୍ପଣ କରିଥିଲେ।

# ନଗଡ଼ା ସ୍ଥିତି ପରଖିଲେ ମୁଖ୍ୟ ଶାସନ ସଚିବ



ଯାଜପୁର/ଭୁବନେଶ୍ୱର (ଭାସ୍କର ନ୍ୟୁଜ) : ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ସୋମବାର ଯାଜପୁର ଜିଲ୍ଲା ଗସ୍ତରେ ଆସି ସୁକିନ୍ଦା ବ୍ଲକ ଅନ୍ତର୍ଗତ ନଗଡ଼ା ଗସ୍ତକରି ବାସ୍ତବ ସ୍ଥିତି ଅନୁଧ୍ୟାନ ଓ ଉନ୍ନୟନମୂଳକ କାର୍ଯ୍ୟ ସମୀକ୍ଷା କରିଛନ୍ତି । ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ସତ୍ତ୍ୱେ ଧୁଧୁ ଖରାରେ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ସଚିବ ଗିରୀଶ ଏସ୍ଏନ୍, ବିଭାଗୀୟ ନିର୍ଦ୍ଦେଶକ ବୀନିତ ଭରଦ୍ୱାଜ ଓ ଜିଲ୍ଲାପାଳ ପି. ଅନ୍ୱେଷା ରେଡ୍ଡୀଙ୍କ ସହିତ ଘରକୁ ଘର ବୁଲି ନଗଡ଼ାବାସୀଙ୍କ ଭଲମନ୍ଦ ବୁଝିଛନ୍ତି। ଜିଲ୍ଲାପାଳ ପି ଅନ୍ୱେଷା ରେଡ୍ଡୀ ଉପସ୍ଥିତ ରହି ନଗଡା ଅଂଚଳରେ ବିଭିନ୍ନ ପ୍ରକଳ୍ପର ଅଗ୍ରଗତି ସମ୍ପର୍କରେ ମୁଖ୍ୟ ଶାସନ ସଚିବଙ୍କୁ ଅବଗତ କରାଇଥିଲେ। ମୁଖ୍ୟ ଶାସନ ସଚିବ ନିର୍ମାଣାଧୀନ ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ସାଧାରଣ ସ୍ୱାସ୍ଥ୍ୟ, ମହିଳା ଓ ଶିଶୁ ବିକାଶ, ପାନୀୟ ଜଳ ଯୋଗାଣ ପ୍ରକଳ୍ପ ଅନୁଧ୍ୟାନ କରିଥିଲେ। ଉପର ନଗଡ଼ା ଅଙ୍ଗନବାଡ଼ି କେନ୍ଦ୍ରରେ ପହଞ୍ଚି ସେ ଗ୍ରାଉଣ୍ଡ ଜିରୋ ସ୍ଥିତି ସମୀକ୍ଷା କରିଥିଲେ। ନିର୍ମାଣାଧୀନ ପ୍ରଧାନମନ୍ତ୍ରୀ ଆବାସ ଘର ବାବଦକୁ କିଛି ହିତାଧିକାରୀ ୬୦ ପ୍ରତିଶତ କାର୍ଯ୍ୟ ଦେଖି ମୁଖ୍ୟ ଶାସନ ସଚିବ ଉଦବେଗ ପ୍ରକାଶ କରିଥିଲେ। ଯଥାଶୀଘ୍ର ସଂପୂର୍ଣ୍ଣ ଘର ପାଇଁ ସେ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ଅଶୋକ କୁମାର ବେହୁରିଆ ଓ ବିଡିଓ ପ୍ରଦୀପ୍ତ କୁମାର ସେଠୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସ୍ୱାସ୍ଥ୍ୟକେନ୍ଦ୍ର ନଯାଇ ନିଜ ଘରେ ସନ୍ତାନ ପ୍ରସବ କରି ପ୍ରତିଷେଧକ ଟିକା ନେଇନଥିବା ଶିକର ପ୍ରଧାନଙ୍କ ପତ୍ନୀ ସୁବାଙ୍କୁ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଥିଲେ। ମମତା ଯୋଜନାରେ ବଞ୍ଚିତ ଥିବା ଯୋଗ୍ୟ ହିତାଧିକାରୀଙ୍କୁ ତୁରନ୍ତ ଯୋଜନାରେ ସାମିଲ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ବିଭାଗୀୟ ସର୍ବୋଚ୍ଚ ଯନ୍ତ୍ରୀ ଇଂ ବଳରାମ ମିଶ୍ର ଓ ମୁଖ୍ୟଯନ୍ତ୍ରୀ ଇଂ ରତ୍ନାକର ସାହୁଙ୍କ ଉପସ୍ଥିତିରେ ଯୋଗାଣ ପାନୀୟଜଳର ମାନ ଏବଂ ଏଥିରେ ଥିବା ଫ୍ଲୋରାଇଡର ମାତ୍ରା ସମ୍ପର୍କରେ ଅବଗତ ହୋଇଥିଲେ। କଟିକିଆ ପ୍ରଧାନଙ୍କ ଘରକୁ ଯାଇ ଶସ୍ୟ ସଂରକ୍ଷଣ ପଦ୍ଧତି ଓ ଜୁଆଙ୍ଗ ଚଳଣି ଦେଖିଥିଲେ। ଗ୍ରାମବାସୀଙ୍କ ସ୍ନାନଶୌଚ ପାଇଁ ପୋଖରୀ ଖୋଳାଇବା ଦାବି ଆଧାରରେ ଗାଁ ଉପର ମୁଣ୍ଡ ଝର ଜାଗାରେ ବାସ୍ତବ ସ୍ଥିତି ଅନୁଧାନକରି ପଦକ୍ଷେପ ନେବା ପାଇଁ ଜଳଛାୟା ପ୍ରକଳ୍ପ ନିର୍ଦ୍ଦେଶକ ରମାକାନ୍ତ ପରିଡ଼ାଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଅଧିକାଂଶ ମହିଳା ସୁଭଦ୍ରା ଟଙ୍କାରେ ଛେଳି ଓ କୁକୁଡ଼ା ପାଳନ କରୁଥିବା ଜାଣି ଖୁସିବ୍ୟକ୍ତ କରିଥିଲେ। ଜଙ୍ଗଲ ଜମି ଅଧିକାର ଆଇନ ଆଧାରରେ ଚାଷଜମି ପଟ୍ଟା ପ୍ରଦାନ ପାଇଁ ଜିଲ୍ଲାପାଳ, ତହସିଲଦାର ମାନସ ରଞ୍ଜନ ତ୍ରିପାଠୀ, ଡିଏଫ୍ଓ ଅନିଲ ରାୟ ଓ ଏସିଏଫ୍ ସନ୍ତୋଷ କୁମାର ପତିଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଡିଇଓ ନିତ୍ୟାନନ୍ଦ ବାରିକ ଓ ବିଇଓ ନାରାୟଣ ଦାସଙ୍କୁ ନେଇ ନଗଡ଼ା ସରକାରୀ ଉଚ୍ଚ ପ୍ରାଥମିକ ସ୍କୁଲ ପରିଦର୍ଶନରେ ସ୍କୁଲ ପରିଚାଳନା ସମିତି ସଭାପତି କୃପା ପ୍ରଧାନ ଓ ଚୁକୁଲି ପ୍ରଧାନ ଜୁଆଙ୍ଗ ଭାଷା ?ରେ ପାଠପଢ଼ା, ସ୍କୁଲ ପାଚେରି ଓ ଝରଣା ପାଣି ସଂରକ୍ଷଣ ଦାବି କରିଥିଲେ। କେତେକ ପିଲା ସ୍କୁଲରେ ନିୟମିତ ଅନୁପସ୍ଥିତ ରହୁଥିବା ଜାଣି ଏଥିରେ ସୁଧାର ଆଣିବାକୁ ପରାମର୍ଶ ଦେଇଥିଲେ। ଦେଓଗାଁରେ ୩ ବର୍ଷ ଧରି ଅବ୍ୟବହୃତ ଥିବା ୨ଶହ ଶଯ୍ୟା ବିଶିଷ୍ଟ ଆଦିବାସୀ ହଷ୍ଟେଲ ବୁଲି ତୁରନ୍ତ କାର୍ଯ୍ୟକ୍ଷମ ଦିଗରେ ଡିଡବ୍ଲ୍ୟୁଓ ଶରତ ଚନ୍ଦ୍ର ବେହେରା, ସ୍ୱତନ୍ତ୍ର ଅଧିକାରୀ ସୁନାରାମ ସିଂହ ଓ ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ଇଂ କମଳ କୁମାର ସ୍ୱାଇଁଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଶେଷରେ ମୁଖ୍ୟ ଶାସନ ସଚିବ କାଳିଆପାଣି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ବୁଲି ଏହାର ଉନ୍ନତୀକରଣ ପାଇଁ ସିଡିଏମ୍ଓ ଡା. ପ୍ରକାଶ ଚନ୍ଦ୍ର ବଳ, ଅଧୀକ୍ଷକ ଡା. ଜୟଦେବ ନନ୍ଦ ଓ ଡିପିଏମ୍ ବିଶ୍ୱରଞ୍ଜନ ରଥଙ୍କୁ ପରାମର୍ଶ ଦେଇଥିଲେ। ଡିଏସ୍‌ଡବ୍ଲ୍ୟୁଓ ପାର୍ବତୀ ସାହୁ, ଡିଏସ୍ଏସ୍ଓ ରବୀନ୍ଦ୍ରନାଥ ବେହେରା, ସହକାରୀ ନିର୍ଦ୍ଦେଶକ (ଉଦ୍ୟାନ) ରାଧେଶ୍ୟାମ ବେହେରା, ଗ୍ରାମ୍ୟ ଉନ୍ନୟନ ବିଭାଗ ନିର୍ବାହୀ ଯନ୍ତ୍ରୀ ଇଂ ଅବିନାଶ ବାରିକ ଓ ଡିଏମ୍ଏଫ୍ ଟିମ୍ ଲିଡର ଡ. ସତ୍ୟ ସ୍ୱରୂପ ପଣ୍ଡା ଓ ଆଶୀର୍ବାଦ ନାୟକ, ଓ୍ୱାଡସି ଶିକ୍ଷା ଅଧିକାରୀ ଦୀପକ ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ।

# ପୋଲିସକୁ ସିସି କ୍ୟାମେରା ଦେଲା ରୋଟାରୀ କ୍ଲବ

କଟକ(ଭାସ୍କର ନ୍ୟୁଜ): କମିଶନରେଟ ପୋଲିସ୍ ୟୁପିଡି ସହ ଏକ ବଡ଼ ନାଗରିକ ପ୍ରୟାସ 'ଆଇସ୍ ଅଫ ଦ ସିଟି' ଶୀର୍ଷକ ଏକ ଉଦ୍ୟମ ଆରମ୍ଭ କରାଯାଇ ରୋଟାରୀ କ୍ଲବ ଅଫ କଟକ କାଣ୍ଟନମେଣ୍ଟ ପକ୍ଷରୁ ଏନପିଆର (ଅଟୋମେଟିକ୍ ନମ୍ବର ପ୍ଲେଟ୍ ଚିହ୍ନଟ) ସିସିଟିଭି କ୍ୟାମେରା ଦାନ କରାଯାଇଥିଲା। ଯାହା ଅପରାଧ ରୋକାଯାଇ ପାରିଥିବା ଏବଂ କଟକ ନାଗରିକଙ୍କ ସୁରକ୍ଷା ବୃଦ୍ଧି କରିବା ଲକ୍ଷ୍ୟରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଡିସିପି ଅମରେନ୍ଦ୍ର ପଣ୍ଡା ଯୋଗ ଦେଇଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ରୋଟାରୀୟାନ ଜିଲ୍ଲା ଗଭର୍ନର ଜେ.ମହାପାତ୍ର, ଆସିଷ୍ଟାଣ୍ଟ ଗଭର୍ନର ରୋଟାରିୟାନ ଦେବାଶିଷ ଆଚାର୍ଯ୍ୟ, ପୂର୍ବତନ ଅଧକ୍ଷ ରୋଟାରିୟାନ ବିଶ୍ୱଜିତ ସେନାପତି, ରୋଟାରୀୟାନ ତପସ ଦାସ, ଚାର୍ଟର ଅଧ୍ୟକ୍ଷ ରୋଟାରିୟାନ ସୁଭ୍ର ମହାନ୍ତି, ରୋଟାରିୟାନ ପ୍ରଭାତ ମିଶ୍ର, ରୋଟାରିୟାନ ସାଦ ହାସମି ପ୍ରମୁଖ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।

# ୧୪ ଜିଲ୍ଲାର ଆବାହକ ଓ ସହ ଆବାହକ ନିଯୁକ୍ତ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): କଂଗ୍ରେସ ଦଳର ଛାମୁଆ ସଂଗଠନ ରାଜୀବ ଗାନ୍ଧୀ ପଞ୍ଚାୟତି ରାଜ ସଂଗଠନ ଆସନ୍ତା ପଞ୍ଚାୟତ ନିର୍ବାଚନକୁ ଦୃଷ୍ଟିରେ ରଖି ସଂଗଠନକୁ ସୁଦୃଢ କରିବାର ପ୍ରକ୍ରିୟା ଜାରି ରଖିଛି । ଆଜି ସଂଗଠନର ୧୪ଟି ଜିଲ୍ଲା ପାଇଁ ଆବାହକ ଓ ସହ ଆବାହକ ନିଯୁକ୍ତ ହୋଇଛନ୍ତି । ପ୍ରତି ଜିଲ୍ଲା ପାଇଁ ଜଣେ ପୁରୁଷ ଓ ଜଣେ ମହିଳାଙ୍କୁ ଆବାହକ ଓ ସହ ଆବାହକ ଭାବରେ ନିଯୁକ୍ତି ମିଳିଛି । ଚଳିତ ମାସ ଶେଷ ସୁଦ୍ଧା ଅନ୍ୟ ସମସ୍ତ ଜିଲ୍ଲାର ଆବାହକ ଓ ସହ ଆବାହକ ନିଯୁକ୍ତି ପ୍ରକ୍ରିୟା ଶେଷ ହେବ ଏବଂ ଜୁନ ମାସ ଶେଷ ସୁଦ୍ଧା ସମସ୍ତ ବ୍ଲକର ଆବାହକ ଓ ସହ ଆବାହକ ନିଯୁକ୍ତି ପ୍ରକ୍ରିୟା ଶେଷ ହେବ ବୋଲି ସଙ୍ଗଠନର ରାଜ୍ୟ ଅଧକ୍ଷ ସୁଦର୍ଶନ ଦାସ ଓ ସାଂଗଠାନିକ ସାଧାରଣ ସମ୍ପାଦକ ବିଜୟ ପ୍ରଧାନ ଜଣାଇଛନ୍ତି ।

# ଏଲ୍ଆଇସି କଟକ ମଣ୍ଡଳର ଭୂମିପୂଜନ ଉତ୍ସବ

କଟକ(ଭାସ୍କର ନ୍ୟୁଜ୍): ଭାରତୀୟ ଜୀବନ ବୀମା ନିଗମ(ଏଲଆଇସି) ପକ୍ଷରୁ କଟକ ସିଡିଏ ସେକ୍ଟର ୧ନଂ ଓ ସେକ୍ଟର ୧୩ନଂ ସ୍ଥିତ ନିଜସ୍ୱ ଜାଗାରେ ନୂତନ ଗୃହ ନିର୍ମାଣ (ସେକ୍ଟର-୧, ଇନଭେଷ୍ଟମେଣ୍ଟ ବିଲଡିଂ) ଓ (ସେକ୍ଟର୧୩ନଂ, ପଲିସି ହୋଲଡ଼ର ହାଉସିଂ ସ୍କିମ) ନିମନ୍ତେ ଭୂମିପୂଜନ କାର୍ଯ୍ୟକ୍ରମ ଏଲଆଇସିର ସିଇଓ ଏବଂ ଏମଡି ସିଦ୍ଧାର୍ଥ ମହାନ୍ତିଙ୍କ କରକମଳରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଉତ୍ସବରେ ଏଲଆଇସିର କାର୍ଯ୍ୟକାରୀ ନିର୍ଦ୍ଦେଶକ (ଇଞ୍ଜିନିୟରିଂ) ବିବି ଯାଦବ, ପୂର୍ବ ମଧ୍ୟ କ୍ଷେତ୍ରର କ୍ଷେତ୍ରୀୟ ପ୍ରବନ୍ଧକ ଶ୍ରବଣ କୁମାର, ଅତିରିକ୍ତ କାର୍ଯ୍ୟକାରୀ ନିର୍ଦ୍ଦେଶକ (ଇଞ୍ଜିନିୟରିଂ) ପିକେଜେ ଡୁଙ୍ଗଡୁଙ୍ଗ, ଏଲଆଇସି ପୂର୍ବ ମଧ୍ୟ କ୍ଷେତ୍ରର ଆଞ୍ଚଳିକ ପ୍ରବନ୍ଧକ (ବିକ୍ରୟ) ମନୋଜ କୁମାର ପଣ୍ଡା, ଏଲଆଇସି କଟକ ମଣ୍ଡଳର ବରିଷ୍ଠ ମଣ୍ଡଳ ପ୍ରବନ୍ଧକ ଅସୀମ କୁମାର ଏବଂ ଏଲଆଇସି ଭୁବନେଶ୍ୱର ମଣ୍ଡଳର ବରିଷ୍ଠ ମଣ୍ଡଳ ପ୍ରବନ୍ଧକ ଶ୍ୟାମଳକାନ୍ତୀ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ ।

# ଭିକାରୀ ବଳ ସ୍ମୃତି ସମ୍ମାନ ପାଇବେ ରଜନୀକାନ୍ତ ଓ ସଙ୍ଗୀତା

କଟକ(ଭାସ୍କର ନ୍ୟୁଜ): ଭଜନ ସମ୍ରାଟ ଭିକାରୀ ବଳ ସ୍ମୃତି ସଂସଦ ପକ୍ଷରୁ ପ୍ରତିବର୍ଷ ପରି ଚଳିତ ବର୍ଷ ଭଜନ ସମ୍ରାଟ ଭିକାରୀ ବଳଙ୍କ ସ୍ମୃତିରେ ଜଣେ କଣ୍ଠଶିଳ୍ପୀ ଓ ଜଣେ ଗୀତିକାରଙ୍କୁ ମର୍ଯ୍ୟାଦାଜନକ ଭଜନ ସମ୍ରାଟ ଭିକାରୀ ବଳ ସ୍ମୃତି ସମ୍ମାନ ପ୍ରଦାନ କରାଯିବାକୁ ନିଷ୍ପତ୍ତି ହୋଇଛି। ଏ ବର୍ଷ ପାଇଁ ବିଶିଷ୍ଟ ଗୀତିକାର ରଜନୀକାନ୍ତ ନାୟକ ଓ କଣ୍ଠଶିଳ୍ପୀ ଡକ୍ଟର ସଂଗୀତା ଗୋସାଇଁଙ୍କୁ ଭଜନ ସମ୍ରାଟ ଭିକାରୀ ବଳ ସ୍ମୃତି ସମ୍ମାନ-୨୦୨୫ ପ୍ରଦାନ କରାଯିବ। ପୁରସ୍କାର ସ୍ୱରୂପ ପ୍ରତ୍ୟେକଙ୍କୁ ୫ ହଜାର ଟଙ୍କାର ଅର୍ଥରାଶି ସହ ମାନପତ୍ର, ଅଙ୍ଗବସ୍ତ୍ର, ଉପଢ଼ୌକନ ଓ ପୁଷ୍ପଗୁଚ୍ଛ ପ୍ରଦାନକରାଯାଇ ସମ୍ବର୍ଦ୍ଧିତ କରାଯିବ। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ଏବଂ ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର ଆନୁକୂଲ୍ୟରେ ଆୟୋଜିତ ଏହି ଉତ୍ସବରେ ବିଶିଷ୍ଟ କଣ୍ଠଶିଳ୍ପୀ ପଦ୍ମଶ୍ରୀ ଶ୍ୟାମାମଣି ଦେବୀ ଉଦ୍ଘାଟିକା ଏବଂ ଓଡିଶା ସାହିତ୍ୟ ଏକାଡେମୀ ଓ ଓଡ଼ିଶା ସଂଗୀତ ନାଟକ ଏକାଡ଼େମୀର ସଚିବ ଡକ୍ଟର ଚନ୍ଦ୍ରଶେଖର ହୋତା ମୁଖ୍ୟ ଅତିଥି ଭାବେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ଆଗାମୀ ୨୫ ତାରିଖ ସଂଧ୍ୟା ୬ଟାରେ କଟକ ଶତାବ୍ଦୀ ଭବନଠାରେ ଭଜନ ସମ୍ରାଟଙ୍କ ୯୬ ତମ ଜୟନ୍ତୀ ଉତ୍ସବରେ ଏହି ସମ୍ମାନ ପ୍ରଦାନ କରାଯିବ ବୋଲି ଅନୁଷ୍ଠାନର ସଂପାଦକ ଡକ୍ଟର ସୁନାମଣି ରାଉତ ସୂଚନା ଦେଇଛନ୍ତି।

**AFFIDAVIT**

By virtue of an affidavit sworn before the Notary Public, Jajpur, dated: 11.04.2025, I, Sitaya Mahalik, Address: village-Banapur, Po-Baidyarajpur, Ps- Jajpur, Dist- Jajpur, Odisha, PIN-755007, declare that I have changed my daughter's name from Manisa Mallik to Manisa Mahalik. Henceforth, She shall be known as Manisa Mahalik for all purposes.

**Sd/- Sitaya Mahalik**

**AFFIDAVIT**

By virtue of an affidavit sworn before the Notary Public, Rayagada, dated: 09.05.2025, I, Sadaram Pulaka, Address: village-Tandipur, Po- Antamada, Ps- Chandili, Dist-Rayagada, Odisha, PIN-765017, declare that I have changed my daughter's name from Kati Pulaka to Swati Pulaka. Henceforth, She shall be known as Swati Pulaka for all purposes.


**Sd/- Sadaram Pulaka**

# ଜାତୀୟ ଓ ଅନ୍ତର୍ଜାତୀୟ



ନୂଆଦିଲ୍ଲୀ : ଭାରତ-ପାକିସ୍ତାନ ମଧ୍ୟରେ ପୁଣି ଥରେ ଉତ୍ତେଜନା ଚରମ ସୀମାରେ ପହଞ୍ଚିଛି। ଏଥିରେ ଭାରତର ସୁରକ୍ଷା ପ୍ରସ୍ତୁତିକୁ ମଜଭୁତ କରିବା ଦିଗରେ ଋଷିଆ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ଦେଇଛି। ଭାରତକୁ ଋଷିଆ ଏସ୍-୫୦୦ ଏୟାର ଡିଫେନ୍ସ ସିଷ୍ଟମର ମିଳିତ ନିର୍ମାଣ ନିମନ୍ତେ ଅଫର ଦେଇଛି। ଏହି ଅଫର ଏପରି ଏକ ସମୟରେ ଭାରତକୁ ମିଳିଛି ଯେତେବେଳେ ଆତଙ୍କବାଦକୁ ନେଇ ଭାରତ-ପାକିସ୍ତାନ ଉତ୍ତେଜନା ଲାଗି ରହିଛି। ଋଷିଆ ଦ୍ୱାରା ବିକଶିତ ଅତ୍ୟାଧୁନିକ ବାୟୁରକ୍ଷା ପ୍ରଣାଳୀ ମଧ୍ୟରେ ଏସ୍-୫୦୦ ପ୍ରୋମେଟେ ସବୁଠୁ ଆଡଭାନ୍ସଡ ଏୟାର ଡିଫେନ୍ସ ସିଷ୍ଟମ, ଯାହା କ୍ଷେପଣାସ୍ତ୍ର, ଡ୍ରୋନ ଓ ଷ୍ଟିଲଥ୍ ଏୟାରକ୍ରାଫ୍ଟ ଏପରିକି ହାଇପରସୋନିକ ଅସ୍ତ୍ରକୁ ବି ୬୦୦ କି.ମି ଦୂରରେ ଟାର୍ଗେଟ୍ କରିବାକୁ ସକ୍ଷମ। ଏହି ବାୟୁରକ୍ଷା ପ୍ରଣାଳୀ ଭାରତର ଥିବା ଏସ୍-୪୦୦ଠୁ ଅନେକ ଗୁଣା ଅଧିକ ତୀବ୍ର, ସଠିକ ଓ ବିସ୍ତୃତର ରେଞ୍ଜର। ଏସ୍-୫୦୦ ଏବେ କେବଳ ଋଷିଆ ସେନା ପାଖରେ ରହିଛି ଓ ବିଶ୍ୱରେ କେବଳ କିଛି ହାତଗଣତି ମିତ୍ର ଦେଶଙ୍କ ନିକଟରେ ରହିଛି।

## ଟ୍ରମ୍ପଙ୍କ ବଡ଼ ବୟାନ: ଅସ୍ତ୍ରବିରତି ନୁହେଁ ତ କାରବାର ନୁହେଁ



ନୂଆଦିଲ୍ଲୀ: ଭାରତ-ପାକିସ୍ତାନ ଉତ୍ତେଜନା ଥମିବା ମଧ୍ୟରେ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ବଡ଼ ବୟାନ ଦେଇଛନ୍ତି। ସେ କହିଛନ୍ତି ଦୁଇ ଦେଶ ମଧ୍ୟରେ ଅସ୍ତ୍ରବିରତି ନ ହେଲେ ଆମେରିକା କାରବାର କରିବ ନାହିଁ। ଅସ୍ତ୍ରବିରତି ହୋଇଥିବାରୁ ଏବେ ଆମେରିକା ଉଭୟ ଭାରତ ଓ ପାକିସ୍ତାନ ସହ ବାଣିଜ୍ୟରେ ସହାୟତା କରିବାକୁ ପ୍ରସ୍ତୁତ। ସୋମବାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କହିଛନ୍ତି, ଆମେରିକା ଭାରତ ଓ ପାକିସ୍ତାନ ମଧ୍ୟରେ ଅସ୍ତ୍ରବିରତି ରାଜିନାମାକୁ ଦୃଷ୍ଟିରେ ରଖି ସେମାନଙ୍କ ସାହାଯ୍ୟ କରିବାକୁ ପ୍ରସ୍ତୁତ। ଦୁଇ ଆଣବିକ ସଂପନ୍ନ ଦେଶ ମଧ୍ୟରେ ଯୁଦ୍ଧବିରତିର ସଫଳ ଉଦ୍ୟମର ଶ୍ରେୟ ଟ୍ରମ୍ପ ନିଜର ପ୍ରଶାସନକୁ ଦେଇଛନ୍ତି। ଟ୍ରମ୍ପ ଏହା ଉପରେ ଜୋର ଦେଇଛନ୍ତି ଯେ, ଭାରତ ଓ ପାକିସ୍ତାନ ମଧ୍ୟରେ ଉତ୍ତେଜନା କମ କରିବା ପାଇଁ କାରବାର ହିଁ ପ୍ରମୁଖ କାରଣ ଥିଲା। ଅନ୍ୟପଟେ ଭାରତ ସହିତ କାରବାର ନେଇ ଆଲୋଚନା ଜାରି ରହିଛି। ମୋ ମତରେ କେବଳ ଏହି ଗୋଟିଏ ବଡ କାରଣ ହିଁ ଦୁଇ ଦେଶକୁ ଅସ୍ତ୍ରବିରତି ପାଇଁ ସହମତି କରାଇ ପାରିଛୁ। ଏବେ ଆମେ ଦୁଇ ରାଷ୍ଟ୍ର ସହିତ ଅଧିକ ବାଣିଜ୍ୟ କରିବାକୁ ଯାଉଛୁ। ଟ୍ରମ୍ପ କହିଛନ୍ତି ଆମେରିକା ସମ୍ଭାବିତ ପରମାଣୁ ସଂଘର୍ଷକୁ ବନ୍ଦ କରି ଦେଇଛି। ସେ କହିଛନ୍ତି, ସ୍ଥିତି ଯେମିତି ଆଗକୁ ବଢୁଥିଲା ସେଥିରେ ପରମାଣୁ ଯୁଦ୍ଧର ଆଶଙ୍କା ସୃଷ୍ଟି ହୋଇଥିଲା। ଲକ୍ଷାଧିକ ଲୋକଙ୍କ ପ୍ରାଣହାନୀ ଘଟିଥାନ୍ତା। ଏଥିପାଇଁ ମୁଁ ଗର୍ବିତ ଯେ ଆମେ ଦୁଇ ଦେଶ ମଧ୍ୟରେ ଯୁଦ୍ଧକୁ ରୋକି ଦେଇଛୁ। ଦୁଇ ଦେଶର ନେତୃତ୍ୱଙ୍କୁ ପ୍ରଶଂସା କରି ଟ୍ରମ୍ପ କହିଛନ୍ତି, ଆପଣଙ୍କୁ ଏହା ଜଣାଇବାରେ ଗର୍ବ କରୁଛି ଯେ, ଭାରତ ଓ ପାକିସ୍ତାନର ନେତୃତ୍ୱ ନିଜ ଜିଦରେ ଅଟଳ ଥିଲେ। କିନ୍ତୁ ବାସ୍ତବ ସ୍ଥିତିର ଗମ୍ଭୀରତାକୁ ସଂପୂର୍ଣ୍ଣ ଭାବେ ବୁଝି ପାରୁଥିଲେ, ଜାଣି ପାରୁଥିଲେ। ଦୁଇ ଦେଶର ରାଷ୍ଟ୍ରାଧ୍ୟକ୍ଷଙ୍କ ଉନ୍ନତ ଦୃଷ୍ଟିକୋଣ ସହ ବୁଦ୍ଧି ଓ ଧୈର୍ଯ୍ୟ ରହିଛି। ତେବେ ଦୁଇ ଦେଶ ପକ୍ଷରୁ ଟ୍ରମ୍ପଙ୍କ ଏହି ବୟାନ ଉପରେ କୌଣସି ଟିପ୍ପଣୀ ଦେଇ ନାହାନ୍ତି। କିନ୍ତୁ ଭାରତର କହିବା କଥା ଭାରତ ଓ ପାକିସ୍ତାନ ଉଭୟ ପକ୍ଷ ମଧ୍ୟରେ ଆଲୋଚନା କରାଯାଇ ଅସ୍ତ୍ରବିରତି ଘୋଷଣା କରାଯାଇଛି। ଭାରତ କହିଛି ଯେ, ଅପରେସନ ସିନ୍ଦୂର ଏବେ ବି ଜାରି ରହିଛି। ଯୁଦ୍ଧ କେବଳ ସ୍ଥଗିତ ରହିଛି। ଯଦି ପୁଣି ପାକିସ୍ତାନରୁ ଆତଙ୍କବାଦୀ ହମଲାର ପ୍ରୟାସ ହୁଏ ତେବେ ଏହାକୁ ଯୁଦ୍ଧ ବିବେଚନା କରାଯିବ ଏବଂ ମୁହଁତୋଡ଼ ଜବାବ ଦିଆଯିବ।

## ପୁଣି ଥରିଲା ପାକିସ୍ତାନ

ନୂଆଦିଲ୍ଲୀ: ଭାରତ ଓ ପାକିସ୍ତାନ ମଧ୍ୟରେ ଉତ୍ତେଜନା ସୋମବାର ରାତିରେ ପ୍ରାୟତଃ ଥମିଛି। ଆଜି ଭାରତ ଓ ପାକିସ୍ତାନ ଉଭୟ ଦେଶର ଡିଜିଏମଓଙ୍କ ମଧ୍ୟରେ ଆଲୋଚନା ହୋଇଯାଇଛି। ଏଭଳି ସମୟରେ ସୋମବାର ଦ୍ୱିପହର ସମୟରେ ପାକିସ୍ତାନରେ ପୁଣିଥରେ ଭୂକମ୍ପର ତୀବ୍ର ଝଟକା ଅନୁଭୂତ ହୋଇଥିବା ସୂଚନା ମିଳିଛି। ଏହି ଭୂକମ୍ପର ତୀବ୍ରତା ଜାତୀୟ ଭୂକମ୍ପ ବିଜ୍ଞାନ କେନ୍ଦ୍ର (ଏନ୍ସିଏସ୍) ଅନୁଯାୟୀ ରେକ୍ଟର ସ୍କେଲରେ ୪.୬ ଥିବା ଜଣାପଡ଼ିଛି। ଖବର ଲେଖାହେଲା ପର୍ଯ୍ୟନ୍ତ ଭୂକମ୍ପ ଝଟକାରେ କୌଣସି ପ୍ରକାର କ୍ଷୟକ୍ଷତି ହୋଇ ନଥିବା ଜଣାପଡ଼ିଛି। କିନ୍ତୁ ଭୂମିକମ୍ପ ପରେ ଅଞ୍ଚଳରେ ଭୟର ବାତାବରଣ ଖେଳି ଯାଇଛି। ଏହା ପୂର୍ବରୁ ଗତଶୁକ୍ରବାର ରାତି ପାଖାପାଖି ୧ଟା ୪୪ ମିନିଟରେ ପାକିସ୍ତାନରେ ଭୂମିକମ୍ପ ଅନୁଭୂତ ହୋଇଥିଲା । ରିକ୍ଟର ସ୍କେଲରେ ଏହାର ତୀବ୍ରତା ୪.୦ ମ୍ୟାଗ୍ନିଚ୍ୟୁଡର ଥିଲା ।

## କେନ୍ଦ୍ର ମନ୍ତ୍ରୀ ଶିବରାଜ ସିଂଙ୍କୁ ଭେଟିଲେ ବିଷ୍ଣୁଦେବ



ରାୟପୁର: ଛତିଶଗଡ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏ ସୋମବାର କେନ୍ଦ୍ର ଗ୍ରାମୀଣ ବିକାଶ, କୃଷି ଓ କିଷାନକଲ୍ୟାଣ ମନ୍ତ୍ରୀ ଶିବରାଜସିଂ ଚୌହାନଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି। ଶ୍ରୀ ଚୌହାନଙ୍କ ଛତିଶଗଡ ଗସ୍ତ ସମୟରେ ମୁଖ୍ୟମନ୍ତ୍ରୀ ଶ୍ରୀ ସାଏ ତାଙ୍କୁ ବସ୍ତର ଆର୍ଟରେ ଏକ ପ୍ରତିକୃତି ଏବଂ ସାଲ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଛତିଶଗଡର ପାବନଘରାଠାରେ ଶ୍ରୀ ଚୌହାନଙ୍କୁ ଜନସାଧାରଣ ସ୍ୱାଗତ ଓ ଅଭିନନ୍ଦନ ମଧ ଜଣାଇଥିଲେ। ଏହି ଅବସରରେ ଶ୍ରୀ ସାଏ କହିଥିଲେ ଗରୀବ, କୃଷକ ଏବଂ ଗ୍ରାମଗୁଡିକର ବିକାଶ ପାଇଁ କେନ୍ଦ୍ର ମନ୍ତ୍ରୀ ଶ୍ରୀ ଚୌହାନଙ୍କ ପ୍ରେରଣାଦାୟୀ ଅବଦାନ ରହିଛି। ତାଙ୍କର ଅନୁଭବ ଓ ମାର୍ଗଦର୍ଶନରେ ଛତିଶଗଡରେ ଡବଲଇଞ୍ଜିନ ସରକାର ଅଧିକ ସଶକ୍ତ ହେବ ବୋଲି ଶ୍ରୀ ସାଏ କହିଥିଲେ। ସୂଚନାଯୋଗ୍ୟ ଯେ, କେନ୍ଦ୍ର ମନ୍ତ୍ରୀ ଶ୍ରୀ ଚୌହାନ ଅମ୍ବିକାପୁରଠାରେ ଆୟୋଜିତ 'ମୋ ଆବାସ ମୋ ଅଧିକାର' କାର୍ଯ୍ୟକ୍ରମରେ ଯୋଗଦେବେ। ଏଥିରେ ଶ୍ରୀ ଚୌହାନ ପ୍ରଧାନମନ୍ତ୍ରୀଙ୍କ ଆବାସ ଯୋଜନ ଏବଂ ପିଏମ୍ ଜନମନ ଯୋଜନା ସଂପର୍କରେ ହିତାଧିକାରୀଙ୍କୁ ଅବଗତ କରାଇବେ। ଏଥିସହ ଆବାସ ହିତାଧିକାରୀଙ୍କୁ ସ୍ୱୀକୃତିପତ୍ର ମଧ ପ୍ରଦାନ କରିବେ। ଛତିଶଗଡରେ ୫୧ହଜାର ହିତାଧିକାରୀଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଗୃହ ପ୍ରବେଶ କରାଇବାର କାର୍ଯ୍ୟକ୍ରମ ରହିଛି। ଏହି ଅବସରରେ ବିଧାନସଭା ଅଧ୍ୟକ୍ଷ ଡ. ରମଣ ସିଂ, ଉପମୁଖ୍ୟମନ୍ତ୍ରୀଅରୁଣ ସାଏ, ବିଜୟ ଶର୍ମା, କୃଷି ମନ୍ତ୍ରୀ ରାମବିଚାର ନେତମ, ଜଙ୍ଗଲ ମନ୍ତ୍ରୀ କେଦାର କଶ୍ୟମ, ବିତ୍ତ ମନ୍ତ୍ରୀ ଓପି ଚୌଧୁରୀଙ୍କ ସହ ଅନ୍ୟ ଜନ ପ୍ରତିନିଧି ଉପସ୍ଥିତ ରହିଥିଲେ।

## ଇସ୍ରୋ ଅଧ୍ୟକ୍ଷଙ୍କ ବଡ଼ ସୂଚନା: ଶତ୍ରୁଙ୍କ ଉପରେ ନଜର ରଖିଛି ୧୦ ସାଟେଲାଇଟ୍



ମଣିପୁର: ମଣିପୁର ଇମ୍ଫାଲରେ କେନ୍ଦ୍ରୀୟ କୃଷି ବିଶ୍ୱବିଦ୍ୟାଳୟର ପଞ୍ଚମ ସମାବର୍ତ୍ତନ ଉତ୍ସବରେ ଇସ୍ରୋ ଅଧ୍ୟକ୍ଷ ଭି ନାରାୟଣନ ଯୋଗଦେଇ ବଡ଼ ଦେଶବାସୀଙ୍କୁ ବଡ଼ ସୂଚନା ଦେଇଛନ୍ତି। ଇସ୍ରୋ ଭାରତର ସ୍ଥଳ ସୀମା ଏବଂ ଜଳ ସୀମା ଉପରେ ୨୪ ଘଣ୍ଟିଆ ନଜର ରଖିଥିବା ଇସ୍ରୋ ଅଧ୍ୟକ୍ଷ ପ୍ରକାଶ କରିଛନ୍ତି। ଇସ୍ରୋ ଅଧ୍ୟକ୍ଷ ଭି ନାରାୟଣନ କହିଛନ୍ତି ଯେ, ଭାରତର ସ୍ଥଳ ଓ ଜଳ ସୀମା ଉପରେ ଇସ୍ରୋର ୧୦ଟି ସାଟେଲାଇଟ ୨୪ ଘଣ୍ଟିଆ ନଜର ରଖିଛି । ସୀମା ନିକଟବର୍ତ୍ତୀ ଅଞ୍ଚଳରେ ଲୋକଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ସମ୍ବେଦନଶୀଳ ତଥ୍ୟ ଏବଂ କୌଣସି ସଙ୍ଗଠନର ସନ୍ଦେହମୂଳକ କାର୍ଯ୍ୟକଳାପ ବିଷୟରେ ତଥ୍ୟ ପ୍ରଦାନ କରୁଛନ୍ତି ଏହି ସାଟେଲାଇଟ। ନାରାୟଣ ଆହୁରି କହିଛନ୍ତି, ଦେଶର ସୁରକ୍ଷାକୁ ସୁନିଶ୍ଚିତ କରିବାକୁ ଚାହିଁବା, ତା'ହେଲେ ଆମକୁ ନିରନ୍ତର ଭାବେ ଉତ୍ତର ଅଞ୍ଚଳ ଏବଂ ସାମୁଦ୍ରିକ ଅଞ୍ଚଳ ଉପରେ ନଜର ରଖିବାକୁ ପଡିବ । ସାଟେଲାଇଟ ଏବଂ ଡ୍ରୋନ ଟେକ୍ନୋଲୋଜି ବିନା ଦେଶକୁ ପୂର୍ଣ୍ଣ ସୁରକ୍ଷା ଦେଇ ପାରିବା ନାହିଁ । ବର୍ତ୍ତମାନ ପରିସ୍ଥିତିରେ ସାଟେଲାଇଟ ଦ୍ୱାରା ଶତ୍ରୁ ପକ୍ଷର ଗତିବିଧି ଉପରେ ନଜର ରଖାଯାଉଛି। ପାକିସ୍ତାନ ସହ ଅନ୍ୟ ଶତ୍ରୁଙ୍କ ଉପରେ ମଧ ଇସ୍ରୋ ନଜର ରଖିଛି । ଦେଶର ସୁରକ୍ଷା ପାଇଁ ସାଟେଲାଇଟ କାମ କରୁଥିବା ସେ କହିଛନ୍ତି।

## ପ୍ରଧାନମନ୍ତ୍ରୀଙ୍କ ସମ୍ବୋଧନ ପରେ ସାମ୍ବା ଆକାଶରେ ପାକ୍ ଡ୍ରୋନ



ନୂଆଦିଲ୍ଲୀ: ସୋମବାର ବିଳମ୍ବିତ ସନ୍ଧ୍ୟାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଶବାସୀଙ୍କୁ ସମ୍ବୋଧିତ କରିଛନ୍ତି। ପ୍ରଧାନମନ୍ତ୍ରୀଙ୍କ ଏହି ସମ୍ବୋଧନର ଠିକ୍ ପରେ ପରେ ପୁଣି ସୀମାରେ ପାକିସ୍ତାନର ହରକତ ଦେଖାଯାଇଛି। ଜମ୍ମୁ-କାଶ୍ମୀର ସାମ୍ବା ଆକାଶରେ ଦୁଇଟି ଡ୍ରୋନ ଦେଖାଯାଇଥିବା ବେଳେ ଏୟାର ଡିଫେନ୍ସ ସିଷ୍ଟମ ଏହାକୁ ରୋକିଛନ୍ତି। ଫଳରେ ଡ୍ରୋନ ଦୁଇଟି ନଷ୍ଟ ହୋଇଯାଇଥିବା ବେଳେ ହେବାକୁ ଥିବା କ୍ଷୟକ୍ଷତି ମଧ ଅଟକି ଯାଇଛି। ଏଏନଆଇର ତାଜା ଟ୍ୱିଟ୍ ରେ ସାମ୍ବାରେ ଡ୍ରୋନ ଗତିବିଧି ଦେଖାଯିବା ନେଇ ସୂଚିତ କରାଯାଇଛି। ତେବେ ଗତ ୧୫ ମିନିଟ୍ ହେଲା ସେପରି କିଛି ଦେଖାଯାଇ ନାହିଁ ବୋଲି କୁହାଯାଇଛି। ସେପଟେ ସିଜ ଫାୟାରର ଦୁଇ ଦିନ ପରେ ପୁଣି ସୀମାବର୍ତ୍ତି ଅଞ୍ଚଳର ଆକାଶରେ ଡ୍ରୋନ ଦେଖାଯିବା ସ୍ଥାନୀୟ ଲୋକଙ୍କୁ ଆତଙ୍କିତ କରିଛି। ଏ ନେଇ ଭାରତୀୟ ସେନାର ବୟାନ ମଧ ଆସିଛି। ସେନାପକ୍ଷରୁ କୁହାଯାଇଛି ଯେ ସାମ୍ବା ସେକ୍ଟରକୁ ଖୁବ୍ କମ ସଂଖ୍ୟାରେ ଡ୍ରୋନ ଆସିଛି। ସେଗୁଡିକର ମୁକାବିଲା କରାଯାଇଛି ଓ ଚିନ୍ତାର କାରଣ ନାହିଁ ।

## ଆତଙ୍କବାଦ ହେଉଛି କୁକୁରର ଲାଞ୍ଜ: ଯୋଗୀ




ନୂଆଦିଲ୍ଲୀ: ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଉତ୍ତରପ୍ରଦେଶର ଲକ୍ଷ୍ନୌରେ ବ୍ରହ୍ମୋସ କ୍ଷେପଣାସ୍ତ୍ର ନିର୍ମାଣ ପାଇଁ ବ୍ରହ୍ମୋସ ଏରୋସ୍ପେସ୍ ଇଣ୍ଟିଗ୍ରେସନ୍ ଏବଂ ପରୀକ୍ଷଣ ସୁବିଧାର ଉଦଘାଟନ କରିଛନ୍ତି। ଉଦଘାଟନୀ ଉତ୍ସବରେ ଯୋଗ ଦେଇ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ସମସ୍ତ ସୈନିକ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ପ୍ରତିରକ୍ଷା ମନ୍ତ୍ରୀଙ୍କୁ ଅପରେସନ ସିନ୍ଦୂର ପାଇଁ ଅଭିନନ୍ଦନ ଜଣାଇଥିଲେ। ଏଥିସହିତ କହିଥିଲେ, ବ୍ରହ୍ମୋସ କ୍ଷେପଣାସ୍ତ୍ର ପାଇଁ ୨୦୦ ଏକର ଜମି ଦେଇଛୁ। ଏବେ ଏଠାରେ ବ୍ରହ୍ମୋସ କ୍ଷେପଣାସ୍ତ୍ରର ନିର୍ମାଣ ଆରମ୍ଭ ହେବ। ତୁମେ ଅପରେସନ ସିନ୍ଦୁରରେ ବ୍ରହ୍ମୋସର ଶକ୍ତି ଦେଖିଥିବ, ଯଦି ତୁମେ ତାହା ଦେଖିନାହଁ ତେବେ ପାକିସ୍ତାନୀମାନଙ୍କୁ ପଚାର ଯେ ବ୍ରହ୍ମୋସ କ୍ଷେପଣାସ୍ତ୍ରର ଶକ୍ତି କ'ଣ ? ପ୍ରଧାନମନ୍ତ୍ରୀ ଘୋଷଣା କରିଛନ୍ତି ଯେ ଆତଙ୍କବାଦର ଯେକୌଣସି ଘଟଣା ଏବେ ଯୁଦ୍ଧ ପରି ହେବ ଏବଂ ମନେରଖନ୍ତୁ, ଯେପର୍ଯ୍ୟନ୍ତ ଆମେ ଆତଙ୍କବାଦକୁ ସମ୍ପୂର୍ଣ୍ଣ ଭାବରେ ଦମନ ନ କରିଛୁ ସେପର୍ଯ୍ୟନ୍ତ ସମସ୍ୟାର ସମାଧାନ ହେବ ନାହିଁ। ପ୍ରଧାନମନ୍ତ୍ରୀ ମୋଦୀଙ୍କ ନେତୃତ୍ୱରେ ଆମକୁ ସମସ୍ତଙ୍କୁ ଏକ ସ୍ୱରରେ ଏହି ଅଭିଯାନରେ ସାମିଲ ହେବାକୁ ପଡିବ। ଆତଙ୍କବାଦ ହେଉଛି କୁକୁରର ଲାଞ୍ଜ ଯାହା କେବେ ସିଧା ହେବ ନାହିଁ। ଯେଉଁମାନେ ପ୍ରେମର ଭାଷାରେ ବିଶ୍ୱାସ କରନ୍ତି ନାହିଁ, ସେମାନଙ୍କୁ ସେମାନଙ୍କ ଭାଷାରେ ଜବାବ ଦେବାକୁ ପଡିବ।'

## ବିଜେପିର ଦେଶବ୍ୟାପୀ ତ୍ରିରଙ୍ଗା ଯାତ୍ରା



ନୂଆଦିଲ୍ଲୀ: ମଙ୍ଗଳବାର ଦେଶବ୍ୟାପୀ ତ୍ରିରଙ୍ଗା ଯାତ୍ରା ଆୟୋଜନ କରିବ ଭାରତୀୟ ଜନତା ପାର୍ଟି(ବିଜେପି)। ଏହା ୨୩ ତାରିଖ ପର୍ଯ୍ୟନ୍ତ ୧୦ ଦିନ ଧରି ଚାଲିବ। ଆତଙ୍କବାଦୀଙ୍କ ବିରୋଧରେ ଭାରତୀୟ ସେନା ପକ୍ଷରୁ କରାଯାଇଥିବା ଅପରେସନ 'ସିନ୍ଦୂର'ର ସଫଳତା ସମ୍ପର୍କରେ ଦେଶବାସୀଙ୍କୁ ଅବଗତ କରାଯିବା ଏହି ଯାତ୍ରାର ଉଦ୍ଦେଶ୍ୟ ବୋଲି କୁହାଯାଇଛି। ଅପରେସନ ସିନ୍ଦୂରରେ ଭାରତ କିପରି ନିଜ ନାଗରିକମାନଙ୍କୁ ସଙ୍କଟରୁ ସୁରକ୍ଷିତ ରଖିଲା ଏବଂ ଜାତୀୟ ସ୍ୱାଭିମାନକୁ ମଜଭୁତ କଲା ସେ ବିଷୟରେ ବିଜେପି ଏହି ଅଭିଯାନ ଜରିଆରେ ଜନସାଧାରଣଙ୍କୁ ବୁଝାଇବ। ଦଳର ବରିଷ୍ଠ ନେତା ସମ୍ବିତ ପାତ୍ର, ବିନୋଦ ତାବଡେ ଏବଂ ତରୁଣ ଚୁଗଙ୍କୁ ତ୍ରିରଙ୍ଗା ଯାତ୍ରା ପରିଚାଳନା ଦାୟିତ୍ୱ ଦିଆଯାଇଛି। ଏହାବ୍ୟତୀତ ଅନେକ କେନ୍ଦ୍ରମନ୍ତ୍ରୀ ଏବଂ ବରିଷ୍ଠ ନେତା ନିଜେ ବିଭିନ୍ନ ସ୍ଥାନରେ ଉପସ୍ଥିତ ରହି ଯାତ୍ରାର ନେତୃତ୍ୱ ନେବେ। ଦଳର ମୁଖପାତ୍ର ସାଂସଦ ସମ୍ବିତ ପାତ୍ର ସୋମବାର ସାମ୍ବାଦିକ ସମ୍ମିଳନୀରେ ଏ ନେଇ ସୂଚନା ଦେବା ସହିତ ଭାରତ ଆତଙ୍କବାଦ ବିରୋଧରେ ଲଢ଼େଇ ଲଢ଼ିଛି ଏବଂ ସେନାର ସାହସ ଏହି ଅପରେସନକୁ ସଫଳ କରିଛି।

# ବାଣିଜ୍ୟ



ଜେନେଭା : ବିଶ୍ୱର ଦୁଇ ସବୁଠୁ ବଡ଼ ଅର୍ଥ ବ୍ୟବସ୍ଥା ଆମେରିକା ଓ ଚୀନ୍ ପାରସ୍ପରିକ ବାଣିଜ୍ୟ ବିବାଦ ଦୂର କରିବା ଦିଗରେ ଏକ ବଡ଼ ପଦକ୍ଷେପ ଗ୍ରହଣ କରିଛନ୍ତି। ଉଭୟ ଦେଶ ଆଗାମୀ ୯୦ ଦିନ ପାଇଁ ଅଧିକତର ଟାରିଫ (ଆମଦାନୀ ଶୁଳ୍କ) ହ୍ରାସ କରିବା ପାଇଁ ସହମତ ହୋଇଛନ୍ତି। ଏପର୍ଯ୍ୟନ୍ତ ଉଭୟ ଦେଶ ପରସ୍ପର ଉପରେ ୧୨୫% ପର୍ଯ୍ୟନ୍ତ ଟାରିଫ ଲଗାଉଥିଲେ। ଯାହାକୁ ହ୍ରାସ କରି ୧୦% କରି ଦିଆଯାଇଛି ,ଅର୍ଥାତ ଟାରିଫରେ ସିଧା ୧୧୫% କାଟ୍ କରାଯାଇଛି। ତେବେ ଫେଣ୍ଟାନିଲ ସମ୍ପର୍କିତ ଚୀନ୍ ସାମଗ୍ରୀ ଉପରେ ଆମେରିକାର ୨୦% ଡ୍ୟୁଟି ପୂର୍ବବତ ଜାରି ରହିବ, ଏହା ଦ୍ୱାରା ଚୀନ୍ ଉପରେ ମୋଟ ଟାରିଫ ୩୦% ରହିବ। ଏହି ବୁଝାମଣା ସ୍ୱିଜରଲ୍ୟାଣ୍ଡର ଜେନେଭାରେ ଏକ ସପ୍ତାହନ୍ତ ବୈଠକ କାଳରେ ହୋଇଛି। ଏଥିରେ ଆମେରିକା ଟ୍ରେଜରୀ ସେକ୍ରେଟାରୀ ସ୍କଟ ବେସେଣ୍ଟ ଓ ବାଣିଜ୍ୟ ପ୍ରତିନିଧି ଜେମିସନ ଗ୍ରେୟର ଅଂଶଗ୍ରହଣ କରିଥିଲେ। ସ୍କଟ କହିଛନ୍ତି ଯେ ଆମର ଆଲୋଚନା ବେଶ୍ ସଫଳ ରହିଛି। ସେ କହିଛନ୍ତି ଯେ ଜେନେଭାର ଶାନ୍ତ ଓ ସନ୍ତୁଳିତ ସ୍ଥାନ ଆଲୋଚନାକୁ ସକରାତ୍ମକ ଦିଗ ଦେଇଛି।

## 'ଲକ୍ଷ୍ୟ ସୁଟିଂ କ୍ଲବ୍' ସହିତ ଆକ୍ସିସ ବ୍ୟାଙ୍କର ସହଯୋଗିତା




ନୂଆଦିଲ୍ଲୀ: ଭାରତରେ କ୍ରୀଡ଼ା ବ୍ୟବସ୍ଥାକୁ ସୁଦୃଢ଼ କରିବାର ପ୍ରତିବଦ୍ଧତା ସ୍ୱରୂପ ଦେଶର ଅନ୍ୟତମ ଘରୋଇ ବ୍ୟାଙ୍କ ଆକ୍ସିସ୍ ବ୍ୟାଙ୍କ ପକ୍ଷରୁ ନଭି ମୁମ୍ବାଇଠାରେ ଆକ୍ସିସ୍ ବ୍ୟାଙ୍କ ଲକ୍ଷ୍ୟ ସୁଟିଂ ହାଇପରଫର୍ମାନ୍ସ ସେଂଟର (ଏଚ୍‌ପିସି) ସ୍ଥାପନ କରିବା ପାଇଁ ଲକ୍ଷ୍ୟ ସୁଟିଂ କ୍ଲବ୍ (ଏଲ୍‌ଏସ୍‌ସି) ସହିତ ବୁଝାମଣାପତ୍ର (ଏମ୍‌ଓୟୁ) ସ୍ୱାକ୍ଷର କରାଯାଇଛି। ମୁମ୍ବାଇରେ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ବ୍ୟାଙ୍କର ବରିଷ୍ଠ ଅଧିକାରୀଙ୍କ ଉପସ୍ଥିତିରେ ଆକ୍ସିସ୍ ବ୍ୟାଙ୍କର ଗ୍ରୁପ୍ କାର୍ଯ୍ୟନିର୍ବାହୀ ଓ ମୁଖ୍ୟ-ହୋଲ୍‌ସେଲ୍ ବ୍ୟାଙ୍କ କଭରେଜ୍ ଆଣ୍ଡ୍ ସଷ୍ଟେନେବିଲିଟି ବିଜୟ ମୁଲବାଗଲ ଓ ଲକ୍ଷ୍ୟ ସୁଟିଂ କ୍ଲବ୍‌ର ଅଧ୍ୟକ୍ଷ ମିସ୍ ସୁମା ଶିରୁର ଏମ୍‌ଓୟୁରେ ସ୍ୱାକ୍ଷର କରିଛନ୍ତି। ଉଦୀୟମାନ ସୁଟର (ବନ୍ଧୁକ ଚାଳନାକାରୀ)ମାନଙ୍କୁ ସମୃଦ୍ଧ କରିବା ପାଇଁ ଏହି ସ୍ୱତନ୍ତ୍ର ସୁଟିଂ କେନ୍ଦ୍ର ବିଶ୍ୱସ୍ତରୀୟ ଭିତିଭୂମି, ବ୍ୟାପକ ଆଥଲେଟିକ୍ ବିକାଶ କାର୍ଯ୍ୟକ୍ରମ ଓ ଗୋଷ୍ଠୀ ସମ୍ପୃକ୍ତି କାର୍ଯ୍ୟକଳାପ ପ୍ରଦାନ କରିବ। ଏହା ଅଲିମ୍ପିକ୍ ସ୍ତରର ଇଲାଇଟ୍ ସୁଟର୍ ବିକାଶ କରିବ ଏବଂ ସମ୍ଭାବ୍ୟ ପ୍ରତିଭାମାନଙ୍କ ପାଖରେ ପହଂଚିବା ଲାଗି ଏହା ଏକ ମୁକ୍ତ ଓ ଅନ୍ତର୍ଭୁକ୍ତୀକରଣ ପ୍ଲାଟଫର୍ମ ସୃଷ୍ଟି କରିବ। ଲକ୍ଷ୍ୟ ସୁଟିଂ କ୍ଲବ୍ ହେଉଛି ସାରା ଦେଶର ଯୁବ ସୁଟରମାନଙ୍କୁ ସମୃଦ୍ଧ କରିବାର ଏକ ସ୍ଥଳ ଏବଂ ଏହାକୁ ଅଲିମ୍ପିଆନ୍ ତଥା ଅର୍ଜୁନ୍ ଓ ଦ୍ରୋଣାଚାର୍ଯ୍ୟ ପୁରସ୍କାରପ୍ରାପ୍ତ କ୍ରୀଡ଼ାବିତ୍ ମିସ୍ ସୁମା ଶିରୁର ସ୍ଥାପନ କରିଛନ୍ତି। ଏହି ଏମ୍‌ଓୟୁ ଅଧୀନରେ ଆକ୍ସିସ୍ ବ୍ୟାଙ୍କ ପକ୍ଷରୁ ଏକ ସାମଗ୍ରିକ ସୁଟିଂ କେନ୍ଦ୍ର ସ୍ଥାପନ ପାଇଁ ଲକ୍ଷ୍ୟ ସୁଟିଂ କ୍ଲବ୍‌କୁ ଆର୍ଥିକ ଓ ବିକାଶମୂଳକ ସହାୟତା ପ୍ରଦାନ କରାଯିବ। ଏୟାର ରାଇଫଲ, ଏୟାର ପିସ୍ତଲ ଓ ସିମୁଲେଟେଡ୍ ୫୦ଏମ୍ ରାଇଫଲ୍ ପାଇଁ ଦୁଇଟି ସୁଟିଂ ରେ ଏବଂ ପ୍ରଦର୍ଶନ ଅନୁଶୀଳନ, ଆଘାତ ପ୍ରତିରୋଧ ଓ ଆହତମୁକ୍ତ ହେବା ପାଇଁ ସହାୟତା ଲାଗି ଏକ ସମନ୍ୱିତ କ୍ରୀଡ଼ା ବିଜ୍ଞାନ କେନ୍ଦ୍ର, କ୍ରୀଡ଼ାବିତ୍‌ମାନଙ୍କ ଆବେଗିକ ଓ ମାନସିକ କଲ୍ୟାଣ ପାଇଁ ଏକ କ୍ରୀଡ଼ା ମନୋବିଜ୍ଞାନ ୟୁନିଟ୍ ଏବଂ କ୍ରୀଡ଼ାବିତ୍ ଓ କୋଚ୍‌ଙ୍କ ପାଇଁ ଆବାସିକ ରହଣୀ ଓ ଅତିରିକ୍ତ ତାଲିମ ସୁବିଧା ରହିବ। ଏହି କେନ୍ଦ୍ର ଉଭୟ ଆବାସିକ ଓ ଅଣ ଆବାସିକ ପ୍ରାର୍ଥୀ ଭାବେ ବାର୍ଷିକ ୪୦୦ କ୍ରୀଡ଼ାବିତଙ୍କୁ ଗ୍ରହଣ କରିବ। ଏ ସମ୍ପର୍କରେ ଆକ୍ସିସ୍ ବ୍ୟାଙ୍କର ଗ୍ରୁପ୍ ଏକ୍‌ଜିକ୍ୟୁଟିଭ୍ ଓ ମୁଖ୍ୟ-ହୋଲସେଲ୍ ବ୍ୟାଙ୍କ କଭରେଜ୍ ଆଣ୍ଡ୍ ସଷ୍ଟେନେବିଲିଟି ବିଜୟ ମୁଗବାଲ୍ କହିଛନ୍ତି ଯେ, 'ଭାରତରେ ବିଶ୍ୱସ୍ତରୀୟ ସୁଟିଂ ଭିତିଭୂମି ସ୍ଥାପନ କରିବା ଲାଗି ଲକ୍ଷ୍ୟ ସୁଟିଂ କ୍ଲବ୍ ସହିତ ସହଯୋଗିତା କରିଥିବା ବେଳେ ଭାରତୀୟ କ୍ରୀଡ଼ା ପ୍ରତି ଆମ ପ୍ରତିବଦ୍ଧତାକୁ ଦୋହରାଇ ଆମେ ଗର୍ବିତ। ଆମର ବିଶ୍ୱାସ ରହିଛି ଯେ ଅଲିମ୍ପିକ ସ୍ତରରେ ସଫଳତା ପାଇବା ଲାଗି ଆମ ସୁଟରମାନଙ୍କୁ ସକ୍ଷମ କରିବାରେ ଏହି କେନ୍ଦ୍ର ପ୍ରମୁଖ ଭୂମିକା ନିର୍ବାହ କରିବ। ଭରତରେ ପରବର୍ତ୍ତୀ ପିଢ଼ିର ସୁଟିଂ ପ୍ରତିଭାଙ୍କୁ ଚିହ୍ନଟ ଓ ସମୃଦ୍ଧ କରିବାରେ ସହାୟକ ହେବ।' ଏହି ଅବସରରେ ଲକ୍ଷ୍ୟ ସୁଟିଂ କ୍ଲବ୍‌ର ଡାଇରେକ୍ଟର ତଥା ଅଲିମ୍ପିଆନ୍ ସୁମା ଶିରୁର କହିଛନ୍ତି ଯେ, 'ଆକ୍ସିସ୍ ବ୍ୟାଙ୍କ ସହ ଏହି ସହଯୋଗିତାର ଅନେକ ମହତ୍ୱ ରହିଛି। ଏହା ଆମ ସ୍ୱପ୍ନର ନିକଟତର କରିଛି। ଏକ କେନ୍ଦ୍ର ଯେଉଁଠାରେ ପ୍ରତିଭାବାନମାନେ ସଠିକ୍ ସହାୟତା ପାଇବେ ଏବଂ ପ୍ରତି ସୁଟରଙ୍କୁ ସଫଳ ହେବା ପାଇଁ ବାସ୍ତବ ସୁଯୋଗ ମିଳିବାର ଅନୁଭୂତି ମିଳିବ।'


## ଟ୍ରୁକଲରର ମେସେଜଗୁଡ଼ିକ ହୋଇଛି ଅଧିକ ସ୍ମାର୍ଟ

ନୂଆଦିଲ୍ଲୀ: ଅଗ୍ରଣୀ ବିଶ୍ୱ ଯୋଗାଯୋଗ ପ୍ଲାଟଫର୍ମ ଟ୍ରୁକଲର, ଏଆଇ-ଚାଳିତ ମେସେଜ୍ ଆଇଡି ଭଳି ଏକ ଯୁଗାନ୍ତକାରୀ ସମାଧାନ ନେଇ ଆସିଛି ଯାହାକି ବର୍ତ୍ତମାନ ଭାରତ ଏବଂ ଅନ୍ୟ ୩୦ଟି ଦେଶରେ ଆରମ୍ଭ ହୋଇଛି। ଉନ୍ନତ ଆର୍ଟିଫିସିଆଲ୍ ଇଂଟେଲିଜେନ୍ସ ଏବଂ ଲାର୍ଜ ଲାଙ୍ଗୁଏଜ୍ ମଡେଲ୍ (ଏଲଏଲଏମ) ବ୍ୟବହାର କରି, ଏହି ନୂତନ ଫିଚର ଆପଣଙ୍କ ଡିଭାଇସରେ ଆପଣଙ୍କର ଏସଏମଏସ ଇନବକ୍ସକୁ ସ୍କାନ କରେ (ହଁ, ଆପଣଙ୍କର ଡାଟା ବ୍ୟକ୍ତିଗତ ରହିଥାଏ) ଏବଂ ତୁରନ୍ତ ଗୁରୁତ୍ୱପୂର୍ଣ୍ଣ ବ୍ୟବସାୟିକ ମେସେଜ ଗୁଡ଼ିକୁ ଚିହ୍ନଟ କରେ। ବ୍ୟାଙ୍କ ଆଲର୍ଟ ଏବଂ ଓଟିପି ଠାରୁ ଡେଲିଭରି ଅପଡେଟ୍, ଫ୍ଲାଇଟ୍ ଆଟିନେରାରୀ ଏବଂ ପେମେଂଟ ରିମାଇଣ୍ଡର୍ ପର୍ଯ୍ୟନ୍ତ-ମେସେଜ୍ ଆଇଡିଗୁଡ଼ିକ ଶବ୍ଦରେ ସିଗନାଲଗୁଡ଼ିକୁ ଧରିଥାଏ। ଏହା ମୁଖ୍ୟ ବିବରଣୀଗୁଡ଼ିକୁ ସଂକ୍ଷେପ କରିଥାନ୍ତି, ଗୁରୁତ୍ୱପୂର୍ଣ୍ଣଗୁଡ଼ିକୁ ହାଇଲାଇଟ୍ କରନ୍ତି ଏବଂ ଆପଣଙ୍କୁ ଶୀଘ୍ର ପଦକ୍ଷେପ ନେବାରେ ସାହାଯ୍ୟ କରନ୍ତି। ଏସମ୍ପର୍କରେ ଟ୍ରୁକଲର ର ଇନସାଇଟ୍ସ, ପ୍ରଡକ୍ଟ ଡାଇରେକ୍ଟର ଜନ୍ ଜୋସେଫ କହିଛନ୍ତି, 'ପ୍ରିମିୟମ୍ ଏବଂ ଅଣ-ପ୍ରିମିୟମ୍ ଉପଭୋକ୍ତାଙ୍କ ପାଇଁ ମେସେଜ୍ ଆଇଡିରେ ଏଆଇ ର ସମନ୍ୱୟ ସହିତ, ଆମେ ଲୋକମାନଙ୍କୁ ସେମାନଙ୍କର ଗୁରୁତ୍ୱପୂର୍ଣ୍ଣ ଏସଏମଏସ ମେସେଜ୍ ପରିଚାଳନା କରିବା ପାଇଁ ଏକ ସ୍ମାର୍ଟ, ଅଧିକ ସୁରକ୍ଷିତ ଉପାୟ ପ୍ରଦାନ କରୁଛୁ। ଆମର ଲକ୍ଷ୍ୟ ହେଉଛି ଯୋଗାଯୋଗକୁ ଅଧିକ ସୁରକ୍ଷିତ ଏବଂ ଦକ୍ଷ କରିବା, ଏବଂ ଏହି ନବସୃଜନ ଆମର ଯାତ୍ରାର ପରବର୍ତ୍ତୀ ପଦକ୍ଷେପକୁ ପ୍ରତିନିଧିତ୍ୱ କରେ।' ନୂତନତମ ଏଆଇ ସମନ୍ୱୟ ସହିତ, ମେସେଜ୍ ଆଇଡିଗୁଡ଼ିକ ଆଉ କେବଳ କାରବାର ସମ୍ବନ୍ଧୀୟ ମେସେଜ, ଓଟିପି କିମ୍ବା ବିତରଣ ଅପଡେଟ୍ ପର୍ଯ୍ୟନ୍ତ ସୀମିତ ନୁହେଁ। ଟ୍ରୁକଲର ଏବେ ଯେକୌଣସି ଗୁରୁତ୍ୱପୂର୍ଣ୍ଣ ମେସେଜ୍ କୁ ତାହାର ବର୍ଗ ନିର୍ବିଶେଷରେ ବୁଦ୍ଧିମାନ ଭାବରେ ଚିହ୍ନଟ ଏବଂ ହାଇଲାଇଟ୍ କରିପାରିବ।

## ୩୦୦ ମେଗାୱାଟ୍‌ର ସୌର-ବିଇଏସ୍‌ଏସ୍ ହାସଲ ବିସି ଜିନ୍ଦଲ

ନୂଆଦିଲ୍ଲୀ: ଭାରତର ଅଗ୍ରଣୀ ବ୍ୟବସାୟ ପ୍ରତଷ୍ଠାନ ବି ସି ଜିନ୍ଦଲ ଗ୍ରୁପ୍ ପକ୍ଷରୁ ଘୋଷଣା କରାଯାଇଛି ଯେ ଏହାର ସଂସ୍ଥା ଜିନ୍ଦଲ ଇଣ୍ଡିଆ ରିନ୍ୟୁଏବଲ୍ ଏନର୍ଜି (ଜେଆଇଆର୍‌ଇ) ରାଷ୍ଟ୍ରାୟତ ଉଦ୍ୟୋଗ ଜେଏସ୍‌ଭିଏନ୍‌ଠାରୁ ଏକ ୩୦୦ ମେଗାୱାଟ୍‌ର ସୋଲାର ସମେତ ଷ୍ଟୋରେଜ୍ ପ୍ରକଳ୍ପର ବରାଦ ହାସଲ କରିଛି। ଏହି ପ୍ରକଳ୍ପ ହେଉଛି ଏସ୍‌ଜେଭିଏନ୍‌ର ୧୨୦୦ ମେଗାୱାଟ୍‌ର ଆନ୍ତଃ ରାଜ୍ୟ ସଂଚାରଣ ବ୍ୟବସ୍ଥା ସଂଯୁକ୍ତ ସୌର ଶକ୍ତି ପ୍ରକଳ୍ପର ଏକ ଅଂଶ ଯାହାର ୬୦୦ ମେଗାୱାଟ୍/୨୪୦୦ ମେଗାୱାଟ୍ ବ୍ୟାଟେରି ଶକ୍ତି ସଂରକ୍ଷିତ ବ୍ୟବସ୍ଥା (ବିଇଏସ୍‌ଏସ୍)ର ଟେଣ୍ଡର କରାଯାଇଛି। ଜିଆଇଆର୍‌ଇ ପକ୍ଷ ୩.୩୨/କେଡବ୍ଲୁଏଚ୍ ଟାରିଫ୍ ସହିତ ଏହି ୩୦୦ ମେଗାୱାଟ୍ ସୌର କ୍ଷମତାର ବିଡ୍ ହାସଲ କରାଯାଇଛି। ସର୍ତବାଳୀ ଅନୁସାରେ ଏହି ପ୍ରକଳ୍ପ ନିର୍ମାଣ-ମାଲିକାନା ଓ ପରିଚାଳନା ଆଧାରରେ ବିକାଶ କରାଯିବ। ବିଦ୍ୟୁତ କ୍ରୟ ଚୁକ୍ତି (ପିପିଏ) ସ୍ୱାକ୍ଷର ହେବାର ୨୪ ମାସ ମଧ୍ୟରେ ଏହି ନୂତନ ପ୍ରକଳ୍ପ ସମ୍ପୂର୍ଣ୍ଣ ହେବ। ଏହି ଘୋଷଣା ସମ୍ପର୍କରେ ଜିନ୍ଦଲ ଇଣ୍ଡିଆ ରିନ୍ୟୁଏବଲ୍ ଏନର୍ଜିର ପ୍ରବକ୍ତା କହିଛନ୍ତି ଯେ, 'ଏହି ପ୍ରକଳ୍ପ ଜିତିବା ବ୍ୟାପକ ଓ ସ୍ୱଚ୍ଛ ଶକ୍ତି ସମାଧାନ ପ୍ରଦାନ କରିବାରେ ଜେଆଇଆର୍‌ଇର ଦକ୍ଷତାକୁ ଦୋହରାଉଛି। ଏହା ଆମର ବର୍ଦ୍ଧିତ ଦକ୍ଷତାକୁ ସୁଦୃଢ଼ କରୁଥିବା ବେଳେ ଭାରତର ଶକ୍ତି ସ୍ଥାନା'ରଣକୁ ସମର୍ଥନ କରୁଥିବା ଦୃମ ତଥା ସ୍ୱଚ୍ଛ ଶକ୍ତି ପ୍ରଦାନ କରିବାରେ ଆମ ପ୍ରତିବଦ୍ଧତାକୁ ଦୃଢ଼ କରୁଛି । ଆଗାମୀ ବର୍ଷଗୁଡ଼ିକରେ ସୌର, ପବନ, ହାଇବ୍ରିଡ୍, ଆର୍‌ଟିସି ଓ ଏଫ୍‌ଡିଆର୍‌ଇ ପ୍ଲାଟଫର୍ମରେ ଆମ କ୍ଷମତାକୁ ୫ ମେଗାୱାଟ୍ ପର୍ଯ୍ୟନ୍ତ ବଢ଼ାଇବା ଉପରେ ଆମେ ଧ୍ୟାନ ଦେଉଛୁ।' ନିକଟରେ ରାଷ୍ଟ୍ରାୟତ ଏନ୍‌ଏଚ୍‌ପିସିଠାରୁ ଜେଆଇଆର୍‌ଇ ଏକ ୩୦୦ ମେଗାୱାଟ୍ ସୋଲାର ସମେତ ଷ୍ଟୋରେଜ୍ ପ୍ରକଳ୍ପ ପାଇଁ ଲେଟର୍ ଅଫ୍ ଆକ୍ସେପ୍ଟାନ୍ସ ହାସଲ କରିଥିଲା। ଏହି ଗୁରୁତ୍ୱପୂର୍ଣ୍ଣ ଅଭିବୃଦ୍ଧି ଯୋଜନାରେ ଜେଆଇଆର୍‌ଇ ଆସନ୍ତା ପାଂଚ ବର୍ଷ ମଧ୍ୟରେ ୨.୫ ବିଲିଅନ୍ ଡଲାରର ପୁଁଜିନିବେଶ କରିବାକୁ ଚାହୁଁଛି। ଏହି ନିବେଶର ଲକ୍ଷ୍ୟ ହେଉଛି ଭାରତର ବର୍ଦ୍ଧିତ ଶକ୍ତି ଚାହିଦା ପୂରଣ କରିବା ଏବଂ ଉନ୍ନତ ବ୍ୟାଟେରି ଶକ୍ତି ସଂରକ୍ଷଣ ବ୍ୟବସ୍ଥା ଜରିଆରେ ଗ୍ରିଡ୍ ସ୍ଥିରତାରେ ଉନ୍ନତି ଆଣିବା। ଏହା ବ୍ୟତୀତ ଜେଆଇଆର୍‌ଇ ପକ୍ଷରୁ ମହାରାଷ୍ଟ୍ରରେ ଏକ ସୋଲାର୍ ସେଲ୍ ଓ ମଡ୍ୟୁଲ୍ କାରଖାନା ସ୍ଥାପନ କରାଯାଉଛି ଯାହାର ବାର୍ଷିକ କ୍ଷମତା ୨ ଗିଗାୱାଟ୍ ହେବ। ୨୦୨୬ ସେପ୍ଟେମ୍ବର ସୁଦ୍ଧା ତାହା କାର୍ଯ୍ୟକ୍ଷମ ହେବା ଆଶା କରାଯାଉଛି। ଅକ୍ଷୟ ଶକ୍ତି ପୋର୍ଟଫୋଲିଓକୁ ବଢ଼ାଇବା ପାଇଁ ସାରା ଦେଶରେ ଥିବା ପରିଚାଳନା ସମ୍ପତିର ସମ୍ପ୍ରସାରଣ କରିବାକୁ କମ୍ପାନି ଚାହୁଁଛି। ଏହି ସମ୍ପ୍ରସାରଣ ଆସନ୍ତା ଚାରି ବର୍ଷ ମଧ୍ୟରେ ଶେଷ ହେବ।

## ଆର୍‌ଏସ୍‌ପି କାର୍ଯ୍ୟଦକ୍ଷତାରେ ଉନ୍ନତି ଏବଂ ବିପୁଳ ମୂଲ୍ୟ ସଞ୍ଚୟ ହାସଲ



ରାଉରକେଲା (ଭାସ୍କର ନ୍ୟୁଜ୍) : ନବସୃଜନ ଏବଂ ଯାନ୍ତ୍ରିକ ବିଶେଷଜ୍ଞତାର ଏକ ଉଲ୍ଲେଖନୀୟ ପ୍ରଦର୍ଶନରେ, ସେଲ ରାଉରକେଲା ଇସ୍ପାତ କାରଖାନା (ଆରଏସପି)ର କ୍ଷେତ୍ର ଯନ୍ତ୍ରପାତି ରକ୍ଷଣାବେକ୍ଷଣ ଓ ଏଫଏମଏମକ୍ସ ବିଭାଗ ପ୍ରମୁଖ ଉତ୍ପାଦନ ୟୁନିଟଗୁଡ଼ିକୁ ଗୁରୁତ୍ୱପୂର୍ଣ୍ଣ ସହାୟତା ପ୍ରଦାନ ସହକାରେ କାର୍ଯ୍ୟକ୍ଷମ ଦକ୍ଷତାରେ ଉଲ୍ଲେଖନୀୟ ଭାବରେ ବୃଦ୍ଧି ଆଣିଛି, ସମ୍ବଳ ବ୍ୟବହାରକୁ ସର୍ବୋଚ୍ଚ ଗଢ଼ିବା ସହ ଗୁରୁତ୍ୱପୂର୍ଣ୍ଣ ଉପକରଣର ସେବା ଆୟୁକୁ ବୃଦ୍ଧି କରିଛି। ୨୦୨୪-୨୫ ଆର୍ଥିକ ବର୍ଷରେ ନିଆଯାଇଥିବା ଏହି ପଦକ୍ଷେପଗୁଡ଼ିକ କାରଖାନା ପାଇଁ ଯଥେଷ୍ଟ ସଞ୍ଚୟ ଆଣିଦେଇଛି।ଏହି ପଦକ୍ଷେପ ନା କେବଳ ମେସିନର କାର୍ଯ୍ୟକ୍ଷମ ଜୀବନକୁ ପ୍ରାୟ ପାଞ୍ଚ ବର୍ଷ ବୃଦ୍ଧି କରିଛି, ବରଂ ପ୍ରାୟ ୪୦ ଲକ୍ଷ ଟଙ୍କାର ସଞ୍ଚୟ ମଧ ସମ୍ଭବପର କରାଇଛି। ସମାନ କ୍ଷମତାର ଏକ ନୂତନ ଡୋଜରର ମୂଲ୍ୟ ପ୍ରାୟ ୨୯୯.୫୦ ଲକ୍ଷ ଟଙ୍କା ହୋଇଥିବା ପରିପ୍ରେକ୍ଷୀରେ ବିଭାଗ ପ୍ରଭାବଶାଳୀ ଭାବରେ ପ୍ଲାଣ୍ଟକୁ ଗୁରୁତ୍ୱପୂର୍ଣ୍ଣ ପୁଞ୍ଜି ଖର୍ଚ୍ଚ ଏଡାଇବାରେ ସାହାଯ୍ୟ କରିଥିଲା।

## ବେଦାନ୍ତ ଆଲୁମିନିୟମର ସୌର ଆଲୋକୀକରଣ କ୍ଷେତ୍ରରେ ଉଲ୍ଲେଖନୀୟ ପଦକ୍ଷେପ

ଭୁବନେଶ୍ୱର (ଭାସ୍କର ନ୍ୟୁଜ୍) : ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦନକାରୀ ବେଦାନ୍ତ ଆଲୁମିନିୟମ ସୁନ୍ଦରଗଡ ଏବଂ ଝାରସୁଗୁଡ଼ା ଜିଲ୍ଲାର ଝାରପାଲମ, ମୁଣ୍ଡେଲଖେଟ, ଗରଗେ, କୁରାଲୋଇ, ବାରୀ, ଲଖନପୁର, ବେଲପାହାଡ଼ି ଗ୍ରାମପଞ୍ଚାୟତରେ ୩୨୧ଟି ସୌରଶକ୍ତି ଚାଳିତ ଷ୍ଟ୍ରିଟ ଲାଇଟ ସ୍ଥାପନ କରିଛି । ଏହି ସବୁଜ ପଦକ୍ଷେପ ୧୦,୦୦୦ ରୁ ଅଧିକ ବାସିନ୍ଦାଙ୍କୁ ପରିବେଶ ଅନୁକୂଳ ଆଲୋକ ପ୍ରଦାନ କରିବା ସହିତ ବାର୍ଷିକ ପ୍ରାୟ ୨୨ ଟନ୍ ଅଙ୍ଗାରକାମ୍ଳ ନିର୍ଗମନ ହ୍ରାସରେ ଯୋଗଦାନ କରିବ। ସ୍ଥାନୀୟ ବଜାର, ଗ୍ରାମର ପ୍ରବେଶ ପଥ, ବସ୍ ଷ୍ଟାଣ୍ଡ, ଗୋଷ୍ଠୀ କେନ୍ଦ୍ର, ବିଦ୍ୟାଳୟ ଏବଂ ମୁଖ୍ୟ ରାସ୍ତା ଭଳି ସ୍ଥାନରେ ଲାଗିଥିବା ସୌର ଶକ୍ତି ଚାଳିତ ଷ୍ଟ୍ରିଟ୍ ଲାଇଟ୍ କେବଳ ରାତ୍ରିକାଳୀନ ଦୃଶ୍ୟମାନତା ବୃଦ୍ଧି କରିବ ନାହିଁ, ବରଂ ଏହି ଅଞ୍ଚଳରେ ଯାତାୟାତ କରୁଥିବା ବ୍ୟକ୍ତିମାନଙ୍କ ପାଇଁ ଉନ୍ନତ ସୁରକ୍ଷା ମଧ ସୁନିଶ୍ଚିତ କରିବ।ଏହି ପଦକ୍ଷେପ ସଂକ୍ରାନ୍ତରେ ବେଦାନ୍ତ ଆଲୁମିନିୟମର ସିଓଓ ସୁନୀଲ ଗୁପ୍ତା କହିଛନ୍ତି ଯେ ବେଦାନ୍ତରେ ଆମେ ଯେଉଁ ଅଞ୍ଚଳରେ କାର୍ଯ୍ୟ କରୁଛୁ ସେଠାରେ ସ୍ଥାୟୀ ବିକାଶ ଏବଂ ସମାବେଶୀ ଅଭିବୃଦ୍ଧି ପାଇଁ ଆମେ ଦୃଢ ପ୍ରତିଶ୍ରୁତିବଦ୍ଧ । ସୌର ଆଲୋକୀକରଣ ପ୍ରକଳ୍ପ ଭିତିଭୂମି ସହାୟତା ମାଧ୍ୟମରେ ବଞ୍ଚିତ ଶ୍ରେଣୀର ଆବଶ୍ୟକତାକୁ ପୂରଣ କରିବା ଉପରେ ଆମର ଧ୍ୟାନକୁ ପ୍ରତିଫଳିତ କରେ। ବେଦାନ୍ତର ପ୍ରୟାସକୁ ପ୍ରଶଂସା କରି ସୁନ୍ଦରଗଡ ଜିଲ୍ଲା ହେମଗିରି ବ୍ଲକ ଅର୍ନ୍ତଗତ ମୁଣ୍ଡରଖେତ ପଞ୍ଚାୟତର ସରପଞ୍ଚ ସନ୍ନ୍ୟାସୀ ବାଗ କହିଛନ୍ତି ଯେ ଏଭଳି ପଦକ୍ଷେପ କେବଳ ଆମ ଗ୍ରାମଗୁଡ଼ିକୁ ଆଲୋକିତ କରିନାହିଁ, ବରଂ ଆମ ସମସ୍ତଙ୍କୁ ସୁରକ୍ଷିତ ମଧ କରିଛି। ଆମ ଅଞ୍ଚଳର ନିର୍ଦ୍ଦିଷ୍ଟ ଆବଶ୍ୟକତାକୁ ପୂରଣ କରିବାରେ ବେଦାନ୍ତର ପ୍ରୟାସକୁ ଆମେ ପ୍ରଶଂସା କରୁଛୁ। ବେଦାନ୍ତ ଆଲୁମିନିୟମ ଶିକ୍ଷା, ସ୍ୱାସ୍ଥ୍ୟସେବା, ସ୍ଥାୟୀ ଜୀବିକା, ଭିତିଭୂମି ଏବଂ ତୃଣମୂଳ କ୍ରୀଡ଼ା ଏବଂ ସଂସ୍କୃତିକୁ ପ୍ରୋତ୍ସାହିତ କରିବା ସହିତ ସ୍ଥାନୀୟ ଗୋଷ୍ଠିକୁ ସଶକ୍ତ କରିବା ପାଇଁ ଉତ୍ସର୍ଗୀକୃତ । ଏହି ପ୍ରୟାସ ବେଦାନ୍ତ ଆଲୁମିନିୟମର କାର୍ଯ୍ୟକ୍ଷମ କ୍ଷେତ୍ର ମଧ୍ୟରେ ଏବଂ ବାହାରେ ପରିବର୍ତ୍ତନ ଆଣିବା, ଓଡ଼ିଶାର ସାମଗ୍ରିକ ଅଭିବୃଦ୍ଧି ଏବଂ ପ୍ରଗତି ଦିଗରେ ଗୋଷ୍ଠି ଯୋଗଦାନର ଭାବନାକୁ ପ୍ରୋତ୍ସାହିତ କରିବା ପାଇଁ ପ୍ରତିବଦ୍ଧତାକୁ ରେଖାଙ୍କିତ କରୁଛି। ସ୍ଥାନୀୟ କର୍ତ୍ତୃପକ୍ଷ ଏବଂ ଗୋଷ୍ଠୀ ଅଂଶୀଦାରମାନଙ୍କ ସହିତ ଘନିଷ୍ଠ ସହଯୋଗ କରି, କମ୍ପାନୀ ନିଶ୍ଚିତ କରେ ଯେ ଏହାର ହସ୍ତକ୍ଷେପ ବାସ୍ତବ କ୍ଷେତ୍ରରେ ସାମାଜିକ-ଅର୍ଥନୈତିକ ପ୍ରଗତି ଆଡ଼କୁ ନେଇଯିବ।



ନୂଆଦିଲ୍ଲୀ: ଭାରତ ଓ ପାକିସ୍ତାନ ମଧ୍ୟରେ ଚାଲିଥିବା ସାମରିକ ଉତ୍ତେଜନା ମଧ୍ୟରେ ଏକ ଆଶ୍ଚର୍ଯ୍ୟଜନକ ଖବର ସାମ୍ନାକୁ ଆସିଛି। ପାକିସ୍ତାନର ନୁର ଖାନ ବାୟୁସେନା ଘାଟି ନିକଟରେ ଭାରତୀୟ କ୍ଷେପଣାସ୍ତ୍ର ଆକ୍ରମଣରୁ ଚାରି ଜଣ ଅଷ୍ଟ୍ରେଲୀୟ କ୍ରିକେଟର ଅଳ୍ପକେ ବର୍ତ୍ତି ଯାଇଥିବା ରିପୋର୍ଟ ମିଳିଛି। ଏହି ଘଟଣା ପାକିସ୍ତାନ ପ୍ରିମିୟର ଲିଗ୍ (ପିଏସଏଲ) ଏବଂ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ) ୨୦୨୫ ସ୍ଥଗିତ ରହିଥିବା ସମୟରେ ଘଟିଛି। ସୂଚନା ଅନୁଯାୟୀ, ଏହି କ୍ରିକେଟରମାନେ ପାକିସ୍ତାନରେ ପିଏସଏଲରେ ଭାଗ ନେଉଥିବା ସମୟରେ ଏହି ଆକ୍ରମଣ ଘଟିଥିଲା। ଆକ୍ରମଣର କିଛି ଘଣ୍ଟା ପୂର୍ବରୁ ସେମାନେ ନୁର ଖାନ ବାୟୁସେନା ଘାଟିରୁ ବାହାରି ଯାଇଥିଲେ, ଯାହା ସେମାନଙ୍କ ଜୀବନ ରକ୍ଷା କରିଥିଲା। ଦି ସିଡନୀ ମର୍ନିଂ ହେରାଲ୍ଡ ଏବଂ ଅନ୍ୟାନ୍ୟ ସଂବାଦ ମାଧ୍ୟମରେ ପ୍ରକାଶିତ ରିପୋର୍ଟ ଅନୁଯାୟୀ, ଏହି ଘଟଣା ଭାରତ-ପାକିସ୍ତାନ ସୀମାରେ ଚାଲିଥିବା ଡ୍ରୋନ ଏବଂ କ୍ଷେପଣାସ୍ତ୍ର ଆକ୍ରମଣର ଏକ ଅଂଶ ଥିଲା। ଏହି ଉତ୍ତେଜନା ମଧ୍ୟରେ ଭାରତ ଓ ପାକିସ୍ତାନ ଶନିବାର ଏକ ଅସ୍ଥାୟୀ ଯୁଦ୍ଧବିରତି ଚୁକ୍ତିରେ ପହଞ୍ଚିଥିଲେ, ଯାହା ଆମେରିକାର ମଧ୍ୟସ୍ଥତାରେ ସମ୍ଭବ ହୋଇଥିଲା। ତେବେ, ଏହା ପରେ ମଧ୍ୟ ଉଭୟ ଦେଶ ପରସ୍ପର ବିରୁଦ୍ଧରେ ଯୁଦ୍ଧବିରତି ଉଲ୍ଲଂଘନର ଅଭିଯୋଗ ଆଣିଛନ୍ତି। ଏହି ଘଟଣା ପରେ ବିସିସିଆଇ ଏବଂ ପାକିସ୍ତାନ କ୍ରିକେଟ ବୋର୍ଡ ସୁରକ୍ଷା ଦୃଷ୍ଟିରୁ ଆଇପିଏଲ ଏବଂ ପିଏସଏଲକୁ ସ୍ଥଗିତ ରଖିଛନ୍ତି।

# ୧୭ରୁ ଆଇପିଏଲ୍: ଜୁନ୍ ୩ରେ ଫାଇନାଲ୍




ମୁମ୍ବାଇ: ଭାରତୀୟ କ୍ରିକେଟ୍ ନିୟନ୍ତ୍ରଣ ବୋର୍ଡ (ବିସିସିଆଇ) ଘୋଷଣା କରିଛି ଯେ, ସ୍ଥଗିତ ହୋଇଥିବା ଇଣ୍ଡିଆନ୍ ପ୍ରିମିଅର ଲିଗ୍ (ଆଇପିଏଲ୍) ୨୦୨୫ ଆସନ୍ତା ମେ ୧୭ ତାରିଖଠାରୁ ପୁଣି ଆରମ୍ଭ ହେବ। ଏହି ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ୍ ଜୁନ୍ ୩ ତାରିଖରେ ଅନୁଷ୍ଠିତ ହେବ ବୋଲି ବିସିସିଆଇ ସୂଚନା ଦେଇଛି। ଭାରତ-ପାକିସ୍ତାନ ସୀମାରେ ଉତ୍ତେଜନା ଯୋଗୁଁ ମେ ୯ ତାରିଖରେ ଆଇପିଏଲ୍ ଏକ ସପ୍ତାହ ପାଇଁ ସ୍ଥଗିତ ହୋଇଥିଲା। ଧରମଶାଳାରେ ପଞ୍ଜାବ କିଙ୍ଗସ୍ ଓ ଦିଲ୍ଲୀ କ୍ୟାପିଟାଲ୍ସ ମଧ୍ୟରେ ଖେଳାଯାଉଥିବା ମ୍ୟାଚ୍ ସୁରକ୍ଷା କାରଣରୁ ମଝିରେ ବନ୍ଦ ହୋଇଯାଇଥିଲା। ତେବେ ଶନିବାର ଦିନ ଉଭୟ ଦେଶ ମଧ୍ୟରେ ଯୁଦ୍ଧବିରତି ଘୋଷଣା ପରେ ବିସିସିଆଇ ଟୁର୍ଣ୍ଣାମେଣ୍ଟକୁ ପୁନଃ ଆରମ୍ଭ କରିବା ପାଇଁ ଯୋଜନା କରିଛି। ବିସିସିଆଇ ସୂଚନା ଅନୁଯାୟୀ, ବାକି ଥିବା ୧୭ଟି ମ୍ୟାଚ୍ ଛଅଟି ଭେନ୍ୟୁରେ ଖେଳାଯିବ। ମେ ୧୭ ତାରିଖରେ କୋଲକାତା ନାଇଟ ରାଇଡ଼ର୍ସ ଓ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ମଧ୍ୟରେ ମ୍ୟାଚ୍ ସହିତ ଟୁର୍ଣ୍ଣାମେଣ୍ଟ ଆରମ୍ଭ ହେବ। ପ୍ଲେ-ଅଫ ମ୍ୟାଚ୍ ?ଗୁଡ଼ିକ ନିମ୍ନ ଅନୁସାରେ ଅନୁଷ୍ଠିତ ହେବ: କ୍ୱାଲିଫାୟର ୧ – ମେ ୨୯, ଏଲିମିନେଟର – ମେ ୩୦, କ୍ୱାଲିଫାୟର ୨ – ଜୁନ୍ ୧, ଫାଇନାଲ – ଜୁନ୍ ୩। ପ୍ଲେ-ଅଫ ଭେନ୍ୟୁ ସମ୍ପର୍କରେ ପରେ ଘୋଷଣା କରାଯିବ। କୋଲକାତାର ଇଡେନ୍ ଗାର୍ଡେନ୍ସରେ ଫାଇନାଲ ମ୍ୟାଚ୍ ହେବାର ଯୋଜନା ଥିଲେ ମଧ୍ୟ, ଜୁନ୍ ପ୍ରଥମ ସପ୍ତାହରେ ବର୍ଷାର ସମ୍ଭାବନା ଯୋଗୁଁ ଏହା ଆହ୍ମେଦାବାଦରେ ହୋଇପାରେ ବୋଲି ସୂଚନା ମିଳିଛି। ବିସିସିଆଇ ସମସ୍ତ ଫ୍ରାଞ୍ଚାଇଜିକୁ ମେ ୧୩ ସୁଦ୍ଧା ସେମାନଙ୍କ ଖେଳାଳି ଓ ସହାୟକ କର୍ମଚାରୀଙ୍କୁ ଏକତ୍ର କରିବାକୁ ନିର୍ଦ୍ଦେଶ ଦେଇଛି। ଏହି ନୂଆ ସୂଚୀ ଅନୁଯାୟୀ, ବାକି ମ୍ୟାଚ୍‌ଗୁଡ଼ିକ ବେଙ୍ଗାଲୁରୁ, ଚେନ୍ନାଇ ଓ ହାଇଦ୍ରାବାଦ ଭଳି ସହରରେ ଖେଳାଯାଇପାରେ। ବିସିସିଆଇ ସରକାରଙ୍କ ଅନୁମୋଦନ ଓ ସୁରକ୍ଷା ବ୍ୟବସ୍ଥା ପରେ ଚୂଡ଼ାନ୍ତ ସୂଚୀ ଘୋଷଣା କରିବ। ଏହା ସହିତ, ଆଇପିଏଲ୍ ୨୦୨୫ ପୁଣି ଥରେ କ୍ରିକେଟ୍ ପ୍ରେମୀଙ୍କ ମନରେ ଉତ୍ସାହ ଭରିବ ବୋଲି ଆଶା କରାଯାଉଛି।

# କିଙ୍ଗ୍ କୋହଲିଙ୍କ ପାଞ୍ଚ ବଡ ରେକର୍ଡ



ନୂଆଦିଲ୍ଲୀ: ପ୍ରଥମେ ରୋହିତ ଶର୍ମା ଟେଷ୍ଟରୁ ଅବସର ଘୋଷଣା କରିଥିଲେ। ସୋମବାର ବିରାଟ କୋହଲି ମଧ୍ୟ ଟେଷ୍ଟ କ୍ରିକେଟରୁ ଅବସର ନେଇସାରିଛନ୍ତି। ରୋହିତ ଏବଂ ବିରାଟଙ୍କ ଯୋଡ଼ି ଟି-୨୦ ଏବଂ ଟେଷ୍ଟ ଉଭୟ ଫର୍ମାଟରେ ଦେଖିବାକୁ ମିଳିବ ନାହିଁ। ୩୬ ବର୍ଷୀୟ କୋହଲି ଜୁନ ୨୦୧୧ରେ ତାଙ୍କର ଟେଷ୍ଟ କ୍ୟାରିୟର ଆରମ୍ଭ କରିଥିଲେ ଏବଂ ତାଙ୍କର ୧୪ ବର୍ଷର ଲମ୍ବା ଟେଷ୍ଟ କ୍ୟାରିୟରରେ ସେ ଅନେକ ରେକର୍ଡ ଭାଙ୍ଗିଛନ୍ତି। ଏହି ରେକର୍ଡ ମଧ୍ୟରେ ବିରାଟଙ୍କ ପାଞ୍ଚ ରେକର୍ଡ ଅନ୍ୟତମ। **ଭାରତୀୟ ଅଧିନାୟକ ଭାବରେ ସର୍ବାଧିକ ଟେଷ୍ଟ ଶତକ:** ବିରାଟ କୋହଲି ହେଉଛନ୍ତି ଟେଷ୍ଟ କ୍ରିକେଟରେ ଅଧିନାୟକ ଭାବରେ ସର୍ବାଧିକ ଶତକ ମାରିଥିବା ଖେଳାଳି। ବିରାଟ ୬୮ଟି ଟେଷ୍ଟ ମ୍ୟାଚରେ ଟିମ ଇଣ୍ଡିଆର ଅଧିନାୟକତ୍ୱ କରିଥିଲେ। ଏଥିରୁ ସେ ୨୦ଟି ଇନିଂସରେ ଗୋଟିଏ ଶତକ ମାରିଥିଲେ। ଭାରତୀୟ ଅଧିନାୟକ ଭାବରେ ସର୍ବାଧିକ ଟେଷ୍ଟ ଶତକ ହାସଲ କରିଥିବା ଖେଳାଳିଙ୍କ ତାଲିକାରେ ସୁନୀଲ ଗାଭାସ୍କର ଦ୍ୱିତୀୟ ସ୍ଥାନରେ ଅଛନ୍ତି, ଯିଏ ଅଧିନାୟକ ଭାବରେ ୧୧ଟି ଶତକ ହାସଲ କରିଥିଲେ। **ଜଣେ ଭାରତୀୟଙ୍କ ଦ୍ୱାରା ସର୍ବାଧିକ ଦ୍ୱିଶତକ:** ବିରାଟ କୋହଲି ହେଉଛନ୍ତି ଜଣେ ଭାରତୀୟଙ୍କ ଦ୍ୱାରା ଟେଷ୍ଟ ଫର୍ମାଟରେ ସର୍ବାଧିକ ଦ୍ୱିଶତକ ହାସଲ କରିଥିବା ବ୍ୟାଟସମ୍ୟାନ। ସେ ତାଙ୍କର ୧୪ ବର୍ଷର ଲାଲ ବଲ କ୍ୟାରିୟରରେ ୭ଟି ଦ୍ୱିଶତକ ହାସଲ କରିଥିଲେ। ତାଙ୍କର ଶେଷ ଦ୍ୱିଶତକ ୨୦୧୯ରେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଆସିଥିଲା। ସଚିନ ତେନ୍ଦୁଲକର ଏବଂ ବୀରେନ୍ଦ୍ର ସେହ୍ୱାଗ ଉଭୟ ଟେଷ୍ଟରେ ୬ଟି ଦ୍ୱିଶତକ ମାରିଛନ୍ତି। **ଟେଷ୍ଟରେ ଭାରତର ସବୁଠାରୁ ସଫଳ ଅଧିନାୟକ:** ବିରାଟ କୋହଲି ତାଙ୍କ କ୍ୟାରିୟରରେ ସୌରଭ ଗାଙ୍ଗୁଲି, ମହମ୍ମଦ ଆଝାରୁଦ୍ଦିନ ଏବଂ ଏମଏସ ଧୋନୀଙ୍କ ପରି କିମ୍ବଦନ୍ତୀ ଅଧିନାୟକଙ୍କୁ ପଛରେ ପକାଇଛନ୍ତି। ବିରାଟ ଟେଷ୍ଟରେ ଭାରତର ସବୁଠାରୁ ସଫଳ ଅଧିନାୟକ ଥିଲେ। ତାଙ୍କ ନେତୃତ୍ୱରେ ଟିମ ଇଣ୍ଡିଆ ୬୮ଟି ଟେଷ୍ଟ ମ୍ୟାଚ ମଧ୍ୟରୁ ୪୦ଟି ଜିତିଥିଲା। ତାଙ୍କ ଅଧିନାୟକତ୍ୱରେ ଭାରତର ବିଜୟ ପ୍ରତିଶତ ୫୮.୮୨ ଥିଲା। ୧୦ରୁ ଅଧିକ ଟେଷ୍ଟ ମ୍ୟାଚ୍‌ରେ ଟିମ ଇଣ୍ଡିଆର ଅଧିନାୟକତ୍ୱ କରିଥିବା ଖେଳାଳିଙ୍କ ମଧ୍ୟରେ ବିରାଟଙ୍କ ବିଜୟ ପ୍ରତିଶତ ସର୍ବାଧିକ। **ବିଦେଶୀ ଟେଷ୍ଟ ଗସ୍ତରେ ଚାରୋଟି ଶତକ ମାରିଥିବା ପ୍ରଥମ ଭାରତୀୟ:** ବିରାଟ କୋହଲି ପ୍ରଥମ ଭାରତୀୟ ଖେଳାଳି ଭାବେ ବିଦେଶ ଗସ୍ତରେ ୪ଟି ଶତକ ମାରିଛନ୍ତି। ସେ ୨୦୧୪-୧୫ ଅଷ୍ଟ୍ରେଲିଆ ଗସ୍ତରେ ୪ଟି ଶତକ ମାରିଥିଲେ। ଏହା ବ୍ୟତୀତ ସେ ୨୦୧୬-୧୭ ଇଂଲଣ୍ଡ ସିରିଜରେ ମଧ୍ୟ ୪ଟି ଶତକୀୟ ଇନିଂସ ଖେଳିଥିଲେ। **ଟେଷ୍ଟରେ ଭାରତ ପାଇଁ ଚତୁର୍ଥ ସର୍ବାଧିକ ରନ ସ୍କୋରର:** ବିରାଟ କୋହଲି ଟେଷ୍ଟ କ୍ରିକେଟ ଇତିହାସରେ ଭାରତ ପାଇଁ ଚତୁର୍ଥ ସର୍ବାଧିକ ରନ ସ୍କୋରର। ସେ ତାଙ୍କର ୧୨୩ଟି ଟେଷ୍ଟ ମ୍ୟାଚ କ୍ୟାରିୟରରେ ୯,୨୩୦ ରନ କରିଥିଲେ। ଏହି ତାଲିକାରେ ତାଙ୍କ ଉପରେ କେବଳ ସଚିନ ତେନ୍ଦୁଲକର, ରାହୁଲ ଦ୍ରାବିଡ ଏବଂ ସୁନୀଲ ଗାଭାସ୍କର ଥିଲେ।

## ଖେଲୋ ଇଣ୍ଡିଆ ଯୁବ କ୍ରୀଡ଼ା: ମୀନାଙ୍କୁ ରୌପ୍ୟ



ଭୁବନେଶ୍ୱର (ଭସ୍କର ନ୍ୟୁଜ୍): ବିହାର ରାଜଗିରଠାରେ ଚାଲିଥିବା ଖେଲୋ ଇଣ୍ଡିଆ ଯୁବ କ୍ରୀଡ଼ାରେ ଓଡ଼ିଶା ଲିଫ୍ଟର ମୀନା ସାନ୍ତା ରବିବାର ରୌପ୍ୟ ପଦକ ଜିତିଛନ୍ତି। ଶନିବାର ଜ୍ୟୋତ୍ସ୍ନା ଶବର ଓ ହର୍ଷବର୍ଦ୍ଧନ ସାହୁ ସ୍ୱର୍ଣ୍ଣ ପଦକ ଜିତିବା ପରେ ଏହା ଓଡ଼ିଶାକୁ ଭାରୋତ୍ତୋଳନରୁ ତୃତୀୟ ପଦକ ହୋଇଛି। ହର୍ଷବର୍ଦ୍ଧନ ଜାତୀୟ ଯୁବ ରେକର୍ଡ ସହ ସ୍ୱର୍ଣ୍ଣ ପଦକ ଜିତିଥିଲେ। ରବିବାର ମୀନା ସାନ୍ତା (ଏ) ମହିଳା ଯୁବ ୫୫ କିଲୋଗ୍ରାମ ଓଜନ ବର୍ଗରେ ସ୍ନାଚ୍‌ରେ ୮୦ କିଲୋଗ୍ରାମ ଏବଂ କ୍ଲିନ୍ ଆଣ୍ଡ୍ ଜର୍କରେ ୯୭ କିଲୋଗ୍ରାମ ସହ ମୋଟ ଉପରେ ୧୭୭ କିଲୋଗ୍ରାମ ଉତ୍ତୋଳନ କରିଥିଲେ। କିନ୍ତୁ ଆସାମର ଐସଙ୍ଗଫା ଗୋଗୋଇ (୮୧ ଓ ୧୦୨) ମୋଟ ୧୮୩ କିଲୋଗ୍ରାମ ସହ ସ୍ୱର୍ଣ୍ଣ ପଦକ ଜିତିଥିଲେ। ଏହି ଅବସରରେ ଐସଙ୍ଗଫା ମଧ୍ୟ ଏକ ଜାତୀୟ ଯୁବ ମହିଳା ରେକର୍ଡ ପ୍ରତିଷ୍ଠା କରିଥିଲେ। ମୋଟ ଉପରେ ସେ ଉଠାଇଥିବା ୧୮୩ କିଲୋଗ୍ରାମ ପଶ୍ଚିମବଙ୍ଗର କୋୟଲ ବାର (୧୮୨)ଙ୍କ ନାମରେ ଥିବା ପୂର୍ବ ରେକର୍ଡ ପଛରେ ପଡ଼ିଯାଇଥିଲା। ଅନ୍ୟତମ ଓଡ଼ିଆ ଝିଅ ତଥା ସମାନ ନାମଧାରୀ ମୀନା ସାନ୍ତା (ବି) ଚତୁର୍ଥରେ ରହି ପଦକରୁ ବଞ୍ଚିତ ହୋଇଥିଲେ। ସେ ସ୍ନାଚ୍‌ରେ ୭୧ ଓ କ୍ଲିନ୍ ଆଣ୍ଡ୍ ଜର୍କରେ ୯୧ ସହ ମୋଟ ୧୬୨ କିଲୋ ଉତ୍ତୋଳନ କରିଥିଲେ। ମାତ୍ର ୨ କିଲୋଗ୍ରାମ ଅଧିକ ଉତ୍ତୋଳନ କରି ଆନ୍ଧ୍ରପ୍ରଦେଶର ହେମାଶ୍ରୀ କରଙ୍ଗୀ (୧୬୪ କିଲୋଗ୍ରାମ) କାଂସ୍ୟ ପଦକ ଜିତିଥିଲେ। ମୀନାଙ୍କୁ ଓଡ଼ିଶା ଭାରୋତ୍ତୋଳନ ସଂଘର ସଭାପତି ଇଂ ଚିତ୍ତରଂଜନ ସ୍ୱାଇଁ ଅଭିନନ୍ଦନ ଜଣାଇଛନ୍ତି।

## ଭାରତ ବିରୋଧରେ ପୁଣି ବିଷ ଓଗାଳିଲେ ଶାହିଦ ଆଫ୍ରିଦି



ନୂଆଦିଲ୍ଲୀ : ଭାରତୀୟ ସେନା ଅପରେଶନ ସିନ୍ଦୂର ମାଧ୍ୟମରେ ପାକିସ୍ତାନକୁ ଏକ ଶିକ୍ଷା ଦେଇଥିଲା। ହେଲେ ପାକିସ୍ତାନ ଏବେ ବି ତାର ପରାଜୟକୁ ହଜମ କରିପାରୁନାହିଁ। ପୁଣିଥରେ ପୂର୍ବତନ ପାକିସ୍ତାନୀ କ୍ରିକେଟର ଶାହିଦ ଆଫ୍ରିଦି ଭାରତ ବିରୋଧରେ ଗୋଟିଏ ପରେ ଗୋଟିଏ ବିଷ ଓଗାଳିବା ଆରମ୍ଭ କରିଛନ୍ତି। ରବିବାର ପାକିସ୍ତାନ ସେନାର ପ୍ରଶଂସା କରି ସେ କହିଛନ୍ତି ଯେ ଏହା ଭାରତୀୟ ଆକ୍ରମଣର ଏକ ନିର୍ଣ୍ଣାୟକ ଜବାବ। ନୂଆଦିଲ୍ଲୀ ଇସଲାମାବାଦକୁ କମ୍ ଆକଳନ କରିଛି। କରାଚୀର ସି ଭ୍ୟୁରେ ଆୟୋଜିତ ‘ୟୁମ୍-ଏ-ତାଶାକୁର’ (କୃତଜ୍ଞତା ଦିବସ) ରାଲିରେ ଭାଷଣ ଦେଇ ଆଫ୍ରିଦି କହିଛନ୍ତି ଯେ ଭାରତୀୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ‘ଯୁଦ୍ଧ ପ୍ରତି ଆଗ୍ରହ’ ଭାରତକୁ ଏକ ସମସ୍ୟାରେ ପକାଇ ଦେଇଛି। ‘ପ୍ରଧାନମନ୍ତ୍ରୀ ମୋଦି ଏବେ ଅନୁଭବ କରୁଥିବେ ଯେ ପାକିସ୍ତାନ ସହ ମୁକାବିଲା କରିବା କେତେ ମହଙ୍ଗା ପଡ଼ିପାରେ। ପୂର୍ବରୁ ଶାହିଦ ଆଫ୍ରିଦିଙ୍କ ଘରର ଏକ ଭିଡିଓ ସାମ୍ନାକୁ ଆସିଥିଲା। ଯେଉଁଥିରେ ଘର ଉପରେ ପାକିସ୍ତାନର ପତାକା ଉଡୁଥିଲା। ଏହା ସହ କ୍ୟାପସନରେ ଲେଖିଛନ୍ତି, ‘ମୋର ଆଶା, ମୋର ବିଶ୍ୱାସ, ମୋର ସାହସ, ମୋର ଶକ୍ତି ଏବଂ ମୋର ଭବିଷ୍ୟତ।‘ ୨୨ ଏପ୍ରିଲରେ ପହଲଗାମରେ ହୋଇଥିବା ଆତଙ୍କବାଦୀ ଆକ୍ରମଣରେ ୨୬ ଜଣ ନିର୍ଦ୍ଦୋଷ ଲୋକଙ୍କ ମୃତ୍ୟୁ ହୋଇଥିଲା। ଏହାର ୧୫ ଦିନ ପରେ, ଭାରତ ଅପରେସନ ସିନ୍ଦୂର (ଅପରେସନ୍ ସିନ୍ଦୂର ଇଣ୍ଡିଆ) ମାଧ୍ୟମରେ ଏହାର ପ୍ରତିଶୋଧ (ପହଲଗାମ୍ ଆକ୍ରମଣ ପ୍ରତିଶୋଧ) ନେଇଥିଲା। ଭାରତୀୟ ସେନାର କାର୍ଯ୍ୟାନୁଷ୍ଠାନରେ ୯୦ ଜଣ ଆତଙ୍କବାଦୀ ନିହତ ହୋଇଥିଲେ। ପହଲଗାମରେ ଆତଙ୍କବାଦୀଙ୍କ କାପୁରୁଷ କାର୍ଯ୍ୟ ପରଠାରୁ ଶାହିଦ ଆଫ୍ରିଦି ବିଷ ଓଗାଳି ଆସୁଛନ୍ତି। ସେ ଏହି ଆକ୍ରମଣ ପାଇଁ ଭାରତୀୟ ସେନାକୁ ଦାୟୀ କରିଥିଲେ। ଯାହା ପରେ ଶିଖର ଧାୱନଙ୍କ ସମେତ ଅନେକ ଭାରତୀୟ କ୍ରିକେଟର ତାଙ୍କୁ ଚୁପ୍ କରାଇ ଦେଇଥିଲେ।

## କୋହିଲଙ୍କ ଅବସରେ ପରେ ପୁରୁଣା କଥା ମନେ ପକାଇଲେ ସଚିନ



ନୂଆଦିଲ୍ଲୀ: ଭାରତୀୟ କ୍ରିକେଟର ମହାନ ବ୍ୟାଟ୍ସମ୍ୟାନ ବିରାଟ କୋହଲି ଟେଷ୍ଟ କ୍ରିକେଟରୁ ସୋମବାର ଅବସର ଘୋଷଣା କରିଛନ୍ତି। ସେ ଏବେ କେବଳ ଦିନିକିଆରେ ଭାରତ ପକ୍ଷରୁ ଖେଳିବେ। କୋହଲିଙ୍କ ଅବସର ପରେ ମାଷ୍ଟର ବ୍ଲାଷ୍ଟର ସଚିନ ତେନ୍ଦୁଲକର ତାଙ୍କୁ ଭୂୟସୀ ପ୍ରଶଂସା କରିବା ସହ ୧୨ ବର୍ଷ ତଳର ଏକ ରହସ୍ୟର ଉଜାଗର କରିଛନ୍ତି। ସଚିନ ପୁରୁଣା କଥା ମନେ ପକାଇ କହିଛନ୍ତି ମୁଁ ଯେତେବେଳେ ଅବସର ନେଲି କୋହଲି ମୋ ପାଖକୁ ଆସିଥିଲେ। ସେ ତାଙ୍କ ଜୀବନର ସବୁଠାରୁ ଦାମୀ ପଦାର୍ଥ ମୋତେ ଉପହାର ଦେଇଥିଲେ। କୋହଲିଙ୍କୁ ତାଙ୍କ ବାପା ଏକ ସୂତା ଉପହାର ଦେଇଥିଲେ । ସେ ଏହାକୁ କେବେ ହେଲେ ନିଜଠାରୁ ଅଲଗା କରି ନ ଥାନ୍ତି। କୋହଲି ସେ ସୂତା ସଚିନଙ୍କୁ ଦେଇଥିଲେ । ସଚିନ ମଧ୍ୟ ଭାବପ୍ରବଣ ହୋଇ ଏହାକୁ ରଖିଥିଲେ। ସେବେଠାରୁ ସଚିନ ଓ କୋହଲିଙ୍କ ମଧ୍ୟରେ ଏକ ଅଲଗା ପ୍ରକାରର ସମ୍ପର୍କ ଗଢ଼ି ଉଠିଥିଲା। ସଚିନଙ୍କ ସହ କୋହଲି ୧୭ ଟେଷ୍ଟ ମ୍ୟାଚ ଖେଳିଛନ୍ତି । ଏଥିରେ ଭାରତୀୟ ଟିମ ୯ ମୁକାବିଲାରେ ବିଜୟ ହାସଲ କରିଥିବା ବେଳେ ୬ରେ ପରାଜିତ ହୋଇଥିଲା ।

## ଦୀପିକା, ସାଲୁଙ୍ଖେଙ୍କୁ ବ୍ରୋଞ୍ଜ, ଭାରତକୁ ୭ ପଦକ



ଶାଙ୍ଘାଇ: ଭାରତର ସବୁଠୁ ସଫଳ ତୀରନ୍ଦାଜ ଦୀପିକା କୁମାରୀ ଓ ପାର୍ଥ ସାଲୁଙ୍ଖେ ଆର୍ଚେରୀ ୱାର୍ଲ୍ଡକପ୍ ଷ୍ଟେଜ-୨ରେ ରବିବାର ବ୍ରୋଞ୍ଜ ପଦକ ଜିତିଛନ୍ତି। ଏଥିସହିତ ଟୁର୍ନାମେଣ୍ଟରେ ଭାରତ ମୋଟ ୭ ପଦକ ସହ ଅଭିଯାନ ଶେଷ କରିଛି। ଏଥିପୂର୍ବରୁ କମ୍ପାଉଣ୍ଡ ତୀରନ୍ଦାଜମାନେ ୫ଟି ପଦକ ଜିତିଥିଲେ। ଦୀପିକା ମହିଳା ରିକର୍ଭ ବ୍ୟକ୍ତିଗତ ସେମିଫାଇନାଲରେ ଅଲିମ୍ପିକ ଚାମ୍ପିୟନ ଲିମ ଶିହେଅନଙ୍କଠାରୁ ୧-୭ ବ୍ୟବଧାନରେ ପରାଜିତ ହୋଇଥିଲେ। ଏହାପରେ ବ୍ରୋଞ୍ଜ ପଦକ ମ୍ୟାଚ୍‌ରେ ୩୦ ବର୍ଷୀୟା ୪ ଥରର ଅଲିମ୍ପିଆନ ୭-୩ ବ୍ୟବଧାନରେ କୋରିଆର କାଙ୍ଗ ଚାଏ ୟଙ୍ଗଙ୍କୁ ହରାଇଛନ୍ତି। ପୁରୁଷ ବିଭାଗରେ ୨୧ ବର୍ଷୀୟ ସାଲୁଙ୍ଖେ ସେମିଫାଇନାଲରେ ଟପ ସିଡ୍ କୋରିଆର କିମ୍ବଦନ୍ତୀ କିମ୍ ଉଜିନଙ୍କଠାରୁ ୧-୭ରେ ପରାଜିତ ହୋଇଥିଲେ। ବ୍ରୋଞ୍ଜ ପଦକ ପ୍ଲେଅଫ ମ୍ୟାଚ୍‌ରେ ସେ ୬-୪ ବ୍ୟବଧାନରେ ଫ୍ରେଞ୍ଚ ଆର୍ଚର ବାପ୍ଟିଷ୍ଟେ ଆଡିସଙ୍କୁ ପରାସ୍ତ କରିଥିଲେ।

## ପିଏସ୍ଏଲ୍ ଆରମ୍ଭ ନେଇ ପିସିବିର ଯୋଜନା



କରାଚୀ: ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି) ସସ୍‌ପେଣ୍ଡ ହୋଇଥିବା ପାକିସ୍ତାନ ସୁପର ଲିଗ୍ (ପିଏସ୍ଏଲ୍)ର ପୁନଃ ଆରମ୍ଭ ପାଇଁ ଯୋଜନା କରୁଛି। ଏପରି କ ବିଭିନ୍ନ ଦଳ ତରଫରୁ ଖେଳୁଥିବା ବିଦେଶୀ ଖେଳାଳିମାନେ ପ୍ରତ୍ୟାବର୍ତ୍ତନ ନ କଲେ ମଧ୍ୟ ଚଳିତମାସ ପରବର୍ତ୍ତୀ ଭାଗରେ ଏକ ଟି୨୦ ସିରିଜ ଖେଳିବା ଲାଗି ବାଂଲାଦେଶ ଆସିବା ପୂର୍ବରୁ ଟୁର୍ନାମେଣ୍ଟର ଅବଶିଷ୍ଟାଂଶ ଶେଷ କରିବା ଲାଗି ବିଚାର କରୁଛି। ପିଏସ୍ଏଲ୍‌ର ଫାଇନାଲ ସହ ଆହୁରି ୮ଟି ମ୍ୟାଚ ବାକି ରହିଛି। ପିସିବିର ଜଣେ ଅଫିସିଆଲ କହିଛନ୍ତି କେତେଜଣ ବିଦେଶୀ ଖେଳାଳି ଏବେ ସୁଦ୍ଧା ଦୁବାଇରେ ଥିବାବେଳେ ଅନ୍ୟ କେତେଜଣ ସ୍ୱଦେଶ ଫେରିଯାଇଛନ୍ତି। ପିସିବିର ଜଣେ ଅଫିସିଆଲ କହିଛନ୍ତି, ଅବଶିଷ୍ଟ ମ୍ୟାଚଗୁଡ଼ିକ ଲାଗି ଫ୍ରାଞ୍ଚାଇଜଗୁଡ଼ିକୁ ସେମାନଙ୍କ ବିଦେଶୀ ଖେଳାଳିଙ୍କୁ ଫେରାଇ ଆଣିବାର ବ୍ୟବସ୍ଥା କରିବା ପାଇଁ କୁହାଯାଇଛି। ତେବେ ସେମାନଙ୍କ ଆସିବାନିଷ୍ପତ୍ତି ସେମାନଙ୍କ ବୋର୍ଡ ଏବଂ ବ୍ୟକ୍ତିଗତ ଇଚ୍ଛା ଉପରେ ନିର୍ଭର କରେ। ପିସିବି ବାଂଲାଦେଶ କ୍ରିକେଟ ବୋର୍ଡ (ବିସିବି) ସହିତ ଯୋଗାଯୋଗରେ ରହିଛି। ସେମାନେ ଭାରତ-ପାକିସ୍ତାନ ବିବାଦର ସାଂପ୍ରତିକ ସ୍ଥିତି ଉପରେ ନଜର ରଖିଛନ୍ତି। ବାଂଲାଦେଶ ଏହାର ମ୍ୟାଚଗୁଡ଼ିକ ରାୱଲପିଣ୍ଡି, ଫୈସଲାବାଦ ଓ ଲାହୋରରେ ଖେଳିବ। ପିସିବି ପି.ଏସ୍.ଏଲ୍.ର ଅବଶିଷ୍ଟାଂଶ ରାୱଲପିଣ୍ଡି ଓ ଲାହୋରରେ ଆୟୋଜନ କରିବା ଲାଗି ଚିନ୍ତା କରୁଛି।

## କୋହଲିଙ୍କୁ ମନେ ପକାଇଲେ ଡିଜିଏମଓ ରାଜୀବ ଘାଇ



ନୂଆଦିଲ୍ଲୀ: ଭାରତ ଏବଂ ପାକିସ୍ତାନ ମଧ୍ୟରେ ଅସ୍ତ୍ରବିରତି ଉପରେ ଏକ ଚୁକ୍ତିନାମା ହୋଇଛି। ଏହି ପରିପ୍ରେକ୍ଷୀରେ ଭାରତୀୟ ସେନାର ମୁଖ୍ୟ ଅଧିକାରୀମାନେ ଲଗାତାର ଦ୍ୱିତୀୟ ଦିନ ପାଇଁ ଏକ ସାମ୍ବାଦିକ ସମ୍ମିଳନୀ କରିଥିଲେ। ସୋମବାର ବିରାଟ କୋହଲି ଟେଷ୍ଟ କ୍ରିକେଟରୁ ଅବସର ନେଇଥିଲେ। ସେହିପରି ଆଜି ତିନି ସେନା ମୁଖ୍ୟ ଏକ ସାମ୍ବାଦିକ ସମ୍ମିଳନୀ ପାଇଁ କରିଥିଲେ। ଏହି ଅବସରରେ ଡିଜିଏମଓ ରାଜୀବ ଘାଇ ବିରାଟ କୋହଲିଙ୍କ ନାମ ନେଇଥିଲେ। ଲେଫ୍ଟନାଣ୍ଟ ଜେନେରାଲ ରାଜୀବ ଘାଇ କହିଛନ୍ତି ଯେ ସେ ବିରାଟ କୋହଲିଙ୍କ ଜଣେ ବଡ଼ ପ୍ରଶଂସକ।

## ଆନେକ୍ସ କପ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ: ରାଇଜିଂ ଷ୍ଟୁଡେଣ୍ଟ୍ କ୍ଲବ୍ ଚାମ୍ପିଅନ୍




ଜଗତସିଂହପୁର (ଭାସ୍କର ନ୍ୟୁଜ): ଜଗତସିଂହପୁର ସ୍ୱାମୀ ବିବେକାନନ୍ଦ ସ୍ୱୟଂ ଶାସିତ ମହାବିଦ୍ୟାଳୟ ଖେଳ ପଡ଼ିଆରେ ହିନ୍ଦୁସ୍ଥାନ ସ୍ପୋର୍ଟିଂ ଆନୁକୂଲ୍ୟରେ ଅନୁଷ୍ଠିତ ହେଉଥିବା ୧୮ତମ ସର୍ବ ଭାରତୀୟ କ୍ରିକେଟ ଟୁର୍ନାମେଣ୍ଟ ଆନେକ୍ସ କପର ଫାଇନାଲରେ ବିଜୟ ହାସଲ କରିଛି କଟକର ରାଇଜିଂ ଷ୍ଟୁଡେଣ୍ଟ୍ କ୍ଲବ। ପ୍ରଥମେ ଟସ୍‌ରେ ଜିତି ରାଇଜିଂ ଷ୍ଟୁଡେଣ୍ଟ୍ କ୍ଲବ ବୋଲିଂର ନିଷ୍ପତ୍ତି ନେଇଥିଲା। ସ୍ପୋର୍ଟିଂ ୟୁନିଅନ କ୍ରିକେଟ କ୍ଲବ ଝାଡ଼ଖଣ୍ଡ ନିର୍ଦ୍ଧାରିତ ୨୦ ଓଭରରେ ୮ ଉଇକେଟ ହରାଇ ୧୬୪ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ସର୍ବାଧିକ ମଣିକାନ୍ତ ମିଶ୍ର ୭୧ ମଣ୍ଟୀ ଓ ଅନୁଜ କୁମାର ୧୮ ରନ ଓ ରୋନି କୁମାର ଯାଦବ ୧୬ ଓ ସୁରଜ୍ ଯାଦବ ୧୩ ରନ ସଂଗ୍ରହ କରିଥିଲେ। ରାଇଜିଂ ପକ୍ଷରୁ ରାମଚନ୍ଦ୍ର ବେହେରା, ବିପ୍ଲବ ସାମନ୍ତରାୟ ୩ଟି ଲେଖା ୱିକେଟ୍ ଅକ୍ତିଆର କରିଥିଲେ। ଏହାର ଜବାବରେ ୧୭.୪ ଓଭରରେ ଏକ ସଂଘର୍ଷ ମୟ ମ୍ୟାଚରେ ୪ ୱିକେଟ୍ ହରାଇ ୧୭୦ ରନ ସଂଗ୍ରହ କରି କଟକ ରାଇଜିଂ ଷ୍ଟୁଡେଣ୍ଟ୍ କ୍ଲବ ବିଜୟ ହାସଲ କରିଥିଲା। ଦଳ ପକ୍ଷରୁ ସର୍ବାଧିକ ବିପ୍ଲବ ସାମନ୍ତରାୟ ୬୧ ଆଦିତ୍ୟ ରାଉତ ୫୦ ରାମଚନ୍ଦ୍ର ବେହେରା ୩୯ ରନ କରିଥିଲେ। ଝାରଖଣ୍ଡ ୟୁନିୟନ ସ୍ପୋର୍ଟିଂ କ୍ରିକେଟ କ୍ଲବ ପକ୍ଷରୁ ସର୍ବାଧିକ ଫୁର୍କନ୍ ଅନସାରୀ, ରୋସନ୍ କୁମାର, ମଣ୍ଟୀ, ସୁରଜ୍ ଯାଦବ ୧ ଟି ଲେଖାଏଁ ୱିକେଟ ଅକ୍ତିଆର କରିଥିଲେ। ଏହି ଖେଳର ଶ୍ରେଷ୍ଠ ଖେଳାଳି ରାଇଜିଂ ଷ୍ଟୁଡେଣ୍ଟ୍ କ୍ଲବର ବିପ୍ଲବ ସାମନ୍ତରାୟଙ୍କୁ ମ୍ୟାନ୍ ଅଫ ଦି ମ୍ୟାଚ୍ ରୂପେ ଘୋଷଣା କରାଯାଇଥିଲା। ବେଷ୍ଟ ବ୍ୟାଟ୍ସମ୍ୟାନ୍ ଆଦିତ୍ୟ ରାଉତ ବେଷ୍ଟ ବୋଲର ରାମଚନ୍ଦ୍ର ବେହେରା, ବେଷ୍ଟ ଫିଲ୍ଡର କୁମାର ଅଙ୍କିତ(ମଣ୍ଟି. ବେଷ୍ଟ କିପର ବିକ୍ରମ ସାମଲ, ମ୍ୟାନ ଅଫ ଦି ଟୁର୍ଣ୍ଣାମେଣ୍ଟ ରାମଚନ୍ଦ୍ର ବେହେରା ବିବେଚିତ ହୋଇଥିଲେ। ଏହି ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଓଡିଶାର ଶିଳ୍ପ ଓ ଦକ୍ଷତା ବିକାଶ ମନ୍ତ୍ରୀ ସମ୍ପଦ ଚରଣ ସ୍ୱାଇଁ ପୁରସ୍କାର ବିତରଣୀ ଉତ୍ସବରେ ଯୋଗଦେଇ ଥିଲେ। ସାମ୍ମାନୀତ ଅତିଥିଭାବେ ଭାବେ ଜଗତସିଂହପୁର ବିଧାୟକ ଅମରେନ୍ଦ୍ର ଦାସ, ଜଗତସିଂହପୁର ଜିଲ୍ଲାପାଳ ଜେ ସୋନାଲ, ଜଗତସିଂହପୁର ଜିଲ୍ଲା ପରିଷଦ ଅଧ୍ୟକ୍ଷ ମନୋଜ ଭୋଇ, ଅନ୍ତର୍ଜାତୀୟ ଗଲ୍ଫ ଖେଳାଳି ଲକ୍ଷ୍ମୀ ସ୍ୱାଇଁ, ଜଗତସିଂହପୁର ବିଡିଓ ଆଶୁତୋଷ ମିଶ୍ର, ଜଗତସିଂହପୁର ଆଇଆଇସି ପ୍ରଭାସ ସାହୁ, ଅଧ୍ୟାପକ ପ୍ରଦୀପ୍ତ ଶତପଥୀ, ଜଗତସିଂହପୁର ବ୍ଲକ ପୂର୍ବତନ ଅଧ୍ୟକ୍ଷ ପ୍ରସନ୍ନ ସ୍ୱାଇଁ, ଓଡିଶା ଷ୍ଟେଟ ହାଣ୍ଡବଲ ଆସୋସିଏସନର ସଭାପତି ବିପ୍ଳବ ଚୌଧୁରୀ, ଅଧ୍ୟାପକ ପ୍ରଶାନ୍ତ ବେହେରା, ନାଉଗାଁ ଜିଲ୍ଲାପରିଷଦ ସଦସ୍ୟା ଅମିତା ସ୍ୱାଇଁ, ସାମ୍ବାଦିକ ଦୀପକ ମହାନ୍ତି ପ୍ରମୁଖ ଯୋଗଦେଇ ଥିବା ବେଳେ ଏହି ପୁରସ୍କାର ବିତରଣୀ ଉତ୍ସବର ସଭାକାର୍ଯ୍ୟକୁ ହିନ୍ଦୁସ୍ଥାନ ସ୍ପୋର୍ଟିଂର ସଭାପତି ସମୀର ଲେଙ୍କା ସଭାପତିତ୍ୱ କରି ମଞ୍ଚ ପରିଚାଳନା କରିଥିଲେ। ଚାମ୍ପିୟାନ ଟିମ କଟକର ରାଇଜିଂ ଷ୍ଟୁଡେଣ୍ଟ ଦଳକୁ ଟ୍ରଫି ସହ ୧ ଲକ୍ଷ ପୁରସ୍କାର ରାଶି ପ୍ରଦାନ କରିଥିଲେ ଏବଂ ରନର୍ସ ଅପ୍ ଟିମ୍ ଝାରଖଣ୍ଡ ର ସ୍ପୋର୍ଟିଂ ୟୁନିୟନକୁ ୭୦ ହଜାର ଟଙ୍କା ପୁରସ୍କାର ରାଶି ଏବଂ ସୁନ୍ଦର ଟ୍ରଫି ପ୍ରଦାନ କରିଥିଲେ। ଏହି ମ୍ୟାଚ୍‌କୁ ଆଶୁତୋଷ ପାଣି, ଦିଲୀପ କୁମାର ସାମଲ, ଜଗତସିଂହପୁରର ବିଡ଼ିଓ ଆଶୁତୋଷ ମିଳନ ଓଝା, ବାପି ବିଶୋଇ, ଆଶୁତୋଷ ବେହେରା, ପ୍ରଶାନ୍ତ ମଲ୍ଲିକ, ନୀତିନ ନନ୍ଦନ, କରନ୍ ଖାନ, ସଲମାନ୍ ଜଳାଲି, ଜଗନ୍ନାଥ ବିଶୋଇ ପରିଚାଳନା କରିଥିଲେ।

## ପ୍ରେସିଡେଣ୍ଟ କପ୍ ଗଲ୍ଫ ଟୁର୍ଣ୍ଣାମେଣ୍ଟ ଆରମ୍ଭ



ପାରାଦୀପ (ଭାସ୍କର ନ୍ୟୁଜ୍) : ପାରାଦୀପ ଗଲ୍ଫ ପଡିଆ ଠାରେ ଦିନିକିଆ ପ୍ରେସିଡେଣ୍ଟ କପ ଗଲ୍ଫ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ପାରାଦୀପ ଗଲ୍ଫ କ୍ଲବ ଦ୍ୱାରା ଆୟୋଜିତ ଏହି ଟୁର୍ଣ୍ଣାମେଣ୍ଟରେ ହାଣ୍ଡିକ୍ୟାପ ୦-୧୮ ବର୍ଗରେ ଓସ୍କାର ଡୁଙ୍ଗଡୁଙ୍ଗ ଚମ୍ପିୟନ ହୋଇଥିବା ବେଳେ ରଞ୍ଜିତ କୁମାର ବୋମାଲୀ ବେଷ୍ଟ କ୍ରସର ଓ ଦୀପକ କୁମାର ଷଡଙ୍ଗୀ ରନର୍ସଅପ ହୋଇଥିଲେ। ୧୯-୨୪ ବର୍ଗରେ ନୀଳାଦ୍ରି ଦାସଗୁପ୍ତା ଚମ୍ପିୟନ, ସୁବାସ ଆଚାର୍ଯ୍ୟ ରନର୍ସଅପ, ଲଙ୍ଗେଷ୍ଟ ଡ୍ରାଇଭରେ ଧର୍ମେନ୍ଦ୍ର ମିଶ୍ର ଓ ନିଅରେଷ୍ଟ ଟୁ ପିନରେ ବବଲୁ ସିକଦାର ବିଜେତା ହୋଇଥିଲେ। ସେହିପରି ମହିଳା ପୁଟିଙ୍ଗ ବିଭାଗରେ ମିସ ସାଗରିକା ଗୋପ ଚମ୍ପିୟନ, ପ୍ରଥମ ରନର୍ସଅପ ଭାବେ ମଧୁସ୍ମିତା ସେଠୀ ଓ ଦ୍ୱିତୀୟ ରନର୍ସଅପ ଭାବେ ଅମ୍ବାରିକା ସୁତାର ବିଜୟୀ ହୋଇଥିଲେ। ଏହି ଅବସରରେ ପାରାଦୀପ ବନ୍ଦର ଅଧ୍ୟକ୍ଷ ପି.ଏଲ.ହରନାଦ ମୁଖ୍ୟ ଅତିଥି ଏବଂ ଉପାଧ୍ୟକ୍ଷ ନୀଳାଦ୍ରି ଦାସଗୁପ୍ତା ସମ୍ମାନିତ ଅତିଥି ଭାବେ ଯୋଗଦେଇ ବିଜେତା ଖେଳାଳି ମାନଙ୍କୁ ଟ୍ରଫି ଓ ପୁରସ୍କାର ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବନ୍ଦର ସିଏମଇ ସୁଶୀଲ ଚନ୍ଦ୍ର ନାହାକ, ଡେପୁଟି ସିଏମଇ ମଣିପୁଷ୍ପକ ସେଠୀ, ଡେପୁଟି ସିଇଇ ଚନ୍ଦନ ପାଣିଗ୍ରାହୀ, କୋଷ୍ଟଗାର୍ଡ ଡିଆଇଜି ସଞ୍ଜୟ ନେଗୀ, ସିଆଇଏସଏଫ କମାଣ୍ଡାଣ୍ଟ ସନତ ପଟେଲ, କେଆଇସିଟି କମ୍ପାନୀ ସିଇଓ ସୁଧିର ମୁଲଗଡା ପ୍ରମୁଖ ଅତିଥି ଭାବେ ଉପସ୍ଥିତ ଥିଲେ। ଏହି ଟୁର୍ଣ୍ଣାମେଣ୍ଟକୁ ପାରାଦୀପ ଗଲ୍ଫ କ୍ଲବର ସଭାପତି ତଥା ବନ୍ଦର ମୁଖ୍ୟ ଅର୍ଥ ପରାମର୍ଶଦାତା ଧର୍ମେନ୍ଦ୍ର ନାଥ ସୋନ୍ଧୀ, କ୍ଲବର କାର୍ଯ୍ୟକାରୀ ସଭାପତି ବବଲୁ ସିକଦାର, ଅଧିନାୟକ ଅକ୍ଷୟ ଚନ୍ଦ୍ର ସୁତାର, ଗୋପବନ୍ଧୁ କ୍ରୀଡା ସଂସଦର କାର୍ଯ୍ୟକାରୀ ସଭାପତି ଡା.ଦୁର୍ଗା ପ୍ରସାଦ ସେଠୀ ଓ ଉପସଭାପତି ସୁବାସ ଆଚାର୍ଯ୍ୟ ପ୍ରମୁଖ ସଫଳତାର ସହ ପରିଚାଳନା କରିଥିଲେ।



ଖାଦ୍ୟ ନଷ୍ଟ ନକରି ସ୍ୱାଦକୁ ସଂରକ୍ଷଣ କରିବା ପାଇଁ ବଳକା ଖାଦ୍ୟକୁ ପୁଣି ଗରମ କରିବା ପାଇଁ ପରିଶ୍ରମ କରିବାକୁ ପଡେ ନାହିଁ । କିନ୍ତୁ କେତେକ ସମୟରେ ଖାଦ୍ୟ ଗରମ କରିବା ସମୟରେ ଅସାବଧାନତା ଆପଣଙ୍କୁ ଅସୁସ୍ଥ ମଧ୍ୟ କରିପାରେ। ଆମେ ପ୍ରାୟତଃ ମାଇକ୍ରୋୱେଭରେ ଖାଦ୍ୟକୁ ଶୀଘ୍ର ଗରମ କରୁ କିମ୍ବା ଫ୍ରିଜରୁ ବାହାର କରି ବାରମ୍ବାର ଗରମ କରୁ । କିନ୍ତୁ ଅସାବଧାନତା ସ୍ୱାସ୍ଥ୍ୟକୁ ବିପଦରେ ପକାଇପାରେ । ଖାଦ୍ୟକୁ ଥରେରୁ ଅଧିକ ଥର ଗରମ କରିବା ଅନୁଚିତ- ପ୍ରତ୍ୟେକ ଥର ଖାଦ୍ୟ ଗରମ ହେଲେ, ଏହାର ପୁଷ୍ଟିକର ମୂଲ୍ୟ ହ୍ରାସ ପାଏ ଏବଂ ଜୀବାଣୁ ବୃଦ୍ଧିର ଆଶଙ୍କା ବଢ଼ିଯାଏ। ବିଶେଷକରି ଭାତ, ଆଳୁ ଏବଂ ନନ୍-ଭେଜ୍ ବାରମ୍ବାର ଗରମ କଲେ ସମସ୍ୟା ହୋଇପାରେ । ଥଣ୍ଡା ଖାଦ୍ୟକୁ ତୁରନ୍ତ ଗରମ କରନ୍ତୁ ନାହିଁ- ଫ୍ରିଜରୁ ବାହାର କରାଯାଇଥିବା ଖାଦ୍ୟକୁ ତୁରନ୍ତ ଗରମ କରିବା ଠିକ୍ ନୁହେଁ । ପ୍ରଥମେ ଏହାକୁ ସାଧାରଣ ତାପମାତ୍ରାରେ କିଛି ସମୟ ପାଇଁ ରଖନ୍ତୁ, ତାପରେ ଏହାକୁ ଗରମ କରନ୍ତୁ । ଏହା ସମାନ ଗରମ ସୁନିଶ୍ଚିତ କରେ ଏବଂ ଜୀବାଣୁ ବୃଦ୍ଧିର ଆଶଙ୍କା ହ୍ରାସ କରେ । ପ୍ଲାଷ୍ଟିକ୍ ପାତ୍ରରେ ଖାଦ୍ୟ ଗରମ କରନ୍ତୁ ନାହିଁ – ମାଇକ୍ରୋୱେଭରେ ପ୍ଲାଷ୍ଟିକ୍ ପାତ୍ରରେ ଖାଦ୍ୟ ଗରମ କରିବା କ୍ଷତିକାରକ ହୋଇପାରେ। ପ୍ଲାଷ୍ଟିକରେ ଥିବା ରାସାୟନିକ ପଦାର୍ଥ ଗରମ ହେଲେ ଖାଦ୍ୟରେ ମିଶିପାରେ, ଯାହା ହରମୋନ ଅସନ୍ତୁଳନ ଏବଂ କର୍କଟ ଭଳି ରୋଗର କାରଣ ହୋଇପାରେ ।



## କାର୍ ଭିତରେ ପରଫ୍ୟୁମ୍ ଓ ଲାଇଟର ରଖୁଥିଲେ ସାବଧାନ


***ବଢୁଛି ତାତି । ଯେମିତି ତତଲା ତାୱା ପାଲଟିଛି ପୃଥିବୀ । ଛଟପଟ ହୋଇଯାଉଛି ଜୀବନ । କେବେ ଆସିବ ବର୍ଷା ଆଉ ମିଳିବ ଆଶ୍ୱସ୍ତି ? ଦେଶର ଅନେକ ସ୍ଥାନରେ ତାପମାତ୍ରା ଏବେଠାରୁ ୪୦ ଡିଗ୍ରୀ ଟପିଲାଣି । ଦିନ ୧୦ଟାରେ ଘରୁ ବାହାରିଲେ ଲାଗୁଛି ଯେମିତି ଆକାଶରୁ ନିଆଁ ବର୍ଷୁଛି । ଏପ୍ରିଲରୁ ଅବସ୍ଥା ଏପରି ସାଂଘାତିକ ହେଲାଣି । ମେ', ଜୁନରେ ସ୍ଥିତି କ'ଣ ହେବ ତାହା ଭାବିଲେ ଛନକା ପଶୁଛି ମନରେ । ଏପରି ପରିସ୍ଥିତିକୁ ଆହୁରି ସାଘାଂତିକ କରି ଦେଉଛି ଅଗ୍ନି ଦୁର୍ଘଟଣା । ଅତ୍ୟଧିକ ତାପମାତ୍ରା ଓ ଖରା ଯୋଗୁ କେତେବେଳେ ଜଙ୍ଗଲରେ ନିଆଁ ଲାଗିଯାଉଛି ତ କେତେବେଳେ ଝୁପୁଡି ବସ୍ତିରେ । ତେବେ ଆପଣଙ୍କର ଯଦି କାର୍ ଅଛି , ସେହି କାର୍‌ରେ ପରଫ୍ୟୁମ୍ ଓ ଲାଇଟର ରଖୁଛନ୍ତି, ତେବେ ସାବଧାନ ହୋଇପାରେ ବିସ୍ଫୋରଣ...***

■ ଅନେକ ସମୟରେ ଆମେ କାର ଭିତରେ ପରଫ୍ୟୁମ ବୋତଲ ବା ଲାଇଟର ଆଦି ରଖିଥାଉ । ଜାଣିରଖନ୍ତୁ, ଖରାଦିନେ ଏହା କାର ପାଇଁ ବିପଦର କାରଣ ସାଜିପାରେ ।

■ ସାଧାରଣତଃ ପରଫ୍ୟୁମରେ ଆଲକହଲ ଥାଏ । ଏହା ଅଧିକ ଗରମ ହେଲେ ଗ୍ୟାସ ହୋଇଯାଏ। ଯାହାଫଳରେ ପରଫ୍ୟୁମ ବୋତଲ ଭିତରେ ଚାପ ବୃଦ୍ଧି ପାଏ । ଯଦି ପରଫ୍ୟୁମ ବୋତଲ ଉପରେ ସିଧାସଳଖ ସୂର୍ଯ୍ୟ କିରଣ ପଡ଼େ ତେବେ ଏହା ଭିତରେ ଗ୍ୟାସ ସୃଷ୍ଟି ହୋଇ ଏହା ଫାଟି ଯାଇପାରେ । ଏହା ଦ୍ୱାରା କାରରେ ନିଆଁ ଲାଗିଯିବାର ଆଶଙ୍କା ରହିଛି ।

■ ସେହିପରି ଲାଇଟର ବି ଜ୍ୱଳନଶୀଳ ଗ୍ୟାସ ଅଟେ । ଏହା ଅଧିକ ଗରମରେ ବାଷ୍ପୀଭୂତ ହୋଇ ଲିକ ହୋଇପାରେ । ଏହାଦ୍ୱାରା ଲାଇଟର ଫାଟି ଯାଇପାରେ କିମ୍ବା ଏଥିରେ ନିଆଁ ଲାଗିଯାଇ ପାରେ । ଏହି କାରଣରୁ ଲାଇଟରରେ ଥିବା ପ୍ଲାଷ୍ଟିକ ବି ତରଳି ଯାଇପାରେ । ଏହାଦ୍ୱାରା ସର୍ଟ ସର୍କିଟ କିମ୍ବା ବିସ୍ଫୋରଣ ଆଶଙ୍କା ବଢିଯାଇ ପାରେ ।

■ ସେଥିପାଇଁ ଅଧିକ ଖରାରେ କାରରେ ପରଫ୍ୟୁମ, ଲାଇଟର, ସାନିଟାଇଜର ଆଦି ସମ୍ବେଦନଶୀଳ ଜିନିଷ ରଖିବା ଉଚିତ ନୁହେଁ । ଏହା ଦ୍ୱାରା କାରରେ ନିଆଁ ଲାଗିଯିବା କିମ୍ବା ବିସ୍ଫୋରଣ ହେବାର ଆଶଙ୍କା ରହିଛି ।



## ଚିଲିରେ ସୁଟିଂ ହେବ ଶାହାରୁଖଙ୍କ 'ପଠାନ ୨'

**ଶା**ହାରୁଖ ଖାନଙ୍କ ଆଗାମୀ ଫିଲ୍ମ 'କିଙ୍ଗ୍'କୁ ଫ୍ୟାନ୍ସ ଖୁବ ଉତ୍ସାହର ସହିତ ଅପେକ୍ଷା କରିଛନ୍ତି। ଫିଲ୍ମର ସୁଟିଂ ଏ ପର୍ଯ୍ୟନ୍ତ ଆରମ୍ଭ ହୋଇନ ଥିବା ବେଳେ ଏହି ଫିଲ୍ମ ସହିତ ଅନେକ ତାରକାଙ୍କ ନାମ ଜୋଡ଼ି ହୋଇଛି। ଯେଉଁଥିରେ ଦୀପିକା ପାଦୁକୋନ ଏବଂ ଅରଶଦ ୱାର୍ସି ମଧ୍ୟ ନଜର ଆସିବେ। ସୁହାନା ଖାନ 'କିଙ୍ଗ୍' ସହିତ ତାଙ୍କର ଥିଏଟର ଡେବ୍ୟୁ କରିବାକୁ ଯାଉଛନ୍ତି। ଗୋଟିଏ ପଟେ 'କିଙ୍ଗ୍' ଥିବା ବେଳେ ଅନ୍ୟପଟେ 'ପଠାନ ୨' ବିଷୟରେ ଏକ ଆଶ୍ଚର୍ଯ୍ୟଜନକ ଅପଡେଟ୍ ଆସିଛି। ୨୦୨୩ ମସିହା ଶାହରୁଖ ଖାନଙ୍କ ପାଇଁ ଏକ ଭଲ ବର୍ଷ ଥିଲା। ଯେଉଁଥିରେ 'ପଠାନ' ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା। ତେବେ ଏହାରି ମଧ୍ୟ 'ପଠାନ ୨'କୁ ନେଇ ସାମ୍ନାକୁ ଆସିଛି ଏକ ବଡ଼ ଅପଡ଼େଟ୍ । ଏଥିରୁ ସ୍ପଷ୍ଟ ହୋଇଛି ଯେ, ଯଶ ରାଜ ଫିଲ୍ମସ୍ 'ପଠାନ ୨' ଉପରେ କାମ ଆରମ୍ଭ ହୋଇଛି। ଫିଲ୍ମର ସୁଟିଂ ସ୍ଥାନ ସମ୍ପର୍କିତ ଏକ ଅପଡେଟ୍ ମଧ୍ୟ ମିଳିଛି। ତେବେ ନିକଟରେ ଚିଲିର ରାଷ୍ଟ୍ରପତି ଭାରତ ଆସିଥିଲେ। ଯେଉଁଠାରେ ସେ ଦିଲ୍ଲୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଭେଟିଥିଲେ।


ଏହାପରେ ସେ ମୁମ୍ବାଇ ଆସି ତାଙ୍କ ଦେଶରେ ଫିଲ୍ମ ସୁଟିଂ ବିଷୟରେ ଅନେକ ଫିଲ୍ମ ନିର୍ମାତାଙ୍କ ସହ କଥା ହେଲେ। ରିପୋର୍ଟ ଅନୁସାରେ, ଅଂଶୁମାନ ଝା ଏ ବିଷୟରେ ଖୋଲାଖୋଲି ଭାବରେ କହିଛନ୍ତି। ଏହି ସମୟରେ ଚିଲିର ସଂସ୍କୃତି ମନ୍ତ୍ରୀ କାରୋଲିନା ଆରେଡୋଣ୍ଡୋଙ୍କୁ ମଧ୍ୟ ଭେଟିଥିଲେ। ଯାହା ଦ୍ୱାରା ତାଙ୍କ ପ୍ରଯୋଜନା ସଂସ୍ଥା ଫାଷ୍ଟରେ ଫିଲ୍ମସ ମାଧ୍ୟମରେ ସାଂସ୍କୃତିକ ଆଦାନପ୍ରଦାନ ଉପରେ ଆଲୋଚନା କରାଯାଇପାରିବ। ବର୍ତ୍ତମାନ 'ଲକଡବାଘା ୩'ର ସୁଟିଂ ପାଇଁ ଆଲୋଚନା ଆରମ୍ଭ ହୋଇଛି ।ସେ ଏହା ମଧ୍ୟ ସୂଚନା ଦେଇଥିଲେ ଯେ, ଶଜରୁ ଚିଲିରେ ପଠାଣ ୨ ସୁଟିଂ କରିବାକୁ ମଧ୍ୟ ଯୋଜନା କରୁଛି। ଚିଲିର ପ୍ରତିନିଧିମଣ୍ଡଳୀ ଶଜରୁ ଷ୍ଟୁଡିଓ ମଧ୍ୟ ପରିଦର୍ଶନ କରିଥିଲେ। ଏପରି ପରିସ୍ଥିତିରେ, ଆସନ୍ତା ବର୍ଷ ଚିଲିରେ 'ଲକଡବାଘା ୩' ଏବଂ 'ପଠାନ ୨'ର ସୁଟିଂ କରାଯିବା ନେଇ ଆଲୋଚନା ହେଉଛି ।ତିନି ବର୍ଷର ଦୀର୍ଘ ଅପେକ୍ଷା ପରେ, ଶାହରୁଖ ଖାନ ପଠାନ ସହିତ ପୁନରାଗମନ କରିଥିଲେ। ଫିଲ୍ମରେ ଦୀପିକା ପାଦୁକୋନ ମଧ୍ୟ ତାଙ୍କ ସହିତ ଥିଲେ। ଯେତେବେଳେ ଜନ୍ ଆବ୍ରାହମ୍ ଖଳନାୟକ ଭୂମିକାରେ ଅଭିନୟ କରିଥିଲେ। ଏହି ଫିଲ୍ମଟି ମୁକ୍ତିଲାଭ କରିବା ମାତ୍ରେ ହିଟ୍ ହେବା ସହ ସାରା ବିଶ୍ୱରେ ୧୦୦୦ କୋଟି ଟଙ୍କାରୁ ଅଧିକ ରୋଜଗାର କରିଥିଲା ।

## ମଦର୍ସ ଡେ' ସେଲିବ୍ରେସନ କଲେ ଆଥିୟା

**ବ**ର୍ତ୍ତମାନ ସୋସିଆଲ ମିଡିଆରେ ଚର୍ଚ୍ଚାରେ ରହିଛନ୍ତି ଅଭିନେତ୍ରୀ ଆଥିୟା ସେଟ୍ଟୀ ଏବଂ କ୍ରିକେଟର କେଏଲ ରାହୁଲ । ପ୍ରଥମ କରି ମେ ୧୧ ତାରିଖରେ 'ମଦର୍ସ ଡେ' ପାଳନ କରିଛନ୍ତି ଆଥିୟା । ସେହି ସମୟର ଏକ ସୁନ୍ଦର ମୂହୁର୍ତ୍ତକୁ ନିଜ ସୋସିଆଲ ପେଜରେ ଫଟୋ ସେୟାର କରିଛନ୍ତି କେଏଲ ରାହୁଲ । ଆଥିୟାଙ୍କ ପରି ମା ପାଇ ଇଭାରା ଭାଗ୍ୟବାନ ହୋଇଛନ୍ତି । ଆଥିୟାଙ୍କୁ ଜୀବନସାଥି ଭାବେ ପାଇଥିବାରୁ ସେ ଭାଗ୍ୟବାନ ମନେ କରୁଛନ୍ତି ବୋଲି ମଧ୍ୟ କ୍ରିକେଟର ଲେଖିଛନ୍ତି । ଯାହା ଏବେ ଜୋର ଚର୍ଚ୍ଚା ଧରିଛି । କେଏଲ ରାହୁଲ ତାଙ୍କ ନିଜ ସୋସିଆଲ ମିଡିଆ ଆକାଉଣ୍ଟ ପେଜରେ ଏକ ଫଟୋ ପୋଷ୍ଟ କରିଛନ୍ତି । ଯେଉଁଥିରେ ଆଥିୟା ଇଭାରାଙ୍କୁ କୋଳରେ ଜାବୁଡି ଧରିଥିବାର ଫଟୋ ସେୟାର କରିଛନ୍ତି । କ୍ୟାପସନରେ କେଏଲ ରାହୁଲ ଲେଖିଛନ୍ତି ଯେ, 'ତୁମେ ଏତେ ଇଭାରାଙ୍କୁ ସ୍ନେହରେ ଥରିଥିବା ଦେଖି ମୋର ତୁମ ପ୍ରତି ଭଲପାଇବା ଆହୁରି ବଢିଯାଉଛି' । ଏହା ବ୍ୟତୀତ 'ମଦର୍ସ ଡେ'ରେ ତାଙ୍କ ଜୀବନରେ ଥିବା ୩ଜଣ ମହିଳାଙ୍କୁ ଧନ୍ୟବାଦ ଜଣାଇଛନ୍ତି । ତାଙ୍କ ଜୀବନରେ ସେହି ୩ ଜଣ ମହିଳାଙ୍କ ଫଟୋ ମଧ୍ୟ ସେୟାର କରିଛନ୍ତି । ସେହି ୩ ଜଣ ମହିଳା ହେଲେ ରାହୁଲଙ୍କ ମା', ତାଙ୍କ ପତ୍ନୀ ଆଥିୟା ଏବଂ ଆଥିୟାଙ୍କ ମା' । ସେମାନଙ୍କୁ ଫଟୋରେ ଏକାଠି ଦେଖିବାକୁ ମିଳୁଛି । ଅନ୍ୟପଟେ କେଏଲ ରାହୁଲ ଜଣେ ଭଲ କ୍ରିକେଟର ହିସାବରେ ବେଶ୍ ପରିଚିତ । ତାଙ୍କର ଚମତ୍କାର ପ୍ରଦର୍ଶନ ପାଇଁ ତାଙ୍କ ଫ୍ୟାନ୍ସ ଅନେକ ଭଲପାଇଥାନ୍ତି । ରାହୁଲ ଓଟଖରେ ଭଲ ପ୍ରଦର୍ଶନ କରି ରେକର୍ଡ କରିଛନ୍ତି । ଯିଏ ଅଧିକ ଶତକ କରିବା ସହିତ ଅଧିକ ରନ୍ ମଧ୍ୟ କରିଥିଲେ । ଷ୍ଟପିଂ ଏବଂ କ୍ୟାଚିଂରେ ସେ ମାହିର୍ ।







## ପିଲାଙ୍କର ପାଠପଢାରେ ମନ ଲାଗୁନଥିଲେ ଜାଣନ୍ତୁ ...

***ପିଲାଙ୍କର ପାଠପଢାରେ ମନ ଲାଗୁନି ? ଏକାଗ୍ରତା ଆସୁନି, ଘରେ ବାସ୍ତୁଦୋଷ ଥିଲେ ଏଭଳି ସମସ୍ୟା ଦେଖାଦିଏ ବୋଲି ବାସ୍ତୁବିଦ୍ କୁହନ୍ତି। ତେବେ ବାସ୍ତୁ ଅନୁସାରେ କେମିତି ହେବା ଦରକାର ପିଲାଙ୍କ ରୁମ୍ ଜାଣନ୍ତୁ ସେ ସମ୍ପର୍କରେ...***

◆ ବାସ୍ତୁଶାସ୍ତ୍ର ଅନୁଯାୟୀ, ପିଲାଙ୍କ ବେଡ୍‌ରୁମ୍ ପଶ୍ଚିମ ଦିଗରେ ରହିଲେ ଅନେକ ସୁ-ପ୍ରଭାବ ସେମାନଙ୍କ ଉପରେ ପଡିଥାଏ।

◆ ପିଲାଙ୍କ ବେଡ୍‌ରୁମ୍‌ର କବାଟ ଉତ୍ତର କିମ୍ବା ପୂର୍ବ ଦିଗରେ ରହିବା ସହ କବାଟର ଠିକ୍ ବିପରୀତ ଦିଗରେ ଝରକା ରହିଲେ ଅତି ଉତ୍ତମ ହୋଇଥାଏ।

◆ ସବୁଜ ରଙ୍ଗ ପିଲାଙ୍କ ରୁମ୍ ପାଇଁ ଶୁଭ। ଏହା ଶାନ୍ତି ପ୍ରଦାନ କରିବା ସହ ସେମାନଙ୍କ ମନରେ ସକାରାତ୍ମକ ଭାବନା ଆଣିଥାଏ।

◆ ପିଲାଙ୍କ ବେଡ୍‌କୁ ରୁମ୍‌ର ଦକ୍ଷିଣ ପାର୍ଶ୍ୱରେ ପକାଇବା ଦରକାର। ସେ ପୁଣି କାନ୍ଥକୁ ନ ଲାଗି କାନ୍ଥରୁ ଟିକେ ଛାଡିକି ରଖିଲେ ଭଲ।

◆ ସେହିପରି ଶୋଇବା ସମୟରେ ପିଲାଙ୍କ ମୁଣ୍ଡ ପୂର୍ବ ଦିଗକୁ ରହିଲେ ସେମାନଙ୍କର ସ୍ମରଣ ଶକ୍ତି ବଢିଥାଏ ବୋଲି ବିଶ୍ୱାସ କରାଯାଏ।

◆ ଅନ୍ୟପକ୍ଷେ ପିଲାଙ୍କ ରୁମ୍‌ରେ ଷ୍ଟଡି ଟେବୁଲ୍‌କୁ ଏପରି ରଖିବା ଦରକାର, ଯେମିତିକି ସେଥିରେ ବସି ପଢିବା ସମୟରେ ପିଲାଙ୍କ ମୁହଁ ଉତ୍ତର କିମ୍ବା ପୂର୍ବ ଦିଗ ଅଥବା ଉତ୍ତର-ପୂର୍ବ ଦିଗ ଆଡ଼କୁ ରହୁଥିବ। କୁହାଯାଏ, ଏପରି କଲେ ପିଲାଙ୍କର ପଢା ପ୍ରତି ଏକାଗ୍ରତା ବଢିଥାଏ।

## ବ୍ୟାୟାମ କରିବା ପୂର୍ବରୁ ଜାଣନ୍ତୁ...

**ବ୍ୟା**ୟାମ କରିବା ପୂର୍ବରୁ ଆମକୁ କେତୋଟି ଦିଗ ପ୍ରତି ଧ୍ୟାନ ଦେବା ନିହାତି ଜରୁରୀ। ବ୍ୟାୟାମ କରିବା ପୂର୍ବରୁ ଯଦି ହାଲିଆ ଲାଗୁଛି ତେବେ ବିଳମ୍ବ ନ କରି କିଛି ସମୟ ବିଶ୍ରାମ କରନ୍ତୁ। ଏ ବିଷୟରେ ବ୍ୟାୟାମ ଏକ୍ସପର୍ଟଙ୍କ ସହ ବିଶଦଭାବରେ ଆଲୋଚନା କରନ୍ତୁ। ଡାକ୍ତରଙ୍କ ନିକଟରେ ନିଜର ସ୍ୱାସ୍ଥ୍ୟ ପରୀକ୍ଷା କରାଇ ନେବାକୁ ମଧ୍ୟ ଭୁଲନ୍ତୁ ନାହିଁ। କେଉଁ ପ୍ରକାର ବ୍ୟାୟାମ କଲେ ତାହାର ସୁପ୍ରଭାବ ଶରୀର ଉପରେ ପଡିବ ତାହା ବି ଭଲ ଭାବରେ ଜାଣି ନିଅନ୍ତୁ। ସକାଳ କିମ୍ବା ସନ୍ଧ୍ୟାର କେଉଁ ସମୟରେ ବ୍ୟାୟାମ କରିବେ ତାହାର ସମୟ ନିର୍ଦ୍ଧାରଣ କରନ୍ତୁ। ଆଉ ସେହି ଅନୁସାରେ ପ୍ରତିଦିନ ସେହି ସମୟରେ ହିଁ ବ୍ୟାୟାମ ଆରମ୍ଭ କରିବା ଭଲ। ସବୁବେଳେ ନିଜ ସାମର୍ଥ୍ୟ ଅନୁସାରେ ବ୍ୟାୟାମ କରନ୍ତୁ। ଏହି ସମୟରେ ଶୋଷ ଲାଗିଲେ ଅଳ୍ପ ପାଣି ପିଅନ୍ତୁ। ସବୁଠାରୁ ଖାସ୍ କଥା ହେଲା, ବ୍ୟାୟାମ କରିବା ପୂର୍ବରୁ ନିଜର ନିତ୍ୟକର୍ମ ଶେଷ କରିବାକୁ ଭୁଲନ୍ତୁ ନାହିଁ। ଏହାଦ୍ୱାରା ବ୍ୟାୟାମ କରିବାକୁ ଆରାମ ଲାଗିଥାଏ। ଆଉ ଯଦି ଅସୁସ୍ଥ ଅନୁଭବ କରୁଛନ୍ତି ତେବେ ବ୍ୟାୟାମରୁ ବିରତ ରୁହନ୍ତୁ।

Printed, Published & Owned by **Madhu Mohanty.** Published from and printed at Tilak Raj Publications (P) Ltd., Zone-D-2/18, Sector-A, Mancheswar Industrial Estate, Bhubaneswar-751010, Fax: 2587803,2580150 Phone: 2587802, 2580234(PBX), E-mail: odishabhaskar@yahoo.com, bhaskarfoto@gmail.com, odishabhaskaradvt@gmail.com
ମୁଖ୍ୟ ସମ୍ପାଦକ: **ପ୍ରଦୋଷ ପଟ୍ଟନାୟକ**
Chief Editor: Pradosh Pattanaik

ଓଡ଼ିଶା ଭାସ୍କର
ODISHA BHASKAR
ରାଜ୍ୟ ଖବର






ବୋଲଗଡ଼, (ଭାସ୍କର ନ୍ୟୁଜ୍): ବୋଲଗଡ଼ ବ୍ଲକ କଂଗ୍ରେସ କମିଟି ତରଫରୁ ରବିବାର ସନ୍ଧ୍ୟାରେ ପ୍ରକାଶ ରଥଙ୍କ ଆବାହକତ୍ୱରେ ଭାରତ ପାକିସ୍ତାନ ଯୁଦ୍ଧରେ ଶହୀଦ ହୋଇଥିବା ଭାରତୀୟ ବୀର ଯବାନମାନଙ୍କୁ ଶ୍ରଦ୍ଧାଞ୍ଜଳି ସ୍ୱରୂପ ରାଲି ଶୋଭାଯାତ୍ରା ହୋଇଥିଲା। ଏହି ଶୋଭାଯାତ୍ରା ପିଚୁକୁଳି ଆଦର୍ଶ ବିଦ୍ୟାଳୟଠାରୁ ବାହାରି ବଜାର ପରିକ୍ରମା କରି ନାଳକୋଷ୍ଟଙ୍କ ମନ୍ଦିର ସମ୍ମୁଖରେ ପହଞ୍ଚିଥିଲା। ସେଠାରେ ଆୟୋଜିତ ପ୍ରତିବାଦ ସଭାରେ ମୁଖ୍ୟ ଅତିଥି ଭାବେ ଖୋର୍ଦ୍ଧା ଜିଲ୍ଲା କଂଗ୍ରେସ ସଭାପତି ରାଜୀବ ପଟ୍ଟନାୟକ, ମୁଖ୍ୟ ବକ୍ତା ଭାବେ ରାଜ୍ୟ ପ୍ରଦେଶ କଂଗ୍ରେସ କମିଟି କାର୍ଯ୍ୟକାରିଣୀ ସଦସ୍ୟ ପୃଥ୍ୱୀ ବଲ୍ଲଭ ପଟ୍ଟନାୟକ, ପ୍ରକାଶ ରଥ, ମନୋରଞ୍ଜନ ପଟ୍ଟନାୟକ, ସେବା ଦଳ ଅଲ୍ ଓଡ଼ିଶା ମେମ୍ବର ମନୋଜ କୁମାର ସାହୁ, ଜୟକୃଷ୍ଣ ପ୍ରହରାଜ, ଧାରେଶ କୁମାର ମହାପାତ୍ର, ବ୍ଲକ ଉପସଭାପତି ସନ୍ତୋଷ କୁମାର ପ୍ରଧାନ, ଜୟକୃଷ୍ଣ ପ୍ରହରାଜ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କଂଗ୍ରେସ ସଭାପତି, କଂଗ୍ରେସ କର୍ମୀ ପ୍ରକାଶ ରଥ, ନବକିଶୋର ପଣ୍ଡା, ପୂର୍ବତନ ବ୍ଲକ କଂଗ୍ରେସ ସଭାପତି ପ୍ରାଣମୋହନ ଦାସ, ସରପଞ୍ଚ ବିଜୟ କୁମାର ସେଠି, ଜୟକୃଷ୍ଣ ପ୍ରହରାଜ, ଦିବାକର ରାଉତଙ୍କ ସମେତ ୧୫୦୦ରୁ ଅଧିକ କର୍ମୀ ଉପସ୍ଥିତ ଥିଲେ। ବରିଷ୍ଠ କଂଗ୍ରେସ କର୍ମୀ ଧାରେଶ କୁମାର ମହାପାତ୍ର ପରିଚାଳନା କରିଥିଲେ। ପରିଶେଷରେ ଉପସଭାପତି ସନ୍ତୋଷ କୁମାର ପ୍ରଧାନ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଭିନ୍ନକ୍ଷମଙ୍କୁ ୧୦୦ଦିନ କାମ ସୁନିଶ୍ଚିତ ଥିଲେ ମଧ୍ୟ ସୋରଡା ବ୍ଲକରେ ଅନିଶ୍ଚିତ

ସୋରଡା, (ଭାସ୍କର ନ୍ୟୁଜ୍): ସୋରଡା ବ୍ଲକରେ ଯୋଗ୍ୟ ଭିନ୍ନକ୍ଷମ ଶ୍ରମିକ ମାନଙ୍କୁ ୧୦୦ ଦିନର କାମ ସୁନିଶ୍ଚିତ କରିବା ପାଇଁ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଏସଓପି ଜାରି କରିଛନ୍ତି। ଯୋଗ୍ୟ ହିତାଧିକାରୀ ଚୟନ ସହିତ ଜବକାର୍ଡ ବାଣ୍ଟିବା କାମ ପାଇଁ ନିର୍ଦ୍ଦିଷ୍ଟ ସମୟସୀମା ଧାର୍ଯ୍ୟ କରାଯାଇଛି। ବିଡିଓ କାର୍ଯ୍ୟକ୍ରମ ଅଧିକାରୀ ଭାବେ ପ୍ରତି ଆର୍ଥିକ ବର୍ଷ ପୂର୍ବରୁ ପଞ୍ଚାୟତ ଗୁଡ଼ିକୁ ଦିବ୍ୟାଙ୍ଗ ଶ୍ରମିକ ତାଲିକା ଦେବେ ଏବଂ ପ୍ରତି ଗ୍ରାମରେ ଦିବ୍ୟାଙ୍ଗ ଗୋଷ୍ଠି ଗଠନ କରିବାକୁ ନିଷ୍ପତ୍ତି ହୋଇଛି। ପଞ୍ଚାୟତିରାଜ ବିଭାଗ ଏସଓପିକୁ ନେଇ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗର ନିର୍ଦ୍ଦେଶକ ଜିଲ୍ଲାପାଳମାନଙ୍କୁ ଚିଠି ଲେଖି ଜଣାଇବା ସହିତ ତାଙ୍କ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଦିବ୍ୟାଙ୍ଗମାନଙ୍କୁ ଏସଓପି ଅନୁସାରେ ମିସନ ମୋଡରେ ମଇ ୩୧ ତାରିଖ ସୁଦ୍ଧା ଭିନ୍ନକ୍ଷମ ଶ୍ରମିକମାନଙ୍କୁ ଚିହ୍ନଟ କରି ଜବକାର୍ଡ ପ୍ରଦାନ କରିବା ସେମାନଙ୍କୁ ସଦସ୍ୟ ଭାବରେ ନେଇ ଦିବ୍ୟାଙ୍ଗ ଶକ୍ତି ଗୋଷ୍ଠୀ ପ୍ରଦାନ କରିବା ଏବଂ ସେମାନଙ୍କୁ କାମ ପ୍ରଦାନ କରିବା ପାଇଁ ଗ୍ରାମପଞ୍ଚାୟତ, ବିଡିଓ ଏବଂ ବିଏସଙ୍କ ସହଯୋଗ ନେବେ। ଦିବ୍ୟାଙ୍ଗ ଶକ୍ତି ଗୋଷ୍ଠୀ ଜୁନ ୩୦ସୁଦ୍ଧା ସମାପ୍ତ ହେବ ଏବଂ ପୂର୍ବରୁ ଏହି ଯୋଜନାରେ ଜବକାର୍ଡ ପାଇଥିବା ଭିନ୍ନକ୍ଷମ ବ୍ୟକ୍ତିଙ୍କ କାର୍ଡଗୁଡ଼ିକୁ ମଇ ୩୧ ତାରିଖ ସୁଦ୍ଧା ନିର୍ଦ୍ଧାରିତ କରାଯିବ। ବିଶେଷକରି ଉପଯୁକ୍ତ ଦିବ୍ୟାଙ୍ଗ ବ୍ୟକ୍ତିଙ୍କୁ କିଭଳି ଜବକାର୍ଡ ମିଳିବ ସେ ନେଇ ସତର୍କତା ଅବଲମ୍ବନ କରିବେ। ସମସ୍ତ ଯୋଗ୍ୟ ଦିବ୍ୟାଙ୍ଗ ବ୍ୟକ୍ତିଙ୍କୁ ଜବକାର୍ଡ ପ୍ରଦାନ କରିବା ପାଇଁ ଜିପି ସ୍ତରରେ ସଚେତନତା ଅଭିଯାନ ଆୟୋଜନ କରାଯାଇଛି। ପଞ୍ଚାୟତି ରାଜ ବିଭାଗର ସଚିବ ଗିରିଶ ଏସଏନ ଜାରି କରିଥିବା ଏସଓପିରେ କୁହାଯାଇଛି ଯେ ପରିବାରରେ ଥିବା ୧୮ ବର୍ଷ କିମ୍ବା ତାଠାରୁ ଅଧିକ ବୟସର ଭିନ୍ନକ୍ଷମ ମଜୁରିଆ ବ୍ୟକ୍ତିମାନଙ୍କୁ ଚିହ୍ନଟ କରାଯିବ। ରୋଜଗାର ଆଶାରେ ଥିବା ସମସ୍ତ ଗ୍ରାମପଞ୍ଚାୟତରେ ଗ୍ରାମାଞ୍ଚଳରେ ଥିବା ଭିନ୍ନକ୍ଷମଙ୍କୁ ଏଥିରେ ସାମିଲ କରାଯିବ ବୋଲି ଘୋଷଣା କରାଯାଇଥିଲେ ମଧ୍ୟ କାମ ସୁନିଶ୍ଚିତ କରିବା ଲକ୍ଷ୍ୟ ତୁରନ୍ତ କାର୍ଯ୍ୟକାରୀ କରିବା ପାଇଁ ସୋରଡା ଅଞ୍ଚଳର ବରିଷ୍ଠ ସାମ୍ବାଦିକ ଆଲୋଚାରି ସାରଥି ଜିଲ୍ଲାପାଳଙ୍କ ଠାରେ ଦାବି କରିଛନ୍ତି।

# ଲକ୍ଷ୍ମୀ ରାଇସ ମିଲରେ ଦୁର୍ନୀତି ପ୍ରସଙ୍ଗ



ସଙ୍ଗତଲା, (ଭାସ୍କର ନ୍ୟୁଜ୍): ସଙ୍ଗତଲା ବ୍ଲକ ଜେଲେଗାଁ ସ୍ଥିତ ଲକ୍ଷ୍ମୀ ରାଇସ ମିଲରେ ବଡ଼ ଧରଣର ଦୁର୍ନୀତି ହୋଇଥିବା ନେଇ ଅଭିଯୋଗ ସାମ୍ନାକୁ ଆସିଛି। ସୂଚନାଯୋଗ୍ୟ ଯେ ଗତ ଖରିଫ ମଣ୍ଡି ଚାଲିଥିବା ସମୟରେ ଲକ୍ଷ୍ମୀ ରାଇସମିଲକୁ ବିଭିନ୍ନ ଟ୍ରକ ମାଧ୍ୟମରେ ବିଭିନ୍ନ ମଣ୍ଡିରୁ ଧାନ ମିଲକୁ ଆସିଥାଏ। ତେବେ ଏକ ସୂଚନା ଅଧିକାର ଆଇନ ବଳରେ ମିଳିଥିବା ସୂଚନା ଅନୁସାରେ ବିଭିନ୍ନ ଗାଡ଼ି ଗୋଟିଏ ସମୟରେ ଦୁଇରୁ ତିନୋଟି ମଣ୍ଡିକୁ ଧାନ ନେଇଛି। ତେବେ ଗୋଟିଏ ଗାଡ଼ି ସମାନ ସମୟରେ ଲକ୍ଷ୍ମୀ ରାଇସ ମିଲ ବ୍ୟତୀତ ଆଉ ଗୋଟିଏ ରାଇସ ମିଲକୁ କିପରି ଭାବେ ପ୍ରବେଶ କରୁଛି ତା ନେଇ ମିଲର ଧାନ କିଣା ପ୍ରକ୍ରିୟା ଉପରେ ପ୍ରଶ୍ନ ସୃଷ୍ଟି କରୁଛି। ତେବେ ଏ ସମ୍ପର୍କରେ ଅଭିଯୋଗ ହେବା ପରେ ଜିଲ୍ଲା ଯୋଗାଣ ବିଭାଗ ମିଲକୁ ପହଞ୍ଚି ମିଲ ଯାଞ୍ଚ କରିବା ସହ ମିଲରେ ଗଚ୍ଛିତ ଭାବେ ଥିବା ଧାନକୁ ଓଜନ କରିବା କଥା, ହେଲେ ବର୍ତ୍ତମାନ ବି ଯୋଗାଣ ବିଭାଗ ଚୁପହୋଇ ବସିରହିଛି। ତେବେ ଯୋଗାଣ ବିଭାଗର ଭୂମିକା ଉପରେ ଏବେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହାସହ ଦିର୍ଘଦିନ ହେବ ମିଲ ମାଲିକ ଗୋପାଳ ଅଗ୍ରୱାଲ ପ୍ରାୟ ୩୩ ଡିସମିଲ ସରକାରୀ ଜଙ୍ଗଲ ଜମି ବେଆଇନ ଭାବେ ମାଡି ବସି ସେଠାରେ ମିଲ ପ୍ରତିଷ୍ଠା କରିଛନ୍ତି। ତେବେ ନିଜସ୍ୱ ଜମି ନ ଥିବା ଓ ସରକାରୀ ଜଙ୍ଗଲ ଜମିକୁ ବେଆଇନ ଭାବେ ମାଡି ବସିଥିବା ବେଳେ ଯୋଗାଣ ବିଭାଗ କିପରି ଭାବେ ମିଲ ପ୍ରତିଷ୍ଠା ପାଇଁ ଅନୁମତି ପ୍ରଦାନ କଲା ତା'ସହ ମିଲ ପରିସରରେ ମିଲମାଲିକ ଗୋପାଳ ଅଗ୍ରୱାଲ ଏକ ବଡ ଗାତ ଖୋଳି ମିଲରୁ ନିଷ୍କାସିତ ଦୂଷିତ ଜଳ ଉକ୍ତ ଗାତରେ ପକାଉଛି। ତେବେ ଉକ୍ତ ଜଳ ଦୀର୍ଘଦିନ ହେବ ସେଠାରେ ପଡ଼ି ରହୁଥିବା ବେଳେ ମଶାମାଛି ବୃଦ୍ଧି ପାଇବା ସହ ଆଖପାଖ ଲୋକେ ସଂକ୍ରମଣର ଶିକାର ହେଉଛନ୍ତି। ଏହାସହ ବିଭିନ୍ନ ପଶୁପକ୍ଷୀ ସେହି ଜଳକୁ ବ୍ୟବହାର କରୁଥିବା ବେଳେ ପଶୁପକ୍ଷୀ ବିଶେଷକରି ଗାଈଗୋରୁଙ୍କ ସ୍ୱାସ୍ଥ୍ୟସମସ୍ୟା ଦେଖାଦେବା ଆଶଙ୍କା କରାଯାଉଛି। ତେବେ ଏ ନେଇ ଟିଟିଲାଗଡ ଉପ ଜିଲ୍ଲାପାଳ ରେହାନ କ୍ଷେତ୍ରିଙ୍କ ଠାରେ ଅଭିଯୋଗ କରାଯାଉଥିବା ବେଳେ ଅଭିଯୋଗକୁ ଭିତ୍ତି କରି ଆଖିଦୃଶିଆ କୌଣସି ପ୍ରକାର କାର୍ଯ୍ୟାନୁଷ୍ଠାନ ବର୍ତ୍ତମାନ ସୁଦ୍ଧା ହୋଇନାହିଁ। ତେବେ ବିଭିନ୍ନ ମହଲରେ ସମ୍ପୃକ୍ତ ରାଇସ ମିଲ ଓ ମିଲ ମାଲିକ ଅଗ୍ରୱାଲାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରାଯାଉଛି।

# ସ୍ୱଚ୍ଛ ଭାରତ ମିଶନ ଯୋଜନା ଦିଗହରା ଖଟଖାଉଛି ଅଳିଆଆବର୍ଜନା ବୁହା ଗାଡ଼ି

ବେଗୁନିଆ, (ଭାସ୍କର ନ୍ୟୁଜ୍): ସ୍ୱଚ୍ଛ ଭାରତ ମିଶନ ଯୋଜନାରେ ବିଗତ ଦିନରେ ରାଜ୍ୟ ସରକାର ଗ୍ରାମାଞ୍ଚଳରେ ଅଳିଆ ଆବର୍ଜନାକୁ ବୋହିବା ପାଇଁ ପ୍ରତି ପଞ୍ଚାୟତକୁ ଅଳିଆ ବୁହା ଟ୍ରଲି ଯୋଗାଇ ଦିଆଯାଇଥିଲା। ବୋଲଗଡ଼ ବ୍ଲକ ଅଞ୍ଚଳରେ ଏହା କାର୍ଯ୍ୟରେ ନ ଲାଗି ବାହାରେ ପଡ଼ି କଳଙ୍କି ଲାଗିଯିବା ସହ ଖଟ ଖାଉଥିବାର ଦେଖିବାକୁ ମିଳୁଛି। ଯେଉଁ ଉଦ୍ଦେଶ୍ୟ ବା ଲକ୍ଷ୍ୟ ନେଇ ଅଳିଆ ବୁହା ଗାଡ଼ି ଯୋଗାଇ ଦିଆ ଯାଇଥିଲା ତାହା କାର୍ଯ୍ୟରେ ନ ଲାଗିବା ପରିତାପର ବିଷୟ ପାଲଟିଛି। ଯାହାକି ସରକାରୀ ରାଜକୋଷର ଅର୍ଥ ଅଯଥା ଅପବ୍ୟୟ ହୋଇଥିବାରୁ ପାଣିରେ ପଡ଼ିବା ସାର ହେଉଛି। ବୋଲଗଡ଼ ଜଳ ଯୋଗାଣ କନିଷ୍ଠ ଯନ୍ତ୍ରୀଙ୍କ ବିଭିନ୍ନ କାର୍ଯ୍ୟରେ ଅବହେଳା ଏବେ ପଦାରେ ପଡିଛି। ଏହି ସମସ୍ୟାର ତୁରନ୍ତ ସମାଧାନ କରିବା ପାଇଁ ପ୍ରଶାସନ ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।

# ପଲସର-ଟାଟା ଏସି ମୁହାଁମୁହିଁ ଧକ୍କା ଜଣେ ମୃତ, ଜଣେ ଗୁରୁତର

ଡେରାବିଶ, (ଭାସ୍କର ନ୍ୟୁଜ୍): କଟକ-ଚାନ୍ଦବାଲି ରାଜରାସ୍ତାର ଚାନ୍ଦୋଳ କଲେଜ ଛକ ନିକଟରେ ରବିବାର ଅପରାହ୍ନରେ ଏକ ସଡ଼କ ଦୁର୍ଘଟଣା ଘଟି ଜଣେ ଯୁବକଙ୍କର ମୃତ୍ୟୁ ହୋଇଥିବା ବେଳେ ଆଉଜଣେ ଗୁରୁତର ଅବସ୍ଥାରେ କଟକ ବଡ଼ ମେଡ଼ିକାଲରେ ଭର୍ତ୍ତି ହୋଇଛନ୍ତି। ସୂଚନାରୁ ପ୍ରକାଶ ସୋମବାର ଅପରାହ୍ନରେ କଟକ ଜିଲ୍ଲା ମହାଙ୍ଗା ଅଞ୍ଚଳର ଦୁଇଜଣ ଯୁବକ ଏକ ପଲସର ବାଇକ୍‌ରେ କେନ୍ଦ୍ରାପଡ଼ାରୁ କଟକ ଅଭିମୁଖେ ଯାଉଥିବା ବେଳେ ସମ୍ମୁଖରୁ ବିପରୀତ ଦିଗରୁ ଆସୁଥିବା ଏକ ଟାଟା ଏସି (ଓଡି-୦୯-ପି-୭୪୪୬)ସହିତ ଧକ୍କା ହୋଇଥିଲା। ଫଳରେ ବାଇକ୍ ଆରୋହୀ ଜଣେ ଯୁବକଙ୍କର ଘଟଣା ସ୍ଥଳରେ ମୃତ୍ୟୁ ହୋଇଯାଇଥିବା ବେଳେ ଅନ୍ୟ ଜଣେ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକମାନେ ଉଭୟଙ୍କୁ ଆମ୍ବୁଲାନ୍ସ ଯୋଗେ ତୁରନ୍ତ ନିଶ୍ଚିନ୍ତକୋଇଲି ମେଡ଼ିକାଲକୁ ପଠାଇ ଦେଇଥିଲେ। ସେଠାରୁ ଗୁରୁତର ଥିବା ଯୁବକଙ୍କୁ କଟକ ସ୍ଥାନାନ୍ତର କରାଯାଇଥିବା ଜଣାଯାଇଛି। ତେବେ ଯୁବକଙ୍କର ପରିଚୟ ଜଣାପଡ଼ି ନାହିଁ। ଘଟଣାସ୍ଥଳରେ ଡେରାବିଶ ଥାନା ଅଧିକାରୀ ସରୋଜ ସାହୁ ଓ ଏଏସ୍‌ଆଇ ପ୍ରଦୋଶ ପଟ୍ଟନାୟକ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଗାଡ଼ି ଦୁଇଟିକୁ ଜବତ କରିବା ସହ ଘଟଣାର ତଦନ୍ତ ଚଳାଇଛନ୍ତି।

# ବିପୁଳ ପରିମାଣରେ ଦେଶୀ ମଦ ଓ ପଚ ନଷ୍ଟ



କୋଷାଗୁମୁଡ଼ା, (ଭାସ୍କର ନ୍ୟୁଜ୍): ନବରଙ୍ଗପୁର ଜିଲ୍ଲା ଅବକାରୀ ଅଧୀକ୍ଷକ ପ୍ରତାପ ଦାସଙ୍କ ନିର୍ଦ୍ଦେଶ କ୍ରମେ ସୋମବାର ଦିନ ପୁଣି ଦ୍ୱିତୀୟଥର କୋଡ଼ିଙ୍ଗା ଅବକାରୀ ବୋଢ଼ ଦୁଇଟି ଗ୍ରାମରେ ଚଢ଼ଉ କରି ବିପୁଳ ପରିମାଣରେ ଦେଶୀ ମଦ ଓ ପଚ ନଷ୍ଟ କରିଛନ୍ତି। ଏହି ଚଢ଼ଉରେ ସହଯୋଗ କରିଥିଲେ ନବରଙ୍ଗପୁର ଅବକାରୀ ୟୁନିଟର ଏସଆଇ-ବୃନ୍ଦାବନ ମଣ୍ଡଳ ଓ କୋଡ଼ିଙ୍ଗା ଅବକାରୀ ଓଆଇସି ଦେଶରାଜ ସୁନା, ଏଏସଆଇ ହାଲଦାର ଜାନି, ଭାସ୍କର ଖିଲାର, ସବାଜିତ, ଉମେଶ, ରଞ୍ଜିତ ସିଂ ଓ ପ୍ରମୋଦ କୁମାର ବାଘ ମିଳିତ ଭାବେ ଚିର୍ମା ଓ ବାକଟିଗୁଡା ଗ୍ରାମରେ ଚଢ଼ଉ କରି ଦୁଇଟି ସ୍ଥାନରୁ ଦେଶୀ ମଦ ଓ ମହୁଲ ପଚ ଜବତ କରିଥିବା ସହ କେସ୍ ରୁଜୁ କରାଯାଇଛି। ଏଥିରେ ପ୍ରାୟ ୭ଶହ ୫୦ ଲିଟର ଦେଶୀ ମଦ ଓ ପ୍ରାୟ ୭ହଜାର ୨ଶହ ଲିଟର ମହୁଲ ପୋଚକୁ ଜବତ କରି ବିଭାଗ ପକ୍ଷରୁ ନଷ୍ଟ କରାଯାଇଛି। ଏହି ଦୁଇ ଗ୍ରାମରେ ଅଜଣାଟି ମାମଲାରେ ରୁଜୁ କରାଯାଇଛି ବୋଲି କୋଡ଼ିଙ୍ଗା ଅବକାରୀ ବିଭାଗ ପକ୍ଷରୁ ସୂଚନା ମିଳିଛି।

# ଝିଅକୁ ଶାଶୁଘର ଲୋକ ମାରିଦେଇଥିବା ନେଇ ବାପାଙ୍କ ଅଭିଯୋଗ

ଜଳେଶ୍ୱର, (ଭାସ୍କର ନ୍ୟୁଜ୍): ଜଳେଶ୍ୱର ଥାନା ଅନ୍ତର୍ଗତ ପାଇକସିଦା ଗ୍ରାମ ପଞ୍ଚାୟତର ଚିତମିଶ୍ରା ଗାଁର ମନୋରଞ୍ଜନ କାମିଲାଙ୍କ ସ୍ତ୍ରୀ ଦମୟନ୍ତୀ କାମିଲାଙ୍କୁ(୩୧)ଗତକାଲି ଦିନ ୧୨ ଟାରେ ନିଜ ଘରେ ଝୁଲନ୍ତା ଅବସ୍ଥାରେ ଉଦ୍ଧାର କାରଯାଇଛି। ବାପଘର ଲୋକେ ଦମୟନ୍ତୀକୁ ଶାଶୁଘର ଲୋକମାନେ ମାରି ଟାଙ୍ଗି ଦେଇଥିବା ଜଳେଶ୍ୱର ଥାନାରେ ଅଭିଯୋଗ କରିଛନ୍ତି। ଘଟଣାରୁ ପ୍ରକାଶ, ୧୧ ବର୍ଷ ପୂର୍ବେ ମନୋରଞ୍ଜନ ବାଲିଆପାଳ ବ୍ଲକର ବେତଗଡିଆ ପଞ୍ଚାୟତର କାଲୁଆଖିଆ ଗାଁର ଗଦାଧର ରଣାଙ୍କ ଝିଅ ଦମୟନ୍ତୀକୁ ବିବାହ କରିଥିଲେ। ମନୋରଞ୍ଜନ ତା'ର ୩ ଭାଇଙ୍କ ଠାରୁ ଅଲଗା ହୋଇ ଗୁଜୁରାଟରେ ଏକ କମ୍ପାନୀରେ କାର୍ଯ୍ୟ କରୁଥିବା ବେଳେ ତାଙ୍କ ସ୍ତ୍ରୀ ଦମୟନ୍ତୀ ୩ ନାବାଳିକା ଝିଅଙ୍କ ସହିତ ନିଜ ଘରେ ବାସ କରିଆସୁଥିଲେ। କିଛିଦିନ ପୂର୍ବରୁ ଦମୟନ୍ତୀ ତା'ର ସ୍ୱାମୀ ରହୁଥିବା ଗୁଜୁରାଟକୁ ଯାଇ ଫେରିଆସି ଉଦାସୀନ ଅବସ୍ଥାରେ ରହୁଥିଲେ ବୋଲି ପରିବାର ଲୋକେ କହୁଥିଲେ। ଗତକାଲି ମଧ୍ୟାହ୍ନରେ ଦମୟନ୍ତୀ ଝିଅମାନଙ୍କୁ ଘରୁ ବାହାରକୁ ବାହାର କରିଦେଇ କବାଟ କିଳିଦେଇଥିଲା। ନାବାଳିକାମାନେ କିଛି ନବୁଝିପାରି ପରେ ଆସି ମା' ଦମୟନ୍ତୀକୁ ଡାକିଥିଲେ। ମାତ୍ର ମା' ଡାକ ନ ଶୁଣିବା ଓ କବାଟ ନ ଖୋଲିବାରୁ ପାଖ ଲୋକଙ୍କୁ ଡାକିଥିଲେ। ମାତ୍ର କବାଟ ଖୋଲି ଦେଖିଲା ପରେ ଦମୟନ୍ତୀ ଏକ ଓଢଣୀ ଲୁଗାରେ ବେକକୁ ବନ୍ଧାଯାଇ ଝୁଲୁ ଥିବାର ଦେଖିବାକୁ ମିଳିଥିଲା। କିନ୍ତୁ ଦମୟନ୍ତୀର ଗୋଡ଼ ଦୁଇଟି ସମ୍ପୂର୍ଣ୍ଣ ମାଟିରେ ଲାଗିଥିବା ଅବସ୍ଥାରେ ଝୁଲୁଥିଲା। ବାପ ଘର ଲୋକେ ପହଞ୍ଚି ପୋଲିସକୁ ଖବର ଦେବା ସହିତ ସ୍ୱାମୀ ବାହାରେ ରହୁଥିବାରୁ ତାଙ୍କ ଝିଅକୁ ଶାଶୁ, ଶ୍ୱଶୁର ଓ ଦେଢ଼ଶୁର ମିଶି ନିର୍ଯ୍ୟାତନା ଦେବା ସହିତ ତାକୁ ମାରି ଟାଙ୍ଗି ଦେଇଥିବା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି ଦମୟନ୍ତୀର ବାପା ଗଦାଧର ରଣା। ମାତ୍ର ଏହା ସମ୍ପୂର୍ଣ୍ଣ ଭିତ୍ତିହୀନ ବୋଲି ପରିବାର ଲୋକେ କହିଛନ୍ତି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଉଦ୍ଧାର କରି ବ୍ୟବଚ୍ଛେଦ ଲାଗିପଠାଇବା ସହ ତଦନ୍ତ ଜାରିରଖିଛି।

# ମଦନ ମୋହନଙ୍କ ମନ୍ଦିର ପ୍ରତିଷ୍ଠା

ଛତ୍ରପୁର, (ଭାସ୍କର ନ୍ୟୁଜ୍): ଛତ୍ରପୁର ବ୍ଲକ ପୋଟଲାମପୁର ପଞ୍ଚାୟତ ମୁନିଷିପେଣ୍ଠ ଗ୍ରାମରେ ମଦନ ମୋହନ ମହାପ୍ରଭୁଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ମହୋତ୍ସବ ମହାସମାରୋହରେ ଚାଲିଛି। ୮ ତାରିଖରୁ ଆରମ୍ଭ ହୋଇଥିବା ଏହି ମହୋତ୍ସବ ୧୫ ତାରିଖ ପର୍ଯ୍ୟନ୍ତ ଚାଲିବ। ସୋମବାର ଘୃତଯଜ୍ଞ, ନାମଯଜ୍ଞ, ଅନ୍ନଯଜ୍ଞ ଦେବତା ମହାସ୍ନାନ ଓ ଶୟନ ଅନୁଷ୍ଠିତ ହୋଇଥିଲା। ମଙ୍ଗଳବାର ଘୃତଯଜ୍ଞ, ନାମଯଜ୍ଞ, ଅନ୍ନଯଜ୍ଞ ଓ ଦେବତା ପ୍ରାଣ ପ୍ରତିଷ୍ଠା, ବୁଧବାର ଘୃତଯଜ୍ଞ, ନାମଯଜ୍ଞ, ଅନ୍ନଯଜ୍ଞ ଓ ଦେବତା ସିଂହାସନ ଆରୋହଣ, ଧ୍ୱଜା ଭ୍ରମଣ ଓ ପୂର୍ଣ୍ଣାହୁତି ଏବଂ ଗୁରୁବାର ନାମଯଜ୍ଞ ସମାପନ, ନଗର ଭ୍ରମଣ ଓ ପ୍ରସାଦ ସେବନ ଅନୁଷ୍ଠିତ ହେବ ବୋଲି କମିଟି ପକ୍ଷରୁ ସୂଚନା ଦିଆଯାଇଛି।

# ଡକ୍ଟର ସୁରଥ କୁମାର ବିଶ୍ୱାଳଙ୍କ ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ



ଭଦ୍ରକ, (ଭାସ୍କର ନ୍ୟୁଜ୍): ସ୍ଥାନୀୟ ଭାଗବତ କଲ୍ୟାଣମଣ୍ଡପ ପରିସରରେ ବିଶିଷ୍ଟ ଆଧ୍ୟାତ୍ମିକବାଦୀ ସୁନାମଧନ୍ୟ ଚିକିତ୍ସକ ଡକ୍ଟର ସୁରଥ କୁମାର ବିଶ୍ୱାଳଙ୍କ ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ ଅବସରରେ ବିଶିଷ୍ଟ ବ୍ୟକ୍ତିମାନେ ଡକ୍ଟର ସୁରଥ ବିଶ୍ୱାଳଙ୍କୁ ଜଣେ ଭଲମଣିଷଙ୍କ ମଧ୍ୟରେ ବହୁତ ଭଲମଣିଷ ବୋଲି ଦର୍ଶାଇଥିଲେ। ସମାରୋହର ପ୍ରାରମ୍ଭରେ ତାଙ୍କ ଫଟୋଚିତ୍ରରେ ଉପସ୍ଥିତ ବିଶିଷ୍ଟ ବ୍ୟକ୍ତି ତଥା ଜନସାଧାରଣ ମାଲ୍ୟାର୍ପଣ କରିବା ସହିତ ପୁଷ୍ପାର୍ଘ ପ୍ରଦାନ କରିଥିଲେ। ବେଦ ପାଠ କରିଥିଲେ ଶ୍ରୀମାନ ସାଇଆର୍ଯ୍ୟ ମହାରଣା, ଶିକ୍ଷାବିତ ଶାନ୍ତନୁ କୁମାର ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହା ସ୍ମୃତିସମାରୋହରେ ସ୍ୱାଗତ ସମ୍ଭାଷଣ ଜଣାଇଥିଲେ ବିଶିଷ୍ଟ ସ୍ତମ୍ଭକାର ପ୍ରାଧ୍ୟାପକ ବାସୁଦେବ ବାରିକ ଏବଂ ଅତିଥି ପରିଚୟ ପ୍ରଦାନ କରିଥିଲେ ଶିକ୍ଷାବିତ ଗୟାଧର ପଣ୍ଡା। ସ୍ମୃତିସଂସଦର ସମ୍ପାଦକ ହରମୋହନ କୁଅଁର ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ମଞ୍ଚ ଆବାହନ କରିଥିଲେ ସମାଜସେବୀ ସୁଧାକର ରାଉତ। ମୁଖ୍ୟ ଅତିଥି ଡାକ୍ତର ସୁଧାଂଶୁ ଶେଖର ବଳ ସେବାର ମହତ୍ୱ ବର୍ଣ୍ଣନା କରିଥିବା ବେଳେ ଅମୃତ ଦର୍ଶନର ସମ୍ପାଦକ ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ ଡାକ୍ତର ବିଶ୍ୱାଳଙ୍କର ଆଧ୍ୟାତ୍ମିକ ଜୀବନ ବିଷୟରେ ଅବତାରଣା କରିଥିଲେ। ଶିକ୍ଷାବିତ ଇଂ. ରାଜକିଶୋର ସାହୁ ଜୀବନ ଦର୍ଶନର ମହାନୀୟ ଗୁଣ କିପରି ଡାକ୍ତର ବିଶ୍ୱାଳଙ୍କ ଜୀବନରେ ପ୍ରତିଫଳିତ ହୋଇଥିଲା ତାହା ଦର୍ଶାଇଥିଲେ। ଏହି ଅବସରରେ ପ୍ରାକ୍ତନ ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ରଘୁନାଥ ପାଢ଼ୀ ଏବଂ ପ୍ରାକ୍ତନ ପ୍ରଧାନଶିକ୍ଷକ ବାବାଜୀଚରଣ ପଣ୍ଡାଙ୍କୁ ସେମାନଙ୍କର ଜୀବନବ୍ୟାପୀ ସାଧନା ନିମିତ୍ତ ସମ୍ବର୍ଦ୍ଧିତ କରାଯାଇଥିଲା। ସମାଜସେବୀ ଅଜୟ କୁମାର ନାୟକ, କୈଳାଶ ଚନ୍ଦ୍ର ପଣ୍ଡା, ଡକ୍ଟର ମନୀନ୍ଦ୍ର ମହାନ୍ତି, ଗୋଲକ ବିହାରୀ ସାହୁ, ତ୍ରୈଲୋଚନ ବେହୁରିଆ, ଶ୍ରୀହର୍ଷ ସ୍ୱାଇଁ ପ୍ରମୁଖ ସ୍ମୃତିଚାରଣ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ସମାରୋହକୁ ଜୀତେନ୍ଦ୍ର କୁମାର ବିଶ୍ୱାଳ, ସୌମେନ୍ଦ୍ର କୁମାର ବିଶ୍ୱାଳ, ପ୍ରଫୁଲ୍ଲ କୁମାର ମାଝୀ, ମନୋଜ କୁମାର ରାଉଳ, ପରମାନନ୍ଦ ସାହୁ ପ୍ରମୁଖ ପରିଚାଳନା କରିବାରେ ସହଯୋଗ କରିଥିଲେ।

# କାର୍ ସମେତ ସାତଲକ୍ଷ ଟଙ୍କାର ଗଞ୍ଜେଇ ଜବତ, ୨ଗିରଫ



କରଞ୍ଜିଆ, (ଭାସ୍କର ନ୍ୟୁଜ୍): ମୟୂରଭଞ୍ଜ ଜିଲ୍ଲାର ଯଶିପୁର ପୋଲିସ ରବିବାର ଅପରାହ୍ନରେ ପେଟ୍ରୋଲିଂ କରୁଥିବା ସମୟରେ କୌଣସି ସୂତ୍ରରୁ ସନ୍ଧାନ ପାଇ ଯଶିପୁର ମୂଖ୍ୟ ବଜାର ୪୯ ନମ୍ବର ଜାତୀୟ ରାଜପଥରେ ସନ୍ଦେହରେ ଏକ ଧଳାରଙ୍ଗର କାରକୁ ଅଟକାଇ ଥିଲେ। ଗାଡ଼ିକୁ ପୋଲିସ ଅଧିକାରିଣୀ ସଞ୍ଜୁକ୍ତା ମାହାଲିକ ସଦଳବଳେ ତନଖି କରିବା ବେଳେ ବଣ୍ଡଲବଣ୍ଡଲ ୯୦ କିଲୋଗ୍ରାମ ବେଆଇନ ଚୋରା ଗଞ୍ଜେଇ ପୁଟୁଳି ବାହାରିଥିଲା। ଯାହାର କି ବର୍ତ୍ତମାନ ବଜାରର ଆନୁମାନିକ ମୂଲ୍ୟ ୭ଲକ୍ଷ ୨୦ହଜାର ହେବ ବୋଲି କୁହାଯାଉଛି। ଗାଡ଼ି ସହ ଗଞ୍ଜେଇକୁ ପୋଲିସ ଜବତ କରିଛି। ମାଜିଷ୍ଟ୍ରେଟ ଦାୟିତ୍ୱରେ ଥିବା ଯଶିପୁର ତହସିଲଦାର ଚୋରା ଗଞ୍ଜେଇ ଓଜନ ବେଳେ ଉପସ୍ଥିତ ରହିଥିଲେ। ସେହି ଚୋରା ଗଞ୍ଜେଇ ଫୁଲବାଣୀରୁ ବାରିପଦା ଅଭିମୁଖେ ଯାଉଥିବା ଜଣାପଡିଛି। କାର ଚଳାଉଥିବା ଚାଳକ ଓ ଅନ୍ୟଜଣଙ୍କୁ ପୋଲିସ ଥାନାରେ ଅଟକ ରଖିଛି। ଏ ସମ୍ପର୍କରେ ଯଶିପୁର ଥାନାରେ ଏକ କେଶ୍ ରୁଜୁ ହୋଇଛି। ସୋମବାର ସମ୍ପୃକ୍ତ ଦୁଇ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି।

# ଅତିରିକ୍ତ ଜିଲ୍ଲା ଜଜ୍‌ଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

ଉମରକୋଟ, (ଭାସ୍କର ନ୍ୟୁଜ୍): ନବରଙ୍ଗପୁର ଜିଲ୍ଲା ଉମରକୋଟ ଓକିଲ ସଂଘ ତରଫରୁ କୋର୍ଟ ପରିସରରେ ଏକ ବିଦାୟକାଳୀନ ସମ୍ବର୍ଦ୍ଧନା ସଭାର ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲା ଜର୍ଜ ଗିରିଜା ପ୍ରସାଦ ମହାପାତ୍ରଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଥିଲା। ଗିରିଜା ପ୍ରସାଦ ମହାପାତ୍ର ବିଗତ ମାସେ ହେବ ଉମରକୋଟ ଅତିରିକ୍ତ ଜିଲ୍ଲା ଜର୍ଜ ଭାବେ କାର୍ଯ୍ୟରତ ଥିଲେ। ଗିରିଜାଙ୍କୁ କଟକ ବଦଳି କରାଯାଇଛି। ଏହି କାର୍ଯ୍ୟକ୍ରମରେ ଓକିଲ ସଂଘର ସଭାପତି ପ୍ରଶାନ୍ତ କୁମାର ସାହୁ, ଉପ ସଭାପତି ବିଜୟଲତା ପାଣିଗ୍ରାହୀ, ସମ୍ପାଦକ ଶାନ୍ତନୁ ବାହିନୀପତି, କୋଷାଧ୍ୟକ୍ଷ ଜିତେନ୍ଦ୍ର ମହାନ୍ତିଙ୍କ ସହ ଓକିଲ ସଂଘର ବହୁ କାର୍ଯ୍ୟକର୍ତ୍ତା ଯୋଗ ଦେଇଥିଲେ। କାର୍ଯ୍ୟକ୍ରମଟିକୁ ଓକିଲ ସଂଘର ସଭାପତି ପ୍ରଶାନ୍ତ କୁମାର ସାହୁ ପରିଚାଳନା କରିଥିଲେ।

# ଚନ୍ଦନ ଯାତ୍ରା ଉଦଯାପିତ

ମୁରିବାହାଲ, (ଭାସ୍କର ନ୍ୟୁଜ୍): ବଲାଙ୍ଗୀର ଜିଲ୍ଲା ମୁରିବାହାଲ ବ୍ଲକ ଗୁଡିଘାଟ ସ୍ଥିତ ବାରବନ୍ଧ ଗ୍ରାମରେ ଚାଲିଥିବା ଚନ୍ଦନଯାତ୍ରା ରବିବାର ଉଦଯାପିତ ହୋଇଯାଇଛି। ଦୀର୍ଘ ୬୨ବର୍ଷ ଧରି ଚାଲିଥିବା ଚନ୍ଦନ ଯାତ୍ରା ବୈଶାଖ ଦଶମୀ ଠାରୁ ଆରମ୍ଭ ହୋଇ ଚନ୍ଦନ ପୂର୍ଣ୍ଣମା, ବୁଦ୍ଧ ପୂର୍ଣ୍ଣମାରେ ଶେଷ ହୋଇଥାଏ। ଏହି ଚନ୍ଦନ ଯାତ୍ରା ଉତ୍ସବରେ ମହାଭାରତର ବିରାଟ ପର୍ବ ପୂରାଣ ପଠନ କରିବା ସାଙ୍ଗେ ନାବକେଳି ବିରାଟ ପର୍ବର ଗୁପ୍ତ ବନବାସ, ଷଡ଼ମଲ୍ଲ ବିନାଶ, କିଚକ ବଧ, ଗୋଧନ ହରଣ, ଅଭିମନ୍ୟୁ ଉତ୍ତରାବାଲି ବିବାହ ନାଟ୍ୟ ମଞ୍ଚସ୍ଥ ହୋଇଥିଲା ଓ ନଗର ପରିକ୍ରମା କରିଥିଲେ। ଉକ୍ତ ଉତ୍ସବରେ ପୂଜକ ଭାବେ ଘାସିରାମ ପାଣିଗ୍ରାହୀ ତୁଲାଇ ଥିବା ବେଳେ ପୂଜାକର୍ତ୍ତା ଭାବେ ନରେନ୍ଦ୍ର ନାଏକ ଓ ତାଙ୍କ ଧର୍ମପତ୍ନୀ ମେନକା ନାଏକ ତୁଲାଇଥିଲେ। ଆୟୋଜକ କମିଟିର ବଳବନ୍ତ ଭୋଇ, ମକୁନ୍ଦ ଭୋଇ, ଗିରିଧାରୀ ସାହୁ, ଦେବାର୍ଚ୍ଚନ ନାଏକ, ଦୁର୍ବାସା ସାହୁ, ଲୁକୁ ବଘାର, ବାସୁଦେବ ଭୋଇ, ଅଭି ଖରସେଲ ସହିତ ସମସ୍ତ ଗ୍ରାମ ବାସି ସହଯୋଗ କରିଥିଲେ।

# ଚଣ୍ଡିଖୋଲରେ ବୁଦ୍ଧ ଜୟନ୍ତୀ ପାଳିତ

ଚଣ୍ଡିଖୋଲ, (ଭାସ୍କର ନ୍ୟୁଜ୍): ବଡ଼ଚଣା ବ୍ଲକ ଅନ୍ତର୍ଗତ ବଡଘୁମୁରୀ ସ୍ଥିତ ଜକ୍ଷନଗିରୀ ପାହାଡ଼ ପାଦଦେଶରେ ବୁଦ୍ଧ ଜୟନ୍ତୀ ପାଳିତ ହୋଇଯାଇଛି। ରାହାସ ବିହାରୀ ଜେନାଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଦଳିତ ନେତା ମାଗୁଣି ଜେନା ମୁଖ୍ୟ ଅତିଥି, ମୁଖ୍ୟ ବକ୍ତା ନାରାୟଣ ମଲ୍ଲିକ ଓ ସମ୍ମାନିତ ଅତିଥି ଭାବେ କବିତା ମଲ୍ଲିକ, ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମାଧବ ମଲ୍ଲିକ, ଅଭିମନ୍ୟୁ ମଲ୍ଲିକ, ବିଭୂତି ସେଠୀ ପ୍ରମୁଖ ଯୋଗଦେଇ ଭଗବାନ ବୁଦ୍ଧଙ୍କ ଜୀବନଦର୍ଶନ ଉପରେ ଆଲୋଚନା କରିଥିଲେ। ପ୍ରାରମ୍ଭରେ ବୁଦ୍ଧଙ୍କ ପ୍ରତିମୂର୍ତ୍ତୀରେ ମାଲ୍ୟାର୍ପଣ କରାଯିବା ସହିତ ସମବେତ ବୁଦ୍ଧ ବାଣୀ ଗାନ କରାଯାଇଥିଲା। ଏହି ଅବସରରେ ଡକ୍ଟର ବି, ଆର, ଆମ୍ବେଦକର ସେବକସମିତି ବଡଘୁମୁରିରୀର ନୂତନ କର୍ମକର୍ତ୍ତା ମନୋନୀତ କରାଯାଇଥିଲା। ଏଥିରେ ସଭାପତି ଭାବେ କୁମର ଜେନା ଉପସଭାପତି ଭାବେ ରାହାସ ବିହାରୀ ଜେନା ଓ କବିତା ମଲ୍ଲିକ ସମ୍ପାଦକ ତ୍ରିଲୋଚନ ମଲ୍ଲିକ, ସହ ସମ୍ପାଦକ ଅଭିମନ୍ୟୁ ଜେନା ଓ ଜ୍ଞାନେନ୍ଦ୍ର ମଲ୍ଲିକ, କୋଷାଧ୍ୟକ୍ଷ ହିମାଂଶୁ ଶେଖର ମଲ୍ଲିକ ଉପଦେଷ୍ଟା ଭାବେ ମାଧବ ମଲ୍ଲିକ, ବିଭୂତି ଭୂଷଣ ସେଠୀ, ଲକ୍ଷ୍ମୀଧର ମଲ୍ଲିକ, ବୁଲା ମଲ୍ଲିକ, ଚତୁର୍ଭୁଜ ମଲ୍ଲିକ, ରାମଚନ୍ଦ୍ର ମଲ୍ଲିକ, ଭୀମସେନ ମଲ୍ଲିକ, ଗୋପାଳ ଚନ୍ଦ୍ର ମଲ୍ଲିକ, ବିଷ୍ଣୁଚନ୍ଦ୍ର ମଲ୍ଲିକ, ଅଭିରାମ ମଲ୍ଲିକଙ୍କୁ ମନୋନୀତ କରାଯାଇଥିଲା।

# କାକଟପୁର ବାସିନୀ ମା' ମଙ୍ଗଳାଙ୍କ ଚନ୍ଦନ ଯାତ୍ରା



କାକଟପୁର, (ଭାସ୍କର ନ୍ୟୁଜ୍): ପୁରୀ ଜିଲ୍ଲା କାକଟପୁରର ମା'ମଙ୍ଗଳା ପୀଠ ରାଜ୍ୟର ପ୍ରସିଦ୍ଧ ଅଷ୍ଟଚଣ୍ଡୀ ପୀଠଙ୍କ ମଧ୍ୟରୁ ଅନ୍ୟତମ। ଓଡିଶା ଜଗନ୍ନାଥ ସଂସ୍କୃତି ସହିତ କାକଟପୁର ସ୍ଥିତ ମା'ମଙ୍ଗଳା ମନ୍ଦିର ଓତଃପ୍ରୋତଃ ଭାବେ ଜଡିତ ରହିଛି। ପ୍ରଭୁ ଜଗନ୍ନାଥଙ୍କ ମନ୍ଦିରର ନୀତିକାନ୍ତି ଏବଂ ପର୍ବପର୍ବାଣି ସହିତ ମା'ମଙ୍ଗଳାଙ୍କ ମନ୍ଦିରର ନୀତିକାନ୍ତି ଏବଂ ପର୍ବପର୍ବାଣୀର ବେଶ କିଛି ସାମଞ୍ଜସ୍ୟ ରହିଛି, ଯାହାକି ସାଧାରଣ ଭକ୍ତଟିଏ ଜାଣିବା କଷ୍ଟକର ହୋଇଥାଏ। ସେହି ସମସ୍ତ ପର୍ବ ମଧ୍ୟରୁ ଚନ୍ଦନଯାତ୍ରା ଏକ ପ୍ରସିଦ୍ଧ ଯାତ୍ରା। ପ୍ରଭୁ ଜଗନ୍ନାଥଙ୍କ ବିଭିନ୍ନ ଯାନିଯାତ୍ରା ମଧ୍ୟରେ ଦୀର୍ଘଦିନ ଧରି ପାଳିତ ହେଉଥିବା ଯାତ୍ରା ହେଉଛି ଚନ୍ଦନ ଯାତ୍ରା। ପୁରୀ ସମେତ ଓଡ଼ିଶାର ବିଭିନ୍ନ ସ୍ଥାନରେ ଏହି ପର୍ବ ପାଳିତ ହେଉଥିବା ବେଳେ ବୈଶାଖ ମାସରେ ପାଳିତ ହେଉଥିବା ଏହି ଚନ୍ଦନଯାତ୍ରା ହେଉଛି ମା'ମଙ୍ଗଳାଙ୍କ ମନ୍ଦିରରେ ସବୁଠାରୁ ଅଧିକଦିନ ଧରି ପାଳିତ ହେଉଥିବା ପର୍ବ। ମା'ଙ୍କ ମନ୍ଦିର ବେଢ଼ା ଭିତର ଦକ୍ଷିଣ ପାର୍ଶ୍ୱରେ ଥିବା ପ୍ରଭୁ ରାଧାକୃଷ୍ଣଙ୍କ ମନ୍ଦିରରେ ବୈଶାଖ ମାସରେ ପ୍ରଚଣ୍ଡ ରୌଦ୍ରତାପରେ ଆଲଟ ପଡେ। ସେଥିପାଇଁ ଠାକୁରଙ୍କୁ ଚନ୍ଦନ ଲାଗି କରାଯାଇଥାଏ। ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହର ରୌଦ୍ର ତାପରୁ ମୁକ୍ତି ପାଇବା ପାଇଁ ଏହି ଚନ୍ଦନ ଯାତ୍ରା କରାଯାଇଥାଏ। ସମସ୍ତ ଦିନ ପ୍ରଭୁଙ୍କ ସ୍ନାନ ନୀତି ନିମନ୍ତେ ଚନ୍ଦନ, କର୍ପୁର, ହଳଦି, ଚୁଆ, କସ୍ତୁରୀ, ଜାଇଫଳ, ମଲ୍ଲି, ଚମ୍ପା, ଜୁଇ, ସୁଗନ୍ଧରାଜ, ଗୋଲାପ ପ୍ରଭୃତି ବ୍ୟବହାର କରି ସୁବାସିତ ଜଳ ପ୍ରସ୍ତୁତି କରାଯାଏ। ସେହି ଜଳରେ ସ୍ନାନ କରିଥାନ୍ତି ପ୍ରଭୁ ରାଧା କୃଷ୍ଣ ଏବଂ ପରେ ପ୍ରତ୍ୟେକ ଦିନ ସନ୍ଧ୍ୟା ସମୟରେ ଶଙ୍ଖ, ଘଣ୍ଟଘଣ୍ଟା, ମୃଦଙ୍ଗ, ଖୋଳତାଳ, ମହୁରୀ, ହୁଳହୁଳି ସହ ଏକ ସୁସଜ୍ଜିତ ବିମାନରେ ପ୍ରଭୁ ରାଧାକୃଷ୍ଣ ବ୍ରାହ୍ମଣ, ଗୋପାଳ ଭୋଇ, ସେବାୟତଙ୍କୁ ଧରି ବାହାରିଯାଆନ୍ତି ନଗର ପରିକ୍ରମାରେ। ଏହି ପର୍ବ ମୋଟ ୨୨ ଦିନ ଧରି ପାଳିତ ହୋଇଥାଏ। ଏହାକୁ ପ୍ରଥମେ ବୈଶାଖ ଶୁକ୍ଳ ତୃତୀୟା ବା ଅକ୍ଷୟ ତୃତୀୟା ତିଥିଠାରୁ ଆରମ୍ଭ କରାଯାଇଥାଏ। ମା'ଙ୍କର ଏହି ସ୍ୱତନ୍ତ୍ର ଯାତ୍ରା ତଥା ଦୈବପର୍ବ ସମଗ୍ର ଓଡିଶାରେ ପ୍ରସିଦ୍ଧି ଲାଭକରିଛି। ଚନ୍ଦନ ଯାତ ନାମରେ ଏହା ଖ୍ରୀଷ୍ଟୀୟ ତ୍ରୟୋଦଶ ଶତାବ୍ଦୀରୁ ସୃଷ୍ଟି ହୋଇଥିବାର ଅନୁମାନ କରାଯାଏ।

# ମା'ବୁଢାଦେବୀଙ୍କ ଚଣ୍ଡୀଯଜ୍ଞ ଓ ଶନିଶ୍ଚର ଯଜ୍ଞର ପୂର୍ଣ୍ଣାହୂତି



ଢଙ୍କାନାଳ, (ଭାସ୍କର ନ୍ୟୁଜ୍): ଢେଙ୍କାନାଳ ସହର ଜୁବୁଲିଟାଉନ୍ ସ୍ଥିତ ମା' ବୁଢୀ ଦେବୀଙ୍କର ବିଜୟସ୍ଥଳୀରେ ମା' ବୁଢୀଦେବୀଙ୍କ ଚଣ୍ଡୀଯଜ୍ଞ ସହିତ ଶନିଶ୍ଚର ମହାଗ୍ରହ ଯଜ୍ଞର ପୂର୍ଣ୍ଣାହୁତି ଅନୁଷ୍ଠିତ ହୋଇଯାଇଅଛି। ଗତ ୯ ତାରିଖରୁ କଳସଯାତ୍ରା ସ୍ଥାନୀୟ ଗୋଡି ପୋଖରୀ ଠାରୁ ପୂଜାର୍ଚ୍ଚନା କରାଯାଇ ୧୨୦ରୁ ଉର୍ଦ୍ଧ୍ୱ ମହିଳା ଓ ପୁରୁଷମାନେ ସହର ପରିକ୍ରମା କରି ପୀଠରେ ସ୍ଥାପନା କରିଥିଲେ। ଚାରିଦିନ ବ୍ୟାପୀ ମା'ଙ୍କର ଚଣ୍ଡୀଯଜ୍ଞ, ଗ୍ରହଯଜ୍ଞ ସହିତ ଶନିଶ୍ଚର ମହାଗ୍ରହ ଯଜ୍ଞ ଅନୁଷ୍ଠିତ ହୋଇଥିଲା। ୧୦ତାରିଖ ଶନିବାର ସୂର୍ଯ୍ୟପୂଜା, ଗୋ-ପୂଜା, କୁଣ୍ଡମଣ୍ଡଳ ପୂଜା ଓ ଚଣ୍ଡୀପାଠ ସହିତ ଶାଳା ସଂସ୍କାର, ଅଗ୍ନିସ୍ଥାପନ, ରୁଦ୍ରାର୍ଚ୍ଚନ ଓ ଗ୍ରହଯଜ୍ଞ ଅନୁଷ୍ଠିତ ହୋଇଥିଲା। ୧୧ ତାରିଖ ରବିବାର ଶ୍ରୀନୃସିଂହାର୍ଚ୍ଚନ ଓ ଗୀତାଯଜ୍ଞ ଅନୁଷ୍ଠିତ ହୋଇଥିଲା। ୧୨ତାରିଖ ସୋମବାର ଦିନ ମା'ଙ୍କର ଷୋଡଶଉପଚାର ପୂଜା, ଚଣ୍ଡୀଯଜ୍ଞ ଓ ପୂର୍ଣ୍ଣାହୁତୀ ପେର ଭକ୍ତମାନଙ୍କ ପାଇଁ ସନ୍ଧ୍ୟାରେ ପ୍ରସାଦସେବନ ବ୍ୟବସ୍ଥା ହୋଇଥିଲା। ରାଜ୍ୟ ସରକାରଙ୍କ ଖାଦ୍ୟୋଯାଗାଣ, ଖାଉଟି କଲ୍ୟାଣ, ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଯୋଗେଦଇ ମା'ଙ୍କର ବିଭୁକୃପା ଲାଭ କରିଥିଲେ। ମୁଖ୍ୟ ପୂଜକ ଶରୁଭେନ୍ଦୁ କୁମାର ଦାଶ, କାମେଶ ନନ୍ଦ ଓ ବିରଞ୍ଚି ପ୍ରସାଦ ନନ୍ଦ, ମନ୍ଦିରର ମୁଖ୍ୟ ପୂଜକ ରାଜ କିଶୋର ମିଶ୍ର, ପର୍ଶୁରାମ କର ଏବଂ ମୁଖ୍ୟ ଦେହୁରୀ ଫକୀର ଦେହୁରୀ, ମୁଖ୍ୟକର୍ତ୍ତା ଶିଶିର କୁମାର ବାରିକ, କର୍ତ୍ତୀ ସସ୍ମିତା ବାରିକ ଓ କର୍ତ୍ତା ସେରାଜ କୁମାର ମହାନ୍ତି, କର୍ତ୍ତା ଦେବାଶିଷ ମିଶ୍ର ଓ କର୍ତା ପ୍ରଶାନ୍ତି ମିଶ୍ର ସମସ୍ତ ପୂଜାକାର୍ଯ୍ୟକୁ ସମ୍ପାଦନ କରିଥିଲେ। କର୍ମକର୍ତ୍ତା ଅକ୍ଷୟ କୁମାର ଆଚାର୍ଯ୍ୟ, ସାଗରବିନ୍ଦୁ ପଟ୍ଟନାୟକ, ସୁଶାନ୍ତ କୁମାର ବାରିକ, ବିଚିତ୍ରା ବରାଳ, ରକେଶ ଷଡଙ୍ଗୀ, ଅମି ଦାସ, ଦେବୁ ପଟ୍ଟନାୟକ ପ୍ରମୁଖଙ୍କ ସହିତ ପୂଜା କମିଟିର ସଦସ୍ୟ ଓ ଭକ୍ତମାନେ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ପାଠାଗାରର ଉନ୍ନତି ପାଇଁ ଆମେରିକା ପ୍ରଫେସରଙ୍କ ଏକଲକ୍ଷ ଟଙ୍କା ପ୍ରଦାନ

କେନ୍ଦ୍ରାପଡ଼ା, (ଭାସ୍କର ନ୍ୟୁଜ୍): କେନ୍ଦ୍ରାପଡା ଜିଲ୍ଲାର ସର୍ବପୁରାତନ ଡାଇମଣ୍ଡ ଜୁବଲି ପାଠାଗାରର ଉନ୍ନତି ପାଇଁ ଆମେରିକା ସ୍ଥିତ ଆଲାସ୍କା ବିଶ୍ୱବିଦ୍ୟାଳୟର ଏମରିଟସ୍ ପ୍ରଫେସର ଡ. ଦେବେନ୍ଦ୍ର କୁମାର ଦାସ ଏକଲକ୍ଷ ଟଙ୍କା ପ୍ରଦାନ କରିଛନ୍ତି। ଏହି ଅବସରରେ ଡ. ଦାସ କହିଛନ୍ତି ଡାଇମଣ୍ଡ ଜୁବଲି ପାଠାଗାରରେ ଅଧ୍ୟୟନ କରି ଜିଲ୍ଲାର ଅନେକ ଛାତ୍ରଛାତ୍ରୀ ଦେଶବିଦେଶରେ ପ୍ରତିଷ୍ଠା ଲାଭ କରିଛନ୍ତି। ସେ ମଧ୍ୟ ତାଙ୍କ ଛାତ୍ର ଜୀବନରେ ଏହି ପାଠାଗାରରେ ଅଧ୍ୟୟନ କରିଥିଲେ। ତେଣୁ ପାଠାଗାର ହେଉଛି ମଣିଷ ତିଆରି କାରଖାନା। ପାଠାଗାରର ଉନ୍ନତି ପାଇଁ ପ୍ରତି ବ୍ୟକ୍ତିଙ୍କ ଯୋଗଦାନ ରହିବା ଉଚିତ। ଏହି ଅର୍ଥରାଶିକୁ ବାଞ୍ଛାନିଧି ଦାସ ଓ ଦେବୀ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଡ. ଦାସଙ୍କ ଝିଆରୀ ମମତା ଦାସ ଓ ପୁତୁରା ଭୁବନମୋହନ ଦାସ ପାଠାଗାରର ସଭାପତି ଆଇନଜୀବୀ ସରୋଜରାଜ ସିଂ ଓ ସମ୍ପାଦକ ବୈଦ୍ୟନାଥ ଚାଟାର୍ଜୀଙ୍କୁ ପ୍ରଦାନ କରିଥିଲେ। ଅର୍ଥରାଶି ପ୍ରଦାନ ସମୟରେ କେନ୍ଦ୍ରାପଡା ବିଧାୟକ ଗଣେଶ୍ୱର ବେହେରା, ବରିଷ୍ଠ ଆଇନଜୀବୀ ଧ୍ରୁବ ଚରଣ ଜେନା, ସ୍ୱାଧୀନ ଦାଶ, ସଚ୍ଚିଦାନନ୍ଦ ବେହେରା, ଧିରେନ ସାହୁ, ମୁକ୍ତାର ଖାଁ, ଆଶିଷ ସେନାପତି ପ୍ରମୁଖ ଉପସ୍ଥିତ ଥିଲେ।

# ବିଦ୍ୟାମନ୍ଦିର ପ୍ରାଥମିକ ଆଚାର୍ଯ୍ୟ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ



କେନ୍ଦୁଝର, (ଭାସ୍କର ନ୍ୟୁଜ୍): ବିଦ୍ୟାଭାରତୀ ଶିକ୍ଷା ବିକାଶ ସମିତି, ଓଡ଼ିଶା ଯୋଜନା ଆଧାରରେ କେନ୍ଦୁଝରଗଡ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ମାଧମିକ ସ୍ତର ୧୦ ଦିବସୀୟ ପ୍ରାଥମିକ ଆଚାର୍ଯ୍ୟ ପ୍ରଶିକ୍ଷଣ ଶିବିର ଉଦଯାପିତ ହୋଇଛି। ପ୍ରାନ୍ତ ମାଧମିକ ଶୈକ୍ଷିକ ସଂଯୋଜକ ଆଶିଷ କୁମାର ରଥଙ୍କ ଅଧକ୍ଷତାରେ ଉଦ୍‌ଯାପିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ଶିକ୍ଷା ବିକାଶ ସମିତି, ଓଡ଼ିଶାଙ୍କ ସଭାପତି ଡ. କିଶୋର ମହାନ୍ତି ଯୋଗଦେଇ ଭାରତୀୟ ସଂସ୍କୃତି ଓ ପରମ୍ପରାକୁ ଆଗାମୀ ପିଢ଼ିମାନଙ୍କୁ ନିଜ ଶିକ୍ଷାଦାନ ମାଧମରେ ପ୍ରଦାନ କରିବା ପାଇଁ ଆହ୍ୱାନ ଦେଇଥିଲେ। ସମଗ୍ର ଓଡିଶାର ୧୨୨ଜଣ ଆଚାର୍ଯ୍ୟ ଆଚାର୍ଯ୍ୟା ମାନଙ୍କୁ ୧୪ ଜଣ ପ୍ରଶିକ୍ଷକ ଶିକ୍ଷାଦାନ ପ୍ରଦାନ କରିଥିଲେ। ସକାଳ ୫.୩୦ମି.ରୁ ରାତି ୯ଟା ପର୍ଯ୍ୟନ୍ତ ବିଷୟ ଶିକ୍ଷାଦାନ ସହ ଯୋଗଭ୍ୟାସ, ବ୍ୟୟାମ, ଯୋଗଚାପ, ସଙ୍ଗୀତ, ଘୋଷ ଓ ବୈଦିକ ଗଣିତର ପ୍ରଶିକ୍ଷଣ ଦିଆଯାଇଥିଲା। ସମ୍ମାନିତ ଅତିଥିଭାବେ ବିଦ୍ୟାଳୟ ପରିଚାଳନା ସମିତିର କୋଷାଧକ୍ଷ ବିଜୟ କୁମାର ଦୀକ୍ଷିତ୍ ଧନ୍ୟବାଦ ଅର୍ପଣ କରିଥିଲେ। ପୂର୍ବକ୍ଷେତ୍ରରେ ବିଦ୍ୟାମନ୍ଦିର ଶୈକ୍ଷିକ ସଂଯୋଜକ କୈଳାସ ଚନ୍ଦ୍ର ମିଶ୍ର, ପ୍ରାନ୍ତ ଖେଳକୁଦ ସଂଯୋଜକ ସଞ୍ଜୟ କୁମାର ମିଶ୍ର, ତ୍ରିଲୋଚନ ନାଏକ, ଫୁଲବାଣୀ ବିଭାଗ ନିରୀକ୍ଷକ ପଦ୍ମନାଭ ସାମଲ, ଅନ୍ନପୂର୍ଣ୍ଣା ପାଢୀ, ସୁକାନ୍ତୀ ଗୌଡ, ମଧୁସ୍ମିତା ମିଶ୍ର, ସ୍ମରଣିକା ଜେନା, ଶ୍ରୀକାନ୍ତ ମଲ୍ଲିକ, ପ୍ରଶାନ୍ତ ସାହୁ, ଦେବାଶିଷ ସାମଲ, ମୋତିଲାଲ ମହାନ୍ତ ପ୍ରଶିକ୍ଷକ ଭାବରେ ପ୍ରଶିକ୍ଷଣ କାର୍ଯ୍ୟ ତୁଲାଇଥିଲେ। ବିଦ୍ୟାଳୟର ପ୍ରଧାନାଚାର୍ଯ୍ୟ ଅଲେଖ ମହାନ୍ତ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ।



ନିଶ୍ଚିନ୍ତକୋଇଲି, (ଭାସ୍କର ନ୍ୟୁଜ୍): ଗ୍ରାମାଂଚଳରେ ଗରିବ ଓ ସାଧାରଣ ଶ୍ରେଣୀୟ ଲୋକମାନଙ୍କୁ ସୁଲଭ ମୂଲ୍ୟରେ ଅତ୍ୟାବଶ୍ୟକୀୟ ସାମଗ୍ରୀ ସମେତ ବିଭିନ୍ନ ସହରୀ ସଭ୍ୟତାର ପୋଷାକପତ୍ର ଯୋଗାଇ ଦେବା ନିମନ୍ତେ ଭୂମିକା କଲେକ୍ସନ ସତ୍ତ୍ୱାଧିକାରିଙ୍କ ତରଫରୁ ଏକ ଅଭିନବ ଉପାୟ ଅବଲମ୍ବନ କରାଯାଇଛି। ଏହି ଅବସରରେ ଆଜି ନିଶ୍ଚିନ୍ତକୋଇଲି ବଉଳ ବଜାରରେ ଭୂମିକା କଲେକ୍ସନ ର ଏକ ଅତ୍ୟାଧୁନିକ ସଂସ୍ଥା ଉଦଘାଟିତ ହୋଇଯାଇଛି। ଏହି ଉଦଘାଟନୀ ଉତ୍ସବରେ ଚଳଚିତ୍ର ଅଭିନେତ୍ରୀ ଭୂମିକା ଦାସ ମୁଖ୍ୟ ଅତିଥିରୂପେ ଯୋଗଦାନ କରି ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ଏହି ସଂସ୍ଥା ଗ୍ରାମାଂଚଳର ଲୋକମାନଙ୍କୁ ସୁଲଭ ମୂଲ୍ୟରେ ପୋଷାକ ସମେତ ସମସ୍ତ ଅତ୍ୟାବଶ୍ୟକୀୟ ସାମଗ୍ରୀ ଯୋଗାଇ ଦେବା ନିମନ୍ତେ ଅଙ୍ଗୀକାର ବଦ୍ଧବୋଲି ସଂସ୍ଥାର ସତ୍ତ୍ୱାଧିକାରୀ ବିଶ୍ୱଜିତ ନାୟକ ପ୍ରକାଶ କରିଛନ୍ତି। ଏହି ଉତ୍ସବରେ ସ୍ଥାନୀୟ ଅଂଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦାନ କରିଥିଲା ବେଳେ ପ୍ରବଳ ଜନଗହଳି ହେବା ସହ ବହୁ ଲୋକ ନିଜ ନିଜର ଅତ୍ୟାବଶ୍ୟକୀୟ ଜିନିଷ କ୍ରୟ କରି ନେଉଥିବା ଦେଖାଯାଇଥିଲା।

# ଅସୁରକ୍ଷିତ ଭାବେ ପଡ଼ିରହିଛି ୧୦ଫୁଟ ଖୋଳାଯାଇଥିବା ଖାଲ



କେନ୍ଦୁଝର, (ଭାସ୍କର ନ୍ୟୁଜ୍): କେନ୍ଦୁଝର ଜିଲ୍ଲା ସଦରବ୍ଲକ ଅନ୍ତର୍ଗତ କାଉଁରୀକଳା ଗ୍ରାମପଞ୍ଚାୟତ ବିଭିନ୍ନ ଗ୍ରାମରେ ନଳକୂପ, କୂପ ଓ ସୋଲାର ଦ୍ୱାରା ସାହି ଗୁଡ଼ିକୁ ବିଶୁଦ୍ଧ ପିଇବା ପାଣି ଟ୍ୟାପ ମାଧ୍ୟମରେ ଯୋଗାଇ ଦିଆଯାଉଥିବାବେଳେ ସରକାର ବ୍ୟବହାର ସରିଥିବା ଦୂଷିତ ପାଣିକୁ ଜମିବାକୁ ନଦେଇ ମଶା ମାଛି ବୃଦ୍ଧିକୁ ରୋକିବା ପାଇଁ ୧୦ ଫୁଟ ଗର୍ତ୍ତ କରି ବ୍ୟବହାର କରିସାରିଥିବା ଦୂଷିତ ପାଣିକୁ ଉକ୍ତ ଗାତରେ ଭର୍ତ୍ତି କରିବାର କାର୍ଯ୍ୟ ଆରମ୍ଭ କରାଯାଇଛି। ଏହା ସରକାରଙ୍କ ସ୍ୱାଗତ ଯୋଗ୍ୟ ପଦକ୍ଷେପ କିନ୍ତୁ ଏକ ମାସରୁ ଊର୍ଦ୍ଧ୍ୱ ହେବ ବିଭିନ୍ନ ସାହିରେ ଉକ୍ତ ଗାତ ଗୁଡିକ ଖୋଳା ସରିଥିବା ବେଳେ କେତେକ ସାହିରେ ଗାତ ଗୁଡିକରେ ରିଙ୍ଗ ବସା ସରିଛି ଓ କେତେକ ସାହିର ଗାତ ଗୁଡିକରେ ରିଙ୍ଗ ବସା ଯାଇ ନାହିଁ ଏବଂ ଆଉ କେତେକ ସାହିରେ ଉକ୍ତ ଗାତରେ ଡାଙ୍କୁଣି ଲାଗିନାହିଁ। ପଳାଶ ପୋଖରୀ ଗ୍ରାମର ଶ୍ରୀରାମ ସାହି, ନାଏକ ସାହି ଓ ମୁଣ୍ଡା ସାହି ଗୁଡିକରେ ଡାଙ୍କୁଣି ଲାଗିନାହିଁ। ଯାହାଫଳରେ ଖୋଳା ଯାଇଥିବା ଉକ୍ତ ୧୦ ଫୁଟ ଗାତ ଗୁଡିକ ପାଇଁ ସାହିରେ ବିପଦ ଦେଖା ଯାଇଛି। ଗ୍ରାମ ଓ ସାହିର ଛୋଟ ଛୋଟ ଶିଶୁ, ଗାଈ, ବଳଦ, ଛେଳି ଆଦି ପଶୁ ଜନ୍ତୁ ଉକ୍ତ ଗାତରେ ପଡ଼ି ଯାଉଥିବା ସାହିବାସୀ ଅଭିଯୋଗ କରିଛନ୍ତି। ଗ୍ରାମପଞ୍ଚାୟତ ସରପଞ୍ଚଙ୍କୁ ସାହିବାସୀ ପଚାରିଲେ ସେ ଜାଣି ନଥିବା କହୁଥିବା ବେଳେ ସମାଜସେବୀ ଦୀପକ କୁମାର ମହାନ୍ତ ଏ ବିଷୟରେ ବିଡ଼ିଓଙ୍କୁ ଅବଗତ କରିଥିବା କହିଛନ୍ତି। ଏଣୁ ଅଧପନ୍ତରିଆ ପଡ଼ିଥିବା ଗାତଗୁଡ଼ିକୁ ତୁରନ୍ତ ରିଙ୍ଗ, ଡାଙ୍କୁଣି ଦ୍ୱାରା ବନ୍ଦ କରିବା ସହ ଅସମ୍ପୂର୍ଣ୍ଣ ହୋଇଥିବା କାର୍ଯ୍ୟ ସମ୍ପୂର୍ଣ୍ଣ କରିବାକୁ ସମାଜସେବୀ ଦୀପକ କୁମାର ମହାନ୍ତ ଓ ସାହିବାସୀ ଜିଲ୍ଲା ପ୍ରଶାସନଙ୍କୁ ନିବେଦନ କରିଛନ୍ତି।

# ଫାଇନାନ୍ସ କମ୍ପାନୀରୁ ଋଣ ନେଇ ଆଦିବାସୀ ହନ୍ତସନ୍ତ

ମାଥିଲି, (ଭାସ୍କର ନ୍ୟୁଜ୍): ଆନ୍ଧ୍ରର ବିଭିନ୍ନ ଫାଇନାନ୍ସ କମ୍ପାନି ମାଥିଲି ଅଞ୍ଚଳର ଗରିବ ଆଦିବାସୀ ମହିଳାଙ୍କୁ ପ୍ରଲୋଭନ ଦେଖାଇ ଋଣ ଦେବା ପରେ ଏବେ ହଇରାଣ କରୁଛନ୍ତି। କମ୍ପାନି କର୍ମଚାରୀମାନେ ମହିଳାଙ୍କ ପାଖରୁ ଆଧାରକାର୍ଡ, ବ୍ୟାଙ୍କପାସ ବୁକ୍, ଫଟୋ ନେଇ ପରିଶୋଧ ପାଇଁ ପ୍ରତିଦିନ ଘରକୁ ଆସି ହଇରାଣ କରୁଛନ୍ତି। ଋଣ ଶୁଝିବା ନେଇ ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ ଝଗଡ଼ା ଲାଗିବା ସହ ଅନେକ ପରିବାର ଭାଙ୍ଗିବାରେ ଲାଗିଛି। ଆଜି ଏହାର ପ୍ରତିବାଦରେ ଜିଲ୍ଲା ନାରୀ ମହାସଂଘ ପକ୍ଷରୁ ଖଇରପୁଟ ବ୍ଲକ ପରକାନମାଳା ଟେକଗୁଡ଼ା ଠାରେ ଏକ ବିଶାଳ ମେଳି ହୋଇଛି। ନାରୀ ମହାସଂଘ ଜିଲ୍ଲା ଆବାହିକା ଜିନୁ ଦୋରାଙ୍କ ନେତୃତ୍ୱରେ ଆୟୋଜିତ ଏହି ସମାବେଶରେ ମୁଖ୍ୟଅତିଥି ଭାବେ ସମାଜସେବୀ ଶରତଚନ୍ଦ୍ର ବୁରୁଦା, ଆଇନଜୀବୀ ରାଜେଶ ପଟ୍ଟନାୟକ, ନାରୀ ସୁରକ୍ଷା ମଞ୍ଚ ରାଜ୍ୟ ସମ୍ପାଦକ ରାଜେଶ ଜାନୀ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଋଣ ନେଇଥିବା ମହିଳାମାନେ ସେମାନେ ହେଉଥିବା ହଇରାଣ ହରକତ ସମ୍ପର୍କରେ ଅଭିଯୋଗ କରିଥିଲେ। ଅଞ୍ଚଳରେ ଏବେ ଭାରତ ଫାଇନାନ୍ସ, ଅନ୍ନପୂର୍ଣ୍ଣା ଫାଇନାନ୍ସ, ଫ୍ୟୁଜନ ଫାଇନାନ୍ସ, ଆରବିଏଲ ଫାଇନାନ୍ସ, ସ୍ପନ୍ଦନା ଫାଇନାନ୍ସ, ଅଧିକାରୀ ଫାଇନାନ୍ସ, ସତ୍ୟ ଫାଇନାନ୍ସ, ଏକ୍ସସ ଫାଇନାନ୍ସ, ସାହୁ ଫାଇନାନ୍ସ ନାମରେ ଅନେକ କମ୍ପାନି କାମ କରୁଛନ୍ତି। ପ୍ରଥମେ ଋଣ ପାଇଁ ପ୍ରଲୋଭିତ କରାଉଛନ୍ତି। ଋଣ ଦେବା ପରେ କମ୍ପାନି କର୍ମଚାରୀମାନେ ଆଦାୟ ପାଇଁ ମହିଳାଙ୍କୁ ଭୟଭୀତ କରିବା ସହିତ ଅଶ୍ଳୀଳ ଭାଷାରେ ଗାଳିଗୁଲଜ ମଧ୍ୟ କରୁଛନ୍ତି। ଏସମ୍ପର୍କରେ ଥାନାରେ ଅଭିଯୋଗ କରାଯାଇଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନଥିବା ଅଭିଯୋଗ କରିଛନ୍ତି। ବାରମ୍ବାର ଅଭିଯୋଗ ପରେ ବି ଉପରୋକ୍ତ ଫାଇନାନ୍ସ କମ୍ପାନି ବିରୋଧରେ ନା ଜିଲ୍ଲା ପ୍ରଶାସନ ନା ରାଜ୍ୟ ସରକାର ପଦକ୍ଷେପ ନେଉଛନ୍ତି। ତୁରନ୍ତ ଏହାର ତଦନ୍ତ କରି ହଇରାଣ କରୁଥିବା ଫାଇନାନ୍ସ କମ୍ପାନିଗୁଡ଼ିକ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନଗଲେ ଆଗାମୀଦିନରେ ଜିଲ୍ଲାବ୍ୟାପି ଆନ୍ଦୋଳନ କରାଯିବ ଓ ସେଥିପାଇଁ ଜିଲ୍ଲା ପ୍ରଶାସନ ଦାୟୀ ରହିବ ବୋଲି ଚେତାବନୀ ଦିଆଯାଇଛି। ସମାବେଶରେ ଅନ୍ୟମାନଙ୍କ ମଧ୍ୟରେ ସନା ନାଲି, ମଧୁ ନାଲି, ନରସିଂହ ମାଡ଼ି, ରାଜୁ କୁଲା, ନରେନ୍ଦ୍ର ନାୟକଙ୍କ ସମେତ ଶତାଧିକ ମହିଳା ଉପସ୍ଥିତ ଥିଲେ।

## ପ୍ରଭୁ ନୃସିଂହଙ୍କ ଜନ୍ମୋତ୍ସବ ପାଳିତ

ଡେରାବିଶ, (ଭାସ୍କର ନ୍ୟୁଜ୍): ବୈଶାଖ ଶୁକ୍ଳ ଚତୁର୍ଦ୍ଦଶୀ ତିଥିରେ ଭଗବାନ ଶ୍ରୀ ନୃସିଂହଙ୍କ ଜୟନ୍ତୀ ଉତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ ଡେରାବିଶ ବ୍ଲକ ଚାନ୍ଦୋଳ ପଂଚାୟତ ଅନ୍ତର୍ଗତ ଚାନ୍ଦୋଳ ସ୍ଥିତ ପ୍ରଭୁ ନୃସିଂହଙ୍କ ପୀଠରେ ମହାସମାରୋହରେ ପାଳିତ ହୋଇଯାଇଛି। ପ୍ରାତଃରେ ମଙ୍ଗଳ ଆଳତି ପରେ ଶ୍ରଦ୍ଧାଳୁ ଶ୍ରୀ ଜୀୟୁଙ୍କୁ ଦର୍ଶନ ପାଇଁ ଭିଡ ଜମାଇଥିଲେ। ପୂର୍ବାହ୍ନରୁ ମନ୍ଦିର ବେଢାରେ ଏଥିପାଇଁ ହୋମ, ଯଜ୍ଞ, ଭଜନ କୀର୍ତ୍ତନ ଓ ନାମଯଜ୍ଞ ପୀଠକୁ ଭକ୍ତିମୟ କରିଥିଲା। ପ୍ରଭୁଙ୍କ ଦର୍ଶନ ପାଇଁ ଚାନ୍ଦୋଳ ଗ୍ରାମ ସମେତ ପଡ଼ୋଶୀ ଗ୍ରାମର ହଜାର ହଜାର ସଂଖ୍ୟାରେ ଶ୍ରଦ୍ଧାଳୁ ଭିଡ଼ ଲଗାଇଥିଲେ। ଗ୍ରାମବାସୀଙ୍କ ପକ୍ଷରୁ ଭକ୍ତମାନଙ୍କ ପାଇଁ ଅହୋରାତ୍ର ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା। ସନ୍ଧ୍ୟାରେ ଶ୍ରୀ ଜୀୟୁଙ୍କ ବେଢାରେ ସନ୍ଧ୍ୟା ଆଳତିଦର୍ଶନ ପାଇଁ ଶ୍ରଦ୍ଧାଳୁଙ୍କ ଭିଡ ଲାଗିରହିଥିଲା। ସେହିପରି ଖମୋଳ ପଂଚାୟତ ଅନ୍ତର୍ଗତ ଡାଳିଜି ଓ ଚାଟରାଚକଡ଼ା ପଂଚାୟତ ଅନ୍ତର୍ଗତ ଚାଟରା ଶାସନ ଠାରେ ଥିବା ଶ୍ରୀ ନୃସିଂହଙ୍କ ପୀଠ ଚଳଚଞ୍ଚଳ ହୋଇଉଠିଛି।

## ବସ୍‌କୁ ଧକ୍କା ଦେଲା ଟ୍ରକ୍, ୧୫ରୁ ଉର୍ଦ୍ଧ୍ୱ ଯାତ୍ରୀ ଗୁରୁତର



କରଞ୍ଜିଆ, (ଭାସ୍କର ନ୍ୟୁଜ୍): ମୟୂରଭଞ୍ଜ ଜିଲ୍ଲା କରଞ୍ଜିଆ ଥାନା ଅଧୀନ ଚଡ଼େଇଭୋଳ ୪୯ନମ୍ବର ଜାତୀୟ ରାଜପଥ ଛକ ଉପରେ ଆଜି ସନ୍ଧ୍ୟା ପ୍ରାୟ ୬ ଘଟିକା ସମୟରେ ଶିବଶକ୍ତି ନାମକ ଏକ ଘୋରୋଇ ଯାତ୍ରୀବାହୀ ବସକୁ ଯଶୀପୁର ପଟୁ ଦ୍ରୁତ ଗତିରେ ଆସୁଥିବା ଏକ ଟ୍ରକ୍ ଧକ୍କା ଦେବାରୁ ବସଟି ରାସ୍ତା ଉପରେ ଓଲଟି ପଡ଼ିଥିଲା। ଏହି ଦୁର୍ଘଟଣାରେ ୩୫ରୁ ଉର୍ଦ୍ଧ୍ୱ ଯାତ୍ରୀଙ୍କ ମଧ୍ୟରୁ ୧୫ ରୁ ଉର୍ଦ୍ଧ୍ୱ ଯାତ୍ରୀ ଗୁରୁତର ହେଇଥିଲେ। ପ୍ରାପ୍ତ ସୂଚନା ମୁତାବକ କରଞ୍ଜିଆ ବ୍ଲକ ଚଢ଼େଇଭୋଳ ନିକଟରେ କେନ୍ଦୁଝର ପଟରୁ କରଞ୍ଜିଆ ଆସୁଥିବା ଶିବଶକ୍ତି ବସ୍ ଚଢେଇଭୋଳ ଛକରେ ଟର୍ଣ କରି କରଞ୍ଜିଆ ପଟକୁ ଆସୁଥିବା ବେଳେ ଯଶିପୁର ପଟରୁ ଆସୁଥିବା ଏକ ୧୦ ଚକିଆ ଟ୍ରକ୍ ବସ୍ ମଝିରେ ଧକ୍କା ହୋଇଥିଲା। ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ ବସଟି ରାସ୍ତା ଉପରେ ଓଲଟି ପଡ଼ିଯାଇଥିଲା। ସେଥିରେ ଥିବାମାନେ ଚିତ୍କାର କରୁଥିବା ଦେଖି ସ୍ଥାନୀୟ ଯୁବକମାନେ ଓ ପଥିକ ମାନେ ବସ୍ ଭିତରୁ ସମସ୍ତ ଯାତ୍ରୀଙ୍କୁ ଉଦ୍ଧାର କରିବା ସହିତ ୧୦୮ ଆମ୍ବୁଲାନ୍ସ କୁ ଖବର ଦେଇଥିଲେ। ଗୁରୁତର ଥିବା ଯାତ୍ରୀ ମାନଙ୍କୁ କରଞ୍ଜିଆ ଉପଖଣ୍ଡ ଚିକିତ୍ସାଳୟକୁ ଚିକିତ୍ସା ପାଇଁ ପଠାଇଥିଲେ। ବର୍ତ୍ତମାନ ସେଠାରେ ସମସ୍ତଙ୍କ ଚିକିତ୍ସା ଜାରି ରହିଛି।

## 'ବୌଦ୍ଧଧର୍ମ କେବଳ ଏକ ଧର୍ମ ନୁହେଁ, ଏହା ଜୀବନଚର୍ଯ୍ୟାର ଏକ ମାର୍ଗ'




ଭୁବନେଶ୍ୱର, (ଭାସ୍କର ନ୍ୟୁଜ୍): ବୌଦ୍ଧଧର୍ମ କେବଳ ଏକ ଧର୍ମ ନୁହେଁ, ଏହା ଜୀବନ ଚର୍ଯ୍ୟାର ଏକ ମାର୍ଗ। ଆମେ ବୁଦ୍ଧଙ୍କର ମୂର୍ତ୍ତି ପୂଜା କରିବା ଅପେକ୍ଷା, ତାଙ୍କର ବାଣୀ ଅନୁସାରେ ନିଜ ଜୀବନକୁ ପରିଚାଳିତ କଲେ ବୁଦ୍ଧଙ୍କର ପ୍ରକୃତ ଅନୁଗାମୀ ହୋଇ ପାରିବା ବୋଲି କଳିଙ୍ଗ ବୁଦ୍ଧ ବିହାର ପକ୍ଷରୁ ଆୟୋଜିତ ୨୫୬୯ତମ ବୁଦ୍ଧ ଜୟନ୍ତୀ ଉତ୍ସବରେ ଯୋଗଦେଇ ମୁଖ୍ୟ ଅତିଥି ତଥା ମୁଖ୍ୟ ନିର୍ବାଚନ କମିଶନର ମଧୁସୂଦନ ପାଢ଼ୀ କହିଛନ୍ତି। ମହାବୋଧି ସୋସାଇଟି, ଓଡ଼ିଶା ଶାଖାର ସଭାପତି ନରେନ୍ଦ୍ର କୁମାର ମିଶ୍ରଙ୍କ ପୌରୋହିତ୍ୟରେ ଏହି ସଭା ଆୟୋଜିତ ହୋଇଥିଲା। ଆରମ୍ଭରେ ସମ୍ପାଦକ ସୌରେନ୍ଦ୍ର କୁମାର ମହାପାତ୍ର ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ଦେଇଥିଲେ। ଏହି ଅବସରରେ ଅନୁଷ୍ଠାନର ବାର୍ଷିକ ମୁଖପତ୍ର 'କଳିଙ୍ଗ' ଉନ୍ମୋଚିତ ହୋଇଥିଲା। ଏ ବର୍ଷର ଏହି ମୁଖପତ୍ର ଶାସ୍ତ୍ରୀୟ ମାନ୍ୟତା ପ୍ରାପ୍ତ ପାଲି ଓ ଓଡ଼ିଆ ଭାଷାକୁ ନେଇ ଆୟୋଜିତ ଜାତୀୟ ସଂପାନରେ ଉପସ୍ଥାପିତ ପ୍ରବନ୍ଧ ଗୁଡ଼ିକୁ ନେଇ ପ୍ରସ୍ତୁତ ବୋଲି ସଂପାଦକ ଅସିତ ମହାନ୍ତି ସୂଚନା ଦେଇଥିଲେ। ଏହି ସମ୍ମାନ ଆୟୋଜନରେ ସହଯୋଗ ପାଇଁ ମହାବୋଧି ସୋସାଇଟି, ଇଣ୍ଡିଆ ଏବଂ ଶ୍ୟାମାପ୍ରସାଦ ମୁଖାର୍ଜୀ ରିସର୍ଚ୍ଚ ଫାଉଣ୍ଡେସନର ସହଯୋଗ ପାଇଁ କୃତଜ୍ଞତା ଜ୍ଞାପନ କରାଯାଇଥିଲା। ଏହି ସଭାରେ ବିଶିଷ୍ଟ ବୌଦ୍ଧ ଗବେଷକ ପ୍ରବୀର କୁମାର ପଟ୍ଟନାୟକ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇ ବୌଦ୍ଧଧର୍ମ ସମ୍ପର୍କରେ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ ସ୍ତରରେ ପାଠ୍ୟକ୍ରମରେ କୌଣସି ବ୍ୟବସ୍ଥା ନ ଥିବାରୁ କ୍ଷୋଭ ପ୍ରକାଶ କରିଥିଲେ। ସଭାପତି ମିଶ୍ର ତାଙ୍କର ଅଭିଭାଷଣରେ, ଆଜିର ଯୁଦ୍ଧ ଆଶଙ୍କା ଗ୍ରସ୍ତ ସମୟରେ ବୁଦ୍ଧଙ୍କ ଜୀବନ ଓ ବାଣୀର ପ୍ରାସଙ୍ଗିକତା ସମ୍ପର୍କରେ ଆଲୋକପାତ କରିଥିଲେ। ପରିଶେଷରେ ଉପସଭାପତି ନମ୍ରତା ଚଢା ଧନ୍ୟବାଦ ଦେଇଥିଲେ। କାର୍ଯ୍ୟନିର୍ବାହୀ କମିଟି ସଦସ୍ୟ ସିଦ୍ଧାର୍ଥ କୁମାର ପଣ୍ଡାଙ୍କ ସଂଚାଳନାରେ ଏହି ସଭା ସଫଳ ଭାବେ ଆୟୋଜିତ ହୋଇଥିଲା।

## ଏକ ହଜାର ଲିଟର କ୍ଷୀରରେ ଗାଧୋଇଲେ ପିଙ୍ଗଳେଶ୍ୱର

କାକଟପୁର, (ଭାସ୍କର ନ୍ୟୁଜ୍): କାକଟପୁର ବ୍ଲକ ଅନ୍ତର୍ଗତ କଟକଣା ଗ୍ରାମପଞ୍ଚାୟତର ଷଡାଂସ ଗ୍ରାମରେ ଥିବା ପିଙ୍ଗଳେଶ୍ୱରଙ୍କ ପୀଠରେ ଦଶମ ବାର୍ଷିକ କ୍ଷୀରସାଗର ମେଳା ମହାସମାରୋହ ରେ ଅନୁଷ୍ଠିତ ହୋଇଯାଇଛି। ଗ୍ରାମର ସାଂସ୍କୃତିକ ଯୁବ ପରିଷଦ ଆନୁକୂଲ୍ୟରେ ଏହି କ୍ଷୀର ସାଗର ମେଳାରେ ପ୍ରଭୁ ପିଙ୍ଗଳେଶ୍ୱରଙ୍କ (ଲିଙ୍ଗ)ରେ ଏକ ହଜାର ଲିଟର କ୍ଷୀର ଢ଼ଳା ଯାଇଥିଲା। ସେହି କ୍ଷୀରରେ ସୁମଧୁର ପ୍ରସାଦ (ଖିରି) ପ୍ରସ୍ତୁତି କରାଯାଇ ହଜାରହଜାର ଭକ୍ତମାନଙ୍କୁ ବଣ୍ଟନ କରାଯାଇ ଥିଲା। ପରେପରେ ନାଉଗାଁ ଉତ୍କଳ ଭାରତୀ କଳାପରିଷଦ ତରଫରୁ କୁନି କୁନି କଳାକାର ମାନଙ୍କ ଦ୍ୱାରା ନୃତ୍ୟ ପରିବେଷଣ କରାଯାଇଥିଲା। ପରିଷଦ ପକ୍ଷରୁ ଧଡ଼ି ବେହେରା, ସୁବାଶିଷ ବେହେରା, ହରିହର ବେହେରା, ପ୍ରେମାନନ୍ଦ ବେହେରା, ହରିହର ଦାସ, ଭୋଳି ବେହେରା, ଟୁନା ବେହେରା, ଭରତ ବେହେରା, ଚୈତନ ବେହେରା ଓ ଷଡାଂସ ଗ୍ରାମବାସୀଙ୍କ ସହଯୋଗରେ ଏହି ମେଳା ପରିଚାଳନା କରାଯାଇଥିଲା। ଆଖପାଖ ଅଞ୍ଚଳର ଶ୍ରଦ୍ଧାଳୁମାନେ ପ୍ରଭୁ ପିଙ୍ଗଳେଶ୍ୱରଙ୍କୁ କ୍ଷୀର ଲାଗି କରିବା ସହ ନିଜ ନିଜର ପରିବାରର ସୁଖ ମନାସିଥିଲେ।

# ଆଲି ଅଞ୍ଚଳରେ ଅବହେଳିତ ଗ୍ରାମୀଣ ପାର୍କ

ଆଲି, (ଭାସ୍କର ନ୍ୟୁଜ୍): ଆଲି ବ୍ଲକର ଅନେକ ପଞ୍ଚାୟତରେ ନିର୍ମାଣ ହୋଇଛି ଗ୍ରାମୀଣ ପାର୍କ। ସୁନ୍ଦର ସ୍ୱାସ୍ଥ୍ୟ, ପିଲାଙ୍କ ଖେଳକୁଦ, ପ୍ରାତଃ ଭ୍ରମଣ, ବ୍ୟସ୍ତ ବହୁଳ ଜୀବନରୁ ସମୟ କାଢି ବୁଲାବୁଲି କରିବା ପାଇଁ ବ୍ଲକ ଅଧୀନରେ ବିଭିନ୍ନ ପଞ୍ଚାୟତ ରେ ଗ୍ରାମୀଣ ପାର୍କ ନିର୍ମାଣ କରାଯାଇଛି। ସେଥିରେ ଆମୋଦ ପ୍ରମୋଦ ପାଇଁ ସମସ୍ତ ପ୍ରକାରର ସୁବିଧା ସୁଯୋଗ ଯୋଗାଇ ରହିଥିବା ବେଳେ ରକ୍ଷଣାବେକ୍ଷଣ ପାଇଁ କାହାରିକି ଦାୟିତ୍ୱ ଦିଆଯାଉନି। ମାତ୍ର ରକ୍ଷଣାବେକ୍ଷଣ ଅଭାବରୁ ପାର୍କରୁ ଲୋକେ ମୁହଁ ଫେରାଉଛନ୍ତି। ଏଭଳି ଘଟଣା ହେଉଛି କେନ୍ଦ୍ରାପଡ଼ା ଜିଲ୍ଲା ଆଲି ବ୍ଲକ ଅନ୍ତର୍ଗତ ଅରେହିକଣା ପଞ୍ଚାୟତରେ ଥିବା ଗ୍ରାମୀଣ ପାର୍କର କଥା। ଗ୍ରାମୀଣ ପାର୍କର ସମ୍ମୁଖ ଚକାଚକ ହୋଇଥିବା ବେଳେ ଭିତର ଦୃଶ୍ୟ ସମ୍ପୂର୍ଣ୍ଣ ଅଲଗା। ଗ୍ରାମାଞ୍ଚଳରେ ସହରି ବ୍ୟବସ୍ଥା ହୋଇଥିଲେ ମଧ୍ୟ ଅବ୍ୟବସ୍ଥା ଯୋଗୁଁ ଏହାର କୌଣସି ସୁବିଧା ପାଉନାହାନ୍ତି ଲୋକେ। ପାର୍କରେ ଖେଳସାମଗ୍ରୀ ଭାଙ୍ଗିଗଲାଣି ତ କେଉଁଠି ସାମଗ୍ରୀ ଅଚଳ ଅବସ୍ଥାରେ ପଡି ରହିଛି। ଅଳିଆ ଆବର୍ଜନାରେ ଭର୍ତ୍ତି ହୋଇ ରହିଥିବା ବେଳେ ଲାଇଟ ଭାଙ୍ଗିଗଲାଣି। ସେଠାରେ ପଡ଼ିଥିବା ଚେୟାର ଗୁଡିକ ଉପରେ ଲତା ମାଡିଗଲାଣି, ଯାହା ଏବେ ବସିବା ଅନୁପଯୋଗୀ ହୋଇପଡିଛି। ଉଦ୍ୟାନ ହେବା ପରେ ସନ୍ଧ୍ୟାରେ ସେଠାରେ ଲୋକଙ୍କ ଭିଡ଼ ରହିବା ସହ ମନୋରଞ୍ଜନ କରୁଥିଲେ। କିନ୍ତୁ ଏବେ ସେହି ସ୍ଥାନ ଖାଁ ଖାଁ ହୋଇଯାଇଛି। କିଛି ଲାଇଟ ଭାଙ୍ଗି ଗଲାଣି ତ କିଛି ଲାଇଟ ଅଛି ଜଳୁନାହିଁ କ୍ଷ ଯାହା ଫଳରେ ଉଦ୍ୟାନ ରୁ ମୁହଁ ଫେରାଇଲେଣି ଲୋକେ। ନା ପାର୍କକୁ ପରିଷ୍କାର କରାଯଉଛି ନା ଲାଇଟ ସଜଡା ଯାଉଛି। ପାର୍କର ସୌନ୍ଦର୍ଯ୍ୟବୃଦ୍ଧି ପାଇଁ ଲଗାଯାଇଥିବା ଗଛ ଗୁଡିକ ଏବେ ଗଛଲତାରେ ଆବଦ୍ଧ ହୋଇଗଲାଣି। ପାର୍କ ଭିତରକୁ ଯିବା ପାଇଁ ହୋଇଥିବା ରାସ୍ତା ଗୁଡିକ ଅଳିଆ ଆବର୍ଜନା ସହିତ ଭାଙ୍ଗିରୁଜି ଗଲାଣି। ପାର୍କ ଦୀର୍ଘଦିନ ହେବ ତାଲା ପକାଇ ଦିଆଯାଇଥିବାରୁ ଭିତରେ ଏକ ପ୍ରକାର ଜଙ୍ଗଲରେ ପରିଣତ ହୋଇଛି। ଫଳରେ ଏହି ସ୍ଥାନ ଏବେ ମଦୁଆଙ୍କ ଆଡାସ୍ଥଳୀ ପାଲଟିଥିବା ବେଳେ ଦୁର୍ବୃତ୍ତମାନେ ଉପକରଣ ସବୁ ଚୋରୀ କରି ନେଇ ଯାଉଛନ୍ତି। ଗ୍ରାମାଞ୍ଚଳରେ ଲୋକଙ୍କ ମନୋରଞ୍ଜନ ପାଇଁ ନିର୍ମାଣ ହୋଇଥିବା ଏହି ପାର୍କର ପୁନଃଉଦ୍ଧାର କରିବା ପାଇଁ ସ୍ଥାନୀୟ ବାସିନ୍ଦା ଦାବି କରିଛନ୍ତି। ଏ ନେଇ ଆଲି ମଣ୍ଡଳ ଉନ୍ନୟନ ଅଧିକାରୀ ଅବିନାଶ ବିଶ୍ୱଜିତ ସେଠି ପଚାରିବାରୁ ସେ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି ସେ ଏ ସମ୍ବନ୍ଧରେ ଉକ୍ତ ପଞ୍ଚାୟତର ସରପଞ୍ଚ ଓ କାର୍ଯ୍ୟ ନିର୍ବାହୀଙ୍କ ସହ ଆଲୋଚନା କରି ଏହାର ପୁନଃରୁଦ୍ଧାର ଦିଗରେ ପ୍ରକ୍ରିୟା ତ୍ୱରାନ୍ୱିତ କରିବେ।

## ଗ୍ରାମବାସୀଙ୍କୁ ଗଳାକାଟି ହତ୍ୟା କଲେ ମାଓବାଦୀ

ମାଲକାନଗିରି, (ଭାସ୍କର ନ୍ୟୁଜ୍): ପୁଲିସ ସୂଚନା ଦାତା ସନ୍ଦେହରେ ଜଣେ ଗ୍ରାମବାସୀଙ୍କୁ ହତ୍ୟା କରିଛନ୍ତି ମାଓବାଦୀ। ସୂଚନା ଅନୁଯାଇ ମାଲକାନଗିରି ଜିଲ୍ଲା ସୀମାନ୍ତ ରାଜ୍ୟ ଛତିଶଗଡର ବିଜାପୁର ଜିଲ୍ଲାର ଉସୁର ଥାନା ଅନ୍ତର୍ଗତ ମାରୁଡ଼ବାକା ଗ୍ରାମର ନାଗା ଭଣ୍ଡାରୀଙ୍କୁ କିଛି ଶସସ୍ତ୍ର ମାଓବାଦୀ ମାରପିଟ କରିବା ପରେ ଧାରୁଆ ଅସ୍ତ୍ରରେ ଗଳାକାଟି ହତ୍ୟା କରି ଶବକୁ ରାସ୍ତା କଡରେ ଫୋପାଡ଼ି ଚାଲି ଯାଇଥିଲେ। ଶବକୁ ଗ୍ରାମବାସୀ ଦେଖିବା ପରେ ନିକଟସ୍ଥ ଥାନାକୁ ସୋମବାର ଦିନ ସକାଳ ସମୟରେ ଖବର ଦେବା ପରେ ଘଟଣାସ୍ଥଳରେ ଉସୁର ଥାନାରୁ ପୁଲିସର ଏକ ଦଳ ଘଟଣାସ୍ଥଳରେ ପହଁଚି ଶବ ଜବତ କରି ତଦନ୍ତ ଚଳାଇଥିବା ଜଣାପଡିଛି।

## ମୁକ୍ତି କଲେଜ ଅଫ୍ ନର୍ସିଂ ଇନଷ୍ଟିଚ୍ୟୁଟ୍‌ରେ ଅର୍ନ୍ତଜାତୀୟ ସେବିକା ଦିବସ ପାଳିତ




ଗୋପ, (ଭାସ୍କର ନ୍ୟୁଜ୍): ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ସେବିକା ବା ନର୍ସମାନଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ। ସେମାନେ ଯେଉଁଭଳି ସମର୍ପଣ ଭାବନେଇ ରୋଗୀଙ୍କ ସେବା କରିଥାନ୍ତି, ତାହା ବାସ୍ତବରେ ପ୍ରଶଂସନୀୟ। ତେବେ ଅନେକ ସ୍ଥାନରେ ସେବିକାଙ୍କୁ କାମ କରିବା ପାଇଁ ସୁରକ୍ଷିତ ବାତାବରଣ ମିଳିନଥାଏ। ତେଣୁ ପ୍ରତ୍ୟକ ସେବିକାଙ୍କୁ ସୁସ୍ଥ ଓ ସୁରକ୍ଷିତ ବାତାବରଣ ପ୍ରଦାନ କରାଯିବା ଆବଶ୍ୟକ। ଏହା ଦ୍ୱାରା ସେମାନେ ଆହୁରି ଭଲ କାର୍ଯ୍ୟ କରିପାରିବେ ବୋଲି ଆଜି ସଂନ୍ଧ୍ୟାରେ ଗୋପ ମାଟିଆଖାଡ ସ୍ଥିତ ମୁକ୍ତି କଲେଜ ଅଫ୍ ନର୍ସ ଇନଷ୍ଟିଚ୍ୟୁଟରେ ପାଳିତ ହେଉଥିବା ଆର୍ନ୍ତଜାତୀୟ ନର୍ସ ଦିବସ ଅବସରରେ ମୁଖ୍ୟ ଅତିଥି ଭାବେ ବିକାଶ ଅନୁଷ୍ଠାନର ପ୍ରତିଷ୍ଠାତା ଅଶୋକ କୁମାର ନନ୍ଦ ଯୋଗ ଦେଇ କହିଥିଲେ। ଇନଷ୍ଟିଚ୍ୟୁଟ୍ ର ଅଧକ୍ଷା ମନସ୍ୱିନ ପୃଷ୍ଟିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ଗୋପ କଲେଜ ପ୍ରାକ୍ତନ ଅଧକ୍ଷ ପ୍ରକାସ ଚନ୍ଦ୍ର ଖଟୋଇ ଯୋଗଦେଇ ଚଳିତ ବର୍ଷର ରହିଥିବା ଥିମ୍ ଆୱାର ନର୍ସେସ୍, ଆୱାର ଫ୍ୟୁଚରକୁ ବାସ୍ତବ ରୂପ ଦେବା ପାଇଁ ଆହ୍ୱାନ ଦେବା ସହ ସମସ୍ତ ସେବିକାମାନେ ଫ୍ଲୋରେନ୍ସ ନାଇଟିଙ୍ଗେଲଙ୍କ ପରି କାର୍ଯ୍ୟ କରି ମଡର୍ଣ୍ଣ ନର୍ସକୁ ପ୍ରମୋଟ କରିବା ଆବଶ୍ୟକ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଗୋପ ପଂଚାୟତ ସମିତି ଅଧକ୍ଷା ଝୁନୁ ମଲ୍ଲିକ୍, ଉପାଧକ୍ଷ ବନରଂଜନ ପଟ୍ଟନାୟକ, ଗଣେଶ୍ୱରପୁର ସରପଂଚ ପ୍ରଭାତ କୁମାର ବେହେରା, ଗୋପ କଲେଜ ବରିଷ୍ଠ କିରାଣି ପ୍ରସାନ୍ତ କୁମାର ସେନାପତି, ମୁକ୍ତି ନର୍ସିଂ କଲେଜର ଚେୟାରମ୍ୟାନ ଗଣେଷ ଚନ୍ଦ୍ର ଦାସ, ସାମ୍ବାଦିକ ମିଳନ କୁମାର ମହାନ୍ତି ପ୍ରମୁଖ ଯୋଗଦେଇ ନର୍ସ ସେବାର ଭୂମିକା ଉପରେ ଆଲୋକପାତ କରିଥିଲେ। ଅନୁଷ୍ଠାନ ପକ୍ଷରୁ ସମସ୍ତ ଅତିଥିମାନଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ କରାଯାଇ ସ୍ୱାଗତ କରାଯାଇଥିଲା। ପରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ନୃତ୍ୟ ସଂଗୀତ ଓ ନାଟକ ପରିବେଷଣ କରାଯାଇଥିଲା।

## ଶିଶୁଙ୍କ ଠାରୁ ମାକୁ ଛଡ଼ାଇ ନେଲା ଡେଙ୍ଗୁ

ଜଳେଶ୍ୱର, (ଭାସ୍କର ନ୍ୟୁଜ୍): ଡେଙ୍ଗୁ ଯାଗୁଁ ପ୍ରାଣ ହରାଇଛନ୍ତି ରୋଜିନା ବିବି (୨୨) ଆଜକୁ ୪ ବର୍ଷ ତଳେ ବରିଷ୍ଠ ସାମ୍ବାଦିକ ଅବଦୁଲ ରହିମଙ୍କ ତୃତୀୟ କନ୍ୟା ରୋଜିନାକୁ ପଶ୍ଚିମବଙ୍ଗର କାନ୍ଥି ସ୍ଥିତ ଭବାନୀଛକରେ ସମିମ ସାହାଙ୍କୁ ବିବାହ ଦେଇଥିଲେ। ରୋଜିନା ବିବିର ପ୍ରଥମ ପୁଅ ଅଢ଼େଇ ବର୍ଷ ଓ ସାନପୁଅ ମାତ୍ର ଦେଢ଼ ବର୍ଷ ହୋଇଥିଲା। ପାଞ୍ଚ ଛ'ଦିନ ଧରି ଜ୍ୱର ଲାଗି ରହିଥିବା ବେଳେ ଚିକିତ୍ସା ପାଇଁ ବାପା ଅବଦୁଲ ରହିମଙ୍କ ଘରକୁ ଆସିବା ପରେ ଟେଷ୍ଟରୁ ଜଣା ପଡ଼ିଥିଲା ଡେଙ୍ଗୁ। ତାପରେ ବାପା ଅବଦୁଲ ରହିମ ପ୍ରଥମେ ବାଲେଶ୍ୱର ଓ ପରେ ସୋମ ହସ୍ପିଟାଲକୁ ଚିକିତ୍ସା ପାଇଁ ନେଇଥିଲେ। ଗତକାଲି ରାତିରେ ଚିକିତ୍ସାଧୀନ ଅବସ୍ଥାରେ ପ୍ରାଣ ହରାଇଥିଲେ ରୋଜିନା। ଏହି ଖବର ସୋମବାର ସକାଳେ ପାଇବା ପରେ ଆତ୍ମୀୟ ପରିବାର, ସାହି ପଡ଼ିଶା ମଧ୍ୟରେ ଶୋକାକୁଳ ପରିବେଶ ଛାଇଯାଇଛି। ରୋଜିନାଙ୍କ ମୃତଶରୀର ଶେଷ ଦର୍ଶନ ପାଇଁ ନଗରପାଳ ପ୍ରଦୀପ କୁମାର ପ୍ରଧାନ, ସ୍ଥାନୀୟ କାଉନସିଲର ସୈଫୁଦ୍ଦିନ, ବିଜୟ କାମିଲା, ସଂଜୀବ ପାଳ, ଅବଦୁଲ ହାକିମ, କାର୍ଯ୍ୟରତ ସାମ୍ବାଦିକ, ସ୍ଥାନୀୟ ଲୋକମାନେ ଶେଷ ଦର୍ଶନ କରିଥିଲେ।


# ଷୋଳମପୁର ବୌଦ୍ଧବିହାରରେ ବୁଦ୍ଧଜୟନ୍ତୀ ପାଳିତ



ଭଣ୍ଡାରିପୋଖରୀ, (ଭାସ୍କର ନ୍ୟୁଜ୍): ଭଣ୍ଡାରିପୋଖରୀ ବ୍ଲକ ଷୋଳମପୁର ବୌଦ୍ଧବିହାର ପରିସରରେ ବୁଦ୍ଧ ଜୟନ୍ତୀ ସୋମବାର ପାଳନ ହୋଇଯାଇଛି। ବୌଦ୍ଧବିହାର ଓ ରଘୁନାଥଜୀଉ ଟ୍ରଷ୍ଟ ବୋର୍ଡ ଆନୁକୂଲ୍ୟରେ ବୌଦ୍ଧବିହାର ପରିସରରେ ଇନଟାକ ସଦସ୍ୟ ତଥା ଗବେଷକ ବିଶ୍ୱମ୍ଭର ରାଉତ ସଂଚାଳନାରେ ଆୟୋଜିତ ଉତ୍ସବରେ ବାଙ୍ଗାଲୋର ମହାବୋଧି ସୋସାଇଟିର ଲୋକାଶାନ୍ତି ମହାବିହାର ଭନ୍ତେ ଯାସ, ଭନ୍ତେ ଆନନ୍ଦ ମିତ୍ର, ଅଧ୍ୟାପକ ଉମାକାନ୍ତ ମହାଳିକ, ଅଧ୍ୟାପକ ଶ୍ୟାମାଶଙ୍କର ଦାଶ, ଭାନ୍ତେ ଡ. ଅବିନାଶ କୁମାର, ଡ. ସୌଭାଗ୍ୟ ଜେନା, ସନ୍ତୋଷ ପେରେଇ, ଅଜୟ ମହାଳିକ, ରମାକାନ୍ତ ମଲ୍ଲିକ, ଅଧ୍ୟାପକ ଅନାଦି ଚରଣ ସାହୁ, କବି ଦାମୋଦର ନାୟକ, ସମାଜସେବୀ ଶରତ ଜେନା, ଘନଶ୍ୟାମ ପଲାଇ ଯୋଗଦେଇ ବୁଦ୍ଧଦେବଙ୍କ ଜନ୍ମ, ବୌଦ୍ଧତ୍ୱପ୍ରାପ୍ତି ଓ ମହାନିର୍ବାଣ ସମନ୍ୱୟର ତିଥି ବୁଦ୍ଧପୂର୍ଣ୍ଣିମାର ତାତ୍ପର୍ଯ୍ୟ ସମ୍ପର୍କରେ ବକ୍ତବ୍ୟ ରଖିବା ସହ ଷୋଳମପୁର ବୌଦ୍ଧ ମହାବିହାର ବିକାଶ ସମ୍ପର୍କରେ ଆଲୋଚା କରିଥିଲେ। ପ୍ରାରମ୍ଭରେ ପୂଜକ ଉମାକାନ୍ତ ପଣ୍ଡା ରଘୁନାଥଜୀଉ ଓ ମନ୍ଦିର ଚତୁଃପାର୍ଶ୍ୱରେ ଥିବା ବୁଦ୍ଧମସ୍ତକ, ବୌଦ୍ଧଦେବୀ ତାରା, ମଞ୍ଜୁଶ୍ରୀ, ଅଷ୍ଟମହାଶ୍ଚର୍ଯ୍ୟ ମୂର୍ତ୍ତି, ଧାନୀବୁଦ୍ଧ, ଉଗ୍ରତାରା ମୂର୍ତ୍ତିରେ ପୂଜାର୍ଚ୍ଚନା କରିଥିଲେ। ଏହି ଅବସରରେ ସ୍ଥାନୀୟ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବୁଦ୍ଧଦେବଙ୍କ ଚିତ୍ର ପ୍ରତିଯୋଗୀତା ଅନୁଷ୍ଠିତ ହୋଇ ପ୍ରତିଯୋଗୀ ଲକ୍ଷ୍ମୀପ୍ରିୟା ରାଉତଙ୍କୁ ପୁରସ୍କୃତ କରାଯାଇଥିଲା। ଟ୍ରଷ୍ଟି କମଳାକାନ୍ତ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ନରହରି ରାୟ, ବିଶ୍ୱରଞ୍ଜନ ଜେନା, ଚନ୍ଦ୍ରକାନ୍ତ ନାୟକ, ଶ୍ରୀଧର ନାୟକ, ଉମାକାନ୍ତ ନାୟକ ପ୍ରମୁଖ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ।

## ସମାଜସେବୀଙ୍କ ପରଲୋକ

ନିଶ୍ଚିନ୍ତକୋଇଲି, (ଭାସ୍କର ନ୍ୟୁଜ୍): ନିଶ୍ଚିନ୍ତକୋଇଲି ବ୍ଲକ କୋଲଣପୁର ଗ୍ରାମ ପଞ୍ଚାୟତ ବିଜେପି ସଭାପତି ରବିନାରାୟଣ ମହାପାତ୍ରଙ୍କର ହୃଦଘାତରେ ପରଲୋକ ହୋଇଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୭୧ବର୍ଷ ହୋଇଥିଲା। ତାଙ୍କ ମରଶରୀରକୁ ଏକ ବିରାଟ ଶୋଭାଯାତ୍ରାରେ ନିଆଯାଇ ଗ୍ରାମ୍ୟ ଶ୍ମଶାନରେ ଦାହ କରାଯାଇଥିଲା। ତାଙ୍କର ଏକମାତ୍ର ପୁତ୍ର ଆଶୁତୋଷ ମୁଖାଗ୍ନି ଦେଇଥିଲେ। ତାଙ୍କ ବିୟୋଗରେ ମାହାଙ୍ଗା ବିଧାୟକ ସାରଦା ପ୍ରଧାନ, ମାହାଙ୍ଗ ବିଜେପି ନେତା ସୁମନ୍ତ ଘଡେଇ, ସମୀର ସାମଲ, ମଳୟ ଘଡେଇ, ମୀନକେତନ ଦାସ, ଦିଲିପ କୁମାର ରାଉତ, ପୂର୍ବତନ ସରପଞ୍ଚ ଜତୀନ୍ଦ୍ରନାଥ ଜେନା, ରମେଶ ଚନ୍ଦ୍ର ସ୍ୱାଇଁ, ଦେବେନ୍ଦ୍ର



କୁମାର ସାହୁ, ରଞ୍ଜନ କୁମାର ରାଉତ, ସଞ୍ଜୟ କୁମାର ବେହେରା, କୈଳାସ ଚନ୍ଦ୍ର ବେହେରା, ସରପଞ୍ଚ ଗୋପବନ୍ଧୁ ସେଠୀ, ସମିତି ସଭ୍ୟା ସବିତା ସାମଲ, ସାରଦା ପ୍ରସନ୍ନ ମିଶ୍ର, ପିତାମ୍ବର ମହାନ୍ତି, ଶିଶିର କୁମାର ନାୟକ, ରବିନ୍ଦ୍ରକୁମାର ବେଉରିଆ, ରବିଚନ୍ଦ୍ର ବେହେରା, ପ୍ରକାଶ ଚନ୍ଦ୍ର ସାମଲ ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତିବିଶେଷ ଗଭୀର ଶୋକବ୍ୟକ୍ତ କରିବା ସହ ଶୋକସନ୍ତପ୍ତ ପରିବାର ବର୍ଗଙ୍କୁ ଗଭୀର ସମବେଦନା ଜଣାଇଛନ୍ତି।

## ନୀଳକଣ୍ଠେଶ୍ୱର ଲୋକୋତ୍ସବ ଉଦ୍‌ଯାପିତ




ବୋଲଗଡ଼, (ଭାସ୍କର ନ୍ୟୁଜ୍): ବୋଲଗଡ ବ୍ଲକ ଅନ୍ତର୍ଗତ ପିଚୁକୁଳି ନୀଳକଣ୍ଠେଶ୍ୱର ବଣିକ ସଂଘ ଆନୁକୂଲ୍ୟରେ ଓ ଓଡିଶା ସରକାରଙ୍କ କଳା, ସାହିତ୍ୟ ଏବଂ ସଂସ୍କୃତିବିଭାଗ ସହାୟତାରେ ନୀଳକଣ୍ଠେଶ୍ୱର ଲୋକଉତ୍ସବ ସୋମବାର ଦିନ ଉଦ୍‌ଯାପିତ ହୋଇଯାଇଛି। ଏହି ମହୋତ୍ସବରେ ମୁଖ୍ୟଅତିଥି ଭାବେ ଖଣ୍ଡପଡା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ, ମୁଖ୍ୟ ବକ୍ତା ଭାବେ ବିଜେପି ନେତା ପ୍ରକାଶ ରଣ ବିଜୁଳି ଓ ସମ୍ମାନିତ ଅତିଥି ଭାବେ ଖୋର୍ଦ୍ଧା ଜିଲ୍ଲା ବିଜେପି ସଭାପତି ବିଶ୍ୱରଂଜନ ବଡ଼ଜେନା, ସିନେ କଳାକାର ଲକ୍ଷ୍ମୀପ୍ରିୟା, ବିପିନ କୁମାର ପାଇକରାୟ ପ୍ରମୁଖ ଯୋଗଦେଇ ଜଗନ୍ନାଥଙ୍କ ପ୍ରତିମୂର୍ତ୍ତିରେ ଫୁଲ, ଚନ୍ଦନ, ଧୂପ, ଦୀପ ଦେଇ ଏହାକୁ ଶୁଭ ଉଦଘାଟନ କରିଥିଲେ। ଏହି ଲୋକ ଉତ୍ସବରେ ପିଚୁକୁଳି ବଣିକ ସଂଘର ସଭାପତି ପବିତ୍ର ମୋହନ ମାଝୀ ସଭାପତିତ୍ୱ କରି ସ୍ୱାଗତ ଭାଷଣ ଦେଇ ଅତିଥିମାନଙ୍କର ପରିଚୟ ପ୍ରଦାନ କରିଥିଲେ। ପିଚୁକୁଳି ବଣିକ ସଂଘର ସମ୍ପାଦକ ଚିତ୍ତ ରଞ୍ଜନ ସାମନ୍ତରାୟ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଓଡ଼ିଶା ରାଜ୍ୟ ସରକାରଙ୍କ ଭାଷା ସାହିତ୍ୟ ଓ ସଂସ୍କୃତିବିଭାଗ ଦ୍ୱାରା ବିଭିନ୍ନ କଳାକାରମାନଙ୍କ ଦ୍ୱାରା ମୋନରଞ୍ଜନ ଧର୍ମୀ ସାଂସ୍କୃତିକ କାର୍ଯ୍ୟକ୍ରମମାନ ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମର ପ୍ରାରମ୍ଭରେ ବନ୍ଦେଉତ୍କଳ ଜନନୀ ସଂଗୀତ ଗାନ କରାଯାଇଥିଲା। ବିଭିନ୍ନ କଳାକାର, ସମଜସେବୀ, ଓ ସାମ୍ବାଦିକ ଦୀପକ ପାହାଡ଼ ସିଂହ, ସୁରେଶ ସାମନ୍ତରାୟଙ୍କୁ ନୀଳକଣ୍ଠେଶ୍ୱର ଲୋକ ଉତ୍ସବ ତରଫରୁ ମାନ ପତ୍ର ଓ ଉତ୍ତରୀୟ ଓ ଫୁଲତୋଡ଼ା ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଜଙ୍ଗଲୀ ଡଙ୍ଗର ନୃତ୍ୟ ଦର୍ଶକ ମାନଙ୍କର ମନ ମୋହିଥିଲା। ଏହି ଲୋକ ଉତ୍ସବ ବହୁ ଦର୍ଶକମାନେ ଯୋଗଦେଇଥିଲେ। ଏହାକୁ ଲୋକ ମୋହ ଉତ୍ସବକୁ ନୀଳକଣ୍ଠେଶ୍ୱର ବଣିକ ସଂଘର ସମସ୍ତ ସଦସ୍ୟ ମାନେ ସହଯୋଗ କରି ପରିଚାଳନା କରିଥିଲେ। ଶିକ୍ଷାବିତ ଶ୍ରୀକାନ୍ତ ନାୟକ ମଞ୍ଚ ପରିଚାଳନା କରିଥିବା ବେଳେ ପରିଶେଷରେ ସମ୍ପାଦକ ଚିତ୍ତରଞ୍ଜନ ସାମନ୍ତ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଶ୍ରୀବଳଦେବଜିଉଙ୍କ ଗଜ ଉଦ୍ଧାରଣ ବେଶ

କେନ୍ଦ୍ରାପଡ଼ା, (ଭାସ୍କର ନ୍ୟୁଜ୍): କେନ୍ଦ୍ରାପଡାର ଆରାଧ୍ୟ ପ୍ରଭୁ ଶ୍ରୀ ବଳଦେବଜୀଉଙ୍କୁ ସୋମବାର ଗଜ ଉଦ୍ଧାରଣ ବେଶ କରାଯାଇଛି। ଆଜି ବୈଶାଖ ପୂର୍ଣ୍ଣମୀରେ ତୁଳସୀ କ୍ଷେତ୍ରର କ୍ଷେତ୍ରାଧିପତି ପ୍ରଭୁ ଶ୍ରୀବଳଦେବଜୀଉଙ୍କ ଗଜ ଉଦ୍ଧାରଣ ବେଶ ଭକ୍ତମାନଙ୍କୁ ବେଶ ଆମୋଦିତ କରିଥିଲା। ଶ୍ରୀଜୀଉଙ୍କ ସନ୍ଧ୍ୟା ନୀତି ସମ୍ପନ୍ନ ପରେ ଏହି ବେଶ କରାଯାଇଥିଲା। ଶ୍ରୀଜଗନ୍ନାଥଙ୍କ ପାଖରେ ପକ୍ଷୀରାଜ ଗରୁଡ଼ ବିରାଜ ମାନ ଅଛନ୍ତି। ତାଙ୍କ କାନ୍ଧରେ ମହାଲକ୍ଷ୍ମୀ ଓ ନାରାୟଣ ବସିଛନ୍ତି। ନାରାୟଣଙ୍କ ହସ୍ତରେ ଶଙ୍ଖଚକ୍ର ଗଦାପଦ୍ମ ରହିଛି। ଏଭଳି ସଜ୍ଜିତ ବେଶରେ ହସ୍ତୀ କୁମ୍ଭୀରକୁ ସାମିଲ କରାଯାଇ ଗର୍ଭ ଗୃହ ଚଟାଣରେ କୃତ୍ରିମ ଜଳବନ୍ଧୀ ବଡ଼ ସାଇତି ସେବାୟତଙ୍କ ଦ୍ୱାରା କରାଯାଇଥିଲା। ଏହି ବେଶ ସଂପୂର୍ଣ୍ଣ ଗର୍ଭ ଗୃହରେ ସୀମିତ ଥିବାରୁ ଭକ୍ତମାନଙ୍କୁ ଗର୍ଭଗୃହ ମଧ୍ୟକୁ ପ୍ରବେଶ ଉପରେ କଟକଣା କରାଯାଇଥିଲା। ଫଳରେ ଭୋଗ ମଣ୍ଡପ ନିକଟରୁ ଭକ୍ତମାନେ ଶ୍ରୀଜୀଉଙ୍କ ଏହି ଦୁର୍ଲଭ ଗଜ ଉଦ୍ଧାରଣ ବେଶକୁ ଦର୍ଶନ କରିବାର ସୁଯୋଗ ପାଇଥିଲେ। ଏହାପରେ ଶ୍ରୀଜୀଉଙ୍କ ରାତ୍ର ଧୂପ ପଣା ପଖାଳ ଲାଗି ଶେଷହେବା ପରେ ବଡ଼ସିଂହାର ବେଶ କରାଯାଇଥିଲା। ଏହା ପରେ ପୁଷ୍ପାଞ୍ଜଳି ପ୍ରଦାନ କରାଯାଇ ରାତ୍ର ଏଗାରଟା ବେଳକୁ ପହୁଡ଼ ପଡ଼ିଥିଲା।

## ନିହାରିକା ନାୟକ କେନ୍ଦ୍ରାପଡା ନଗର ବିଜେପି ସଭାପତି

କେନ୍ଦ୍ରାପଡ଼ା, (ଭାସ୍କର ନ୍ୟୁଜ୍): କେନ୍ଦ୍ରାପଡା ନଗର ବିଜେପି ସଭାପତି ଭାବେ ନିହାରିକା ନାୟକଙ୍କୁ ଦଳ ପକ୍ଷରୁ ନିଯୁକ୍ତି ପ୍ରଦାନ କରାଯାଇଛି। ଏନେଇ ରାଜ୍ୟ ବିଜେପି ନିର୍ବାଚନ ଅଧିକାରୀ ସାଂସଦ ପ୍ରତାପ ଚନ୍ଦ୍ର ଷଡଙ୍ଗୀ ବିଜେପି ଜିଲ୍ଲା ସଭାପତି ଶଶାଙ୍କ ଶେଖର ସେଠୀଙ୍କୁ ପତ୍ର ଲେଖି ଜଣାଇଛନ୍ତି। ନାୟକ ଏହି ନିଯୁକ୍ତି ପାଇଁ କେନ୍ଦ୍ରାପଡା ସାଂସଦ ବୈଜୟନ୍ତ ପଣ୍ଡା, ଜିଲ୍ଲା ବିଜେପି ସଭାପତି ସେଠୀ, କେନ୍ଦ୍ରାପଡା ବିଧାନସଭା ନିର୍ବାଚନ ମଣ୍ଡଳୀ ବିଜେପି ନେତ୍ରୀ ଗୀତାଞ୍ଜଳି ସେଠୀ ପ୍ରମୁଖଙ୍କୁ କୃତଜ୍ଞତା ଜଣାଇଛନ୍ତି।



# ଆମ କଳାହାଣ୍ଡି





## ତୁନଗାଁରେ ପାନୀୟ ଜଳ ସମସ୍ୟା
# ୩ ପଡାବାସୀଙ୍କ ଭରସା ଗୋଟିଏ ନଳକୂପ

କୋକସରା,(ଭାସ୍କର ନ୍ୟୁଜ୍): କୋକସରା ବ୍ଲକ କନ୍ଦାବୁଟୁରା ଗ୍ରାମ ପଞ୍ଚାୟତର ତୁନଗାଁରେ ପାନୀୟ ଜଳ ସଂକଟ ଦେଖାଦେଇଛି। ଫଳରେ ପାଣି ମୁନ୍ଦେ ପାଇଁ ଲୋକେ ଅନେକ ଅସୁବିଧାର ସମ୍ମୁଖୀନ ହେଉଥିବା ପ୍ରକାଶ କରିଛନ୍ତି। ଗ୍ରାମର କନ୍ଦାବୁଟୁରା ଯିବା ଛକରେ ଏକ ସୌର ଚାଳିତ ପାନୀୟ ଜଳ ପ୍ରକଳ୍ପ ରହିଛି। ଏହି ପାନୀୟ ଜଳ ପ୍ରକଳ୍ପ ଉପରେ ତୁନଗାଁ ଗ୍ରାମର ପଟେଲପଡା, ରଣାପଡା ଓ ଜଗନ୍ନାଥ ମନ୍ଦିରପଡ଼ାର ପ୍ରାୟ ୭ଶହ ଲୋକେ ନିର୍ଭର କରିଥାନ୍ତି। ବର୍ତ୍ତମାନ ଗ୍ରୀଷ୍ମ ପ୍ରବାହ ଜାରି ରହିଥିବାରୁ ଏହି ପ୍ରକଳ୍ପରୁ ପର୍ଯ୍ୟାପ୍ତ ପରିମାଣରେ ପାଣି ବାହାରୁ ନାହିଁ। ଘଣ୍ଟାଏ ଦୁଇ ଘଣ୍ଟା ଚାଲିଲେ ପାଣି ନିଅଣ୍ଟ ହେଉଛି। ଏମିତିକି ପାଣିରୁ ପୋକ ମଧ୍ୟ ବାହାରୁ ଥିବା ମହିଳାମାନେ ପ୍ରକାଶ କରିଛନ୍ତି। ଯାହା



ଫଳରେ ଗାଁ ଘୋର ପାନୀୟ ଜଳ ସଂକଟ ଦେଖାଦେଇଛି। ଏହି ତିନୋଟି ପଡ଼ାବାସୀ ଖରା, ବର୍ଷା ସବୁ ସମୟରେ ଏହି ପାନୀୟ ଜଳ ପ୍ରକଳ୍ପ ଉପରେ ଭରସା କରିଥାନ୍ତି। ଅନ୍ୟପଟେ ପାନୀୟ ଜଳ ସମସ୍ୟା ଦିଗରେ ପ୍ରଶାସନକୁ ଜଣାଇ ଆସୁଥିଲେ ସୁଦ୍ଧା କେହି ଗୁରୁତ୍ୱ ଦେଉନଥିବା ସରସ୍ୱତୀ ପଟେଲ, ଡାଳିମ୍ବ ରାଉତ, ମୁକ୍ତା ମଞ୍ଜୁରୀ ନାଏକ, ଇନ୍ଦ୍ରା ପୁଝାରୀ ସମେତ ଗାଁର ମହିଳାମାନେ ଅଭିଯୋଗ କରିଛନ୍ତି। ଆଗକୁ ଜଳ ସମସ୍ୟାର ସମାଧାନ କରିବା ସହ ନିକଟରେ ଥିବା ନଳକୂପକୁ ମରାମତି କରିବା ପାଇଁ ଦାବି କରିଛନ୍ତି। ଏବଂ ଖରା ଦିନ ପାଇଁ ଟ୍ୟାଙ୍କର ଯୋଗେ ପାଣି ଯୋଗାଇଦେବାକୁ ଗ୍ରାମର ଭଗବାନ ପଟେଲ, ଚମାର ପଟେଲ, ମଣ୍ଟୁ ନାଏକ, ପଦ୍ମମୁଖ ପଟେଲ, ହର ପ୍ରସାଦ ପୁଝାରୀ, ଅଭି ନାଏକ ପ୍ରମୁଖ ଗ୍ରାମବାସୀ ଦାବି କରିଛନ୍ତି। ନଚେତ୍ ଆଗକୁ ଏହି ୩ ପଡାବାସୀଙ୍କ ପାଇଁ ଆହୁରି ଉତ୍କଟ ଜଳ ସମସ୍ୟା ଦେଖା ଦେବାର ଆଶଂକା ରହିଛି। ତେଣୁ ପ୍ରଶାସନ ଏ ଦିଗରେ ଦୃଷ୍ଟି ଦେବା ଜରୁରି ରହିଛି।

**ସମସ୍ୟା ସମାଧାନ ଦାବି**

# ନୃସିଂହନାଥଙ୍କ ଜନ୍ମୋତ୍ସବ ପାଳିତ

ଭବାନୀପାଟଣା, (ଭାସ୍କର ନ୍ୟୁଜ୍): ମାଆ ମାଣିକେଶ୍ୱରୀ ସେଲୁନ ସଂଘ ଭବାନୀପାଟଣା ପକ୍ଷରୁ ଶ୍ରୀ ଶ୍ରୀ ନୃସିଂହନାଥ ମହାପ୍ରଭୁଙ୍କ ଜନ୍ମୋତ୍ସବ ମହାସମାରୋହରେ ପାଳିତ ହୋଇଯାଇଅଛି। ଏହି ଅବସରରେ ଭବାନୀପାଟଣା ପୁରୁଣାପଡା ମନ୍ଦିରସ୍ଥିତ ଶ୍ରୀ ଶ୍ରୀ ନୃସିଂହନାଥ ମହାପ୍ରଭୁଙ୍କ ପବିତ୍ର କଳସ ଶୋଭାଯାତ୍ରା ପ୍ରାତଃ ୭ ଘଣ୍ଟା ବାଲୁଙ୍କେଶ୍ୱର ମନ୍ଦିରରୁ ବାହାରି ଭବାନୀଶଙ୍କର ମନ୍ଦିର ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା। ଏହି ଶୋଭାଯାତ୍ରାରେ ଶତାଧିକ ମହିଳା ଓ ପୁରୁଷ ସାମିଲ ହୋଇ ଭବାନୀପାଟଣା ସହର ପରିକ୍ରମା କରିଥିଲେ । ପରେ ମହାପ୍ରଭୁଙ୍କ ପୂଜାର୍ଚ୍ଚନା, ହୋମଯଜ୍ଞ କରାଯାଇଥିଲା। ଏଥିରେ କର୍ତ୍ତା।କର୍ତ୍ତୀ ଭାବେ ରାଜ୍ୟ ସାଧାରଣ ସମ୍ପାଦକ କମ୍ବୁପାଣି ପରିଛା ଓ ତାଙ୍କ ସହଧର୍ମିଣୀ ବିଜୟଲକ୍ଷ୍ମୀ ବେହେରା କାର୍ଯ୍ୟନିର୍ବାହ କରିଥିଲେ । ଏ ସମସ୍ତ କାର୍ଯ୍ୟ ପୁରୁଣାପଡ଼ା ଅଞ୍ଚଳ, ଭବାନୀପାଟଣା ସଦର ଅଞ୍ଚଳ, ଓ ମାଁ



ମାଣିକେଶ୍ୱରୀ ସେଲୁନ୍ ସଂଘର ମିଳିତ ଉଦ୍ୟମରେ ସୁରୁଖୁରରେ ସମ୍ପନ୍ନ ହୋଇଥିଲା। ।ଏହି ପବିତ୍ର ଜନ୍ମୋତ୍ସବରେ ଜିଲ୍ଲା ସଭାପତି ଲମ୍ବୋଦର ବେହେରା, ବଟକୃଷ୍ଣ ଡାକୁଆ, ଭଗବାନ ବିଶୋଇ, କ୍ଷିରସିନ୍ଧୁ ବାରିକ, ଯୋଗେନ୍ଦ୍ର ବାରିକ, ନରେନ୍ଦ୍ର ବେହେରା, କୃଷ୍ଣଚନ୍ଦ୍ର ବେହେରା, ପୂର୍ଣ୍ଣଚନ୍ଦ୍ର ବାରିକ, ଅଜୟ କୁମାର ଡାକୁଆ, ବାଙ୍କ ବିହାରି ବାରିକ, ପ୍ରମୋଦ ବେହେରା ଏବଂ ସେଲୁନ୍ ସଙ୍ଘ ସଭାପତି ବସନ୍ତ କୁମାର ବାରିକ, ଅରୁଣ କୁମାର ବାରିକ ହେମନ୍ତ କୁମାର ବାରିକ, ଲଡୁକେଶ୍ୱର୍ ଡାକୁଆ, ଭବାନୀ ଶଙ୍କର ପରିଛା, ଫାଲଗୁନୀ ବେହେରା, ସୁରେନ୍ଦ୍ର ଡାକୁଆ, ଶରତ ଡାକୁଆ ପ୍ରମୁଖ ସହଯୋଗ କରିଥିଲେ ।

# ଯୁବକଙ୍କ ମୃତଦେହ ଉଦ୍ଧାର, ହତ୍ୟା ସନ୍ଦେହ



ଧର୍ମଗଡ଼(ଭାସ୍କର ନ୍ୟୁଜ): କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ଥାନା ଚିଚିଆ ଗ୍ରାମର ମୁଣ୍ଡପଡା ଠାରେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଜଣେ ଯୁବକଙ୍କ ମୃତ ଦେହ ଉଦ୍ଧାର ହୋଇଛି । ମୃତ ଯୁବକ ଜଣକ ଚିଚିଆ ଗ୍ରାମର ମକର୍ଧ୍ୱଜ ନାଏକ (୩୩) ବୋଲି ଜଣାପଡିଛି । ଏନେଇ ମୃତକଙ୍କ ବାପା ଯୁଧେଷ୍ଠି ନାଏକ ଦଶପୁର ଫାଣ୍ଡିରେ ତାଙ୍କ ପୁଅକୁ ହତ୍ୟା କରାଯାଇଥିବା ନେଇ ଲିଖିତ ଅଭିଯୋଗ କରିଛନ୍ତି । ଅଭିଯୋଗ ମତେ ମୃତକ ମକର୍ଦ୍ଧ୍ୱଜ ନାଏକ ନିଜ ସ୍ତ୍ରୀ ଓ ୯ବର୍ଷର ନିଜର ଝିଅ ସହ ଘରେ ଶୋଇଥିଲେ । ପ୍ରବଳ ଗରମ ଅନୁଭୂତି ହେବାରୁ ଯୁବକ ଜଣକ ଗୋଟିଏ ଖଟ ନେଇ ଘର ବାହାରେ ଶୋଇଥିଲେ । ଘର ବାହାରେ ଶୋଇଥିବା ଅବସ୍ଥାରେ ତାକୁ ଟାଣି ଆଣି ଗାଁ ଦାଣ୍ଡରେ ହତ୍ୟା କରିବା ସହ ଘୋଷାଡି ଘୋଷାଡି ନେଇ ଚିଚିଆ ଗ୍ରାମର ମୁଣ୍ଡପଡା ସ୍ଥିତ ସନତ ମୁଣ୍ଡଙ୍କ ଘର ଦ୍ୱାରମୁହଁରେ ପକାଇଦେଇଥିଲେ। ସକାଳୁ ପରିବାର ଲୋକେ ବହୁତ ଖୋଜାଖୋଜି କରିବା ପରେ ଶେଷରେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ମୃତଦେହ ଦେଖିବାକୁ ପାଇଥିଲେ । ଏନେଇ ପରିବାର ଲୋକେ ଦଶପୁର ଫାଣ୍ଡିକୁ ଖବର ଦେଇଥିଲେ। ଚିଚିଆ ଗ୍ରାମର ଭରକା ଅଘରିଆ,ମୁନା ହଂସ,ସୁଧାଂଶୁ ହଂସ ତିନି ଜଣ ମିଶି ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ପିଟିପିଟି ମାରିଦେଇଥିବା ମୃତକଙ୍କ ବାପା ଲିଖିତ ଅଭିଯୋଗ କରିଛନ୍ତି । ଖବର ପାଇଲା ମାତ୍ରେ ଦଶପୁର ପୋଲିସ ପହଞ୍ଚି ଶବଟିକୁ ଜବତ କରିବା ସହ ସାଇଣ୍ଟିଫିକ ଟିମ୍ ଓ ସନ୍ଧାନୀ କୁକୁର ସାହାଯ୍ୟ ରେ ଅଧିକ ତଦନ୍ତ କରୁଥିବା ଜଣାପଡିଛି । ଧର୍ମଗଡ଼ ଭାରପ୍ରାପ୍ତ ଏସଡିପିଓ ମୁକ୍ତି କୁମାର କୁଲୁ, ଗୋଲାମୁଣ୍ଡା ଥାନାଧିକାରୀ ଜ୍ୟୋତି ପ୍ରକାଶ ତାଣ୍ଡି,ଦଶପୁର ଫାଣ୍ଡି ଅଧିକାରୀ ସୁଶାନ୍ତ ପଣ୍ଡା ପ୍ରମୁଖ ଉପସ୍ଥିତ ରହି ତଦନ୍ତ କରୁଥିବା ଜଣାପଡିଛି । ଅଭିଯୁକ୍ତମାନଙ୍କୁ ତୁରନ୍ତ ଗିରଫ କରିବା ଓ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ପଣ୍ଡରାମାଳି ସମାଜ ର କର୍ମକର୍ତ୍ତା ଦୁର୍ଗା ପ୍ରସାଦ ନାଏକ, ଭବାନୀ ବଣିଆ, ଖୁସିରାମ ଟୋଲଟିଆ, ବେଣୁଧର ନାଏକ, ତୁଳେଶ୍ୱର ନାଏକ, ଥବିର ନାଏକ ପ୍ରମୁଖ ଦାବି କରିଛନ୍ତି ।

# ଜିଲ୍ଲା ଓବିସି ମଞ୍ଚର ସାଧାରଣ ବୈଠକ

ଜୁନାଗଡ଼,( ଭାସ୍କର ନ୍ୟୁଜ୍ ): କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ସ୍ଥିତ ଆରଏମସି ପରିସରରେ ରବିବାର ଜିଲ୍ଲା ଓବିସି ମଞ୍ଚର ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି । ରାଜ୍ୟ ଓବିସି ମଞ୍ଚର କାର୍ଯ୍ୟକାରୀ ସଭାପତି ଦୁର୍ଗା ପ୍ରସାଦ ନାଏକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଓବିସି ମଞ୍ଚର ରାଜ୍ୟ ସଭାପତି ଶଙ୍କର କୁମାର ପାତ୍ର ମୁଖ୍ୟ ଅତିଥି ଭାବରେ ଯୋଗଦାନ କରିଥିଲେ । ଅନୁଷ୍ଠିତ ସଭାରେ ଓବିସି ବର୍ଗର ସାମ୍ବିଧାନିକ ହକ, ଅଧିକାର ଓ ସମାନୁପାତିକ ପ୍ରତିନିଧିତ୍ୱ ପାଇଁ ସମସ୍ତେ ଏକତ୍ରିତ ହେବା ଉପରେ ଆଲୋକପାତ କରାଯାଇଥିଲା । ବୈଠକରେ ଓବିସି ମଞ୍ଚ କୋଷାଧ୍ୟକ୍ଷ ପ୍ରଦେଶୀ ବିଶ୍ୱାଳ,ଯାଦବ ସମାଜ ସଭାପତି ଶିବ ପ୍ରସାଦ ହାତି, ପଣ୍ଡରା ମାଳି ସମାଜ କୁଳପତି ପ୍ରକାଶ ଚନ୍ଦ୍ର




ନାଏକ, ବଙ୍କା ସମାଜ ସଭାପତି ଡମ୍ବରୁ ଧର ଲହଜଳ, ଓବିସି ମଞ୍ଚ ସଂଯୋଜକ ଡାକେଶ୍ୱର ଲହଜଳ, କମଳିନୀ ଯାଦବ, ଉଦ୍ଧବ ଚରଣ ସାହୁ,ଦୀପ ଚରଣ ସାହୁ, ନିମାଇ ଚରଣ ଗୋପାଳ, କୃଷ୍ଣ ଚନ୍ଦ୍ର ସାହୁ, ଦୀପଚାନ୍ଦ ସାହୁ, ଶିବ ପ୍ରସାଦ ପ୍ରଧାନୀ, ଦିଲିପ କୁମାର ବୈଠାରୁ, ରଶ୍ମିରେଖା ରାଉତ, ଗିରିଧାରୀ ସାହୁ, ସୁମେଶ୍ୱର ମୁନି, ବାଲ୍ମୀକି ନାଏକ, ପ୍ରେମାନନ୍ଦ ଘି, ରୀନା ଭୋଇ, ରିନା ଭାଟି, କାମଦେବ ପୂଝରୀ, ସଂଗୀତା ଖରସେଲ ତଥା ବିଭିନ୍ନ ସମାଜର ପ୍ରତିଷ୍ଠିତ ଶହ ଶହ କର୍ମକର୍ତ୍ତା ଯୋଗଦାନ କରିଥିଲେ । ଓବିସି ବର୍ଗ ଙ୍କୁ ଶିକ୍ଷା, ଚାକିରୀ ଏବଂ ରାଜନୀତି କ୍ଷେତ୍ରରେ ସମାନୁପାତିକ ପ୍ରତିନିଧିତ୍ୱ ତଥା ଅଧିକାର କୁ ନେଇ ସରକାରଙ୍କ ପାଖରେ କିଭଳି ଭାବରେ ଉପସ୍ଥାପନ କରାଯିବ ଏବଂ ଦରକାର ହେଲେ ହକ ପାଇଁ ଆନ୍ଦୋଳନ ଜାରି ରଖିବ ତା ଉପରେ ସମସ୍ତେ ଗୁରୁତ୍ୱାରୋପ କରିଥିଲେ । ହିମାଂଶୁ ଶେଖର ବରାଡ଼ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ଗୁରୁତର ଗାଈର ଚିକିତ୍ସା କରାଇଲେ ଲୋକେ

ଧର୍ମଗଡ, (ଭାସ୍କର ନ୍ୟୁଜ): ଆମପାଣି -ଧର୍ମଗଡ ବିଜୁ ଏକ୍ସପ୍ରେସ ରାସ୍ତା ମିର୍ଜାପୁର ନିକଟରେ ସୋମବାର ଦିନ ଗାଈକୁ ମଟର ସାଇକେଲ ଧକ୍କା ଦେଇଥିଲା। ଗୁରୁତର ଅବସ୍ଥାରେ ଗାଈକୁ ଉଦ୍ଧାର କରିଥିଲେ ସ୍ଥାନୀୟ ଲୋକେ। ନବରଙ୍ଗପୁର ପଟୁ ଆସୁଥିବା ଏକ ଦ୍ରୁତଗାମୀ ବୁଲେଟ ମଟର ସାଇକେଲ ମିର୍ଜାପୁର ବିଜୁ ଏକ୍ସପ୍ରେସ ରାସ୍ତା ଉପରେ ଯାଉଥିବା ବେଳେ ହଠାତ ଗାଈ ରାସ୍ତା ଅତିକ୍ରମ କରିଥିଲା। ଯାହା ଚାଳକ ଜଣକ ଭାରସାମ୍ୟ ହରାଇ ଗାଈକୁ ଧକ୍କା ଦେଇଥିଲା। ଗାଈଟି ସେଠାରେ ଟଳିପଡିଥିବା ବେଳେ ମୋଟର ସାଇକେଲ ଚାଳକ ଛିଟିକି ପଡ଼ିଥିଲେ। ସ୍ଥାନୀୟ ଲୋକ ଗାଈ ଓ ଚାଳକଙ୍କୁ ଉଦ୍ଧାର କରି ପର୍ଲା ଡାକ୍ତର ଖାନା ଓ ପ୍ରାଣୀ ଚିକିତ୍ସାଳୟକୁ ନେଇଥିବା ଜଣାପଡ଼ିଛି। ତେବେ ଗାଈ ଗୋଡ଼ ଭାଙ୍ଗି ଯାଇଥିବା ଓ ମୁଣ୍ଡରେ ମାଡ଼ ହୋଇଥିବା ବେଳେ ଚାଳକ ଜଣକଙ୍କୁ କ୍ଷତ ବିକ୍ଷତ ହୋଇଥିବା ସୂଚନା ମିଳିଛି।

# ପାଣି ପାଇଁ ୩୦୦ ପରିବାର ହନ୍ତସନ୍ତ



କର୍ଲାମୁଣ୍ଡା, (ଭାସ୍କର ନ୍ୟୁଜ୍): କଳାହାଣ୍ଡି ଜିଲ୍ଲା କର୍ଲାମୁଣ୍ଡା ବ୍ଲକ ପୈକ୍ଷରକେଲା ପଞ୍ଚାୟତ ରଣା ପଡ଼ା, ଓ ପାଟଖଣ୍ଡା ମନ୍ଦିରପଡାର ପାୟ ୩୦୦ ପରିବାର ପାନୀୟ ଜଳ ପାଇଁ ହନ୍ତସନ୍ତ ହେଉଛନ୍ତି। ସରକାର ତରଫରୁ ପ୍ରତି ଘରେ ପିଇବା ପାଣି ପାଇପ ଯୋଗେ ବ୍ୟବସ୍ଥା କରିଥିଲେ ମଧ୍ୟ ତାହା ମାସେରୁ ଅଧିକ ଦିନ ହେବ ଅଚଳ ହୋଇପଡିଛି। ପଡ଼ାରେ ଗୋଟିଏ ନଳକୂପ ଥିଲେ ମଧ୍ୟ ତାହା ପର୍ଯ୍ୟାପ୍ତ ପାଣି ମିଳୁନି। ବର୍ତ୍ତମାନ ସମଗ୍ର ପଶ୍ଚିମ ଓଡ଼ିଶାରେ ଗ୍ରୀଷ୍ମ ପ୍ରବାହ ଜାରି ରହିଛି। ପାରଦ ୪୪ ଡିଗ୍ରୀ ଉପରେ ରହୁଛି। ତୁରନ୍ତ ଏହି ସମସ୍ୟା ସମାଧାନ କରିବାକୁ ପଡାବାସୀ ବାରମ୍ବାର ଦାବି କରିଛନ୍ତି।

# ହାତୀ ଆକ୍ରମଣରୁ ରକ୍ଷା ପାଇଁ ସଚେତନତା କାର୍ଯ୍ୟକ୍ରମ

କେସିଙ୍ଗା,(ଭାସ୍କର ନ୍ୟୁଜ୍): କଳାହାଣ୍ଡି ଜିଲ୍ଲା କେସିଙ୍ଗା ବନ ବିଭାଗ ଅନ୍ତର୍ଗତ କୁର୍ଲୁପଡ଼ା ବନସୁରକ୍ଷା ସମିତି ପକ୍ଷରୁ ହାତୀ ଆକ୍ରମଣରୁ ରକ୍ଷା ପାଇବା ପାଇଁ ଏକ ସଚେତନତା କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। ସମିତିର ସମ୍ପାଦକ ତଥା ବନପାଳ ଯଶୋବନ୍ତ ନାଏକଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଦୁଇଦିନ ଧରି ହାତୀପଲ ବଗାଡ଼, ଡୁମେରମୁଣ୍ଡା, ପରଲସିଙ୍ଗା ଅଞ୍ଚଳକୁ ସନ୍ଧ୍ୟାରେ ବଜ୍ରଗଡ଼ ଜଙ୍ଗଲ ଆସୁ ଥିବାରୁ ଦୁଇଦିନ ଧରି ରାତିରେ ଜଙ୍ଗଲ ବିଭାଗର ନିର୍ଦ୍ଦେଶରେ ବିଦ୍ୟୁତ୍ କାଟ କରୁଥିବାରୁ ବାଲସି, ପରଲସିଙ୍ଗା, ଶିରୋଲ ଆଦି ୩ ପଞ୍ଚାୟତରେ ରାତି ୧୦ଟାରୁ ସକାଳ ୭ଟା ଯାଏ ବିଦ୍ୟୁତ କାଟ୍ କରାଯାଉଛି। ସେଥିପାଇଁ ବନ ବିଭାଗର ବନପାଳ ଯଶୋବନ୍ତ ନାଏକ କେସିଙ୍ଗା ବନ ବିଭାଗ ଅଧୀନସ୍ଥ କୁର୍ଲୁପଡ଼ା ଗ୍ରାମରେ ବନ ସୁରକ୍ଷା ସମିତିର କର୍ମକର୍ତ୍ତାଙ୍କୁ ନେଇ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ଯେଉଁ ଅଞ୍ଚଳରେ ହାତୀପଲ ଆସିଲେ ତୁରନ୍ତ ବନ ବିଭାଗକୁ ସୂଚନା ଦେବାକୁ ଜନସାଧାରଣଙ୍କ ସହ ସଭା କରାଯାଇ ସଚେତନତା କରାଯାଇଥିଲା। ପ୍ରବଳ ଗ୍ରୀଷ୍ମପ୍ରବାହରେ ବନ୍ୟଜନ୍ତୁ ଓ ନିଆଁ ଦାଉରୁ କିପରି ଜଙ୍ଗଲ ସୁରକ୍ଷା କରାଯିବ ସେ ବିଷୟରେ ବିସ୍ତୃତ ଭାବେ ବନପାଳ ଆଲୋଚନା କରିଥିଲେ।

# ପଣ୍ଡରା ମାଳି ସମାଜର ବୈଠକ

ଧର୍ମଗଡ଼,(ଭାସ୍କର ନ୍ୟୁଜ): କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ବ୍ଲକ ଅନ୍ତର୍ଗତ ଗଡିଆଯୋର ଆମ୍ବ ତୋଟା ଠାରେ କୋକସରା, ଗୋଲାମୁଣ୍ଡା, ଧର୍ମଗଡ଼ ବ୍ଲକ ପଣ୍ଡରାମାଳି ସମାଜ ତରଫରୁ ଏକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଗତ କିଛି ଦିନ ତଳେ ରଣମାଳ ସ୍ଥିତ ଧାନମଣ୍ଡି ଠାରେ ଏକ ମହାସଭା ଅନୁଷ୍ଠିତ ହୋଇଥିଲା ଏବଂ ଉକ୍ତ ବୈଠକରେ ସମାଜ ତରଫରୁ ବିଭିନ୍ନ ପଦପଦବୀ ଘୋଷଣା କରାଯାଇଥିଲା । ଉକ୍ତ ପଦପଦବୀକୁ ବିରୋଧ କରି ଆଜି ଗଡିଆଯୋର ଆମ୍ବତୋଟା ଠାରେ କୋକସରା, ଗୋଲାମୁଣ୍ଡା, ଧର୍ମଗଡ଼ ବ୍ଲକ ର ପଣ୍ଡରାମାଳି ସମାଜ ର ବିଦ୍ୟାଧର ନାଏକଙ୍କ ଅଧ୍ୟକ୍ଷତା ରେ ଏକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଥିଲା। ତେବେ ରଣମାଳ ରେ ହୋଇଥିବା ବୈଠକରେ ଏକପାଖିଆ ଭାବେ ହାତ ଗଣତି ବ୍ୟକ୍ତି ବିଶେଷ ସମାଜର କର୍ମକର୍ତ୍ତା ଚୟନ କରିଥିବା ନେଇ ଅସନ୍ତୋଷ ପ୍ରକାଶ



ପାଇଥିଲା। ଗୋଡ଼ିଆଯୋର ବୈଠକରେ ଅନ୍ୟମାନଙ୍କ ମାଧ୍ୟମରେ ତୁଳେଶ୍ୱର ନାଏକ,ଥବିର ନାଏକ , ପରମେଶ୍ୱର ଲିମଗୋଛିଆ, ପ୍ରେମଲାଲ ନାଏକ, ଗିରି ପ୍ରସାଦ ନାଏକ, ଜୟ ଶଙ୍କର ନାଏକ, ସୁନ୍ଦର ଲାଲ ନାଏକ, ଧନୀନ୍ଦ୍ର ନାଏକ, ବିରୁ ନାଏକ, ବ୍ରହ୍ମ କିଶୋର ନାଏକ, ନୂତନ ନାଏକ, ଫକୀର ଚରଣ ନାଏକ, ବିରଞ୍ଚି ନାରାୟଣ ନାଏକ, ଗୋବିନ୍ଦ ନାଏକ, ଦେବରାଜ ନାଏକ,ବିଦ୍ଧୁ ନାଏକ, ଚୌଧୁରୀ ନାଏକ, ଗୋବର୍ଦ୍ଧନ ନାଏକ, ସରଧାକର ନାଏକ, ସମେତ ତିନୋଟି ବ୍ଲକର ସମାଜକୁ ଭଲ ପାଉଥିବା ଅନେକ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ସଭା ରେ ଉପସ୍ଥିତ ଥିବା ସମସ୍ତ ଅତିଥିଙ୍କୁ ମନୋଜ ନାଏକ ଧନ୍ୟବାଦ ଅର୍ପଣ କରିଥିଲେ।

# ରହସ୍ୟ ପ୍ରଚ୍ଛଦପଟ୍ଟରେ ହାତୀପଖାନ ଗାଁ କିମ୍ବଦନ୍ତୀ !


ଧର୍ମଗଡ (ଭାସ୍କର ନ୍ୟୁଜ): ହାତୀପଖାନ ଗାଁ ପ୍ରଚ୍ଛଦ ପଟରେ ଅନେକ ରହସ୍ୟ । ଛୋଟ ଗାଁ -ଛତିଶଗଡ଼ ସୀମାନ୍ତରେ ଅବସ୍ଥିତ। ହେଲେ ତାର କିମ୍ବଦନ୍ତୀକୁ ନେଇ ବେଶ ଚର୍ଚ୍ଚା ପରିସର ଭିତରେ ରହିଆସିଛି। କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ବ୍ଲକ କଦଳିମୁଣ୍ଡା ପଞ୍ଚାୟତ ଅଧିନସ୍ଥ ହାତୀପଖାନ ଗାଁ। ଗାଁର ନାମକରଣରୁ ସ୍ପଷ୍ଟ ବୁଝା ପଡେ -ହାତୀ ସହ ସମ୍ପୃକ୍ତି ରହିଛି। ଆଜକୁ ପ୍ରାୟ ୨/୩ ଶହ ବର୍ଷର କଥା।ଗାଁ ଚତୁଃପାଶ୍ୱର ନିଘଞ୍ଚ ଜଙ୍ଗଲ। ସେଥିମଧ୍ୟରେ ଗାଁ ଉତ୍ତର କୋଣରେ ଏକ ବିରାଟ ବଟ ବୃକ୍ଷ ରହିଛି। ସେତେବେଳେ ସେଠାରେ ହାତୀପଲଙ୍କ ଆଶ୍ରୟସ୍ଥଳୀ ରହିଥିଲା। ଦିନେ କୌଣସି କାରଣବଶତଃ ସେହି ଗଛ ତଳେ ଏକ ହାତୀର ମୃତ୍ୟୁ ଘଟିଥିଲା। ଯାହା ଗାଁ ଗହ୍ନିଆ ସେହିବାଟ ଦେଇଆସୁଥିବାବେଳେ ଦେଖିବାକୁ ପାଇଥିଲେ। ହାତୀ ମୃତ୍ୟୁ




ହୋଇଥିବା ଖବର ଗ୍ରାମ ଲୋକଙ୍କୁ ଜଣାଇଥିଲେ। ସନ୍ଧ୍ୟା ସମୟ ବେଳ - ବାଘ, ଭାଲୁ ଭୟରେ ସେତେବେଳକୁ ଗ୍ରାମବାସୀ ନ ଯାଇ ଆରଦିନ ସକାଳେ ଯାଇ ଦେଖିଥିଲେ। ହେଲେ ମୃତ ହାତୀକୁ ଦେଖିପାରିଲେ ନାହିଁ। କେବଳ ହାତୀ ସଦୃଶ୍ୟ ଏକ ପଥର ପଡି ରହିଥିବା ଦେଖିବାକୁ ପାଇଥିଲେ। ବଡ଼ ବିସ୍ମୟ ବିଷୟ ସେହି ହାତୀ ସଦୃଶ୍ୟ ପଥର ଦିନକୁ ଦିନ ବୃଦ୍ଧି ହେବାରେ ଲାଗିଥାଏ। ଯାହା ଏବେ ବିରାଟ କାୟା ବିସ୍ତାର କରିଥିବା ଗ୍ରାମବାସୀ ପ୍ରକାଶ କରନ୍ତି। କୌଣସି ଦୈବ୍ୟ ଶକ୍ତି ହୋଇଥିବା ବିଶ୍ୱାସ ଆସ୍ଥା ରଖି ସେହି ପଥରକୁ ଗ୍ରାମ ଲୋକେ ପୂଜାର୍ଚ୍ଚନା କରିବାରେ ଲାଗିଲେ। କେହି କେହି , ସେହି ପଥରକୁ ଲକ୍ଷ୍ମୀଙ୍କ ପ୍ରତିମା ରୂପେ ପୂଜାର୍ଚ୍ଚନା କଲେ । ଏବେ ବି ସେହି ବିଶ୍ୱାସ ନେଇ ପୂଜାର୍ଚ୍ଚନା କରାଯାଉଛି। କ୍ରମଶଃ ଏହି ଘଟଣା ଅଞ୍ଚଳରେ ବ୍ୟାପିବାକୁ ଲାଗିଲା। ଶେଷରେ କଥା ଯାଇ ରାଜାଙ୍କ କାନରେ ପଡିଲା। ରାଜା ପ୍ରକୃତ ରହସ୍ୟ ପରଖିବାକୁ ଦିନେ ସେହି ଗାଁକୁ ପହଞ୍ଚି ଥିଲେ। ପଥର ଖଣ୍ଡିକ ଏକଦମ ହାତୀ ସଦୃଶ୍ୟ ଓ ମୁଣ୍ଡକୁ ଛୁଇଁଲେ ହଲି ଯିବା ଦେଖିବାକୁ ପାଇଥିଲେ। ସେହି ଦିନ ଠାରୁ ଗାଁକୁ ହାତୀପଖାନ ନାମରେ ରାଜା ନାମିତ କରିଥିବା କିମ୍ବଦନ୍ତୀ ଥିବା କୁହାଯାଏ। ତେବେ ୨ଶହ ବର୍ଷ ତଳ ଘଟଣା ଭିତରେ ଅନେକ ରହସ୍ୟ କିମ୍ବଦନ୍ତୀ ରହିଥିବା ଗ୍ରାମର ସୁବାସ ବୋଡ଼କିଆ,ଚମ୍ପେଶ୍ୱର ଗୋପାଳ,ହେରାମ୍ବ ସେନାପତି, ଲୋଚନ ବୋଡ଼କିଆ ପ୍ରମୁଖ ପ୍ରକାଶ କରନ୍ତି।

## ରାଶିଫଳ

ମଙ୍ଗଳବାର, ୧୩ ମଇ ୨୦୨୫



**ମେଷ:** ଆଜି ଶତ୍ରୁମାନଙ୍କ ପ୍ରତି ସାବଧାନ ରୁହନ୍ତୁ। କୌଣସି ବିଚାରାଧୀନ କାର୍ଯ୍ୟ ଉପରେ ଅଧିକ ଚାପ ନିଅନ୍ତୁ ନାହିଁ, ଏହା ସମାପ୍ତ ହେବ। ଛାତ୍ରମାନଙ୍କୁ ଆଜି ଅଧିକ ପରିଶ୍ରମ କରିବାକୁ ପଡିବ। କାରବାର ସମୟରେ ସତର୍କ ରହିବାକୁ ପଡିବ। ଗାଡି ଚଳାଇବା ସମୟରେ ସତର୍କତା ବ୍ୟବହାର କରନ୍ତୁ।




**ବୃଷ:** ଆୟ ବୃଦ୍ଧି ପାଇବ। ଛାତ୍ରମାନେ ଅତୁଳନୀୟ ସଫଳତା ପାଇବେ। ପରିବାର ସଦସ୍ୟମାନେ ସହାୟତା ପାଇବେ। ବ୍ୟବସାୟ ପାଇଁ ଭଲ ସମୟ। ଆଜି ସ୍ୱାସ୍ଥ୍ୟ ଭଲ ରହିବ। ରିସ୍କ ଏବଂ ଚାପ ନିଅନ୍ତୁ ନାହିଁ।



**ମିଥୁନ:** ସମୟ ଆପଣଙ୍କ ପାଇଁ ଅନୁକୂଳ ଅଟେ। ଆର୍ଥିକ ବିନିଯୋଗ ବିଷୟରେ ଚିନ୍ତା କରିପାରନ୍ତି। ସମାଜରେ ମାନବିକ ସମ୍ମାନ ବୃଦ୍ଧି ପାଇବ। ଅଜ୍ଞାତ ଲୋକଙ୍କ ଠାରୁ ସାବଧାନ ରୁହନ୍ତୁ। ବ୍ୟବସାୟୀମାନେ ଉପକୃତ ହେବେ। ଛାତ୍ରମାନଙ୍କର ଭଲ ଦିନ ଅଛି।



**କର୍କଟ:** ଆଜି ଆପଣଙ୍କର କାମ ଚାପ ରହିବ। ଆପଣ ସକାରାତ୍ମକ ହେବେ। ଆୟ ବୃଦ୍ଧି ପାଇବ। ଆର୍ଥିକ ପରିସ୍ଥିତି ମଜବୁତ ରହିବ। କାର୍ଯ୍ୟାଳୟର ପରିବେଶ ଅନୁକୂଳ ହେବ। ଆପଣ ନିଜ ସାଥୀଙ୍କ ସହିତ ବୁଲିବାକୁ ଯାଇପାରିବେ।



**ସିଂହ:** ଆଜି ଆପଣ ଏକ ନୂତନ କାର୍ଯ୍ୟ ଆରମ୍ଭ କରିବେ। ଆର୍ଥିକ ପରିସ୍ଥିତି ଭଲ ହେବ। ସାମାଜିକ ଏବଂ ପାରିବାରିକ ଜୀବନ ଭଲ ହେବ। ବୃଦ୍ଧମାନଙ୍କ ସ୍ୱାସ୍ଥ୍ୟର ଯତ୍ନ ନିଅନ୍ତୁ। ଆଜି ଯୁବକମାନେ ଉପକୃତ ହେବାର ସମ୍ଭାବନା ରହିଛି।




**କନ୍ୟା:** ଆଜି ଘରୋଇ ଦାୟିତ୍ୱ ବୃଦ୍ଧି ପାଇବ। ଏହା ଅନାବଶ୍ୟକ ଖର୍ଚ୍ଚ ହୋଇପାରେ। ଛାତ୍ରମାନେ କଠିନ ପରିଶ୍ରମ କରିବା ଆବଶ୍ୟକ ରହିଛି। ଜଣେ ସମ୍ପର୍କୀୟଙ୍କଠାରୁ ରିଅଲ୍ ଇଷ୍ଟେଟ୍ ସମ୍ବନ୍ଧରେ ଟେନସନ ହୋଇପାରେ। ସ୍ୱାସ୍ଥ୍ୟ ଭଲ ରହିବ। ରୁଟିନ୍ ପରିବର୍ତ୍ତନ କରିପାରିବେ। ବିନିଯୋଗ କରିବା ସମୟରେ ସତର୍କତା ଅବଲମ୍ବନ କରନ୍ତୁ।



**ତୁଳା:** ଆପଣଙ୍କର କାର୍ଯ୍ୟଗୁଡ଼ିକ ଭଲ ଭାବରେ ସମାପ୍ତ ହେବ। ଆପଣ କାମ ଭଲ କରିବେ। ଅଫିସରେ ଅଧିକାରୀଙ୍କ ସହିତ ବିବାଦ ହୋଇପାରେ। ଯୁବକମାନେ ସଫଳତା ପାଇବେ। ଆପଣ ଋଣ ରାଶି ଫେରସ୍ତ କରିବାକୁ ସମର୍ଥ ହେବେ ନାହିଁ।



**ବିଛା:** ଆଜି ଆପଣଙ୍କ ପାଇଁ ଏକ ଭଲ ଦିନ ହେବ। ଧନ ଲାଭ ପାଇଁ ସୁଯୋଗ ଆସିବ। ଚାକିରିରେ ସ୍ଥାନାନ୍ତର ଏବଂ ପଦୋନ୍ନତି ମିଳିବ। ସମସ୍ତ ଦାୟିତ୍ୱ ସହଜରେ ପୂରଣ କରିବାକୁ ସକ୍ଷମ ହେବେ। ନୂଆ କାମ ଦ୍ୱାରା ଉପକୃତ ହେବେ। ମଧୁରତା ଆପଣଙ୍କ ସାଥୀଙ୍କ ସହିତ ରହିବ। ବୃଥା ବିବାଦ ଧରନ୍ତୁ ନାହିଁ। ଅସୁବିଧାରେ ପଡିପାରନ୍ତି।




**ଧନୁ:** ଆଜି କୌଣସି କାର୍ଯ୍ୟ ସମାପ୍ତ କରିବାରେ ଅଳସୁଆ ହୁଅନ୍ତୁ ନାହିଁ। ସ୍ୱାସ୍ଥ୍ୟ ସମସ୍ୟା ହୋଇପାରେ। ଶତ୍ରୁମାନଙ୍କଠାରୁ ସାବଧାନ ରୁହ। ବ୍ୟବସାୟ ସ୍ୱାଭାବିକ ହେବ। ଭଗବାନଙ୍କୁ ଉପାସନା କର। ଆତ୍ମବିଶ୍ୱାସ ଏବଂ ସକାରାତ୍ମକତା ବଜାୟ ରଖ। ପ୍ରଗତି ପାଇଁ ଆପଣ ନୂତନ ସୁଯୋଗ ପାଇବେ।



**ମକର:** ଆଜି ଆପଣଙ୍କ ପାଇଁ ଏକ ଭଲ ଦିନ ହେବ। ଭଲ ଖବର ଗ୍ରହଣ କରିବେ। ଏକ ଯାନ କିମ୍ବା ଜମି କିଣିବାକୁ ବିଚାର କରିପାରନ୍ତି। ଆଜି ଅଟକି ରହିଥିବା କାମ ଶେଷ ହେବ। ଅବିବାହିତଙ୍କ ପାଇଁ ସମ୍ପର୍କ ବିଷୟରେ ଆଲୋଚନା ଆଗକୁ ବଢ଼ିବ। ଅଯଥା ବିପଦରେ ପଶନ୍ତୁ ନାହିଁ। ପାଦ ଯନ୍ତ୍ରଣା ଦ୍ୱାରା ଅସୁବିଧାରେ ପଡିପାରନ୍ତି। ଆପଣଙ୍କର ବ୍ୟବସାୟ ଭଲ କରିବ।



**କୁମ୍ଭ:** ଛାତ୍ରମାନେ ଅଧ୍ୟୟନରେ ଆଗ୍ରହୀ ହେବେ। ଜଣେ ବନ୍ଧୁ କିମ୍ବା ଘନିଷ୍ଠ ସମ୍ପର୍କୀୟଙ୍କୁ ଭେଟିପାରନ୍ତି। ଆଜି ଏକ ସାଧାରଣ ଦିନ ହେବ। ସ୍ଥଗିତ କାର୍ଯ୍ୟ ସମାପ୍ତ ହେବ । ଆଜି କିଛି ନୂଆ କାମ କରିପାରିବେ। ପରିବାର ସଦସ୍ୟମାନେ ସହାୟତା ପାଇବେ। ଦାମ୍ପତ୍ୟ ଜୀବନରେ ମଧୁରତା ରହିବ।



**ମୀନ:** ଆଜି ଦିନଟି ଆପଣଙ୍କ ପାଇଁ ଭଲ ରହିବ। ଧାର୍ମିକ କାର୍ଯ୍ୟରେ ଅଂଶଗ୍ରହଣ କରିବେ। ଜୀବନ ସାଥୀ ସମର୍ଥନ ପାଇବେ। ନିଯୁକ୍ତ ଲୋକଙ୍କ ପଦୋନ୍ନତି ବାଧାପ୍ରାପ୍ତ ହୋଇପାରେ। ନୂତନ କାର୍ଯ୍ୟରେ ଆଗ୍ରହୀ ହୋଇପାରନ୍ତି। ଭଲ ରୋଜଗାର ରହିବ। ସ୍ୱାସ୍ଥ୍ୟର ଯତ୍ନ ନିଅନ୍ତୁ।



ଶ୍ରୀପତି ଆଚାର୍ଯ୍ୟ
ଜ୍ୟୋତିର୍ବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯